ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ, ୨୦୧୮ ସଂସ୍କରଣ



 କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ଭାରତୀୟ ଗଣତନ୍ତ୍ରର ୭୨ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱାଧୀନ ଭାରତରେ ଜନ୍ମ ହୋଇ ସ୍ୱାଧୀନତାକୁ ଉପଲବ୍ଧି କରୁଥିବା ଲକ୍ଷାଧିକ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଚଳିତ ସଂସ୍କରଣ ଉତ୍ସର୍ଗୀକୃତ ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୨ |
| **କାହାଣୀ ବିଭାଗ** | | |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୩୫ |
| ଦୋଷୀ କିଏ | ସସ୍ମିତା ସାହୁ | ୪୪ |
| ଗୁରୁଦକ୍ଷିଣା | ସୁଷମା ପରିଜା | ୪୮ |
| ଅମଡ଼ାବାଟ | ମନୋରଞ୍ଜନ ମୁଦୁଲି | ୫୪ |
| ଉପେକ୍ଷିତ ପ୍ରତୀକ୍ଷା | ପ୍ରମୋଦ କୁମାର ପଣ୍ଡା | ୫୮ |
| ବାପା | ପ୍ରିୟଙ୍କା ସାହୁ | ୬୪ |
| କ୍ଷମା | ସୁବଳ ମହାପାତ୍ର | ୬୭ |
| ସନାତନ | ବିନୟ ମହାପାତ୍ର | ୭୩ |
| ପୂଜାପାଇଁ ଫୁଲ | ମୀନାକ୍ଷୀ ଦାସ | ୮୨ |
| ମଦ୍ୟପୁରଠୁଁ ମାନପୁର କେତେଦୂର | ଶିଶିର କୁମାର ଚୌଧୁରୀ | ୮୬ |
| ପହିଲି ପ୍ରେମ | ସନ୍ତୋଷ ପଟ୍ଟନାୟକ | ୯୩ |
| ବିବେକ | ସୁନେତ୍ରା ନାୟକ | ୯୮ |
| ଅଧିକାର | ସଂସ୍କୃତି ମହାନ୍ତି | ୧୦୪ |
| ଅବଶ୍ୟମ୍ଭାବୀ | ରାଧାକାନ୍ତ ଦାଶ | ୧୦୭ |
| ଅନୁଭୂତିରୁ କିଛି | ଦୀପକ ଷଡ଼ଙ୍ଗୀ | ୧୧୩ |
| ଭକ୍ତିର ପରିଭାଷା | ଜ୍ୟୋତିରଞ୍ଜନ ସାହୁ | ୧୨୧ |
| ଶୁଭ ଦୃଷ୍ଟି | ସୀମାରେଖା | ୧୨୫ |
| ବଡ଼ିବିଲ୍ଡ଼ର | ଅନସୂୟା ପଣ୍ଡା | ୧୨୬ |
| ପରିବର୍ତ୍ତନ | ପରମିତା ମିଶ୍ର | ୧୩୨ |

 Magazine Downloaded from www.aahwaan.com


| | | |
|---|---|---|
| ଝଗଡ଼ା | ସୁଧୀର କୁମାର ଦ୍ୱିବେଦୀ | ୧୩୭ |
| ବାଲ୍ୟବନ୍ଧୁ | ଅର୍ଚ୍ଚନା ପଟ୍ଟନାୟକ | ୧୪୧ |
| ଜାତିପ୍ରଥା | ଅନିଲ୍ ସାହୁ | ୧୪୫ |
| ଘୁଙ୍ଗୁଡ଼ି | ଅଶୋକ କୁମାର ସେଠୀ | ୧୫୧ |
| କଳ୍ପନାର ତା ବାପାଙ୍କୁ ଚିଠି | ଗଦାଧର ବଳ | ୧୫୬ |
| ଆନ୍ଧ୍ର ଯାତ୍ରାର ସ୍ମୃତି | କ୍ଷମାନିଧି ସାହୁ | ୧୫୯ |
| ପ୍ରଥମ ବର୍ଷା | ଅଶୋକ ଦିଗାଳ | ୧୬୨ |

## କବିତା ବିଭାଗ

| | | |
|---|---|---|
| ମାଁ ସୁରେଶ୍ୱରୀ ଚବିଶା | ମିନତିରାଣୀ ଓ ତପସ୍ୱିନୀ | ୧୬୮ |
| ଏଇ ମୋର ଦେଶ ଭାରତ | ତପନ କୁମାର ସ୍ୱାଇଁ | ୧୭୪ |
| ସ୍ୱାଧୀନତା | ତୁଷାରକାନ୍ତ ପ୍ରସାଦ | ୧୭୬ |
| ଆସ ଦେଶବାସୀ | ଅନାମଚରଣ ସାହୁ | ୧୭୭ |
| ବନ୍ଦୀ | ସୌମ୍ୟରଞ୍ଜନ ପାଲ | ୧୭୯ |
| ଅଗଷ୍ଟ ପନ୍ଦର | କାର୍ତ୍ତିକ ପାଣିଗ୍ରାହୀ | ୧୮୦ |
| ସ୍ୱାଧୀନତାର ମୂଲ୍ୟ | ହିମାଂଶୁ ଭୂଷଣ ଜେନା | ୧୮୨ |
| ସ୍ୱାଧୀନତାର ସ୍ୱପ୍ନ | ଅନୁସୂୟା ମିଶ୍ର | ୧୮୩ |
| ପୁଣ୍ୟପୀଠ ମୋ ଉତ୍କଳ | ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ | ୧୮୬ |
| ଜୟ ଜବାନ | ବୀରେନ୍ଦ୍ର କୁମାର ପ୍ରଧାନ | ୧୮୮ |
| ଆମେ ସ୍ୱାଧୀନ | ସରୋଜିନୀ ସାହୁ | ୧୮୯ |
| ଜିଅନ୍ତା ଠାକୁର | କାହ୍ନୁଚରଣ ସାହୁ | ୧୯୦ |
| ତୁମରି ଆଶିଷ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୨ |
| ଜୀବନଟା ଏମିତିକା | ବୀରେନ୍ କୁମାର ବେହେରା | ୧୯୩ |
| ଆତ୍ମାର ଗଣିତ | ସ୍ମିତା ତ୍ରିପାଠୀ | ୧୯୫ |
| ସମୟ ଓ ଜୀବନ | ରୁଖ୍‌ସାର୍ ବେଗମ୍ | ୧୯୭ |

Magazine Downloaded from www.aahwaan.com


| | | |
|---|---|---|
| ଗୁରୁପ୍ରିୟା ପ୍ରତି | ରୀତାସାମନ୍ତରାୟ ମଲ୍ଲିକ | ୧୯୮ |
| ତୁମେ | ସାଗର ପ୍ରଧାନ | ୨୦୧ |
| ମକଦ୍ଦମା | ତୃପ୍ତିରଞ୍ଜନ ଦାସ | ୨୦୩ |
| ବିଶ୍ୱାସ | ରାଜେଶ ପୂଜାରୀ | ୨୦୪ |
| ତୁ ଆଉ ମୁଁ | ସୌମ୍ୟରଞ୍ଜନ ସ୍ୱାଇଁ | ୨୦୫ |
| ପ୍ରେମର ପରିଭାଷା | ସଚ୍ଚିଦାନନ୍ଦ ବାରିକ | ୨୦୬ |
| ଝିପି ଝିପି ବରଷା | ରାହାସ କୁମାର ବେହେରା | ୨୧୧ |
| ପ୍ରିୟା ବର୍ଷାକଲା - ପ୍ରେମ ଜ୍ୱର | ଅଶୋକ ଦିଗାଳ | ୨୧୩ |
| ମୋ ସହରକୁ ବର୍ଷା ଆସିଛି | ଶରତକୁମାର ଦାସ | ୨୧୪ |
| ବର୍ଷା ନା ବର୍ଷା ପରି | ରାଜେଶ ପୂଜାରୀ | ୨୧୭ |
| ଆହେ ଠାକୁର | ବନ୍ଦିତା କର | ୨୨୦ |
| ସ୍ମୃତିର ଅନ୍ୱେଷଣରେ | ଅରୁଣ କୁମାର ପାତ୍ର | ୨୨୧ |
| ବଧୂ ନା ତୁ ବାନ୍ଧବୀ | ନିରଞ୍ଜନ ପଣ୍ଡା | ୨୨୩ |
| ବିଜ୍ଞାନର ଦାନ | ଶୈଳବାଳା ମଲ୍ଲିକ | ୨୨୫ |
| ଉଠିବ କି ଚକ୍ରଧର | ପ୍ରଭାତ କୁମାର ଆଚାର୍ଯ୍ୟ | ୨୨୬ |
| ମୁଁ କଣ କେବଳ ଶରୀର | ଅନିରୁଦ୍ଧ ସାମନ୍ତରା | ୨୨୯ |
| ତଥାପି | ନିବେଦିତା ମିଶ୍ର | ୨୩୫ |
| ମଡ଼ନ୍ ଯୁଗର ଝିଅପୁଅ | କେଶରୀ ପ୍ରସାଦ ମହାନ୍ତି | ୨୩୭ |
| ମା | ବିଷ୍ଣୁପ୍ରିୟାକରସୁଧା ପଟ୍ଟନାୟକ | ୨୩୮ |
| ଅନୁରାଗ | ରୋଜା ପଣ୍ଡା | ୨୪୪ |
| ସମୟ ସେତିକି | ସୁସ୍ମିତା ମହାପାତ୍ର | ୨୪୬ |
| ବଜାର | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୪୮ |
| କାନ୍ଦୁଥିଲା ପରୀ କାନ୍ଦୁଛି ବି ପରୀ | ରାଜେନ୍ଦ୍ରନାରାୟଣ ସେନାପତି | ୨୫୦ |
| ଅପେକ୍ଷାରେ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୨୫୨ |

Magazine Downloaded from www.aahwaan.com


| | | |
|---|---|---|
| ସ୍ୱପ୍ନ | ରମେଶ ଚନ୍ଦ୍ର ସାହୁ | ୨୫୩ |
| କଳାଚାନ୍ଦ | ମନୋରଞ୍ଜନ ମୁଦୁଲି | ୨୫୪ |
| ଶୂନ୍ୟତା | ଭାଗିରଥୀ ଯାନୀ | ୨୫୫ |
| ପ୍ରକୃତି... ବିସ୍ମୟ... | ପ୍ରମୋଦ କୁମାର ପ୍ରଧାନ | ୨୫୭ |
| କୃଷକ ରକ୍ତରେ | ଶୈବାଳିନୀ ସାହୁ | ୨୫୯ |
| ଆହେ ଜଗନ୍ନାଥ | କବିଶ୍ରୀ ବୁଲୁ ବେହେରା | ୨୬୧ |
| ଏଇ ତ ଜୀବନ | ପ୍ରିୟଙ୍କା ସାହୁ | ୨୬୩ |
| ନୂତନ ଜୀବନ | ସୌମ୍ୟରଞ୍ଜନ ଲେଙ୍କା | ୨୬୪ |
| ତମ ଅପେକ୍ଷାରେ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ୨୬୫ |
| ଚରଣେ ଶରଣ ମିଳୁ | ଦେବଦତ୍ତ କର | ୨୬୭ |
| ସାଥି | ଅନିଲ୍ ସାହୁ | ୨୬୯ |
| କବିତାରେ ତତେ ଲେଖୁଛି | ରାମ କଲତା | ୨୭୦ |
| ମୁକପକ୍ଷୀ | ଅଶୋକ କୁମାର ପଧାନ | ୨୭୨ |
| ବନ୍ଧୁତ୍ୱ | ଜୟନ୍ତ କୁମାର ସାହୁ | ୨୭୪ |
| ଅଭିମାନୀ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୭୫ |
| ଏମିତି ଭାବନା ମୋର | ସୁଶାନ୍ତ କୁମାର ଧଳ | ୨୭୭ |
| ଦୋଷଯୁକ୍ତା ଜହ୍ନ | ମିହିର ପଣ୍ଡା | ୨୮୦ |
| ନିୟମ | ପ୍ରଶାନ୍ତ କୁମାର ନାଥ | ୨୮୧ |
| ଜୀବନ ଯବନିକା ପୂର୍ବରୁ | ଶ୍ରୀ ରମା କାନ୍ତ ମିଶ୍ର | ୨୮୪ |
| ଖରାବେଳ | ପବିତ୍ର ଦାସ | ୨୮୯ |
| ନାରୀ ସୁରକ୍ଷା | ମହେଶ୍ୱର ସାହୁ | ୨୯୦ |
| ତୋ ଚରଣେ ସମର୍ପିତ | ପୂର୍ଣ୍ଣଚନ୍ଦ୍ର ରଣା | ୨୯୩ |
| ସ୍ମୃତିଭିଜା ଅତୀତ | ଚନ୍ଦ୍ରକାନ୍ତ ଜେନା | ୨୯୪ |
| ନିଷ୍ଠୁର ନିୟତି | ଗଙ୍ଗାସୁନନ୍ଦିନୀ ରୂପମା ଗୁରୁ | ୨୯୭ |

 Magazine Downloaded from www.aahwaan.com


| | | |
|---|---|---|
| ତୁମ ହସ ଓ ରାଗ | ଜୀବନେନ୍ଦୁ ଜେନା | ୩୦୦ |
| ନୀଳକଣ୍ଠ | ଶ୍ରୀହିମାଂଶୁ ଶେଖର ବାରିକ | ୩୦୧ |
| ଦେବିନି ଅଗ୍ନିପରୀକ୍ଷା | ପ୍ରଶାନ୍ତ କୁମାର ନାଥ | ୩୦୪ |
| ମଶାଣିରେ ଜଳୁଛୁ ଆମେ ଏକାଠି | ସାଗର ନାୟକ | ୩୦୫ |
| ଅନ୍ତଃସ୍ୱର | ପୁଷ୍ପାରାଣୀ ପଟେଲ | ୩୦୭ |
| କିଛି ଗାର... ମନେ ପଡ଼ିଯାଏ | ଚିତ୍ତରଞ୍ଜନ ସାହୁ | ୩୦୯ |
| ବର୍ଷା ଏକ ଅଝଟ ଝିଅର ନାଁ | ମାମାବିନୋଦିନୀ ସାହୁ | ୩୧୩ |
| ରଥଯାତ୍ରା | ସାଗର ପ୍ରଧାନ | ୩୧୫ |
| ମୌସୁମୀର ଛିଟା ପ୍ରେମର ଗଭୀରତା | ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ | ୩୧୬ |
| ଭିଜା ଶ୍ରାବଣ | ଅଭିମନ୍ୟୁ ବେହେରା | ୩୧୮ |
| ମାନମୟୀ ମୌସୁମୀ | ପ୍ରତିଭା ପ୍ରିୟଦର୍ଶିନୀ | ୩୧୯ |
| ମହାକବି ହେବି ଭାରିଜା ମାଡ଼ରେ | ଶିଶିର କୁମାର ପଣ୍ଡା | ୩୨୨ |
| ପଲକ, ଭାବ ଓ ବିଶ୍ୱାସ | କ୍ଷୀରସିନ୍ଧୁ ବାଘ | ୩୨୪ |
| ହେ କାଳିଆ | ସସ୍ମିତା ସାହୁ | ୩୨୬ |
| କାଳିଆ ଠାକୁର | ସୁଦର୍ଶନ ସାହୁ | ୩୨୮ |
| ସୁକର୍ମେ ଲଭିବୁ ସୁଖ | ସନ୍ତୋଷ ପଟ୍ଟନାୟକ | ୩୩୦ |
| ସୁନ୍ଦର ଦିଶେ | ହରେରାମ ପଣ୍ଡା | ୩୩୧ |
| ହୃଦୟଗହ୍ୱର ଶୂନ୍ୟତା | ଦେବବ୍ରତ ଜେନା | ୩୩୩ |
| ଦୁଇଟି ଝଲକ | ଆଶୁତୋଷ ମେହେର | ୩୩୪ |
| ବନ୍ଦେ... ବୃନ୍ଦି ଦେ...ରେ... | ଏମ୍. ବିଜୟ କୁମାର | ୩୩୫ |
| ବର୍ଷା | ଡମ୍ବରୁଧର ବାଗ | ୩୩୮ |
| ନୂଆଖାଇ ଆଏଲା | କଲ୍ୟାଣୀ ନନ୍ଦ | ୩୪୦ |
| ମନର ମଏଲା | ରମଣୀରଞ୍ଜନ ବିଶ୍ୱାଳ | ୩୪୨ |
| ଜିହିଁତା ଲାଶ୍ | କବି ପ୍ରସାଦ | ୩୪୪ |

 Magazine Downloaded from www.aahwaan.com



| | | |
|---|---|---|
| ଆଗର ଲେଖେ ପ୍ୟାର୍ ନାଇଁ ହେବାର | ଫିରୋଜ ପଟେଲ | ୩୪୬ |
| ବର୍ଷା ତମେ ଆସ | ଜ୍ୟୋତିରାଦିତ୍ୟ ପୁଝାରୀ | ୩୪୯ |
| ମାଟି | ସତ୍ୟବ୍ରତ ସାହୁ | ୩୫୨ |
| ଦୁଇଟି ଚିତ୍ରପଟ | ଜଗଜୀବନ ସେଠୀ | ୩୫୪ |
| ପ୍ରଣୟ ବୀଣା | ଶ୍ରୀରାଜଶେଖର 'ଚିମା' | ୩୫୫ |
| ଧର୍ଷିତା ଝିଅକୁ ଜବାବ ଦିଅ | ସୀମାରେଖା | ୩୫୭ |
| ବିଶ୍ୱାସ | ଶୁଭମ୍ କୁମାର ଧଳ | ୩୫୮ |
| ପରିଚୟ | ଡା ସୌମ୍ୟରଞ୍ଜନ ମିଶ୍ର | ୩୫୯ |
| ତ୍ରିନୟନ | ସନାତନ ମହାକୁଡ଼ | ୩୬୧ |
| କେଇପଦ ଶେଷ କଥା | କ୍ଷୀରୋଦିନୀ ବେହେରା(ସ୍ୱପ୍ନା) | ୩୬୨ |
| ପତ୍ନୀପାଇଁ ଦୁଇଟି ଅନୁଦିତ କବିତା | ଶିରିଶ କୁମାର | ୩୬୪ |


## ପ୍ରବନ୍ଧ ବିଭାଗ



| | | |
|---|---|---|
| ଅନଧିକୃତ ଅନୁପ୍ରବେଶ ଓ ଭାରତ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୩୬୯ |
| ଭଗବାନ ଦତ୍ତାତ୍ରେୟଙ୍କ ଚବିଶି ଗୁରୁ | ପ୍ରତିଭା ପ୍ରିୟଦର୍ଶିନୀ | ୩୭୬ |
| ସକାରାତ୍ମକ ଚିନ୍ତାଧାରା | ଶ୍ରୀ ରମା କାନ୍ତ ମିଶ୍ର | ୩୮୨ |
| କାଲିର ଚିନ୍ତା, କଳ୍ପନା ନା ଛଳନା | କୃଷ୍ଣ କୁମାର ଦାସ | ୩୮୯ |
| ସମ୍ବଲପୁରର୍ ଶୀତଲଷଷ୍ଠୀ | ଶ୍ରୀ ଡମ୍ବରୁଧର ବାଗ | ୩୯୨ |
| କବିଟିଏ ଭାବଦିଏ | କ୍ଷମାନିଧି ସାହୁ | ୩୯୭ |
| ବେଦାନ୍ତର ବାଣୀ | ପୁସ୍ତକ ସମୀକ୍ଷା | ୩୯୯ |
| ବିଶେଷ ସୂଚନା | | ୪୦୦ |



**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

Magazine Downloaded from www.aahwaan.com



ମହାନ ଜନନାୟକ, ତଥା ଭାରତର ପୁର୍ବତନ ପ୍ରଧାନମନ୍ତ୍ରୀ,
ପଦ୍ମଶ୍ରୀ ଶ୍ରୀ ଅଟଳବିହାରୀ ବାଜପେୟୀଙ୍କ ଅକାଳ ବିୟୋଗରେ
ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ତରଫରୁ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛୁ ।
ଭଗବାନ ତାଙ୍କ ଆତ୍ମାକୁ ସଦଗତି ଦିଅନ୍ତୁ ।





 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ଭାରତ ମାତାକି ଜୟ... ବନ୍ଦେ ମାତରଂ... ଜୟ ହିନ୍ଦ୍...

ପୂଣ୍ୟଭୂମି ଭାରତର ସୌଭାଗ୍ୟବାନ ସନ୍ତାନ ଆମେ । ବିଶ୍ୱଗୁରୁ ଭାବରେ ପରିଚିତ ଭାରତର ଆଜି ସ୍ୱାଧୀନତା ଦିବସ । ବର୍ଷ ୧୯୪୭ ମସିହାରେ ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ୍ ରାଜର ସମାପ୍ତିପରେ ସ୍ୱାଧୀନତା ଲାଭ କରିଥିଲା ଭାରତ । ସାଢ଼େ ତିନିଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପରେ ଭାରତକୁ ସ୍ୱାଧୀନତା ମିଳିଥିଲା । ଅବଶ୍ୟ ଏହା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ ଯେ ସ୍ୱାଧୀନତା ମିଳୁଥିବା ବେଳେ ଦେଶକୁ ଏପରି ଏକ ସମସ୍ୟା ଦେଇ ଯାଇଥିଲେ ଯେ ଦୀର୍ଘ ସାତଦଶନ୍ଧି ପରେ ମଧ୍ୟ ଏହି ସମସ୍ୟା ଭାରତକୁ ସବୁ ସମୟରେ ବ୍ୟତିବ୍ୟସ୍ତ କରି ରଖୁଛି । ମୁସଲମାନ୍ ମାନଙ୍କ ପାଇଁ ପୃଥକ ଏକ ଦେଶ ନିର୍ମାଣର କଥା ସ୍ୱାଧୀନତା ସହିତ ହିଁ ସୃଷ୍ଟି ହୋଇଥିଲା ଏବଂ ଏହା କାହିଁକି ହୋଇଥିଲା ତା ବିଷୟରେ ଅନେକ ମତବାଦ ରହିଥିଲା ବେଳେ ଯେହେତୁ ସେ ସବୁ ସମୟରେ ଆମେ ଉପସ୍ଥିତ ନଥିଲେ ତେଣୁ ପ୍ରଚଳିତ ମତବାଦକୁ ହିଁ ଧ୍ୟେୟ କରି କହିପାରିବା ଯେ ତତ୍କାଳୀନ କଂଗ୍ରେସ ଦଳର ଆଭିମୁଖ୍ୟକୁ ନେଇ ମହମ୍ମଦ ଅଲି ଜିନ୍ନା ଅସନ୍ତୁଷ୍ଟ ହୋଇ ମୁସଲମାନ୍ ମାନଙ୍କ ପାଇଁ ଏକ ଅନ୍ୟ ଦେଶର ଦାବୀ କରିଥିଲେ ।



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

କିଛି ଐତିହାସିକଙ୍କ ମତରେ ଭାରତର ଶାସନକଳକୁ ନିଜର ଅକ୍ତିଆରକୁ ନେବାପାଇଁ ନେହେରୁ ଓ ଜିନ୍ନାଙ୍କ ମଧ୍ୟରେ ଏହି ଚୁକ୍ତି ହୋଇଥିଲା ଏବଂ ଜିନ୍ନାଙ୍କୁ ମୁସଲମାନ ବହୁଳ ପାକିସ୍ତାନ ପ୍ରଦାନ କରାଯାଇଥିଲା ।

ବିଗତ ସପ୍ତାହରେ ତିବ୍ବତର ଧର୍ମଗୁରୁ ଏହି ମାମଲାରେ ନିଜର ମନ୍ତବ୍ୟ ରଖି ପୁଣିଥରେ ବିବାଦର ସୁତ୍ରପାତ କରିଥିଲେ । ସେ କହିଥିଲେ ଯେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ପଦବୀ ପାଇଁ ମହମ୍ମଦ ଅଲି ଜିନ୍ନାଙ୍କ ନାମ ଚୁଡ଼ାନ୍ତ ହୋଇଥିଲା, କିନ୍ତୁ ନେହରୁ କଂଗ୍ରେସର ପ୍ରମୁଖ ଦାବିଦାର ଭାବରେ ବାହାରିବା ହେତୁ ଜିନ୍ନାଙ୍କୁ ପାକିସ୍ତାନ ପାଇଁ ଦାବୀ କରିବାକୁ ପଡ଼ିଥିଲା ।

ସେ ଯା ହେଉ ଦୀର୍ଘ ସାତ ଦଶନ୍ଧି ପରେ ମଧ୍ୟ ପାକିସ୍ତାନ ଉନ୍ନତି କରିପାରିଲା ନାହିଁ ଏବଂ ଅଧିକାଂଶ ସମୟ ଭାରତୀୟ ଉପଦ୍ୱୀପରେ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ରହିବା ସହ ଦେଶରେ ଅଶାନ୍ତି ସୃଷ୍ଟି କରିବାର ପ୍ରଚେଷ୍ଟାରେ ରହିଲା । ଦୁର୍ଭାଗ୍ୟର ବିଷୟ ପାକିସ୍ତାନ (ପାକ୍ ଅର୍ଥାତ ପବିତ୍ର) ଭଳି ନାମ ପାଇଥିବା ସତ୍ତ୍ୱେ ବିଶ୍ୱର ଅନେକ ଦେଶ ଏହି ଦେଶକୁ ନିଜର ପ୍ରତିବନ୍ଧିତ ତାଲିକାରେ ରଖିଛନ୍ତି ଏବଂ ବିଗତ କିଛି ମାସରେ ବିଶ୍ୱବ୍ୟାଙ୍କ ସମେତ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହାକୁ କଳା ତାଲିକାଭୂକ୍ତ କରିବା ହେତୁ ଦେଶର ଅର୍ଥନୈତିକ ଅସ୍ଥିରତା ଦେଖା ଦେଲାଣି ।

 Magazine Downloaded from www.aahwaan.com

ସଦ୍ୟ ସମାପିତ ସାଧାରଣ ନିର୍ବାଚନରେ ପୂର୍ବତନ କ୍ରିକେଟର ଇମ୍ରାନ ଖାନଙ୍କ ଦଳ ସଂଖ୍ୟା ଗରିଷ୍ଠତା ପାଇଥିବା ବେଳେ ଆଗାମୀ ଅଠର ତାରିଖରେ ସେ ପଦ ଓ ଗୋପନୀୟତାର ଶପଥ ନେବେ ବୋଲି କୁହାଯାଉଛି । ଆମେ ମଧ୍ୟ ସନ୍ଦୀହାନ କାରଣ ଏହି ଉତ୍ସବ ପାଇଁ ତିନି ତିନିଥର ତାରିଖ ଧାର୍ଯ୍ୟ କରାଯାଇ ପରିବର୍ତ୍ତନ କରାଗଲାଣି । ଶୁଣାଯାଉଛି, ଦେଶର ଅର୍ଥନୈତିକ ଅବସ୍ଥା ଏତେ କଦର୍ଯ୍ୟ ହୋଇଯାଇଛି ଯେ ଶପଥଗ୍ରହଣ ପାଇଁ କୌଣସି ବର୍ଣ୍ଣାଢ଼୍ୟ ଉତ୍ସବ ପାଳନ କରିବା ସମ୍ଭବ ହେଉନାହିଁ । ବିଦେଶରୁ କୌଣସି ଅତିଥିଙ୍କୁ ନିମନ୍ତ୍ରଣ ମଧ୍ୟ ଦିଆଯାଉନାହିଁ ।

ପଡ଼ୋଶୀର ଘରେ ଅଭାବ ଦେଖିଲେ କେହି ଖୁସି ହୁଅନ୍ତି ନାହିଁ, କିନ୍ତୁ କାହିଁକି କେଜାଣି ପାକିସ୍ତାନର ଦେବାଳିଆ ସ୍ଥିତିକୁ ଦେଖିଲାପରେ ଆତ୍ମାକୁ ଶାନ୍ତି ମିଳୁଛି । ଅବଶ୍ୟ ମୁଁ ଟିକେ ଭାବବିହ୍ୱଳ ହୋଇଯାଉଛି । କିନ୍ତୁ ଭାରତୀୟ ଭାବରେ ଆମେ ଯେତେବେଳେ ବି ନିଜ ଦେଶପାଇଁ ଚିନ୍ତା କରିବା ସମୟ ଆସେ ଆମେ ଏଣୁତେଣୁ ମାମଲାରେ ବ୍ୟସ୍ତ ରହିଯାଉ, କିନ୍ତୁ ଯେତେବେଳେ ପାକିସ୍ତାନର ବିଷୟ ଆସେ ଆମେ ସମସ୍ତେ ଏକଜୁଟ ହୋଇଯାଉ । ଏହା ଆମର ରାଷ୍ଟ୍ରଭକ୍ତିର ଚରମ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ ।

## ୭୨ତମ ସ୍ୱାଧୀନତା ଦିବସ ପାଳିତ

ଭାରତର ୭୨ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ

 Magazine Downloaded from www.aahwaan.com

ହୋଇଯାଇଛି । ରାଜଧାନୀ ଦିଲ୍ଲୀ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କରେ ଏହା ପାଳିତ ହେବା ସହ ଦେଶର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ମଧ୍ୟ ପାଳିତ ହୋଇଯାଇଛି । ରାଷ୍ଟ୍ରୀୟ ସମାରୋହ ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା ଏବଂ ଐତିହାସିକ ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ତ୍ରିରଙ୍ଗା ପତକା ଉତ୍ତୋଳନ କରିବା ସହ ଦେଶକୁ ସମ୍ବୋଧିତ କରିଛନ୍ତି । ନିଜର ଭାଷଣରେ ସେ ବିଗତ ଚାରିବର୍ଷରେ ସରକାରଙ୍କ ଦ୍ୱାରା ହୋଇଥିବା ଅନେକ ଉପଲବ୍ଧି ବିଷୟରେ ସୂଚାଇ ଦେବା ସହ ଆଗାମୀ ଦିନରେ ହେବାକୁ ଥିବା ଅନେକ କାର୍ଯ୍ୟ ବିଷୟରେ ମଧ୍ୟ କହିଛନ୍ତି ।

(ସୌଜନ୍ୟ କନକ ନ୍ୟୁଜ) - ୭୨ତମ ସ୍ୱାଧୀନତା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚମଥର ପାଇଁ ଲାଲକିଲ୍ଲାରୁ ପତାକା ଉତ୍ତୋଳନ କରିଛନ୍ତି ଓ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ତେବେ ଆଜି ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ତେବେ ମୋଦି ଦେଶବାସୀଙ୍କ ସମ୍ବୋଧିତ କରି କହିଛନ୍ତି ଏବେ ପରିବର୍ତ୍ତନର ସମୟ । ଦେଶରେ ଅନେକ ପରିବର୍ତ୍ତନ ହେବାର ଅଛି । ସେ କହିଛନ୍ତି ଆମେ ଯଦି ୨୦୧୩ ବେଗରେ ଯାଇଥାଆନ୍ତେ, ଅନେକ କାମ ଶେଷ କରିବା ପାଇଁ ବର୍ଷ ବର୍ଷ ସମୟ ଲାଗିଯାଇ ଥାଆନ୍ତା ।

 Magazine Downloaded from www.aahwaan.com

ପ୍ରଧାନମନ୍ତ୍ରୀ କହିଛନ୍ତି, ମୋ ବିଷୟରେ କୁହାଯାଉଛି ମୁଁ ଧୈର୍ଯ୍ୟହୀନ । ତେବେ ଏକଥା ସତ । କାରଣ ଦେଶ ଆଗକୁ ବଢ଼ୁଛି । ଆମକୁ ତାଳ ଦେଇ ଆଗକୁ ବଢ଼ିବା ପାଇଁ ପଡ଼ିବ । ଆମ ପିଲାଙ୍କ ବିକାଶରେ ବାଧା ସୃଷ୍ଟି କରୁଥିବା କୁପୋଷଣରୁ ଦେଶକୁ ମୁକ୍ତ କରିବା ପାଇଁ ପଡ଼ିବ । ଏଥିପାଇଁ ମୁଁ ଅଧିକ ବ୍ୟାକୁଳ । ଦେଶରୁ ରୋଗବ୍ୟାଧୀ ହଟାଇବା ପାଇଁ ମୁଁ ବ୍ୟଗ୍ର । ଆଉ ଲୋକଙ୍କ ଜୀବନଶୈଳୀ ସୁଧାରିବା ପାଇଁ ମୁଁ ବ୍ୟଗ୍ର । ଦେଶ ଆହୁରି ଆଗକୁ ବଢୁ ଓ ଦେଶ ଅଧିକ ବିକଶିତ ହେଉ ବୋଲି ମୁଁ ବ୍ୟଗ୍ର ।

ଆଜି ସ୍ୱାଧୀନତାଦିବସରେ ଲାଲକିଲ୍ଲାରୁ ମୋଦି ବଡ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନେଇ ଆଜି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ । ସେପ୍ଟେମ୍ବର ୨୫ରୁ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିନରେ ଏହି ଯୋଜନା ଲାଗୁ ହେବ । ଏଥିରେ ଉପକୃତ ହେବେ ଦେଶର ୧୦ କୋଟି ପରିବାର । ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ମିଳିବ ।

ଭାରତୀୟ ସେନାରେ ପୁରୁଷଙ୍କ ପରି ମହିଳାଙ୍କୁ ସମାନ ଅଧିକାର ମିଳିବ ବୋଲି ଘୋଷଣା କରିଛନ୍ତି ମୋଦି । ଏହାସହ ମୋଦି କହିଛନ୍ତି ୨୦୨୨ ପର୍ଯ୍ୟନ୍ତ, ଯେବେ ଦେଶର ସ୍ୱାଧୀନତାକୁ ୭୫ ବର୍ଷ ପୁରା ହେବ, ସେବେ କିମ୍ବା ତା'ପୂର୍ବରୁ ଦେଶର କେହି ବି ଯୁବକ/ଯୁବତୀ ମହାକାଶରେ ତ୍ରିରଙ୍ଗା ଉଡ଼ାଇବେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଏବେ ସର୍ଟ ସର୍ଭିସ

Magazine Downloaded from www.aahwaan.com

କମିଶନରେ ମହିଳାଙ୍କୁ ସ୍ଥାୟୀ ରୂପରେ ପ୍ରବେଶ ମିଳିବ । ପୂର୍ବରୁ ପୁରୁଷମାନେ ହିଁ ଏହାର ଲାଭ ଉଠାଇ ପାରୁଥିଲେ । ଦେଶରେ ମହିଳାଙ୍କ ପ୍ରତି ବଢୁଥିବା ଅପରାଧ ନେଇ ମୋଦି କହିଛନ୍ତି, ଦେଶରେ କିଛି ରାକ୍ଷସ ପ୍ରବୃତିର ଲୋକ ଖରାପ କାମ କରୁଛନ୍ତି । ଏବେ ସମୟ ଆସିଛି, ସମାଜକୁ ଏପରି ଅପରାଧରୁ ମୁକ୍ତ କରିବା ପାଇଁ ପଡ଼ିବ । ବିଗତ ଦିନରେ ମଧ୍ୟପ୍ରଦେଶରେ ଦୁଷ୍କର୍ମ ଅପରାଧୀକୁ ମାତ୍ର ୫ ଦିନରେ ହିଁ ଫାଶୀର ଦଣ୍ଡାଦେଶ ଦିଆଯାଇଛି । ତିନି ତଲାକ ବିଷୟରେ ମଧ୍ୟ ଆଜି ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ମୋଦି କହିଛନ୍ତି, ତିନି ତଲାଖ୍ ପରି ଏକ ପରମ୍ପରା ଯୋଗୁଁ ମୁସଲମାନ ଭଉଣୀମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଆଉ ଏଥିପାଇଁ ସଂସଦରେ ବିଲ ଆଗତ କରାଯାଇଛି । ତେବେ କିଛି ଲୋକ ଏବେ ବି ପାସ୍ ହେବାକୁ ଦେଉନାହାନ୍ତି ।

ଏହା ବ୍ୟତୀତ ମୋଦି କହିଛନ୍ତି ସମଗ୍ର ବିଶ୍ୱ ଭାରତକୁ ୬ଷ୍ଠ ବୃହତ୍ ଅର୍ଥନୀତି କହୁଥିବା ବେଳେ ଆମେ ସ୍ୱାଧୀନତା ଦିବସ ପାଳନ କରୁଛନ୍ତି । ଆଜି ଦେଶରେ ଆତ୍ମ-ବିଶ୍ୱାସ ଭରପୂର । ସ୍ୱପ୍ନ ଓ କଠିନ ପରିଶ୍ରମ ଦ୍ୱାରା ଦେଶ ଉଚ୍ଚ ସୋପାନକୁ ଉଠି ପାରୁଛି । ଆଜିର ସୂର୍ଯ୍ୟ ନୂତନ ଉଚ୍ଛ୍ୱାସରେ ନୂତନ ଚେତନା ଆଣିଛି । ଭାରତୀର ସଶସ୍ତ୍ର ବଳ, ପାରାମିଲିଟାରି ଏବଂ ପୁଲିସବାଲାଙ୍କ ନିଃସ୍ୱାର୍ଥ ସେବାକୁ ପ୍ରଶଂସା କରିଛନ୍ତି । ସଂସଦର ମୌସୁମୀ ଅଧିବେଶନ ସୁରୁଖୁରୁରେ ଚାଲିଥିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ

 Magazine Downloaded from www.aahwaan.com

କରିଛନ୍ତି । ଆମ ସମ୍ବିଧାନ ସମାଜର ସବୁ ବର୍ଗର କଲ୍ୟାଣ ନିମନ୍ତେ ଏକ ମାର୍ଗଦର୍ଶୀକା । ଦେଶର ଅନେକ ଭାଗରେ ଭଲ ମୌସୁମୀ ବର୍ଷା ହୋଇଥିଲେ ବି କେତେକ ଅଞ୍ଚଳରେ ବନ୍ୟା ପ୍ରାଦୁର୍ଭାବ ଦେଖା ଦେଇଥିବା କଥା ସେ କହିଛନ୍ତି । ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ।

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୩ ପର୍ଯ୍ୟନ୍ତ ୪ କୋଟି ଲୋକ ଟାକ୍ସ ପଇଠ କରୁଛନ୍ତି । ଆଉ ଆଜି ସାଢ଼େ ୩ କୋଟି ଲୋକ ଟାକ୍ସ ପଇଠ କରୁଛନ୍ତି । ଆଜି ଦେଶରେ ବଂଶବାଦ ଉପରେ ଫୁଲଷ୍ଟପ ଲାଗିଛି । ୩ ଲକ୍ଷ ସନ୍ଦିଗ୍ଧ କମ୍ପାନୀରେ ତାଲା ଲାଗିଛି । ଏହାସହ ମୋଦି କହିଛନ୍ତି ଯେଉଁମାନେ ଜନ୍ମ ହୋଇନାହାନ୍ତି ତାଙ୍କ ନାମରେ ୬ କୋଟି ନକଲି ଉପଭୋକ୍ତା ୯୦ ହଜାର କୋଟି ଟଙ୍କା ନେଇଯାଉଛନ୍ତି । ତେବେ ଆମେ ନକଲି ଉପଭୋକ୍ତାଙ୍କୁ ଚିହ୍ନଟ କରି ଅସଲି ଲାଭାର୍ଥୀଙ୍କ ପର୍ଯ୍ୟନ୍ତ ଟଙ୍କା ପହଞ୍ଚାଇବାରେ ସଫଳ ହୋଇଛୁ ।

ଏହାସହ ମୋଦି କହିଛନ୍ତି ୨୦୧୩ର ଗତି ସହ ଚାଲିଥିଲେ ଶତ ପ୍ରତିଶତ ଶୌଚାଳୟ ନିର୍ମାଣ କରିବା ପାଇଁ ଅନେକ ବର୍ଷ ଲାଗିଥାନ୍ତା । ଗ୍ରାମରେ ବିଜୁଳି ପହଁଚାଇବା ପାଇଁ ଆହୁରି ଏକ ଦଶକ ଲାଗିଥାନ୍ତା । ଯେଉଁ ଗତିରେ ୨୦୧୨ରେ ଗ୍ୟାସ୍ କନେକ୍ସନ ଦିଆ ଯାଉଥିଲା, ଯଦି ସେହି ଗତି ଏବେ ରହିଥାନ୍ତା ତେବେ ପ୍ରତି ଘରକୁ ଗ୍ୟାସ ପହଁଚାଇବା ପାଇଁ ୧୦୦ ବର୍ଷ ଲାଗି ଯାଇଥାନ୍ତା ।

 Magazine Downloaded from www.aahwaan.com

କୃଷକଙ୍କୁ ଦେଢ ଗୁଣା ଏମଏସପି ଦେବା ପାଇଁ ଫାଇଲ ବହୁତ ବର୍ଷ ଧରି ଝୁଲି ରହିଥିଲା । କିନ୍ତୁ ଆମେ ଏହାକୁ ଲାଗୁ କରିବା ପାଇଁ ନିଷ୍ପତି ନେଇଥିଲୁ । ଆଜି ଆମର ପୁରା ଧ୍ୟାନ କୃଷିକ୍ଷେତ୍ରରେ ଆଧୁନିକତା ଆଣିବା ଉପରେ ରହିଛି । ସମସ୍ତ ଲୋକ ଜିଏସଟି ଚାହୁଁଥିଲେ । କିନ୍ତୁ ନିଷ୍ପତି ନେଇ ପାରୁ ନଥିଲେ । ଆଜି ଦେଶରେ ଜିଏସଟି ଲାଗୁ ହୋଇଛି । ବ୍ୟବସାୟୀଙ୍କ ମନରେ ଏକ ନୂଆ ବିଶ୍ୱାସ ସୃଷ୍ଟି ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଅସୁବିଧା ଭୋଗିଥିବା ବ୍ୟବସାୟୀମାନେ ଜିଏସଟିକୁ ବର୍ତମାନ ଆଲିଙ୍ଗନ କରିଛନ୍ତି । ବର୍ତ୍ତମାନ ମନରେ ବହୁତ ଉତ୍ସାହ ଏବଂ ଆଶା ରହିଛି । ଦେଶ ପାଇଁ କିଛି କରିବାକୁ ଦୃଢ଼ ଇଚ୍ଛାଶକ୍ତି ଅଛି । ବେନାମୀ ସମ୍ପତି ନିୟମ ଲାଗୁ ହୋଇ ସାରିଛି । ଆମେ କଠିନ ନିଷ୍ପତି ନେବା ପାଇଁ ସମର୍ଥ ରଖୁଛୁ ଯାହା ଦେଶହିତ ପାଇଁ ଆବଶ୍ୟକ ଅଟେ ।

କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଆମେ ଏବେ ପୁରା ପ୍ରୟାସ କରୁଛୁ ବୋଲି କହିଛନ୍ତି ମୋଦି । କୃଷି କ୍ଷେତ୍ରରେ ଆଧୁନିକତା ଆଣିବା ସହ ଆମ ଦେଶ ଅନ୍ନ ଭଣ୍ଡାରରେ ଭରି ହୋଇଯାଇଛି । ଦେଶର କୃଷକ ଓ ବୈଜ୍ଞାନିକମାନଙ୍କ ଧନ୍ୟବାଦ ଜଣାଇଛନ୍ତି । ମୋଦି କହିଛନ୍ତି ଦେଶ ପାଇଁ ଗୌରବର ବିଷୟ ହେଲା ବୈଜ୍ଞାନିକମାନେ ଏକ ସହ ୧୦୦ କୃତ୍ରିମ ଉପଗ୍ରହ ପ୍ରେରଣ କରିଛନ୍ତି । ଭାରତ ପରିବର୍ତ୍ତନ ପଥେ ଆଗେଇ ଚାଲିଛି । ଆଜି ଗାଁ ଗାଁରେ ଡିଜିଟାଲ ଇଣ୍ଡିଆକୁ ନେଇ ଆଗକୁ ବଢୁଛି ।

## ବର୍ଷ ୨୦୨୨ ସୁଦ୍ଧା ଭାରତୀୟ ମହାକାଶରେ ପହଞ୍ଚିବେ

 Magazine Downloaded from www.aahwaan.com

ସ୍ୱାଧୀନତା ଦିବସର ନିଜର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆଗାମୀ ତିନିବର୍ଷ ଭିତରେ ଭାରତ ଏହିପରି ପରୀକ୍ଷଣ କରି ସଫଳ ହେବାର ଲକ୍ଷ୍ୟ ରଖିଛି, ଯାହାଦ୍ୱାରା ଭାରତୀୟ ମହାକାଶଚାରୀ ମହାକାଶରେ ପଦାର୍ପଣ କରିପାରିବେ ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଜଣେ ପ୍ରମୁଖ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ, "ମହାକାଶରେ ମାନବ ଅଭିଯାନ ପାଇଁ ସବୁ ମହତ୍ତ୍ୱପୂର୍ଣ୍ଣ ବୈଷୟିକ ଜ୍ଞାନ କୌଶଳର ବିକାଶ କରାଯାଉଛି । ଏବଂ ସମ୍ଭବତଃ ୨୦୨୨ ବେଳକୁ ଜଣେ ଭାରତୀୟ ମହାକାଶଚାରୀଙ୍କୁ ମହାକାଶଯାତ୍ରା ପଠାଯାଇପାରେ ।"

## ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରୁ ରାଜ୍ୟରେ ଲଗାଣ ବର୍ଷା ହେଉଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଆଦି ରହିଛି । ସେହିପରି ମାଲାକାନଗିରି, କୋରାପୁଟ, ନୂଆପଡ଼ା, କଳହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଅନ୍ୟପଟେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବରଗଡ଼,

 Magazine Downloaded from www.aahwaan.com

ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ଆଶଙ୍କା ରହିଛି । ଏନେଇ ସମସ୍ତ ଜିଲ୍ଲାର ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଏଇ କିଛିଦିନ ମଧ୍ୟରେ ବିଜୁଳି ହେତୁ ଅନେକ ଲୋକଙ୍କ ଜୀବନ ବି ଚାଲିଯାଇଥିବା ଖବର ପ୍ରକାଶ ପାଇଛି । ତେଣୁ ବିଜୁଳି ମାରୁଥିବା ସମୟରେ ସତର୍କତା ସହ ରହିବାକୁ କୁହାଯାଇଛି । ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ବାରଣ କରାଯାଇଛି ।

ସେପଟେ ଲଗାଣ ବର୍ଷା ଯୋଗୁଁ ପାଣି ଘେରରେ କଳାହାଣ୍ଡି ଜିଲ୍ଲାରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ଜିଲ୍ଲାର ଅନେକ ଅଂଚଳ ଜଳମଗ୍ନ ହୋଇପଡିଛି । ଭବାନିପାଟଣା ପିପଲନାଲ ନିକଟରେ ଥିବା ଜଳେଶ୍ୱର ମନ୍ଦିର ବନ୍ୟା ପାଣିରେ ବୁଡି ଯାଇଛି । ଲଗାଣ ବର୍ଷା ଯୋଗୁଁ ମନ୍ଦିର ପାଖରେ ପ୍ରବଳ ଜୋରରେ ପାଣିର ସୁଅ ପଡିଛି ।

କେବଳ ମନ୍ଦିର ନୁହେଁ, ତଳିଆ ଅଂଚଳରେ ବିଭିନ୍ନ ଜନବସତି ଭିତରକୁ ପାଣି ପଶିଯାଇଛି । ଘର ଭିତରେ ଅଂଟାଏ ପାଣି ପଶିବା ଯୋଗୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ । ରାସ୍ତା ଘାଟରେ ପାଣି ଜମି ରହିବା ଦ୍ୱାରା ଯାତାୟତରେ ମଧ୍ୟ ସମସ୍ୟା ଦେଖା ଦେଇଛି । ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିବାରୁ ଅନେକ ସ୍ଥାନରେ ଭୋକ ଉପାସରେ ରହିଛନ୍ତି ଲୋକ । ରାସ୍ତା ମଧ୍ୟ ଧୋଇ ହୋଇଯାଇଛି । ଏପରିକି ପିଇବା ପାଣି ନେଇ ମଧ୍ୟ ସମସ୍ୟା ଭୋଗୁଛନ୍ତି ପାଣି ଘେରରେ

 Magazine Downloaded from www.aahwaan.com

ରହିଥିବା ଲୋକେ । ଜିଲ୍ଲାରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଇନ୍ଦ୍ରାବତୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହାତୀ ବ୍ୟାରେଜ୍ର ୫ଟି ଗେଟ୍ ଖୋଲାଯାଇଛି । ସେକେଣ୍ଡ ପ୍ରତି ୪୪୨ କ୍ୟୁସେକ୍ ଜଳ ଛଡାଯାଉଛି । ଅନ୍ୟପଟେ ଜୁନାଗଡର ବିଭିନ୍ନ ୱାର୍ଡରେ ବନ୍ୟା ପାଣି ପଶିଯାଇଥିବା ବେଳେ ଥୁଆମୂଳ ରାମପୁର ଓ କଲମପୁର ମଧ୍ୟରେ ଯୋଗେଯାଗ ବିଚ୍ଛିନ୍ନ ହୋଇପଡିଛି ।

ପ୍ରବଳ ବର୍ଷା ଯୋଗୁଁ କୋରାପୁଟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷା କୋରାପୁଟ ଜିଲ୍ଲାବାସୀଙ୍କ ଗତିପଥକୁ ବଦଳାଇ ଦେଇଛି । ମୁଖ୍ୟତଃ ଜୟପୁର ସହରର ସବୁ ଗଳି କନ୍ଦିରେ ପାଣି ଭରି ହୋଇରହିଥିବା ବେଳେ ଜାତୀୟ ରାଜପଥ ୨୬ର ଅବସ୍ଥା ସାଂଘାତିକ ହୋଇଛି । ରାସ୍ତା ନିର୍ମାଣର ବର୍ଷେ ନପୁରୁଣୁ ଲଗାଣ ବର୍ଷା ସମ୍ପୁର୍ଣ୍ଣ ରୁପେ ନଷ୍ଟ କରିଛି । କୋରାପୁଟ ଲକ୍ଷ୍ମୀପୁର-କାକିରିଗୁମା ମଧ୍ୟରେ ମାଟି ଅତଡ଼ା ଖସିବାରୁ ସମସ୍ତ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି । ଟିଟଲାଗଡରୁ ରାୟଗଡା ଏବଂ ରାୟଗଡାରୁ କୋରାପୁଟକୁ ଯାଉଥିବା ସମସ୍ତ ଟ୍ରେନକୁ ବାତିଲ କରାଯାଇଛି । ସମ୍ବଲପୁର-କୋରାପୁଟ ପାସେଂଜର, ଜୁନାଗଡ ରୋଡ୍-ଲାଂଜିଗଡ ରୋଡ୍ ପାସେଂଜର, ସମ୍ବଲପୁର-ଜୁନାଗଡ ରୋଡ୍ ପାସେଂଜର, ରାୟପୁର-କେସିଙ୍ଗା ପାସେଂଜର, ରାୟଗଡା-ସମ୍ବଲପୁର ଏକ୍ସପ୍ରେସ, କୋରାପୁଟ-ସମ୍ବଲପୁର ପାସେଂଜର, ସମ୍ବଲପୁର-ରାୟଗଡା ଏକ୍ସପ୍ରେସ, ବିଶାଖପାଟଣା-ରାୟପୁର ପାସେଂଜର, ରାୟପୁର-

 Magazine Downloaded from www.aahwaan.com

ବିଶାଖପାଟଣା ପାସେଂଜର, ବିଶାଖପାଟଣା-ଦୁର୍ଗ ପାସେଂଜର, ଜଗଦଲପୁର-ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ, ରାୟଗଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସକୁ ବାତିଲ କରାଯାଇଛି । ଏହି ଟ୍ରେନ୍ ସବୁ ବାୟାଗୁଡ଼ା, କାକିରିଗୁମା, ଲକ୍ଷ୍ମୀପୁର ଷ୍ଟେସନ ଗୁଡିକରେ ଅଟକି ରହିଛି । ଟ୍ରେନ ଲାଇନରୁ ମାଟି କାଢ଼ିବା କାମ ଜାରି ରହିଛି ।

ପ୍ରବଳ ବର୍ଷା ମାଲକାନଗିରି ଜିଲ୍ଲାରେ ଅବସ୍ଥା ବେହାଲ ହୋଇପଡିଛି । ମୂଷଳ ଧାରାରେ ବର୍ଷା ଯୋଗୁ ସପ୍ତଧାରା ନଦୀ ଫୁଲିବାରେ ଲାଗିଛି । ଗୋବିନ୍ଦପାଲି ଘାଟିରେ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ପୋଲ ଉପରେ ପାଣି ଚାଲୁଥିବା ଯୋଗୁଁ ଯାନବାହନ ଚଳାଚଳ ଠପ୍ ହୋଇପଡିଛି । ପାଙ୍ଗାମ ପୋଲ ଉପରେ ବି ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି । ଫଳରେ ମାଲକାନଗିରି ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଏହା ସହ କାର୍ଲାପୋଟ ପୋଲ ଉପରେ ୪ ଫୁଟର ପାଣି ଚାଲୁଛି । ଯେଉଁଥି ପାଇଁ ମାଲକାନଗିରି-ବାଲିମେଳା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ବଣ୍ଡାଘାଟିରେ ମଧ୍ୟ ପ୍ରବଳ ମାତ୍ରାରେ ବର୍ଷା ପବନ ହୋଇଛି । ପବନ ଯୋଗୁଁ ରାସ୍ତା ଉପରେ ଗଛ ଭାଙ୍ଗି ପଡିଛି । ରାସ୍ତା ଉପରୁ ଗଛ ଉଠାଇବା କାମ ଜାରି ରହିଛି । ମୁଦୁଲିପଡା ପୁଲିସ ଓ ଅଗ୍ନିଶମ ଅଧିକାର ରାସ୍ତା ସଫା କାମରେ ଲାଗିଛନ୍ତି । ମୁଦୁଲିପଡା ଆଇଆଇସି ନିଜେ ଗଛ କାଟିବା କାମରେ ଲାଗିଥିବା ଦେଖିବାକୁ ମିଳିଛି ।

ଲଗାଣ ବର୍ଷା ଫଳରେ ନବରଙ୍ଗପୁରରେ ସୃଷ୍ଟି ହୋଇଛି ବନ୍ୟା

 Magazine Downloaded from www.aahwaan.com

ପରିସ୍ଥିତି । ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଅନେକ ଅଂଚଳ ଜଳମଗ୍ନ ହୋଇପଡିଛି । ଏପରିକି ପୋଲ ଉପରେ ବି ପ୍ରବାହିତ ହେଉଛି ବନ୍ୟାଜଳ । ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକରେ ଦହଣା ନିକଟରେ ଥିବା ବାଙ୍ଗିରି ବ୍ରିଜ୍ ଉପର ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ଏହି ରାସ୍ତା ଦେଇ ଇନ୍ଦ୍ରାବତୀ ଓ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଇନ୍ଦ୍ରାବତୀ, ଦହଣା, ଦିଗିସଲାପା, ଜଗନ୍ନାଥପୁର, ଅଂଟସର, ଝାଡବନ୍ଧଗୁଡା, ମାଳିଗୁଡା, ଉସୁରିପଦର, ନୂଆଗାଁ, ମେରନାଶକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି ।

ରାଜ୍ୟରେ ଦୁଇ ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ରାୟଗଡ଼ାରେ ବନ୍ୟା ପରିସ୍ଥିତି । ଅମ୍ବାଦଳା ବଂଶଧାରା ବ୍ରିଜ ଉପରେ ୫ଫୁଟର ବନ୍ୟାପାଣି ପ୍ରବାହିତ ହୋଇଛି । ସାଧାରଣାରେ ଯାତାୟତ ଠପ ହୋଇପଡ଼ିଛି । ରାୟଗଡ଼ା-ଭବାନୀପାଟଣାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିଛି । ସ୍କୁଲ ବସ ଅଟକି ରହିଥିବାରୁ ଛାତ୍ରଛାତ୍ରୀ ଶିକ୍ଷକମାନେ ସ୍କୁଲ ଯାଇପାରିନାହାନ୍ତି ।

(ସୌଜନ୍ୟ : କନକ ନ୍ୟୁଜ)

## ଆରପାରିରେ ଡିଏମକେ ପ୍ରମୁଖ ଏମ୍ କରୁଣାନିଧି

ଡିଏମକେ ସୁପ୍ରିମୋ ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ବିୟୋଗ ହୋଇଛି । ୯୪ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ ଡିଏମକେ ସୁପ୍ରିମୋ କରୁଣାନିଧି । ଚେନ୍ନାଇର କାବେରୀ

 Magazine Downloaded from www.aahwaan.com

ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ କରୁଣାନିଧିଙ୍କ ଦେହାନ୍ତ ହୋଇଛି । କିଛି ସମୟ ପୂର୍ବେ ଚେନ୍ନାଇର କାବେରୀ ହସ୍ପିଟାଲ ପକ୍ଷରୁ ଜାରି ବୁଲେଟିନରେ କରୁଣାନିଧିଙ୍କ ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ହୋଇପଡିଥିବା ଜଣାଇଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ ।

ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କରୁଣାନିଧିଙ୍କୁ ଗତ ଜୁଲାଇ ୨୮ ତାରିଖଠାରୁ କାବେରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଗତ କିଛିଦିନ ହେବ ଏମ୍ କରୁଣାନିଧିଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିଥିବା ବେଳେ ଆଜି ଅପରାହ୍ନରେ ହଠାତ କରୁଣାନିଧିଙ୍କ ସ୍ୱାସ୍ଥ୍ୟବସ୍ଥା ଶୋଚନୀୟ ହୋଇପଡ଼ିବାବେଳେ ଶେଷରେ ଇହଧାମ ତ୍ୟାଗ କଲେ ତାମିଲନାଡୁର ୫ ଥର ମୁଖ୍ୟମନ୍ତ୍ରୀ ହାସଲ କରିଥିବା ବାଦଶାହା ।

୧୪ ବର୍ଷ ବୟସରୁ ରାଜନୀତି ଦୁନିଆରେ ପାଦ ଥାପିଥିବା କରୁଣାନିଧିଙ୍କ ଅବଦାନ ଯଥେଷ୍ଟ ରହିଥିଲା । ଯେଉଁଥିପାଇଁ ତାଙ୍କୁ ୫ଥର ତାମିଲନାଡୁର ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ କରିଥିଲେ ସମର୍ଥକ । ସୂଚନାଯୋଗ୍ୟ, ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିଥିବା ୯୪ ବର୍ଷ ବୟସ୍କ ଏମ୍ କରୁଣାନିଧିଙ୍କୁ କାବେରୀ ହସ୍ପିଟାଲର ଡାକ୍ତରମାନେ ଅନେକ ପ୍ରୟାସ କରିଥିଲେ ମଧ୍ୟ ତାଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଅକ୍ଷମ ହୋଇପଡିଥିଲା । ଶେଷରେ ଆରପାରିକୁ ଚାଲିଗଲେ ଡିମଏକେ ସୁପ୍ରିମୋ ।

ଚେନ୍ନାଇର ମରିନା ବିଚରେ ଡିଏମକେ ସୁପ୍ରିମୋଙ୍କୁ ଦିଆଯାଇଛି

 Magazine Downloaded from www.aahwaan.com

ଅନ୍ତିମ ବିଦାୟ । ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରୁଣାନିଧିଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଆଜି ସକାଳୁ ଶେଷ ଦର୍ଶନ ପରେ ହଜାର ହଜାର ସମର୍ଥକଙ୍କ ଗହଣରେ ସନ୍ଧ୍ୟା ୫ଟାରେ ଶେଷଯାତ୍ରାରେ ବାହାରିଥିଲା କରୁଣାନିଧିଙ୍କ ମରଶରୀର । ଜନସମୁଦ୍ର ପାଲଟି ଯାଇଥିଲା ଚେନ୍ନାଇ ରାଜରାସ୍ତା । ମରିନା ବିଚରେ କରୁଣାନିଧିଙ୍କୁ ତାଙ୍କ ରାଜନୈତିକ ଗୁରୁ ଆନ୍ନାଦୁରାଇଙ୍କ ସମାଧି ନିକଟରେ ସମାଧି ଦିଆଯାଇଛି । ହଜାର ହଜାର ସମର୍ଥକ, ଶୁଭେଚ୍ଛୁ ଓ ତାମିଲବାସୀ, ଦକ୍ଷିଣ ଭାରତର ଏହି ସର୍ବାଧିକ ଲୋକପ୍ରିୟ ନେତାଙ୍କୁ ଶେଷ ବିଦାୟ ଜଣାଇଛନ୍ତି । କରୁଣାନିଧିଙ୍କ ପରଲୋକ ସହ ରାଜନୀତିରେ ପାଂଚ ଦଶନ୍ଧିର ଅବସାନ ଘଟିଛି ।

## ମୁଗଲ୍ ସରାୟ ଜଙ୍କସନ ଏବେ ଦୀନଦୟାଲ ଉପାଧ୍ୟାୟ ଜଙ୍କସନ୍

ଉତ୍ତର ପ୍ରଦେଶ ଚନ୍ଦୌଲି ଜିଲ୍ଲାରେ ମୋଗଲଙ୍କ ଚିହ୍ନ କୁହାଯାଉଥିବା ମୁଗଲସରାୟ ଜଙ୍କସନର ନାମ ରବିବାର ବଦଳି ଯାଇଛି । ଏବେ ଏହି ଐତିହାସିକ ରେଲୱେ ଷ୍ଟେସନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନାମରେ ନାମିତ ହୋଇଛି । ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ମୁଗଲସରାୟରେ ଆଜି ସରକାରୀ ରୂପେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ସମୟରେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋଏଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସହିତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାର ମୁଗଲସରାୟ ଜଙ୍କସନର ନାମ

 Magazine Downloaded from www.aahwaan.com

ପରିବର୍ତ୍ତନ କରାଯିବ ବୋଲି ପୂର୍ବରୁ ଘୋଷଣା କରି ସାରିଥିଲେ । ଯାହା ଏବେ କାର୍ଯ୍ୟରେ ପରିଣତ ହୋଇଛି । ଏହା ମଧ୍ୟରେ ସଂପୂର୍ଣ୍ଣ ରେଲୱେ ଷ୍ଟେସନକୁ ଗେରୁଆ ରଙ୍ଗ ଦିଆଯାଉଛି । ଏହା ସହିତ ପ୍ରବେଶ ଦ୍ୱାର ଓ ପ୍ରସ୍ଥାନ ଦ୍ୱାରର ସାଇନବୋର୍ଡ ସହିତ ପ୍ଲାଟଫର୍ମର ନାମ ମଧ୍ୟ ବଦଳାଇ ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଏକାତ୍ମ ମାନବବାଦର ସନ୍ଦେଶ ଦେଇଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଚାରକ ଦୀନ ଦୟାଲ ଉପାଧ୍ୟାୟ ୧୯୬୮ ଫେବୃଆରୀରେ ରେଲୱେ ଷ୍ଟେସନ ପାଖରେ ସନ୍ଦିଗ୍ଧ ଅବସ୍ଥାରେ ମୃତ ମିଳିଥିଲେ ।

ଉତ୍ତର ପ୍ରଦେଶ ସରକାର ଚଳିତ ବର୍ଷ ଜୁନରେ ମୁଗଲସରାୟ ରେଲୱେ ଷ୍ଟେସନର ନାମ ଦୀନଦୟାଲ ଉପାଧ୍ୟାୟ ରଖିବାକୁ ନିଷ୍ପତ୍ତି ନେଇଥିଲେ । ମନ୍ତ୍ରୀ ପରିଷଦ ବୈଠକରେ ମଞ୍ଜୁରୀ ପରେ ଏହି ପ୍ରସ୍ତାବକୁ ରେଲୱେ ମନ୍ତ୍ରଣାଳୟ ପାଖକୁ ପଠାଇ ଦିଆଯାଇଥିଲା । ଯାହାକୁ କେନ୍ଦ୍ର ସରକାର ସ୍ୱୀକାର କରିଥିଲେ । ଗୃହ ବିଭାଗରୁ ପତ୍ର ମିଳିବା ପରେ ରାଜ୍ୟପାଳ ରାମ ନାଇକ ନାମ ପରିବର୍ତ୍ତନ କରିବାକୁ ଅନୁମତି ଦେଇଥିଲେ ।

## ଆସାମରେ ଚାଳିଶି ଲକ୍ଷ ଅନୁପ୍ରବେଶକାରୀ

ବିଗତ ମାସରେ ଆସାମ ରାଜ୍ୟରେ ହୋଇଥିବା ରାଷ୍ଟ୍ରୀୟ ଜନ ରେଜିଷ୍ଟ୍ରାର (ଏନ୍‌ଆର୍‌ସି) ପଞ୍ଜିକରଣ କାର୍ଯ୍ୟକ୍ରମ ପରେ ଅନ୍ୟୁନ ଚାଳିଶି ଲକ୍ଷ ଲୋକ ଭାରତୀୟ ବୋଲି ଜଣା ପଡ଼ିନଥିଲା । ଏହାକୁ ନେଇ ଏକ

 Magazine Downloaded from www.aahwaan.com

ରାଜନୈତିକ ଗଣ୍ଡଗୋଳ ସୃଷ୍ଟି ହୋଇଛି । ସେମାନେ ସବୁ ଅନୁପ୍ରବେଶକାରୀ ଏବଂ ଅଗଣତାନ୍ତ୍ରିକ ଭାବରେ ଆମ ଦେଶରେ ରହି ଆମ ସମ୍ବଳକୁ ବିନିଯୋଗ କରୁଛନ୍ତି ବୋଲି ଦାବୀ କରିଥିଲେ ବିଜେପି ଅଧ୍ୟକ୍ଷ ଅମିତ୍ ଶାହ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି ଏହାକୁ ବିରୋଧ କରିଛନ୍ତି । ଏବଂ ସେମାନଙ୍କୁ ଯଦି ବାହାରକୁ ଯିବାକୁ କୁହାଯାଏ ତା ହେଲେ ଦେଶରେ ଗୃହଯୁଦ୍ଧ ହେବ ବୋଲି ଧମକ ବି ଦେଇଛନ୍ତି ।

ବିଜେପି ଅଧ୍ୟକ୍ଷ ଅମିତ୍ ଶାହା ବିରୋଧୀଙ୍କ ସହିତ ଏହାର ବିରୋଧ କରୁଥିବା ସବୁ ଲୋକଙ୍କ ଉପରେ ହମଲା କରିଛନ୍ତି । ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶାହା କହିଛନ୍ତି ଯେ ମୋତେ ସଂସଦରେ କହିବାକୁ ଦିଆଗଲା ନାହିଁ । ମୁଁ ଦେଶବାସୀଙ୍କୁ କହିବାକୁ ଚାହୁଁଛି ଯେ ଏନଆରସିକୁ କୌଣସି ଭାରତୀୟଙ୍କ ନାମକୁ କାଟି ଦିଆଯାଇଛି । ଯେଉଁମାନଙ୍କ ନାମ ଏନଆରସି ତାଲିକାରେ ନାହିଁ ସେମାନେ ଅନୁପ୍ରବେଶକାରୀ ବୋଲି ଶାହା କହିଛନ୍ତି । ଏହା ସହିତ ଏହି ମାମଲାରେ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରନ୍ତୁ ବୋଲି ଶାହା ରାହୁଲ ଗାନ୍ଧୀ, ମମତା ବାନାର୍ଜୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଶାହା କହିଛନ୍ତି ଯେ ଏନଆରସି ମାମଲାରେ ଦେଶରେ ଯେଉଁଭଳି ମାହୋଲ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି ଏଥିରେ ସ୍ୱଷ୍ଟ କରିବାକୁ ଚାହୁଁଛି ଯେ ଏଥିରେ ଦେଶର ସୁରକ୍ଷାକୁ ବାଜିରେ ଲଗାଯାଉଛି ଏବଂ ଭାରତୀୟଙ୍କ ଅଧିକାରକୁ ଛଡାଇବାକୁ ଉଦ୍ୟମ କରାଯାଉଛି । ବିଜେପି ଓ

 Magazine Downloaded from www.aahwaan.com

କେନ୍ଦ୍ର ସରକାରଙ୍କ ପ୍ରାଥମିକତା ଏହା ଯେ ଦେଶବାସୀଙ୍କୁ ସୁରକ୍ଷା ଓ ସୀମାକୁ ସୁରକ୍ଷିତ ରଖିବା । ମାତ୍ର ଏନଆରସି ମାମଲାରେ ଦେଶର ଜନତାଙ୍କୁ କେବଳ ବିଭ୍ରାନ୍ତି କରାଯାଉଛି ।

କେବଳ ଏତିକି ନୁହେଁ ସାମ୍ବାଦିକ ସମ୍ମିଳନୀରେ ଶାହା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ସର୍ବଦା ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିଥାଏ । ମୁଁ ରାହୁଲଙ୍କୁ ପଚାରିବାକୁ ଚାହୁଁଛି ଯେ ସେମାନେ କଣ ଚାହାନ୍ତି ? ଏନଆରସି ମାମଲରେ କଂଗ୍ରେସ ପ୍ରଥମେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ । ଦେଶ କେବଳ ରାଜନୀତି ଓ ଭୋଟ୍ ବ୍ୟାଙ୍କରେ ଚାଲିବ ନାହିଁ । ତେଣୁ ଦେଶର ସୁରକ୍ଷା ମାମଲାରେ ତାଙ୍କର ରାୟ କଣ କୁହନ୍ତୁ ।

ଶାହା କହିଛନ୍ତି ଯେ ଅନୁପ୍ରବେଶକାରୀ ଓ ଶରଣାର୍ଥୀକୁ ନେଇ ଯେଉଁ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରାଯାଉଛି ତାହାକୁ ବରଦାସ୍ତ କରାଯାଇ ପାରିବ ନାହିଁ । ଅନ୍ୟ ପଟେ ଶାହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଟାର୍ଗେଟ୍ କରି କହିଛନ୍ତି ଯେ ମମତାଙ୍କୁ ସାଧାରଣ ଜ୍ଞାନ ପଢିବାର ଆବଶ୍ୟକତା ରହିଛି । ସେ କେବଳ ଭ୍ରାନ୍ତ ଧାରଣା ପ୍ରଚାର କରିବା କାମ କରୁଛନ୍ତି । ସେ ମମତାଙ୍କୁ କହିଛନ୍ତି ଯେ ଗୃହ ଯୁଦ୍ଧର ଭୟ ପ୍ରଚାର କରି ଥରେ ଦେଶକୁ ବିଭାଜନ କରାଯାଇଛି । ଏବେ ସେ କଣ ଚାହୁଁଛନ୍ତି ଏବଂ ଏହି ମାମଲାରେ ତୃଣମୂଳ କଂଗ୍ରେସର ଆଭିମୁଖ୍ୟ କଣ ତାହା ସ୍ପଷ୍ଟ କରନ୍ତୁ ।

 Magazine Downloaded from www.aahwaan.com

## ବନ୍ୟାର କବଳରେ କେରଳ

ବ୍ୟାକ୍ ୱାଟର ପାଇଁ ପ୍ରସିଦ୍ଧ କେରଳ ବର୍ତ୍ତମାନ ବନ୍ୟା ପ୍ରକୋପରେ ଅତିଷ୍ଠ ହୋଇଛି । ବିଗତ ଅନେକ ଦିନଧରି ଅନବରତ ବର୍ଷା ଫଳରେ ରାଜ୍ୟରେ ଅସୁବିଧା ସୃଷ୍ଟି ହୋଇଛି । କେରଳରେ ଶୋଚନୀୟ ବନ୍ୟା ପରିସ୍ଥିତି ଯୋଗୁଁ କୋଚି ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଅଗଷ୍ଟ ୧୮ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି ଓ ସମସ୍ତ ବିମାନ ଚଳାଚଳକୁ ବାତିଲ କରିଦିଆଯାଇଛି । ପେରିୟାର ନଦୀ ବନ୍ୟା ଜଳ ବିମାନ ବନ୍ଦରରେ ପ୍ରବେଶ କରିବା ପରେ ଏହି ପଦକ୍ଷେପ ନିଆଯାଇଛି । କେରଳରେ ଗତ କିଛି ଦିନ ଧରି ମୂଷଳଧାରାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ରହିଛି । ଫଳରେ କେରଳର ଅନେକ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପେରିୟାର ନଦୀ ଜଳସ୍ତର ବୁଧବାର ବିପଦ ସଂକେତ ଉପରେ ପ୍ରବାହିତ ହୋଇ ଜନବସତି ଆଡକୁ ମାଡ଼ିଯାଇଛି । ବନ୍ୟା ଜଳ ପ୍ରବେଶ କରିବା ପରେ ବିମାନ ବନ୍ଦର କର୍ତ୍ତୃପକ୍ଷ ବିମାନ ଚଳାଚଳ ବାତିଲ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ । କେରଳରେ ଅଗଷ୍ଟ ୮ରୁ ଏପର୍ଯ୍ୟନ୍ତ ବର୍ଷା ଓ ବନ୍ୟା ଜନିତ ଦୁର୍ଘଟଣାରେ ୪୫ ଜଣଙ୍କ ମୃତ୍ୟୁ ଘଟିଛି । ବୁଧବାର ମଲପୁରମଠାରେ ଏକ ଘର ଭୁଶୁଡ଼ି ଏକ ଦମ୍ପତି ଏବଂ ତାଙ୍କ ୬ ବର୍ଷର ପିଲାର ମୃତ୍ୟୁ ଘଟିଛି । ଉଲ୍ଲେଖଯୋଗ୍ୟ ଯେ ଜଳସ୍ତର ବୃଦ୍ଧି ପାଉଥିବାରୁ ରାଜ୍ୟର ୩୩ଟି ବନ୍ଧ ଗେଟ୍ ଖୋଲି ଦିଆଯାଇଛି । ବୁଧବାର କେରଳର ୫ଟି ସ୍ଥାନରେ ଭୂସ୍ଖଳନ ହୋଇଥିବା ଖବର ମିଳିଛି ।

 Magazine Downloaded from www.aahwaan.com

ବର୍ଷା ଲାଗି ରହିଥିବାରୁ ବନ୍ୟା ପରିସ୍ଥିତିରେ ସୁଧାର ଆସୁନାହିଁ ।

ମୁନ୍ନାର ପାହାଡ଼ିଆ ଅଞ୍ଚଳକୁ ନ ଯିବା ପାଇଁ ପର୍ଯ୍ୟଟକଙ୍କୁ ସତର୍କ କରାଇ ଦିଆଯାଇଛି । ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫର ୧୪ଟି ଦଳ ଓ ରାଜ୍ୟ ଅଗ୍ନିଶମ ବିଭାଗ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧିକାରୀମାନେ ନିୟୋଜିତ ଅଛନ୍ତି । ରାଜ୍ୟ ପାଣିପାଗ ବିଭାଗ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷାର ପୂର୍ବାନୁମାନ କରିଛି । ଫଳରେ ରାଜ୍ୟର ୱାୟାନାଡ଼, କୋଝିକୋଡ଼, କନ୍ନୁର, କାସାରାଗୋଡ଼, ମଲପୁରମ, ପଲକଜ, ଇଡୁକି ଏବଂ ଏର୍ଣ୍ଣାକୁଲମରେ ଗୁରୁବାର ପର୍ଯ୍ୟନ୍ତ ରେଡ୍ ଆଲର୍ଟ ଜାରି କରାଯାଇଛି ।

## ଆଜିଠାରୁ ଆରମ୍ଭ ହେଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସ୍ୱାଧୀନତା ଦିବସରେ ଘୋଷଣା ପରେ କ୍ୟାପିଟାଲ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହେଲ୍ପ ଡେସ୍କ ଉଦଘାଟନ କରିଛନ୍ତି । ଏହି ଯୋଜନାରେ ପଞ୍ଜୀକୃତ ଚାଷୀ ପରିବାର ସମସ୍ତ ସୁବିଧା ପାଇବେ । ଏହି ଯୋଜନାରେ ହିତାଧିକାରୀ ପରିବାର ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ପାଇବା ସହ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇବେ ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀ ପରିବାର ସଂଖ୍ୟା ୬୯ ଲକ୍ଷ ୬୯ ହଜାର ୬୭୨କୁ ବୃଦ୍ଧି ପାଇବ । ମହିଳାଙ୍କୁ ଏହି ଯୋଜନାରେ ୭ ଲକ୍ଷ ଯାଏଁ ସ୍ୱାସ୍ଥ୍ୟ ସୁରକ୍ଷା ସହାୟତା ମିଳିବ । ଗାଁ

 Magazine Downloaded from www.aahwaan.com

ଗଣ୍ଡାରେ ବର୍ଷକୁ ୫୦ ହଜାର ଟଙ୍କା ଓ ସହରାଂଚଳରେ ୬୦ ହଜାରରୁ କମ ଆୟ ଥିବା ପରିବାର ଏହି ଯୋଜନାରେ ସୁବିଧା ପାଇବେ । ଏଥିପାଇଁ ସେମାନଙ୍କୁ ଆୟ ପ୍ରମାଣପତ୍ର ଦେବାକୁ ପଡିବ ।

ପୂର୍ବରୁ ଚାଲୁ ରହିଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆରଏସବିୱାଇ) ଓ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ)ର ହିତାଧିକାରୀମାନେ ହିଁ ନୂଆ ଯୋଜନାର ହିତାଧିକାରୀ ହୋଇଛନ୍ତି । କେବଳ ସେହିମାନେ ବିଏସକେୱାଇର ସୁବିଧା ପାଇପାରିବେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ କୌଣସି ନୂଆ କାର୍ଡ ହିତାଧିକାରୀଙ୍କୁ ମିଳିବ ନାହିଁ । ସେମାନେ ପୂର୍ବରୁ ପାଇଥିବା ଆରଏସବିୱାଇ ଓ ବିକେକେୱାଇ କାର୍ଡ ଦେଖାଇ ନୂଆ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ । ମହିଳାମାନଙ୍କ କ୍ଷେତ୍ରରେ ଏହି ସୀମା ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ଆରଏସବିୱାଇରେ ପଞ୍ଜୀକୃତ ୪୪ ଲକ୍ଷ ୮ ହଜାର ୭୦ ହିତାଧିକାରୀ ଓ ବିକେକେୱାଇରେ ପଞ୍ଜୀକୃତ ୨୫ ଲକ୍ଷ ୬୧ ହଜାର ୬୦୨ଙ୍କୁ ମିଶାଇ ସମୁଦାୟ ୬୯ଲକ୍ଷ ୬୯ହଜାର ୬୭୨ଜଣ ହିତାଧିକାରୀ ବିକେକେୱାଇରେ ସାମିଲ୍ ହୋଇଛନ୍ତି । ଏହି ହିତାଧିକାରୀମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏକ ପତ୍ର ବଣ୍ଟନ ଆରମ୍ଭ ହୋଇଛି । ସାତ ଦିନ ଭିତରେ ପତ୍ର ବଣ୍ଟନ ସାରିବାକୁ ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ସଚିବ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ପତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ସବିଶେଷ ସୂଚନା

 Magazine Downloaded from www.aahwaan.com

ଦିଆଯାଇଛି ।

ବିଗତ ଦିନର କିଛି ଖବରକୁ ସଂକ୍ଷିପ୍ତରେ ଆପଣଙ୍କ ପାଇଁ ଉପସ୍ଥାପନ କରିଲି । ଆଶା କରୁଛି, ନିଜର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଆପଣ ଦେଖି ପାରିନଥିବା ବା ଭଲ ଭାବରେ ଜାଣିନଥିବା କିଛି ଖବର ଏଠାରେ ପାଇଥିବେ ।

ଏହା ସହିତ ଆପଣଙ୍କୁ ଉପହାର ଦେଉଛି ଅଗଷ୍ଟ ୨୦୧୮ ମସିହାର ଆହ୍ୱାନ ଇ-ପତ୍ରିକା । ବିଗତ ସଂସ୍କରଣ ମାନଙ୍କ ଭଳି ଏହି ସଂସ୍କରଣକୁ ମଧ୍ୟ ଆପଣମାନେ ସ୍ୱାଗତ କରିବେ ବୋଲି ଆଶା କରୁଛି ।

ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

Magazine Downloaded from www.aahwaan.com

# ସୁନେଲୀ ସିଂହ

ପୂର୍ବ ପ୍ରକାଶିତ ଉତ୍ତାରୁ...

ମା ସହ ହରିଣ ଶିକାର

ଛୁଆମାନେ ବହୁତ ଅଳି କଲେ ।

ମା ଆମକୁ ଶିକାରକୁ ନିଅ । ଦୁଇ ଛୁଆ ଏକା ସାଥିରେ ମା'କୁ କହିଲେ । ଜୟ ମା ଉପରେ ବସିଲା । ମା ତଳେ ଶୋଇଥିଲା । ବିଜୟ ମା ମୁହଁରେ ନିଜ ଥୋଡିକୁ ଘଷୁଥିଲା ।

ସିଂହୀ କିଛି କହି ପାରଲା ନାହିଁ । ଛୁଆମାନେ ଏବେ ଟିକିଏ ବଡ ହୋଇ ଆସିଲେଣି । ସେମାନଙ୍କୁ ଚାଲିବାରେ କିଛି କଷ୍ଟ ହେଉନାହିଁ । ପ୍ରଥମେ ପ୍ରଥମେ ସିନା ଟିକିଏ ଚାଲି ମା ଲାଙ୍ଗୁଡ ଧରୁଥିଲେ । କିନ୍ତୁ ଏବେ ପ୍ରାୟ ମା ସହ ତାଳ ପରେ ତାଳ ପକେଇ ଚାଲିଲେଣି । ଛୁଆମାନେ ଜଲଦି ଶିକାର ଶିଖିବା ଆବଶ୍ୟକ । ସିଂହ ବା ବାଘ ଛୁଆମାନେ ଜଲଦି ଶିକାର କରିବା ଶିଖିଯାଆନ୍ତି । ଶିକାର କରିବ ଜନ୍ମଗତ ପ୍ରବୃତି ।



ଅଶୋକ ବିଶ୍ୱାଳ

ମା ବିଜୟକୁ ଟିକିଏ ଚାଟିଦେଲା । ବିଜୟ ମା ମୁହଁକୁ ନିଜର ଛୋଟ ଜିଭରେ ଚାଟୁଥିଲା । ମାକୁ ଲାଗୁଥିଲା ଯେମତି କିଏ ଏକ ଖୁବ ନରମ ହାତରେ ବାଳ ସାଉଁଳଉଛି । ବିଜୟରେ ଏହି ମୁହଁ ଚାଟିବାଟା ମାକୁ ଖୁବ ଭଲ ଲାଗେ । ଏଣେ ଜୟ ମା ଉପରେ ଏକଦମ ନାଉ ହୋଇ ବସିଥିଲା ।

 Magazine Downloaded from www.aahwaan.com

ଜୟ ଏତେ କୁହେନା କିନ୍ତୁ ବିଜୟ ସବୁ କଥାରେ ମା ପଛରେ ଥାଏ । ସେ ମାକୁ ଖୁବ ସ୍ନେହ କରେ ।

ମା ଆମକୁ ଶିକାରକୁ ନିଅ । ବିଜୟ କହୁଥିଲା ତାର ଛୁଆ ଆଖିରେ ଅନୁସନ୍ଧିତ୍ସା ଭରି ରହିଥିଲା । ସେ ପୁଣି ମା ଓଠରେ ନିଜ ଥୋଡିକୁ ଘଷିଲା । ଜୟ ମଧ୍ୟ ତଳକୁ ଡେଇଁପଡି ମା ମୁହଁ ପାଖରେ ନିଜ ମୁହଁକୁ ରଖିଦେଲା ।

ସେହି ଏକା କଥା । ସେମାମନେ ମା ପଖରେ ବହୁତ ଅଳି କରୁଥିଲେ ।

ସିଂହୀ କିଛି ସମୟ ସେମିତି ଢୁଳେଇ ପଡିଲା । ତାର ଆଖି ବନ୍ଦ ଥିଲା । ଛୁଆ ଦୁହେଁ ମାକୁ ଚାଟୁଥିଲେ ବା ମା ଦେହରେ ଘଷି ହେଉଥିଲେ । ସିଂହ ଛୁଆମାନଙ୍କର ଏମିତି ଅଳି କରିବା ଅଭ୍ୟାସ । ମା ପାଖରେ ଛୁଆମାନେ ବେଶ ସମୟ ହେଲା ଅଳି କରୁଛନ୍ତି ।

ଶେଷରେ ମା ଠିଆ ହେଲା । ଛୁଆମାନଙ୍କୁ କିଛି କହିଲାନି ଆଉ ଧିର ପାଦରେ ଚାଲିବାକୁ ଲାଗିଲା । ଦୁଇଛୁଆ କିଛି ନଭାବି ମା ପଛରେ ଚାଲିବାକୁ ଲାଗିଲେ । ଛୁଆମାନେ ବାହାରକୁ ଆସିଲେ ମା ସାଧାରଣତଃ ତାଗିଦ କରେ । କିନ୍ତୁ ଆଜି କିଛି କହୁନଥିଲା । ତା ଅର୍ଥ ମା ସେମାନଙ୍କୁ ବୁଲି ଯିବାକୁ କହୁଛି ।

ଛୁଆମାନଙ୍କର ଗୋଡ ଆଉ ଲାଗେ କି ନଲାଗେ । ଏତେଦିନ ପରେ ସେମାନେ ମା ସହ ପାଦ ମିଳାଇ ଚାଲୁଛନ୍ତି । ଆଜି ନିଜ ଆଖିରେ ଶିକାର ହେବା ଦେଖିବେ । ବଡ ଶିକାର ମାନଙ୍କୁ କେମିତି ତଂଟି ପାଖରୁ ଧରାଯାଇ ବେକ ମୋଡିକରି ରଖାଯାଏ  ଆଉ ସିଂହ ଶିକାରର ଶ୍ୱାସରୋଧ କରିଦିଏ । ଏମିତି କରିବା ଦ୍ୱାରା ଶିକାର ବେଶୀ ଆବାଜ କରିପାରେ ନାହିଁ । ମା ଶିକାର ବିଷୟରେ ବହୁତ କଥା କହିଛି । ଏଣୁ ଶିକାର କରିବାକୁ ସେମାନଙ୍କର ମନ ହାଇଁ ପାଇଁ ହେଉଥିଲା ।

 Magazine Downloaded from www.aahwaan.com

ମା ସେମାନଙ୍କୁ ଆଗକୁ ଯିବାକୁ ଦେଉନଥିଲା । ମା ସହ ସିନା ଚାଲୁଛନ୍ତି କିନ୍ତୁ ଶିକାର ପାଇଁ ଯେଉଁ ସତର୍କତା ଦରକାର ସେମାନେ ଶିଖି ନାହାନ୍ତି । ଆଗକୁ ଅନେକ ବିପଦ ଥାଇପାରେ । ଜଙ୍ଗଲରେ ପ୍ରତି ପଦରେ ବିପଦ ଅଛି । ସିଂହକୁ ବିପଦ ପଡିବନି ସେ କଥା ନୁହେଁ ।

ପିଲା ସିଂହ ଦେହେଁ ମା ପଛରେ ଚାଲିବାକୁ ଲାଗିଲେ । ଏପଟ ଜଙ୍ଗଲଟା ଟିକିଏ ଘଂଚ । ସବୁଆଡେ ଘାସ ପଡିଆ ନାହିଁ । ମଝିରେ ମଝିରେ ଠାଏ ଠାଏ ଘାସ ଅଛି । କିନ୍ତୁ ଟିକିଏ ବଡ ଗଛ ସବୁଆଡେ । ଏ ଗଛଗୁଡିକ ତେଢା ମେଢା ହୋଇ ବଢିଛନ୍ତି । ସେ ମଝିରେ ଦଳେ ହରିଣ ଚରୁଥିଲେ । କେଉଁଠି ଘାସ, ବା ଗଛରୁ ପତ୍ର ଇତ୍ୟାଦି ଖାଉଥିଲେ । ଏଠି ଖାଲି ଘାସ ମିଳେନାହିଁ । ତାଛଡା ହରିଣ ମାନଙ୍କୁ ଅନ୍ୟ ପତ୍ର ଖାଇବାକୁ ଭଲ ଲାଗେ । ଏମିତିଆ ଅଳ୍ପ ଘଂଚ ଜଙ୍ଗଲରେ ତୃଣଭୋଜୀ ପ୍ରାଣୀମାନେ ସବୁବେଳେ ବିପଦ ଭିତରେ ଥାଆନ୍ତି । ଶିକାରୀମାନେ ଖୁବ ପାଖକୁ ଆସି ଯାଇ ପାରନ୍ତି ।

ଏ ଦଳକୁ ମା ଦୂରରୁ ଦେଖିଦେଲା । ସେ ଟିକିଏ ଭଲ ଭାବରେ ଠିଆ ହେଲା । ସେଠୁ ଗଛ ଉଢାଳରେ ଏଣେ ତେଣେ କିଛି ହରିଣ ଦେଖା ଯାଉଥିଲେ । କିଛି ପଚାଶ ଷାଠିଏ ମିଟର ଦୂର ହେବ । ମା ଦୂରତାକୁ କଳିନେଲା । ଛୁଆମାନେ ଖୁବ କୌତୁହଳର ସହ ଦେଖିଲେ । ସେମାନେ କିଛି ଭଲକରି ଦେଖିପାରୁ ନଥିଲେ । ମା'ର କଥାରେ ସେମାନେ ତଳେ ପଡିଥିବା ଏକ ବଡ ଗଛ ଗଣ୍ଡି ଉପରକୁ ଚଢିଗଲେ ଆଉ ହରିଣ ଦଳକୁ ଦେଖିନେଲେ । ସେମାନଙ୍କ ଆଖି ଖୁବ ଉଜ୍ଜ୍ୱଳ ଦେଖା ଯାଉଥିଲା ।

ମା ସେମାନଙ୍କ ଆଡକୁ ଅନଇଲା । ଛୁଆ ଦୁହେଁ ତଳକୁ ଓହ୍ଲାଇ ଆସି ତଳେ ଭୂମିରେ ପେଟେଇ ପଡିଲେ । କେହି କିଛି ଶବ୍ଦ କରି ନାହାନ୍ତି । ଏ ହରିଣ ମାନଙ୍କର କାନ ଖୁବ

 Magazine Downloaded from www.aahwaan.com

ପତଳା । ଶବ୍ଦକୁ ସହଜରେ ବାରି ନେବେ । ମା ଏକ ଦମ ଭୂମିରେ ପେଟେଇ ପଡିଲା । ତାର ଆଗ ଗୋଡକୁ ଖୁବ ସାବଧାନତାର ସହ ବଢାଉଥିଲା । ଛାତି ତଳୁଆ ଆଉ କାନ୍ଧ ଉପରୁଆ ହୋଇ ଯାଇଥିଲା । ତାର ଆଖି ହରିଣ ଦଳ ଉପରେ ଲାଗିଥିଲା ।

ଗିର୍ ଅଂଚଳରେ ଅନେକ ହଜାର ହରିଣ ଅଛନ୍ତି । ଏହି ହରିଣମାନଙ୍କୁ ଗୋଡାଇ ଧରିବା ସିଂହମାନଙ୍କ ପାଖରେ ଏକଦମ୍ ସହଜ ନୁହେଁ । କାଠିକର ପାଠ । ସିଂହମାନଙ୍କର ଓଜନ ପାଖାପାଖି ୨୦୦ କିଲୋଗ୍ରାମ । ହରିଣମାନେ ଖୁବ୍ ଜୋରରେ  ଦୌଡିପାରନ୍ତି । ଆଉ ସିଂହ ଖୁବ୍ ଜୋରରେ ଲମ୍ବା ଦୌଡି ପାରେନାହିଁ । ବହୁତ ବେଶୀ ହେଲେ ୩୦୦ମିଟର ପର୍ଯ୍ୟନ୍ତ ଦୌଡିପାରେ । ଏଣୁ ଗତିର ତୀବ୍ରତା ହରିଣ ମାନଙ୍କୁ ବଂଚାଇବାରେ ସାହାର୍ଯ୍ୟ କରିଥାଏ । ହରିଣମାନେ ନିଜ ଭିତରେ ବିଭିନ୍ନ ସ୍ୱରରେ ଡକା ଡକି ହେଇଥାନ୍ତି । ଏହି ଡକା ଡକି ଦ୍ୱାରା ହରିଣମାନେ ଆସୁଥିବା ବିପଦକୁ ନିଜ ଭିତରେ ଜଣାନ୍ତି । ଦଳରେ ଜଣେ ଆଉ ଦୁଇ ଜଣକୁ ସାହାଯ୍ୟ କରିବାର ନୀତି ଯୋଗୁଁ ହରିଣମାନେ ନିଜକୁ ରକ୍ଷା କରିପାରନ୍ତି ।

ଯଦି ହରିଣ, ସିଂହ ବା କଲରାପତରିଆ ବାଘକୁ ଦେଖି ଦିଏ ତାହାହେଲେ ବିପଦର ଡାକ ଦେଇଚାଲେ । ଯେ ପର୍ଯ୍ୟନ୍ତ ତା ଆଖିରେ ସିଂହ ବା କଲରାପତରିଆ ବାଘ ଦେଖା ଯାଉଥାଏ ସେ ପଯ୍ୟନ୍ତ ଏହା ଡାକି ଚାଲିଥାଏ । କଲରାପତରିଆ ବାଘକୁ ଦେଖିଲେ ହରିଣ ବେଶୀ ସମୟ ଡାକିଚାଲିଥାଏ କାରଣ କଲରାପତରିଆ ବାଘ ଖୁବ୍ ଜୋରରେ ଦୌଡି ଆସିପାରେ ଆଉ ଛପି ଛପି ଖୁବ୍ ସହଜରେ ଶିକାର କରିପାରେ । ତେଣୁ କଲରାପତରିଆ ବାଘ ପାଇଁ ହରିଣମାନେ ଅତିରିକ୍ତ ସତର୍କତା ଗ୍ରହଣ କରିଥାନ୍ତି ।

ସିଂହମାନଙ୍କୁ ଦେଖିଲେ ହରିଣ ଲମ୍ବା ଡାକ ଦିଏ । ମଝିରେ ମଝିରେ ରହିଯାଏ । ତେଣୁ ହରିଣର ଡାକରୁ ଜଣାପଡିଯାଏ ଆଗରେ ସିଂହ ଅଛି ବା କଲରାପତରିଆ ବାଘ ଅଛି । ଏହି

 Magazine Downloaded from www.aahwaan.com

ଅନୁସାରେ ଦଳର ଅନ୍ୟ ସଦସ୍ୟମାନେ ପ୍ରସ୍ତୁତ ହୋଇ ରୁହନ୍ତି । ଯଦି କେହି ଶିକାରି ପ୍ରାଣୀକୁ ଦେଖନ୍ତି ତାହାହେଲେ ହରିଣମାନେ ନିଜର ଲାଙ୍ଗୁଡକୁ ଉଠାଇ ଦିଅନ୍ତି । ଆଗ ଗୋଡରେ ମାଟିକୁ ଖୁରାରେ ବାଡେଇ ଚାଲନ୍ତି । ଏହି ବାଡେଇବାର ଅର୍ଥ ହେଉଛି ଅନ୍ୟ ସଦସ୍ୟମାନେ ଜାଣନ୍ତୁ ଆମର ଦୌଡିବାର ସମୟ ଆସିଗଲାଣି । ଆଉ ସବୁ ସଦସ୍ୟ ବିପଦର ଦିଗକୁ ଧ୍ୟାନ ମଧ୍ୟ ଦିଅନ୍ତୁ । ଯେତେବେଳେ ବିପଦ ଜଣାପଡେ ସବୁ ସଦସ୍ୟ ସେହି ଦିଗକୁ ଅଧିକ ଧ୍ୟାନ ଦେଇଥାନ୍ତି ।

ହରିଣର ଏହି ବଂଚିବାର ପ୍ରଣାଳୀ ଅନ୍ୟ କେତେକ ତୃଣଭୋଜୀ ମାନଙ୍କର କାମରେ ଆସେ । ଏହି ହରିଣ ମୟୂର, ହନୁମାଙ୍କଡ ଆଦି ପ୍ରାଣୀଙ୍କ ଠାରୁ ବିପଦର ସଙ୍କେତ ପାଇଥାଏ । ଗଛ ଉପରୁ ଯଦି କେହି ଶିକାରି ଦେଖାଯାଏ ତେବେ ହନୁମାଙ୍କଡମାନେ ବିପଦର ଡାକ ଦେଇଥାନ୍ତି । ସେମାନେ ଗଛ ଡାଳରେ ଡିଆଁ ଡେଇଁ କରିଥାନ୍ତି । ତଳେଥିବା ହରିଣ ମାନେ ଏହା ଦ୍ୱାରା ବିପଦର ଆସିବା ଜାଣିପାରନ୍ତି ।

ଏଣେ ହରିଣମାନେ ଟିକିଏ ଏପଟ ସେପଟ ହୋଇ ଖାଉଥିଲେ । କିଛି ହରିଣ ପ୍ରାୟ ଠିଆ ହୋଇ ମଝିରେ ମଝିରେ ଗଛ ପତ୍ର ଖାଉଥିଲେ । ସେମାନଙ୍କ ଲାଂଜ ଆଉ କାନ ଗୁଡିକେ ଖୁବ ହଲୁଥିଲା । ମଝିରେ ମଝିରେ ଏଣେ ତେଣେ ଅନାଉ ଥିଲେ । ଖାଇଲାବେଳେ ଜଣେ ଜଣଙ୍କ ସହ ଲଢାଇ ଝଗଡା କରେ ନାହିଁ । ହରିଣମାନେ ଖୁବ ଜଲଦି ଖାଇ ଦିଅନ୍ତି । କେତେବେଳେ କିଛି ଘଟି ଯାଇପାରେ । ସେମାନଙ୍କ ପାଖରେ ବିପଦ ଅଛି ବୋଲି ଜାଣି ପାରୁ ନଥିଲେ ।

ସିଂହୀ ଖୁବ ସାବଧାନତାର ସହ ହରିଣ ଦଳକୁ ଲକ୍ଷ୍ୟ କରିଥିଲା ଆଉ ପେଟେଇ ପେଟେଇ ଆଗଉଥିଲା । କିଛିଶବ୍ଦ କେମିତି ନହେବ ସେ ବିଷୟରେ ଖୁବ ସାବଧାନ ଥିଲା ।

 Magazine Downloaded from www.aahwaan.com

ମଝିରେ ମଝିରେ ରହିଯାଇ ଉଣ୍ଡି ଦେଖୁଥିଲା । ଛୁଆ ଦୁହେଁ ଖୁବ ଶାନ୍ତ ଶିଷ୍ଟ ପିଲା ଭଳି ମା କଥା ମାନି ଶବ୍ଦ ନକରି ଦୁରରେ ରହିଥିଲେ । ସେମାନେ ମା ପଛେ ପଛେ ଆସୁ ନଥିଲେ । ଏତେ ଶାନ୍ତ ସୁଧାର ହୋଇପାରନ୍ତି ବୋଲି କେହି ବିଶ୍ୱାସ କରନ୍ତା ନାହିଁ । ତା ଛଡା ଛୁଆମାନେ ଶିକାର ପାଖକୁ ଆସିଲେ ସାବଧାନତା ଗ୍ରହଣ କରି ପାରିବେ ନାହିଁ ।

ଛୁଆଦୁହେଁ ମାକୁ ଏଡେ ଏଡେ ଆଖିରେ ଆନଇଥିଲେ । ମା ପେଟେଇ ପେଟେଇ ହରିଣ ଦଳର ଏକଦମ ପାଖକୁ ଆସିଲା । ଉପରେ କିଛି ମାଙ୍କଡ ଥିଲେ । ସେମାନେ ଏଣେ ତେଣେ ଡେଉଁଥିଲେ ଆଉ ସେମିତି କିଛି କିଛି କାରଣ ନଥାଇ ଡାଳ ଭାଙ୍ଗୁଥିଲେ । ସେ ହରିଣ ଆଉ ହନୁମାଙ୍କଡ ସଂପର୍କ ଖୁବ ବଡ ମଜାଳିଆ ହୋଇଥିଲା । ହନୁ ମାଙ୍କଡଟି ଉପରେ ବସିଥାଏ । ତା ହାତ ଖୁବ୍ ଜଲଦି ଏପଟ ସେପଟ ହେଉଥାଏ । ହାତରେ ସେ କିଛି ଟାଣି ଆଣୁଥାଏ । ଗଛ ଡାଳ, ଫଳ ତୋଳି ଆଣୁଥାଏ । ସେଥିରୁ କିଛି ଖାଉଥାଏ ଆଉ ଅଧିକାଂଶ ଫୋପାଡି ଦେଉଥାଏ । ହନୁମାଙ୍କଡର ଲାଙ୍ଗୁଡଟା ପଛକୁ ଲମ୍ବିଯାଇଥାଏ । ସେ ଡାହାଣ ହାତରେ ଧରି କିଛି ଗୋଟାଏ ଜୋର୍ କରି ଖାଇବାକୁ ଚେଷ୍ଟା କରୁଥିଲା । ତା'ର ହଳଦିଆ ଦାନ୍ତଗୁଡା ପରିଷ୍କାର ଦେଖାଯାଉଥିଲା । ତଳେ ହରିଣଟିଏ ଏକ ଲୟରେ ହନୁମାଙ୍କଡକୁ ଅନାଇ ରହିଥିଲା । ତା ମୁଣ୍ଡ ବଙ୍କା ହୋଇଯାଇଥାଏ । ଶିଙ୍ଗ ଗୁଡିକ ତଳୁଆ ହୋଇ ଯାଇଥିଲା । ମଝିରେ ମଝିରେ ହନୁମାଙ୍କଡ ଖାଉଥିବା କିଛି ଜିନିଷ ତଳେ ପଡିଯାଇଥିଲା । ହରିଣ ଅଧାଖିଆ ଫଳ ବା ଅଧାଖିଆ ଡାଳକୁ ବଡ ଖୁସିର ସହ ଖାଉଥିଲା । ହନୁମାଙ୍କଡ ଆଉ ହରିଣର ଏହି ସଂପର୍କ ଦେଖି ବଡ ଆଶ୍ଚର୍ଯ୍ୟ ଲାଗେ । ଉପରେ ହନୁମାଙ୍କଡ଼ ଖାଇବା ସହ ସବୁଆଡକୁ ନିଘା ରଖିଥାଏ । ହନୁମାଙ୍କଡ ମାନଙ୍କର ଅଭ୍ୟାସ ହେଲା କିଛି ସମୟ ଖାଇବେ, ଅସ୍ଥିର ହୋଇ ଏଣେ ତେଣେ ଦୌଡିବେ, ଡେଇଁବେ ପୁଣି ବସିବେ ପୁଣି ଖାଇବେ । ଖାଇବା

 Magazine Downloaded from www.aahwaan.com

ବେଳେ ଡାଳର ଉପରେ ବସି ରୁହନ୍ତି । ତେଣୁ ଖୁବ୍ ଦୂରକୁ ଦେଖି ପାରନ୍ତି ।

ସେ ହନୁମାଙ୍କଡ଼ର ଗୋଡଟା ବଙ୍କେଇ ଯାଇଁ ଗୋଟିଏ ଡାଳକୁ ଧରି ରଖିଥିଲା ଆଉ ପିଚାରେ ସେ ଗୋଟିଏ ମୋଟା ଡାଳ ଉପରେ ବସିଥିଲା । ଦାନ୍ତେଇ କିଛି କିଛି ଖାଇ ଚାଲୁଥିଲା । ହରିଣଟି ମୁଣ୍ଡ ହଲାଇ ଉପରକୁ ଉଠାଇଲା ଟିକିଏ ହଲାଇଲା । ତଳେ କିଛି ନରମ ଡାଳ ପଡିଲା । ଆଉ ତାକୁ ହରିଣ ସାଙ୍ଗେ ସାଙ୍ଗେ ଖାଇନେଲା । ତଳେ ଭୂମିରେ ଘାସ ଗୁଡିକ ଶୁଖି ଆସିଥିଲା । ଶୁଖିଲା ଘାସରେ ବହୁତ ପୌଷ୍ଟିକତା ନଥିବ । ଉପରେ ତଥାପି ବି ଗଛ ଡାଳ ଗୁଡିକ ସବୁଜ, ସେଠି ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଖାଦ୍ୟ ଅଛି । ତଳେ କିଛି ହରିଣ ସେଇ ଡାଳର ଲାଗିଥିବା ପତ୍ରପାଇଁ ଅପେକ୍ଷା କରି ରହୁଥିଲେ । ଗଛ ଅଗର ନରମ ପତ୍ର ଖୁବ ସୁଆଦିଆ । ହରିଣମାନେ ସାଙ୍ଗେ ସାଙ୍ଗେ ସେଇ ପତ୍ରସବୁକୁ ଖାଇ ଦେଉଥିଲେ । ଉପର ପତ୍ର ଆଢୁଆଳ ଯୋଗୁ ମାଙ୍କଡ ମାନେ ଦୂରରୁ ସିଂହୀକୁ ପାଖେଇ ଆସିବା ଜାଣି ପାରିଲେ ନାହିଁ ।

ଏଣେ ସିଂହୀ କେଇ କୁଦା ଦୂରରେ ଥିଲା । ତା'ର ଆଖି ହରିଣ ଦଳ ଉପରେ ଲାଗିଥିଲା । ତା'ର ଖୋଜ ଖୁବ ସାବଧାନର ସହ ପଡୁଥିଲା । ସେ ଆଗେଇବା ସହ ନିଜକୁ କେଉଁ ବୁଦା ବା ଡାଳ ପଛରେ ଲୁଚାଇ ରଖୁଥିଲା । କେବେବି ଖୋଲା ଯାଗାକୁ ଆସୁ ନଥିଲା । ଖୋଲା ଯାଗାକୁ ଆସିଲେ ଉପରୁ ମାଙ୍କଡମାନେ ସହଜରେ ଲକ୍ଷ୍ୟ କରିନେବେ ଆଉ ସେମାନଙ୍କ ବିପଦ ଡାକରେ ହରିଣମାନେ ସାବଧାନ ହୋଇଯିବେ । ସେ ଏକ ଛୋଟ ପାଣିମୁନ୍ଦା ପାଖରେ ଥିବା ପଛରେ ଲୁଚିଗଲା । ସେଇଠୁ କେଇ କ୍ଷେପାରେ ଏକ ଅସାବଧାନ ହରିଣକୁ ଧରନେଇ ହେବ ।

ଏବେ ହରିଣମାନେ ପ୍ରାୟ ଖାଇ ସାରିଥିଲେ । କିଛିଙ୍କୁ ଶୋଷ ଲାଗୁଥିଲା । ଯାଗାଟା ଟିକିଏ ଖୋଲା । ପାଣି ପ୍ରାୟ ଏକ ବୁଦା ପାଖରେ ଏକାଠି ହୋଇଥିଲା । ହରିଣମାନେ

 Magazine Downloaded from www.aahwaan.com

ଖୋଲାଯାଗା ପଟୁ ପାଣି ପିଇବା ଆରମ୍ଭ କଲେ । ସହଜରେ ସେମାନଙ୍କୁ ଜଙ୍ଗଲ ପଟୁ କିଏ ହଠାତ୍ ଆକ୍ରମଣ କରି ପାରିବ ନାହିଁ ।

ସେଇ ପାଣି ପାଖ ବୁଦାରେ ସିଂହୀ ଛକି ରହିଥିଲା । ଗୋଟାଏ ଦୁଇଟା ହରିଣ ସେପଟେ ପିଇବାକୁ ଯାଗା ନପାଇ ବୁଦା ପଟକୁ ଆସିଗଲେ । ସେମାନଙ୍କ ଆଖି ପାଣି ଉପରେ ଲାଗି ରହିଥିଲା ଆଉ ମେ ମଝିରେ ମଝିରେ ବୁଦା ଆଉ ଅନ୍ୟ ଗଛ ଉପରେ ମଧ୍ୟ ବୁଲିଥିଲା । ଏଣେ ସିଂହୀ ନିଜକୁ ଏକଦମ ସ୍ଥିର କରିଦେଉଥିଲା । ହରିଣମାନେ ତାର ଉପସ୍ଥିତି ନଜାଣି ପାରନ୍ତ । ଏମିତି କିଛି ସମୟପରେ ସେ ହରିଣକୁ ଧରିନେବ । ହରିଣମାନେ ପାଣି ପିଉ ପିଉ ସେ ଆଉ ଦୁଇ ଖୋଜ ଆଗେଇ ଆସିଲା । ସେତେବେଳକୁ ସେ ଟିକିଏ ଖୋଲାକୁ ଆସି ଯାଇଥିଲା । ଉପରୁ ଡେଉଁଥିବା ହରିଣମାନେ ତାକୁ ଦେଖିଦେଲେ । ସେମାନେ ଖୁବ ଜୋରରେ ଚିତ୍କାର କରି ଉଠିଲେ । ହରିଣମାନେ ଏକଦମ ଡେଇଁ ପଡିଲେ । ସିଂହୀ ଆଉ କ୍ଷଣମାତ୍ର ବିଳମ୍ବ ନକରି ଏକ ତୀର ଭଳି ନିଜ ଲୁଚିବା ଯାଗାରୁ ଛୁଟିଗଲା । ଗୋଟିଏ ଛୋଟିଆ ହରିଣ ବୁଲୁ ବୁଲୁ ସିଂହୀ ତା ଉପରକୁ ଡେଇଁ ପଡିଲା । ହରିଣଟି ତାର ଓଜନ ସମ୍ଭାଳି ନପାରି ତଳେ ପଡିଗଲା ଆଉ ସିଂହୀ ତା ସରୁ ଗଳାକୁ ନିଜ ତୀକ୍ଷଣ ଦାନ୍ତରେ ଫୁଟାଇଦେଲା । ମୁହୂର୍ତରେ ହରିଣର ମୃତ୍ୟୁ ହେବ । ତାର ଗୋଡ ଛଟପଟ ହେଉଥିଲା ଆଉ ଗଳା ସିଂହୀର ବିରାଟ ମୁହଁରେ ଥିଲା ।

ଅନ୍ୟ ହରିଣମାନେ ଚିତ୍କାର କରି ପଳାଇଲେ । ଉପରୁ ମାଙ୍କଡମାନେ ବିପଦର ଡାକ ଦେଉଥିଲେ ଆଉ ଖୁବ ଜୋରରେ ଡେଉଁଥିଲେ । ସିଂହୀ ହରିଣକୁ ମୁହଁରେ ଧରି ଛୁଆମାନେ ଲୁଚିଥିବା ଯାଗାକୁ ଟାଣି ଆଣିଲା । ଛୁଆମାନେ ମା ମୁହଁରେ ହରିଣ ଦେଖି ତା ଆଡକୁ ଛୁଟି ଆସିଲେ । ମା ଟିକିଏ ଖୋଲା ଯାଗାରେ ଥିଲା । ଛୁଆ ମାନଙ୍କୁ ଦେଖି ମା ମଲା ହରିଣକୁ

 Magazine Downloaded from www.aahwaan.com

ତଳେ ପକାଇ ଦେଲା । ଛୁଆମାନେ ହରିଣର ବେକକୁ କାମୁଡି ଧରିଲେ ଆଉ ରକ୍ତ ଚାଟିଲେ । ଏମିତି ସେମାନେ ହରିଣକୁ ମାରିବାର କଳା ଶିଖୁଥିଲେ । ଶିକାରକୁ ଗଳାରୁ ଧରିଲେ ସହଜରେ ମାରି ହୁଏ । ସେମାନେ ଏମିତି ବେକ ଧରି ଆଉ ଛାଡି ମାରିବା କଳା ଶିଖୁଥିଲେ ।

ମା ଛୁଆମାନଙ୍କୁ ଶିକାର ସହ ଖେଳିବାକୁ ଛାଡିଦେଲା । ସେମାନେ ଶିକାରକୁ କାମୁଡିବା ଝୁଣିବା ଇତ୍ୟାଦି କରୁଥିଲେ । କେତେବେଳେ ଖୁବ ଜୋରରେ କାମୁଡୁଥିଲେ ତ କେତେବେଳେ ଛାଡି ଦେଉଥିଲେ । ଏଣେ ମା ଶିକାରକୁ ଛାଡିଦେଇ ଶୋଇପଡିଲା । ଛୁଆ ଦୁହେଁ ମଲା ହରିଣ ସହ କେତେ ସମୟ ଯାଏ ଖେଳିଲେ । ତାପରେ ଚମଡା ଛଡାଇ ଖାଇବାକୁ ଆରମ୍ଭ କଲେ । ଗୋଟିଏ ଛୁଆ ପେଟ ଭରି ଖୁବ ଜଲଦି ଖାଇନେଲା । ଅନ୍ୟ ଛୁଆଟି ହରିଣର ବେକ ଧରି କିଛି ଦୂର ଟାଣିନେଲା । ତାପରେ ତଳେ ବସି ଖାଇବାକୁ ଲାଗିଲା । ତାର ପେଟ ଖୁବ ଜୋରରେ ଫୁଲିଗଲା । ସେ ମା ପାଖକୁ ଆସି ଘଷି ହୋଇ ଶୋଇଲା ।

ମା ସେମାନଙ୍କୁ ଟିକେ ଚାଟିଲା । ତାପରେ ମା ଆଉ ପୁଅଦୁହେଁ ପାଣି ପିଇନେଲେ । ସେମାନେ ପାଣି ପାଖରେ ପେଟେଇ ପଡି ଜିଭରେ ଚାକୁ ଚାକୁ କରି ପାଣି ପିଅନ୍ତି । ପାଣି ପିଇଲା ପରେ ଛୁଆ ଦୁହେଁ ମାକୁ ଘଷି ହୋଇ ଶୋଇଗଲେ । ଜଣେ ମା କୋଳ ଭିତରେ ମୁହଁ ଲୁଚାଇ ଦେଲା ଆଉ ଆର ଜଣ ମା ମୁହଁରେ ମୁହଁ ଲଗାଇ ଶୋଇଗଲା । ସେମାନେ ଏମିତି ଅନେକ ସମୟ ଯାଏ ଶୋଇ ରହିବେ ।

କ୍ରମଶଃ

 Magazine Downloaded from www.aahwaan.com

# ଦୋଷୀ କିଏ ?

ମୁଁ ସର । ତଳ ସାହି ମୁଣ୍ଡା ପରିବାର ର ବୋହୁଟିଏ । ବୟସ ୫୭ ବର୍ଷ । ଆପଣମାନଙ୍କୁ ମୋ ବିଷୟରେ କିଛି ଜଣେଇବାକୁ ଚାହୁଁଛି ।

ମୋର ମନେ ଅଛି, ବିବାହର ୧୦ ବର୍ଷ ପରେ ବି ମୋ କୋଳରେ ଛୁଆ ଟିଏ ନ ଥାଏ ।

ଶାଶୁଶଶୁରଙ୍କ ଗଞ୍ଜଣାକୁ ସାହି ପଡିଶାଙ୍କ ଟାହିଟାପରା ଶୁଣି ଶୁଣି କାନ ତାବଦା ହୋଇଯାଇଥା ।

ଏପଟେ ସ୍ୱାମୀ ବି ଦୂର ଦୂର ମାର ମାର କରୁଥାଏ । ହେଲେ କଣ ହେବ ? ଉପରବାଲାର ଆଶୀର୍ବାଦ ବିନା କଣ କିଛି ହେଇଛି ? ବହୁତ ପୂଜାପାଠ, ବ୍ରତ କରୁଥାଏ । ମାନସିକ ରଖୁଥାଏ, ଉପବାସ କରୁଥାଏ । କାଳେ ମୋ କଥା ଠାକୁର ଶୁଣିବେ ।



ସସ୍ମିତା ସାହୁ

ସେଦିନ ଥିଲା ସଂକ୍ରାନ୍ତି । ମୁଣ୍ଡଟା କାଇଁ ବୁଲେଇ ଦେଲା । ଭାବିଲି ସକାଳୁ ଖାଇ ନ ଥିଲି, ସେଥିପାଇଁ ବୋଧେ ଏମିତି ଲାଗୁଛି । ଏହା ଭାବି ଖାଇବା ପାଇଁ ରୋଷେଇ ଘରକୁ ଚାଲିଗଲି ।

ଆରାମରେ ପିଢା ଉପରେ ବସି ଗଣ୍ଡେ ଖାଇଦେଲି । ୧୦/୧୫ ମିନିଟ ଯାଇଛି କି ନାହିଁ, ବାନ୍ତି ହେବାକୁ ଲାଗିଲା । ମୋତେ ଭାରି ଦୁର୍ବଳ ଲାଗୁଥାଏ । ବାନ୍ତି ହେବା ଦେଖି ଶାଶୁ ଦୌଡ଼ି ଆସିଲେ । ସେ ଜାଣି

 Magazine Downloaded from www.aahwaan.com

ପାରିଲେ ବୋଧେ ମୁଁ ମା' ହେବାକୁ ଯାଉଛି । ଖୁସିରେ ଶଶୁର ଓ ସ୍ୱାମୀକୁ ମଧ୍ୟ ଡାକି ପକେଇଲେ । "ଦୌଡ଼ି ଆସ, ଆମ ଘରକୁ କହ୍ନେଇ ଆସୁଛି ।" ଏହା ଶୁଣି ସମସ୍ତେ ଖୁସିରେ ବିଭୋର ହୋଇଗଲେ ।

ସମୟ ଗଡି ଚାଲିଲା । ବାନ୍ତି ହେବାର ଠିକ ୭ ମାସ ୧୦ ଦିନ ପରେ ।

ମୁଁ ଘରେ ପୁଅଟିଏ ଜନ୍ମ ଦେଲି । କାରଣ ସେତେବେଳେ ଡାକ୍ତରଖାନାର ସୁବିଧା ନଥିଲା । ପରିବାରରେ ଏବେ ସମସ୍ତେ ଖୁସି । ପୁଅ ନାଁ ଦେଲୁ କାହ୍ନା ।

ପୁଅଟି ଧିରେ ଧିରେ ବଡ଼ ହେଲା । ଗାଁ ବିଦ୍ୟାଳୟରେ ପଢିଲା । ପୁଅ ଯେତେବେଳେ ୭ମରେ ପଢୁଥିଲା, ସେତେବେଳେ ତା' ବାପା ଚାଲିଗଲେ । କୋଇଲା ଖଣିରେ କାମ କରୁଥିବା ବେଳେ ଦୁର୍ଘଟଣାରେ ତାଙ୍କର ପ୍ରାଣ ଚାଲିଗଲା । ଖଣି ମାଲିକ କିଛି ଟଙ୍କା ଦେଇଥିଲେ, ସେଇଥିରେ ପରିବାର କଷ୍ଟେ ମଷ୍ଟେ ଚଳୁଥିଲା ।

ପୁଅ ଯିବା ଚିନ୍ତାରେ ଶାଶୁ ଚାଲିଗଲେ । ଆଉ ଠିକ ଗୋଟିଏ ବର୍ଷ ପରେ ଶଶୁର ଡେଙ୍ଗୁରେ ଚାଲିଗଲେ । ଏବେ ପରିବାର କହିଲେ ମୁଁ ଆଉ ମୋ ପୁଅ । ପାଖରେ ଟଙ୍କାପଇସା ନଥାଏ । ଧାର ଉଧାର କରି କେତେଦିନ ଚଳିଥାନ୍ତ ।

ଏପଟେ ପୁଅର ପାଠପଢା । ଆଉ ପାରିଲିନି, ପୁଅର ପାଠପଢା ୮ମ ଶ୍ରେଣୀ ପରେ ବନ୍ଦ କରିଦେଲି । ପୁଅ ଘରେ ରହିଲା, ମା' ପୁଅ ଚଳିବୁ କେମିତି ? କିଛି ବୁଦ୍ଧିବାଟ ଦେଖା ଯାଉନଥାଏ । ଶେଷରେ ସ୍ୱାମୀ କାମ କରୁଥିବା ଖଣିକୁ, ଦିନ ମଜୁରିଆ ହିସାବରେ କାମ କରିବାକୁ ଗଲି । ଦିନକୁ ୫୦ ଟଙ୍କା । ସେତିକି ଟଙ୍କାରେ ଟାଣି ଓଟାରି ହୋଇ ଚଳିବାକୁ ପଡେ । ବାଧ୍ୟ ହୋଇ ପୁଅକୁ ଗୋଟେ ଦୋକାନକୁ କାମ କରିବାକୁ ପଠାଇଲି ।

ସେଠାରେ ସେ ୨ ମାସ କାମ କରିଛି କି ନାହିଁ, ଛାଡି ଚାଲି ଆସିଲା । ପୁଣି ଗୋଟିଏ

 Magazine Downloaded from www.aahwaan.com

ଗ୍ୟାରେଜକୁ ପଠେଇଲି । ଗାଡ଼ି ଧୁଆ ଧୁଇ କଲେ କିଛି ଟଙ୍କା ମିଳିଯିବ । ସେଠି ସେ ୬ ମାସ କାମ କଲ । କିଛି ଟଙ୍କା ଚଳିବାକୁ ମିଳିଯାଉଥିଲା । ହେଲେ କିଛି କୁସଙ୍ଗରେ ପଡ଼ି ମଦ ଗଂଜେଇର ନିଶାରେ ପଡିଗଲା ।

ମୋତେ ଚାରିଦିଗ ଅନ୍ଧାର ଦେଖାଗଲା । କଣ କରିବି ? ଜାଣି ଶୁଣି କ'ଣ ତା' ଜୀବନଟା ନଷ୍ଟ କରି ଦେଇଥାନ୍ତି । ଗ୍ୟାରେଜ ଯିବା ବନ୍ଦ କରିଦେଲି । ତାକୁ ଘରେ ରଖି କାମ କରିବାକୁ ଯାଏ ।

ଘରେ ଏକୁଟିଆ ରହିଲା ସତ ହେଲେ, ନିଶା ନେବା ଛାଡିଲା ନାହିଁ । ବରଂ ଘରକୁ ସାଙ୍ଗ ମାନଙ୍କୁ ଡାକି ଆଖ ପାଖରେ ଥିବା ଲୋକଙ୍କୁ ହଇରାଣ କଲା । ମୋତେ ଏ ସବୁ ଭଲ ଲାଗୁ ନ ଥାଏ । ଏବେ ମୁଁ ସ୍ଥିର କଲି, ତାକୁ ସାଙ୍ଗରେ ନେଇ କାମକୁ ଯିବି । ସେଠାରେ କୁହା ବୋଲା କରି ଗୁମାସ୍ତାଙ୍କୁ, ପିଲାଟାକୁ କାମରେ ରଖିଦେବି । ମୋ ଆଖି ଆଗରେ ରହିବ ଏବଂ ଦି ପଇସା ବି ରୋଜଗାର ହେଇଯିବ । ସେ ମୋ ସହିତ କାମକୁ ଆସିଲା । କାମ ବି କଲା କିଛିଦିନ । ତା ପରେ ଧିରେ ଧିରେ ଠକିବାକୁ ଲାଗିଲା । କାମ ନ କରି ଏପଟ ସେପଟ ହେଲା ।

ଦିନେ କୋଇଲା ବୋଝକୁ ରଖିକି ମୁଁ ବିଶ୍ରାମ ନେଉଥାଏ ଗଛ ତଳେ । ହଠାତ କାହାର ଚିତ୍କାର ଶୁଭିଲା, ମୁଁ ଡରି ଇଆଡ଼େ ସିଆଡେ ଚାହିଁଲି । ଶବ୍ଦ ସାମ୍ନାରେ ଥିବା ବଡ ବରଗଛ ପଛ ପଟୁ ଆସିଲା ଭଳି ଲାଗିଲା ।

ମୁଁ ଧିରେ ଧିରେ ଗଛ ପାଖକୁ ଗଲି । ଆଉ ଯାଇ ଯାହା ଦେଖିଲି, ମୁଣ୍ଡ ଘୁରିଗଲା । କାହ୍ନା ଗୋଟିଏ ମହିଳା ସହିତ ବଳାତ୍କାର କରିବାକୁ ଚେଷ୍ଟା କରୁଛି । ଆଉ ସେ ମହିଳାଟି ବଞ୍ଚାଓ ବଞ୍ଚାଓ ବୋଲି ପାଟି କରୁଛି । ଦେଖି ଅଧର୍ଯ୍ୟ ହୋଇ ପଡିଲି । କାହ୍ନାକୁ ମନାକଲି

 Magazine Downloaded from www.aahwaan.com

ଶୁଣିଲାନି । ଗୋଡ ହାତ ଧରି ନେହୁରା ହେଲି, ମାନିଲାନି । ମୋତେ ଛାଟି ଫୋପାଡ଼ି ଦେଲା ।

ମୁଁ ସହି ପାରିଲିନି । ମୋ ବିବେକ ମୋତେ ବାଧା ଦେଲା । ପାଖରେ ପଡିଥାଏ ବଡ କୋଇଲା ମୁଣ୍ଡାଟିଏ । ଦି'ହାତରେ ଉଠାଇ କଚାଡି ଦେଲି କାହ୍ନା ମୁଣ୍ଡ ଉପରେ । ଧାର ଧାର ହୋଇ ରକ୍ତ ବୋହିଗଲା । ଆଉ ବା କଣ କରିଥାନ୍ତି ।

ନାରୀ ହୋଇ କଣ ନାରୀର ସର୍ବସ୍ୱ ଲୁଟିବାର ଦେଖିଥାନ୍ତି । ମୁଁ ଯଦି ମୋ ଜାତିକୁ ସାହାଯ୍ୟ ନ କରେ, ସୁରକ୍ଷା ନ ଦିଏ କିମ୍ବା ନ୍ୟାୟ ନ ଦିଏ... ତେବେ ମୁଁ କି ନାରୀ ?

ଏତେ ଦିନ ପରେ ପୁଅଟିଏ ହୋଇଥିଲା । କେତେ ଗେଲବସରରେ ପାଳିଥିଲି । ନାଁ ଦେଇଥିଲି କାହ୍ନା । ହେଲେ ସେ କଣ କଲା । ଜଣେ କାହ୍ନା ମା'କୁ କାରାଗରରୁ ମୁକ୍ତ କରି ଥିଲା । ଆଉ ଜଣେ ଆଜି ମା'କୁ ଖୁନି ସଜେଇ କାରାଗାରରେ ବନ୍ଦୀ କରିଛି । ମୁଁ ଆଜି ସହରର କାରାଗାରରେ ବନ୍ଦିନୀଟିଏ । ପୁତ୍ରହନ୍ତା ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଛ । ଏବେ କୁହନ୍ତୁ ମୁଁ କଣ ଭୁଲ କଲି ?.........

 Magazine Downloaded from www.aahwaan.com

# ଗୁରୁଦକ୍ଷିଣା



ସୁଷମା ପରିଜା

ସକାଳର ଟେଲିଫୋନ୍ ଘଣ୍ଟିଟା ଭାରି ବିରକ୍ତିକର । ମୋବାଇଲ୍ ଫୋନ୍ କୁ ସେମିତି ବାଜିବାକୁ ଛାଡି ଦେଇ  କାନରେ ତକିଆକୁ ଚାପି ଧରି ଆଉ ଟିକେ ଶୋଇବାକୁ ଚେଷ୍ଟା କଲା ଶ୍ୟାମଳେନ୍ଦୁ । ମୋବାଇଲ୍ ବି ଛାଡିବାର ଜନ୍ତୁ ନୁହଁ, ଲଗାତାର ବାଜି ଚାଲିଛି ତ ଚାଲିଛି । ପ୍ରଚଣ୍ଡ ବିରକ୍ତିରେ ଛାତି ଉପରୁ ଚଦରଟାକୁ ଫୋପାଡି ଦେଇ ଉଠିପଡିଲା ଶ୍ୟାମଳେନ୍ଦୁ । ମୋବାଇଲଟି ଉଠେଇ ଆରପଟେ ଥିବା ଲୋକକୁ ଦି'ପଦ ଶୁଣେଇବାକୁ ଯାଉଥିଲା ବେଳେ ନାରୀ କଣ୍ଠର କୋମଳ ସ୍ୱର ଶୁଣି ଅଟକି ଗଲା ସେ । ସେପଟରୁ ଭାସି ଆସୁଥିଲା କୋହଭରା କଣ୍ଠର ଆକୁଳ ନିବେଦନ, "ବାପା ଚାଲିଗଲେ, ଶୀଘ୍ର ଆସନ୍ତୁ ।" ନିଦ ଛାଡିଗଲା ଶ୍ୟାମଳେନ୍ଦୁ ଆଖିରୁ । ଅଧା ନିଦରେ ବି ସେ ଠିକ୍ ଚିହ୍ନି ପାରିଥିଲା ଶର୍ବରୀର କଣ୍ଠସ୍ୱର । କୌଣସି ପ୍ରକାରେ ପ୍ୟାଣ୍ଟ ସାର୍ଟ ହଳକ ଦେହରେ ଗଳେଇ ବାଇକ୍‌ଟି ଧରି ଧାଇଁଲା ହରିସାରଙ୍କ ଘରକୁ । ସେଠି ପହଞ୍ଚିଲା ବେଳକୁ ଅଗଣାରେ ଲାଗିଛି ପ୍ରବଳ ଭିଡ । ଭିଡ ଠେଲି ଆଗେଇ ଗଲା ଶ୍ୟାମଳେନ୍ଦୁ, ଦେଖିଲା ବାରଣ୍ଡାରେ ପଡିଥିବା ଖଟିଆଟି ଉପରେ ଶୋଇ ରହିଛନ୍ତି ହରି ସାର୍ । ଗୋଡ ତଳକୁ ବସି ମୁଣ୍ଡ ପିଟି କାନ୍ଦି କାନ୍ଦି ଗଡି ଯାଉଛନ୍ତି ସାରଙ୍କ ସ୍ତ୍ରୀ, ଖଟିଆର ଦୁଇ ପଟରେ  ଛିଡା ହୋଇ ଆଖିରୁ ଲୁହ

 Magazine Downloaded from www.aahwaan.com

ଗଡାଇ କ୍ଇଁ କଇଁ ହୋଇ କାନ୍ଦି ଚାଲିଛନ୍ତି ସାରଙ୍କର ମଝିଆଁ ଝିଅ ସରଳା ଆଉ ସାନ ଝିଅ ମାନିନୀ, ସାରଙ୍କର ବଡଝିଅ ଶର୍ବରୀ ମୁଣ୍ଡ ଉପରକୁ ଠିଆ ହୋଇ ଏକ ଲୟରେ ଚାହିଁ ରହିଛି ନିର୍ବାକ୍ ହୋଇ ।

ଶ୍ୟାମଳେନ୍ଦୁକୁ ଦେଖି ପାଖକୁ ଆସିଲା ଶର୍ବରୀ, କାନ୍ଦ କାନ୍ଦ ହୋଇକହିଲା, "କାଲି ସଞ୍ଜବେଳେ ଭୁବନେଶ୍ୱରରୁ ଫେରି ବାପା କହୁଥିଲେ ଦେହଟା ଖରାପ ଲାଗୁଛି, ପଖାଳ ଗଣ୍ଡାଏ ଖାଇ ଶୋଇପଡିଲେ, ଭଲ ଲାଗିଲେ ଉଠିବି କହିଥିଲେ, ହେଲେ ରାତି ଅଧ ଯାଏ ନ ଉଠିବାରୁ ବୋଉ ତାଙ୍କୁ ଉଠାଇଲା ବେଳକୁ ସେ ଗଡିପଡିଲେ ଖଟରୁ ତଳକୁ । ଛାନିଆଁ ହୋଇ ଆମେ ସାଇପଡିଶାଙ୍କୁ ଡାକ ପକେଇଲୁ । ସେମାନଙ୍କର ସହାୟତାରେ ଡାକ୍ତର ପାଖକୁ ନେଲୁ, ସେଇଠି ଡାକ୍ତର ଆମକୁ  କହିଲେ ଯେ ଭୟଙ୍କର ହୃଦଘାତ ହୋଇ ବାପାଙ୍କର ମୃତ୍ୟୁ ହୋଇଛି । ଏବେ  ଆମେ କ'ଣ  କରିବୁ, କେମିତି କରିବୁ, କିଛି ବୁଦ୍ଧି ବାଟ ପାଉନାହୁଁ । ଆପଣ  ତ ଜାଣନ୍ତି ଯେ  ବାପା  ନିଜର  ଭିଟାମାଟି ଛାଡି ଦୀର୍ଘ ବର୍ଷ ଧରି ଏଇଠି ଏଇ ଗାଁରେ ରହି ଆସିଛନ୍ତି । ଆମେ ଏଇ ଗାଁ ଲୋକଙ୍କ ଛଡା ଆଉ କାହାରିକୁ ଜାଣିନାହୁଁ ନିଜର ବୋଲି ।

ଆପଣ ବାପାଙ୍କର ପ୍ରିୟ ଛାତ୍ର, ସମୟ ଅସମୟ, ସୁବିଧା ଅସୁବିଧାରେ ସେ ଆପଣଙ୍କୁ ହିଁ ଖୋଜନ୍ତି, ତାଙ୍କ ତକିଆ ତଳୁ ଏଇ ଚିଠି ଖଣ୍ଡିକ ମିଳିଛି, ଏଥିରେ ଆପଣଙ୍କ ନାଁ ଆଉ ଫୋନ୍  ନମ୍ବର ଲେଖାଅଛି, ସେଥିଲାଗି ଆମେ ଆପଣଙ୍କୁ ଖବର ଦେଲୁ । ଆଉ ଆମର କିଏ ଅଛି ଯେ ଆମ ପାଖରେ ଏମିତି ଦୁର୍ଦ୍ଦିନରେ ଠିଆ ହେବ ? ଆଉ ଅଧିକ କିଛି କହିପାରିଲାନି ଶର୍ବରୀ, ମେଞ୍ଚା ମେଞ୍ଚା କୋହ ଜମାଟ ବାନ୍ଧି ତା'ର କଣ୍ଠ ରୁଦ୍ଧ ହୋଇଗଲା । ମୁଣ୍ଡ ଝୁଙ୍କାଇ ସବୁ ଶୁଣୁଥିଲା ଶ୍ୟାମଳେନ୍ଦୁ ।

 Magazine Downloaded from www.aahwaan.com

ଚିଠିଟି ଖୋଲି ପଢିବାକୁ ଆରମ୍ଭ କଲା ଶ୍ୟାମଳେନ୍ଦୁ । ବିଷୟବସ୍ତୁ ତା ଆଖି ଆଗରେ ଚଳଚ୍ଚିତ୍ର ଭଳି ଦେଖାଇ ଦେଲା ସମସ୍ତ ଘଟଣାକ୍ରମ । ପିଲାଟି ଦିନରୁ ସେ ହରିସାରଙ୍କ ପାଖରେ ପାଠ ପଢିଥିଲା । ପ୍ରଥମରୁ ପଂଚମ ଯାଏ ଗାଁ ସ୍କୁଲରେ ।

ହରିମାଷ୍ଟ୍ରେ ଥିଲେ ତାଙ୍କ ଗାଁ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ତାଙ୍କର ନୀତି, ଆଦର୍ଶ, ଛାତ୍ର ବତ୍ସଳତା ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ଗାଁ ଲୋକଙ୍କ ସହିତ ସଂପର୍କ ରଖି ତାଙ୍କ ସୁଖ ଦୁଃଖରେ ସାମିଲ ହେଉଥିଲେ । ଗାଁ ବାଲାଙ୍କର ବି ସବୁ ପର୍ବପର୍ବାଣୀ, ବାହା ନିମିତ୍ତରେ ନିଜର ପରିବାରର ସଦସ୍ୟଙ୍କ ଭଳି ହରିମାଷ୍ଟ୍ରେ ସାମିଲ ହେଉଥିଲେ ନିଜ ପରିବାର ସହିତ । ହରିମାଷ୍ଟ୍ରେ ଗୋପାଳପୁର ଗାଁକୁ ଆପଣେଇ ନେଇଥିଲେ ନିଜର ସ୍ନେହୀ ସ୍ୱଭାବ ଆଉ ଛାତ୍ର ବତ୍ସଳତାରେ । ସେଇଥି ପାଇଁ ତ ଚାକିରୀରୁ ଅବସର ନେଲାପରେ ମଧ୍ୟ ରହି ଯାଇଥିଲେ ଗୋପାଳପୁର ଗାଁରେ । ତାଙ୍କର ଅନେକ ଛାତ୍ରଛାତ୍ରୀ ମାନଙ୍କମଧ୍ୟରେ ଶ୍ୟାମଳେନ୍ଦୁ ଥିଲା ତାଙ୍କର ଖୁବ୍ ନିକଟତର । ପାଠପଢା ସାରି କମ୍ପ୍ୟୁଟର୍ ଇଞ୍ଜିନିୟର ଭାବେ ଜଏନ୍ କରିବାର କିଛିଦିନ ମଧ୍ୟରେ ଚାକିରୀ ପ୍ରତି ବିତୃଷ୍ଣା ଆସି ଯାଇଥିଲା ତା'ର । ତେଣୁ ଗାଁକୁ ଫେରିଆସି ଗାଆଁରେ କମ୍ପ୍ୟୁଟର୍ ଇନିଷ୍ଟିଚ୍ୟୁଟଟିଏ ଖୋଲି ପିଲାମାନଙ୍କୁ ଶିକ୍ଷାଦାନ କରୁଥିଲା । ଗାଁର ସର୍ବାଙ୍ଗୀନ ଉନ୍ନତି କରିବା ସକାଶେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଆୟୋଜନ କରୁଥିଲା । ଗାଁର ଯୁବକମାନଙ୍କୁ ଏକାଠି କରି ଗାଁ ଗାଁ ବୁଲି ମଦ ବିରୋଧୀ ଅଭିଯାନ କରୁଥିଲା । ହରିମାଷ୍ଟ୍ରେ ତା'ର ଏସବୁ ଗୁଣ ଦେଖି ଖୁବ୍ ଆନନ୍ଦିତ ହେଉଥିଲେ । ତା'କୁ ନିଜ ପୁଅ ଭଳି ଦେଖୁଥିଲେ । ତାଙ୍କର ତିନୋଟି ଝିଅ ଥିଲେ ମଧ୍ୟ ପୁଅଟିଏର ଅଭାବ କେବେ ଅନୁଭବ କରୁ ନଥିଲେ ।

ସେଦିନ ପୋଷ୍ଟ ଅଫିସରୁ ଫେରିଲାବେଳେ ଭେଟ ହୋଇଗଲା ରମେଶ ସହିତ ।

 Magazine Downloaded from www.aahwaan.com

ରମେଶ ତାଙ୍କର ଛାତ୍ରଥିଲା । ପାଠପଢ଼ା ପରେ ଗାଁ ଛାଡ଼ି ଭୁବନେଶ୍ୱରରେ କେଉଁ ଗୋଟାଏ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିଲା । ତାଙ୍କୁ ଦେଖି ପାଦଛୁଇଁ ପ୍ରଣାମ କଲା ରମେଶ । କଥା କଥାରେ ତାଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝିଲା । ଝିଅ ବାହାଘର ପାଇଁ ବରପାତ୍ର ଦେଖା ଦେଖି କଲେଣି କି ନାହିଁ ପଚାରନ୍ତେ ହରିମାଷ୍ଟ୍ରେ କହିଲେ ଯେ ଅବସର ପ୍ରାପ୍ୟ ଯାହା ପାଇଥିଲେ ତାକୁ ହିଁ ଜମା କରିବା ଲାଗି ସେ ପୋଷ୍ଟଅଫିସକୁ ଆସିଥିଲେ । ଭାରି ବ୍ୟସ୍ତ ହୋଇ ପଡିଲା ରମେଶ । କହିଲା, "ମତେ ଟିକିଏ ଖବର ଦେଇ ପାରିଲେନି ସାର୍ । ଆପଣଙ୍କ ଆଶୀର୍ବାଦରୁ ମୁଁ ଏମିତି ଗୋଟାଏ ସଂସ୍ଥାରେ କାମ କରୁଛି, ଯେଉଁଠି ଟଙ୍କା ଜମା କଲେ ସେ ତିନି ବର୍ଷରେ ଦୁଇଗୁଣା ହୋଇଯାଏ । ଏଇ ଗାଁର ଶହ ଶହ ଲୋକ ଆମ ସଂସ୍ଥାରେ ଟଙ୍କା ଜମା କରି କୋଟିପତି ହେଲେଣି, ଆଉ ଆପଣ ମୋର ନିଜର ଲୋକ ହୋଇ ଏଠି ପୋଷ୍ଟ ଅଫିସରେ କମ୍ ସୁଧରେ ଟଙ୍କା ଜମା ରଖିଲେ । କେତେଟା ଟଙ୍କା ଅବା ସୁଧ ମିଳିବ ଯେ ସେଥିରେ ତିନି ତିନିଟା ଝିଅ ବାହାଘର କରିବେ, ଆପଣ ଦୁଇପ୍ରାଣୀ ଚଳିବେ, ସେଥିରେ ପୁଣି ଦେହ ପା' ଭଲମନ୍ଦ ଅଛି । ଆପଣ ଜାଣନ୍ତି ଆମ ସଂସ୍ଥା ଜମାକାରୀଙ୍କ ଅର୍ଥର ସୁରକ୍ଷା କରିବା ସହିତ ସ୍ୱାସ୍ଥ୍ୟସେବା ସୁରକ୍ଷା ମଧ୍ୟ ଯୋଗାଇ ଦେଇଥାଏ । ଜମାକାରୀଙ୍କୁ ବଡ ବଡ ରୋଗ ହେଲେ ହାସପାତାଳରେ ମାଗଣାରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇ ଦିଏ । ସବୁ ସୁବିଧା ସୁଯୋଗ ଥାଇ ଆପଣ ଏମିତି ଅସହାୟଙ୍କ ଭଳି ପୋଷ୍ଟ ଅଫିସଟାରେ ଟଙ୍କା ରଖିବାଟା ମତେ ବଡ ବାଧୁଛି ସାର୍ । ଆପଣଙ୍କ ଭବିଷ୍ୟତ କଥା ଭାବି ମୋ ଛାତି ଫାଟି ଯାଉଛି ।" କଥା କହୁ କହୁ ସକସକ ହୋଇ କାନ୍ଦି ପକାଇଲା ରମେଶ । ହରି ମାଷ୍ଟ୍ରେ ତାକୁ ପ୍ରବୋଧନା ଦେଲେ, "ଆରେ ବାପା ! ମୁଁ ତ ବୁଢା ମଣିଷ, ଏତେ କଥା ମୋ ମୁଣ୍ଡ କୁ ଢୁକି ନଥିଲା । ତା'ଛଡା ତୋ ସହିତ ଦେଖା ବି ହୋଇ ନଥିଲା

 Magazine Downloaded from www.aahwaan.com

ସେ ଦିନୁ । ତୁ ଯଦି ଏତେ ସୁବିଧା କଥା କହୁଛୁ, ତେବେ କାଲି ଚାଲ୍, ପୋଷ୍ଟ ଅଫିସରୁ ଟଙ୍କା ଉଠେଇ ତୋ ସଂସ୍ଥାରେ ବାନ୍ଧିଦେବା, ଅସୁବିଧା କଣ ଅଛି ?" ସେଇ କଥା ହେଲା, ତହିଁ ଆରଦିନ ସକାଳୁ ଆସି ରମେଶ ନିଜ ମଟର ସାଇକେଲରେ ବସାଇ ନେଇଗଲା ହରି ସାରଙ୍କୁ, ପୋଷ୍ଟ ଅଫିସରୁ ପାଂଚ ଲକ୍ଷ ଟଙ୍କା ଉଠାଇ ଭୂବନେଶ୍ୱରରେ ନିଜେ କାମ କରୁଥିବା ସଂସ୍ଥାରେ ଜମା କରି ଆସିଲେ ଦୁଇଜଣ ଯାକ । ଫେରିଲାବେଳକୁ ଆଣିଥିବା ପାହାଳ ରସଗୋଲା ସହିତ ଲକ୍ଷେ ଟଙ୍କିଆ ପାଂଚଟି ଡିପୋଜିଟ୍ ସାର୍ଟିଫିକେଟ୍ ବଢେଇ ଦେଲେ ସ୍ତ୍ରୀଙ୍କ ହାତକୁ ଆଉ କହିଲେ, "ବୁଝିଲନା, ମୋର ଏଇ ପୁଅଟି ଆଜି ତମ ମାନଙ୍କର ଭବିଷ୍ୟତ ସଜାଡି ଦେଇ ଆସିଛି । ମୁଁ ରହେ ବା ନରହେ ତମର ଆଉ କିଛି ଅସୁବିଧା ହେବନାହିଁ ।"

ତିନିବର୍ଷ ବିତିଗଲାଣି ଯା ଭିତରେ । ମାସକ ତଳେ ଠିକ୍ ହୋଇଛି ଶର୍ବରୀର ବାହାଘର । ଜ୍ୱାଇଁ ରେଳବାଇ ଚାକିରିରେ ଅଛି । ଲକ୍ଷେ ଟଙ୍କା ରାସ୍ତା ଖର୍ଚ୍ଚକୁ ଆଉ ଯାହା କିଛି ଝିଅର ଆସବାବ ପତ୍ର କିଣାହେବ । ହରିମାଷ୍ଟ୍ରେ ପହଞ୍ଚିଲେ ରମେଶ ଘରେ । ପହଞ୍ଚିଲା ବେଳକୁ ରମେଶ ଘରେ ନାହିଁ । ଘରଲୋକେ କହିଲେ କୁଆଡେ କାମରେ ଯାଇଛି ଯେ ସାତ ଦିନ ହେବ ଫେରି ନାହିଁ । ନିରାଶ ହୋଇ ଫେରିଲେ ଘରକୁ । ଦୁଇ ଦିନ ଛାଡି ପୁଣିଥରେ ଗଲେ ରମେଶ ଘରକୁ । ଏଥରକ ବି ସେ ଫେରିନଥିଲା ଘରକୁ । ବଡ ବ୍ୟସ୍ତ ଲାଗିଲା ତାଙ୍କୁ । ବାହାଘର ଆଉ ଅଳ୍ପଦିନ ରହିଲା । ଦୁଇ ଦିନ ପରେ ନିର୍ବନ୍ଧ । କ'ଣ କରିବି ବୋଲି ଭାବୁଥିଲେ ହରି ମାଷ୍ଟ୍ରେ । ଘରେ ପହଞ୍ଚିଲା ପରେ ସ୍ଥିର କଲେ ରମେଶ ଥାଉ କି ନଥାଉ ତାଙ୍କ ପାଖରେ ତ ଡିପୋଜିଟ୍ ସାର୍ଟିଫିକେଟ୍ ଗୁଡିକ ଅଛି, ସେତକ ଧରି ସେ କାଲି ସକାଳୁ ଯିବେ ଭୂବନେଶ୍ୱର । ଯେଉଁ ଅଫିସରେ ଟଙ୍କା ଜମା କରିଥିଲେ, ସେଇଠି ପହଞ୍ଚି ଟଙ୍କାତକ ଧରି ଆସିବେ । କାହାରିକୁ କିଛି ନ କହି ବଡିଭୋରରୁ ଉଠି ଚାଲିଗଲେ

 Magazine Downloaded from www.aahwaan.com

ଭୁବନେଶ୍ୱର । ରମେଶର ଅଫିସ୍ ପାଖରେ ପହଞ୍ଚି ଦେଖିଲା ବେଳକୁ ସେଠି ତାଲା ପଡିଛି । ପୋଲିସ୍ ଜଗିଛନ୍ତି । ଅଫିସ୍ ବାହାରେ ହଜାର ହଜାର ଲୋକଙ୍କ ଭିଡ । ସମସ୍ତେ ତାଙ୍କରି ପରି ସାର୍ଟିଫିକେଟ୍ ମାନ ଧରିଛନ୍ତି, ମୋର ଟଙ୍କା ଦିଅ, ଟଙ୍କା ଦିଅ କହୁଛନ୍ତି । ଆଉ ବୁଝିବା ପାଇଁ ବାକି ରହିଲାନି ହରିମାଷ୍ଟ୍ରଙ୍କର ଯେ ସେ ନିର୍ଘାତ ଧୋକାଟିଏ ଖାଇଛନ୍ତି ନିଜର ପୁତ୍ର ପ୍ରତିମ ଛାତ୍ରଠାରୁ ।

କାନମୁଣ୍ଡା ଝାଇଁ ଝାଇଁ ହୋଇ ଯାଉଥିଲା ତାଙ୍କର । କେମିତି ଝିଅ ବାହାଘର ହେବ ସେ ଚିନ୍ତାରେ ମୁଣ୍ଡ ଘୁରି ଯାଉଥିଲା ତାଙ୍କର । ଭୋକ ଉପାସରେ ତଣ୍ଟି ଅଠା ଅଠା ହୋଇ ଯାଉଥିଲା । ଛାତିରେ ହାତୁଡ଼ି ଧରି କିଏ ପିଟି ପକାଉଥିଲା ଯେମିତି । କଷ୍ଟେମଷ୍ଟେ ବସ୍ ଧରି ଗାଁରେ ପହଞ୍ଚିଲା ପରେ ପଖାଳ ମୁଠାଏ ଖାଇ ଶୋଇ ପଡିଲେ ସେ । ସେଇ ନିଦ୍ରା ପାଲଟିଗଲା ତାଙ୍କର ଶେଷ ନିଦ୍ରା ।

ହରି ସାରଙ୍କର ଚିଠିଟି ଆମୂଳଚୂଳ ପଢି ସାରି ଆଖିରୁ ଲୁହ ପୋଛିଲା ଶ୍ୟାମଳେନ୍ଦୁ । ସାଙ୍ଗ ମାନଙ୍କୁ ଡାକି ସାରଙ୍କ ଅନ୍ତିମ ସଂସ୍କାରର ବନ୍ଦୋବସ୍ତ କଲା । ପୁଅଟିଏ ଭଳି ସମସ୍ତ ବିଧିବିଧାନ ଅନୁସାରେ କ୍ରିୟା କର୍ମ ସାରିଲା । ସାରଙ୍କର ଶୁଦ୍ଧି କର୍ମ ପରେ ତାଙ୍କର ଶେଷ ଅନୁରୋଧ ରକ୍ଷା କରି ଶର୍ବରୀକୁ ବିବାହ କରି ତାଙ୍କ ପରିବାରର ସମସ୍ତ ଦାୟିତ୍ୱବହନ କଲା । ସେଇଥିଲା ଶେଷରେ ଶ୍ୟାମଳେନ୍ଦୁର ଗୁରୁଦକ୍ଷିଣା । ।

Magazine Downloaded from www.aahwaan.com

# ଅମଡ଼ାବାଟ



ମନୋରଞ୍ଜନ ମୁଦୁଲି

ଶରତସନ୍ଧ୍ୟା, ହାଲୁକା ପବନ ବହୁଥାଏ, ରାସ୍ତାରେ କାଆଁଭାଆଁ ଗୋଟିଏ ଦୁଇଟା ଗାଡ଼ି ଚାଲୁଥାଏ । ଗାଁ ମୁଣ୍ଡ ଛକ ପାଖରୁ ବସରୁ ଓହ୍ଲାଇ ଚାଲିଚାଲି ଆସୁଥିଲେ ସନା ସାର୍ ଆଉ ସୁମିତ୍ରା ମାଉସୀ । ସନାସାର୍ ହାତରେ ଗୋଟିଏ ବଡ଼ ଝୁଲାବ୍ୟାଗ । ଆର ହାତରେ ସୁମିତ୍ରା ମାଉସୀଙ୍କ ହାତ ଧରି ଚଲିଚାଲି ଘର ଅଭିମୁଖେ ଆସୁଛନ୍ତି । ହସ୍ପିଟାଲରେ ପାଞ୍ଚଦିନ ରହିଲା ପରେ ଜର କମିବାରୁ ଆଜି ଗାଁକୁ ଫେରୁଛନ୍ତି । ଭାରାକ୍ରାନ୍ତ ମନ ବାରି ହେଉଥିଲା ସବୁ କିଛି ତାଙ୍କର ଥିଲେ ମଧ୍ୟ ଫାଙ୍କାଫାଙ୍କା ଅନୁଭବ କରୁଥିଲେ ଜୀବନର ପରାନ୍ତ ମୁହୂର୍ତ୍ତ ଗୁଡ଼ିକୁ ।

ପୁଅଝିଅ ସମସ୍ତେ ବିଦେଶରେ । ସ୍କୁଲ ମାଷ୍ଟର ଚାକିରୀରୁ ଅବସର ହେଲା ପରଠାରୁ ସମୟ ଗୁଡିକ ତାଙ୍କର ପାଇଁ ଦୀର୍ଘାୟୁ ପରି ଲାଗୁଛି । ଆଗ ପରି ହସହସ ମୁହଁ ସନା ମାଷ୍ଟ୍ରଙ୍କର ଆଉ ନାହିଁ । ଶିକ୍ଷକତା କରିବା ଭିତରେ ଶହଶହ ଛାତ୍ରଛାତ୍ରୀଙ୍କୁ ମଣିଷ କରିଛନ୍ତି । ଏଇଟାକୁ ଜୀବନର ସଫଳ ମୂଲ୍ୟବୋଧ ମନେ କରି ଆସ୍ୱସ୍ତ ମନେ କରି ପାରୁଥିବେ । ସଦା ପ୍ରଭୁଙ୍କ ଉପରେ ଭରଷା ରଖି ସନାସାର୍ ଏଯାଏ ଜୀବନଯାତ୍ରା ଜାରି ରଖିଛନ୍ତି । କିଛି ସମୟ ଚାଲିବାପରେ ସୁମିତ୍ରା ମାଉସୀ ବସିପଡିଲେ । ମୁଁ ଅଫିସରୁ ଫେରୁଥିଲି ସେଦିନ । ସଙ୍ଗେ ସଙ୍ଗେ ମୋ ସ୍କୁଟରଟି ତାଙ୍କ

Magazine Downloaded from www.aahwaan.com

ପାଖରେ ଅଟକାଇ ମାଉସୀଙ୍କୁ ସ୍କୁଟରରେ ନେଇଯିବାକୁ କହି ସ୍କୁଟର ପଛରେ ବସାଇଲି । ତାଙ୍କ ଘରେ ଆଣି ପହଞ୍ଚାଇ ଦେଇ ପୁଣିଥରେ ସନାସାରଙ୍କୁ ଆଣିଲି । ସନାସାର୍ ଘରର ଦୁଆର ଚାବି ଖୋଲି ମାଉସୀଙ୍କ ହାତଧରି ଭିତରକୁ ନେଇ ଖଟରେ ବସେଇ ଦେଇ ମୋତେ ଘର ଭିତରକୁ ହାତ ଧରି ଡାକିଲେ ।

ମୋର ବାରଣ ସତ୍ତ୍ୱେ ସନାସାର୍ ଘରକୁ ହାତ ଧରିନେଲେ । ବସିବା ପାଇଁ ଗୋଟିଏ ପୁରୁଣା ଚେୟାର ପାଖକୁ ଟାଣି ବସିବାକୁ କହିଲେ । ପଞ୍ଚମଶ୍ରେଣୀରେ ମୋତେ ବାପା ସନାସାର୍ ଘରକୁ ଗଣିତ ପଢିବା ପାଇଁ ପଠାନ୍ତି । ସେହି ପୁରୁଣା ଚେୟାର ଏବେ ବି ମୋର ମନେ ପଡେ । ଏଇ ଚେୟାର ଉପରେ ସନା ସାର୍ ବସି ମୋତେ ଗଣିତ ବୁଝାନ୍ତି । ମୁଁ ଗୋଟାଏ ଆସନରେ ତଳେ ବସି ଗଣିତ କରେ । ସେହି ଚେୟାରରେ ମୁଁ କେମିତି ବା ବସିବି । କୁଣ୍ଠା ବୋଧ କଲି ...., କହିଲି ଆପଣଙ୍କ ଚେୟାରରେ ମୁଁ କେମିତି ବସିବି ସାର୍..., ସନାସାରଙ୍କ ମୁହଁରେ ଏକ ଗର୍ବିତ ଭାବ ପରିଲକ୍ଷିତ ହେଲାଭଳି ଲାଗିଲା । ମୋତେ ଛାତିରେ କୁଣ୍ଢେଇ ପକେଇ ରୁଦ୍ଧ କଣ୍ଠରେ କହିଲେ ସଂସ୍କାର ପିଲାଟା ମୋର..., ଏଇ କଥାପଦେ ମୋର ହୃଦୟରେ ଏବେ ବି ପ୍ରତିଧ୍ୱନିତ ହେଉଛି । ସନାସାର୍ କେଇଟା ମାସ ମୋତେ ବାପାଙ୍କ ଅନୁରୋଧରେ ଗଣିତ ପଢେଇଥିଲେ । ମୋ ଜୀବନର ମୋଡ଼ ସେ ହିଁ ବଦଳାଇ ଦେଇଥିଲେ ।

ପ୍ରଦୀପ ସନାସାରଙ୍କ ବଡ଼ ପୁଅ । ବର୍ତ୍ତମାନ ସେ ଜର୍ମାନୀର ଏକ ବିଶ୍ୱବିଦ୍ୟାଳୟର ପ୍ରଫେସର । ମୋର ସେ ସହପାଠୀ । ଝିଅ ନିରୁପମା ମଧ୍ୟ ଇଟାଲୀରେ ତା ସ୍ୱାମୀସହ ଏକ ବିଦେଶୀ କମ୍ପାନୀରେ ଚାକିରି କରେ । ସେମାନେ ପ୍ରାୟ ଚାରିପାଞ୍ଚ ବର୍ଷହେବ ଆଉ ଭାରତକୁ ଆସି ନାହାନ୍ତି । ଦୁଇଦିନ ପରେ ଶାରଦୀୟ ଦୂର୍ଗାପୂଜା । ସମସ୍ତେ ପୂଜାଛୁଟିରେ ପ୍ରାୟ ଘରକୁ

 Magazine Downloaded from www.aahwaan.com

ଆସନ୍ତି । ନୂଆ ଲୁଗାପଟା ପିଠାପଣା ଆନନ୍ଦ ମଉଜ ସମସ୍ତଙ୍କ ଘରେ ଉତ୍ସବର ଆସର । ସନାସାର୍ ଅସୁସ୍ଥ ସ୍ତ୍ରୀକୁ ନେଇ ଘରେ ପଡ଼ିଛନ୍ତି । ଜୀବନର ମଧ୍ୟାହ୍ନରେ କେତ ମଣିଷକୁ ନିଜ ହାତରେ ମଣିଷ କରିଛନ୍ତି । ଦେଶ ବିଦେଶରେ କେତେ କେତେ ବଡ ପଦବୀରେ ତାଙ୍କର ଛାତ୍ରଛାତ୍ରୀମାନେ ରହିଛନ୍ତି । ଭାଗ୍ୟର ବିଡ଼ମ୍ବନା ଆଜି ସେ ନିଜ ସ୍ତ୍ରୀ ସହ ଭିଟାମାଟିକୁ ଯାବୁଡି ଧରି ବସିଛନ୍ତି ।

ପ୍ରଦୀପ ଖୁବ୍ ମେଧାବୀ ଛାତ୍ର । ବାପାମାଙ୍କୁ ଭକ୍ତିକରେ ଓ ଗାଁ ପଡୋଶୀ ସମସ୍ତ ଆଦର କରନ୍ତି । କିନ୍ତୁ ସେଭଳିଆ ପିଲାର ପରିବର୍ତ୍ତନ ହେଲା କାହିଁକି । ବାପାମାଙ୍କ ଦେହ ସାମାନ୍ୟ ଅସୁସ୍ଥ ହେଲେ ତା ଆଖିରୁ ନିଦ ହଜିଯାଏ । ଆଜିର ଏଭଳି ଅବସ୍ଥାରେ ପ୍ରଦୀପ ବିଦେଶରେ ଆଉ ବୁଢ଼ା ବାପମା' ଦୁଇଜଣ ଗାଁରେ ଭିଟାମାଟି ଜାବୁଡି ପଡ଼ିଛନ୍ତି । ଝିଅ ନିରୁପମା ବାହାହୋଇ ପରଘରକୁ ଚାଲିଯିବା ପରେ ତା କଥା ଛାଡ଼ନ୍ତୁ । ବିଦେଶରୁ ଫେରି ହୁଏତ ବନ୍ଧୁବାନ୍ଧବ ପରି ଦିନେ ଓଳିଏ ଆସିପାରେ । ହେଲେ ପ୍ରଦୀପ ତ ବୃଦ୍ଧ ବାପାମା'କୁ ପାଖରେ ରଖିପାରନ୍ତା । ନହେଲେ ତ ବର୍ଷରେ ଥରେ ଅଧେ ଦେଖା କରି ସୁବିଧା ଅସୁବିଧା ପଚାରି ସୁବିଧା କରିପାରନ୍ତା । ପ୍ରଦୀପ କଥା ପଚାରିବି ଭାବି ସାହାସ କରି ପାରୁନଥିଲି । ହଠାତ୍ କାହିଁକି ମନଟା ମୋର ବୁଝିଲା ନାହିଁ । ସାହସ କରି ସନାସାରଙ୍କୁ ପ୍ରଦୀପ ଏବେ କେଉଁଠି ବୋଲି ପଚାରିଲି । ସାରଙ୍କର ମୁହଁରେ ଯେମିତି ଗୋଟିଏ ଦୀର୍ଘଶ୍ୱାସକ୍ରୀୟାର ଭାବ ପରିଲକ୍ଷିତ ହେଉଥିଲା । ହୃଦୟରେ କିଛି ଅଲଗା ସ୍ପନ୍ଦନ ଅନୁଭବ ହେଲାପରି ଲାଗୁଥିଲା । ସାମାନ୍ୟ ନୀରବ ପରେ ସୁମାତ୍ରା ମାଉସୀ ନରମ ଗଳାରେ କହିଲେ ବାପା ପୁଅଟା ବିଦେଶରେ ଅଛି, ଛୁଟି ସମୟ ହେଲେ ତ ଆସିବେ । ମୁଁ ବୁଝି ପାରିଲିନି... ଏଇଟି ସୁମାତ୍ରା ମାଉସୀଙ୍କର ଅନ୍ତର ଅଭିମାନର କଥା ନା ସ୍ୱାଭିମାନ ରକ୍ଷା ପାଇଁ ଚେଷ୍ଟା । କିଛିଟା ଆସ୍ୱସ୍ତ ହେଲା ଭଳି ସନାସାର

 Magazine Downloaded from www.aahwaan.com

କହିଲେ ଜଙ୍ଗଲରେ ହାତୀ ବୁଲୁଥିଲେ ବି ହାତୀ ରାଜ୍ୟର ରଜାଙ୍କର । ହେଲେ ଜଙ୍ଗଲ ହାତୀ ଉଆସ ରାଜାକୁ ଚିହ୍ନିପାରିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ । ସରଳ ସ୍ୱାଭିମାନୀ ସନାସାରଙ୍କୁ ତାଙ୍କ ପାରିବାରିକ କଥା ପଚାରି ମୁଁ ନିଜକୁ ଠିକ୍ ମନେ କରୁନଥିଲି । ତଥାପି ସାର ମନର କ୍ଷୋଭକୁ ଚାପି ପାରୁ ନଥିଲେ । ଅନ୍ତରର କଥାକୁ ପ୍ରକାଶ କଲେ କିଛି ଆସ୍ୱସ୍ତ ହେବ ଭାବି ସାର୍ କହିଲେ, ତୁମେମାନେ ଏଇ ଗାଁଦାଣ୍ଡରେ ଖେଳିକୁଦି ମଣିଷ ହୋଇଛ ସତ କିନ୍ତୁ ସହରର ରାଜପଥରେ ପାଦ ଦେଲା ପରେ ଏ ଗାଁ ଦାଣ୍ଡଟା ଅମଡାବାଟ ହୋଇଯାଏ ।

ଆଖି ଦୁଇଟା ମୋର ଅଜାଣତରେ ଛଳଛଳ ହୋଇଯାଇଥିଲା ସନାସାରଙ୍କର କ୍ଷତ ହୃଦୟରେ ମଲମ ଦେଲା ଭଳି ମୋ ପାଖରେ ଶବ୍ଦଟିଏ ମଧ୍ୟ ନଥିଲା ସନାସାର୍ ଓ ସୁମିତ୍ରା ମାଉସୀଙ୍କୁ ପ୍ରଣାମ କରି ବିଦାୟ ନେଇ ଆସିଥିଲି ସତ କିନ୍ତୁ ସନାସାରଙ୍କର କଥା ପଦକ ମୋ କାନରେ ବାରମ୍ବାର ପ୍ରତିଧ୍ୱନି ହେଉଥିଲା ।

 Magazine Downloaded from www.aahwaan.com

# ଉପେକ୍ଷିତ ପ୍ରତୀକ୍ଷା



ପ୍ରମୋଦ କୁମାର ପଣ୍ଡା

ଏକ

ବସନ୍ତ ପ୍ରଥମ କରି ଆସି ନ ଥିଲା । ତଥାପି ସେ ଅନୁଭବ କଲା, ବସନ୍ତ ନୂଆ କରି ଆସିଛି । କାରଣ ବସନ୍ତର ଏଇ ବେଳାରେ ସେ ତାକୁ ପ୍ରଥମେ ଦେଖିଲା । ପ୍ରଥମ ଦେଖାରେ ହିଁ ସେ ଭଲ ପାଇ ବସିଥିଲା । ତା'ର ଲମ୍ବା, ଧାରୁଆ ନାକ, ଅଣ୍ଡାକୃତି ଉଜ୍ଜ୍ୱଳ ମୁହଁ, ଓସାରିଆ, ଭସାଣିଆ ଆଖି । ପଚାରିଲା- ମୋ ସହ ବନ୍ଧୁତା କରିବ ?

ସେମାନେ ତାକୁ ଦେଖି ହସାହସି ହେଉଥିଲେ । ଯାହା ପ୍ରତି ଲକ୍ଷ୍ୟ କରି ପ୍ରଶ୍ନ କରାଯାଇଥିଲା, ସେ ମୁହଁ ବୁଲେଇ ନେଇ ତୀକ୍ଷ୍ଣ ଭାବେ କହିଲା

– ନା, ଦରକାର ନାହିଁ !

-କାହିଁକି ? କଣ ଖରାପ ହେବ ?

-ଦରକାର ନାଇଁ । ସେଇ ଗୋଟିଏ ଉତ୍ତର ।

ଅନ୍ୟ ସଖୀମାନେ ଚୁପ୍ ଚୁପ୍ ହସୁଥିଲେ । ନକାରାତ୍ମକ ଉତ୍ତର ପାଇ ସେ ଉଦାସ ହୋଇଗଲା । ଭୟ ପାଇଗଲା ବି । ଭାବିଲା କହିବ- ମୁଁ ତୁମକୁ ପ୍ରଥମ ଦେଖାରେ ହିଁ ଭଲ ପାଇସାରିଛି । ମୋତେ ନିରାଶ କରନି ।

ନା, ସେ କହିବନି ।ଝିଅଟା ଟିକେ ବି ଔପଚାରିକତା ଜାଣିନି ।

 Magazine Downloaded from www.aahwaan.com

ମୁହେଁ ମୁହେଁ ମନା କରିଦେଲା । ଛି, ଏମିତି ଝିଅ ସହ ବନ୍ଧୁତା କରିବାକୁ ସେ ଚାହୁଁଥିଲା ! ଦରକାର ନାହିଁ !

ଦୁଇ

ତୃତୀୟ ସନ୍ତାନ ବି ବର୍ଷା ଦିନରେ ଜନ୍ମ ହୋଇଥିଲା । ପ୍ରସବ ବେଦନାରୁ ମୁକ୍ତି ପାଇ ସେ ସ୍ୱଳ୍ପାଲୋକିତ କୋଠରୀ ଭିତରେ ଶିଶୁଟିକୁ ନେଇ ଧୁଆଧୋଇ କରୁଥିବା ଧାଈକୁ ଚାହିଁଲା ଏବଂ ଖୋଲା ଝରକା ଦେଇ ବାହାରର ଅନବରତ ବୃଷ୍ଟିପାତକୁ ଦେଖିଲା ।

ବାହାଘରର ପାଞ୍ଚବର୍ଷ ବି ବିତିନି । କେତେଦିନ ସେ ଉପଭୋଗ କରିଛି ? ଗୋଟିଏ ଦିନ ବି ନୁହଁ । ଅଥଚ ସେ ତିନୋଟି ସନ୍ତନର ଜନନୀ ! ଜୋର୍ ଜବରଦସ୍ତ ବୀଜ ରୋପିତ ହୁଏ ତ ଦେହରେ । ମନରେ ଇଛା ନ ଥାଇ, ଦେହରେ ଶକ୍ତି ନ ଥାଇ !

ଦ୍ୱିତୀୟ ସନ୍ତାନ ପରେ ହିଁ ଲେଡି ଡାକ୍ତର କହିଥିଲେ – ବ୍ୟବଧାନ ବେଶି ରହୁନି ଆପଣଙ୍କର । ନିଜର ସ୍ୱାସ୍ଥ୍ୟହାନି ତ ନିଶ୍ଚୟ ହେବ । ପୁଅକୁ ମଧ୍ୟ ଭଲଭାବରେ ବଢାଇ ପାରିବେନି ।

କିନ୍ତୁ ତା ଦୁଃଖ ଶୁଣିବ କିଏ ? ବିବାହ ବେଦୀରେ ମନ୍ତ୍ରର ଅର୍ଥ ନ ଜାଣି ଅଗ୍ନି ପ୍ରଦକ୍ଷିଣ ଯିଏ କରିଥିଲା, ସିନ୍ଦୁର ଯିଏ ପିନ୍ଧେଇଥିଲା, ମନକୁ ବୁଝିବ ବୋଲି ଯିଏ ପ୍ରତିଜ୍ଞା କରିଥିଲା, ସେ ତ ଶୁଣିବନି । ବରଂ ଏକତରଫା ଅଧିକାରରେ କହିବ- ମୋର ଝିଅ ଦରକାର । ଝିଅ ଜଲଦି ଜନ୍ମ ନ ହେଲେ, ତା'ର ବିବାହ ହେବ କେବେ ? ରିଟାୟାର୍ଡ ହେଲା ପରେ ମୁଁ ଝିଅ ବୋଝ ନେଇ ପାରିବିନି ।

ତାକୁ କେବଳ ନିଜର ଚିନ୍ତା । ଅର୍ଦ୍ଧାଙ୍ଗିନୀ ବୋଲି ଯାହାକୁ ସୁଖ, ଦୁଃଖର ସାଥୀ କରି

 Magazine Downloaded from www.aahwaan.com

ଆଣିଥିଲା, ତା'ର ମନର ଭାବନା କିଛି ନୁହେଁ । ସେ ଦୀର୍ଘଶ୍ୱାସ ନେଇ ଚୁପ୍ ରହି ଯାଇଥିଲା ।

ସବୁ ସ୍ୱାମୀ ବନ୍ଧୁ ହୋଇପାରିବେନି । ସବୁ ବନ୍ଧୁ ବି ସ୍ୱାମୀ ହୋଇପାରିବେନି ।

ଆଉ ସେ ! ଯିଏ ତାକୁ ତା'ର କୈଶୋରର ଦ୍ୱିତୀୟ ବସନ୍ତରେ ବନ୍ଧୁତା ପାଇଁ ପଚାରିଥିଲା ! ସେଇ ମନଟିରେ ତା ବନ୍ଧୁତାର ସଂପୂର୍ଣ୍ଣ ସଂଜ୍ଞା ଉଦିତ ହୋଇ ନ ଥିଲା । ହୁଏତ ଆସନ୍ତା ଜନ୍ମରେ .... !

ତିନି

-ମା', ତମର କେହି ସାଙ୍ଗ ନାହିଁ ?

-ସାଙ୍ଗ ?

-ହଁ, ସାଙ୍ଗ । ମାନେ ବନ୍ଧୁ । କାହା ସହ ତମେ ବନ୍ଧୁତା କରିନ ?

କରିନି କାହିଁକି ? ସେ ବି କରିଛି । କିନ୍ତୁ ପାଟି ଖୋଲି କହିନି । ମନ ଖୋଲି ହସିନି, ବୁଲିନି । ସେ ମୁଣ୍ଡ ଟୁଙ୍ଗାରି ନାହିଁ କଲା । ଆଠ ବର୍ଷର ନାତି ତା'ର ଉଦାସୀ ସହ ତଳ ଦେଇ ଭାରି ମୁହଁରେ କହିଲା- ମୋର ବି ନାହିଁ । ବଡ ଅପାର ଅଛି । ସାନ ଅପାର ଅଛି । ମା', ମୋର କାହିଁକି ନାହିଁ ?

-କାହାକୁ କହୁନୁ ବନ୍ଧୁ ବାନ୍ଧିବାକୁ !

-ସରଳିଆ କଣ୍ଠରେ ଶିଶୁଟି ପଚାରିଲା- କାହାକୁ କହିବି ?

କାହାକୁ କହିବାକୁ କହିବ ସେ ? କହିଲା- ଶରତକୁ ।

-ଶରତ କିଏ ?

 Magazine Downloaded from www.aahwaan.com

-ଶରତ ଗୋଟିଏ ଋତୁର ନାଁ । ଋତୁ ଜାଣିଛୁ ? ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ । ଶରତ ଋତୁରେ କାକର ପଡେ ।

ବୁଝିଲା ଭଳି ଶିଶୁଟି ପ୍ରଶ୍ନ କଲା- କାକର କଣ ?

-ଏକଦମ୍ ଭୋରରୁ କାକର ଘାସ, ଗଛପତ୍ରରେ ବିନ୍ଦୁ ବିନ୍ଦୁ ପାଣି ହୋଇ ପଡିଥାଏ । ତାକୁ ସ୍ୱର୍ଗରୁ ଦେବତାମାନେ ଢାଳନ୍ତି ।

-କଣ ପାଇଁ ମା' ?

-ତୋରି ଭଳି ଛୋଟ ପିଲାମାନେ ତା ସହ ବନ୍ଧୁତା କରିବେ ବୋଲି ।

-ତା' ହେଲେ ତ ସିଏ ମୋ ସାଙ୍ଗ ! ବାଃ,ବାଃ, ମୋର ବି ସାଙ୍ଗ ଅଛି !

ଚାରି

କଲେଜରେ ପଢୁଥିବା ନାତୁଣି ତାକୁ ଚମକେଇ ଦେଲା-ଆଇ, ଦେଖ, ମୁଁ ସାଙ୍ଗରେ କାହାକୁ ଧରି ଆଣିଛି ।

ସେ ଦେଖିଲା ନାତୁଣି ସହ ଜଣେ ସୁଶ୍ରୀ ଯୁବକ ।

-କିଏ ? ସେ ନାତୁଣିକୁ ନୁହେଁ, ଝିଅକୁ ପଚାରିଲା ।

ଝିଅ ହସି ହସି ଝିଅକୁ ଚାହିଁଲା- କହୁନୁ ଆଇକୁ, କିଏ ସେ ?

ପାଖକୁ ଆସି ନାତୁଣି କହିଲା- ମୋ ସାଙ୍ଗ ସେ, ଆଇ ।

ପୁଣି ଅଧିକାର ଢଙ୍ଗରେ ଯୁବକଟିକୁ କହିଲା- ଭିତରକୁ ଆସ, ସେଇଠି ଠିଆ ହେଲ କଣ ? ନା, ଏ ଘରକୁ କେବେ ଆସିନ ?

ବିଚରା ଯୁବକଟି ଲାଜ ଲାଜ ହୋଇ ଭିତରକୁ ଆସିଲା ଏବଂ ଆଇଙ୍କୁ ନମସ୍କାର

 Magazine Downloaded from www.aahwaan.com

କଲା ।

ସେ ଯୁବକଟିକୁ ପଚାରିଲା- ବନ୍ଧୁ ଅର୍ଥ ଜାଣିଛ ?

ଯୁବକଟି ହଁ କହି ପାଖରେ ବସିଲା ।

- ସୁଖରେ, ଦୁଃଖରେ ଯିଏ ସାଥୀରେ ଠିଆ ହୁଏ, ଯାହା ପାଖରେ ମନର ଅତି ଗହନ କଥା ବି କହି ହୁଏ । । ଯେଉଁମାନଙ୍କ ମଧ୍ୟରେ କେବଳ ଏକତରଫା ଅଧିକାର ଚଳେନି ।

ପୁଣି ପ୍ରଶ୍ନ କଲା- ମୋ ସହ ବନ୍ଧୁତା କରିବ ?

ଜବାବ ନାତୁଣୀ ଦେଲା- ପ୍ରଥମ ଦେଖାରେ କି ବନ୍ଧୁତା ହୋଇଯାଏ ଆଇ ? ଦୁଇଟା ମନ ସମାନ ସ୍ତରରେ ପହଞ୍ଚିଲା ପରେ ତ ତୁମକୁ ଏ ପ୍ରଶ୍ନ ପଚାରିବାକୁ ହିଁ ପଡିବନି ।

ସେ ଦେଖିଲା, ନାତୁଣୀର ମୁହଁ ଉଜ୍ଜ୍ୱଳ ଦେଖାଯାଉଛି । କେମିତି ଦେଖାଯାଉଛି ତା ନାତୁଣୀ ? ସେ କୈଶୋରରେ ଯେମିତି ଦେଖାଯାଉଥିଲା ? ଯାହା ସେ ହିଁ କେବଳ ଜାଣିଛି ବୋଲି ଭାବୁଥିଲା, ତାହା ଠିକ୍ ନୁହେଁ । ବନ୍ଧୁତ୍ୱର ମର୍ଯ୍ୟାଦା ତା ନାତୁଣୀ ବି ଦେଇ ଜାଣିଛି ! ବଂଶବିଜ୍ଞାନ ଏତେ ସମୟ ନେଲା ତ ପରିଚୟ ଆତ୍ମପ୍ରକାଶ କରିବାରେ ।

ସେ ମନଖୋଲି ହସିଲା । ଅନେକବର୍ଷ ପରେ ବୋଧହୁଏ ସେ ମନଖୋଲି ହସିଥିଲା !

ପାଞ୍ଚ

ରାତିରେ ଖାଇସାରିଲା ପରେ ସେ ନିଜ ବିଛଣା ପାଖକୁ ଘରର ସମସ୍ତ ସଦସ୍ୟଙ୍କୁ ଡକେଇଲା । ସମସ୍ତେ ଉପସ୍ଥିତ ହେଲ ପରେ ଆଶ୍ୱସ୍ତି ଅନୁଭବ କରି କହିଲା- ମୁଁ ଯାଉଛି ।

-କୁଆଡେ ? ସମସ୍ତେ ଏକାସାଙ୍ଗେ ପଚାରିଲେ ।

-ବନ୍ଧୁ ବାନ୍ଧିବାକୁ । ସେ ଉପରକୁ ଆଙ୍ଗୁଠି ଉଠେଇ ଦେଖାଇଲା ।

Magazine Downloaded from www.aahwaan.com

ସମସ୍ତେ ବ୍ୟତିବ୍ୟସ୍ତ ହୋଇ ପଡିଲେ । ସାନପୁଅ ଡାକ୍ତର ଡାକିବାକୁ ଦୌଡିଗଲା । ବଡପୁଅ ଯାଇ ବୋଉର ମୁହଁ ପାଖରେ ବସି ପଡିଲା-କଣ ହେଲା ? କଣ ଏମିତି ବାୟାଣିଙ୍କ ଭଳି କହୁଛୁ ?

ତା ମୁହଁରେ ମ୍ଳାନ ହସ ଦେଖାଗଲା । ସେ କେବଳ ଉପରକୁ ଆଙ୍ଗୁଠି ଦେଖେଇ ଠାରିଲା ।

-କିଏ ? କିଏ ଅଛି ସେଇଠି ? ନନା ?

ସେ ମୁଣ୍ଡ ହଲାଇ ମନା କଲା ।

-ଆଉ କିଏ ?

-ମୋ ବନ୍ଧୁ !

ହାତ ତଳେ ପଡିଗଲା, ମୁଣ୍ଡ ଗୋଟିଏ ପାଖକୁ ଢଳିଗଲା । ଆତ୍ମା, ସୂକ୍ଷ୍ମ ଶରୀରକୁ ନେଇ ଅନ୍ୟ ଏକ ଉଷୁମ କାୟାର ସନ୍ଧାନରେ ଉଡିଗଲା । ବନ୍ଧୁ ଯେ ତାକୁ ବାନ୍ଧିବାକୁ ହେବ !

ସମାପ୍ତ

୨ୟ ତୋଟାସାହି, ବିଜିପୁର, ବ୍ରହ୍ମପୁର

ଓଡିଶା - ୭୬୦୦୦୫

 Magazine Downloaded from www.aahwaan.com

# ବାପା

ଆପଣ, ଆପଣଙ୍କୁ କେଉଁଠି ଦେଖିଲା ଭଳି ଲାଗୁଛି । ହଁ ହଁ ମନେ ପଡ଼ିଲା । ବଡ଼ବାବୁଙ୍କ ଘରେ । ମୋତେ ଚିହ୍ନିପାରୁଛନ୍ତି ମୁଁ ସମ୍ବିତବାବୁଙ୍କ ଅଫିସ୍ ପିଅନ । ହେଲେ ଆପଣ ଏଠି । ଇତସ୍ତତଃ ହୋଇ ପଡୁଥାନ୍ତି ବୃଦ୍ଧ କହିଦେବେ କି ସମ୍ବିତବାବୁ କିଏ ମୁଁ ଜାଣେନା ।

ଝରି ପଡିଲା ବୃଦ୍ଧଙ୍କ ଆଖିରୁ ଲୁହଧାର । ବୃଦ୍ଧ ଜଣକ ସମ୍ପୂର୍ଣ ନିରୁତ୍ତର । ପିଅନ ପୁଣି ଆରମ୍ଭ କରିଲେ ମୋର ଠିକ୍ ମନେ ପଡୁଛି ସେଦିନ ସମ୍ବିତବାବୁ ଆପଣଙ୍କୁ ବାପା ବୋଲି ସମ୍ବୋଧନ କରୁଥିଲେ । ପାଦ ଧୂଳି ମୁଣ୍ଡରେ ମାରି ଆପଣଙ୍କଠୁ ଆଶୀର୍ବାଦ ନେଉ ଥିଲେ । ବାସ୍ତବରେ ସେଦିନ ମୁଁ ଅନୁଭବ କରିଥିଲି ପୁଅଟି ଯେତେ ବଡ ଲୋକ ହେଉ ତା ବାପାମା' ଛଡା ଦୁନିଆରେ ତା ପାଇଁ ଆଉ କେହି ବଡ଼ ନୁହଁନ୍ତି ।


ପ୍ରିୟଙ୍କା ସାହୁ

ସମ୍ବିତବାବୁଙ୍କ ଅଫିସ୍‌ର ପିଅନ ରାମୁ । ସେଦିନ ଆଶ୍ରୟ ନାମକ ଏକ ବୃଦ୍ଧାଶ୍ରମ ଯାଇଥିଲେ । ରାମୁର ପୁଅ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ ହୋଇଥିବାରୁ କିଛି ମିଠା ବାଣ୍ଟି ବୃଦ୍ଧଲୋକଙ୍କ ଠାରୁ ନିଜ ପୁଅପାଇଁ ଆଶୀର୍ବାଦ ମାଗୁଥିଲେ । ରାମୁଙ୍କ ନଜର ଅଟକିଗଲା । ସମ୍ବିତବାବୁଙ୍କ ବାପାଙ୍କ ପାଖରେ । କିଛିକ୍ଷଣ ପାଇଁ ରାମୁ ଆବାକ୍ ହୋଇଗଲେ । ନିଜ ଆଖିକୁ ବିଶ୍ୱାସ କରି ପାରୁନାହାନ୍ତି । ଧୀରେ

 Magazine Downloaded from www.aahwaan.com

ପଚାରିଲେ ମଉସା ଆପଣ କଣ ଏଇଠି ରୁହନ୍ତି ?

ବାଷ୍ପରୁଦ୍ଧ କଣ୍ଠରେ ବୃଦ୍ଧ ଜଣକ କହିଲେ ବାପାରେ ପୁଅ ମୋର ବଡ ଅଫିସର, ବର୍ଷକୁ ୩୬୫ ଦିନ ତା ପାଖରେ ସମୟ କାହିଁ ମୋତେ ବାପା ବୋଲି ଡାକିବାକୁ । ଯଦି ମୋତେ ତାର ବଡ ବଂଗଳାରେ ରଖିବ ସ୍ତ୍ରୀ, ପିଲା ଛୁଆଙ୍କ ଖବର କେତେବେଳେ ବୁଝିବ । ତା ଛଡା ମୁଁ ବୁଢାଲୋକଟା ସେଇ ଘରେ ରହିଲେ ତା ପୁଅର ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେବ । ତେଣୁ ମୋ ପୁଅ ବର୍ଷରେ ଗୋଟିଏ ଦିନ ପାଇଁ ମୋତେ ତା ଘରକୁ ନିଏ । ମୋ ପାଇଁ ସମୟ କାଢେ । ନୂଆଲୁଗା ପିନ୍ଧାଇ ମିଠା ଖୁଆଏ, କେକ୍ କାଟେ । ତାର ସାଂଗସାଥୀ ମାନଙ୍କୁ ଡାକି ପାର୍ଟି ଦିଏ । କଣ ଗୋଟେ କୁହେ ତ ... ହଁ ଫାଦରସ୍ ଡେ ।

ପିଲାଟି ହୋଇଥିଲା ତା ମା' ମରିଗଲା । ସେଇଦିନଠୁ ବାପା ଆଉ ମା'ର ଦାୟିତ୍ୱ ତୁଲେଇ ତୁଲେଇ ମୁଁ ଅଣନିଶ୍ୱାସୀ ହୋଇ ଯାଉଥିଲି । ଏଇ ଆଶ୍ରମରେ ମୋତେ ଆରାମ ଲାଗୁଛି । ଏଠି ନା କାହାରି ସହିତ କଥା ହେବାକୁ ପଡୁଛି ନା କାହାରି ଦାୟିତ୍ୱ ବୁଝିବାର ଅଛି । ନିଜ ମନକୁ ବୁଝେଇ ଆଶ୍ରମ ଭିତରକୁ ଚାଲିଗଲେ ବୃଦ୍ଧଜଣକ ।

ରାମୁ ଅଫିସ୍ ଆସି ଦେଖିଲା ସମ୍ବିତବାବୁ ତାଙ୍କ ଚେୟାର ଛାଡି ବିବ୍ରତ ଅବସ୍ଥାରେ ଫୋନରେ କାହା ସହିତ କଥା ହେଉଛନ୍ତି କଥା ତ ନୁହେଁ ବରଂ ଗାଳି କରୁଛନ୍ତି । ବଡ ପାଟିରେ ଚିତ୍କାର କରିଲା ଭଳି କହୁଥାନ୍ତି କୁଳାଂଗାର ଏତେ ଯତ୍ନରେ ତୋତେ ରଖିବାର ଏଇ ଫଳ ମିଳିଲା । ଲକ୍ଷ ଲକ୍ଷ ଟଂଙ୍କା ଖର୍ଚ୍ଚ କରି ପାଠ ପଢେଇଲା ପରେ ଶେଷରେ ତୁ ଫେଲ୍ ହେଲୁ । ମୋ ବାପା ମୁଲ ଲାଗି ମୋତେ ଅଫିସର କରିଛି । ଆଉ ତୁ ଗୋଟେ ଅଫିସରର ପୁଅ ହୋଇ ମୁର୍ଖହେଲୁ ।

କୌଣସି କାରଣ ବଶତଃ ଫୋନ୍‌ଟି ବୋଧେ କଟିଗଲା । ସମ୍ବିତବାବୁ ପଛକୁ ଚାହିଁ

 Magazine Downloaded from www.aahwaan.com

ଦେଖନ୍ତି ତ ରାମୁ ନୀରବରେ ମିଠା ଧରି ଠିଆ ହୋଇଛି । କାରଣ ରାମୁର ପୁଅ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି । ଏହା ଜାଣି ସମ୍ବିତବାବୁ ନିଜକୁ ସମ୍ଭାଳି ପାରିଲେ ନାହିଁ । କହିଲେ ରାମୁ ତୁ ବଡ ଭାଗ୍ୟବାନ୍ । ତୋ ପୁଅକୁ ଅଭାବି ପରିବାରରେ ସଠିକ୍ ଭାବରେ ପାଳନ କରିଛୁ ।

ରାମୁର ଉତ୍ତର ଥିଲା ମୁଁ ନୁହେଁ ମୋ ପୁଅର ସଫଳତା ପଛରେ ମୋ ବାପାଙ୍କ ଆଶୀର୍ବାଦ ରହିଛି । ମୋ ବାପା ଘରେ ରୁହନ୍ତି । ପୁଅକୁ ଉଚିତ୍ଶିକ୍ଷା, ସଠିକ୍ ମାର୍ଗ ଦର୍ଶନ ଶିଖାନ୍ତି ।

ସାର୍ ଆଜି ମୁଁ ବୃଦ୍ଧାଶ୍ରମ ଯାଇଥିଲି ମିଠା ବାଣ୍ଟି ସେମାନଙ୍କ ଠାରୁ ମୋ ପୁଅ ପାଇଁ ଆଶୀର୍ବାଦ ଆଣିବାକୁ ସେଠି ଆପଣଙ୍କ ବାପାଙ୍କୁ ଦେଖିଲି ।

ସମ୍ବିତବାବୁ ଲଜ୍ଜ୍ୟାରେ ମୁଣ୍ଡ ଉପରକୁ ଉଠାଇ ପାରୁ ନଥିଲେ । ସାଧାରଣ ପିଅନଟି ଆଗରେ ତାଙ୍କ ପାଟି ଖନି ବାଜି ଯାଉଥାଏ । ସାଂଗେ ସାଂଗେ କାର୍ ଧରି ବାହାରି ପଡିଲେ ସମ୍ବିତବାବୁ ସେଇ ଆଶ୍ରୟ ନାମକ ଆଶ୍ରମ ଆଡେ । ଦେଖିଲେ ବାପା ତାଙ୍କର ଯେମିତି ତାଙ୍କୁ ହିଁ ଅପେକ୍ଷା କରିଥିଲେ ।

ପାଦ ଛୁଇଁ ପ୍ରଣାମକରି କହିଲେ ବାପା ଆଜି ସାଧାରଣ ପିଅନଟି ମୋ ଆଖି ଖୋଲି ଦେଇଛି । ସେଇ ମୁହୁର୍ତ୍ତରେ ବାପାଙ୍କୁ ଧରି ଘରକୁ ଆସିଲେ । ସେଦିନଠାରୁ ବୁଢା ଆଶ୍ରମଛାଡ଼ି ପୁଅର ବଡ ବଂଗଳାରେ ରହି ନାତିଟୋକା ସହ ମଜ୍ଜା କରି ବାକିତକ ଜୀବନ ଆନନ୍ଦରେ କାଟିଲେ ।

ସାହାନିୟାଜ ପୁର, କଟକ

ଓଡ଼ିଶା

 Magazine Downloaded from www.aahwaan.com

# କ୍ଷମା

ସକାଳୁ ସକାଳୁ ଚିହ୍ନା ଚିହ୍ନା ପାଟି ଶବ୍ଦରେ ନିଦ ଭାଙ୍ଗିଗଲା ପଞ୍ଚାବନ ବର୍ଷୀୟ ଚିନ୍ମୟୀ ଦେବୀଙ୍କର । କିଏ ? ବୋଲି ଖୋଲା ଝରକା ଫାଙ୍କରୁ ଉଣ୍ଡି ବସିଲା ବେଳକୁ କେବଳ ସ୍ତ୍ରୀ ଲୋକ ଜଣେ ଦେଖା ଯାଉଥାନ୍ତି । ବାହାରୁ କିନ୍ତୁ ପୁରୁଷ ଲୋକଜଣଙ୍କର ପାଟି ଶୁଭୁଥାଏ । ପୁରୁଷ ଲୋକ ଜଣଙ୍କ ଗାର୍ଡ ସହ କଥା ହେଉଥାନ୍ତି । କାନ ଡେରିଲେ ଚିନ୍ମୟୀ ଦେବୀ, ପାଟି ଚିହ୍ନା ଚିହ୍ନା ତ ଲାଗୁଛି, ମହିଳା ଜଣଙ୍କୁ କେଉଁଠି ଦେଖିଲା ପରି ମନେ ହେଉଛି, ସତରେ କି ଫୋଟୋରେ ଦେଖିଛନ୍ତି ମନେ ପଡୁନି । ହଉ... ମୁହଁ ଧୋଇ କବାଟ ଖୋଲି ଯାହାକୁ ଦେଖିଲେ ତାଙ୍କୁ କେବେବି ଏଇ ବୃଦ୍ଧାଶ୍ରମରେ ଦେଖିବାର କଳ୍ପନା ବି ସେ କରି ନଥିଲେ । ନାଥ ସାର ? ଏଠି ? ହଁ, ୟେ ତ ନାଥ ସାରଙ୍କ ସ୍ତ୍ରୀ । ଫୋଟୋରେ ଦେଖିଥିଲେ ତାଙ୍କୁ ।



ସୁବଳ ମହାପାତ୍ର

ପ୍ରାୟ ୨୦ ବର୍ଷ ତଳେ, କଲେଜର ଆକାଉଣ୍ଟାଣ୍ଟ ଥିଲା ବେଳେ ଚିନ୍ମୟୀଙ୍କ ଠାରୁ ଦଶ ବର୍ଷ ବଡ ନାଥ ସାର ଥିଲେ ଚିନ୍ମୟୀ ଦେବୀଙ୍କର ହେଡ଼, ଉପର ଅଫିସର । ନାଥ ସାର ଭାରି ଷ୍ଟ୍ରିକ୍ଟ । ଆକାଉଣ୍ଟ ସେକ୍ସନରେ ଅଛନ୍ତି ବୋଲି ସେ କାହା ସହ ବି ମିଳାମିଶା କରିବାକୁ ଚାହନ୍ତିନି । ଜୁନିଅର ମାନଙ୍କୁ ମଧ୍ୟ ଏକରକମ ବାଧ୍ୟ କରନ୍ତି କାହା ସହ ନ ମିଶିବା ପାଇଁ । ପୁରା କଲେଜର ଦରମା ଟଙ୍କା ଏମାନଙ୍କ ହାତରେ

 Magazine Downloaded from www.aahwaan.com

ଥାଏ । ଆଜି କାହାର ଆଡ଼ଭାନ୍ସ ଦରକାର ତ କାଲି କାହାର ଛୁଟି ନ କାଟିବାକୁ ଅନୁରୋଧ, ସେଥିପାଇଁ ସେ ଦୁରେଇ କି ରହନ୍ତି ସମସ୍ତଙ୍କଠାରୁ । ଆହୁରି ବି ଟିକେ କଡା ମିଜ୍ଜାଜ ର ବ୍ୟକ୍ତିତ୍ୱ ତାଙ୍କର । ଟିକେ ଟିକେ ଭୁଲ ବି ସହି ପାରନ୍ତିନି । ମନ ଇଚ୍ଛା ଗାଳି କରନ୍ତି । ଚିନ୍ମୟୀ ଦେବୀ ମନେ ପକାଉଥିଲେ ସେ ଦିନ ଗୁଡିକ, ବେଳେ ବେଳେ ନାଥ ସାର ଆଉ ଚିନ୍ମୟୀ ଦେବୀଙ୍କ ଭିତରେ ଖଣ୍ଡେ ପଟେ ହୋଇଯାଏ । "କାହିଁକି ମିଶିବିନି ? ସେମାନେ ବି ତ ମଣିଷ " ବୋଲି ପାଟି କରି କହି ଉଠନ୍ତି ଚିନ୍ମୟୀ । ଲେବର, ପିଅନ, ଝାଡୁଦାରଙ୍କ ସହ କେବେ କେମିତି ଚିନ୍ମୟୀ ଟିକେ କଥା ହେଲାବେଳେ ନାଥ ସାରଙ୍କ ଆଖିରେ ପଡିଯାଏ ଆଉ....ରାମ ରାବଣ ଯୁଦ୍ଧ ପରି ରଣ-କ୍ଷେତ୍ର ପାଲଟି ଯାଏ ଆକାଉଣ୍ଟ ସେକ୍ସନ ଟି ।

କଲେଜ ରୁ ଚାକିରୀ ଛାଡିବାର କାରଣ ଥିଲେ ଏଇ ନାଥ ସାର । ଦିନେ ଝଗଡା ପରେ ନାଥ ସାର, କଲେଜ ପ୍ରିନସିପାଲ ଙ୍କୁ ଫେରାଦି ହେଲେ । ପରିଣାମ ସ୍ୱରୂପ, ସେହି କଲେଜ ରୁ ଚାକିରୀ ହରେଇବାକୁ ପଡିଥିଲା ଚିନ୍ମୟୀଙ୍କୁ । କେବେ ମୁହଁ ନଚାହିଁବାର ଶପଥ ନେଇ ସେ ବାହାରି ଆସିଥିଲେ କଲେଜ ରୁ । କିଛି ଦିନ ପରେ କିନ୍ତୁ ଆଉ ଏକ ଜାଗାରେ ତାଙ୍କୁ ଚାକିରୀ ମିଳିଯାଇଥିଲା ଆଉ ସେ ପୁରୁଣା କଥା କୁ ଦୁଃସ୍ୱପ୍ନ ମନେକରି ଭୁଲି ଯାଇଥିଲେ ଚିନ୍ମୟୀ ଦେବୀ । ଆଜି ପ୍ରାୟ କୋଡିଏ ବର୍ଷ ପରେ ଶୁଖି ଯାଇଥିବା ଘା-ଟାକୁ କିଏ ଯେମିତି ପୁଣି ରାମ୍ପି ଖଣ୍ଡିଆ କରି ଦେଇଥିଲା । ଦେହରେ ନିଆଁ ଲାଗି ଯାଇଥିଲା ଚିନ୍ମୟୀଙ୍କର । ମନ କୁ ସଂଯତ କରି ସେ ବାହାରକୁ ଆସିଲେ । ପଞ୍ଚଷଠି ବର୍ଷରେ, ଅଶି ବର୍ଷର ବୁଢା ପରି ଦେଖା ଯାଉଥିଲେ ନାଥ ସାର । କୋଡିଏ ବର୍ଷ ପୂର୍ବର ଥନ୍ତଲ ପେଟ ଟି ବି କମି ଯାଇଥିଲା । ମରି ମରି ବଞ୍ଚିଲା ପରି ଦେଖା ଯାଉଥିଲେ । ମ୍ୟାଡ଼ାମଙ୍କ ଅବସ୍ଥା ଆଉ ନକହିବା ଭଲ । ନମସ୍କାର ଟିଏ କରି ପାଖକୁ ଗଲେ ଚିନ୍ମୟୀ ଦେବୀ । ଚିନ୍ମୟୀଙ୍କୁ ଦେଖି ସାରଙ୍କ ଶୁଖିଲା ଆଖିରୁ ବି ଲୁହ ଧାରେ ବହି ପଡିଲା । ପାଣି ଗ୍ଲାସେ ଦେଇ ପାଖ ଚୌକି ରେ ବସିବାକୁ କହିଲେ ଆଉ ପଚାରିଲେ,

 Magazine Downloaded from www.aahwaan.com

"ସାର, ଆପଣ ଏଠି ?" ।

ପ୍ରଶ୍ନ ବି ଶୁଣିବାକୁ ଧର୍ଯ୍ୟ ନଥିଲା ସାରଙ୍କର, କହି ଚାଲିଲେ, "ମା ଲୋ, ମୁଁ ଜାଣିଛି, ମୁଁ ତୋ ପ୍ରତି ଅନ୍ୟାୟ କରିଛି । କ୍ଷମତା ଥିଲା ବେଳେ କ୍ଷମତା ବଳରେ ଅନ୍ଧ ହୋଇ, ତୋ'ତେ ମୁଁ ହିଁ ଚାକିରୀ ରୁ ବାହାର କରେଇ ଥିଲି । ମୋତେ ଇଛା ନଥିଲା ଯେ ଆକାଉଣ୍ଟ ସେକ୍ସନ ରେ କାମ କରୁଥିବା କେହି ବି ଲୋକ ବାହାର ଲୋକଙ୍କ ସହ ମିଶୁ, କଥା ହେଉ । କାରଣ ସେମାନେ ଏଇ ବନ୍ଧୁତ୍ୱ ଟିକକ ର ଦ୍ୱାହି ଦେଇ ତାଙ୍କ ନହେଲା କାମ ବି କରେଇ ନେବେ ଆମ ପାଖରୁ । ତୁ ନଶୁଣିବାରୁ ମୁଁ ବାଧ୍ୟ ହୋଇ ପ୍ରିନ୍‌ସିପାଲ ଙ୍କ ପାଖରେ ଫେରାଦି ହୋଇ ତୋତେ ଚାକିରୀ ରୁ ବାହାର କରେଇଥିଲି । ଦୟାକରି ମୋତେ କ୍ଷମା କରିଦେ " ବୋଲି କହି ହାତ ଯୋଡି ଠିଆ ହୋଇ ପଡିଲେ ।

ହଠାତ ଚିନ୍ମୟୀ ଦେବୀଙ୍କ ମୁଣ୍ଡରେ କିଛି ପଶୁ ନଥିଲା । ସାରଙ୍କ ହାତ ଧରି ପୁଣି ଥରେ ଚୌକି ରେ ବସେଇଲେ ସେ, ଆଉ କହିଲେ, "କିଛି କଥା ନାହିଁ ସାର, ବେଳେ ବେଳେ ସେମିତି ହୁଏ । ଆମକୁ ପସନ୍ଦ ନଥିବା ଲୋକ ଙ୍କ ପ୍ରତି ଆମେ ବେଳେ ବେଳେ ଅତି ମାତ୍ରାରେ ପ୍ରତିକ୍ରିୟାଶିଳ ହୋଇପଡୁ, ଯାହାର ପରିଣାମସ୍ୱରୂପ ବେଳେ ବେଳେ କିଛି ଅଘଟଣ ଘଟିଯାଏ" । ତେବେ ମୋ କ୍ଷେତ୍ରରେ ଏହା ଚଳନୀୟ । ପରେ ମୋତେ ସାଙ୍ଗେ ସାଙ୍ଗେ ଚାକିରୀ ମିଳିଯାଇଥିଲା ଆଉ ମୁଁ ଭଲରେ ଅଛି, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ସାରଙ୍କ ମୁହଁ ଟି କାନ୍ଦ କାନ୍ଦ ହୋଇ ଆସିଥିଲା, ପୁଣି ସେ କହି ଉଠିଲେ, "ନା, ମା, କଥା ଏତିକି ରେ ସରିନି । ମୁଁ ଆସିଛି ତୋତେ ଜାଗା ଖଣ୍ଡେ ମାଗିବା ପାଇଁ । ଅଫିସ ର କିଛି ପୁରୁଣା ଷ୍ଟାଫଙ୍କ ପାଖରୁ ବୁଝି ଜାଣିଲି ତୁ ଏଇଠି ଅଛୁ, ବୃଦ୍ଧାଶ୍ରମ ଟିଏ ଖୋଲିଛୁ, ସେଥିପାଇଁ ତୋ ପାଖକୁ ଚାଲି ଆସିଲି " ।

-- କିନ୍ତୁ ଆପଣଙ୍କର ର ଦୁଇ ପୁଅ ଥିଲେ । ସେମାନେ କଣ ?

-- ନା, ବଡ ଆଉ ନାହିଁ, ସାନ ଥାଇ ନଥିଲା ପରି । ନଥିଲେ ବରଂ ଭଲ ହୋଇଥାନ୍ତା ।

 Magazine Downloaded from www.aahwaan.com

ଆମେ ବି ପ୍ରାଣୀ ଟିକେ ଶାନ୍ତି ରେ ରହିଥାନ୍ତୁ ।

-- କିଛି ବୁଝିପାରିଲିନି ସାର...

ଆଖିରୁ ଲୁହ ପୋଛି ସେ କହିବାକୁ ଲାଗିଲେ," କ୍ଷମତା ପାଇଁ ମୋର ଆଉ ଟିକେ ଗର୍ବ ବଢି ଯାଇଥିଲା । କଲେଜ ତ କଲେଜ, ସାମାଜିକ ଜୀବନ ରେ ଏହାର ପ୍ରଭାବ ପଡ଼ିବାକୁ ଲାଗିଥିଲା । ଫଳସ୍ୱରୂପ, ସାଙ୍ଗ ସାଥି, ବନ୍ଧୁ ବାନ୍ଧବ ସମସ୍ତେ ମୋଠୁ ଦୁରେଇବାକୁ ଲାଗିଲେ । ତଥାପି ଆଣ୍ଠ ଭାଙ୍ଗି ନଥିଲା ମୋର । ବଦଳି ହୋଇ ସହର ର ଏକ ନାମୀ ଦାମୀ କମ୍ପାନୀ ରେ ଚାକିରୀ ପାଇ, ସହର ରେ ରହିବାକୁ ଲାଗିଲି । ପଇସା ଆଉ ଚାକିରୀ ର ଦ୍ୱାହି ରେ ମୁଁ ସମସ୍ତଙ୍କୁ ନିମ୍ନ ଦୃଷ୍ଟି ରେ ଦେଖିବାକୁ ଲାଗିଥିଲି । ଆମ ଗାଁ ରୁ ମୁଁ ଥିଲି ସହରରେ ରହୁଥିବା ଏକମାତ୍ର ବ୍ୟକ୍ତି । ବାପା ମା ଡକାହକା ହୋଇ କେବେଠୁ ଯାଇ ସାରିଥିଲେ, ଗାଁ ରେ ଯେଉଁ ବି ଏକର ଜମିଥିଲା ତାକୁ ଭାଗରେ ଲଗେଇ ଦେଇଥିଲି । ସହର ରେ କିଛି କାମ ପଡିଲେ ମୋ ଗାଁ ଲୋକ ମୋ ପାଖକୁ ଆସୁଥିଲେ, ଏବେ ମୁଁ ତାଙ୍କୁ ମଧ୍ୟ ନିମ୍ନଦୃଷ୍ଟି ରେ ଦେଖି ଯ୍ୟାତ୍ତୁ ସ୍ୟାତ୍ତୁ କହିବାକୁ ଲାଗିଲି, ଯାହା ଫଳରେ ଗାଁ ରୁ କେବଳ ଭାଗୁଆରି କୁ ଛାଡିଲେ ଆଉ କେହି ମୋ ସହ ସମ୍ପର୍କ ରଖିଲେ ନାହିଁ । ଗାଁ ରୁ ଆଉ ଜଣେ ବି ଜଣ ସହରକୁ ଆସିଲା ପରେ ମୋ ଘରୁ ଗହଳି ଭାଙ୍ଗି ଯାଇଥିଲା । ସେମାନଙ୍କ ବ୍ୟବହାର ପାଇଁ ଗାଁ ଲୋକ ତାଙ୍କୁ ବାଃ ବାଃ କରୁଥିବା ବେଳେ ମୋ ମୁହଁ ଚାହିଁଲେ ଖାଇବାକୁ ମିଳିବନି ବୋଲି କଥା ହେଉଥିଲେ । ତଥାପି ମୁଁ ଅନ୍ଧ ହୋଇ ଯାଇଥିଲି । କାହା କଥା ଶୁଣିବା ଅବସ୍ଥା ରେ ନଥିଲି । ଏପରିକି ମୋ ସ୍ତ୍ରୀ ର କଥା ମଧ୍ୟ । ମୋ ଜିଦି ଆଉ ପ୍ରତିପତ୍ତି ବଢି ଚାଲିଥିଲା, ତା ସହ ଖୋଲି ଚାଲିଥିଲା ମୋ ପିଲାଙ୍କର ଅବାଟକୁ ଯିବାର ରାସ୍ତା । ଉପୁରି ପଇସା ପାଇବା ପାଇଁ ମୁଁ ଦିନ ରାତି ଏକ କରି ଦେଉଥିଲି ଆଉ ପିଲାଙ୍କ ପାଇଁ ଦେଉଥବା ସମୟ ରୁ କାଟି ପଇସା ପଛରେ ଗୋଡ଼ଉଥିଲି । ପିଲାମାନେ ବାଲୁଙ୍ଗା ହେବାରେ ଲାଗିଥିଲେ । ଦୁଇ ପୁଅ ଭିତରୁ ବଡ ପୁଅ ଦିନେ ବାଇକ ଷ୍ଟଣ୍ଟ ଦେଖାଉ

 Magazine Downloaded from www.aahwaan.com

ଦେଖାଉ ରାସ୍ତା ରେ ଥିବା ଡିଭାଇଡର ରେ ପିଟି ହୋଇଗଲା । ଛଅ ମାସ କୋମା ରେ ରହିଲା ପରେ ତା'ର ଦେହାନ୍ତ ହେଲା । ତାକୁ ବଞ୍ଚେଇବାକୁ ଗୁଡ଼େ ପଇସା ଖର୍ଚ୍ଚ କଲି । ଏପଟେ ସାନ କୁ ମଧ୍ୟ ଧ୍ୟାନ ଦେଇ ପାରିଲି ନାହିଁ । ବଡ ଗଲା ପରେ ସାନ ପ୍ରତି ମାୟା ମୋହ ଟିକେ ଅଧିକା ହୋଇ ଯାଇଥିଲା । ଅତ୍ୟଧିକ ଗେଲ୍‌ହା ହେଲେ ପିଲା ଯାହା ହୁଅନ୍ତି, ସେ ବି ଆସ୍ତେ ଆସ୍ତେ ଖରାପ ରାସ୍ତା ଆଡକୁ ପାଦ ବଢେଇବାରେ ଲାଗିଥିଲା । ରାତିରେ ମଦ ପି ଘରକୁ ଆସିବା ତା'ର ନିତିଦିନିଆ ହୋଇଗଲା । ମୁଁ କି ମୋ ସ୍ତ୍ରୀ କିଛି କହିଲେ କି ବାରଣ କଲେ ଆମକୁ ମିଳୁଥିଲା ଚପଲ ମାଡ । ଭାବିଲି, ବାହା କରିଦେଲେ ବଦଳି ଯିବ । କିନ୍ତୁ ଯିଏ ଆଜି ଯାଏଁ ବଦଳିଲା ନାହିଁ, ସେ ବାହା ହେଲା ପରେ ଅବା କ'ଣ ବଦଳିଥାନ୍ତା ? ବାହା ହେଲା ପରେ ବି ତା'ର ଏପରି ହାବ ଭାବ ଦେଖି ବୋହୁ ତା' ବାପା ଘରକୁ ଯାଇ ଆଉ ଆସିବାକୁ ମନାକଲା । କେତେ ଆଉ ଦହଗଞ୍ଜ ହୋଇ ଜୀବନ ବିତେଇଥାନ୍ତି ? ରିଟାୟାର୍ଡ଼ ପରେ ଗାଁ କୁ ଗଲି ରହିବା ପାଇଁ, କିନ୍ତୁ ମୋ ସମସାମୟିକ ଲୋକଙ୍କ ଠୁ ତ ମୁଁ ସମ୍ପର୍କ କାଟି ସାରିଥିଲି, ଆଉ ଆଜି କାଲିର ଛୁଆ ମୋତେ କଣ ଚିନ୍‌ହିଛନ୍ତି ନା ଜାଣିଛନ୍ତି । ସାନ ବି ମଝିରେ ମଝିରେ ଗାଁ କୁ ଆସି ଜମି ବିକି ପଇସା ନେବ ବୋଲି ମାର ଧର କରେ । ଦଶଦିନ ତଳେ ଆସିଥିଲା । ଆମକୁ ଧମକ ଦେଇ ଯାଇଛି, ଦଶଦିନ ଭିତରେ ଜମି ସବୁ ବିକ୍ରିକରି ପଇସା ନେଇକି ଯିବ । ଆଉ ପାରିଲିନି, ସବୁ ସମ୍ପତି ବାଡ଼ି ବିକି କୁଆଡେ ଚାଲିଯିବୁ ବୋଲି ଠିକକଲୁ ଆମେ ସ୍ୱାମୀ ସ୍ତ୍ରୀ ଦି ଜଣ । ହଠାତ ମନ କୁ ଆସିଲା ତୁ ଚାକିରୀ କଲାବେଳେ କହୁଥିଲୁ ବୃଦ୍ଧାଶ୍ରମ ଟିଏ ଖୋଲିବୁ ବୋଲି । ପୁରୁଣା ଷ୍ଟାଫଙ୍କ ପାଖକୁ ଫୋନ କଲି, କିଛିଜଣ ତୋ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଲେ, ଶେଷରେ ପିଅନ ମକରା ଠୁ ତୋ ଖବର ପାଇଲି । ଗାଁ ର କିଛି ଲୋକଙ୍କୁ ଶାଗ ମାଛ ଦର ରେ ଜମି ବିକି ବହୁତ ଆଶା ନେଇ ତୋ ପାଖକୁ ଚାଲି ଆସିଲି । ଛିଣ୍ଡା ବ୍ୟାଗ ରୁ ପାଖାପାଖି ପାଞ୍ଚ ଲକ୍ଷ ଟଙ୍କା କାଢି ଟେବୁଲ ରେ

 Magazine Downloaded from www.aahwaan.com

ରଖିଲେ, ଆଉ କହିଲେ," ଆମେ ଦି ଜଣ ଏବେ ତୋ ପାଖରେ ରହିବୁ । ଏଇଠି । ମୁଁ ଜାଣିଛି, ତୁ ବହୁତ ଭଲ ଝିଅ, ଯିଏ ନିଜ ଠୁ ତଳ କର୍ମଚାରୀଙ୍କ ସହ ବନ୍ଧୁ ଭାବରେ ମିସିପାରେ, ସେ କଣ ମୋତେ କ୍ଷମା କରି ପାରିବନି ? ଭୁଲ ତ ମୁଁ କରିଥିଲି, ଏବେ ପ୍ରାୟଶ୍ଚିତ କରିବାକୁ ଦେ" କହି କଇଁ କଇଁ ହୋଇ କାନ୍ଦି ଉଠିଲେ ନାଥ ସାର ।

ଚିନ୍ମୟୀ ଦେବୀ ଆବାକାବା ହୋଇ ଦୁଇ ଜଣଙ୍କୁ ଦେଖୁଥାନ୍ତି । ରାଗ ତାଙ୍କର କୁଆଡେ ଉଭେଇ ଯାଇଥାଏ । ମଲା ଲୋକକୁ ଆଉ କଣ ମାରିବ ? ମୁଣ୍ଡକୁ କିଛି ଯୁଟିବା ପୂର୍ବରୁ ହାତ ଟି ତାଙ୍କର , ସାରଙ୍କ ଲୁହ ପୋଛିବାକୁ ଆଗେଇଯାଇଥିଲା । ଚିନ୍ମୟୀ ଦେବୀ ନିଜ ଶାଢ଼ୀ କାନିରେ ସାରଙ୍କ ଲୁହ ପୋଛିଦେଲେ ।ମ୍ୟାଡାମ ଙ୍କୁ କୁଣ୍ଢେଇ ଧରି କହିଲେ, ଆପଣ ପଇସା ଦେବା ଦରକାର ନାହିଁ । ଆଜିଠୁ ଆପଣ ଏଇଠି ରହିବେ । ମୋ ପାଖରେ...

ଖୁସିରେ ସାର ଓ ତାଙ୍କ ସ୍ତ୍ରୀ ର ଆଖିରେ ଲୁହ ଆସି ସାରିଥିଲା ।

କ୍ଷମା କରି ଦେବାରେ ଯେ ଏତେ ଆନନ୍ଦ ଥାଏ, ଚିନ୍ମୟୀ ଦେବୀ ଆଜି ତାହା ହୃଦୟଙ୍ଗମ କରୁଥିଲେ....

--x--

ଦୟା, କ୍ଷମା ଓ ସେବା ହିଁ ପ୍ରତ୍ୟେକ ଧର୍ମର ମୂଳତତ୍ତ୍ୱ । ଏହାକୁ ହୃଦୟଙ୍ଗମ କରି ପାରିଲେ ମଣିଷ ମହାନ ବନିଯାଏ....

ଖଲାରୀ, ଅନୁଗୁଳ, ଓଡିଶା

ଦୂରଭାଷ-(0)୯୩୭୬୦୧୨୫00


ଇମେଲ-subal.mohapatra@gmail.com

 Magazine Downloaded from www.aahwaan.com

# ସନାତନ

ସନାତନ ଆମ ଗାଆଁର ସେମିତି କୋଉ ବଡ ନାମଜାଦା ଲୋକ ନଥିଲା ନା ବଡ ଚାଷୀଟାଏ ଥିଲା । ବେଶି ପାଠୁଆ ନଥିଲା କି ସେମିତି କିଛି ବଡ କିମ୍ବା ଛୋଟମୋଟ ନେତାଟାଏ ବି ନଥିଲା, ଭାବୁଥିବେ ମୁଁ ତା ବିଷୟରେ କହିବାକୁ କାହିଁକି ବାଛିଲି ? ଏତେ ଲୋକ ଗାଆଁରେ ଆଛନ୍ତି, ସେମାନଙ୍କ ବିଷୟରେ କହିବାକୁ ବହୁତ କିଛି ମସଲା ମିଳିଥାନ୍ତା, ହେଲେ ସେମାନଙ୍କୁ ଛାଡି ମୁଁ ସନେଇ ମାନେ ସନାତନ କଥା କହିବାକୁ କାହିଁକି ଭାବିଲି ?

ଏଇଥି ପାଇଁ କହୁଛି ସନେଇ କଥା, କାରଣ ତା ଘରଟା ଆମ ଗାଆଁ ମୁଣ୍ଡରେ, ମେଲଣ ପଡିଆପାଖରେ ଯେଉଁ ବରଗଛଟା ତାଠାରୁ ଟିକିଏ ଦୂରରେ । ତା ଅଗଣାରେ ଠିଆହେଲେ ବରଗଛଟା ପୁରା ଦେଖାଯାଏ । ବରଗଛ ତଳେ କିଏ ବସିଛି କିଏ ଠିଆ ହୋଇଛି ପୁରା ଚିହ୍ନି ହୋଇଯାଏ । ସନେଇ ହେଉଛି ଆମ ସମାଜର ଗୋଟିଏ ନିର୍ଭିକ ସୈନୀକ । ହଳ ବଳଦ ନେଇ ଭାଗ ଜମିରେ ତାର ରକ୍ତ ନିଗାଡି ଦିଏ । ଛନ୍ଦ କପଟ ଜାଣେନା, ରାଜନୀତିରେ ମୁଣ୍ଡ ଖେଳାଏନି । ଦିନେ ତାକୁ ପଚାରିଲି, ଆରେ ସନେଇ ତୁ ଶୁଣିଛୁ ! ଆମ ନେତା କହୁଛନ୍ତି ଭଲ ଦିନ ଖୁବ୍ ଶିଘ୍ର ଆସିବ ! ସମସ୍ତଙ୍କର ସପନ ପୁରା ହୋଇଯିବ । ହେଲେ ଭଲ ଦିନ କହିଲେ ତୁ



ବିନୟ ମହାପାତ୍ର

 Magazine Downloaded from www.aahwaan.com

କଣ ଭାବୁ ? ସନେଇର ଉତ୍ତର ଶୁଣି ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ସତରେ କହନ୍ତି ମାଟିର ମଣିଷ, ଯିଏ ମୁଣ୍ଡରୁ ନୁହେଁ ହୃଦୟରେ ଭାବେ । ସନେଇ କହିଲା, ଆଜ୍ଞା, ଯେଉଁଦିନ ମୋ ବୁଢିମାଆ, ମୋ ପୁଅ, ଝିଅ, ମୋ ସ୍ତ୍ରୀ ଦୁଇ ବକତ ପେଟ ପୁରେଇ ଖାଇବେ, ଯେଉଁଦିନ ଝଡି ବର୍ଷାରେ ମୋ ଚାଳରୁ ପାଣି ଗଳିବନି, ଶୀତ କାକରରେ ମୋ ପିଲାଏ ହନ୍ତସନ୍ତ ହେବେନି କି ମୋ ପରିବାରର କେହିବି ରୋଗ ଯନ୍ତ୍ରଣା ଭୋଗି ଔଷଧ ଟୋପାଏ ନପାଇ ମରିବନି ସେଇଦିନ ଆସିବ ଭଲ ଦିନ ।

ସନାତନର ଛୋଟ ପରିବାରଟିଏ । ପରିବାର କହିଲେ, ବୁଢି ମାଆ, ସ୍ତ୍ରୀ ସୁମତି, ବଡପୁଅ ବିକାଶ, ଏଇ ଦୋଳକୁ ନଅ ପୁରି ଦଶ ଚାଲିଲା, ଗାଁ ପ୍ରାଇମରୀ ସ୍କୁଲରେ ପଞ୍ଚମରେ ପଢେ, ଝିଅ ସାନ, ଆଠ ବର୍ଷର କେତକୀ, ତୃତୀୟରେ ପଢେ । ବାପା ତ ପିଲାଦିନେ ମରି ଯାଇଥିଲା, ମାଆ ଥିଲା ବୋଲି ସନେଇ ମଣିଷ ହେଲା, ହାତକୁ ଦି ସାତ ହେଲା । ବୁଢି ଖୁବ୍ ସମ୍ଭାଳି ଥିଲା ଘରକୁ । ସନିଆ ସେତେବେଳ ଆଠ ବରଷର ଥିଲା, ସନିଆର ବାପା କୋଉ ଅଜଣା ବେମାରୀରେ ମରିଗଲେ । ବଇଦେ କହୁଥିଲେ କୁଆଡେ ରାଜଯକ୍ଷ୍ମା ହେଇ ଯାଇଥିଲା ବୋଲି, ପ୍ରଥମେ ତ କାଶ ହେଲା, କାଶି କାଶି ନୟାନ୍ତ ହେଲାରୁ ବଇଦକୁ ଦେଖାଇଲେ, ଜମିବାଡିତ କିଛି ନଥିଲା, ମୂଲଚାଲ କରି ଘର ଚଳଉଥିଲା । ପଥି ପାଞ୍ଚଣ ପାଇଁ ରୁଣ କରଜ କିଏ ବା ଦେଇ ଥାଆନ୍ତା ! ବଡ କଷ୍ଟରେ କେଉଁଠୁ କେଉଁଠୁ ଧାର ଉଧାର କରି ସନେଇ ମାଆ ତା ବାପାକୁ ବଇଦ ପାଖକୁ ନେଇଥିଲା । ବଇଦେ କିଛି ଔଷଧ ଦେଲେ, ମାସ ଦିଟାରେ ହାଡ କଙ୍କାଳ ଦିଶିଗଲା ସନେଇ ବାପର । ତା'ପରେ କାଶରେ ରକ୍ତ ପଡିଲା, ଦିନ ପନ୍ଦରଟାରେ ସବୁ ଶେଷ ।

ସନେଇ ମାଆ ବହେ କାନ୍ଦିଲା, ଶେଷକୁ କପାଳ ଆଦରି ପଡି ରହିଲା ସନିଆ ମୁହଁକୁ

 Magazine Downloaded from www.aahwaan.com

ଚାହିଁ । ଘର ଘର କାମ କରି, ସନିଆକୁ ବଡ କଲା । ସନିଆ ଟିକେ ପାରିବାର ହେଲାରୁ ମୂଲ ଲାଗିବା ଆରମ୍ଭ କରିଦେଲା । ମାଆ ପୁଅ ମିଶି କାମରେ ଲାଗିଗଲେ, ଦି ପଇସା ଅଧିକ ଘରକୁ ଆସିଲା । ଖାଇବାକୁ ଦି'ଜଣ ମଣିଷ, ଦୁନିଆର ସ୍କୁଲ ଜୀବନ ବିଷୟରେ ବହୁତ କିଛି ଶିଖେଇ ଦେଇଥିଲା ବୁଢିକୁ ତା ଜୀବନରେ । ଆଗକୁ ଭାବି ବୁଢି ଦି ଦିପଇସା ଏକାଠି କରିବାରେ ଲାଗିଗଲା । ବରଷ ଦିଟାରେ ଏତିକି ତ ହୋଇଗଲା କି ଯୋଡିଏ ବଳଦ ଆଉ ହଳ ନଙ୍ଗଳ କିଣି ହୋଇଯିବ । ଭାବିଲା ହଳ ଲଙ୍ଗଳ ହୋଇଗଲେ ସନିଆର ଆଉ ଅଧିକ ଦୁଇ ପଇସା ରୋଜଗାର କରିପାରବ । କିଛି ଅଧିକ କିଛି ଜୋଡିଲେ ସନିଆକୁ ହାତକୁ ଦି ହାତ କରିଦେଇ ଘରକୁ ବୋହୁ ଆଣିବ । ତେଣିକି ସନିଆର ସଂସାର ଦେଖି ନିଶ୍ଚିନ୍ତରେ ତା ଆଖି ବୁଜିବ, ନହେଲେ ଆର ପୁରକୁ ଯାଇ ସନିଆ ବାପାକୁ କଣ କହିବ !

ଭୋକ ହିଁ ମଣିଷର ପରମ ମିତ୍ର, ହିତୈଷୀ । ଭୋକ ନଥିଲେ ହୁଏତ ମଣିଷ କେଉଁ ଯୁଗରୁ ସମାପ୍ତ ହୋଇ ସାରନ୍ତାଣି । ମଣିଷର ସବୁ ପ୍ରେରଣାର ଧାରା ଭୋକରୁ ହିଁ ଆସେ, ଏଇ ଭୋକ ହିଁ ମଣିଷକୁ ଜୀବିତ ରଖିଛି । ଭୋକ ଖାଲି ପେଟରେ ନଥାଏ । ଭୋକ ପାଇଁ କିଏ ଦେହ ବିକୁଛି ତ କିଏ ନିଜ ଦେହର ଭୋକ ମେଣ୍ଟେଇବାକୁ ଦେହ କିଣୁଚି । ଭୋକ କ୍ଷମତା ପାଇଁ, ଭୋକ ନାଆଁ କରିବା ପାଇଁ, ଭୋକ ଜ୍ଞାନ ପାଇଁ, ବିଜ୍ଞାନ ପାଇଁ, ଭୋକ ଈଶ୍ୱର ଭକ୍ତି ପାଇଁ ଏମିତି ଅନେକ ଭୋକ । ଏଇ ଭୋକ ମଣିଷକୁ ସକାଳୁ ଉଠଉଚି ଆଉ ଦିନସାରା ବଦଳ ପରି ଖଟଉଚି । ଭୋକ ନ ଥିଲେ କିଏବା କାହିଁକି ସକାଳୁ ଉଠନ୍ତା କି ରାତି ରାତି ନଶୋଇ ଚବିଶଘଣ୍ଟା, ଘଡିର କଣ୍ଟା ପରି ଟିକ୍ ଟିକ୍ କରି କାମରେ ଲାଗି ଥାଆନ୍ତା ? ଯେତେବେଳେ ମଣିଷର ଭୋକ ସମାପ୍ତ ହୋଇଗଲା, ଜାଣ ସେତେବେଳେ ମଣିଷଟି ବି ସମାପ୍ତ ।

 Magazine Downloaded from www.aahwaan.com

ସରକାର ଦିଟଙ୍କିଆ ଚାଉଳ କରି ଖଟିଖିଆ ଲୋକଙ୍କର ପେଟର ଭୋକକୁ ମାରିଦେଲେ ଆଉ ମାରିଦେଲେ କାମିକା ମଣିଷମାନଙ୍କର କାମ କରିବାର ଇଚ୍ଛା ଏବଂ ଆବଶ୍ୟକତାକୁ, ଆଉ ସେମାନଙ୍କର କାମ କରିବାର ଭୋକକୁ । ସରକାର ଗୁଡାଏ ନିକମ୍ମା ଅଳସୁଆ ଲୋକରେ ଭରିଦେଲେ ଦେଶଟାକୁ । ସରକାର ତ ରାଜନୀତି ଖେଳୁଛନ୍ତି । ଦାନା ଦେଖାଇ ଡେଣା କାଟି ଦେଉଛନ୍ତି । ଗୁଡାଏ କ୍ରୀତଦାସ ତିଆରି କରୁଛନ୍ତି ଦି ଟଙ୍କିଆ ଚାଉଳ ବଦଳରେ । କାଲି ପୁଣି ଭୋଟ ହେବ, ସେତେବେଳେ ଏଇ ନିକମ୍ମା ମାନେ ତ କାମରେ ଆସିବେ । ଜୟ ଜୟକାର କରିବେ ପୁଣି ଭୋଟ ଦେଇ ଜିତେଇ ଦେବେ । ଆଉ ଅନେଇ ବସିବେ ଚାତକଙ୍କ ପରି । ପୁଣି ମହାଭାଗ କେଉଁ ଦୟାର ବୃଷ୍ଟି କରିବେ । ମାଗଣାରେ ଅମୁକ ମିଳିବ ସମୁକ ମିଳିବ । ଗୁଡାଏ ମାଗଣାଖିଆ ନିକମ୍ମା ମଣିଷଙ୍କର ଦେଶ ବନିଯିବ, ଏବଂ ଏଇ ଶସ୍ୟ ଶ୍ୟାମଳା ଭୁଇଁ ଦିନେ ଟାଙ୍ଗରାଭୂଇଁ ପାଲଟି ଯିବ ।

ପେଟ ଚାଖଣ୍ଡଙ୍କ ପାଇଁ ସମସ୍ତେ ଅନେଇ ବସିଛନ୍ତି ଏଇ କୃଷକର ହାତକୁ । ସକାଳୁ ବ୍ୟାଗ୍ ଧରି ହାଟ ବଜାରରେ ବୁଲି ବୁଲି ଖୋଜୁଛନ୍ତି ବାଇଗଣ ଗଣ୍ଡେ କି ଶାଗ ବିଡାଟେ ପାଇଁ । ଚୁଲି ମୁଣ୍ଡରେ ଘରଣୀ ଅନେଇ ବସିଛି ଚାଉଳଗଣ୍ଡେ କି ଅଟା ଦିମୁଠା ପାଇଁ । ଖାଇଲା ବେଳେ କିଏ କଣ ମନେ ପକାଏ ସେହି ଅନ୍ନଦାତା 'ବିଚରା ଚାଷିଟିଏ'ର କଥା ? ହଁ, ବେପାରୀ ବାପୁଡା ଖାଲି ଅନେଇ ବସିଛି । କେତେବେଳେ ଖେତରେ ଧାନ ପାଚିବ କି ପିଆଜ, ଟମାଟର ଫଳିବ । କ୍ଷେତ ମୁଣ୍ଡରୁ ଆଠଣି ଚାରଣି ଭାଉ ଦେଇ ପିଆଜ ଟମାଟର କିଣିନେବ ଆଉ ବଜାରରେ ପଚାଷ ଶାଠିଏ ଟଙ୍କାରେ ବିକିବ । ବିଚରା ଚାଷି ଝାଳ ରକତ ନିଗାଡି ଦେଇ ଖାଲି ହାତରେ ଅନେଇ ବସିଥିବ, ରୁଣ କରଜ କେଉଁଠୁ ମିଳିବ ଆସନ୍ତା ଫସଲ ପାଇଁ । କରଜ ଶୁଝି ନପାରିଲେ ପାଞ୍ଚ ହାତର ଦଉଡିରେ ଗଛଡାଳରେ ଝୁଲେଇ

 Magazine Downloaded from www.aahwaan.com

ଦେବ ନିଜକୁ ।

ଯେତେବେଳେ ସନିଆର ସାଇ ଭାଇ ଭେଣ୍ଡିଆ ପଲକ ପିଣ୍ଡାରେ କି ଗାଆଁ ମୁଣ୍ଡ ବରଗଛ ଚବୁତରାରେ ବସି ତାସ ଖେଳରେ ମସଗୁଲ ହେଉଥାନ୍ତି, ସେତେବେଳେ ସନିଆ ଲାଗିଥାଏ ତା କାମରେ, ନିଜର ଜମି ବୋଇଲେ ତ ଖାଲି ଘରଡିହ ଖଣ୍ଡକ ।ତେଣୁ ମାହାନ୍ତି ଘର ଜମି ଭାଗରେ ଚାଷ କରେ ।ମାହାନ୍ତି ବୁଢା ଆଗରୁ ନିଜେ ଚାଷ କରୁଥିଲେ, ଦି' ଦିଟା ହଳିଆ କାମ କରୁଥିଲେ କ୍ଷେତରେ ।ଦି ହଳ ବଳଦ ବନ୍ଧା ହେଉଥିଲେ ଗୁହାଳରେ ଆଉ ବଉଳା ଗାଇର ଗୁହାଳ ଅଲଗା ।ପିଲା ମାନେ ପାଠଶାଠ ପଢି ବଡ ବଡ ଅଫିସର ହେଲେ, ଏବେ ପିଲାଛୁଆଙ୍କୁ ନେଇ ସହରରେ ରହୁଛନ୍ତି ।ବୁଢାକୁ ମନା କରିଦେଲେ ଚାଷବାସ କରିବାକୁ, ଆଜି କାଲି ଚାଷରେ କିଛି ଲାଭ ନାହିଁ ।ବଜାରରେ ତ ସବୁକିଛି ମିଳି ଯାଉଛି କିଣିବାକୁ ।ଚାଷକରି କାଦୁମାଟିରେ ଏତେ ହନ୍ତସନ୍ତ ହୋଇ ଲାଭ କଣ ? ଏକ୍ ତ ହଳିଆ ରହିବାକୁ ଲୋକ ମିଳିଲେନି, ଉପରେ ଆଜିକାଲି ମୂଲିଆ ବି ମିଳୁ ନାହାନ୍ତି କଣ ଗୋଟାଏ କାମ କରିବାକୁ ।ହଳ ବଳଦ କଥା କିଏ ବୁଝିବ, ଜମିବାଡି ଚାଷ କିଏ କରିବ ? ତା ଉପରକୁ ଏତେ କଷ୍ଟକରି ପଇସା ଖର୍ଚ୍ଚ କରି ଚାଷ କରିବ, ଠିକ ସମୟରେ ଇନ୍ଦ୍ରଦେବତା ନାରାଜ ହେଲେ କି ପୋକ ଲାଗିଗଲେ ସବୁ ସରିଲା, ବର୍ଷ ଯାକର ମେହେନତ ଚୁଲିକୁ ଗଲା ।ଚାଷରେ ଆଉ ମନ ବଳୁନି ମାହାନ୍ତି ବୁଢାର ।ଏବେ ଜମିଯାକ ସବୁ ପଡିଆ ପଡିଛି ।

ଦି ବର୍ଷ ଆଗରୁ ଦୋଳ ମେଲଣ ଜାତରେ ମାହାନ୍ତି ବୁଢା ସାଙ୍ଗରେ ଦେଖା ହୋଇଗଲା ସନେଇର ।ସନେଇ ଓଳଗି କରିଲା, ବୁଢା ଗାଆଁରେ ଜଣେ ପୁରୁଖା ଲୋକ, ସମସ୍ତଙ୍କୁ ଚିହ୍ନନ୍ତି, ଜାଣନ୍ତି ।ଗାଆଁ ମାମଲତରେ ତାଙ୍କୁ ଡାକନ୍ତି ନ୍ୟାୟ ନିଶାପ କି ଭାଇଭାଗ ସମୟରେ ।ସନେଇର ମାଆ ନାଆଁ ଧରି ପଚାରିଲେ ତୁ ପଞ୍ଚେଇ ପୁଅନା' ସନେଇ ହଁ କଲାରୁ ଦୁଃଖ

 Magazine Downloaded from www.aahwaan.com

ସୁଖ ସବୁ ପଚାରିଲେ, ତୋ ମାଆ କେମିତି ଅଛି ? ପୁଣି କହିଲେ, ବିଚାରି ଭାରି କାମିକା ମାଇପିଟାଏ, ସବୁବେଳେ ତୋଅରି କଥା କହେ ତୋଅରି ଚିନ୍ତା କରେ । ପୁଣି ପଚାରିଲେ, ଆଜିକାଲି କଣ କରୁଚୁ ତୁ ? ସନେଆ କହିଲା ତା ହଳ ବଳଦ କଥା, ଆଜି କାଲି କିଏ ଡାକିଲେ ଦିନ ମଜୁରୀରେ କ୍ଷେତ ଜୋଚି ଦଉଚି । ମାହାନ୍ତି ବୁଢା କହିଲେ, ଭଲ, ଭଲ, ତୁ ତୋ ମାଆ ପରି କାମିକା ପିଲାଟିଏ ! ଦେଖୁନୁ ଆଜିକାଲି ଜୁଆନ ଭେଣ୍ଡିଆ ଯାକ କେମିତି ନିକମ୍ମା ହେଇ ଗଲେଣି, ମାସରେ ଚାରି ଛ'ଦିନ କାମ କରିଦେଲେ ମାସକ ପାଇଁ ଟଙ୍କାକିଆ ଚାଉଳ ଯୋଗାଡ ହୋଇଗଲା । ବାକି ଦିନ ମାନ ସବୁ ଏଇ ବରଗଛ ମୂଳେ ବସି ତାସ ଖେଳରେ ବେସ୍ତ । ଭୋକ ଲାଗିଲେ ଘରୁ ପଖାଳ କଂସେ ଠୁଙ୍କି ଦେଇ ଆସିବେ । ଚିନ୍ତା କଣ, ସରକାର ତ ସବୁ ସୁବିଧା କରି ଦେଇଚି । ପିଲାଙ୍କୁ ବହିଠୁ ଡ୍ରେସ ଯାଏ ସବୁ ମାଗଣା, ଉପରେ ମଧ୍ୟାହ୍ନ ଭୋଜନ, ବିପିଏଲ ହେଇଗଲେ ମାଗଣା କୋଠାଘର ବି ମିଳିବ । ବେଶି କାମ କରିବା କଣ ଦରକାର ।

ଆରେ ତୋତେ ବି ତ ସବୁ ମିଳିଥିବ ଏମିତି । ସନେଇ କହିଲା, ନାଇମ ଆଜ୍ଞା, ଆମ କଥା କିଏ ପଚାରୁଚି, ଆମେ କୋଉ ଗାଇର ଗୋବର ଯେ । ମାମଲତକାର କରି ଶିଖି ପାରିଲିନି ଏଯାଏ । ବୁଢି ମାଆର ବିଧବା ପେନସନ ପାଇଁ ସରପଞ୍ଚଙ୍କୁ କେତେଥର କହିଲିଣି, କହିଲେ ଆଗଲା କୋଟା ଆସିଲେ କରିବେ । ଯାହା ଥିଲା ବଣ୍ଟା ସରିଲାଣି । ପଛରେ ଶୁଣିଲି କୁଆଡେ ଲେନଦେନ କଲେ କି ସୁପାରିଶ ଆଣିଲେ ମିଳୁଚି । ବଡ ବଡିଆ ଯାକ ତ ଗରୀବଙ୍କ ବିପିଏଲ ଖାଉଛନ୍ତି, ଆଉ ଆମ କଥା ବୁଝୁଛି କିଏ । ମହାନ୍ତି ବୁଢା ମୁଣ୍ଡ ହଲାଇଲେ, କହିଲେ ହଁ ହଁ ଜାଣେରେ ସବୁ କଥା । ଆଜିକାଲିକା ନେତା ସବୁ ଏମିତି, ଏମାନେ କଣ ଗାନ୍ଧି ନା ଗୋପବନ୍ଧୁ ହେଇଛନ୍ତି, ନା ହୋଇ ପାରିବେ ।

 Magazine Downloaded from www.aahwaan.com

ମାହାନ୍ତି ବୁଢା ପୁଣି କହିଲେ, ଆରେ ସନେଇ ଗୋଟେ କଥା ଭାବୁଥିଲି, କରିବୁ ? ସନେଇ କହିଲା, କୁହନ୍ତୁ ଆଜ୍ଞା, ଆପଣଙ୍କ କଥା ଆଜିଯାଏ କିଏ ଟାଳିଲାଣି ? କହିଲେ, ଆରେ ସେମିତି କିଛି କଥା ନାହିଁ, କଣ କହୁଥିଲି କି ତୁ ତ ଜାଣିଥିବୁ, ଦିବର୍ଷ ହେଲା ଚାଷ ବୁଡେଇ ବସିଛି । ହଳିଆ ମୂଲିଆ ମିଳୁ ନାହାନ୍ତି, ତା ଉପରକୁ ମୋର ଆଉ ଧାଁ ଧପଡ କରିବା କରିବା ବୟସ ବି ନାହିଁ । ବାତ ବାହାରି ପଡିଲାଣି । ବେଶି ଚଲାବୁଲା କଲେ ଆଣ୍ଠୁ ଗଣ୍ଠି ଦରଜ ବାହାରି ପଡୁଛି । ପିଲାମାନେ ବି ମନା କରୁଛନ୍ତି ଚାଷ କରିବାକୁ । କହୁଛନ୍ତି ବଜାରରେ ତ ସବୁକିଛି କିଣିବାକୁ ମିଳି ଯାଉଛି, ଚାଷ କରିବା କଣ ଦରକାର । ତୁ କହିଲୁ, ସମସ୍ତେ ଯଦି ଏମିତି ଭାବି ଚାଷ ବନ୍ଦ କରିଦେବେ, ତାହେଲେ ବଜାରକୁ ଚାଉଳ ହେଉ କି ପରିବା ଗଣ୍ଡାକ ହେଉ କୋଉଠୁ ଆସିବ ? ଏ ସବୁ ମେସିନ୍ ରେ ତ ତିଆରି ହେବନି । ଯୋଉ ଦିନ ଚଷା ବାପୁଡା ଚାଷ ବନ୍ଦକରି ହାତବାନ୍ଧି ବସିଯିବ ସେଇଦିନ ସମସ୍ତଙ୍କର ଭାତଥାଳି ଶୂନ୍ୟ ହୋଇଯିବ । ମଣିଷ କଣ ଟଙ୍କା କି ସୁନା ରୂପା ଖାଇ ପେଟ ଭରିବ ?

ତୁ ଯଦି ପାରିବୁ ଆମ ଜମି ଯାକ ଭାଗରେ ଚାଷ କରନୁ ! ଯାହା ଯେମିତି ଦରକାର ହେବ ମୁଁ ସାହାଯ୍ୟ କରିଦେବି । ପୋଖରୀ ତଳିଆ ସାତ ଏକର ଅଉଲ ଜମି, ଟିକେ ମେହନତ କଲେ ସୁନା ଫଳିବ । କରିବୁ ?

ସନେଇର ଆଖି ତାଳୁକୁ ଉଠି ଆସିଲା ଖୁସିରେ । ଇଏତ ବହୁତ ଭଲ ପ୍ରସ୍ତାବଟିଏ, କିନ୍ତୁ ସାତ ଏକର ଜମି, ଇଏ ତ ବହୁତ ବେଶି ତା ପାଇଁ । ଆଗରୁ ନିଜେ ନିଜେ କେବେ ଚାଷ କରିନି । କହିଲା, ଆଜ୍ଞା ସାତ ଏକର ଜମିକୁ ଆଖି ପାଉନି, ଆପଣ ଟିକେ ବତେଇ ଦେଲେ ପ୍ରଥମେ ଏକର ଦି ଏକରରୁ ଆରମ୍ଭ କରିବି, ପରେ ପୁଣି ଆପଣେ ଯେମିତି କହିବେ । ମହାନ୍ତି ବୁଢା ଖୁସି ହେଇଗଲେ, କହିଲେ ଜାଣିବା ବୁଝିବା ପିଲାଟେ ତୁ । ଠିକ୍ କଥା

 Magazine Downloaded from www.aahwaan.com

କହିଚୁ, ଅଳ୍ପରୁ ଆରମ୍ଭ କରିବା ଭଲ । ମୁଁ ସବୁ ଶିଖେଇ ଦେବି ତୋତେ, କେବେ କଣ କେମିତି କରିବୁ ବୋଲି, ତୁ ଜମ୍ମାରୁ ଚିନ୍ତା କରିବୁନି । ଆରେ ଚାଷ କରି କରି ପରା ବାଳ ପାଚିଗଲା ମୋର । ଗୋଟିଏ ବର୍ଷରେ ତୁ ଚାଷ ବାସ ବିଷୟରେ ସବୁ ଜାଣିଯିବୁ, ତାପରେ ଦେଖିବା । ସଂଧ୍ୟାବେଳେ ଘରକୁ ଆସେ ସବୁ କଥା ହୋଇଯିବା । ସେବେଠୁ ସନେଇ ଭାଗରେ ଚାଷ କରୁଛି ମହାନ୍ତି ବୁଢାର ଜମି । ଦୁଇ ଏକରରୁ ଆରମ୍ଭ କରିଥିଲା, ଗଲାବର୍ଷ ଚାରି ଏକର ଚାଷ କରିଥିଲା ଏବର୍ଷ ସବୁ ଯାକ ସାତ ଏକର ଚାଷ କରିବ ବୋଲି ଭାବିଛି ।

ସକାଳର ପହିଲି କାଉ କାଆ କରିବା ବେଳକୁ ସନେଇ ତା ବଦଳ ହଳକୁ ଖୋଇ ପେଇ କ୍ଷେତକୁ ବାହାରି ପଡେ, ଅଣ୍ଟିରେ ତାର ମୁଢି ଦିମୁଠା ବାନ୍ଧିନିଏ, ସେଇତକ ତାର ସକାଳ ଜଳଖିଆ । ଦି ପହର ବେଳକୁ ତା ଘରଣୀ ତା ପାଇଁ ପଖାଳ କଂସାଏ ନେଇ ପହଞ୍ଚି ଯାଏ କ୍ଷେତରେ । ବେଳ ବୁଡିବା ଯାଏ ଯୁଟି ଯାଆନ୍ତି ଦିଜଣ ଯାକ ମାଟି ମାଆ ସାଙ୍ଗରେ ମାଟି କଦୁଅ ହୋଇ । ଧାନ ଉଠିଗଲା ପରେ କ୍ଷେତରେ ତାର ପରିବା ଚାଷ କରେ ସନେଇ, ବାଇଗଣ ଲଙ୍କା, ଶାଗ କାକୁଡି ଲାଉ ଠାରୁ ଆରମ୍ଭ କରି ଶୀତ ଦିନେ କୋବି ମୂଳା ଟମାଟର ମଟର ପିଆଜ ରସୁଣ ସବୁ । ସନେଇ କହେ, ଆପଣା ହାତ ଜଗନ୍ନାଥ । ଠାକୁରେ ହାତ ଦେଇଛନ୍ତି କାମ କରିବାକୁ, ମାଗିବାକୁ ନୁହେଁ । ତାରି ଝାଳରେ ଭିଜା ପରିବା, ଆମର ରୋଷେଇ ଘରେ ରନ୍ଧାଯାଏ, ଆମରି ଖାଇବା ଥାଳିରେ ପରଶା ଯାଏ । କେବେ ବି ମନେ ପଡେନା ସେଇ ମଳି ମଣ୍ଡିଆ ଚାଷିଟିର କଥା । ଦି ପହର ଖରାରେ ମୁଣ୍ଡରେ ଠେକାଟିଏ ଭିଡି ଉତପ୍ତ ସୂର୍ଯ୍ୟକିରଣକୁ ପିଠି ଦେଖେଇ ଝୁକି ପଡିଥିବ ଧାନ କିଆରୀରେ ଅବା କୋଉ ବାଇଗଣ ଗଛ ମୂଳରେ । କେବେ ବି ମନେ ପଡେନା ସେଇ ସନେଇ ! ଲଞ୍ଚ ଟେବୁଲରେ ଗରମ ଗରମ ଭାତଥାଳି ପାଖରେ ସୁଆଦିଆ କୋବି ଆଳୁ ଝୋଳର ସ୍ୱାଦ ନେଲାବେଳେ

 Magazine Downloaded from www.aahwaan.com

କେବେ କେହି ଭାବେନା ବିଚରା ସନେଇ ତା ଲଞ୍ଚରେ କଣ ଖାଇଥିବ ! ପଖାଳ କଂସା ସାଙ୍ଗରେ ବାଇଗଣ ପୋଡାଟିଏ କି ଶାଗଭଜା ଟିକିଏ !

ଦି'ପହରର ସେଇ ଉଦୁଉଦିଆ ଖରାରେ ହେଉ କି ଧାରା ଶ୍ରାବଣର ଝଡି ବର୍ଷାରେ ଭିଜି ଭିଜି କେତେ ସନେଇ ଏମିତି ମେହନତ କରୁଛନ୍ତି, ଆମ ଖାଇବା ଥାଳିର ଭାତ ମୁଠାକ ପାଇଁ କିମ୍ବା ରୁଟି ଦିପଟ ପାଇଁ । ଖାଇଲା ବେଳେ କେବେବି ମନେ ପଡେନା ଟାଙ୍ଗରା ଭୂଇଁକୁ ଶସ୍ୟ ଶ୍ୟାମଳା କରୁଥିବା ଆଉ ମାଟି କାଦୁଅରେ ପଚ ପଚ ଗାଧୋଇ ପଡିଥିବା ସେଇ ସନେଇର କଥା । ବର୍ଷା ରାତିରେ ପାଣି ଗଳୁଥିବା ତାର ସେଇ ଚାଳ ଛପର ତଳେ ଶୋଇ ଭାବୁଥିବ ତା ଜମିରେ ଘାଇ ହୋଇ ଯାଇନିତ ? ଫସଲ ଠିକ୍ ନହେଲେ ସାହୁକାର କରଜ କେମିତି ଶୁଝିବ । କେବେ ବି ହିସାବ ପାଏନା, ବେପାରି ଯେଉଁ ଟମାଟର ତାଠାରୁ କିଲୋ ଆଠଣି ଦେଇ କିଣୁଛି ତାହା କେତେ ଦାମରେ ବଜାରରେ ବିକୁଛି । ଆଠଣି ହାତରେ ନେଇ ଖାଲି ଏତିକି ଭାବେ, ଏଇ ଦାମରେ ଫସଲ ବିକିଲେ ତାର କରଜ କେମିତି ଶୁଝିବ ? ସେମିତି ଶୀତ ରାତିରେ ଗରମ ରେଜଇ ତଳେ ଶୋଇ ଶୋଇ ଆମର କେବେବି ମନେ ପଡେନା ସେହି ସୈନୀକଟିର କଥା । ଯିଏ ସିଆଚିନର ବରଫ ଗଦା ଭିତରେ ଅଧା ପୋତିହୋଇ ସାରା ରାତି ସେମିତି ପହରା ଦେଉଥାଏ । କିନ୍ତୁ କେବେ କେଉଁ ସଭାସମିତିରେ ବଡ ଜୋର ସୋରରେ 'ଜୟ ଜବାନ ଜୟ କିଶାନ'ର ସ୍ଲୋଗାନ ଦେଲା ବେଳକୁ ଆମ ପାଟି କେବେ ଖନି ମାରି ଯାଏନି । ଆଜି ବି ଯାଆନ୍ତୁ ସନେଇର ଗାଆଁ, ସନେଇକୁ ଦେଖିବେ, ସେଇ ମାଟିର ମଣିଷଟି କିପରି ମାଟିରେ ସାଲୁବାଲୁ ହୋଇ ଆପଣଙ୍କ ଲଞ୍ଚ ଡିନରର ଥାଳି ପାଇଁ ଫସଲ ଅମଳ କରୁଛି ।

ପଟିଆ, ଭୁବନେଶ୍ୱର, ଓଡିଶା

 Magazine Downloaded from www.aahwaan.com

# ପୂଜାପାଇଁ ଫୁଲ



ମୀନାକ୍ଷୀ ଦାସ

ପ୍ରତିଦିନ ସକାଳୁ ସାମଲ ବାବୁ ବାଡ଼ିଖଣ୍ଡେ ଧରି ଚାଲିଯାଆନ୍ତି କାହିଁ କେତେ ବାଟ, ମର୍ଣ୍ଣିଂ ୱାକ୍ କରିପାରନ୍ତି ନ ହେଲେ ଫୁଲତୋଳା କାର୍ଯ୍ୟକ୍ରମ । ସକାଳ ଚାରିଟାରୁ ଉଠି ଗୋଟିଏ ଲମ୍ବା ବାଡ଼ି ଧରି ଠକ୍ ଠକ୍ କରି ଚାଲୁଥିବାର ମୁଁ ନୁହେଁ ଅନେକ ଲୋକ ଦେଖିଥିବେ, ଖାଲି ସେ ନୁହେଁ ତାଙ୍କ ପରି ଅନେକ ବୃଦ୍ଧ ଲୋକ କାଳେ ଡାକ୍ତର କହନ୍ତି ସକାଳ ଚଲା ମଧୁମେହ ଲୋକଙ୍କୁ ଉପଶମ ଦିଏ, ଚାଲିବା ସାଙ୍ଗକୁ ବାଡ଼ିରେ ଫୁଲ ତୋଳିବା ବି ଗୋଟିଏ କାମ ତାଙ୍କର, ନହେଲେ ଠାକୁର ପୂଜା ହେବା ସମ୍ଭବ ନୁହେଁ । ଦୁଇଟା କଢ଼ି ପଛେ ନେଇକି ଯିବେ କିନ୍ତୁ ଯିବେ । ମୁଁ ପୋଲିସ ପରିକ୍ଷା ପାଇଁ ଏପ୍ଲାଇ କରିଥାଏ, ତେଣୁ ଅନିଚ୍ଛା ସତ୍ତ୍ୱେ ଏ ଶୀତରେ ସକାଳୁ ଉଠି ଦଉଡ଼ିବାକୁ ପଡ଼େ । ଫେରିବା ବାଟରେ ସାମଲ ବାବୁଙ୍କୁ ଦେଖେ ଗୋଟିଏ ଚା ଦୋକାନ ପାଖରେ । ଗୋଟିଏ ଚା କପ୍ ଧରି ବସି ମୁରୁକି ହସ ଦେଉଥାଆନ୍ତି । ଭାବେ ଏ ହାଡ଼ଫଟା ଥଣ୍ଡାରେ କଅଣ ଦରକାର ଏ ମଉସାଙ୍କୁ ଏତେ ରାତିରେ ଉଠି ଚା ଟିକେ ପିଇବା ପାଇଁ ଏତେ ଦୂର ଆସିବା ! ଥରେ ପଚାରିବି ପଚାରିବି ଭାବି ପଚାରିଦେଲି ମଉସା ଏ ଥଣ୍ଡାରେ ଏତେ ଭୋରୁ କଅଣ ଫୁଲ ଦେଖାଯାଉଛି ତୁମକୁ ? ହସି ହସି କହିଲେ ନା, ଏ ମଲା ଆଖିରେ କିଛି ଦେଖାଯାଉନି ଯାହା

 Magazine Downloaded from www.aahwaan.com

ଅଣ୍ଡାଳି ଅଣ୍ଡାଳି ନବା କଥା ନହେଲେ ଦିଅଁ ଅପୂଜା ପଡ଼ିବେନି । ମୁଁ କହିଲି ୧୦ ଟଙ୍କା ଦେଲେ ଫୁଲ ଆସିଯିବ । ବଜାରରେ ମିଳୁଛି ଆପଣ ଜାଣି ନାହାନ୍ତି ? ମୋତେ କହିଲେ ମୁଁ ଆଣିଦେବି । ମଉସା ହସିଦେଇ କହିଲେ ହଁ ଯେଉଁଦିନ ଦେଖାହେବ ମୁଁ ଦେବି । ପୁଣି ମଉସା ସାଙ୍ଗରେ ଯାଇ ଚା ଦୋକାନରେ ଭେଟ ହେଲା ତା ଆରଦିନ, ମୁଁ କହିଲି ତୁମର ତ ମଉସା ପୁଅ ବୋହୁ, ଚା କପ ଟିକେ ପିଇବା ପାଇଁ ଏତେ ଦୂର ଆସିବ ? ବୋହୁ କଣ ପାଇଁ ଅଛି, କରିକି ଦେଉନି କି ?

ମଉସା କହିଲେ ନା, ନା ସେ ଯାଚେ, ମୋର ଟିକେ ଦୋକାନ ଚା ଖାଇବାର ଅଭ୍ୟାସ ଚାଲିଆସେ ସେଥିପାଇଁ । ବୋହୁ ଭାରି ଆଦର କରେ ମତେ । ମୁଁ କହିଲି ତୁମେ ଭାରି ଦୁଷ୍ଟ ତା ହେଲେ । କାଲି ମୁଁ ଫୁଲ ଆଣିବି ଟଙ୍କା ଦେଇଦେବ, ମଉସା କହିଲେ ଦେଖା ହଉ । ମୁଁ କହିଲି ହବନି କାହିଁକି ମୁଁ ତ ଡେଇଲି ଆସୁଛି । ମଉସା ହସିଦେଇ ଚାଲିଗଲେ । ଦିନେ ଦୁଇଦିନ ଦେଖା ହୋଇ ପାରେନି, ମୁଁ ଥଣ୍ଡାରେ ଉଠିକି ଦୌଡ଼ିବାକୁ ଯିବାକୁ ଭଲ ପାଏନି । ୩ ଦିନପରେ ମଉସା ପୁଣି ଭେଟ ହେଲେ କିନ୍ତୁ ଚା ପିଇବାକୁ ଟଙ୍କା ନାଇ ବୋଲି ଚୁପଚାପ୍ ବସିଛନ୍ତି । ମୁଁ ପଚାରିବାରୁ କହିଲେ ଟଙ୍କାଟା ହଜିଗଲା । ମୁଁ ଟଙ୍କା ଦେଇ ମଉସାଙ୍କୁ ଚା କପ ବଢ଼ାଇଲି । ବହୁ କଷ୍ଟରେ ଗ୍ରହଣ କଲେ, ଆଉ ତାଙ୍କ ଆଖିରୁ ଲୁହ ଝରି ଚା କପର ଚା ଲୁଣିଆ କରିଦେଇଥାଏ । ଯେମିତି ଚା ଉତରି ତଳେ ପଡ଼ିଯିବ । ମୁଁ କହିଲି କଅଣ ହେଲା ମଉସା, ଚା କପ୍ ପାଇଁ ଏତେ କାନ୍ଦ ? କହିଲେ, ପୁଅ ବୋହୁ ସବୁ ଅଛନ୍ତି । ସ୍ତ୍ରୀଟା ଚାରିବର୍ଷ ତଳେ ହାତ ଛାଡ଼ି ଚାଲିଗଲା । ଚାକିରୀରୁ ଅବସର ପରେ କିଏ ପଚାରେ । ପେନସନ୍ ପଇସାତକ ପୁଅ ଉଠାଏ, ମୋ ମେଡ଼ିସିନ୍ ଆଣି କହେ ଟଙ୍କା ସରିଗଲା । ବୁଢ଼ା ହେଲିଣି ରାତିସାରା ଆଖିକୁ ନିଦ ହେଉନି । ଭୋରରୁ ଉଠି ଖଡ୍ ଖଡ୍ କଲେ ବୋହୁ ଏଣୁ ତେଣୁ କରି

 Magazine Downloaded from www.aahwaan.com

କହେ । ବୁଢ଼ାଟା ରାତିସାରା ଶୁଆଇ ଦେଉନି । ମନ ଭାରି କଷ୍ଟ ହୁଏ । ତେଣୁ ବାଡ଼ିଧରି ଚାଲି ଆସେ ବାହାରକୁ । ଏ ଅନ୍ଧାର ରାତିଟା ତା'ଠୁ ବେଶି ନିଜର ଲାଗେ । ଦିନକୁ ଦଶଟା ଟଙ୍କା ବୋହୁ ହାତରେ ଦିଏ, ଆଉ ଦିଅଁ ଠାକୁର ପୂଜାପାଇଁ ଫୁଲ ଆଣିବା ଦାୟିତ୍ୱ ମୋର । ଯେଉଁଦିନ ଫୁଲ ନ ମିଳିଲା, ଅନେକ କଟୁ କଥା ଶୁଣିବାକୁ ପଡ଼େ । ସେଥିପାଇଁ ରାତିରେ ଏ ଅନ୍ଧ ଆଖିରେ ଲୁଚକାଳି ଖେଳିବା ପରି ମୁଁ ଆଉ ଫୁଲ ଲୁଚକାଳି କାଇଁ ଖେଳି ଥାଆନ୍ତୁ । ସକାଳେ ଚା କପ୍ ଗୋଟିଏ, ରାତିରେ ଚା କପ୍ ୧୦ ଟଙ୍କା ସରିଯାଏ, ଆଜି ଫୁଲ ପାଇଲିନି ୫ କିମି ଗଲି, ଆଉ ସାହାସ ପାଇଲିନି, ଏ ଗୋଡ଼ ସାଥି ଦେଲାନି, ନିରାଶ ହୋଇ ଫେରୁଥାଏ, ଫୁଲବାଲା ବୁଢ଼ୀ ଫୁଲ ନେଇ ଯାଉଥାଏ, ତା'ଠୁ ୫ ଟଙ୍କା ଫୁଲ ରଖିଦେଲି, ତେଣୁ ଆଉ ପକେଟରେ ଟଙ୍କା ନାଇ, ଇଛା ହେଲେ ବି ଚୁପ୍ ବସିଲି ।

ସତରେ ଠାକୁର ଅଛନ୍ତି, ନ ହେଲେ ଆଜି ଚା' କପଟା ମିଳିନଥାନ୍ତା । ମୋ'ଠୁ ଫୁଲ ନେଇ ତା ବଦଳରେ ଚା କପ୍‌ଟି ଦେଲେ । ମୋ ଆଖି ଲୁହ ଢଳ ଢଳ ହୋଇ ଯାଉଥାଏ, ମଉସା କହିଲେ ଧେତ୍ ଗେହ୍ଲାଟା କାନ୍ଦୁଛୁ କାହିଁକି, ଏଇଟା ମୋ ନିତିଦିନିଆ କଥା, ତୁ ଆସିଲା ଦିନରୁ ମୋତେ ଠିକ୍ ଲାଗିଲାନି, ମୋ ପୁଅ ନ ହେଲେ କଅଣ ହେଲା ତୁ ତ ଅଛୁ । ସ୍ନେହ ଛଡ଼ା କଅଣ ଦରକାର ଏ ଦୁନିଆରେ ।

ଏହା କହି ମଉସା ଚାଲିଗଲେ । ମୁଁ କାମରେ ବ୍ୟସ୍ତ ରହିଗଲି, କିନ୍ତୁ ମନରୁ ମଉସାଙ୍କ କଥା ଲିଭୁନଥାଏ, ସତରେ କଣ ବାର୍ଦ୍ଧକ୍ୟ ଏତେ ଦୁଃଖଦାୟକ । ଗଲା ଦୁଇଦିନ ହେବ ମୁଁ ଆଉ ଯାଉନି । ଆଜି ସକାଳୁ ସଅଳ ଉଠି ଫୁଲ ମେଞ୍ଚାଏ ଧରି ବାହାରିଗଲି । ମଉସା ମୁଁ ସାଙ୍ଗରେ ଚାଆ ପିଇବୁ । କିନ୍ତୁ ମଉସା ଆସିନଥିଲେ । ତିନି ଚାରି ଦିନ ଗଲାପରେ, ପାଖ ଚା ଦୋକାନକୁ ଯାଇ ପଚାରିବାରୁ କହିଲେ । ସାମନ ବାବୁ ଫୁଲ ତୋଳୁ ତୋଳୁ ପଛକୁ ଓଲଟି

 Magazine Downloaded from www.aahwaan.com

ପଡ଼ିଲେ । ପଥରରେ ମୁଣ୍ଡବାଜି ବ୍ରେନ୍ ହେମୋରେଜ୍ ହୋଇଗଲା । କି ହୋ ଏ ବୁଢ଼ା ବୟସରେ କଅଣ ଦରକାର ଥିଲା ସେ ଉଚ୍ଚ କାନ୍ଥ ଉପରକୁ ଡିଆଁ ମାରିବା ବୁଢ଼ାର ସଉକ୍ କମ ନୁହେଁ । ପୁଅ ବ୍ୟାଙ୍କରେ ଚାକିରୀ, କଂଜୁସ୍ ବୁଢ଼ାଟା, ମୁଁ ଚୁପ୍ ଚାପ୍ ଫେରି ଆସିଲି । ଫୁଲତୋଡ଼ା ନେଇ ଠାକୁରଙ୍କ ପାଖରେ ଦେଇଦେଲି ।

ଆଉ ବୁଝିପାରିଲି ମଉସା ପୁଣି ଦେଖା ହେଲେ ମରେ ନୁହେଁ ସେ ୧୦ ଟଙ୍କା କଥା କହୁଥିଲେ । ୧୦ ଟଙ୍କା ଯଦି ମିଳେ ସେ ନିଶ୍ଚୟ ମୋତେ ଦେବେ ଫୁଲ ଆଣିବାକୁ । କିନ୍ତୁ ପୁଣି ଯଦି ୧୦ ଟଙ୍କା, ତାଙ୍କର ଦେଖା ହବ ଯଦି ।

ମନରେ କ୍ରୋଧ ଅନେକ ଆସୁଥାଏ ତାଙ୍କ ପୁଅବୋହୁ ପାଇଁ ତାଠୁ ଅଧିକ ରାଗ ମୋ ଉପରେ ଯଦି ମୁଁ ନ ଶୋଇ ଫୁଲ ନେଇ ମଉସାଙ୍କୁ ଦେଇ ଥାଆନ୍ତି ସେ ପଥର ଉପରେ ପଡ଼ିନଥାନେ ନା ମୋ'ଠୁ ଦୂରକୁ ଯାଇ ଥାଆନ୍ତେ ।

ରାଉରକେଲା, ଓଡ଼ିଶା

 Magazine Downloaded from www.aahwaan.com

# ମଦ୍ୟପୁରଠୁଁ ମାନପୁର କେତେଦୂର

ଏଇ ଆମରି ଗାଁ, ସୁନ୍ଦର ତାର ଆମ୍ବତୋଟା, ସୁନୀଳ ତା'ର ବନପାହାଡ଼, ରସ ରସିଆ ରଜ ମଉଜ, ମଧୁର ତା'ର ନାଁ ।

ଗାଁର ନାମ 'ମାନପୁର', ଘଟଣାବହୁଳ, ଅନେକ ମିଠା ମିଠା ସ୍ମୃତିରେ ଭରପୁର । ଏଇ ଗାଁର ଶହେବର୍ଷର ଅଷ୍ଟପ୍ରହରୀର ନାମ ଅଛି, ତଥା ଛତିଶିବର୍ଷର ମା ଲକ୍ଷ୍ମୀଙ୍କ ପୂଜାର ପରମ୍ପରା ଅଛି । ଅନେକ ନିଷ୍ଠା ଓ କାଷ୍ଠାର ପର୍ବ; ଯେଉଁଥିପାଇଁ ଆଜି ଗାଁର ଲୋକେ ସ୍ୱଚ୍ଛଳ, ସ୍ୱାଭିମାନୀ ଓ ଅପରିଗ୍ରାହୀ । ଯାହା କରନ୍ତି, ନିଜ ଘରୁ ଚାନ୍ଦା ଦେଇ; ଆମ ଗାଁର ହାଇସ୍କୁଲ ବା ମାଇନର୍ ସ୍କୁଲ ଆମରି ଗାଁ ଲୋକଙ୍କ ଚାନ୍ଦାରେ ଗଢ଼ା ହୋଇଥିଲା ।



ଶିଶିର କୁମାର ଚୌଧୁରୀ

ସତେ ଯେମିତି ଆମ ଗାଁ ମାଟିରେ ସ୍ୱାଭିମାନର ଚାରା, କେଉଁ ଅଦେଖା ହାତର ଦରଦ ସ୍ପର୍ଶରେ କେଉଁକାଳରୁ ପୋତା ହୋଇଛି । ଭାରି ଭଲଲାଗେ ଏଠାକାର ପର୍ବପର୍ବାଣୀ, ପଂକ୍ତିଭୋଜନ, ଅଷ୍ଟପ୍ରହରୀ ନଗରକୀର୍ତ୍ତନ । ଦୂରରେ ଚାକିରୀ କରୁଥିବା ପୁଅ, ଶାଶୁଘରେ ସ୍ୱାମୀ ପିଲାଙ୍କ ସାଙ୍ଗେ କାଳକାଟୁଥିବା ଝିଅ ଏଇ ସମୟକୁ ଅନେଇଥାଏ; ଗାଁକୁ ଯିବ, ସମସ୍ତଙ୍କ ସଙ୍ଗେ ମିଶିବ, ପର୍ବପର୍ବାଣୀର ମଜା ନେବ । ମଣିଷ ଜନ୍ମନିଏ ଏଇ ଗାଁରେ, ମାଆର ଗର୍ଭରୁ ପୁଣି ଆଶା ରଖେ ମିଶିବାକୁ ଏଇ

 Magazine Downloaded from www.aahwaan.com

ମାଟିରେ ଜୀବନକୁ ଶେଷ କରି । ଯେମିତି ସ୍ୱର୍ଗକୁ ଏଠାରୁ ସିଧା ରାସ୍ତା ପଡ଼ିଛି ।

ହଠାତ୍ ସବୁ ଠିକ୍ ଚାଲିଥିବା ଆମ ଗାଁରେ ଘଟିଲା ସାମାଜିକ ପରିବର୍ତ୍ତନର ଏକ ମନ୍ଦ ପରିଣତି । ଚାଳିଶି ବର୍ଷ ତଳେ କଲେଜରେ ପଢ଼ିବା ବେଳେ ଯେଉଁ ଜିନିଷ ପ୍ରତି ବହୁଳ ଭାବେ ଘୃଣା ଥିଲା, ଏବେ ତା'ର ବହୁଳ ପ୍ରସାର ଘଟିଲା । ସେହି ସ୍ରୋତରୁ ଆମ ଗାଁ ବାଦ ଯାଆନ୍ତା କିପରି ? ଥରେ ବିଜେବି କଲେଜ ହଷ୍ଟେଲରେ ଆମେ କେତେଜଣ ଫାଷ୍ଟ ଇୟରର ପିଲା ୧୨୫ ଅନ୍ତେବାସୀଙ୍କ ମଧ୍ୟରେ ଥିବା ଜଣେ ମାତ୍ର ମଦୁଆଙ୍କୁ ପଣା ସଂକ୍ରାନ୍ତିରେ ଟିକେ ଭାଙ୍ଗ ମାଗିଥିବାରୁ ସେ ବହୁତ ଦୁଃଖ କରିଥିଲେ ଏବଂ ତାଙ୍କର ଅନ୍ୟ ବନ୍ଧୁମାନଙ୍କ ପାଖରେ ଏହା ପ୍ରକାଶ କରିଥିଲେ ।

କିନ୍ତୁ ଆଜି ୧୫/୨୦ ବର୍ଷର ପିଲା ମଦ ପିଉଛି, ବାପା ମାଆଙ୍କ ପାଖରେ ସ୍ୱୀକାର କରୁଛି । ପଚାରିଲେ କହୁଛି, ସବୁଆଡ଼େ ଚାଲିଛି, ବମ୍ବେ ବାଙ୍ଗାଲୋରରେ ଏହା ଫେସନ, ଆମେ ତ କେବେ କେବେ ନେଉଛୁ । ଆମ ଗାଁ ପାଖ ଟୋଲକାନୀରେ ୨/୩ ବର୍ଷ ତଳେ ଥରେ ଦେହୁରୀ ସାହିର ମହିଳାମାନେ ଏକଜୁଟ୍ ହେଲେ । ତାଙ୍କ ସ୍ୱାମୀମାନେ ମଦ ପିଇ ସବୁ ରୋଜଗାରକୁ ଉଡ଼ାଇ ଦେଉଥିଲେ । ତେଣୁ ସେମାନେ ସବୁ ମଦଦୋକାନ ବନ୍ଦ କଲେ । ଝାଡ଼ୁ ଧରି ସବୁ ମଦୁଆ ଓ ମଦଦୋକାନୀଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଲେ । ବିଦେଶୀ ମଦ ବିକୁଥିବା ଜଣକୁ ଛଅମାସ ଜେଲ୍ ପଠାଇଲେ । ଫଳରେ ସେ ଗାଁ ଓ ପାଖ ଗାଁ ଆଦିର ମହୁଲି ପିଉଥିବା ବୁଢ଼ାମାନେ ଓ ଫରେନ୍ ଲିକର୍ ପକାଇଥିବା ପିଲାମାନେ ବଡ଼ି ଭୋରରୁ ରାତି ଏଗାରଟା ପର୍ଯ୍ୟନ୍ତ ଆମ ଗାଁକୁ ଲାଇନ୍ ଲଗାଇଲେ ଏବଂ ସରଳ ସୁନ୍ଦର ଆମ ଗାଁ 'ମାନପୁର' ହୋଇଗଲା 'ମଦ୍ୟପୁର' ।

ଆମ ଗାଁର ସାତଟି ପରିବାର ମଦ ବ୍ୟବସାୟକୁ ରୋଜଗାର ପନ୍ଥାରୂପେ ଗ୍ରହଣ କରି

 Magazine Downloaded from www.aahwaan.com

ଉଲୁସି ଉଠୁଥିଲେ । ସୂର୍ଯ୍ୟୋଦୟ ପୂର୍ବରୁ ମଦୁଆଙ୍କ ଧାଡ଼ି ଛୁଟୁଥାଏ, ଯେଉଁଭଳି ଶ୍ରାବଣ ମାସିଆ କାଉଡ଼ିଆ ଭକ୍ତଙ୍କ ଧାଡ଼ି । ସତେକି ମଦ ହୋଇଯାଇଛି ମହାପ୍ରସାଦ । ଭାରି ଅତିଷ୍ଠ ଲାଗୁଥାଏ । କିଭଳି ଗାଁରୁ ମଦ ଦୂର ହେବ, ସେଇ ଚିନ୍ତା ଆମକୁ ଗ୍ରାସ କରୁଥାଏ । ଗାଁର ଭବିଷ୍ୟତ ବଂଶଧର କିଭଳି ସୁଧୁରିବେ ସମସ୍ତଙ୍କର ଏଇ ଚିନ୍ତା ।

ମଝିରେ ମଦ ବେପାରୀ ମାନଙ୍କୁ କେହି କେହି ବାରଣ କରନ୍ତି । ମୁଁ ବି କେତେଥର ସେମାନଙ୍କୁ ତାଗିଦ କରିଛି । ଥାନା ପୋଲିସର ଭୟ ଦେଖାଇଛି । ତାଙ୍କ ମଧ୍ୟରୁ କେଇଜଣ ଛଅ ମାସର ମହଲତ ନିଅନ୍ତି । ହେଲେ ବେପାର ତା ବାଟରେ ଚାଲେ । ପାଖ ଜଙ୍ଗଲରୁ ମହୁଲୀ ମଦ ସାଇକେଲରେ ବୁହା ହୋଇଆସେ, ଆଉ ଏସିଡ୍ ମିଶା ଫରେନ୍ ଲିକର୍ ପାଖ ସହରରୁ ପହଞ୍ଚିଯାଏ । ବେଳେ ବେଳେ ବେପାରୀଙ୍କ ପୁଅମାନେ ୭୦/୮୦ କିଲୋମିଟର ସ୍ପିଡ଼ରେ ମୋଟର ସାଇକେଲ ଚଳାଇ ମଦ ବୋହି ଆଣନ୍ତି । ଘରେ ଚେନାଚୁର, ପାମ୍ପଡ଼, ବରା, ଚିକେନ୍ ପକୋଡ଼ା ପ୍ରସ୍ତୁତ ହୋଇଥାଏ । ସକାଳ ଛଅରୁ ରାତି ବାର ପର୍ଯ୍ୟନ୍ତ ୩/୪ ଗାଁର ମଦୁଆଙ୍କ ଗହଳି ଲାଗେ । ସହରରେ ପାଠ ପଢୁଆ ପିଲେ ଗାଁ ମାଟିରେ ଏ ସୁଯୋଗକୁ ହାତେଇ ଆନନ୍ଦ ଅନୁଭବ କରନ୍ତି । ପାଟିର ଦୁର୍ଗନ୍ଧ ଛଡ଼େଇବା ପାଇଁ ଗୁଟଖା ଖାଇନିଅନ୍ତି । ଘରେ ପଚାରିଲେ କହନ୍ତି ଏଇ ଗୁଟଖା ଖାଇଥିଲି । କେହି ବାରଣ କଲେ, କହନ୍ତି 'ଆର ମାସକୁ ଛାଡ଼ିଦେବି ।' ଭାରି ଭୟ ଲାଗେ, କି କାଳ ହେଲା ଆସି, କଳିଯୁଗର ଶେଷ ପର୍ଯ୍ୟାୟରେ ମନ ତ ସତ୍ୟ ଆଡ଼କୁ ଯିବାକଥା । କିନ୍ତୁ ଏପରି ବିପର୍ଯ୍ୟୟ କାହିଁକି ? ପୁଣି ମନେପଡ଼େ ସେହି ଦ୍ୱାପର ଯୁଗର ଶେଷର ସନ୍ତରାବନରେ ସୋମରସ ପାନ ।

ଏଇତ ସତ୍ୟଯୁଗର ନହବତ ବାଜିଲାଣି । ନେତା, ମନ୍ତ୍ରୀ, ଶିଳ୍ପପତି ଓ ଅଫିସରଙ୍କ ଗୁପ୍ତଧନର ଲିଷ୍ଟ୍ ନେଇ ତଦନ୍ତ ଆରମ୍ଭ ହେଲାଣି । ରାମଦେବଙ୍କ ଯୋଗଶିକ୍ଷା, ଆନ୍ନାଙ୍କ

 Magazine Downloaded from www.aahwaan.com

ଆନ୍ଦୋଳନ ଏ ସବୁ ନୂଆ ଯୁଗର ମାଙ୍ଗଳିକ ବଜେଇ ଚାଲିଛନ୍ତି । ତେବେ ଆମ ଗାଁର ମଦ ବେପାର କେବେ ବନ୍ଦ ହେବ ? ଏମିତି ଚିନ୍ତା ରହୁଥାଏ, ଅମା ଅନ୍ଧାର ରାତିରେ ଲାଇନ୍ କଟିଗଲା ପରେ ଝଡ଼ ଆସିଲେ ଯେପରି ଲାଗେ, ସେହିପରି ଲାଗୁଥାଏ ।

ଶେଷରେ ଆମ ଗାଁ ଲୋକେ ଜାଗିଲେ । ଲକ୍ଷ୍ମୀପୂଜା ମିଟିଙ୍ଗରେ ମଦ ବେପାରୀମାନଙ୍କୁ ସଭାକୁ ଡାକି ମଦ ବିକିବାକୁ ବାରଣ କରାଗଲା । ସେମାନେ ସମସ୍ତେ ମହଲତ ନେଲେ । କିନ୍ତୁ ଗୋଟିଏ ପିଲା କହିଲା, ଆମେ ମରିବୁ ପଛେ, ମଦବେପାର ଛାଡ଼ିବୁନି । ଲୋକମାନେ ପୋଲିସ ଥାନାକୁ ଦରଖାସ୍ତ ଦେଲେ । ପୋଲିସ୍ ଆସିଲେ, ସେମାନଙ୍କୁ ତାଗିଦ କଲେ । ସେମାନଙ୍କୁ ଥାନାକୁ ଡାକି ବୁଝାଇଲେ । ତା'ପରେ ସେମାନେ କିଛିଦିନ ବେପାର କମାଇଦେଲେ । କିନ୍ତୁ ମାସେ ପରେ ଯେପରି ଚାଲିଥିଲା ତାଠୁଁ ଅଧିକ ବେପାର ହେଲା । ପଚାରିଲେ କହିଲେ, 'ଆମର କେହି କିଛି କରି ପାରିବନି ।' ବୋଧହୁଏ ଥାନାରେ ମାସିକିଆ ଚାନ୍ଦା ଫିକ୍ସ ହେଇଗଲା ।

ଥାନାବାବୁ ବଦଳିଲେ, ନୂଆ ଥାନାବାବୁ ଆସିଲେ । ପାଖ ଗାଁ ଟୋଲକାନୀର ଅଗ୍ରଣୀ ମହିଳାମାନେ ସହଯୋଗ ଦେଲେ । ସମସ୍ତେ ମିଶି ରାଲି କଲେ । ସବୁ ଦୋକାନୀଙ୍କୁ ଧମକାଇଲେ । ମଦ ବନ୍ଦ ନ କଲେ ପେଟ୍ରୋଲ୍ ଢାଳି କେବିନ୍ ଓ ଘର ପୋଡ଼ି ଦେବାକୁ ସତର୍କ କରିଦେଲେ । ସେଇ କେତେଦିନ ମଦ ବନ୍ଦ ହେଲା, ପୁଣି ଦି'ମାସ ପରେ ଯେଉଁ କଥାକୁ ସେଇ କଥା । ବର୍ଷେ ଦି'ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ମାନପୁରରେ ପୁଣି ମଧ୍ୟପୁରର ସିରିଏଲ୍ ଚାଲିଲା । କିଛି ଲୋକେ ଠାକୁରଙ୍କୁ ଡାକିଲେ । ବୋଧେ ଶେଷରେ ସର୍ବନିୟନ୍ତା ଶୁଣିଲେ । ଶେଷରେ ଆମ ମାନପୁର ପୁରୁଣା ସାହିର ତିନୋଟିଯାକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ଏକାଠି ହେଲେ । ହାତରୁ ଚାନ୍ଦା ଦେଇ ଗାଡ଼ି ଭଡ଼ାକରି ଥାନାକୁ ଗଲେ,

 Magazine Downloaded from www.aahwaan.com

ସେଠାରେ ଏହି ଉତ୍କଟ ସମସ୍ୟା ବିଷୟରେ ଜଣାଇଲେ । ସେଠୁ ସିଧାଯାଏ ଯାଜପୁର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦେଖା କଲେ । ସେ ଦୁହେଁ ସବୁକଥା ବୁଝିବା ବୋଲି ଆଶ୍ୱାସନା ଦେଲେ । ଏମାନେ କହିଲେ କିପରି ଲୋକାଲ୍ ପୋଲିସ ମଦ ବିକାଳୀଙ୍କୁ ସାହାଯ୍ୟ କରୁଛି । ଜିଲ୍ଲାର ମୁଖ୍ୟ କହିଲେ ଯେ ‘ସବୁ ଠିକ୍ ହୋଇଯିବ ।’

ଆମ ଗାଁର ମହିଳାମାନେ ଚେତାବନୀ ଦେଲେ, “ଯଦି ସାତଦିନ ଭିତରେ ମଦ ବନ୍ଦ ନ ହେବ, ଆମେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବୁ । ଏତେ ଦିନ ହେଲା ଆମେ ଯେତେ କଷ୍ଟ ପାଇଲୁଣି ଆମକୁ ବହୁତ ବାଧିଲାଣି । ଏଣୁ ଦରକାର ପଡ଼ିଲେ ଆମେ ନ କରିବା କାମ ବି କରିବୁ ।”

୬୦/୭୦ ଜଣ କ୍ରୋଧି ମହିଳାଙ୍କ ଦମ୍ଭିଲା କଥାରେ ଜିଲ୍ଲାପାଳ ପ୍ରଭାବିତ ହେଲେ ଏବଂ ମଦ ବନ୍ଦ କରିବାର ନିର୍ଭର ପ୍ରତିଶୃତି ସହ ସେମାନଙ୍କୁ ବିଦାୟ ଦେଲେ । ତା’ରି ଫଳ ସ୍ୱରୂପ ଆଜି ଆମ ଗାଁରୁ ମଦ ହଟିଛି । ଗାଁକୁ ମୋଟର ସାଇକେଲ୍ ଧାଡ଼ି ବନ୍ଦ ହୋଇଛି । ମଝିରେ ମଝିରେ ମଦବେପାରୀ ଓ ତାଙ୍କ ସ୍ତ୍ରୀମାନେ ଗାଁଲୋକଙ୍କୁ ଗାଳିଦେଲେ, ଏଇ ମହିଳାମାନେ ସେମାନଙ୍କୁ ଶୋଧାଶୋଧି କରି ଜବତ କରୁଛନ୍ତି । ଥାନାରୁ ପୋଲିସମାନେ ଆସି ବେଳେ ବେଳେ ଚେକିଂ କରି ଯାଉଛନ୍ତି ଓ ତାଗିଦ ବି କରୁଛନ୍ତି ।

ପ୍ରକୃତରେ ଆମ ଗାଁର ସଚେତନଶୀଳ ପ୍ରୌଢ଼ମାନେ ଯାହା କରିନପାରିଲେ, ତାହା ଗାଁର ମହିଳାମାନେ କରିଦେଲେ । ମାନପୁରର ମାନସମ୍ମାନ ତ ସେମାନେ । ସେମାନେ ଯେମିତି ଗଢ଼ିବେ, ଏଇ ଗାଁର ପିଲେ ସେମିତି ହେବେ । ସେମାନେ ଜାଗିବାରୁ ତ ଆମ ଗାଁର ରୂପ ଆଜି ବଦଳୁଛି । ସମସ୍ତେ ମିଳିମିଶି ସଜାଗ ରହିଲେ ଏମିତି ସବୁ ସମସ୍ୟା ସମାଧାନ ହୋଇଯିବ ।

 Magazine Downloaded from www.aahwaan.com

ଏଇ କିଛିଦିନ ତଳେ ଆମ ଗାଁରେ ଗଣେଶ ପୂଜା ହୋଇଥିଲା । ବଡ଼ ଗଣେଶ ମୂର୍ତ୍ତି ସାଙ୍ଗକୁ ଭୋଜିଭାତ ଚାଲିଛି । ତା ସାଙ୍ଗକୁ ଭସାଣୀ ଉତ୍ସବ ସେଥିରେ ଦାମିକା ବାଜାବାଲାଙ୍କ ନାଚଗୀତ ଓ ସମୁହ ଶୋଭାଯାତ୍ରା । ଗ୍ରାମ୍ୟ ଜୀବନରେ ଆଉ ଏକ ଉତ୍ସବକୁ ଜନ୍ମ ଦେଇଛି ।

ପୂଜା ପରଦିନ ସନ୍ଧ୍ୟାବେଳେ, ଆମ ଗାଁରେ ଛୋଟପିଲାମାନଙ୍କ ନୃତ୍ୟଗୀତ ଓ କୁଇଜ୍ ଚାଲିଥାଏ, ଗାଁର ସ୍ତ୍ରୀ ପୁରୁଷ, ପିଲାବୁଢ଼ା ସଭିଏଁ ଏହାକୁ ଉପଭୋଗ କରୁଥାନ୍ତି । ନିଜ ଗାଁରେ ପିଲାଙ୍କ କଳାପ୍ରଦର୍ଶନ ଦେଖିବାକୁ ଟିଭିର ଦୃଶ୍ୟଠାରୁ ବି ଅଧିକ ଭଲ ଲାଗେ । ଯେମିତି ପିଲାବେଳର ଫୁଟବଲ ମ୍ୟାଚରେ ଯୋଗଦାନ ଏବେ ବି ତ ଆମ ପାଇଁ ସବୁଜ ସତେଜ ସ୍ମୃତି ।

କୁଇଜ୍ ପରିଚାଳନା କରୁଥିବା ପିଲାଟି ମତେ କିଛି କହିବା ପାଇଁ ଅନୁରୋଧ କରିବାରୁ ମୁଁ ତାଙ୍କୁ ମଦ୍ୟପାନର ଉପକାରିତା ସମ୍ପର୍କରେ ପ୍ରଶ୍ନ ପଚାରିବାକୁ କହିଲି । ସେ ସମସ୍ତଙ୍କୁ ପଚାରିଲେ ମଧ୍ୟ କେହି ଉତ୍ତର ଦେଲେନି ।

ତା'ପରେ ମୋ ପାଳି । ମୁଁ ପଚାରିଲି, "ପିଲାଏ, ମଦ କେଉଁଥିରୁ ତିଆରି ହୁଏ ?" ବିୟର କିପରି ପଚା ପାଳକୁଟାର ନିର୍ଯ୍ୟାସ, ସାକାରିନ୍ ଓ କିଛି କେମିକାଲ ମିଶି ତିଆରି ହୁଏ ତାହା ମୁଁ ବୁଝାଇଲି । ପାରାଦୀପରେ ଥିବା ଏକ ବିୟର କାରଖାନା ଦେଖିବାକୁ ଯାଇଥିବା ମୋର ଜଣେ ବନ୍ଧୁଙ୍କୁ କିଭଳି ସେଠାକାର ଷ୍ଟାଫ୍ ମାନେ ଭିତରକୁ ଯିବାକୁ ବାରଣ କଲେ ତାହା କହିଲି । ବମ୍ବେ, ବାଙ୍ଗାଲୋର, କଲିକତାରେ ସନ୍ଧ୍ୟା ହେଲେ କିଭଳି ପଚାଫଳକୁ ଫଳଦୋକାନରୁ ସଂଗ୍ରହ କରାଯାଏ ଏବଂ ତା'ର ରସରୁ କିଭଳି ମଦ୍ୟ ପ୍ରସ୍ତୁତ କରି କମ୍ପାନୀମାନେ ଭଲ ବୋତଲରେ ରଖି ସଭ୍ୟ ଓ ବିଜ୍ଞ ବୋଲାଇଥିବା ମଣିଷମାନଙ୍କୁ ଯୋଗାନ୍ତି ତାହା ବୁଝାଇଲି । ପଚାରିଲି, "ପିଲାଏ, ଜରିଭିତରେ ଥିବା ଗୁଟଖାରେ କଣ ମିଶେ ଜାଣିଛ

 Magazine Downloaded from www.aahwaan.com

କି ?" ସେମାନଙ୍କ ଆଗ୍ରହ ଦେଖି କହିଲି, "ମୁଁ ବହିରୁ ପଢ଼ିଛି, କଡ଼ା ହେବାପାଇଁ ଗୁଟଖାରେ ଚମେଇନଳି, ଅସରପା ଓ ଝିଟିପିଟିକୁ ମାରି ଶୁଖାଇ ତା'ର ଗୁଣ୍ଡକୁ ମିଶାଯାଏ ।"

ପଚାରିଲି, "ପିଲାଏ, ତୁମେ ବଡ଼ ହେଲେ କ'ଣ ମଦ ପିଇବ ?"

ଏକାଥରକେ ୧୫/୨୦ ଜଣ ପିଲା କହିଲେ, 'ନା' ।

ମୁଁ କହିଲି, "ଶପଥ କରିବ କି ?"

ସେମାନେ ସମସ୍ୱରରେ କହିଲେ ଆଜ୍ଞା ।

ମୁଁ ମାଇକ୍ରୋଫୋନ୍ ବଢ଼ାଇଦେଲି ।

ଜଣ ଜଣ କରି ୪୦/୫୦ ଜଣ ଶପଥ କଲେ । ନିଜ ନାମ ପ୍ରକାଶ କରି ଶ୍ରୀଗଣେଷଙ୍କୁ ସାକ୍ଷୀ ରଖି ଜୀବନରେ କେବେ ମଦ ଖାଇବେନି ବୋଲି କହିଲେ । ତା'ପରେ ବଡ଼ ପିଲାଙ୍କ ମଧ୍ୟରୁ ୩/୪ ଜଣ ମଧ୍ୟ ଶପଥ ନେଲେ ।

ସମସ୍ତେ ଭାରି ଖୁସି ହୋଇଗଲେ । ଏହା ଦେଖି ପାଖରେ ବସିଥିବା ମଦଦୋକାନୀ ଓ କେତେଜଣ ମଦୁଆ ତାଟକା ହୋଇଗଲେ ।

ଏଇ ଛୋଟ ପିଲାଙ୍କ ଶପଥ ନେବାର ଭଙ୍ଗୀରୁ ଲାଗିଲା, ଯେ ଆମ ଗାଁର ଭବିଷ୍ୟତ ବଂଶଧରମାନେ ମାନପୁରକୁ ଏକ ନୁଆରଙ୍ଗରେ ରଙ୍ଗେଇବେ । ଯେଉଁଠି ଥିବ ଉତ୍ତରଦାୟିତ୍ୱ, କର୍ତ୍ତବ୍ୟବୋଧ, ମାନ୍ୟତା, ସ୍ୱାଭିମାନ ତଥା ମଣିଷପଣିଆର ସତେଜତା । ଲାଗୁଥିଲା ସେମାନେ ବଜାଉଥିଲେ ସତ୍ୟର ଯୁଗବୀଣା; ଯାହାର ଧ୍ୱନୀରେ ମଦ୍ୟପୁରରୁ ମଦ୍ୟପୁର ହୋଇ ମାନପୁର ଗାଁର ମାନ ପ୍ରତିଷ୍ଠା ହେଉଥିଲା ।

ମାନପୁର, ପୋ: ଗୋବର୍ଦ୍ଧନପୁର

ଯାଜପୁର, ୭୫୫୦୧୯, ଭ୍ରାମ୍ୟଭାଷ : ୭୭୫୦୮୬୯୫୯୭

 Magazine Downloaded from www.aahwaan.com

# ପହିଲି ପ୍ରେମ

ପ୍ରେମ ଏକ ଫଗୁଣ ଫୁଲର ସହର,ପ୍ରେମ ଏକ ଶ୍ରାବଣ ଭିଜା ବର୍ଷା ଧାର,ପ୍ରେମ ଏକ ଅନାମିକା ଅନ୍ତ ନାହିଁ ସେ ଶବ୍ଦର ,ପ୍ରେମ ଏକ ନିରୋଗ ଭାଷା ଆଖିର ଆଖିର,ହେ ମୋର ପ୍ରିୟ ପାଠକେ ଇଶ୍ୱର ସ୍ରଷ୍ଟାଙ୍କ ସୃଷ୍ଟିରେ ଏ ପ୍ରେମ ସବୁଠୁ ଦାମି ଦରବ କେବେ ସିଏ ହସ ଟିଏ ଓଠ ତଳ ଗାଁଆର ନାଁ,କେବେ ପୁଣି ଲୁହ ହୁଏ ଆଖି ତଳ ନଈର ନାଁ ସେହି ଅଢେଇ ଅକ୍ଷର କୁ ନେଇ ମୋ ଗଳ୍ପ...

ପ୍ରେମ ଏକ ଗୋଲାପ ଫୁଲ ବା ପୁଷ୍କରିଣୀର ପଦ୍ମଫୁଲ ଭଳି । ଗୋଲାପ ଯେଉଁ ଡାଳରେ ଫୁଟିଥାଏ ସେହି ଡାଳରେ ଅନେକ କଣ୍ଟା ଥାଏ । ପଦ୍ମଫୁଲ ମୂଳରେ ବିଷାକ୍ତ ସାପ ରହିଥାଏ । ଏହା ଜାଣି ମଧ୍ୟ ଅନେକ ତାକୁ ପାଇବାକୁ ଇଛା କରନ୍ତି । ସେ ସମୟରେ ତାଙ୍କୁ କଣ୍ଟା ଫୋଡି ହେବାର କି ସାପ କାମୁଡ଼ିବାର ଭୟ ନଥାଏ । ଠିକ୍ ଏହି କ୍ରମେ ଏକ ଝିଅ ଓ ଏକ ପୁଅ ଦିନେ ସେହି ବୟସରେ ପାଦ ଥାପନ୍ତି ,ଯୋଉଠି କି ତାଙ୍କ ହୃଦୟରେ ପ୍ରେମ ସୃଷ୍ଟି ହୋଇଥାଏ । ସୁମନ ଓ ସରୋଜ୍ ସେଥିରୁ ବାଦ୍ ଯାଆନ୍ତେ କିପରି !



ସନ୍ତୋଷ ପଟ୍ଟନାୟକ

ସରୋଜ୍ ମଧ୍ୟ ଦିନେ ସେହି ବୟସରେ ପାଦ ରଖିଥିଲା । +୩ ପ୍ରଥମ ବର୍ଷରେ ପଢୁଥାଏ ସରୋଜ୍ । କିଛି ସାଙ୍ଗମାନଙ୍କ ଠାରୁ ତାଙ୍କ

 Magazine Downloaded from www.aahwaan.com

ପ୍ରେମିକା ମାନଙ୍କ  ବିଷୟରେ ଶୁଣୁଥାଏ, ଶୁଣିବାକୁ ସେତେ ଇଚ୍ଛା ନଥିଲେ ମଧ୍ୟ ବିରକ୍ତ ଲାଗୁନଥାଏ । ଧିରେଧିରେ ଅନୁଭବ କଲା  ସେ ଯେମିତି କାହାକୁ ଖୋଜୁଛି ପାଉନି । ବ୍ୟସ୍ତ ଲାଗୁଛି ପୁଣି ବେଳବେଳେ ଖୁସି ଅନୁଭବ କରୁଛି । ତା' ହୃଦୟ ନୟନ ଏକ ପ୍ରେମିକାକୁ ମନେ ମନେ ଖୋଜିବାକୁ ଲାଗିଲା ଠିକ୍ ସେଇ ସମୟରେ କଲେଜର ଏକ ସୁନ୍ଦର ଝିଅ ସହ ତା'ର ଅଚାନକ ସାକ୍ଷାତ ହୁଏ । ତାକୁ ଦେଖି  ଲାଗିଲା  ଏଇ ସେଇ ତା' ମନର ପ୍ରତୀମା , ଧିରେଧିରେ ସେ ତା' ମନରେ ବସା ବାନ୍ଧିନେଲା । ପ୍ରତି ମୁହୁର୍ତ୍ତରେ ତା' ଆଖିରେ ସେଇ ଝିଅର ପ୍ରତିଛବି ନାଚି ଉଠିଲା । ଡ୍ରଇଁରୁମ୍ ,କ୍ଲାସରୁମ୍ , କମନ୍ ରୁମ୍ ସବୁଠି ତାରି ପ୍ରତିଛବି । ସେ ଅନୁଭବ କଲା ଯେପରି  ତାକୁ ସେ ଭଲ ପାଇସାରିଛି । ତାକୁ ଦେଖି ଯେମିତି ସେ ତାକୁ ନୂଆଁ ଦେଖୁନି ସେ ତା'ର ବହୁ ଜନମ ଆଗରୁ ଚିହ୍ନା,ସେଇ ଚିହ୍ନା ଚିହ୍ନା ମୁହଁରେ ପଢିଲା ପ୍ରେମର ଅଢେଇ ଅକ୍ଷର,ଏକେଲା ପଣକୁ ଏଡେଇବା ପାଇଁ ଏ ଏକ ତରଫା ପ୍ରେମ ଥିଲା ଯେମିତି ତା ପାଇଁ କୋଟି ତପସ୍ୟାର ଫଳ , ନିଜକୁ ଧନ୍ୟେ ମନେ କରୁଥିଲା

କିନ୍ତୁ ତାପର ଦିନ ଠାରୁ ଆଉ କୌଣସି ଦିନ ଦେଖିପାରିଲା ନାହିଁ କଲେଜରେ । ତା' ଆଖି ତାକୁ କଲେଜର ପ୍ରତ୍ୟେକ କୋଣ ଅନୁକୋଣରେ ଖୋଜି ବୁଲିଲା । ପାଠପଢାରେ ଆଉ ମନନଥାଏ ।

ଦିନେ ଲିଜର ପିରିୟଡ଼ରେ କଲେଜ ହତାରେ ଏକ କୃଷ୍ଣଚୁଡା ଗଛମୂଳେ ବସିଛି ସରୋଜ୍ ଏବଂ ସେଇ ଝିଅ କଥା ଭାବୁଥାଏ । ସେ ଅନୁଭବ କଲା ଯେପରି ଆଉ କେହି ଜଣେ ଆସି ସେଠି ବସିଲା । ବୁଲିକି ଦେଖିଲା ଟିକେ ଦୂରରେ ଆଶ୍ଚର୍ଯ୍ୟର ସହ ଚକିତ ହୋଇଗଲା । ସେ ଆଉ କେହି ନୁହେଁ ସେଇ ତ ତା' ମନର ପ୍ରତୀମା, ବହି ପଢାରେ ଏକଦମ୍ ମଜ୍ଜିଯାଇଛି ଯେ କୌଣସି ପ୍ରତି ନଜର ନାହିଁ ତାର । ତାର ଓଢ଼ଣୀଟି  ଫାଜିଲ୍ ପବନର ସାହାଯ୍ୟ ନେଇ

 Magazine Downloaded from www.aahwaan.com

ସରୋଜ୍ ମୁହଁ ଉପରେ ଘୁରି ବୁଲିବାକୁ ଲାଗିଲା କିନ୍ତୁ ସେଥିପ୍ରତି ସେ ଝିଅଟିର ନଜର ନଥାଏ । ସେ ଡାଇରିର ଲେଖାଗୁଡିକୁ ନିରୀକ୍ଷଣ କରି ପଢ଼ିବାରେ ବ୍ୟସ୍ତ । ତେଣୁ ବୋଧହୁଏ ସରୋଜ୍ ର ଉପସ୍ଥିତି ଜାଣିପାରିନାହିଁ । ତଳେ ଥିବା ତାର ଅନ୍ୟଏକ ବହିଟିକୁ ନିରିକ୍ଷଣ କରି ସରୋଜ୍ ଜାଣିନେଲା ସେ ବି +୩ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରୀ ଆଉ ତା ନା 'ସୁମନ୍' । ସରୋଜ୍  ତାକୁ କିଛି ପଚାରିବା ପୂର୍ବରୁ  କ୍ଲାସ୍ ବେଲ ବାଜିଉଠିଲା । ଝିଅଟି ତାର ବହିପତ୍ର ଧରି ଉଠିଲା । ସରୋଜ୍ ବସିରହି ନିରିକ୍ଷଣ କରୁଥାଏ । ହଠାତ୍ ତାର ଅସଜ୍ଜିତ ଓଢ଼ଣୀଟି ଆସି ସରୋଜ୍ ଦେହରେ ଲାଖିଗଲା । ସେ ଓଢ଼ଣୀ ନେବାକୁ ଆସି ସରୋଜକୁ ଦେଖି ଲାଜେଇଗଲା, ସରୋଜ୍ ବି ଟିକେ ଲାଜେଇ ଗଲା, ପରେ ପରେ ତାକୁ ଓଢ଼ଣୀଟି ତା'ହାତକୁ ବଢେଇ ଦେଲା । ଦୁହେଁ କ୍ଲାସରୁମ୍ ଆଡ଼କୁ ଚାଲିଲେ । କ୍ଲାସ୍ ରେ ପହଞ୍ଚି ସରୋଜ୍ ବାରଣ୍ଡାରୁ ଚାହେଁତ ସୁମନ୍ ବି ସରୋଜକୁ ତାଙ୍କ କ୍ଲାସରୁମ୍ ର ବାରଣ୍ଡାରୁ ନିରିକ୍ଷଣ କରି ଚାହିଁ ରହିଛି । ଚାରି ଆଖିର ମିଳନ ପରେ ସେ ଟିକେ ମୁରୁକି ହସିଦେଇ ଚାଲିଗଲା । ସରୋଜ୍ ବି ତା ହସରେ ହସ ମିଳାଇ କ୍ଲାସ୍ କୁ ଗଲା ଓ ପାଞ୍ଚମିନିଟ୍ ଲେଟ୍ ରେ ପହଞ୍ଚିଲା ତା'ର ସେଇ ହସରେ ସରୋଜ ମନରେ ଖେଳି ଯାଇଥିଲା ଅପୂର୍ବ ଆନନ୍ଦ ଓ ଶିହରଣ । କ୍ଲାସ୍ ଥିଲା ଓଡ଼ିଆ ଓ ବିଷୟ ଥିଲା ଉପେନ୍ଦ୍ର ଭଞ୍ଜଙ୍କ "ଭଞ୍ଜସାହିତ୍ୟ" । ସେଥିରେ ଥିବା ପ୍ରେମାଳାପକୁ ଓଡ଼ିଆ ମେଡ଼ମ୍ ସରଳ କରି ବିଭିନ୍ନ ଉଦାହରଣ ଦେଇ ବୁଝଉଥାନ୍ତି । ସରୋଜକୁ ଭାରି ଭଲ ଲାଗୁଥାଏ ବିଷୟଟି । ମନେ ମନେ ଭାବୁଥାଏ ମୁଁ ବି ଏପରି ପ୍ରେମାଳାପ ଶୁଣାଇବି ଦିନେ ଏକାଞ୍ଜନରେ ମୋ ମନର ମାନସୀକୁ ଆଙ୍କିଦେବି ତା'ର ମନ ମାନସପଟ୍ଟରେ ପ୍ରେମର ପ୍ରସଙ୍ଗ । ତା'ମନ ଓ ହୃଦୟର ପ୍ରେମ ଉନ୍ମାଦନା ଅତି ପ୍ରବଳରୁ ପ୍ରବଳତର ହେବାକୁ ଲାଗିଲା ।

 Magazine Downloaded from www.aahwaan.com

କଲେଜ ଛୁଟିପରେ ସରୋଜ୍ ସମସ୍ତଙ୍କ ପଛରେ ରହିଗଲା । ଅନୁମାନ କଲା ସୁମନ୍ ମଧ୍ୟ ଜାଣିଶୁଣି ସବୁ ଝିଅଙ୍କ ପଛରେ ଯାଉଛି । ସରୋଜ୍ ପଛରୁ ଚୁପି ଚୁପି ଡାକିଲା ।

ସୁମନ୍......................

ସୁମନ୍ ଧିରେଚାହିଁ ହସିଦେଲା । ତାର ସେଇ ହସ ସରୋଜ୍ ମନ ଓ ଶରୀରକୁ ଆନନ୍ଦରେ ବିଭୋର କରିପକାଇଲା । ଲାଗିଲା ଯେମିତି ସାରା ଦୁନିଆଁର ହସ ଖୁସି ତା ହାତ ପାଆନ୍ତାରେ ଖସି ପଡିଛି ସରୋଜ୍ ମନେ ମନେ ନିଜକୁ ଧନ୍ୟ ମନେକଲା । ଏହାପରେ ଦୁହେଁ ଦୁହିଁଙ୍କ ବିଷୟରେ ବିସ୍ତୃତ କଥାବାର୍ତ୍ତା ହେଲେ, ଲିଜର ପିରିୟଡ଼ରେ ସେହି କୃଷ୍ଣଚୁଡା ଗଛ ମୂଳରେ ଏକାକୀ ଅନେକ ଦିନ ବସି ଗପ କଲେ । ଏଭଳି ତାଙ୍କ ସମ୍ପର୍କର ସେତୁ ଧିରେଧିରେ ବଢ଼ିବାରେ ଲାଗିଲା । ଦୁହେଁ ଦୁହିଁଙ୍କୁ ଭଲପାଉଛନ୍ତି ଏହା ଉଭୟଙ୍କୁ ଅଜଣା ନଥିଲା । ସେଇ କୃଷ୍ଣଚୁଡା ଗଛମୂଳରେ ବସି ସେମାନେ ତାଙ୍କ ସ୍ୱପ୍ନର ମହଲ ଗଢ଼ିବାକୁ ସଙ୍କୋଚ କରିନଥିଲେ ।

କିନ୍ତୁ ହଠାତ୍ ତାଙ୍କ ଜୀବନର ମୋଡ଼ ବଦଳିଗଲା । ସୁମନ ସେଇ ସହର ଛାଡ଼ି ଚାଲିଗଲା ଭୁବନେଶ୍ୱରରେ ଏମ୍.ଏ ପଢ଼ିବାକୁ । ସରୋଜ୍ ବି ଚାଲିଗଲା ରାଉରକେଲାରେ କର୍ମମୟ ଜୀବନ ଆରମ୍ଭ କରିବାକୁ । ଭାଗ୍ୟର ବିଡ଼ମ୍ବନା ଯୋଗୁଁ ଦୁହିଁଙ୍କ ଭିତରେ ଆଦାନ ପ୍ରଦାନ ରହିପାରିଲା ନାହିଁ । ଦୁହେଁ ଦୁହିଙ୍କୁ ପାଗଳ ପରି ଭଲ ପାଉଥିଲେ, ହୃଦୟର ଡାକ ଲକ୍ଷେ ଯୋଜନକୁ ଶୁଭେ ଇଶ୍ୱର ବିଚାରବନ୍ତ ଦୟା କଲେ ହଠାତ୍ ଦିନେ କଟକ ସହରରେ ଦେଖାହୁଏ । ସରୋଜ୍ ଉତ୍କଣ୍ଠାର ସହ କିଛି ପଚାରିବା ପୂର୍ବରୁ ସୁମନ୍ ନିଜଆଡୁ ହାୟ୍ ..... କହି ସ୍ୱାଗତ କଲା । ଦୁହେଁ କରମର୍ଦନ ପର୍ବ ସାରି ଆଗେଇଲେ ଏକ ପାର୍କ ଆଡ଼କୁ । ସୁସଜ୍ଜିତ ପୁଷ୍ପ ଶୋଭା ସହ ପ୍ରେମିକ-ପ୍ରେମିକାଙ୍କ ଭାବ ଆଦାନ ପ୍ରଦାନ ପରିବେଶକୁ ସୌନ୍ଦର୍ଯ୍ୟ ପ୍ରଦାନ

 Magazine Downloaded from www.aahwaan.com

କରୁଥିଲା । ଦୁହେଁ ଯାଇ ଘାସ ଗାଲିଚା ଉପରେ ବସିଗଲେ । ଅନେକ ଗପ ସପ ପରେ ଦୁହେଁ ଦୁହିଁଙ୍କ ଠିକଣା ବୁଝିନେଇଥିଲେ । ଏବଂ ବିବାହ ପ୍ରସ୍ତାବ ଘରେ ଦେବାପାଇଁ ଠିକ୍ କରିନେଇଥିଲେ ।

ମଣିଷର ଭାବନା ନିୟତିର ପରିକଳ୍ପନା ଯଦି ଏକ୍ ହୁଅନ୍ତା ତେବେ ମଣିଷ ଭଗବାନ ଭିତରେ କିଛି ପାର୍ଥକ୍ୟ ନଥାଆନ୍ତା ଆଜୀବନ ଯାଏଁ ଅତୁଟ ଡୋରୀରେ ବାନ୍ଧି ହୋଇ ରହିବାକୁ ଚାହୁଁଥିବା ଦୁଇ ପ୍ରେମର କପୋତ କପୋତୀ ସାଥେ ବିଧିର ବିଧାନ ଅଲଗା ହୋଇଗଲା । ଦୁହିଁଙ୍କ ପରିବାର ବିବାହ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟିକଲେ । ମିଳନର ଖୁସି ଠାରୁ ବିଚ୍ଛେଦର ଯନ୍ତ୍ରଣା ବେଶି ଭାରି ଜାଣି ମଧ୍ୟ ଶେଷରେ ଦୁହେଁ ପରିବାର ପ୍ରକେପରେ ନିଜ ପ୍ରେମ ଭଲ ପାଇବାକୁ କାଗଜ ଡଙ୍ଗା କରି ଅତୀତର ଅନ୍ଧ ମୁହାଣି ନଈରେ ଭସେଇ ନିଜ ନିଜ ବାଟ ବାଛିଲେ ।

ସରୋଜ୍ କଣ୍ଟକିତ ଡାଳରୁ ଗୋଲାପ ତୋଳିବାର ସାହାସକୁ ରୋକ୍ ଲଗେଇଲା । ଏ ଭିତରେ ଦୀର୍ଘ ବାରବର୍ଷ ବିତିଗଲାଣି । କିନ୍ତୁ ସରୋଜ୍ ଆଉ କେବେ ବି ସୁମନ୍ କୁ ଦେଖିନି । ଦେଖିବାକୁ ସୁଯୋଗ ବି ପାଇନି ସୁମନ ହିଁ ସରୋଜ୍ ର ପ୍ରଥମ ପହିଲି ପ୍ରେମିକା ଏବଂ ସେ ହିଁ ସରୋଜ୍ ଜୀବନର ପ୍ରଥମ ଓ ଶେଷ ।

ଏକେଲା ପଣକୁ ଏଡେଇବାକୁ ଯାଇ ସରୋଜ୍ ସାଥି ଆଉ ଖୋଜିଲାନି ସୁମନ୍ ସାଥିରେ ବିତେଇଥିବା ବୟସକୁ ଛାତି ତଳର ସାଇତା ସମ୍ପତ୍ତି କରି ତାହାରି ସ୍ମୃତିରେ ଜୀବନର ଗାଡି ଗଡେଇ ନେଲା...

ଶିକ୍ଷା :- ତ୍ୟାଗ ବି ପ୍ରେମ ର ଏକ ଅଶଂ ବିଷେଶ

Magazine Downloaded from www.aahwaan.com

# ବିବେକ

ଏଇ ବିବେକ ନାମକ ଶବ୍ଦ ଉପରେ ନିତା ମନରେ ପ୍ରବଳ ବିତୃଷ୍ଣା ଭାବ ସୃଷ୍ଟି ହେଉଛି । କାହାରି ମୁହଁରୁ ଏଇ ଶବ୍ଦଟି ଶୁଣୁ ଶୁଣୁ ମନ ଭିତରଟା ଯେମିତି ବିଦ୍ରୋହ କରିଉଠୁଛି । ଆଜି ପର୍ଯ୍ୟନ୍ତ ଏଇ ବିବେକ ତାକୁ କେତେ କଷ୍ଟ ନ ଦେଇଛି । ନିଜର ସ୍ୱାଭିମାନକୁ ବଳି ପକେଇବାକୁ ପଡିଛି ଏଇ ବିବେକ ପାଇଁ । ଯେତେଥର ସେ ଚେଷ୍ଟା କରିଛି ଆତ୍ମ ସ୍ୱାର୍ଥପ୍ରବଣତା ନେଇ ବଞ୍ଚିବାକୁ, ତା'ର ଅନ୍ତର୍ନିହିତ ସଂସ୍କାର ବିବେକ ରୂପରେ ସଙ୍ଗେ ସଙ୍ଗେ ମୁଣ୍ଡଟେକି ତାର ସତ୍ତାକୁ ମନପ୍ରାଣରେ ସଂଚାରିତ କରିଦେଇଛି । ଅବଶ୍ୟ ପର ମୁହୂର୍ତ୍ତରେ ଶାନ୍ତ ହୋଇଯାଏ ସବୁକିଛି ଠିକ ଯେମିତି ଝଡ ପରର ନୀରବତା ....



ସୁନେତ୍ରା ନାୟକ

ନିତା ଆଖିରେ ଆଖିଏ ଲୁହ । ଆଜିବି ସେ ନିଜ ବିବେକ ଆଗରେ ହାର ମାନିଛି । ନିଜ ଲୁହର ବଳିଦାନରେ ସମସ୍ତଙ୍କୁ ଖୁସି ଦେବାକୁ ଚେଷ୍ଟା କରିଚାଲିଛି । ଆଇନା ଆଗରେ ଯାଇ ଠିଆହେଲା ନିତା । ନିଜ ମୁହଁକୁ ଦେଖିଲା । ଗୋରା ତକତକ ଗାଲରେ ପଡିଥିବା ପାଞ୍ଚ ଆଙ୍ଗୁଳିର ଦାଗ ଏବେବି ସ୍ୱଷ୍ଟ ଭାବରେ ଫୁଟି ଉଠୁଛି । ମୁହଁ ଫେରାଇନେଲା ନିତା । ସତେ ଯେମିତି ତା ଆତ୍ମ ସ୍ୱାଭିମାନକୁ କିଏ ବାରମ୍ବାର ପଦାଘାତ କରୁଥିବାର ଅନୁଭବ କଲା । କଣ ବା ଭୁଲ କରି ପକେଇଛି ଯେ ଭଗବାନ

 Magazine Downloaded from www.aahwaan.com

ତାକୁ ଏତେ ଶାସ୍ତି ଦେଉଛନ୍ତି । ମାଆ ହିସାବରେ ନିଜ ପୁଅକୁ ଶାସନ କି ଟିକେ ଆକଟ କରିବାର ଅଧିକାର କଣ ତା'ର ନାହିଁ? କର୍ମଜୀବି ମହିଳା ହୋଇବି ପରିବାରର ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରିବା ସହିତ ଶିକ୍ଷିତା ମାଆ ହିସାବରେ ପୁଅର ପାଠପଢା ଦାୟିତ୍ୱ ବି ନିଜ ହାତକୁ ନେଇଛି । ସେଥିପାଇଁ ତ ପୁଅ ତା'ର ଆଜିପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ଚାଲିଛି । ତା ସହିତ ଦୁଇଥର ଗଣିତ ଓ ବିଜ୍ଞାନ ବିଷୟରେ ଅଲିଂପ୍ୟାଡ଼ ପରୀକ୍ଷରେ ସ୍ୱର୍ଣ୍ଣ ପଦକ ବି ଜିତିଛି । ସେଥିପାଇଁ ଯେତେ ପରିଶ୍ରମ ପଡ଼ିଲେ ବି ପୁଅର ପାଠ ପଢ଼ାରେ କେବେବି ଅବହେଳା କରିପାରେନି । କିନ୍ତୁ ଆଜି ଟିକେ ଅଧିକ କାମ ଚାପରେ ସେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲା । ଦିନସାରା ଘରକାମ ଓ ବାହାର କାମ ଭିତରେ ଛନ୍ଦି ହେଲା ପରେ ସନ୍ଧ୍ୟା ସମୟରେ ପୁଅକୁ ପାଠ ପଢେଇବା ବେଳେ ତା'ର ଦୁଷ୍ଟାମୀ ଆରମ୍ଭ ହୋଇଯାଇଥିଲା । ଘର ଲୋକଙ୍କ ଉପରେ ଭାରି ରାଗ ହେଲା । ଘରେ ତାକୁ ଛାଡି ଆହୁରି ଶିକ୍ଷିତ ଲୋକ ବି ଅଛନ୍ତି । ସେମାନେ କଣ ଦିନେଅଧେ ପୁଅର ପାଠପଢା ଦେଖିଦେଲେ ହୁଅନ୍ତାନି ? ଓଲଟା ତା'ର ଦୁଷ୍ଟାମୀରେ ସହଯୋଗ କରି ମଜାନେବେ । ସେ ଆଉ ପୁଅକୁ ବୁଝାଇବା ଅବସ୍ଥାରେ ନଥିଲା । ସବୁତକ ରାଗ ଏକାଠି କରି ପାଖରେ ପଡିଥିବା କାଠ ସ୍କେଲରେ  ଦୁଇଚାରି ପାହାର କଷି ଦେଇଗଲା ପୁଅ ଉପରେ ।

କିଛି ଦୂରରେ ବସିଥିଲେ ତାର ଜେଜେମା । ଦଉଡି ଆସିଲା ପୁଅର କାନ୍ଦ ଶୁଣି । କାହିଁକି ତାଙ୍କ ଆଖି ଆଗରେ ତାଙ୍କ ନାତିକୁ ମାରିଲା ବୋଲି କହି ନିତାର ଚୁଟିକୁ ଭିଡିଧରି ଦୁଇଚାରି ଚଟକଣୀ ବସେଇଦେଲେ ତା ଗାଲରେ । ନିତା ସେଠାରୁ ଉଠି ପଳେଇଆସିଲା ଓ ନିଜ ରୁମରେ ଭିତରପଟୁ କବାଟ ବନ୍ଦ କରିଦେଇ ବହେ କାନ୍ଦିଲା । ତା ଜାଗାରେ ଆଉକେହି ଆଜିକାଲିକା ଚାକିରିଆ ବୋହୁ ହୋଇଥିଲେ ଶାଶୁଙ୍କୁ ସେଇଠି ଉଚିତ ଜବାବ ଦେଇ

 Magazine Downloaded from www.aahwaan.com

ପାରିଥାନ୍ତେ । କିନ୍ତୁ ନିତା ସେମିତି କରିପାରିଲାନି । କାରଣ ତା ସଂସ୍କାର ତାକୁ ଏମିତି କରିବା ଶିଖେଇନି । ତା ବୋଲି କଣ ସବୁକିଛି ନିରବରେ ସହିଯିବ ? କିଛି ନ ବୁଝି ନ ସୁଝି ତା ଉପରକୁ ହାତ ଉଠେଇବା କଣ ଠିକ ହେଲା ତାଙ୍କର ? କେଉଁ ମା ନିଜ ପିଲାକୁ ଶାସନ କରି ଦି ପାହାର ବସାଉନଥିବ ? ସିଏ ନିଜେବି କଣ ତାଙ୍କ ପିଲାଙ୍କୁ ଛୋଟବେଳେ ଶାସନ କରୁ ନଥିଲେ ?

ଏସବୁ ଭାବି ଭାବି କାନ୍ଦି ଚାଲିଥିଲା ନିତା । ଏଣେ ସ୍ୱାମୀଙ୍କର ଅଫିସରୁ ଫେରିବା ସମୟ ହୋଇଯାଇଥିଲା । ନିତା ନିଜ ମନକୁ ବୁଝାଇ ଚୁପ ହେଲା । ଚୁପଚାପ ନିଜ ରୁମରେ ସେମିତି ବସି ରହିଲା । ସର୍ବଦା ଚଳଚଞ୍ଚଳ ନିତାକୁ ଏମିତି ଚୁପଚାପ ହୋଇ ବସିଥିବାର ଦେଖି ବିଶେଷ କରି କାନ୍ଦି କାନ୍ଦି ଗେଣ୍ଡା ଭଳି ଫୁଲିଯାଇଥିବା ଆଖି ଆଉ ପାଞ୍ଚ ଆଙ୍ଗୁଳି ଚିହ୍ନର ଅବସ୍ଥିତି ସୂଚାଉଥିବା ଗାଲକୁ ଦେଖି ସ୍ୱାମୀ ହୁଏତ ଅନୁମାନ କରିପାରୁଥିଲେ ଅତିକ୍ରମ କରିସାରିଥିବା ଝଡର ସୂଚନା । ତଥାପି ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବା ପାଇଁ ନିତାକୁ ପଚାରିଲେ । ନିତା କଣ କହିବ ନ କହିବ ଭାବି ଭାବି ଛୋଟପିଲାଙ୍କ ଭଳି କାନ୍ଦି ଚାଲିଲା । ତାର ସ୍ୱାଭିମାନ ତକ ଆଖି ଲୁହ ରୂପେ ଧାର ଧାର ହୋଇ ବହିଯାଉଥାଏ । ଦୋଷ ନ ଥାଇବି ସେ ମାଡ ଖାଇଛି । ଘରର ବୋହୂକୁ ଘରର ଲକ୍ଷ୍ମୀ ମାନ୍ୟରେ ସମ୍ମାନ ଦେବାକଥା । କିନ୍ତୁ ସେ କି ଭୁଲଟା କରିପକେଇଛି ଯେ ତା ଉପରକୁ ହାତ ଉଠାଯାଉଛି । ଶାଶୁ ଘରର ଯେତେ କଡା କଥା, ବ୍ୟବହାର ଓ ନିୟମ କାନୁନ ସବୁକୁ ସେ ମୁଣ୍ଡପାତି ଆଜିଯାଏ ସହିଛି । ଶେଷରେ ମାଡ ବି ସହିବାକୁ ପଡିବ ?ଆଉ ଧୈର୍ଯ୍ୟ ଧରି ରହିପାରିଲାନି ସେ । ସ୍ୱାମୀଙ୍କ ଆଗରେ ସବୁକଥା ଗୋଟି ଗୋଟି କରି କହିପକେଇଲା । ସ୍ତ୍ରୀ'ର କଷ୍ଟ ଆଉ ଅପମାନକୁ କେଉଁ ସ୍ୱାମୀ ବା ସହ୍ୟ କରିପାରିବ ? ସେ ସିଧାଯାଇ ସବୁକଥା ନିଜ ବୋଉକୁ

 Magazine Downloaded from www.aahwaan.com

ପଚାରିଲେ । କିନ୍ତୁ ବୋଉ ଯେ ନିଜର ଭୁଲ ସ୍ୱୀକାର କରିବାକୁ ଏକଦମ ନାରାଜ । ନାତିର କଷ୍ଟ ସହି ନପାରି ଦି ଚାରି ଚଟକଣୀ ବସେଇ ଦେଇଛି । କଣ ମହାଭାରତ ଅଶୁଦ୍ଧ ହେଇଗଲା ସେଇଠୁ ? ରଧାକୁ ବାଧା ହେଇଯାଉଛି ......ହୁଁ !!! ସାଆନ୍ତାଣୀ ଘରର ଝିଅ ତ... ଭାରି ବାଧିଯାଉଛି... ଆଉ ଇଏ ଗୋଟେ ଆସିଲା ମାଇପିବୋଲା ଦେଖେଇବାକୁ.....

ଏମିତିକା କଥା ଶୁଣି ନିତା ଆହୁରି ରାଗିଗଲା । ସବୁକିଛି କରିଯାଉଛି ଓ ସହିଯାଉଛି ବୋଲି ଏମାନେ କଣ ଜୀବନ ସାରା ଏମିତି ଜୁଲମ କରିଚାଲିଥିବେ ? ଆଉ ଏ ଘରେ ଚଳି ହେବନି । ସ୍ୱାମୀ ସ୍ତ୍ରୀ ଦିଜଣ ଯାକ ରୋଜଗାରିଆ । କେଉଁଠି ଭଡାଘର ନେଇ କଣ ରହିହେବନି ? ଶେଷରେ ସ୍ୱାମୀ ସ୍ତ୍ରୀ ମିଶି ନିଷ୍ପତ୍ତି ନେଲେ ଘରଛାଡି ଭଡାଘରେ ଯାଇ ରହିବାକୁ ।

ସେଦିନ ରାତିସାରା ଆଉ ନିଦ ହେଲାନି ନିତାକୁ । ଯାହା ନିଷ୍ପତ୍ତି ନେଇଛି ତାହା କରିବା କଣ ଠିକ ହେବ ?? ଶାଶୁ ତ ସବୁବେଳେ ସେମିତି । ପୁରୁଣା କାଳିଆ ଲୋକ । ତେଣୁ ତାଙ୍କ ଚିନ୍ତାଧାରା ଅଲଗା ହେବା ସ୍ୱାଭାବିକ । ପୁଣି ଯେତେ ଯାହା ହେଲେବି ମାଆ ସିଏ । ଯେଉଁ ସ୍ୱାମୀଙ୍କୁ ନିଜର ଭାବି ସେ ଖୁସି ହୋଇଛି, ସେହି ସ୍ୱାମୀଙ୍କୁ ତ ସିଏ ଜନ୍ମ ଦେଇଛନ୍ତି ... । ମାବାପା'ଙ୍କ ଭୁଲ ଦେଖିବା ପିଲାମାନଙ୍କର ଉଚିତ ନୁହେଁ । ତାଙ୍କ ପୁଅକୁ ତାଙ୍କ ପାଖରୁ ଛଡେଇ ନେଲେ ତାଙ୍କୁ ବହୁତ କଷ୍ଟ ହେବ ନିଶ୍ଚୟ । ତା' ଛଡା ଏସବୁର କୁପ୍ରଭାବ ତ ତାରି ପୁଅ ଉପରେ ପଡିବ ନା... । ସେ ନିଜ ବାପାମା'ଙ୍କ ପାଖରୁ କଣ ଶିକ୍ଷାଲାଭ କରିବ ? ସେ ବି ବଡହେଲେ ନିଜ ସ୍ତ୍ରୀକୁ ନେଇ ବାପାମା'ଙ୍କୁ ଛାଡି ଅଲଗା ରହିବାକୁ ପସନ୍ଦ କରିବ । ତାକୁ ବି ତ ସେଦିନ ଠିକ ସେହି କଷ୍ଟ ହେବ ଯାହା ଆଜି ସେ ନିଜ ଶାଶୁଙ୍କୁ ଦେବାକୁ ଯାଉଛି ।

 Magazine Downloaded from www.aahwaan.com

ତା ବିବେକ ତାକୁ ବାଧା ଦେଲା । ଯେତେ ଯାହା ହୋଇଗଲେବି ସେ ଏ ଘରଛାଡି କୁଆଡେ ବି ଯିବନି । ବାପା ମା'ଙ୍କ ପାଖରୁ ତାଙ୍କ ପୁଅକୁ ଦୂରେଇଦେଇ ପାରିବନି । ନିଜର ନିଷ୍ପତ୍ତିକୁ ବଦଳେଇଦେଲା ନିତା ।

ପରଦିନ ସକାଳେ ନିଦ ଭାଙ୍ଗିବାକୁ ଟିକେ ଅଧିକ ସମୟ ଲାଗିଥିଲା ନିତାକୁ । କିନ୍ତୁ ଉଠି ଦେଖେତ ସ୍ୱାମୀ ତାଙ୍କର ଜିନିଷ ପତ୍ର ବନ୍ଧାବନ୍ଧିରେ ଲାଗିପଡିଛନ୍ତି । କିନ୍ତୁ ନିତାର ଜମାରୁ ମନ ନଥିଲା । କାଲିର ନିଷ୍ପତ୍ତି ବଦଳି ସାରିଥିଲା ତାର । ତା ବିବେକ ଏବେ ତାକୁ ବାଧା ଦେଉଥିଲେ ବି ସ୍ୱାମୀଙ୍କୁ କେମିତି କହିବ କିଛି ଜାଣିପାରୁନଥିଲା । କହିଲେ ସେ ଚିଡ଼ି ଚିଡ଼ି ହେବେ । ମୁଣ୍ଡ ବିନ୍ଧୁଥିବାର ବାହାନା କରି ଆଉ କିଛି ସମୟ ସେ ବିଛଣାରେ ପଡି ରହିଲା । ମନେମନେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା ତାକୁ କିଛି ଉପାୟ ବତାଇ ଦେବାକୁ .........

ହଠାତ ଠାକୁରଘର ଆଡୁ ଘଣ୍ଟା ଆଳତୀ ହେବାର ଶବ୍ଦ ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲା । କାରଣ ପ୍ରତ୍ୟେକଦିନ ସକାଳୁ ସେ ନିଜେ ଯାଇ ଠାକୁରଘରେ ଆଳତୀ କରେ । କିନ୍ତୁ ଆଜି .......

ଧୀର ପଦକ୍ଷେପରେ ନିତା ଠାକୁର ଘର ଆଡକୁ ମୁହେଁଇଲା । ଯାହା ଦେଖିଲା ତାହା ତାର କଳ୍ପନାର ବାହାରେ ଥିଲା । ନିଜ ଆଖିକୁ ନିଜେ ବିଶ୍ୱାସ କରିପାରୁ ନଥିଲା । ଠାକୁରଙ୍କ ଆଗରେ ଶାଶୁ ତା'ର କାନ୍ଦି କାନ୍ଦି ନିଜର ଭୁଲ ପାଇଁ ପ୍ରାଷ୍ଚାତାପ କରିଚାଲିଥିଲେ । ଘରର ଲକ୍ଷ୍ମୀ ଉପରକୁ ହାତ ଉଠେଇ ଦେଇଥିଲେ କ୍ଷଣକୋପାର ବଶବର୍ତ୍ତୀ ହୋଇ । ନିତା ଆଉ ନିଜକୁ ସମ୍ଭାଳି ପାରିଲାନି । ଦଉଡି ଯାଇ ଶାଶୁଙ୍କୁ କୁଣ୍ଢାଇ ଧରିଲା । ମାତୃତୁଲ୍ୟ ଶାଶୁଙ୍କ ପାଖରୁ ଦୁରେଇ ରହିବାର ବୃଥା ଆସ୍ଫାଳନ ଅନ୍ତରଭିତରୁ ତା'ର ଧିକ୍କାର କରୁଥିଲା ।

 Magazine Downloaded from www.aahwaan.com

ଦୁଇଜଣଙ୍କ ଆଖିରୁ ବହିଯାଉଥିଲା ପ୍ରାୟଶ୍ଚିତର ଲୁହ .....

ବହିଯାଉଥିବା ଲୁହସବୁକୁ ନିଜ ପଣତକାନିରେ ପୋଛି ପକେଇଲା ନିତା । ସଠିକ ନିଷ୍ପତ୍ତି ନେଇ ପାରିଥିବାର ଅନୁଭବ କରି ଆତ୍ମସନ୍ତୋଷ ଲାଭ କରୁଥିଲା ସେ । ଏଇ ବିବେକ ହୁଏତ ତାକୁ ଆଜି ଉଚିତ ମାର୍ଗଦର୍ଶନ କରାଇପାରିଛି । ନିଜ ବିବେକକୁ ଧନ୍ୟବାଦ ଜଣେଇଲା । ପୁଣିଥରେ ଆଇନା ଆଗରେ ଯାଇ ଠିଆହେଲା ନିତା । ନିଜ ମୁହଁକୁ ଦେଖିଲା । ତା'ର ଗୋରା ତକତକ ଗାଲରେ ଶାଶୂଙ୍କର ପାଞ୍ଚ ଆଙ୍ଗୁଳି ଚିହ୍ନ ଧିରେ ଧିରେ ଅସ୍ପଷ୍ଟ ହେବାରେ ଲାଗିଥିଲା । ନାତି ପ୍ରତି ଜେଜେମାର ଅହେତୁକ ସ୍ନେହ ମମତାର ବାସ୍ନା ଯେମିତି ବାରି ହୋଇ ପଡୁଥିଲା । ଆତ୍ମ ପରିତୃପ୍ତିର ହସଟିଏ ଖେଳିଗଲା ନିତା ମୁହଁରେ । ନିଜ ମୁହଁଟି ତାକୁ ସଦ୍ୟ ପ୍ରସ୍ଫୁଟିତ ନାଲି ଗୋଲାପଟିଏ ପରି ଦୃଶ୍ୟମାନ ହେଉଥିଲା ..........

Magazine Downloaded from www.aahwaan.com

# ଅଧିକାର

ମା ଫୋନ୍ କରିଥିଲା ତା ଦେହ ଭଲ ନାହିଁ ବାବାଙ୍କର ବି ଦେହ ଖରାପ । ଦୁଇ ଜଣଙ୍କୁ ଟାଇଫ୍ଏଡ଼ ହେଇଛି । ସାନ ଭାଇ ରେଲୱେରେ ଚାକିରୀ କରେ । ସପ୍ତାହକୁ ଚାରି ଦିନ ଟ୍ରେନ୍ ରେ ଯାଏ ଦିଲ୍ଲୀ । ଆଉ ତିନି ଦିନ ଘରକୁ ଆସେ । ଏଇ ଦେହ ଖରାପ ବେଳେ ସେ ଘରେ ନାହିଁ । ମା' କିଛି କରିପାରୁନି । ରୋଷେଇ ଗଣ୍ଡେ କରି ଖାଇବା ବି କଷ୍ଟ । କାନ୍ଦୁଥିଲା ସେ । କହୁଥିଲା ତୋ କଥା ଭାରି ମନେ ପଡୁଛି । ଦେହ ମୁଣ୍ଡ ଖରାପ ହେଲେ ବୋଧେ ନିଜ ଲୋକଙ୍କ କଥା ବେଶୀ ମନେ ପଡେ । ମୋ ଆଖିରୁ ବୋହିଗଲା ଦୁଇ ଟୋପା ଲୁହ । ଇଚ୍ଛା ହେଉଥିଲା ଯାଇ ପନ୍ଦର ଦିନ ରହି ଆସିବାକୁ । ଭଲ ଭଲ ରୋଷେଇ କରି ଖାଇବାକୁ ଦେବାକୁ । ଟିକେ ମୋଡି ଘସି ଦେବାକୁ । ହେଲେ ଏମିତି କିଛି ବି ମୁଁ କରି ପାରିବିନି । କାରଣ ମୁଁ ଆସି ସୁଦୂର ବାଙ୍ଗାଲୋରରେ । ସ୍ତ୍ରୀ ଆଉ ମା'ର କର୍ତ୍ତବ୍ୟରେ ମୁଁ ବନ୍ଧା । ଇଚ୍ଛାଥିଲେ ବି ଯାଇ ପାରିବିନି । ତା'ଛଡ଼ା ବିବାହ ପରେ ଗୋଟେ ଝିଅର ଇଚ୍ଛା ଅନିଚ୍ଛାକୁ କିଏ ପଚାରେ । ଅନ୍ୟମାନଙ୍କ ଇଚ୍ଛାକୁ ଲଦି ଦିଆଯାଏ ତା ଉପରେ । ବାପଘରକୁ ଯିବା କଥା ତ ଗୋଟେ ଅପରାଧ ସହ ସମାନ । ପ୍ରଥମେ କଥା ଶାଶୁଙ୍କ ପାଖରେ ମାନେ ହାଇକୋର୍ଟରେ ଉଠାଯାଏ । ତା'ପରେ ଶ୍ୱଶୁରଙ୍କ ପାଖରେ ମାନେ ସୁପ୍ରିମକୋର୍ଟର ଅନୁମୋଦନ ଲାଗି ଯାଏ । ସେଠୁ ଅନୁମତି ମିଳିଲା ପରେ



ସଂସ୍କୃତି ମହାନ୍ତି

 Magazine Downloaded from www.aahwaan.com

ଆସେ ତିଥି, ବାର, ନକ୍ଷତ୍ର ଆଦି କଥା । ବହୁ ଆଲୋଚନା ଓ ତର୍ଜମା ପରେ ଯିବା ଲାଗି ମିଳେ ମାତ୍ର ଦୁଇ କି ତିନି ଦିନ । ସେତେବେଳକୁ ଯିବାର ଇଚ୍ଛାଟା ଆପେ ଆପେ ମରି ସାରିଥାଏ । ଆଉ ମୋ ସ୍ୱାମୀଙ୍କର ବାପାବୋଉଙ୍କ ପାଖରେ କଥା ପଦେ କହିବାର ବି ସାହସ ନଥାଏ । ତେଣୁ ତାଙ୍କର କିଛି ନିଷ୍ପତ୍ତି ନେବାର ପ୍ରଶ୍ନ ହିଁ ଉଠୁନି । ଏଣ୍ଟୁଅ ଭଳି ମୁଣ୍ଡ ଟୁଙ୍ଗାରିବା ଛଡା ସେ ଆଉ କିଛି ଜାଣନ୍ତି ନି । କେବେ ବି ସେ ବୁଝିନାହାନ୍ତି ସ୍ତ୍ରୀର ମନ କଥା । କେବେ ଯଦି କିଛି କୁହେ ତାହେଲେ ଉତ୍ତର ଆସେ ତମେ କାହିଁକି ବାହା ହେଉଥିଲ । ରହିଲନି ସବୁଦିନ ତମ ବାପାମା'ଙ୍କ ପାଖରେ । ମୋ ଘର ଲୋକଙ୍କ ଖୁସିରେ ମୁଁ ଖୁସି । ଯୋକ ମୁହଁରେ ଲୁଣ ଦେଲା ପରି ମୁଁ ଚୁପ ହେଇଯାଏ । ଯୋଉ ଦିନଠାରୁ ବାହା ହେଇ ଆସିଛି ସେଦିନରୁ ମୋ ବାପଘର ଲୋକ ମୋ ଲାଗି ପର ହେଇ ଯାଇଛନ୍ତି । କୋଉ ବର୍ଷେ ଦୁଇ ବର୍ଷରେ ଥରେ ଯାଏ । ତା ପୁଣି ଦୁଇ ଦିନ ଲାଗି । ଏସବୁ ମୋର ଦେହସୁହା ହେଇଗଲାଣି । ଆଖିର ଲୁହ ଆଉ ଛାତିର କୋହକୁ ମନରେ ଚାପି ଖୁସିରେ ରହିବାର ଅଭିନୟ କରୁଛି । ଭଲ ସ୍ତ୍ରୀ, ଭଲ ମା ଆଉ ଭଲ ବୋହୁର ଦାୟିତ୍ୱ ତୁଲଉ ତୁଲଉ ଗୋଟେ ଝିଅର କର୍ତ୍ତବ୍ୟକୁ ମୁଁ କେବେଠୁ ଭୂଲି ସାରିଛି । ମା କୁହେ ଏଥରକ ଓଡ଼ିଶା ଆସିଲେ ଏଠିକୁ ଆସିକି ଆଠ ଦିନ ରହିବୁ । ସବୁ ଝିଅ ଜ୍ୱାଇଁ ମାନେ ଆସୁଛନ୍ତି । ମୁଁ ଖାଲି ହଁ ମାରେ । ଭାବେ ସମସ୍ତଙ୍କ ଭିତରେ ଆଉ ମୋ ଭିତରେ ଅନେକ ତଫାତ୍ । ତମେ ମାନେ ତ ନିଜେ ମୋ ଡେଣା କାଟି ଦେଇଛ । ମୋ ଚାକିରୀ ଛଡେଇ ମୋତେ ବାହା କରି ଦେଲ । ଏବେ ଭାବିଲେ ଆଉ କଣ ହେବ । ମନେ ପଡୁଥିଲା ମୋ ସାଙ୍ଗ ସୋନୀର ସେଇ ଦୁଇ ପଦ କଥା, ବୋହୂ ହେଲା ପରେ ସବୁ ବଦଳି ଯାଏ ଲୋ ରିମା । ସବୁ ସ୍ୱାଧୀନତା ହଜିଯାଏ । ନିଜର ସବୁ ଇଚ୍ଛା ଆଉ ସ୍ୱପ୍ନକୁ ବଳି ଦବାକୁ ପଡେ । ସେଦିନ ନୂଆ ବାହା ହୋଇ ଆସିଥିବା ସୋନିର କଥାକୁ ମୁଁ ହସରେ ଉଡେଇ ଦେଇଥିଲି । କହିଥିଲି ତୁ ଏମିତି ଚାବିଦିଆ କଣ୍ଢେଇର ଜୀବନ କେମିତି

 Magazine Downloaded from www.aahwaan.com

ଜିଇଁଛୁ ସୋନି । ତୁ ବି ଗୋଟେ ମଣିଷ ତୋର ବି ମନ ବୋଲି କିଛି ଅଛି । ତୁ ମୁହଁ ଖୋଲ । ଜାହିର କର ତୋ ଇଚ୍ଛାକୁ । ସେ ଲୁହ ଛଳ ଛଳ ଆଖିରେ ଚାହିଁଲା ମୋତେ, ଆଉ କହିଲା ତୁ ବାହା ହୋଇ ସାରେ, ତାପରେ ଜାଣିବୁ । ମୁଁ ବି ଛାଡି ନଥିଲ, କହିଥିଲି ମୁଁ କେବେ ବି ଏମିତି ବଞ୍ଚି ପାରିବିନି । କାହା କଥାରେ ଏମିତି ଉଠବସ୍ ହେବା ଝିଅ ମୁଁ ନୁହେଁ । ହେଲେ ଆଜି ଭାବୁଛି ଜୀବନଟା ଏତେ ସହଜ ନୁହେଁ । ତା ପୁଣି ଗୋଟେ ଝିଅର ଜୀବନ । ସେ ସବୁବେଳେ ପରାଧୀନ । ସେ ଚାକିରୀଆ ହେଉ ବା ନହେଉ । ଚାକିରୀ କରି ଭଲ ଦରମା ପାଉଥିଲେ ବି ତାର ଅଧିକାର ନଥାଏ ବାପାମା'ଙ୍କୁ ଟଙ୍କାଟିଏ ସାହାଯ୍ୟ କରିବାକୁ । ତା ଭଳି ତା ଦରମା ଉପରେ ବି ସ୍ୱାମୀ ଆଉ ଶାଶୁ ଘର ଲୋକଙ୍କର ଥାଏ ସଂପୂର୍ଣ୍ଣ ଅଧିକାର । ସ୍ୱାମୀ କେବେ ପଚାରନ୍ତିନି ଶାଶୁ, ଶ୍ୱଶୁର କେମିତି ଅଛନ୍ତି । କିନ୍ତୁ ମୁଁ ଯଦି ସପ୍ତାହକୁ ତିନିଥର ତାଙ୍କ ଘରକୁ ଫୋନ ନକଲି ତାହେଲେ ବେଦ ଅଶୁଦ୍ଧ ହେଇଯାଏ । ଏବେ ମାନ୍ୟବର ସୁପ୍ରିମକୋର୍ଟ ନୂଆ ନିୟମ କରିଛନ୍ତି, ଯଦି କୌଣସି ବୋହୂ ତା ଶାଶୁ ଶ୍ୱଶୁରଙ୍କ ଦାୟିତ୍ୱ ନନିଏ ତାହାଲେ ତା ସ୍ୱାମୀ ତାକୁ ଛାଡପତ୍ର ଦେଇପାରିବ । କିନ୍ତୁ ଆଜି ଯାଏ ଏମିତି କିଛି ନିୟମ ହେଇନି କି ବୋହୂ ଭଳି ପୁଅର ବି ତା ଶାଶୁ ଶ୍ୱଶୁରଙ୍କ କଥା ବୁଝିବା ଉଚିତ । ସେମିତି ବି କେମିତି ହେବ ଏ ପୁରୁଷ ପ୍ରାଧାନ୍ୟ ସମାଜରେ । ନାରୀ ପୁରୁଷ ସହ ସମାନ ବୋଲି ଆମେ ଯେତେ ଡେଙ୍ଗୁରା ପିଟିଲେବି କୋଉଠି ନା କୋଉଠି ସେ ତା ଆଶ୍ରିତା ହୋଇ ରହୁଛି । ଏବେବି ଯୌତୁକ ଯୂଇରେ ଜଳୁଛି କେତେ ଅଭାଗିନୀର ଶବ । ଆଜି ବି ନର୍ଦମା କଡ଼ରୁ ମିଳୁଛି ଶହ ଶହ କନ୍ୟା ଭୃଣ । ଗୁମୁରି ଗୁମୁରି କାନ୍ଦୁଛି କୁନ୍ଦୁଲୀ ପିଡିତାର ଅତୃପ୍ତ ଆତ୍ମା । କେବେ ସୁଧୁରିବ ଏ ସମାଜ, କେବେ ମିଳିବ ନାରୀକୁ ତା ପ୍ରକୃତ ପରିଚୟ । କେବେ ବୋହୂଟିଏକୁ ତା ବାପାମା'ଙ୍କୁ ଦେଖା କରିବାପାଇଁ ଅନୁମତି ବଦଳରେ ମିଳିବ ଅଧିକାର ।

 Magazine Downloaded from www.aahwaan.com

# ଅବଶ୍ୟମ୍ଭାବୀ

ନୂଆ ଘରକୁ ଆସି ଜିନିଷ ସଜାଡ଼ିବାରେ ବ୍ୟସ୍ତ ପରିଧି । କିଛି ସମୟପରେ ତା'ର ଆଖି ପଡ଼ିଲା ଗୋଟେ କାଗଜ କାର୍ଟୁନ ଉପରେ, ଯାହାକି ଘରର ଗୋଟେ କୋଣରେ ରହିଥିଲା । ପରିଧି ସେ କାଗଜ କାର୍ଟୁନ ପାଖକୁ ଯାଇ ଖୋଲିବାରୁ ସେଥିରୁ ବାହାରିଲା ତା ସହ ଅଫିସରେ ବିତିଥିବା କିଛି ମୁହୂର୍ତ୍ତର ଫଟୋ । କିଛି ଅଫିସ ଷ୍ଟାଫଙ୍କ ସହ ପିକନିକ ଏବଂ ଚା ପିଇବାର ଫଟୋ । ଦୀପାବଳୀ ଓ ହୋଲି ଉତ୍ସବର କିଛି ସ୍ମରଣୀୟ ମୁହୂର୍ତ୍ତ ବାନ୍ଧି ହୋଇ ରହିଥିଲା ସେ ଫଟୋ ଭିତରେ । ଫଟୋ ଗୁଡ଼ିକୁ ଦେଖି ସ୍ମିତହାସ୍ୟ ଖେଳି ଯାଇଥିଲା ପରିଧି ମୁହଁରେ, ହେଲେ ମନରେ ଆଉ କିଛି ।



ରାଧାକାନ୍ତ ଦାଶ

ଫଟୋକୁ ଧରି ପରିଧି ଭାବିବାକୁ ଲାଗିଲା ବିତିଯାଇଥିବା ଦିନଗୁଡିକୁ । ଏମ୍.ବି.ଏ. ସାରିବା ପରେ ଗୋଟେ ପ୍ରାଇଭେଟ ମାର୍କେଟିଂ ଅଫିସରେ କାମ କରେ । ସବୁବେଳେ ନିଜ କାମରେ ହେଲା ନ କରି ନିଜ ଅଫିସରେ ସମୟ ଦିଏ ପରିଧି । ଏଭିତରେ ତାର ବିବାହ ହୋଇଛି ପ୍ରିୟ ସାଥିରେ । ପ୍ରିୟ ଜଣେ ଡେଣ୍ଟିଷ୍ଟ । ଘର ପାଖରେ ନିଜର କ୍ଲିନିକ୍ କରି ବେଶ୍ ଭଲ ନାଁ କରିଛନ୍ତି । ବିବାହପରେ ଦମ୍ପତିମାନେ କୁଆଡେ ବୁଲିବାକୁ ଗଲାବେଳେ ପରିଧି ଯାଉଥିଲା ଏକା, ତା ପୁଣି ଅଫିସ କାମରେ । ସବୁ

 Magazine Downloaded from www.aahwaan.com

ସପ୍ତାହର ଶେଷଦିନ ମାନେ ରବିବାର ପାଇଁ କିଛି ନା କିଛି ପୋଗ୍ରାମ କରେ ପ୍ରିୟ । ହେଲେ ସରି, କହି ଅଫିସ ବାହାରି ଯାଏ ପରିଧି । କଣ ବା କରିବ ଅଫିସର କାମ ବି କରିବାକୁ ପଡ଼ିବ । ପ୍ରିୟ ଏସବୁରେ ଖରାପ ଭାବେନି । କାରଣ ସେ ପରିଧିକୁ ଠିକ୍ରେ ଚିହ୍ନେ । ପରିଧିର ଡେରି ରାତି ପର୍ଯ୍ୟନ୍ତ କାମ କରି ଲେଟରେ ଘରକୁ ଫେରିବା ଓ ଶୋଇବାକୁ ଗଲାବେଳେ ଲାପଟପ ଧରି ଘରେ ବି ଅଫିସ କାମ କରେ, ହେଲେ ଏସବୁରେ ବିରକ୍ତ ହୁଏନି ପ୍ରିୟ । କାମ ସାରିବା ପରେ ଦୁହେଁ ମିଶି ରୋଷେଇ କରନ୍ତି ଓ ତା ଭିତରେ ଗପସପ । ରୁଟି ତିଆରି ପରିଧିକୁ ଆସେ ହେଲେ ରୁଟି ପୃଥିବୀ ପରି ଗୋଲ ନହୋଇ ହୋଇଯାଏ ଭାରତ ପରି । କିନ୍ତୁ ପ୍ରିୟକୁ ରୁଟି ତିଆରି ଆସେ ସେଥିପାଇଁ ପ୍ରିୟ ସବୁବେଳେ ରୁଟି ତିଆରି କରେ । ଏଇମିତିରେ ଚାଲେ ତାଙ୍କ ଜୀବନ ସଂସାର ।

ପରିଧିକୁ ଡେରି ରାତି ପର୍ଯ୍ୟନ୍ତ କାମ କରିବା ଦେଖି ଅଫିସର ସାଙ୍ଗ ମାନେ କହନ୍ତି, "ଆରେ ତୁ ଏଠି ଏମିତି ଏତେ ରାତି ପର୍ଯ୍ୟନ୍ତ କାମ ନ କରି କିଛି ସମୟ ତୋ ମିଷ୍ଟରଙ୍କୁ ଦେବା କଥା ।" ପରିଧି କହେ, "ଆରେ ଦେଖୁଚୁ ତ ଏଠି ଏତେ କାମ, କଣ କରିବି ?" ଆଉ ଜଣେ ସାଙ୍ଗ କହେ, "ତୋ ପରି ସଚ୍ଚୋଟ କର୍ମଚାରୀଙ୍କୁ କେବେ ବାହା ହେବା କଥା ନୁହେଁ ।" ସମସ୍ତେ ହସନ୍ତି, ପରିଧି ଭାବେ ସେ ଅଫିସର କାମ ପାଇଁ ପ୍ରିୟଠୁ ଦୂରେଇ ଯାଉନି ତ ? ଫୋନ ଆସେ ପ୍ରିୟର । କିଛି ସମୟ କଥାହୋଇ ପୁଣି କାମରେ ଲାଗିଯାଏ ପରିଧି । ଅଫିସର ଡାଇରେକ୍ଟର ମଧ୍ୟ ଖୁସି ପରିଧି ଉପରେ । ହେବେନି ବା କେମିତି ପରିଧି ଭଳି କର୍ତ୍ତବ୍ୟପରାୟଣ କର୍ମଚାରୀ ପାଇ ତାଙ୍କ ଅଫିସ ବହୁତ ଆଗରେ । ଏମିତିରେ ଦୁଇବର୍ଷ ବିତିଗଲାଣି । ପରିଧି ଏବେ ଗର୍ଭବତୀ । ଏକଥା ଜାଣିବା ପରେ ପ୍ରିୟ କହେ, "ଏବେ ଅଫିସ କାମ ସହିତ ତୁମକୁ ଆମ ସନ୍ତାନର ଧ୍ୟାନ ରଖିବାକୁ ପଡ଼ିବ ।" ପରିଧି କହେ, "କାଇଁ ତମେ

 Magazine Downloaded from www.aahwaan.com

କୁଆଡ଼େ ଗଲ କି ?" ଦୁହେଁ ବହୁତ ଜୋରରେ ହସନ୍ତି ।

"ଆଉ କିଛି ଦିନପରେ ଆମ ଅଫିସର ଫାଉଣ୍ଡେସନ ଡେ । ଆଉ ଏଥରକ 'ବେଷ୍ଟ ଏମ୍ପ୍ଲୋଇ ଅଫ ଇଅର ଆୱାର୍ଡ' ମୋତେ ମିଳିବ ବୋଲି ସାର୍ କହିଲେ ଆଉ ତା ସାଙ୍ଗକୁ ପ୍ରମୋସନ । କାହିଁକି ନା ମୋ ପାଇଁ ଆମ ଅଫିସ ଆଜି ଏତେ ଉପରେ ।" ଏକଥା ଶୁଣି ପ୍ରିୟ ଆଗୁଆ ଅଭିନନ୍ଦନର ମେଘ ଢାଳି ପକାଏ ପରିଧି ଉପରେ ।

ପରିଧି ଏବେ ଛଅ ମାସର ଗର୍ଭବତୀ । ଆଜି ଦେହ ଠିକ୍ ନ ଲାଗିବାରୁ ଜଲଦି ଅଫିସରୁ ଘରକୁ ଫେରିଆସେ । ପରିଧିକୁ ଏତେ ଜଲଦି ଘରେ ଦେଖି ପ୍ରିୟ କୁହେ, "କଣ ମାଡାମ ଆଜି ଏତେ ଜଲଦି ? ମୁଁ ସ୍ୱପ୍ନ ଦେଖୁନାହିଁ ତ ?" ଦୁହେଁ ଖୁବ୍ ମଜା କରନ୍ତି । ଅଫିସର ନୋଟିସ ବୋର୍ଡରେ 'ବେଷ୍ଟ ଏମ୍ପୋଲୋଇ ଅଫ ଇଅର ଆୱାର୍ଡ' ଆଉ କାହା ନାଁ ପାଖରେ ଦେଖି ପରିଧି ରାଗିଯାଏ । ତା' ଆଖିରୁ ଝରିପଡ଼େ ଦୁଇଧାର ଲୁହ । ସେ ଜୋର-ଜୋର ପାଦ ପକେଇ ଫେରେ ତା କ୍ୟାବିନକୁ । ପରିଧି ସହ କାମ କରୁଥିବା ଅନନ୍ୟାକୁ ଦିଆଯାଏ 'ବେଷ୍ଟ ଏମ୍ପୋଲୋଇ ଅଫ ଇଅର ଆୱାର୍ଡ'□

ସମସ୍ତେ ଅନନ୍ୟାକୁ ଶୁଭେଚ୍ଛାର ବାର୍ତ୍ତା ଦେଉଥାନ୍ତି । ଏସବୁ ଦେଖି ବହୁତ ଭାଙ୍ଗିପଡ଼େ ପରିଧି । ଡାଇରେକ୍ଟରଙ୍କୁ ଦେଖାକରିବା ପାଇଁ ଯାଏ ତାଙ୍କ କ୍ୟାବିନକୁ । ଡାଇରେକ୍ଟର, "ପ୍ଲିଜ୍ ସିଟ୍ ।" ପରିଧି କିଛି କହିବା ଆଗରୁ ଡାଇରେକ୍ଟର କୁହନ୍ତି, "ପରିଧି ! ଆଇ ଆମ୍ ସରି । ମୁଁ କଣ କରିବି ? ତୁମେ ଏବେ ପ୍ରେଗନେଣ୍ଟ ତା' ପୁଣି ଛଅ ମାସର । ଆଉ ତୁମେ କାମ କରୁଥିବା ଫାଇଲ ମୁଁ ଏବେ ଅନନ୍ୟାକୁ ଦେଲି । ବିକଜ୍ ତୁମେ କୌଣସି ମୁହୂର୍ତ୍ତରେ ଇରେଗୁଲାର ହେଇପାର । ଆଉ ସେ କଷ୍ଟମର ଚାହାନ୍ତି ଯେ ତାଙ୍କ ଫାଇଲ 'ବେଷ୍ଟ ଏମ୍ପ୍ଲୋଇ ଅଫ ଇଅର ଆୱାର୍ଡ' ହିଁ କରନ୍ତୁ । ଆଉ ତୁମେ ଜାଣିଛ ସେ ଆମ ଅଫିସର ପୁରୁଣା କଷ୍ଟମର । ସେଥିପାଇଁ

 Magazine Downloaded from www.aahwaan.com

ଆମେ ବାଧ୍ୟ ହୋଇ ଅନନ୍ୟାକୁ 'ବେଷ୍ଟ ଏମ୍ପ୍ଲୋଇ ଅଫ ଇଅର ଆୱାର୍ଡ' ଦେବାକୁ ବାଧ୍ୟ ହେଲୁ । ନହେଲେ ମୁଁ କଣ ଅଫିସର ସମସ୍ତ ଷ୍ଟାଫ ଜାଣିଛନ୍ତି ଯେ ତୁମେ କେତେ କାମ କର ।"

ପରିଧି କଣ କହିବ କିଛି ବୁଝିପାରୁ ନଥିଲା । ମନେ ମନେ କାହା ଉପରେ ରାଗୁଥିଲା ।

ପୁଣି କହିଲେ ଡାଇରେକ୍ଟର, "ଆଉ କିଛିଦିନ ପରେ ଆମେ ତୁମକୁ ପ୍ରମୋସନ ଦେଉଛୁ ନା । ତା ପୁଣି ସିନିୟର ମ୍ୟାନେଜର ।"

ପରିଧି ଭାବୁଥିଲା ତାକୁ ଯେମିତି ତା ପ୍ରମୋସନ ଖାଲି ଖାଲିରେ ମିଳିଯାଉଛି । ପ୍ରମୋସନ ପାଇବାକୁ ହକ୍-ଦାର ସେ । ପରିଧି ଡାଇରେକ୍ଟରଙ୍କ କ୍ୟାବିନ୍ ଠୁ ଫେରିଥିଲା । ମନରେ କଷ୍ଟ ଥିଲା । କି ଏତେ ପରିଶ୍ରମ ଆଉ ଏତେ କାମ ଯେଉଁ ଫାଇଲ ପାଇଁ କରୁଥିଲା ସେ ବି ତା' ହାତରୁ ଚାଲିଗଲା । ସେ ଘରକୁ ଫେରିଲା ପରେ ପ୍ରିୟକୁ ସବୁକଥା କହିଲା । ପ୍ରିୟ ଏକଥା ଶୁଣି କହିଲା, "ପ୍ରମୋସନ ପରେ ମୁଁ ତୁମକୁ 'ମ୍ୟାନେଜର ମାଡ଼ାମ' ବୋଲି ଡାକିବି । ଆଚ୍ଛା ଦେଖିଲ ସେପଟ ରୁମ୍ ରେ ତୁମକୁ କିଏ ଅପେକ୍ଷା କରିଛନ୍ତି ।"

ପରିଧି ଯାଇ ଦେଖେ ପ୍ରିୟର ମା ଆସିଛନ୍ତି । ପରିଧି ମା'ଙ୍କୁ ମୁଣ୍ଡିଆ ମାରେ । ପ୍ରିୟର ମା ପରିଧିକୁ ବହୁତ ଭଲ ପାଆନ୍ତି । ପରିଧି ମଧ୍ୟ ତାଙ୍କୁ । ସେ କେବଳ ପରିଧିର ଓ ଘରକୁ ଆସୁଥିବା ନୂତନ ଅତିଥିର ଭଲଭାବେ ଦେଖାଶୁଣା କରିବା ପାଇଁ ଆସିଛନ୍ତି । ପରିଧି ଅଫିସରେ ଥିଲାବେଳେ ତା ମୋବାଇଲକୁ ଫୋନ କରନ୍ତି ମା । ମଝିରେ ମଝିରେ କାମ ବ୍ୟସ୍ତରେ ରହି ମାଙ୍କ ଫୋନ ନ ନେଲେ, ମା ଫୋନ କରନ୍ତି ଅଫିସର ଲ୍ୟାଣ୍ଡଲାଇନକୁ ଓ କୁହନ୍ତି, "ପରିଧି ତୋ ବ୍ୟାଗରେ ମୁଁ ଆପେଲ ରଖିଦେଇଛି ଖାଇଦେବୁ ।" ପରିଧି ବ୍ୟାଗରେ ଦେଖେ ଆପେଲ ଅଛି । ପରିଧିକୁ ଏସବୁ ଭଲଲାଗେ ହେଲେ ରାଗ ବି ଲାଗେ । ତା ପାଇଁ

 Magazine Downloaded from www.aahwaan.com

ଭଲ ପାଇବା ଦେଖି ମାଙ୍କ ଉପରେ ଖୁସି ହୁଏ ପରିଧି । ଆଉ ସେତ ଏବେ ଛୋଟ ପିଲା ନୁହଁ ହେଲେ, କେତେ ବେଳେ ପାଣି ପିଇବୁ, କଣ ଖାଇବୁ କହନ୍ତି ଫୋନ୍ ଯୋଗେ ମା । ମୁଁ କଣ ଛୋଟ ପିଲା ଏକଥା ଭାବି ବେଳେ ବେଳେ ରାଗିଯାଏ ପରିଧି । ଏଇମିତିରେ କିଛିଦିନ ବିତିଗଲାଣି ।

ଆଜି ସନ୍ଧ୍ୟାରେ ଅଫିସର କଂଫେରେନସ ହଲରେ ମିଟିଙ୍ଗ ଅଛି । ପ୍ରମୋସନ ବି ମିଳିବ ପରିଧିକୁ । ଯେତେ ରାଗ ଦୁଃଖ ଥିଲେ ମଧ୍ୟ କେମିତି ଗୋଟେ ଖୁସି ଅଛି ପରିଧି ମୁହଁରେ । ସେ ମିଟିଙ୍ଗ ଚାଲିଥିବା ହଲର ଆଗଧଡିର ଚେୟାରରେ ବସିଗଲା । ସଭା ଆରମ୍ଭ ହେଲା । ସିନିୟର ମ୍ୟାନେଜର ପ୍ରମୋସନ ପାଇଁ ଡକାଗଲା । ପରିଧି ଠିଆ ହୋଇଗଲା ସିଟ୍ ରୁ । ଶାଢୀ ସଜେଇବା ବେଳେ ମାଇକ୍‌ରେ ପରିଧି ମିଶ୍ର ନ ଥିଲା । ଅନ୍ୟ ଜଣେ ଗଲେ ଓ ସିନିୟର ମ୍ୟାନେଜର ପୋଷ୍ଟକୁ ପ୍ରମୋସନ ହେଲେ । ପରିଧି ଏସବୁ ସହ୍ୟ ନ କରି ଜୋରରେ ପାଦ ପକେଇ ପକେଇ ସିଧା ଫେରିଲା ନିଜ କ୍ୟାବିନକୁ । ତାକୁ ବହୁତ ରାଗ ଲାଗୁଥିଲା ଆଖିତଳ ଓଦା କରିସାରିଥିଲା ପରିଧି ଆଖିର ଲୁହ । ଲୁହକୁ ପୋଛିଲା ବେଳକୁ କ୍ୟାବିନ୍ କବାଟର କିଛି ଶବ୍ଦ ଶୁଣି ପରିଧି ଚାହେଁ ଡାଇରେକ୍ଟର କବାଟ ଖୋଲି କହିଲେ, "ପରିଧି ଅଫିସର ବୋର୍ଡ ମେମ୍ବରଙ୍କ କହିବା କଥା ଯଦି ଆମେ ତୁମକୁ ପ୍ରମୋସନ ଦେଉଛୁ ତେବେ ଠିକ ଅଛି, ହେଲେ ତୁମେ ଏବେ ଗର୍ଭବତୀ ଆଉ କିଛି ମାସପରେ ଆଉ କାମ କରିପାରିବ ନାହିଁ ସେଥିପାଇଁ..... , ଆମେ ସରି ପରିଧି ।"

ଏକଥା ଗୁଡିକ ଶୁଣିଲା ପରେ ପରିଧି ଭାବୁଥିଲା, ଯେତେ ଦେହ ଖରାପ ହେଲେ ବି ମୁଁ ଅଫିସ ଆସିଛି । ଅଫିସ ପାଇଁ ମୋ ପରିବାର ସହ ମୁଁ ଠିକରେ ସମୟ କାଟିପାରିନି । ହେଲେ ଏ ଅଫିସ ମୋତେ ଦେଇଛି କଣ ? ନିଜର କ୍ରୋଧକୁ ସହ୍ୟ ନ କରିପାରି ସେ ଇସ୍ତଫା

 Magazine Downloaded from www.aahwaan.com

ଦେଇଛି । ଘରେ ପ୍ରିୟ ଓ ମା ବହୁତ ବୁଝେଇଛନ୍ତି । ହେଲେ ପରିଧିକୁ ଗ୍ରାସ କରିଛି ଏକ ଦୁଃଖଦ ସମୁଦ୍ର । ସେ ଘର ବାଲକୋନୀରେ ଠିଆ ହୋଇ ଦେଖୁଛି ସୂର୍ଯ୍ୟଙ୍କୁ । ସେ କେମିତି ଧୀରେ ଧୀରେ ଅସ୍ତ ହେଉଛନ୍ତି । ଅନ୍ଧାର ଆଗରେ ସୂର୍ଯ୍ୟଙ୍କ କିରଣ ହାରିଯାଇଛି । ମୁଁ ମଧ୍ୟ ସେହିପରି ହାରି ଯାଇଛି ।

କେତେବେଳେ ମା ଆସି ପାଖରେ ପଡିଥିବା ଚେୟାରରେ ବସିସାରିଛନ୍ତି ପରିଧି ଜାଣିପାରିନି । ମା କହିଛନ୍ତି, "ପରିଧି ସୂର୍ଯ୍ୟ ସବୁଦିନ ଅସ୍ତ ହୁଏ । କିନ୍ତୁ କିଛି ଘଣ୍ଟାର ବ୍ୟବଧାନରେ ସେ ପୁଣି ଉଦୟ ହୁଏ ଏକ ନୂତନ ସକାଳ ସହ, ନୂତନ ଚିନ୍ତାଧାରା ନେଇ ନୂଆ କିଛି କରିବା ପାଇଁ ।"

ଏଇଭିତରେ ଦୁଇବର୍ଷ ହେଇଗଲାଣି । ପରିଧି ଏବେ କମ୍ପାନୀର ଡାଇରେକ୍ଟର । ମହିଳା ମାନଙ୍କ ପାଇଁ ଶସ୍ତାରେ ସାନିଟାରୀ ନାପକିନ୍ ଯୋଗାଉଥିବା କମ୍ପାନୀ କରି ତାକୁ ସଫଳ କରିବାରେ ସେ ବହୁ ପ୍ରଶଂସାର ପାତ୍ର । ମହିଳାମାନଙ୍କ ପାଇଁ ସାଜିଛନ୍ତି ଏକ ଜ୍ୱଳନ୍ତ ଉଦାହରଣ । ସେ ଜଣେ ସୁପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ ହୋଇପାରିଛି । ମା'ଙ୍କର ସେଇ କେଇପଦ କଥା 'ସୂର୍ଯ୍ୟ ସବୁଦିନ ଅସ୍ତ ହୁଏ ହେଲେ ଉଦୟ ବି ହୁଏ  କିଛି ନୂଆ କରିବା ପାଇଁ ।'

ପ୍ରିୟ ଓ ତାଙ୍କ ପୁଅ ପ୍ରଜ୍ୱଳ ସହିତ ପରିଧି ଏବେ ବେଶ୍ ଖୁସିରେ ।

ରତନପୁର ଶାସନ , କୁହୁଡି ,ଖୋର୍ଦ୍ଧା -752027 ଓଡିଶା

ଇମେଲ - rkdash1996@gmail.com , ମୋ - 8908859797

 Magazine Downloaded from www.aahwaan.com

# ଅନୁଭୂତିରୁ କିଛି

ନିଶା ଗୋଟେ ଭାରି ଅଜବ ଜିନିଷ । କେତେବେଳେ ମଣିଷକୁ ମୃତ୍ୟୁ ମୁଖକୁ ଠେଲି ନିଏ ତ କେତେ ବେଳେ ମଣିଷକୁ ଆକାଶ ଉଚ୍ଚାକୁ ନେଇ ଯାଏ । ସେମିତି ଗୋଟେ ନିଶା ମତେ ଘାରିଥିଲା ୨୦୦୦ ମସିହାରେ ଗିଟାର ଶିଖିବା ନିଶା ମୁଁ ସେତେବେଳେ +୨ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ର ଥାଏ । କଟକ ସହରରେ ପାର୍ବଣ ଋତୁ ଆରମ୍ଭ ହେଇ ଯାଏ ଗଣେଶ ପୂଜା ଠାରୁ ସରସ୍ୱତୀ ପୂଜା ସରିବା ପର୍ଯ୍ୟନ୍ତ । ଆଉ ପୂଜା ହେଲେ ମେଲୋଡି ହେବ ତ ନିଶ୍ଚିତ ଆଉ କଟକର ମେଲୋଡି ପରମ୍ପରା ବହୁ ପୁରାତନ । କେଉଁଠି ଗୋଟେ ପୂଜା ହେଲା ମାନେ ବାଉଁଶ ଉପରେ ଫଲସ୍ କାଠ ବାନ୍ଧି ତିଆରି ହୋଇଯାଏ ଗୋଟିଏ ଦିନ ଭିତରେ ସୁଉଚ୍ଚ ମଞ୍ଚ । ଆଉ ସନ୍ଧ୍ୟା ୭ଟା ବେଳକୁ ହ୍ୟାଲୋ ଚେକ୍, ତାବଲା, ଗିଟାର ଆଉ କ୍ୟାସିଓର ଟେଷ୍ଟିଙ୍ଗ୍ ଶବ୍ଦରେ ଗୋଡ ଆପେ ଆପେ ଘର ବାହାରୁ ଚାଲିଆସେ ମୋ ଭଳି ସଙ୍ଗୀତ ପ୍ରେମୀମାନଙ୍କର । ମୋର ମେଲୋଡି ଦେଖିଲା ବେଳେ ଭାରି ଇଛା ହୁଏ ମୁଁ ଯାଇଁ ତାଙ୍କ ସହ ଗିଟାର ବଜାନ୍ତି କି ? ଯେଉଁ ଭାଇମାନେ ବାଦ୍ୟଯନ୍ତ୍ର ବଜାଉଥାଆନ୍ତି ସେମାନଙ୍କ ଭିତରେ ସବୁଠାରୁ ବେଶୀ ଲକ୍ଷ୍ୟ ମୁଁ ଗିଟାରିଷ୍ଟ ଭାଇଙ୍କ ଉପରେ ହିଁ ଥାଏ । ଅବଶ୍ୟ ଏଇ ଗିଟାର ବଜେଇବା ନିଶା ମତେ ହିନ୍ଦୀ ସିନେମା ଦେଖିବା ଠାରୁ ହିଁ



ଦୀପକ ଷଡଙ୍ଗୀ

 Magazine Downloaded from www.aahwaan.com

ଘାରିଥିଲା । ମନରେ ମୋର ବହୁତ ଇଚ୍ଛାଥାଏ ମୁଁ କେମିତି ଗିଟାର ଶିଖିବି । ଆଉ ଦିନେ ମୁଁ ମନସ୍ଥ କରିଦେଲି ଯେ ମୁଁ ଯେମିତି ହେଲେ ବି ଗିଟାର ବଜେଇବା ଶିଖିବି କିନ୍ତୁ ଶିଖିବା ପାଇଁ ତ ଜଣେ ଶିକ୍ଷକ ଆବଶ୍ୟକ । ମୋତେ ଜଣେ ଭଲ ଗିଟାର ଶିକ୍ଷକ ମିଳିବେ କେଉଁଠୁ ? ମୁଁ ଲାଗି ପଡିଲି ଗିଟାର ଶିକ୍ଷକ ଖୋଜିବାରେ ।

ଦିନେ ଗୋଟେ ମେଲୋଡି ପାର୍ଟି ବ୍ୟାନରରୁ ସେ ପାର୍ଟିର ଫୋନ ନମ୍ବର ନେଇ ମୁଁ ତାଙ୍କୁ ଲ୍ୟାଣ୍ଡ ଫୋନରୁ ଫୋନ କଲି । ସେପଟୁ ମୋତେ ଜଣେ ଭଦ୍ରଲୋକ ଗୋଟେ ନମ୍ବର ଦେଲେ ଆଉ କହିଲେ ଯେ "ଏ ହଉଛନ୍ତି ଆମ ପାର୍ଟିର ଜଣେ ଗିଟାରିଷ୍ଟ ଆପଣ ତାଙ୍କ ସହ ଯୋଗାଯୋଗ କରନ୍ତୁ ।" ମୁଁ ତାଙ୍କ ପାଖକୁ ଫୋନ କଲି ସେ ସେପଟୁ କହିଲେ ମୋ ଘର ସିଡିଏ ସେକ୍ଟର ୫ରେ ତୁମେ କେତେବେଳେ ବି ଆସିପାର । ତା'ପରେ ମୋର +୨ର ପ୍ରଥମ ବର୍ଷ ପରୀକ୍ଷା ଥିଲା ତେଣୁ ମୁଁ ତାଙ୍କ ପାଖକୁ ଆଉ ଶୀଘ୍ର ଯାଇପାରିଲି ନାହିଁ । ପ୍ରାୟ ମାସେ ପରେ ମୁଁ ପୁଣି ଆଉ ଥରେ ସେ ନମ୍ବର ଲଗେଇଲି କିନ୍ତୁ ସେପଟୁ ଲାଗିଲା ନାହିଁ । ଭାବିଲି ବୋଧେ ଫୋନ ଖରାପ ଥିବ ତେଣୁ ଆଉ ଫୋନ ନ କରି ସିଧା ସାଇକେଲ ଧରି ଚାଲିଲି ସିଡିଏ ସେକ୍ଟର ୫କୁ । ଆମ ଘରଠାରୁ ପ୍ରାୟ ୧୨କିମି ପାଖାପାଖି ହବ । ସେ ସାରଙ୍କ ନାଁ ଥିଲା ସୌରଭ ସାର । ମୁଁ ସେ କହିଥିବା ଠିକଣାକୁ ପଚାରି ପଚାରି ଯାଇଁ ତାଙ୍କ ଘରେ ପହଞ୍ଚିଲି । କଲିଙ୍ଗ୍ ବେଲ୍ ମାରିଲା ପରେ ଦେଖିଲି ଜଣେ ପ୍ରାୟ ୩୦/୩୨ ବର୍ଷର ଯୁବକ ଘର ଭିତରୁ ବାହାରିଲେ । ମୋତେ ପଚାରିଲେ କଣ ହେଲା ବୋଲି ମୁଁ କହିଲି ସାର ଆପଣ ଗିଟାର ଶିଖନ୍ତି ନା ? ସେ ଟିକେ ରହି କି ଥଙ୍ଗମଙ୍ଗ ହେଇ କି କହିଲେ ହଁ ହଁ ମୁଁ ଶିଖାଏ । ତୁମେ ଆସ ଭିତରକୁ ଆସ ।

ମୁଁ ଗଲି ମୋତେ ଟିକେ କେମିତି କେମିତି ଲାଗୁଥାଏ । କାରଣ ଘର ଭିତରେ କିଛି

 Magazine Downloaded from www.aahwaan.com

ଜିନିଷପତ୍ର ବେଶୀ ନଥିଲା ଆଉ କୌଣସି ବାଦ୍ୟଯନ୍ତ୍ର ମଧ୍ୟ ନ ଥିଲା । ସେ ଆଉ ଡେରି ନ କରି କହିଲେ । ତୁମକୁ ଗିଟାର ଶିଖିବାକୁ ହେଲେ ପ୍ରଥମେ ୨୦୦୦ଟଙ୍କା ଦବାକୁ ପଡିବ ଏଡମିଶନ ଫିସ୍ । ଆଉ ତାପରେ ମାସକୁ ମାସ ୫୦୦ ଲେଖାଏଁ ଦବାକୁ ପଡିବ । ପ୍ରତି ଶନିବାର ତୁମେ ତୁମ ନିଜ ଗିଟାର ଧରି କି ଏଠିକି ଆସିବ । ସନ୍ଧ୍ୟା ୬ଟାରୁ ରାତି ୯ଟା ଯାଏଁ କ୍ଲାସ ହବ । ମୁଁ ସଙ୍ଗେ ସଙ୍ଗେ ମୁଣ୍ଡ ଟୁଙ୍ଗାରି ହଁ ଭରିଦେଲି । ଆଉ  କହିକି ଆସିଲି ଯେ ମୁଁ ଆସନ୍ତା ଶନିବାରକୁ ପଇସା ନେଇ କି ଆସିବି ବୋଲି । ତାପରେ ତାଙ୍କଠାରୁ ବିଦାୟ ନେଇ ଚାଲିଆସିଲି । ହଁ ତ ଭରିଦେଲି କିନ୍ତୁ ଏକକାଳୀନ ଗିଟାର ସହ ଫିସ୍ ଭାରିବାକୁ ପ୍ରାୟ ୫୦୦୦ଟଙ୍କା ଦରକାର ପଡିବ । ଏତେ ପଇସା ଆଣିବି କେଉଁଠୁ ? ବାପାଙ୍କୁ କହିଲେ ତ ପ୍ରବଳ ଗାଳି ପଡିବ କାରଣ ସେତେବେଳେ ବାପାଙ୍କର ସ୍ୱଳ୍ପ ରୋଜଗାରରେ ଆମେ କଟକରେ ଭଡା ନେଇ ରହୁଥିଲୁ । ଆଉ ମୋ ଟିଉସନ ପାଇଁ ବି ପାଖାପାଖି ୭୦୦ ରୁ ୮୦୦ ତାଙ୍କର ଖର୍ଚ୍ଚ ହଉଥାଏ ପ୍ରତି ମାସରେ ।

ବୋଉକୁ ଯାଇ ସବୁ କଥା କହିଲି । ସେ ପ୍ରଥମେ ଟିକେ ଗରଗର ହେଲା କିନ୍ତୁ ମୁଁ ବେଶୀ ଜିଦି କରିବାରୁ ଯାହାହଉ ସେ ରାଜି ହେଇଗଲା । ସେ କହିଲା ହଉ ମୁଁ ତୋ ପାଇଁ କେମିତି କଣ କରି ୨୦୦୦ଟଙ୍କା ଯୋଗାଡ କରିଦେବି କିନ୍ତୁ ତୁ ସେ ବାଜା ନେଇକି ବାପାଙ୍କ ଆଗକୁ ଜମା ଯିବୁନି । ସେ ଯେତେବେଳେ ଜାଣିବେ ଯେ ତୁ ପଇସା ନେଇ ବାଜା କିଣିଛୁ ବୋଲି ତୋ ସହ ମୋ ଅବସ୍ଥା ମଧ୍ୟ ଖରାପ କରିଦେବେ । ମୁଁ ବୋଉକୁ ବୁଝେଇ ଦେଲି ତୁ ଜମା ବ୍ୟସ୍ତ ହଅନା । ବାପାଙ୍କୁ ୟେ ବିଷୟରେ କିଛି ସୁରାକ ବି ମିଳିବନି ବୋଲି । ବୋଉ ଦେଲା ୨୦୦୦ ଆଉ ଗୋଟେ ସାଙ୍ଗ ଠାରୁ ୧୫୦୦ ଧାର ଆଣି ଆଗ ଗୋଟେ ଗିଟାର କିଣିଦେଲି । ଅବଶିଷ୍ଟ ପଇସା ଓ ମୁଁ ରଖି ଥିବା କିଛି ପକେଟମନି ମିଶେଇ ୨୦୦୦ଟଙ୍କା

 Magazine Downloaded from www.aahwaan.com

ଆଉ ଗିଟାର ଧରି ଶନିବାର ଦିନ ଚାଲିଲି ପୁଣି ସାରଙ୍କ ପାଖକୁ । ସାରଙ୍କ ଘର ଆଗରେ ପହଞ୍ଚିଲି । ସାର ମୋତେ ଦେଖି ଆଗ ପଚାରି ଦେଲେ ୨୦୦୦ଟଙ୍କା ଏଡମିଶନ ଫୀସ୍ ଆଣିଛ ତ ? ମୁଁ ଆଉ ବେଶୀ କିଛି ନ କହି ୨୦ଟା ୧୦୦ ଟଙ୍କିଆ ନୋଟ୍ ତାଙ୍କ ହାତକୁ ବଢେଇ ଦେଲି ସାର୍ ୨/୩ ଥର ଟଙ୍କାକୁ ଗଣି କି ନେଇ ତାଙ୍କ ପକେଟରେ ପୁରେଇ ଦେଲେ ଓ ମୋତେ ବସିବାକୁ କହିଲେ । ମୁଁ ବସିଥାଏ ସନ୍ଧ୍ୟା ଆସି ୭ଟା ବାଜିଲାଣି ମୋତେ ଘରକୁ ଯିବାକୁ ପ୍ରାୟ ୧ ଘଣ୍ଟାରୁ ବେଶୀ ଲାଗିବ । ତେଣୁ ମୁଁ ସେଠୁ ଉଠି ଘର ଭିତରେ ସାର୍ ଙ୍କୁ କହିଲି ସାର୍ ମୋତେ ଆଜି ପ୍ରଥମ କ୍ଲାସରେ ଟିକେ ବେସିକ୍ ଜିନିଷ ଗୁଡା କହିଦିଅନ୍ତୁ । ଆସନ୍ତା କ୍ଲାସ ଠାରୁ ଶିଖିବା ଆରମ୍ଭ କରିବା । ମୁଁ ଠିକ୍ ଶୁଣିପାରୁ ଥାଏ ସାର୍ ଟିଭିରେ ବସି ସିନେମା ଦେଖୁଥାଆନ୍ତି ଫୁଲ ସାଉଣ୍ଡ ଦେଇ । ମୁଁ ଟିକେ ଜୋରରେ କହିବାରୁ ମୋତେ କହିଲେ ହଉ ହଉ ତୁମେ ବସ ଆଉ ୩ ଜଣ ପିଲା ଆସିବେ । ସେମାନେ ଆସିଲେ ଏକାଥରେ ତମ ସମସ୍ତଙ୍କୁ ମିଶେଇକି ଶିଖେଇବି । ମୁଁ ଆଉ କିଛି ନ କହି ପୁଣି ଆସି ଚେୟାରରେ ବସିଲି ।

ରାତି ୯ଟା ହେବାକୁ ବସିଲାଣି  କାହାର କେଉଁଠି ଦେଖାଦର୍ଶନ ନାହିଁ । କିଛି ସମୟ ପରେ ସାର୍ ନିଜେ ଆସି କହିଲେ  ତୁମେ ଆଜି ଯାଅ ଆସନ୍ତା ଶନିବାର ଠାରୁ ଆମେ ଆରମ୍ଭ କରିବା । ମୁଁ  ଆଉ ବେଶୀ କିଛି ନ କହି ସେଠୁ ଚାଲିଆସିଲି । ଘରେ ପହଞ୍ଚୁ ପହଞ୍ଚୁ ପ୍ରାୟ ୧୧ଟା ବାଜି ଯାଇଥାଏ । ବାପା ଖାଇ କି ଶୋଇ ପଡିଥାଆନ୍ତି । ବୋଉ ମୋତେ ଜଗି କି ବସିଥାଏ । ମୁଁ ଧୀରେ ଆସି ଗିଟାରଟାକୁ ମୋ ରୁମ୍ ଭିତରେ ରଖିଦେଲି । ଆଉ ଖାଇବାକୁ ବସି ପଡିଲି । ବୋଉ ମୋର ପଚାରୁଥାଏ କଣ ଶିଖିଲୁ, କେତେ ଶିଖିଲୁ, କେତେ ପିଲା ଆଉ ଶିଖୁଛନ୍ତି ଏମିତି କେତେ କଣ ପ୍ରଶ୍ନ । ମୁଁ ସବୁର ଉତ୍ତର ହଁ ହାଁ ରେ ଦେଇକି ଚାଲିଗଲି

 Magazine Downloaded from www.aahwaan.com

ଶୋଇବାକୁ । ପୁଣି ଆସନ୍ତା ଶନିବାରକୁ ଗଲି ସାରଙ୍କ ଘରକୁ ।

ସେଠି ପହଞ୍ଚିଲା ବେଳକୁ ଦେଖିଲି ସାରଙ୍କ ଘର ଆଗରେ ତାଲା ଝୁଲୁଚି । ଟିକେ ବ୍ୟସ୍ତ ହେଇପଡିଲି ଭାବିଲି ଟିକେ ଅପେକ୍ଷା କରିବି ହୁଏ ତ କେଉଁଠିକି ପାଖକୁ ଯାଇ ଥିବେ ଚାଲି ଆସିବେ ବୋଲି । କିନ୍ତୁ ପ୍ରାୟ ଏକ ଘଣ୍ଟା ଧରି କେହି ଆସିଲେନି । ମୁଁ ସେମିତି ଠିଆ ହେଇ ଥାଏ କାନ୍ଧରେ ଗିଟାର ପକେଇ ସାଇକେଲ ଧରିକି । ସେହି ଘରର ଉପର ମହଲାରେ ରହୁ ଥିବା ମାଲିକ ବୋଧହୁଏ ମୋତେ ଦେଖି ପଚାରିଲେ କାହାକୁ ଅପେକ୍ଷା କରିଛ ? ମୁଁ କହିଲି ମୁଁ ଗୀତାର ଶିଖିବାପାଇଁ ଆସିଥିଲି ସାର୍ କୁଆଡେ ଗଲେ ? ସେ ଭଦ୍ରଲୋକ କହିଲେ ଓଃ ସେ ମେଲୋଡିରେ ଯିଏ ଗିଟାର ବାଜନ୍ତି ତ ? ମୁଁ ହଁ କହିଲି ସେ ତ କେବେ ଠାରୁ ଘର ଛାଡି ପଳେଇ ଗଲେଣି ପ୍ରାୟ ୨ ମାସ ପାଖାପାଖି ହେବ ।

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି ଆଉ ଯୋଉ ସାର ଗତ ଶନିବାର ଏଠି ଥିଲେ ସେ କିଏ ? ସେ ରାଗିକି କହିଲେ ସାର୍ ନା ଚୋପା । ସେ ପରା ଚୋରଟା ଆଉ ଠକଟା ଆମେ କେହି ନଥିଲା ବେଳେ ସେ ଆମ ଘରୁ ୫୦୦୦ଟଙ୍କା ନେଇ ୩ଦିନ ହେଲାଣି ଫେରାର ହେଇଯାଇଛି । ସେ ନିଜକୁ ଗୋଟେ କମ୍ପାନିର ସେଲସମ୍ୟାନ୍ କହି ଆମ ଘରେ ରହିଥିଲା । ଆମରି ଜିନିଷପତ୍ର ବ୍ୟବହାର କରୁଥିଲା । କିନ୍ତୁ ତା'ର ହାବଭାବ ଦେଖି କେହି ବି କହି ପାରିବେନି ଯେ ସେ ଗୋଟେ ଠକ ବୋଲି ଆମେ ତା ନାଁରେ ପୁଲିସରେ ଏଫଆଇଆର୍ ଦେଇଛୁ । କାଇଁ କଣ ହେଲା କି ତମଠୁ ବି ପଇସା ନେଇଛି କି ଗୀତ ମାଷ୍ଟର କହି କି ? ସେତେବେଳକୁ ମୋ ପାଖେ ଆଉ କିଛି ଉତ୍ତର ନ ଥାଏ । ମୁଁ ସେ ଫୋନ ନମ୍ବରଟି ତାଙ୍କୁ କହିଲି ଆଉ ପଚାରିଲି ଏଇ ନମ୍ବରଟି ତା'ହେଲେ କାହାର ? ସେ କହିଲେ ଏଇଟା ଆମରି ନମ୍ବର କିଛିଦିନ ହେଲା ଡେଡ୍ ହେଇ କି ଥିଲା ଏବେ ଠିକ ହେଇଛି ।

 Magazine Downloaded from www.aahwaan.com

ଏ ସବୁ ଶୁଣିସାରିବା ପରେ ମୋ ପାଦତଳୁ ମାଟି ଖସି ଯାଇଥାଏ । ବହୁତ ଜୋରରେ କାନ୍ଦ ଲାଗୁଥାଏ । କିନ୍ତୁ କାନ୍ଦି ପାରୁନଥାଏ । ମୁଁ ପୁରାପୁରି ଠକି ଯାଇଥିଲି । କିଛି ନ ବୁଝି ନ ସୁଝି ପଇସା ଦେବା ଆଉ ଗିଟାର ଶିଖିବା ନିଶା ମୋତେ ମହଙ୍ଗା ପଡି ଯାଇଥାଏ । ରାସ୍ତା ସାରା ଭାବି ଚାଲିଥାଏ ଘରେ ବୋଉକୁ କି ଉତ୍ତର ଦେବିବୋଲି । ଘରକୁ ସିଧା ଆସି କାହାକୁ କିଛି ନ କହି ଦେହ ଭଲ ନ ଲାଗିବାର ବାହାନା କରି ସେଦିନ ରାତିରେ ନ ଖାଇ କି ଶୋଇ ପଡିଲି ।

ୟା ଭିତରେ +୨ର ଶେଷ ବର୍ଷ ପରୀକ୍ଷା ମୁଣ୍ଡ ଉପରେ ଆସି ଯାଇଥାଏ । ମୋ ଗିଟାର ମୋ ରୁମ୍ ର ତାଜା ଉପରେ ପଡିପଡି ତା ଉପରେ ଗୋଟିଏ ଧୂଳିର ଆସ୍ତରଣ ଜମି ଯାଇଥାଏ । ପରୀକ୍ଷା ସରିଲା ଆଉ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ସାରିଥାଏ । କିନ୍ତୁ ଗିଟାର ଶିଖି ନ ପରିବାର ଗ୍ଲାନି ମୋ ମନରେ ଥାଏ । ୨୦୦୨ ମସିହା ବେଳକୁ ମୁଁ ଭାବିଲି କାଇଁ କି ଆଉ ଏ ଗୀଟାର ରଖିବି ଯାଉଛି ବିକି ଦେଇ ପଇସା ନେଇ ଆସିବି ବୋଲି ।  ବୋଉ ବି କହିଲା ହଁ ରହି ରହି ନଷ୍ଟ ହେଇଯିବ ଜିନିଷଟା ଯାଇକି ବିକିଦେ । ମୁଁ ପୁଣି ଗଲି ସେଇ ଦୋକାନକୁ ଗିଟାର ବିକିବା ପାଇଁ  ଯୋଉ ଦୋକାନରୁ ମୁଁ ତାକୁ କିଣିଥିଲି । ମନରେ ବହୁତ କଷ୍ଟ ହଉଥାଏ । ଦୋକାନୀ ନଦେଖି କି କହିଲା ପୁରୁଣା ମାଲ୍ ୧୦୦୦ କି ୧୨୦୦ଟଙ୍କା ହବ ଯଦି ଇଛା ଅଛି ରଖି ଦେଇକି ଯାଅ । ମୁଁ ତାକୁ କହୁଥାଏ ମୁଁ ୟାକୁ ଜମା ବଜେଇନି ଆଉ ୫୦୦ଟଙ୍କା ମୋତେ ଦିଅନ୍ତୁ ବୋଲି । ସେ କିନ୍ତୁ ରୋକଠୋକ ମନ କରିଦେଲା ।

ସେଇଠି ଆଉ ଜଣେ ବ୍ୟକ୍ତି ଆମ କଥା ସବୁ ଶୁଣୁଥାଆନ୍ତି । କିଛି ସମୟ ପରେ ମୋ ପାଖକୁ ଆସି କହିଲେ ଆରେ ବାବୁ ଏ ନୂଆ ଗିଟାରଟା କାହିଁକି କି ବିକି ଦଉଚ ? ତୁମେ

 Magazine Downloaded from www.aahwaan.com

ନିଜେ ଶିଖ ଆଉ ବଜାଅ । ସେଉଠୁ ମୁଁ ତାଙ୍କୁ ସବୁ କଥା କହିଲି । ବ୍ୟକ୍ତି ଜଣକ ସବୁ କଥା ଶୁଣିକି କହିଲେ ଏଇ କଥା ହଉ ତୁମେ କଲି ମୋ ଘରକୁ ଆସ ମୁଁ ତୁମକୁ ଗିଟାର ବଜେଇବା ଶିଖେଇ ଦେବି । ତାଙ୍କ ଘର ଫୋନ ନମ୍ବର ଦେଲେ ।  ସେଇଠି ମୋତେ କାହିଁକି କେଜାଣି ଲାଗିଲା ବୋଧେ ମା ସରସ୍ୱତୀଙ୍କ ଆଶୀର୍ବାଦ ମୋ ଉପରେ ଅଛି । ମୁଁ  ଆଉ  ଗିଟାର ନ ବିକି ଘରକୁ ଚାଲି ଆସିଲି । ବୋଉକୁ ଆଉ ଜଣେଇଲିଣି ଯେ ମୁଁ ଗୀଟାର ବିକିଲି ନାହିଁ ବୋଲି ।

ମୁଁ ତା ପରଦିନ ତାଙ୍କ ଘରକୁ ଗଲି ଫୋନ କରିକି । ଅବଶ୍ୟ ତାଙ୍କ ଘର ଆମ ଘର ପାଖରୁ ମାତ୍ର ଗୋଟିଏ କିଲୋମିଟର ଥିଲା । ତାଙ୍କ ଘରେ ଯାଇଁ ପହଞ୍ଚି ଦେଖିଲି ଯେ ଭିନ୍ନ ଭିନ୍ନ ପ୍ରକାରର ଗିଟାର ସବୁ ସଜା ହେଇ କି ରଖା ହୋଇଛି । ମନେମନେ ଇଶ୍ୱରଙ୍କୁ ଧନ୍ୟବାଦ ଦେଲି ଭାବିଲି ଯେ ଏଥର ମୁଁ ଠିକ ଜାଗାରେ ଆସି ପହଞ୍ଚିଛି ବୋଲି । ସାର୍ ଆସି ମୋତେ ବସିବାକୁ କହିଲେ । ସାର୍ ଙ୍କ ନାଁ ସତ୍ୟ ମିଶ୍ର ଥିଲା । ସେ ମୋ ବିଷୟରେ ସବୁ ପଚାରି ବୁଝିଲେ । ଆଉ ତା ପରଠାରୁ ମୋ ଗିଟାର ଶିକ୍ଷା ଆରମ୍ଭ ହେଲା । ମୁଁ  ସାରଙ୍କ ପାଖରୁ ପ୍ରାୟ ୩ ବର୍ଷ ଲଗାତାର ଶିଖିଲି । ପରେ ମୁଁ ପିଜି କରିବାରେ ବ୍ୟସ୍ତ ରହିଲି । କିନ୍ତୁ ଗିଟାର ବଜେଇବାର ଅଭ୍ୟାସ ମୁଁ ଜମା ଛାଡି ନ ଥାଏ । ପିଜି ପରେପରେ ଚାକିରି ମଧ୍ୟ ହେଇଗଲା ।

କର୍ମରେ ବ୍ୟସ୍ତ ରହି କି ମଧ୍ୟ ଗିଟାର ବଜେଇବାର ନିଶା ମୁଁ କେବେ ବି ଛାଡି ନଥାଏ । ଯେତେ ରାତି ହଉପଛେ ଘଣ୍ଟେ ନ ବଜେଇଲେ ମୋତେ ନିଦ ହୁଏନି । ମୁଁ ମୋ ପ୍ରଥମ ପ୍ରୋଗ୍ରାମ ଉତ୍କଳ ଇୟୁନିଭରର୍ସିଟିର ଅଡିଟୋରିଉମରେ ଆମ ଫେଆରୱେଲ ପାର୍ଟିରେ ମୁଁ ବଜେଇ ଥିଲି ।  ପାପା କେହତେ ହେଁ ବଡା ନାମ କରେଗା ଗୀତଟି । ଧୀରେ ଧୀରେ ବାପା ମଧ୍ୟ ମୋତେ ସହଯୋଗ କରିବାକୁ ଲାଗିଲେ ଓ ମୁଁ ବଜେଇଲା ବେଳେ ମୋ ପାଖରେ

 Magazine Downloaded from www.aahwaan.com

ବସି ସୁର ଆଉ ତାଳର ଭଲ ତର୍ଜମା କରନ୍ତି । ସେହିଦିନ ଠାରୁ ବଜେଇ ଚାଲିଛି ଗିଟାର ।

ଆଜି କାଲିକା ଦୁନିଆରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିବାକୁ  ଇୟୁ ଟିଉବ୍ ଆଉ ଫେସବୁକ୍ ଭଳି ସାମାଜିକ ମାଧ୍ୟମ ଆସିଗଲାଣି । ତେଣୁ ମୁଁ ମଧ୍ୟ ତାର ଭରପୁର ଉପଯୋଗ କରିଛି । ଏବେ ମୋ ଚ୍ୟାନେଲରେ ୮୦ରୁ ଉର୍ଦ୍ଧ ଗିଟାର ଭିଡିଓ ରହିଛି । ଆଉ ବହୁତ ଜଣ ସବସ୍କ୍ରାଇବର୍ ମଧ୍ୟ ଅଛନ୍ତି । ଯଦିଓ ପାରିବାରିକ ଆଉ କର୍ମବ୍ୟସ୍ତତା ହେତୁ ଟିକେ ବେଶୀ ସମୟ ଦେଇ ପାରୁନି ତଥାପି ମାସକରେ ୨/୩ ଟା ଭିଡିଓ ଅପଲୋଡ ହେଉଛି ଇୟୁ ଟିଉବରେ । ଯେବେ ବି ସୁଯୋଗ ମିଳିଲେ କଲେଜ କିମ୍ବା କୌଣସି ସଂସ୍କୃତିକ କାର୍ଯ୍ୟକ୍ରମରେ ବଜେଇବାର ସୁଯୋଗ ହାତଛଡା ନ କରି ଲୋକଙ୍କୁ ଆମୋଦ ପ୍ରଦାନ କରିଚାଲିଛି । ଶ୍ରୋତାଙ୍କ ତାଳି ଆଉ ଭଲ ପାଇବାକୁ ସାଉଁଟି କି ବାଟ ଚାଲିଛି । କିଛି ପିଲା ମଧ୍ୟ ଘରକୁ ଆସୁଛନ୍ତି ଶିଖିବା ପାଇଁ । ସଙ୍ଗୀତକୁ ବିକ୍ରୀ କରିନି କି କରିବି ନାହିଁ ମଧ୍ୟ । ଯିଏ ଯାହା ଦେଲା ଖୁସିରେ ରଖେ କିଛି ବାଧ୍ୟ ବାଧକତା ନାହି ଫିସ୍ କୁ ନେଇ । ଆଉ ସତ୍ୟ ସାର୍ ଏବେ କଟକରେ  ନିଜର ଗୋଟେ ଅନୁଷ୍ଠାନ ଖୋଲି ବହୁତ ପିଲାଙ୍କୁ ଶିଖାଉଛନ୍ତି । ସଙ୍ଗୀତ ଯେ ଗୋଟେ ନିଶା ସେ କଥା ମୋ ଠାରୁ ଅଧିକ ଆଉ କିଏ ଜାଣେ । ମୋ ତିକ୍ତ ଓ ସୁନ୍ଦର ଅନୁଭୂତିରୁ ମୁଁ ଏଇଆ ଶିକ୍ଷା ଲାଭ କରିଛି ଯେ କୌଣସି କାମ କରିବା ପୂର୍ବରୁ ଆଗ ଭଲ ଭାବେ ପରଖି ନେବା ଉଚିତ୍ ଏବଂ ଯଦି ଜଣକ ପାଖେ ଯଦି ଶିଖିବାର ଇଛା ଆଉ ଆଗ୍ରହ ଅଛି ତାକୁ ଇଶ୍ୱର ନିଶ୍ଚୟ ସାହାଯ୍ୟ କରିବେ କୌଣସି ଉପାୟରେ କେମିତି ବି କେଉଁଠି ବି । ସେଥିପାଇଁ ପରା କଥାରେ ଅଛି "ଇଛା ଥିଲେ ଉପାୟ ଆପେ ଆପେ ଆସେ ।"

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

 Magazine Downloaded from www.aahwaan.com

# ଭକ୍ତିର ପରିଭାଷା

ଅନେକ ଥର ମୁଁ ଭାବିଛି ଏ କଥାଟିର ଆରମ୍ଭ କେଉଁଠାରୁ କରିବି ? ସତରେ କଣ ସବୁ ଆରମ୍ଭଟା ଆମରି ଇଚ୍ଛାରେ ହୁଏ ! ଆମ ଜୀବନରେ ଘଟୁଥିବା ପ୍ରତ୍ୟେକ ଘଟଣା କଣ ଆମ ନିର୍ଦ୍ଧାରିତ ଯୋଜନାର ଅନ୍ତର୍ଭୁକ୍ତ ! ତର୍ଜମା କରିବସିଲେ ଏହା ଗୋଟିଏ ନିଷ୍କର୍ଷବିହୀନ ଯୁକ୍ତି ଟିଏ । କାହିଁକିନା ଆଜି ବି ବିଜ୍ଞାନ ଆଉ ବିଶ୍ୱାସ ମଝିରେ ଥିବା ଦୂରତାଟା ଅନେକ ବେଶି । ଆଜି ବି ଆଧ୍ୟାତ୍ମ୍ୟ ଚେତନାରେ ଅବିଶ୍ୱସ୍ୟ ବିଶ୍ୱାସଟା ବଳବତ୍ତର ହୋଇ ରହିଛି । ଆଜି ବି ବିଜ୍ଞାନର ପରିସୀମା ବାହାରେ ଘଟୁଥିବା ଅନେକ ଘଟଣାର ପ୍ରମାଣ କେବଳ ଅନୁଭବୀର ଅନୁଭବ ଭିତରେ ସୀମିତ । ଅନୁଭବର କୌଣସି ପ୍ରମାଣ ନ ଥାଏ ଆଉ ପ୍ରମାଣ ବିନା ବିଜ୍ଞାନ ବୁଝି ନଥାଏ । ଏହିସବୁ ଭିତରେ ଅନେକ ଅଛନ୍ତି ଯେଉଁମାନେ 'କରି କରାଉ ଥାଉ ତୁହି, ତୋ ବିନୁ ଆନ ଗତି ନାହିଁରେ ବିଶ୍ୱାସ କରନ୍ତି । ମୁଁ ମଧ୍ୟ ସେହିମାନଙ୍କ ଭିତରୁ ଜଣେ । ତେବେ ଅନେକ ସମୟରେ ଚପଳ ଜ୍ଞାନଟା ମୋର ପ୍ରମାଣ ଖୋଜେ ଜ୍ଞାନର ସେ ପାଖରେ ବିଚରୁ ଥିବା ଭଗବତ୍ ବିଶ୍ୱାସ ଉପରେ । ବାରମ୍ବାର ପ୍ରଶ୍ନ କରିଚାଲେ ଭଗବାନଙ୍କର ଅସ୍ତିତ୍ୱ ଉପରେ । ଆଉ ବାରମ୍ବାର ମୋର ଅନୁଭବର ପ୍ରମାଣଟା ନିଜର ଅକ୍ଷମତା ପ୍ରକାଶ କରେ ଅବିଶ୍ୱାସର ପରିଧିରେ ସୀମିତ ଥିବା ମୋର ଜ୍ଞାନବାରିଧିକୁ



ଜ୍ୟୋତିରଞ୍ଜନ ସାହୁ

 Magazine Downloaded from www.aahwaan.com

ଅତିକ୍ରମଣ କରିବାରେ । ବାରମ୍ବାର ପ୍ରଶ୍ନପରେ ପ୍ରଶ୍ନ ମୋ ଆଗରେ ମୁଣ୍ଡ ଟେକି ଛିଡା ହୋଇଯାଆନ୍ତି ସମୟ ସମୟରେ । ଏଇତ କିଛିଦିନ ତଳେ ହଠାତ୍ ଯାଇ ପହଞ୍ଚିଲି ବଡ଼ଦାଣ୍ଡରେ । ସମ୍ମୁଖରେ ସ୍ନାନମଣ୍ଡପ । ମଣ୍ଡପରେ ଚତୁର୍ଦ୍ଧା ମୂରତି । ମଧ୍ୟରାତ୍ରର ଅନ୍ଧକାରଟା ତା ଆଗରେ ଫିକାଫିକା ଲାଗୁଥିଲା । ତୁଳସୀ, ପଦ୍ମ ଆଉ ନାନାଦି ପୁଷ୍ପରେ ଖୁବ୍ ଭାରି ଭାରି ଲାଗୁଥିଲା ସିଏ । ଲାଗୁଥିଲା ସ୍ନାନରେ ନୁହେଁ ତା ଶରୀରରେ ଲଦି ଦିଆଯାଇଥିବା ପତ୍ରପୁଷ୍ପର ଭାରରେ ସିଏ ଅସୁସ୍ଥ ଆଉ ଅଣନିଶ୍ୱାସୀ । ମେଘନାଦ ପାଚେରୀର ସେ ପାଖରେ ସିଏ ଆଉ ପାଚେରୀ ଏ ପାଖ ବଡଦାଣ୍ଡରୁ ଏକ ଲୟରେ ମୋ ଆଖିଦ୍ୱୟ ଅନୁସରଣ କରୁଥାଏ ତାର ସମ୍ମୋହନକାରୀ ରୂପ ଲାବଣ୍ୟକୁ । ଏମିତି ଅନୁସରଣ କରୁ କରୁ ଆଖିରେ ଆଖି ମିଶିଗଲା । ହଠାତ୍ ଲାଗିଲା ଯେମିତି ସିଏ ମୋତେ ପଚାରୁଛି, “ଆରେ ! ମୋତେ ଏମିତି କଣ ଦେଖୁଛୁ ?” ସରଳିଆ ମନଟା ମୋର ଆଖିରେ ଆଖିରେ ହସିଦେଇ ଉତ୍ତର ଦେଲା, “କଣ ଆଉ ଦେଖିବି ? ଖାଲି ପ୍ରମାଣ କରିବାକୁ ଚେଷ୍ଟା କରୁଛି ମୁଁ ପଢିଥିବା ନିଉଟନ୍‌ଙ୍କ ତୃତୀୟ ନିୟମଟା ଠିକ୍ ନା ଭୁଲ୍ !” ଏତିକି ବେଳେ ତା ଦେହରେ ପଡିଥିବା ତୁଳସୀ ମାଳକୁ ପାଇବା ପାଇଁ ମାଡି ଆସିଲା ଜନ ସମୁଦ୍ର । ଆଉ ସେ ତୁଳସୀମାଳକୁ ଭକ୍ତ ବୋଲାଉଥିବା ଲୋକେ ଅବିଳମ୍ବେ ଖିନ୍‌ଭିନ୍ କରି ପକାଇଲେ ଠିକ୍ ଗୋଟିଏ ଶାଗୁଣାପଲର ମୁର୍ଦ୍ଦାର ଶୀକାର ପରି । ଅବିଶ୍ୱାସର ପରିଧିରୁ ଜ୍ଞାନଟା ମୋର ତାଚ୍ଛଲ୍ୟ ଭରା ହସଟେ ହସିଦେଇ ପ୍ରଶ୍ନକଲା, “ଏଇଟା କଣ ଭକ୍ତିର ପରିଭାଷା ? ଏଇଟା କ’ଣ ଜଣେ ଭକ୍ତର ପରିଚୟ ? ତୋର ଏହି ଅଧାଖଣ୍ଡିଆ କାଠଗଡଟା କଣ ଦେଇପାରିବ ମୋ ପ୍ରଶ୍ନର ଉତ୍ତର ?” ଭକ୍ତ ଆଉ ଭକ୍ତିର କି ପ୍ରମାଣ ଦେଇ ସନ୍ତୁଷ୍ଟ କରିଥାନ୍ତି ତା’କୁ ! ଦ୍ୱନ୍ଦ୍ୱ ଆଉ ନିଃସହାୟତାର କରୁଣ ଚାହାଁଣିରେ ଶେଷ ଥର ତାକୁ ଚାହିଁ ଦେଲି । ଭକ୍ତିର ପରିଭାଷାଟା ନ ବୁଝାଇ ସେଦିନ ସିଏ ଚାଲିଗଲା ଅସୁସ୍ଥ ଶରୀର ନେଇ

 Magazine Downloaded from www.aahwaan.com

ଅଣସର ଘରକୁ । ସେଠାରୁ ଉତ୍ତର ନପାଇ ଚୁପ୍‌ଚାପ୍ ଚାଲି ଆସିଲି ଅନେକ ପ୍ରଶ୍ନଚିହ୍ନକୁ ସାଥିରେ ନେଇ ।

ମୁଁ କିନ୍ତୁ ଜାଣିଥିଲି ସେ ଉତ୍ତର ଦେବ । କାହିଁକି ନା ନିଉଟନ୍‌ଙ୍କ ତୃତୀୟ ନିୟମଟା ସତ୍ୟ ବୋଲି ତାକୁ ପ୍ରମାଣ ଦେବାକୁ ପଡ଼ିବ । ପ୍ରଶ୍ନ ଯେତେବେଳେ କରିଛି ଉତ୍ତର ସିଏ ନିଶ୍ଚୟ ଦେବ । ସେ ଅଣସରରୁ ଫେରିଲା ପରେ ଉତ୍ତର ଦେଲା । ଖାଲି ଯାହା ସ୍ଥାନ ସମୟ ଆଉ ପରିସ୍ଥିତି ବଦଳି ଯାଇଥିଲା । ସେ ଦିନ ପୁରୀର ସ୍ନାନମଣ୍ଡପର ସ୍ଥାନ ନେଇଥିଲା ବାରିପଦା ଗୁଣ୍ଡିଚା ମନ୍ଦିର । ମନ୍ଦିର ମଧ୍ୟରେ ସିଏ ଆଉ ତାକୁ ମନ୍ଦିର ବାହାରେ ଅନୁସରଣ କରୁଥାଏ ମୁଁ । ଅଭିଯୋଗ ଶୂନ୍ୟ ମୁଦ୍ରାରେ ମୁଁ ଚାହିଁ ରହିଥାଏ ତାକୁ । ଏମିତି ଚାହିଁବା ଭିତରେ ମନେ ପଡିଗଲା ସ୍ନାନ ବେଦିରେ ଛାଡି ଆସିଥିବା ସେହି ଅସମାହିତ ପ୍ରସଙ୍ଗଟା । ଏହା ଭିତରେ ଅନେକ ଲୋକ ଦର୍ଶନ କରି ଚାଲି ଯାଉଥିଲେ । ହାତରେ ତୁଳସୀ ମଥାରେ ଚନ୍ଦନ ଆଉ ମୁଖରେ ପ୍ରଭୂନାମ ଏତିକି ହିଁ ଭକ୍ତଟିଏର ପରିଚୟ ପାଇଁ ବୋଧେ ଯଥେଷ୍ଟ । ମନେ ମନେ କହିଲି, “ପ୍ରଭୂ ! ମୋ ପ୍ରଶ୍ନଟା ମୋତେ ଅବୁଝା । ମୁଁ ଆଉ ତୁମ ଉତ୍ତର କଣ ବୁଝିବି ?” ଏହା ଭିତରେ ଅନେକ ସମୟ ବିତି ଯାଇଥାଏ । ମୁଁ ଆଉ ମନ୍ଦିର ଭିତରକୁ ନ ଯାଇ ଯିବାକୁ ବାହାରିଲି । ହଠାତ୍ ଦେଖିଲି ପାଗଳଟିଏ ମାଡି ଆସୁଛି ମନ୍ଦିର ଆଡକୁ । ଉନ୍ମୁକ୍ତ ଶରୀର । ନା ଲଜ୍ୟା ନା ଅପମାନ ନା ମାନ ନା ସମ୍ମାନ ନା ଭୟ ନା ସଙ୍କୋଚ । ଏ ସବୁଥିରୁ ସେ ଥିଲା ଊର୍ଦ୍ଧ୍ୱରେ । ମୁଣ୍ଡରେ କେଶ ଆଉ ମୁହଁରେ ଥିବା ଦାଢିର ଭୟଙ୍କର ସଂଯୋଗଟା ତାକୁ ଅନ୍ୟମାନଙ୍କ ଆଖିରେ ସଜାଇ ଦେଉଥିଲା ଏକ ଘୃଣ୍ୟ ଚରିତ୍ର ଭାବରେ । ପାଗଳଙ୍କ ପରି ଥିଲା ତା’ର ବ୍ୟବହାର । କିନ୍ତୁ ସବୁ ଜାଣିଲା ପରି ମନ୍ଦିର ଆଗରେ ଖୁବ୍ ସଜ୍ଞମତାର ସହ ଛିଡା ହେଲା ସିଏ । କଣ ଭାବିଲା କେଜାଣି ହାତ ଦୁଇ ଟେକିଦେଲା ଅବୁଝା ଢଙ୍ଗରେ

Magazine Downloaded from www.aahwaan.com

କାଳିଆ ପାଇଁ । ମୁହଁରୁ ତାର ସ୍ୱତଃ ବାହାରି ଆସିଲା, "ଜୟ ଜଗନ୍ନାଥ ।" ଆଉ ଏତିକି ବେଳେ ଆକାଶରେ ତାଣ୍ଡବ କରୁଥିବା କଳାମେଘମାଳା ଝଙ୍କାରିତ କରିଦେଲେ ବର୍ଷାର ମୂର୍ଚ୍ଛନା । ହଠାତ୍ ବର୍ଷିବାକୁ ଲାଗିଲା ପ୍ରଚଣ୍ଡ ବାରିଧାରା । ଶୂନ୍ୟକୁ ଉଠିଥିବା ତାର ହାତ ପାପୁଲିରେ ଭରିଗଲା ବର୍ଷାଜଳ । ସତେ ଯେପରି ସେ ପାଗଳକୁ ମିଳିଗଲା ପ୍ରଭୁଙ୍କ ପାଦୁକା ପାଣି । ଅପୂର୍ବ ସନ୍ତୋଷରେ ତାକୁ ଉଦରସ୍ଥ କରି ପ୍ରଭୁଙ୍କୁ ଧନ୍ୟବାଦ ଜଣାଇ ନାଚି ନାଚି ଚାଲିଗଲା ନିଜ ଅଜଣା ପଥରେ । ନା ଅଭିମାନ ନା ଅଭିଯୋଗ, ନା କାମନା ନା ଲାଳସା, ନା ଦୁଃଖ ନା ଅଶ୍ରୁ, ତା ମୁଖମଣ୍ଡଳରେ ଖେଳି ବୁଲୁଥିଲା ଏକ ଚରମ ଆତ୍ମତୃପ୍ତି ।  ଏତିକି ବେଳେ ମୋ ଗାଲଟା ଅନୁଭବ କଲା ଉଷ୍ମତାର ସ୍ପର୍ଶ । ହାତ ମାରି ଦେଖିଲା ବେଳକୁ ତାକୁ ହାତପାପୁଲିରୁ ଧୋଇ ଦେଲା ଅମାନିଆ ବର୍ଷା । ସେ ପାଗଳକୁ ଅନୁଧ୍ୟାନ କରୁ କରୁ ମୋ ଅଜାଣତରେ ମୁଁ ମଧ୍ୟ ସେହି ବର୍ଷାରେ ଅସରାଏ ଭିଜି ଯାଇଥିଲି । ମୁହଁ ଫେରାଇ ଥରେ ଦେଖିଲି କାଳିଆର ହସ ହସ ମୁଖ ମଣ୍ଡଳକୁ । ମନେ ମନେ କହିଲି, "ଓହୋ ! ଏଇଥି ପାଇଁ ତୁ ମୋତେ ବର୍ଷାରେ ଭିଜାଇ ଏଇଠି ଛିଡ଼ା କରାଇ ଦେଲୁ ।" ଅପେକ୍ଷା ନକରି ଦୌଡିଗଲି ଗାଡି ପାଖକୁ । ଗାଡ଼ିର ଲୁକିଂ ଗ୍ଲାସ୍ ପୋଛୁ ପୋଛୁ ନଜର ପଡିଲା ନାଲି ପଡିଯାଇଥିବା ମୋ ଆଖିଯୋଡିକ ଉପରେ । କିଛି କ୍ଷଣ ସେହି ଲୁକିଂ ଗ୍ଲାସରେ ନିଜକୁ ନିରୀକ୍ଷଣ କଲା ଭିତରେ ବୋଧହୁଏ ପ୍ରମାଣ ଖୋଜୁଥିବା ଜ୍ଞାନ ଚକ୍ଷୁକୁ ମିଳିଯାଇଥିଲା ଉତ୍ତର, ସେହି ଅସମାହିତ ପ୍ରସଙ୍ଗଟିର । ଆଉ ବିଳମ୍ବ ନ କରି ସେହି ବର୍ଷାରେ ବର୍ଷାରେ ଗାଡି ଧରି ମୁଁ ଚାଲି ଯାଉଥିଲି ନିଜ ଘରକୁ ଅନ୍ୟମନସ୍କ ଭାବରେ ଠିକ୍ ସେହି ପାଗଳଟିର ପରି ।

 Magazine Downloaded from www.aahwaan.com

# ଶୁଭଦୃଷ୍ଟି

ଏଇ ତୁମେ ତ ଏବେ ଶୁଭଙ୍କ ବାପାମା'ଙ୍କୁ ଭେଟି ଆସିଲ, କହିଲନି ତ ସେ କେମିତିକା ବୋହୂ ଚାହୁଁଛନ୍ତି । ଧର୍ମପତ୍ନୀ ତନୁଜାର ଏ ପ୍ରଶ୍ନକୁ ଶୁଣି ତରୁଣ ବାବୁ ଓଠତଳେ ଚେନାଏ ହସ ଝୁଲେଇ କହିଲେ ଶୁଭଙ୍କ ବାପା ଶାନ୍ତ କୋମଳ ସଂସ୍କାରୀ ବୋହୂ ଚାହୁଁଥିଲା ସମୟରେ ଶୁଭଙ୍କ ମା କଠୋର ଉଗ୍ର ଆଧୁନିକା ବୋହୂ ଚାହୁଁଛନ୍ତି । ମୁଁ ଜାଣିନି ନିଜେ ଶୁଭ କେମିତିକା ଜୀବନସାଥୀ ଚାହୁଁଛନ୍ତି । କିନ୍ତୁ ମୋର ବିଶ୍ୱାସ ଆମ ଝିଅ ଦୃଷ୍ଟି ଶୁଭଙ୍କ ଘରକୁ ବୋହୂ ଗଲେ ଅଲଗା ଅଲଗା ବିଚାର ରଖିଥିବା ଶଶୁର ଶାଶୁ ମନକୁ ବେଶ୍ ଭଲ ଭାବରେ ଜିଣି ପାରିବ । ଅସନ୍ତୋଷ ପ୍ରକାଶ କରି ତନୁଜା ଦେବୀ କହିଲେ ହଇଓ ତୁମ ମୁଣ୍ଡ ଖରାପ ହୋଇଗଲାଣି କି ତୁମେ କଣ କହୁଚ ଜାଣି ପାରୁଚ ତ ! ଶୁଭଙ୍କ ବାପାମା' ଅଲଗା ଅଲଗା ବିଚାରରେ ଯେମିତିକା ବୋହୂ ଚାହୁଁଚନ୍ତି ସେ ସବୁ ଲକ୍ଷଣ ଆମ ବୋକି ନାକ କାନ୍ଦୁରୀ ଝିଅ ଭିତରେ ନାହିଁ । ତା ପରେ ବି ତୁମେ କହୁଚ.... ତନୁଜା ଦେବୀଙ୍କ କଥା ନସରୁଣୁ ତନୁଜବାବୁ କହି ଉଠିଲେ ମଣିଷ ଜିନିଷକୁ ସେମିତି ଦଖେନି ଯେମିତି ଜିନିଷ ହୋଇଥାଏ ବରଂ ସେ ଜିନିଷକୁ ସେମିତି ଦୃଷ୍ଟିରେ ଦେଖେ ଯେମିତି ସେ ନିଜେ ହୋଇଥାଏ । ପ୍ରତି ଜାଗାରେ ପ୍ରତି ପରିବାରରେ ଅଲଗା ଅଲଗା ରୁଚି ରଖିଥିବା ମଣିଷ ଅଛନ୍ତି ଏ ଆମ ଉପରେ ନିର୍ଭର କରେ ଆମେ କେଉଁଭଳି ମଣିଷକୁ ଦେଖିବାକୁ ଚାହୁଁଚୁ । ଯେମିତି ଆମର ଦୃଷ୍ଟି ସେମିତି ଦୃଶ୍ୟର ସୃଷ୍ଟି ତନୁଜା ଦେବୀ ତନୁଜ ବାବୁଙ୍କ ବାକ୍ୟକୁ ସହୃଦୟ ସହିତ ଗ୍ରହଣ କରି ଶୁଭଦୃଷ୍ଟିରେ ସ୍ୱପ୍ନ ଦେଖି ଚାଲିଲେ ଜାମାତା ରୂପରେ ଶୁଭକୁ କେଉଁଦିନ ପାଇବେ ।



ସୀମାରେଖା

 Magazine Downloaded from www.aahwaan.com

# ବଡ଼ିବିଲ୍ଡ଼ର୍

ବିମାନ ପରିଚାରିକାଙ୍କର ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ସରି ଯାଇଥିଲା । ଫ୍ଲାଇଟ୍ ଛାଡ଼ିବାକୁ ଖୁବ୍ କମ ସମୟ ଥିଲା । ମୋବାଇଲ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଯନ୍ତ୍ରସବୁ ବନ୍ଦ କରିବାକୁ ସୂଚନା ଆସିବା ପୂର୍ବରୁ ସମସ୍ତେ ନିଜ ନିଜ ଆତ୍ମୀୟ ବା ପରିବାର ସହ କଥାବାର୍ତ୍ତା ଜାରି ରଖିଥାନ୍ତି । ମୁଁ ମଧ୍ୟ ଅଭୟଙ୍କୁ ଫୋନ ଲଗାଇଲି, "ଚେକ୍ ଇନ୍ କାମ ସବୁ ଠିକ୍ ଠାକ୍ ହୋଇଗଲା । ମୁଁ ଭଲରେ ବସିଛି, ମାତ୍ର ମିଡ଼ିଲ୍ ସିଟ୍ । ତୁମେ ଏଥର ଘରକୁ ଫେରିଯାଅ । ଖାଇକି ବିଶ୍ରାମ ନେବ । ତୁମ ଟ୍ରେନ୍ ବାଙ୍ଗାଲୋର ପାଇଁ ରାତିରେ ତ ଅଛି, ପରେ ଜିନିଷ ସଜାଡ଼ିବ । ଏଥର ରହୁଛି ।" କହି ଫୋନ ରଖିଲି ।



ଅନସୂୟା ପଣ୍ଡା

ସିଟ୍ ବେଲ୍ଟଟି ବାନ୍ଧିଦେଇ ପଛକୁ ଆଉଜି ପଡ଼ି ଆଖି ବୁଜିଲି । ଗତ ରାତିରେ ଡେରିଯାଏଁ ପ୍ୟାକିଂ କରି, ସକାଳୁ ପୁଣି ଶୀଘ୍ର ଉଠିବାରୁ ଭଲରେ ନିଦ ହୋଇନଥିଲା । ଝରକା ପାଖ ସିଟରେ ବସିଥିବା ଭଦ୍ରବ୍ୟକ୍ତିଜଣକ କାହା ସହ ଓଡ଼ିଆରେ ବଡ଼ ପ୍ରେମପୂର୍ଣ୍ଣ ଭାବରେ କଥାବାର୍ତ୍ତା କରୁଥିଲେ । ଶୋଇବାକୁ ଆଖି ମାଡ଼ି ପଡୁଥିଲେ ବି, କଥାବାର୍ତ୍ତା ଆଡ଼କୁ କାନ ଚାଲି ଯାଉଥାଏ । ଭଦ୍ରବ୍ୟକ୍ତି ଫୋନରେ କହୁଥାନ୍ତି, "ତୁମେ କେତେବେଳେ ଉଠିଲ ? ପିଲାମାନେ ଉଠିଲେଣି ? ମୁଁ ଡୁପ୍ଲିକେଟ୍ ଚାବିରେ ବାହାରୁ ଲକ୍

 Magazine Downloaded from www.aahwaan.com

କରିଦେଇ ଆସିଲି ।” ସେପାଖରୁ ଶୁଭୁଥାଏ, “ତମେ ଫୋନ କରିବାପରେ ମୁଁ ଉଠିଲି । ପିଲାମାନେ ଶୋଇଛନ୍ତି । ଉଠିନାହାନ୍ତି । ତମେ କଣ କିଛି ଖାଇଛ ?” ଫୋନର ଲାଉଡ୍ ସ୍ପିକରରେ ଦୁଇପକ୍ଷର କଥାବାର୍ତ୍ତା ସ୍ୱଷ୍ଟ ଭାବରେ ଶୁଣାଯାଉଥାଏ । “ହଁ, ମୁଁ ମୋ ପାଇଁ ଚକୁଳି ଆଉ ଆଳୁକଷା କରି ଟିଫିନ୍ ପ୍ୟାକ୍ କରି ଆଣିଛି । ତମେ ଶୋଇଥିଲ ତ ସେଇଥିପାଇଁ ତମକୁ ଆଉ ଉଠାଇଲିନି । ଏତେ ସକାଳୁ ଖାଇବାକୁ ବି ଇଚ୍ଛା ନଥିଲା ତେଣୁ ପ୍ୟାକ୍ କରି ନେଇ ଆସିଛି, ଭୋକ ଲାଗିଲେ ଖାଇବି । ତୁମେ ନିଜର ଯତ୍ନ ନେବ । ସାତଦିନ ପରେ ଆସିଲେ ଦେଖାହେବ । ଆସିଲାବେଳେ ତୁମକୁ ଦେଖି ଆସିଲି, ଶୋଇଲା ବେଳେ ମଧ୍ୟ ଖୁବ୍ ସୁନ୍ଦର ଦିଶୁଥିଲ । ହଉ ଶୁଣ, ଫୋନ ରଖିବାକୁ ପଡ଼ିବ । ଫ୍ଲାଇଟ୍ ଛାଡ଼ିବ । ଭୁବନେଶ୍ୱରରେ ପହଞ୍ଚିଲେ ଫୋନ କରିବି । ଲଭ୍ ୟୁ ।” ଭଦ୍ରବ୍ୟକ୍ତିଙ୍କ ଫୋନ ବନ୍ଦ ହେଲା ।

ମୁଁ ମୋ ଆଖି ଖୋଲି ଦେଖିଲି, ପ୍ଲାଷ୍ଟିକ୍ ଟିଫିନଟି ଟ୍ରାନ୍ସପାରେଣ୍ଟ ଜରିରେ ବାହାରକୁ ଦିଶୁଥିଲା । ସାଥିରେ ଛୋଟ ଅମୁଲ ବଟର ମିଲ୍କ ପ୍ୟାକେଟ୍ । ଭଦ୍ରବ୍ୟକ୍ତି ନିଜ ସାମନା ସିଟ୍ ପଛରେ ସେ ସବୁ ଟାଙ୍ଗିଦେଇ ରଖିଥିଲେ । ଭଦ୍ରବ୍ୟକ୍ତି କାହା ସହ କଥା ହେଉଥିଲେ ? ସେ ସବୁ କଥା ଚିନ୍ତା ନ କରି ମୁଁ ଶୋଇବାକୁ ଚେଷ୍ଟା କରୁଥିଲି । ଫୋନ୍ ବନ୍ଦ ହେବାପରେ ଆଉ କୌଣସି ପ୍ରକାରର ଅସୁବିଧା ନଥିଲା, ମୁଁ ଛାଏଁ ଛାଏଁ ଶୋଇପଡ଼ିଲି ।

ଝରକା ପାଖରେ ବସିଥିବା ଭଦ୍ରବ୍ୟକ୍ତି ବାଥରୁମ୍ ଯିବାପାଇଁ ଟିକେ ଘୁଞ୍ଚିବାକୁ ଅନୁମତି ମାଗିବାରୁ ମୋ ନିଦ ଭାଙ୍ଗିଲା । ମୋ ଆର ପାଖରେ ବସିଥିବା ବ୍ୟକ୍ତି ନଥିଲେ । ବୋଧହୁଏ ସେ ଓହ୍ଲାଇ ଯାଇଥିଲେ । ଫ୍ଲାଇଟ୍ ହାଇଦ୍ରାବାଦରେ ପହଞ୍ଚି ଯାଇଥିଲା । ଭଦ୍ରବ୍ୟକ୍ତି ବାଥରୁମରୁ ଫେରିବା ସମୟରେ ପଚାରିଲି, “ଏଠି କେତେ ସମୟ ରହିବ ଫ୍ଲାଇଟ୍ ?”

- ଅଧଘଣ୍ଟା ରହିବ । ସେ କହିଲେ ।

 Magazine Downloaded from www.aahwaan.com

- ଆପଣ ଭୁବନେଶ୍ୱର ଯାଉଛନ୍ତି ? ପଚାରିଲି ।

- ହଁ, ସପ୍ତାହେ ପାଇଁ ଗାଁକୁ ଯାଉଛି, କିଛି କାମ ଅଛି । ଚେନ୍ନାଇରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ ଅଛି । ସେ କହିଲେ, ଆଉ ଆପଣ ?

- ସଫ୍‌ଟୱେର୍ ଇଞ୍ଜିନିୟର୍ । ମୁଁ ଚେନ୍ନାଇରେ କାମ କରୁଛି । ଦେହ ଭଲନାହିଁ, ତେଣୁ ଘରକୁ ଯାଉଛି । ବାପାଙ୍କ ସାଙ୍ଗ ଜଣେ ଭଲ ଡାକ୍ତର ଅଛନ୍ତି, ସେଇଠି ପରାମର୍ଶ କରି ଟିକେ ରେଷ୍ଟ୍ କରି ଫେରିବି ।

- ଆଉ ଆପଣଙ୍କ ସ୍ୱାମୀ, ପିଲାପିଲି ? ସେ ପଚାରିଲେ ।

- ନା, ମୁଁ ଏକା ଯାଉଛି । ସ୍ୱାମୀ ବ୍ୟସ୍ତ । ପିଲାପିଲି ନାହାନ୍ତି ।

- ଓହ୍, ନୂଆ ନୂଆ ବାହାଘର ହୋଇଛି ବୋଧହୁଏ । ସେ ପଚାରିଲେ ।

ଏତେ ବ୍ୟକ୍ତିଗତ ପ୍ରଶ୍ନର ଉତ୍ତର ଦେବା ଉଚିତ ମନେ କରୁନଥିଲେ ସୁଦ୍ଧା ସ୍ୱତଃ ମୁହଁରୁ ବାହାରି ଆସିଲା, “ନା, ପାଞ୍ଚ ବର୍ଷ ହେଲାଣି ।”

- ପାଞ୍ଚବର୍ଷ ହେଲାଣି ! ଏତେ ଲେଟ୍ ପିଲାଟିଏ ତ କରିଥାନ୍ତେ । ସେ ଆଶ୍ଚର୍ଯ୍ୟ ହୋଇ କହିଲେ । ସ୍ୱାଭାବିକ କଥା, ଯେ କେହି ବି ଏମିତି ହିଁ ପ୍ରତିକ୍ରିୟା ଦେଖାଇବ । କିନ୍ତୁ ଜଣେ ଅପରିଚିତଙ୍କ ନିକଟରୁ ଏ ସବୁ ମୁଁ ଆଶା କରିନଥିଲି ।, ତେଣୁ ନିରବ ରହିଲି । ସେ ବୋଧହୁଏ ମୋ ମନୋଭାବନାକୁ ବୁଝିପାରିଲେ ।

- ମୋତେ ଖରାପ ଭାବନ୍ତୁ ନାହିଁ । ପିଲାଟେ ଥିଲେ ମନ ଖୁସି ରହିବ । ଆପଣଙ୍କ ବୟସ କେତେ ହେବ ଜାଣିନି, ବୋଧହୁଏ ଚାଳିଶି ପାଖାପାଖି ହେବାଭଳି ଲାଗୁଛି । ସେ କହିଲେ । ମୋତେ କଥା ସବୁ ଭଲ ଲାଗୁନଥିଲେ ସୁଦ୍ଧା ଜାଣିନି କାହିଁକି ମୁଁ ସବୁ ପ୍ରଶ୍ନର ଉତ୍ତର ଦେଇ ଚାଲିଥିଲି ।

 Magazine Downloaded from www.aahwaan.com

- ନା, ମୁଁ ଅସୁସ୍ଥ ଅଛି ତେଣୁ ସେମିତି ଦେଖାଯାଉଛି । ମୋ ସ୍ୱାମୀଙ୍କର ମଧ୍ୟ ଏଇ କିଛିଦିନ ହେବ ବାଙ୍ଗାଲୋର ବଦଳି ହୋଇଯାଇଛି, ମୁଁ ଏକା ଚେନ୍ନାଇରେ ରହୁଛି, ତେଣୁ ସେ ବି ଚିନ୍ତା ରହୁଛି ।

- ହୁଁ, ସେସବୁ ତ ଜୀବନର ଅଂଶ । ଏମିତି ଉପର ତଳ ହୋଇ ଦିନ ସବୁ ଗଡ଼ିଚାଲିବ । ମାତ୍ର ଶୀଘ୍ର ପିଲାଟେ କର । ପିଲାଟିଏ ମା'ବାପାଙ୍କୁ ଅଧିକ ବର୍ଷ ଆୟୁଷ ଦେଇଥାଏ । ସୁସ୍ଥ ହୋଇ ବଞ୍ଚିବାର ପ୍ରେରଣା ଦେଇଥାଏ । ଏଇ ଦେଖୁନ, ଶାହାରୁଖ୍ ଖାନ୍, ପଚାଶ ବର୍ଷ ବୟସରେ ମଧ୍ୟ ଆଉ ଗୋଟିଏ ସନ୍ତାନ କରିଛନ୍ତି । ପିଲା ଯେତେ ଛୋଟ ହେବ, ମା ବାପା ସେତେ ଅଧିକ ବଞ୍ଚିବାକୁ ନିଜର ଯତ୍ନ ନେବେ । ମୋତେ କେତେ ବର୍ଷ ହେବ କହିଲେ ? ଭଦ୍ରବ୍ୟକ୍ତିଙ୍କ ପ୍ରଶ୍ନରେ ଚମକି ପଡ଼ିଲି । କଣ ଉତ୍ତର ଦେବି ବୁଝି ପାରିଲି ନାହିଁ ? ମୋତେ ସେମିତିରେ ବି କାହାକୁ ଦେଖି ବୟସ କହିବା ଜଣାନାହିଁ । ଅଧିକ କହିଲେ କାଳେ ଖରାପ ଭାବିବେ ? ଏମିତି ଭାବନାରେ ଥିବା ସମୟରେ ସେ ନିଜେ ହିଁ କହିଲେ ।

- ମୋତେ ଏବେ ବାବନ ବର୍ଷ, ମୋ ସ୍ତ୍ରୀ ପଇଂଚାଳିଶି ବର୍ଷ । ମୋ ପୁଅ ଏ ବର୍ଷ ଇଞ୍ଜିନିୟରିଂରେ ନାଁ ଲେଖାଇଲା, ଝିଅ ଦଶମରେ ପରୀକ୍ଷା ଦେବ । ଏ ସବୁ ଭିତରେ ବି ମୋ ସ୍ତ୍ରୀକୁ ମୁଁ କେବେ ବୟସ୍କା ହେବାର ଅନୁଭବ କରାଇନି । ସବୁବେଳେ ଭଲପାଇଛି । ମୋ ସ୍ତ୍ରୀ ସବୁବେଳେ ତିରିଶି ବତିଶି ବର୍ଷର ଯୁବତୀ ପରି ଦେଖାଯାଆନ୍ତି, କାରଣ ସେ ମନ ଭିତରେ ପ୍ରଫୁଲ୍ଲିତ ଅଛନ୍ତି । ପିଲାମାନଙ୍କ ଯୋଗୁଁ ତ ଏ ସବୁ ସମ୍ଭବ ହେଉଛି । ମୋ ସ୍ତ୍ରୀ ରାଜି ହୋଇଥିଲେ ଆମେ ଆମର ଆଉ ଏକ ପିଲାଟିଏ ପାଇଁ ମଧ୍ୟ ପ୍ରସ୍ତୁତ, କାରଣ ମୁଁ ଅଧିକ ଦିନ ସୁସ୍ଥ ହୋଇ ବଞ୍ଚିବାକୁ ଚାହେଁ ।

ସେତେବେଳେ ମୋତେ ଖିଆଲରେ ଆସିଲା ଯେ ସମ୍ଭବତଃ ସେ ନିଜ ସ୍ତ୍ରୀଙ୍କ ସହ ହିଁ

 Magazine Downloaded from www.aahwaan.com

କଥା ହେଉଥିଲେ । ଏତେ ବୟସ ହେବାପରେ ବି ଏତେ ପ୍ରେମ ! ମୋ ଭାବନାକୁ ବ୍ୟାଘାତ ଦେଇ ନିଜ ବ୍ୟାଗରୁ ଏକ ବହି ବାହାର କରି ସେ ମୋତେ ଦେଲେ । ବହିଟି ଆମେରିକୀୟ ବଡ଼ିବିଲ୍ଡ଼ର ଫ୍ଲେକ୍ସ ହ୍ୱିଲର, ଲି ହାନେ, ରୋନି କାଲେମାନ୍ ଆଦିଙ୍କର ଫଟୋ ଓ ସେମାନଙ୍କର ଜୀବନଶୈଳୀରେ ଭରପୂର ।

- ଏଇ ଦେଖନ୍ତୁ । ଏଇ ବହି ମୁଁ ମଗାଇଛି । ଘରେ ମୋର ଗୋଟିଏ ଛୋଟକାଟିଆ ଜିମ୍ ଅଛି । ସକାଳେ ଆଉ ସନ୍ଧ୍ୟାରେ ଅନ୍ତତଃ ଘଣ୍ଟାଏ ମୋ ଶରୀରର ଯତ୍ନ ପାଇଁ ଜିମ୍ କରୁଛି । ସନ୍ତୁଳିତ ଖାଦ୍ୟ ଖାଉଛି । ଠିକ୍ ସମୟରେ ଖାଇବା, ଶୋଇବା । ସବୁଠୁ ଅଧିକ ମୁଁ ମୋ ସହ, ମୋ ପରିବାର ସହ ଏବଂ ମୋ କାମ ସହ ଖୁସିରେ ଅଛି । ନିଜେ ବି ବଡ଼ି ବିଲ୍ଡ଼ିଂ ପାଇଁ ଚେଷ୍ଟା କରୁଛି । ଫ୍ଲେକ୍ସ ହ୍ୱିଲର, ସତର ଥର ପ୍ରୋଫେସନାଲ୍ ଟାଇଟଲ୍ ଜିତିଛନ୍ତି, ଆଉ ସେ ମୋ ରୋଲ୍ ମଡ଼େଲ୍ ।

ମୁଁ ଟିକେ ଆଶ୍ଚର୍ଯ୍ୟ ହେଲି । ଲୋକ ଜଣକ ଦେଖିବାକୁ ପତଳା, ଅତିବେଶୀରେ ପାଞ୍ଚଫୁଟ ଖଣ୍ଡେ ଉଚ୍ଚତା ହେବ, ରଙ୍ଗ ସାବନା, ମୁହଁର ହନୁହାଡ ନ ହସିଲେ ବି ବାହାରକୁ ସେମିତି ଦେଖାଯାଉଛି, ଗାଲ ସବୁ ଭିତରୁ ପଶିଯାଇଛି । ସେଥିରେ କଣ ନା, ବଡ଼ିବିଲ୍ଡ଼ର ହେବା ପାଇଁ ଚେଷ୍ଟା ? ବ୍ୟକ୍ତି ଜଣକ ସତ କହୁଛନ୍ତି ତ ? ନା ମୋତେ ଦେଖାଇବା ପାଇଁ ଏତେ ସବୁ ମିଛ ଭାଷଣ ଦେଉଛନ୍ତି ? ମାତ୍ର ଦେଖାଉଥିବା ବହି ତ ସତ ! ମୁଁ ଟିକେ ଦ୍ୱନ୍ଦରେ ପଡ଼ିଗଲି ମନ ଭିତରେ ।

ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ ପାଇଁ ସଙ୍କେତ ଆସୁଥିଲା । କଥାବାର୍ତ୍ତା ସେଇଠି ସୀମିତ ରଖି ମୁଁ ତାଙ୍କୁ ମୋବାଇଲ୍ ନମ୍ବର ଦେବାକୁ କହିଲି ।  ବ୍ୟାଗର ସାଇଡ଼ ଚେନ୍ ଖୋଲି ମୋ ଇ-ଟିକେଟ୍ ଓ କଲମଟି ତାଙ୍କ ହାତକୁ ବଢ଼ାଇ ଦେଲି । ସେ ତାଙ୍କ

 Magazine Downloaded from www.aahwaan.com

ମୋବାଇଲ ନମ୍ବର ଓ ମେଲ୍ ଆଇଡ଼ି ଲେଖିଦେଲେ । ଭଦ୍ରବ୍ୟକ୍ତିଙ୍କ ନାଁ 'ଶଶୀକାନ୍ତ ମହାନ୍ତି ।'

ବଡ଼ ଉଚ୍ଚ ଅଭିଳାଷୀ, ହୃଦୟବାନ ଲୋକଟିଏ । ଯାହାଙ୍କ ଭିତରେ ଭରି ରହିଛି ଆକାଶକୁ ଛୁଇଁ ଯିବାର ଉଦ୍ଧାମତା, ବୟସର ତାଡ଼ନାକୁ ଜିତିବାର ସାହସ, ପ୍ରତିଦିନକୁ ନୁଆ କରି ବଞ୍ଚିବାର ଉତ୍ସୁକତା ।

ବ୍ୟାଗ ଧରି ଓହ୍ଲାଇବା ବେଳେ ଶଶୀକାନ୍ତ ବାବୁଙ୍କୁ ନମସ୍କାର କରି ଧନ୍ୟବାଦ ଜଣାଇଲି । ଜଣାନାହିଁ ଏଇ ଭଦ୍ରବ୍ୟକ୍ତିଙ୍କ ସହ ଜୀବନରେ ଆଉଥରେ ଦେଖା ହେବ କି ନାହିଁ, ସେ ମୋତେ ମନେ ରଖିବେ କି ନାହିଁ, ମାତ୍ର ସବୁବେଳେ ମୁଁ ତାଙ୍କୁ ତାଙ୍କର ଏହି ଉତ୍ସାହ, ପାଇଁ ମନେ ରଖିଥିବି ।

ଆମର ଝିଅଟିଏ ଜନ୍ମ ହେବାପରେ ମୁଁ ଶଶୀକାନ୍ତ ବାବୁଙ୍କୁ ଇମେଲ୍ କରିଥିଲି ମାତ୍ର ବହୁତ ଦିନଯାଏ ଉତ୍ତର ପାଇନଥିଲି କି ପାଇନାହିଁ । ମାତ୍ର ତାଙ୍କର ସେ କଥା ସବୁ କେବେ ଖରାପ ଭାବିନି କି ଭୁଲିନାହିଁ । ସତରେ ମଣିଷ ଶରୀରର ବୟସ ନୁହେଁ, ମନର ବୟସରେ ବଞ୍ଚେ, ଆଗକୁ ବଢ଼େ, ନିଜର ଲକ୍ଷ୍ୟ ସ୍ଥିର କରେ ।

 Magazine Downloaded from www.aahwaan.com

# ପରିବର୍ତ୍ତନ



ପରମିତା ମିଶ୍ର

ରିତୁ ଓ ମିତୁର ଏକା ଜିଦ୍ ରାତିରେ ଶୋଇଲା ବେଳେ କାହାଣୀଟିଏ ଶୁଣିଲେ ହିଁ ଶୋଇବେ । ସୌମେନ ବାବୁ ଜଣେ ଜିଲ୍ଲା କଲେକ୍ଟର । ସ୍ତ୍ରୀ ମୀନତି ଜଣେ ସୁଗୃହିଣୀ । ରିତୁ ଓ ମିତୁ ଦୁହେଁ ଜମଜ ସନ୍ତାନ । ଜେଜେମା ଓ ଜେଜେବାପା ପାଖରେ କାହାଣୀ ଶୁଣି ହିଁ ଶୁଅନ୍ତି କିନ୍ତୁ ସେ ଦୁହେଁ ତୀର୍ଥ କରିବାକୁ ଯାଇଛନ୍ତି । ତେଣୁ କାହାଣୀ ଶୁଣାଇବା ପାଳି ପଡିଛି ସୌମେନ ବାବୁଙ୍କୁ । ମୀନତି ଆସି କହିଦେଇ ଗଲେ ଯେ ଦେଖ ମୋର ବହୁତ କାମ ଅଛି । ଏମାନଙ୍କୁ କାହାଣୀ କହି ଶୁଆଇଦିଅ । ବାବୁ ତାଙ୍କ କାହାଣୀ ଆରମ୍ଭ କଲେ ଆଚ୍ଛା ଠିକ୍ ଅଛି ଶୁଣ ତାହେଲେ

"ତୁମ ପରି ଛୋଟ ଛୁଆଟିଏ ଥିଲା ସୋମୁ.....

ପିଲାଟି ବେଳରୁ ତା ମାଆ ଚାଲିଗଲା । ତାର ମାଆ ଓ ମାମୁଁ ଦୁହେଁ ଜମଜ ସନ୍ତାନ ଥିଲେ । ଦୁହିଁଙ୍କ କ୍ଷୀର ଓ ନୀରର ସମ୍ପର୍କ ଥିଲା ମାଆ ମରିବା ଖବରରେ ମାମୁଁ ଏକାବାରେ ଭାଂଗି ପଡିଲେ । ସହସା ଯାଇ ଭଉଣୀର ଶେଷ ସନ୍ତକ ଭଣଜାକୁ କାଖରେ ଜାକି ନେଇ ଆସିଲେ, କହିଲେ ଆଜିଠୁ ମୁଁ ତୋର ବାପା । ଆଗରୁ ମାମୁଁଙ୍କର ଗୋଟେ ଝିଅ ଥିଲା । ସୋମୁକୁ ଘରକୁ ଆଣିବାରୁ ମାଇଁ ମନ ଖରାପ ହୋଇଗଲା । ମାମୁଁଙ୍କର ଆଦାୟ କମ୍ ସେ ତହସିଲଦାର ଅଫିସରେ ପିଅନ । ଘରର

 Magazine Downloaded from www.aahwaan.com

ଖର୍ଚ୍ଚ ଆଦାୟରୁ ଅଧିକ ହୋଇଯାଏ ।

ଆଇ ଭାରି ଆଦର କରେ ସୋମୁକୁ । କିଛି ଦିନପରେ ମାମୁଁଙ୍କର ଆଉ ଗୋଟିଏ ପୁଅ ଜନ୍ମ ହେଲା ଶୁଭ । ଆଉ ତାପରେ ଘରେ ଯେଉଁ ଜିନିଷ ଆସେ ସେସବୁ ତିନି ଭାଗ ହୁଏ । ଆଉ ସେସବୁ ଦେଖି ମାଇଁ ଟିକେ ଅସହଜ ହୋଇଯାଆନ୍ତି । ଯଦିଓ ସେ ବି କେବେ ତିନି ଛୁଆଙ୍କ ଭିତରେ କିଛି ଫରକ କରୁନଥିଲେ କିନ୍ତୁ ସୋମୁ ମାଆ ସ୍ନେହରୁ ସବୁବେଳେ ବଞ୍ଚିତ ରହିଯାଉଥିଲା । ମାଇଁ ଙ୍କ ମନରେ କିଛି ଡର ଘର କରି ଯାଇଥିଲା । ବେଳେବେଳେ ମାଇଁ ମାମୁଁଙ୍କୁ ବହୁତ୍ ଶୁଣାଇ କି କୁହନ୍ତି କିନ୍ତୁ ମାମୁଁ କୌଣସି କଥାକୁ କାନ ନଦେଇ ତିନି ଛୁଆଁଙ୍କ ଉପରେ ନିଜର ସବୁ ସ୍ନେହ ଲୁଟାଇ ଦିଅନ୍ତି । ସମୟ ଗଡିଲା । ତିନି ଭାଇଭଉଣୀ ଶଶିକଳା ପରି ବଢୁଥିଲେ । କିଛି ଦିନ ପରେ ଆଇ ଚାଲିଗଲେ ଓ ମାଇଁ ମନରେ ଥିବା ଡର ସତ ହୋଇଗଲା । ଆଇ ତାଙ୍କର ଜମିବାଡ଼ିର ଅଧା ସୋମୁ ନାଆଁରେ କରି ଦେଇ ଗଲେ । ମାଇଁଙ୍କ ମନ ଏକଦମ୍ ଖଟା ହୋଇଗଲା । କିନ୍ତୁ ମାମୁଁ କହିଲେ ଆଇ କରିଛି ତ ଠିକ୍ ଅଛି ନହେଲେ ତ ସେ ନିଜେ ହିଁ କରି ଦେଇଥାନ୍ତେ । ଘରେ ଚାଲିଥିବା ଏସବୁ ଅଶାନ୍ତରେ ବି ଭାଇଭଉଣୀ ତିନି ଜଣ ଭିତରେ କିନ୍ତୁ ଭାରି ସ୍ନେହ । ସୋମୁ ତାର ଭାଇଭଉଣୀଙ୍କୁ ଅତି ସ୍ନେହ କରେ ।

ଗୋଟିଏ ଦରମାରେ ଘର ଚଳାଇବା ଭାରି କଷ୍ଟ ଥିଲା । ସୋମୁ ପାଠରେ ସବୁବେଳେ ପ୍ରଥମ ଆସେ । ଭାଇଭଉଣୀଙ୍କୁ ପଢାଇବା ସାଙ୍ଗରେ ଟିଉସନ କରି ନିଜ ଖର୍ଚ୍ଚ ବି ଚଳାଇ ନିଏ । । ଏମିତିକି ଘର ଖର୍ଚ୍ଚରେ ବି ସେ ସାହାଯ୍ୟ କରିବାରେ ଲାଗିଲା । ଏତେ କଷ୍ଟରେ ପାଠ ପଢିଥିଲେ ବି ସେ ବର୍ଷ ମ୍ୟାଟ୍ରିକରେ ଜିଲ୍ଲାରେ ପ୍ରଥମ ଆସିଥିଲା ସୋମୁ । ପିଲାଦିନୁ ତାର ସ୍ୱପ୍ନ ଥିଲା ଆଇଏଏସ୍ ହେବାପାଇଁ ।

ସେତେବେଳକୁ ସୋମୁ ସ୍ନାତକର ଶେଷବର୍ଷରେ ଥିଲା, ମାମୁଁଙ୍କ ଚାକିରୀ ଅବସର

 Magazine Downloaded from www.aahwaan.com

ନେବାର ଥିଲା । ସେତେବେଳର ବଡ ବାବୁ ଭାରି ଭଲ ଲୋକ ଥିଲେ ସେ ମାମୁଁଙ୍କୁ ଆଶ୍ୱାସନା ଦେଇଥିଲେ ଯେ ତାଙ୍କ ଘରର ଜଣଙ୍କୁ ସେହି ଚାକିରିଟି କରାଇଦେବେ । ଘରେ ଜଣେ ରୋଜଗାର କରିବା ନିହାତି ଦରକାର ଥିଲା ତେଣୁ ସବୁ ସ୍ୱପ୍ନକୁ କଡ଼ରେ ରଖି ମାମୁଁଙ୍କ ଚାକିରିରେ ସୋମୁ ରହିଗଲା । ପଢା ନସରୁଣୁ ସୋମୁ ଚାକିରିରେ ଯୋଗ ଦେଇଥିଲା । କିନ୍ତୁ ସ୍ୱପ୍ନ ସରି ନଥିଲା । ଅଫିସର ବଡ ବାବୁଙ୍କ ଦୟାରୁ ବଡ କଷ୍ଟରେ ସୋମୁ ନିଜର ସ୍ନାତକ ଶେଷ କରିଥିଲା ।

ସୋମୁ ଅଫିସକୁ ସବୁବେଳେ ବସ୍ ରେ ଯାଏ । ମାମୁଁ ସୋମୁ କଷ୍ଟରେ ଦେଖି, ମାଈଁ ପାଖରେ ରଖିଥିବା ନିଜ ଭଉଣୀର କିଛି ଗହଣାକୁ ବିକି ଏକ ଗାଡି କିଣି ଆଣିଲେ । ଯଦିଓ ସୋମୁକୁ ପ୍ରଥମେ ବହୁତ୍ ଦୁଃଖ ହୋଇଥିଲା କିନ୍ତୁ ଗାଡିଟିକୁ ସେ ନିଜଠୁ ବି ଅଧିକ ଯତ୍ନରେ ରଖେ । ମାଆ ଶେଷ ସନ୍ତକ ହିସାବରେ ତା ପାଖରେ ଏଇ ଗାଡିଟି ହିଁ ତ ରହିଗଲା । ମାଈଁ କିନ୍ତୁ ଏହା ବରଦାସ୍ତ କଲେନି । ତାଙ୍କର ଏକା ଜିଦ ଥିଲା ଶୁଭ ପାଇଁ ବି ଏକ ଗାଡି ଆସିବା ଦରକାର । ମାମୁ ବହୁତ୍ ବୁଝାଇବା ସତ୍ୱେ ସେ ଶୁଣିବାକୁ ନାରାଜ । ଶେଷରେ ନିଜର ଫଣ୍ଡରୁ ପଇସା ଉଠାଇ ଶୁଭ ପାଇଁ ଗାଡି ଆସିଲା ।

ଶୁଭର ଅସାବଧାନତା ଯୋଗୁଁ ସେ ଏକ ବଡ ଦୁର୍ଘଟଣାର ଶିକାର ହୋଇଗଲା । ଅଫିସ୍ ରୁ ଫେରିଲା ବେଳେ ସୋମୁ ଦେଖିଲା ରାସ୍ତାରେ ଶୁଭ ରକ୍ତାକ୍ତ ହୋଇ ପଡି ରହିଥିଲା । ତାକୁ ସେ ସଂଗେ ସଂଗେ ମେଡିକାଲ ନେଇକି ଗଲା । ଦୁର୍ଘଟଣାରେ ଶୁଭର ଗୋଟେ ଗୋଡଟି ଭାଙ୍ଗିଗଲା । ସଙ୍ଗେ ସଙ୍ଗେ ଅପରେସନ୍ କରିବାକୁ ପଡିଲା ଓ ସେତେବେଳକୁ ମାମୁଁଙ୍କ ପାଖରେ ସେତିକି ଅର୍ଥ ନଥିଲା । ହଠାତ୍ ଏକ୍ ବଡ ରକମ କୋଉଠୁ ଆସିବ, ଜମିଜମା ବିକିବାକୁ ବି ତ ଟିକେ ସମୟ ଲାଗିବ ନା ।

 Magazine Downloaded from www.aahwaan.com

ମାମୁଁଙ୍କର ମୁଣ୍ଡ କିଛି କାମ କଲାନି ଅପରେସନର ଲକ୍ଷେ ଟଙ୍କା କଥା ଶୁଣି । କୋଉଠୁ ଆସିବ ଏତେ ଟଙ୍କା ।

ପୁଅର ଏପରି ଅବସ୍ଥା ଦେଖି ମାଇଁ ଚେତାଶୁନ୍ୟ ହୋଇଗଲେ । ବାରମ୍ବାର କହୁଥିଲେ ନା ସୋମୁ ପାଇଁ ଗାଡି ଆସିଥାନ୍ତା ନା ଆଜି ଶୁଭର ଏ ଦଶା ହୋଇଥାନ୍ତି ।

ସେ ଯାହା ହେଉ ଚିକିତ୍ସା ଚାଲିଲା । ସୋମୁ ମାମୁଁ ଆଶ୍ୱାସନା ଦେଲା ଯେ ବାକି ଟଙ୍କା ସେ ଯୋଗାଡ କରି ନେବ । ସବୁ ଠିକ୍ ରେ ହୋଇଗଲା । ପନ୍ଦର ଦିନ ପରେ ଯିବା ସମୟ ଆସିଲା । ମାମୁଁଙ୍କୁ ଟିକେ ଅଡୁଆ ଲାଗୁଥିଲା ଯେ ସବୁ ସରିଲା ପରେ ଏଯାଏଁ ସେ କିଛି ଟଙ୍କା ଯୋଗାଡ କରି ପାରି ନାହାନ୍ତି । ସମସ୍ତେ ଯିବାକୁ ଉଦ୍ୟତ ହେଉଥିଲେ ନର୍ସ ଆସି ପୈଠ ହୋଇଥିବା ବିଲ୍ ବଢାଇଦେଲେ । ମାମୁଁ ପୈଠ ହୋଇଥିବା ଏକ ଲକ୍ଷ ଟଙ୍କା ଦେଖି ଅବାକ ହୋଇଗଲେ । ବୁଝିବାକୁ ବୋଧେ ବାକି ନଥିଲା ଯେ ସବୁ ଟଙ୍କା ସୋମୁ ଦେଇଛି କିନ୍ତୁ ଏବେ ତ ଚାକିରିର କିଛିଟା ସମୟ ହୋଇଛି । ମାମୁଁ ଜୋର କରି ପଚାରିବାରୁ ସୋମୁ ଭାରି ଗଳାରେ କହିଲା ସେ ସବୁ ସଞ୍ଚୟ କରିଥିଲା । ମାମୁଁ ବାହାରୁ ଆଖି ବୁଲାଇ ଦେଖିଲେ ତ ବାହାରେ ସୋମୁ ଆଦରର ଗାଡିଟି ନାହିଁ । ମାମୁଁ ପଚାରିଲେ ବାବୁ ତୋ ଗାଡିଟା ? ମୁରୁକି ହସା ଦେଇ ସୋମୁ କହିଲା ବାପା ଆମ ଶୁଭ ଠୁ କଣ ଗାଡିଟା ବଡ ।

ମାଇଁ ନିଜର ଭୁଲ ବୁଝି ପାରିଥିଲେ । ତାଙ୍କ ଅନ୍ତର କୋରି ହେଉଥିଲା । ଯୋଉ ପୁଅକୁ ସେ ଏତେ ଧିକାରୁ ଥିଲେ ଆଜି ସେ ହିଁ ତାଙ୍କ ପୁଅର ଜୀବନ ବଞ୍ଚାଇଛି ।

ଘରକୁ ଫେରିବା ପରେ ମାଇଁ ଘରେ ଏକ ଛୋଟିଆ ପୁଜା ରଖାଇଥିଲେ । ସେଦିନ ସକାଳୁ ସୋମୁକୁ ତା ଆଖି ଉପରେ ବିଶ୍ୱାସ ହେଉ ନଥିଲା । ମାଇଁ ସୋମୁ ଆଣିଥିବା ସେହି ଶାଢୀଟି ପିନ୍ଧିଥିଲେ । କିଛି ନକହିଲେ ବି ସେ ବାରମ୍ବାର ଜତାଉ ଥିଲେ ଯେ ସେ ସୋମୁକୁ

 Magazine Downloaded from www.aahwaan.com

ଗ୍ରହଣ କରିନେଇଛନ୍ତି ଟିକେ ବିଳମ୍ବରେ ହେଉ ଅବା, ଓ ତାଙ୍କ ଆଖିରୁ ଝରୁଥିବା ଲୁହ ତାଙ୍କ ପଶ୍ଚାତାପର । ବଡ ପାଟିରେ ପୁରୋହିତକୁ କହୁଥିଲେ ମୋ ବଡ ପୁଅ ସୋମୁ ସାନ ପୁଅ ଶୁଭ ଓ ଝିଅ ଶିବାନୀ ନାଆଁରେ ପୂଜା କରିଦିଅ । ସେଦିନର ସେ ଘଟଣାଟିରେ ସମସ୍ତଙ୍କ ଜୀବନ ରେ ଏକ ପରିବର୍ତ୍ତନ ଆସି ଯାଇଥିଲା ମାଇଁ ଏବେ ମାଆ ଥିଲେ । ମାଆ ନିଜ ଗହଣା ବିକି ସୋମୁକୁ ଆଗକୁ ପଢାଇଲେ । ସ୍ନାତକ ପରେ ସୋମୁ ଆଇଏଏସ ପାଇଁ ସହରକୁ ଗଲା ଆଉ ସେ ବର୍ତ୍ତମାନ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ । ଆଉ ସେ ଜଣକ କିଏ ଜାଣିଛ ପିଲେ ?

ରିତୁ ଓ ମିତୁ ସେତେବେଳେକୁ ଶୋଇ ଗଲେଣି କିନ୍ତୁ ମୀନତି ସେଠି କେତେବେଳୁ ଆସି ସବୁ ଶୁଣୁଥିଲେ ଆଉ ଶେଷରେ କହିଲେ, “ସେ ଛୁଆ ସୋମୁ ଜଣକ ହେଉଛନ୍ତି ଆଜିର ଶ୍ରୀଯୁକ୍ତ ସୌମେନ ଦେଓ ନା କଣ !”

ସୌମେନ ବାବୁ ମୁରୁକି ହସି ସମ୍ମତି ଜଣାଇଲେ । ।

Magazine Downloaded from www.aahwaan.com

# ଝଗଡ଼ା



ସୁଧୀର କୁମାର ଦ୍ୱିବେଦୀ

ସେ ଦିନ ମର୍ଣ୍ଣିଂ ୱାକ୍ ରୁ ଫେରି ସବୁଦିନ ପରି ଖବରକାଗଜଟି ଲନ୍‌ରେ ପଡିଥିବାର ଦେଖିଲେ ନୀଳାଦ୍ରିବାବୁ । ଅଭ୍ୟାସ ମୁତାବକ ଖବରକାଗଜଟିକୁ ଲେଉଟାଉ ଲେଉଟାଉ ତାଙ୍କ ନଜର ଅଟକିଗଲା ବକ୍ସ ମଧ୍ୟରେ ବାରି ହୋଇ ପଡୁଥିବା ଏହି ଖବର ଉପରେ ।

.......ମଣିଷ ମଣିଷ ମଧ୍ୟରେ ଝଗଡାକୁ ନେଇ ପୃଥିବୀରେ ନାନା ପ୍ରକାରର ଦ୍ୱନ୍ଦ, ବିରୋଧୋକ୍ତି ଲାଗିରହିଥିବା ବେଳେ ସମ୍ପ୍ରତି ଲର୍ଡ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ଡା: ଚି ଚାଓ ଯେଉଁ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ତାହା ଯେତିକି ରୋମାଞ୍ଚକର ସେତିକି କୌତୁହଳ ପ୍ରଦ । ସେ ଗୋଟିଏ ସ୍ମାର୍ଟଫୋନ ଏପ୍ ମାଧ୍ୟମରେ ପାଖାପାଖି ଏକ ଲକ୍ଷ ଭାରତୀୟଙ୍କ ଆଚରଣକୁ ନେଇ ପ୍ରଶ୍ନୋତ୍ତର ଜରିଆରେ ସର୍ବେକ୍ଷଣ କରିଥିଲେ । ସେ ତାଙ୍କ ତିନି ଶହ ପୃଷ୍ଠା ସମ୍ବଳିତ ନିବନ୍ଧରେରେ ବ୍ୟାଖ୍ୟା କରିଛନ୍ତି ଯେ ଭାରତୀୟମାନେ ଯେଉଁ ଲାଭ ଆସନ, ପ୍ରାଣୟାମ, ବ୍ୟୟାମ, ଉପବାସରୁ ପାଇଥାନ୍ତି, ତ'ଠାରୁ ଅନେକ ଗୁଣର ଲାଭ କେବଳ ସପ୍ତାହକୁ ଅଧ ଘଣ୍ଟା ଝଗଡାରେ ଲିପ୍ତ ରହି ମଧ୍ୟ ପାଇପାରିଥାନ୍ତି । ସେ ତାଙ୍କର ପ୍ରଥମ ସ୍ୱୀକାର୍ଯ୍ୟରେ ଉଲ୍ଲେଖ କରିଛନ୍ତି ଯେ ଯେଉଁ ଭାରତୀୟମାନେ ବରାବର ଝଗଡ଼ାରେ ଲିପ୍ତ ରହିଥାନ୍ତି, ତାଙ୍କୁ କେବେ ବି ଝଗଡ଼ା ଲାଗୁ ନ ଥିବା ଅନ୍ୟ ମାନଙ୍କ ତୁଳନାରେ ହୃଦ୍ ରୋଗ ହେବାର ଆଶଙ୍କା ନବେ ପ୍ରତିଶତ ହ୍ରାସ ପାଇଥାଏ । ଝଗଡା ଯୋଗୁଁ

 Magazine Downloaded from www.aahwaan.com

ଶରୀରରେ ଉତ୍ତେଜନା ଫଳରେ ରକ୍ତ ସଞ୍ଚାଳନ ଠିକ ରହେ । ସମସ୍ତ ସ୍ନାୟୁ ତନ୍ତ୍ରୀ ଉଦ୍ଦୀପିତ ହେବା ସହିତ ଧମନୀରେ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ଫଳରେ ହୃଦ୍‌ଘାତ, ଷ୍ଟ୍ରୋକ ହେବାର ଆଶଙ୍କା ଅନେକାଂଶରେ ହ୍ରାସ ପାଇଥାଏ । ଯୁକ୍ତି ତର୍କ କରିବା ଦ୍ୱାରା ଅଗ୍ନ୍ୟାଶୟ  କର୍ମଠ ହେଉଥିବାରୁ ମଧୁମେହ ରୋଗ ହେବାର ଆଶଙ୍କା ଦୂର ହୋଇଥାଏ । ଝାଗଡା ଲାଗିବା ଦ୍ୱାରା ଶରୀରରୁ ଅନେକ ଶକ୍ତି ଅପଚୟ ହୁଏ । ଏହି ଅତିରିକ୍ତ ଶକ୍ତି ଶରୀରରେ ଜମାଟ ବାନ୍ଧିଥିବା ଚର୍ବିରୁ ହିଁ ମିଳିଥାଏ । ଏଣୁ ଶରୀରର ଓଜନ ହ୍ରାସ ହେବା ସହିତ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରଖିବାରେ ଝଗଡା ଅବ୍ୟର୍ଥ ଔଷଧ ଭଳି କାମକରେ । ଅପର ପକ୍ଷେ ଆଦୌ ଝଗଡା ଲାଗୁ ନ ଥିବା ବ୍ୟକ୍ତିଙ୍କୁ ମଧୁମେହ, ହୃଦରୋଗ, ଗଣ୍ଠିବାତ, ମେଦ ବହୁଳତା ଏପରିକି କ୍ୟାନସର ପରି  ଅନେକ ମାରାତ୍ମକ ରୋଗ ହେବାର ସମ୍ଭାବନା ଛତିଶ ପ୍ରତିଶତ ବୃଦ୍ଧି ପାଇବାର ଦେଖା ଯାଇଥିଲା । ଏଣୁ ଅଧିକାଂଶ ଭାରତୀୟ ବର୍ଷ ବର୍ଷ ଧରି ନିୟମିତ ଝଗଡାରେ ଲିପ୍ତରହି ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇଥାନ୍ତି ବୋଲି ଏକ ତତ୍ତ୍ୱ ଡା: ଚି ଚାଓ ଆବିଷ୍କାର କରିପରିଥିବା କଥା ଦାବି କରିଛନ୍ତି । ସେ ତାଙ୍କ ଏକ ଉପପାଦ୍ୟରେ ଦର୍ଶାଇଛନ୍ତି ଯେ କେବଳ ସୁସ୍ଥ ବ୍ୟକ୍ତି ହିଁ ଝଗଡା ଲାଗିପାରିବେ ଓ ଝଗଡା ଲାଗୁଥିବା ବ୍ୟକ୍ତି ହିଁ ସୁସ୍ଥ ରହିପାରିବେ ।

ତା ଛଡା ସ୍ମାର୍ଟଫୋନ ଆପ୍‌ରେ ଥିବା ଏକ ପ୍ରଶ୍ନର ଉତ୍ତରରେ ନବେ ପ୍ରତିଶତ ଭାରତୀୟ ଝଗଡାରୁ ଶାରୀରିକ, ମାନସିକ କିମ୍ବା ଆର୍ଥିକ - କୌଣସି ନା କୌଣସି ଫାଇଦା ଉଠାଇଥିବା କଥା ସ୍ୱୀକାର କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି  ! ! !

ସର୍ବେକ୍ଷଣ ଅନୁସାରେ ସକାଳୁ ଉଠୁ ଉଠୁ ଖାଲି ପେଟରେ ମୁହଁ ନ ଧୋଇ ଝଗଡା ଲାଗିଲେ ଅଧିକ ଲାଭ ମିଳିଥାଏ ବୋଲି ଡା: ଚି ଚାଓ ତାଙ୍କ ଦଲିଲରେ ଉଲ୍ଲେଖ କରିଛନ୍ତି ।

ସେ ଆଉ ମଧ୍ୟ କହିଛନ୍ତି ପୃଥିବୀର ଅନ୍ୟାନ୍ୟ ସ୍ଥାନରେ ଦେଖା ଯାଉଥିବା ଝଗଡା ତୁଳନାରେ ଭାରତରେ ଦେଖାଯାଉ ଥିବା ଝଗଡାରେ ଅଧିକ ତୀବ୍ରତା ପରିଲକ୍ଷିତ ହୁଏ ।

 Magazine Downloaded from www.aahwaan.com

ଭାରତରେ ଏକ ଶହରୁ ଊର୍ଦ୍ଧ୍ୱ କିସମର ଝଗଡା ଦେଖାଯାଉଥିବା ବେଳେ ଭାରତୀୟ ଶାଶୁ ବୋହୁଙ୍କ ଝଗଡାକୁ ସେ ପ୍ରଥମ ଶ୍ରେଣୀର ମାନ୍ୟତା ଦେଇଛନ୍ତି । ସ୍ୱାମୀ-ସ୍ତ୍ରୀ, ଭାଇ-ଭାଇ, ବାପ -ପୁଅ, ପଡ଼ୋଶୀ - ପଡ଼ୋଶୀଙ୍କ ଝଗଡାକୁ ସେ ଯଥା କ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରଖିଛନ୍ତି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଶାଶୁ ବୋହୁ ହୁଅନ୍ତୁ ବା ସ୍ୱାମୀ-ସ୍ତ୍ରୀ ପାଞ୍ଚ ମିନିଟ ବା ଦଶ ମିନିଟ ଝଗଡା ଯଥେଷ୍ଟ ହୋଇଥାଏ । ଆସ୍ତେ ଆସ୍ତେ ଶରୀର ଏଥିରେ ଅଭ୍ୟସ୍ତ ହୋଇଯାଏ ଓ ଅଧିକରୁ ଅଧିକ ସମୟ ଝଗଡାରେ ଲିପ୍ତ ରହିବାର କ୍ଷମତା ଆସିଯାଇଥାଏ । ଦିନରାତି ଏପରିକି ଦୁଇ, ତିନିଦିନ ଧରି ଝଗଡା ଲାଗି ରହିଥାଏ । ଖାଇବା ପିଇବାର ଠିକଣା ରହୁ ନ ଥିବାରୁ ପରୋକ୍ଷରେ ଉପବାସର ଲାଭ ମିଳିଥାଏ । ଏହି ଅନିଚ୍ଛାକୃତ ଉପବାସ ଯୋଗୁଁ ଶରୀରର କୋଷିକା, ଜିନ୍ ଓ ହରମୋନରେ ଲାଭଦାୟୀ ପରିବର୍ତ୍ତନ ଘଟିଥାଏ ।

ତେବେ ନାରୀମାନେ ହିଁ ଅଧିକାଂଶ ଝଗଡାର ମଞ୍ଜି ବୋଲି ସେ ଟିପ୍ପଣୀ ଦେଇଛନ୍ତି । ଭାରତରେ ଚିର ରୋଗୀମାନଙ୍କୁ ଝଗଡାରୁ ନିବୃତ୍ତ ରଖାଯାଏ । ନଚେତ ଆବାଳ ବୃଦ୍ଧବନିତା ଝଗଡାରେ ଲିପ୍ତ ରହି ଜୀବନକୁ ଉପଭୋଗ କରିଥାନ୍ତି । ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ଅତି ସାମାନ୍ୟ କାରଣରୁ ଝଗଡାର ସୂତ୍ରପାତ ହେଉଥିବା କଥା ସେ ସର୍ବେକ୍ଷଣରୁ ଜାଣିପାରିଥିଲେ । ଭାରତୀୟ ନେତାମାନେ ଝଗଡାପ୍ରିୟ । କୁଜି ନେତା ହୁଅନ୍ତୁ ଅବା ବଡ ନେତା, ସର୍ବଦା ଝଗଡା ମନୋବୃତ୍ତି ନେଇ ବୁଲୁଥାନ୍ତି । ସଭାରେ, ବଜାରରେ ଏପରିକି ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭକରି ସଂସଦ ପର୍ଯ୍ୟନ୍ତ ଏମାନେ ସର୍ବଦା ଝଗଡାରେ ଲିପ୍ତ ରହିଥାନ୍ତି । ଏଣୁ ସେମାନେ ଦୀର୍ଘଜୀବୀ ହୋଇଥାନ୍ତି ବୋଲି ଡା: ଚି ଚାଓ ନିଷ୍କର୍ଷରେ ପହଞ୍ଚିଛନ୍ତି ।

ଅତି ସର୍ବତ୍ର ଗର୍ହିତମ୍ ନ୍ୟାୟରେ ଭାରତୀୟମାନେ ଝଗଡାର ମାତ୍ରାକୁ ନେଇ ବେଶ ସଚେତନ ବୋଲି ଡା: ଚି ଚାଓ ତାଙ୍କ ସନ୍ଦର୍ଭରେ ପ୍ରକାଶ କରିଛନ୍ତି । ଝଗଡା ତୀବ୍ର ରୂପ

 Magazine Downloaded from www.aahwaan.com

ଧାରଣ କରିବା ପୂର୍ବରୁ ଜଣେ ତୃତୀୟ ବ୍ୟକ୍ତି ହସ୍ତକ୍ଷେପ କରି ଝଗଡାର ଅବସାନ ଘଟାଏ । ଝଗଡା ଏକତରଫା ହେଲେ କିମ୍ବା ଝଗଡାରେ ଲାଠି, ଅସ୍ତ୍ରଶସ୍ତ୍ର ବ୍ୟବହାର କରାଗଲେ ତାହା ପ୍ରାଣ ଘାତକ ହୋଇଥାଏ । ତେବେ ମାତ୍ର ଏକ କିମ୍ବା ଦୁଇ ପ୍ରତିଶତ ଝଗଡାରେ ଏଭଳି ବ୍ୟତିକ୍ରମ ଘଟିଥାଏ ବୋଲି ଡା: ଚି ଚାଓ ସ୍ୱଷ୍ଟୀକରଣ ଦେଇଛନ୍ତି ।

ପରିଶେଷରେ ଝଗଡାକୁ ଖରାପ ଭାବି ଦୂରେଇ ରହିବା ଅପେକ୍ଷା ଝଗଡାରେ ବୁଡିରହି ଅଧିକରୁ ଅଧିକ ଲାଭ ଉଠାଇବା ଉଚିତ ବୋଲି ଡା: ଚି ଚାଓ ତାଙ୍କ ସର୍ବେକ୍ଷଣ ତଥ୍ୟ ଆଧାରରେ ପ୍ରସ୍ତାବ ଦେଇଛନ୍ତି ।

ଖବରଟି ପଢି ସାରି ସାମାନ୍ୟ ଉତ୍ତେଜିତ ହୋଇ ପଡିଲେ ନୀଳାଦ୍ରି ବାବୁ । ତା'ପରେ ସେ ସ୍ୱଗତୋକ୍ତି କରି ଉଠିଲେ - ଡା: ଚି ଚାଓ, ତୁମେ କୁଆଡୁ ବୁଝିବ ଝିମିଟି ଖେଳରୁ ଏ ଦେଶରେ ମହାଭାରତର ସୃଷ୍ଟି ହୋଇଥିଲା ବୋଲି । ଛୁଞ୍ଚି ମୁନ ପରିମାଣ ଭୂମିର ମୂଲ୍ୟ ଜାଣିଥିବା ଭାରତୀୟମାନେ ଏ ମାଟି ପାଇଁ ଯୁଦ୍ଧକୁ କେବେ ଭୟ କରିନାହାନ୍ତି । ମାତ୍ର ଆଜି ଆମ ଭାରତୀୟ ଅଞ୍ଚଳକୁ ଦଖଲ କରିବାପାଇଁ କିଛି ଦେଶ ସୀମାପାର ଆତଙ୍କବାଦ ଚଳାଇଛନ୍ତି । କଣ୍ଟା ବାଡ଼ରେ ଲୁଗା ପକାଇ ଝଗଡା ଆରମ୍ଭ କରୁଛନ୍ତି । ଆମ ସୀମାରେ ପ୍ରବେଶ କରି ଆମ ଲୋକଙ୍କୁ ପଥରମାଡ଼ କରୁଛନ୍ତି । ଧସ୍ତାଧସ୍ତିରେ ଲିପ୍ତ ରହୁଛନ୍ତି । ପ୍ରତିବାଦ କଲେ ଯୁଦ୍ଧର ଅବଗଣନା ଆରମ୍ଭ କରିଦେଉଛନ୍ତି । ଶାନ୍ତିପ୍ରିୟ ଭାରତୀୟଙ୍କ ନିଦ୍ରା ହରଣ କରୁଛନ୍ତି । ଡା: ଚି ଚାଓ, ଏ ପୃଥିବୀରୁ ଦୁର୍ଜନଙ୍କ ବିନାଶ ଆଉ ସଜ୍ଜନଙ୍କ ପୀଡା ହରଣ କରିବାକୁ ଭାରତରେ ପୁନର୍ବାର ଭଗବାନଙ୍କ ଜନ୍ମ ନେବାର ସମୟ ଆସିଗଲାଣି । ଅପେକ୍ଷା କର ।

ଶାସନ ସାହି, ଦେବଗଡ଼, ଜିଲ୍ଲା:ଦେବଗଡ଼

ପିନ:୭୬୮୧୦୮

ମୋ:୯୪୩୯୯୧୫୪୧୬

 Magazine Downloaded from www.aahwaan.com

# ବାଲ୍ୟବନ୍ଧୁ



ଅର୍ଚ୍ଚନା ପଟ୍ଟନାୟକ

ଚାଲିଚାଲି ଘରକୁ ଫେରୁଥିଲା ନରେନ୍ଦ୍ର । ଖଟିଠାରୁ ପ୍ରାୟ ଗୋଟେ କିଲୋମିଟର ହେବ ତାର ଘର । ରାସ୍ତା ଯେମିତି ସରୁନି ଆଜି । ଶ୍ରୀ ଠାରୁ ଆଜି ମଧ୍ୟ ଗାଳି ଶୁଣିବାକୁ ପଡିବ । ଚାଲୁଚାଲୁ ନିଜକୁ ପ୍ରସ୍ତୁତ କରିନେଉଥିଲା ସେ । ଗାଳି ଆରମ୍ଭହେବ ମନୋରଞ୍ଜନଠାରୁ ଅନ୍ୟ ଯେତେକ ବନ୍ଧୁବାନ୍ଧବୀ ପର୍ଯ୍ୟନ୍ତ । ଗୋଡ ହାତ ଧୋଇ ଖାଇ ବସିଲା ପରେ ଧିରେଧିରେ ଶାନ୍ତ ହୋଇଯାଏ ଶ୍ରୀ । ତା'ର ସେଇ ଅନୁରାଗ ମିଶା ଗାଳିକୁ ହଜମ ଗୋଲିପରି ଗ୍ରହଣ କରି ଖାଇବା ସାରେ ନରେନ୍ଦ୍ର । ବିନା ଅଭିଯୋଗରେ ଘରର ଦାୟିତ୍ୱ ନେଇଛି ଶ୍ରୀ । ପିଲାମାନଙ୍କ ପଢା ପାଇଁ ସେ ଏଠି ତ ଚାକିରୀ ସ୍ଥାନରେ ନରେନ୍ଦ୍ର । ମାସରେ ଥରେ ଦୁଇଥର ଆସିଲେ ମନ ସହ ଗପିବାପାଇଁ ସେ ଚାଲିଆସେ । ମନ ତା'ର ବାଲ୍ୟବନ୍ଧୁ । ତା ବାପାଙ୍କ ବ୍ୟବସାୟ ବୁଝୁବୁଝୁ ସେ ଆଜି ଏଇ ଅଞ୍ଚଳର ଏକ ମାନ୍ୟଗଣ୍ୟ ବ୍ୟକ୍ତି ପାଲଟିଛି । ମନ ସହ ସ୍କୁଲ୍ ର ମଜାମଜା କଥାଠାରୁ ବର୍ତ୍ତମାନର ପରିବା ଦର, ତାସ୍ ଖେଳ, ଚା ପିଆ ସବୁ ଚାଲେ । ମଝିରେ ମଝିରେ ଆଉ କେଉଁ ସାଙ୍ଗର ଫୋନ ଆସିଗଲେ ଖୁବ୍ ଗପ ଜମେ । କେବଳ ସେଇ ଗପରେ disturb ନ ହେବା ପାଇଁ ସେ ନିଜ mobile off ରଖେ । ଆଜକିନ୍ତୁ ଅଲଗା କିଛି ଘଟିଥିଲା । ଏତେଟା ଦୁଃଖୀ କେବେ ଲାଗିନଥିଲା

 Magazine Downloaded from www.aahwaan.com

ନରେନ୍ଦ୍ରକୁ । ନୂଆ ସ୍ତ୍ରୀକୁ ଗାଁରେ ଛାଡି ଆସିଲାବେଳେ କି ମାଲକାନଗିରି transfer order ପାଇଲାବେଳେ । ଛାତି ଭିତରଟା ଯେମିତି ରୁନ୍ଧି ହୋଇଯାଉଛି । କାନ୍ଦିବାକୁ ଇଚ୍ଛା ହେଉଛି ଖୁବ୍ ବଡ ପାଟିରେ । ଖୁବ୍ ଅବଶ ଲାଗୁଛି । ଏଇ ଅବସ୍ଥାରେ ଶ୍ରୀ । ଦେଖିଲେ ଗାଳି କରିବ କଣ ଦେହମୁଣ୍ଡ ଆଉଁସି ଦେଇ ବ୍ୟସ୍ତ ହୋଇପଡିବ । ବ୍ଲଡ୍ ପ୍ରେସର, ସୁଗାର୍ ବାହାରିବା ପରେ ତା'ର ବ୍ୟସ୍ତତା ଆହୁରି ବଢିଯାଇଛି । ଗାଳିର ମୋଡଟା ଔଷଧ ଖାଇନଥିବା କିମ୍ବା `ମୁଁ ନ ମରି କାହିଁକି ବଞ୍ଚିରହିଛି' ସେ ପଟକୁ ଢଳିପାରେ । କିନ୍ତୁ ନରେନ୍ଦ୍ର ଜାଣେ ତାକୁ ଏମିତି ଲାଗିବାର କାରଣ ଔଷଧ ନ ଖାଇବା ନୁହେଁ ଆଉ କିଛି । ମନ ଯେତେବେଳେ କହିଲା "ଶୁଣିଲୁଣି ପ୍ରେରଣା ଚାଲିଗଲା" । ମିଛ ବୋଲି କହିଦିଅନ୍ତା କି ମନ । ବାଲିଘର ଖେଳିନଥିଲେ ସମ ବୟସର ସହପାଠିନୀ ଥିଲା ପ୍ରେରଣା । ସୁନ୍ଦରୀ ହସକୁରୀ ମୁହଁଟି ତା'ର ସମସ୍ତଙ୍କୁ ମୋହିତ କରିଥାଏ । ଗୋଟେ ଗୋଟେ ହୋଇ କେତେ ସାଙ୍ଗ ଗଲେଣି । ୫୦ବର୍ଷ ବୟସ କେବେ ବି ଏମିତି ଧକ୍କା ଲାଗିନଥିଲା ନରେନ୍ଦ୍ରକୁ । ଏଇ ତ ପଡିଶା ଘର ଶ୍ୟାମ ବାବୁଙ୍କ ସ୍ତ୍ରୀ ଗଲାଦିନ ସେ ତାଙ୍କୁ ଦେଖା କରିବାକୁ ଯାଇଥିଲା । `କେହି ରହିନାହିଁ, ଜନ୍ମ ହେଲେ ମରଣ ସୁନିଶ୍ଚିତ । ତାଙ୍କର ସମୟ ସରିଗଲା ସେ ଚାଲିଗଲେ' କହି ସାନ୍ତ୍ୱନା ଦେଇଥିଲା କୋଳରେ ୪ବର୍ଷର ଝିଅକୁ ଧରି କାନ୍ଦୁଥିବା ଶ୍ୟାମବାବୁଙ୍କୁ । ଆଉ ଆଜି ପ୍ରେରଣା ତ ଥିଲା ୫୦ବର୍ଷର । ନାତିନାତୁଣୀର ଭରପୁର ସଂସାରରୁ ସେ ବିଦାୟ ନେଇଥିଲା । ନରେନ୍ଦ୍ରକୁ । ଲାଗୁଥିଲା ଯେମିତି, ଆଜି ଶ୍ରୀ ପାଖରେ ନିଶ୍ଚୟ ଧରାପଡିଯିବ । କ'ଣ କହିବ ଶ୍ରୀକୁ । ପ୍ରେରଣା ସହ ସେମିତି କିଛି ବି ତ ସମ୍ପର୍କ ନଥିଲା । ବିନା ସମ୍ପର୍କରେ ଏତେ ଆସକ୍ତି କାହିଁକି ବୁଝିପାରିନି ନରେନ୍ଦ୍ର । ପ୍ରେରଣା ଥିଲା ପ୍ରେରଣାଟିଏ । ସବୁ ସାଙ୍ଗଭିତରେ ନିଆରା ସାଙ୍ଗଟିଏ । ସେ ଥିଲା ସମସ୍ତଙ୍କର ପ୍ରିୟ । ଯିଏ ତା ସହ ଥରେ ମାତ୍ର କଥା ହେଉଥିଲା ସେ ଭାବୁଥିଲା କେବଳ ସେ

 Magazine Downloaded from www.aahwaan.com

ହିଁ ପ୍ରେରଣା ର ଅତି ପ୍ରିୟ, ଅତି ନିଜର । ଯେମିତି ସ୍ୱର୍ଗ ଅପସରୀର ଯାଦୁବାଡି ଛୁଇଁ ଛୁଇଁ ଯାଉଥିଲା ହୃଦୟରୁ ହୃଦୟକୁ । ପ୍ରେରଣା ସେମିତି ମନରେ ରହିଯାଇଥିଲା ୧୩/୧୪ ବର୍ଷର କିଶୋରୀଟିଏ ହୋଇ । ତା'ର ପୌଢତା; ବାର୍ଦ୍ଧକ୍ୟତା ଆସିନପାରେ । ମୃତ୍ୟୁର ଶୀତଳ ସ୍ପର୍ଶ ତାକୁ ଛୁଇଁନପାରେ । ପ୍ରେରଣାର ମୃତ୍ୟୁକୁ ସହଜ ଭାବରେ ଗ୍ରହଣ କରିପାରୁନଥିଲା ନରେନ୍ଦ୍ର । ମନ ବି କଥା ଦେଇଥିଲା । ଏଥର ପୂଜା ଛୁଟିରେ କୁଆଡେ ନୁହେଁ ସେଇ ପ୍ରେରଣା ପାଖକୁ ବୁଲେଇନେବାପାଇଁ । ପୂଜା ଛୁଟି ହେବାପାଇଁ ମାତ୍ର ୧୫ଦିନ । ମନେ ମନେ ପ୍ରସ୍ତୁତି କରିନେଇଥିଲା ନରେନ୍ଦ୍ର । ମାନସିକ ପ୍ରସ୍ତୁତି ନଥିଲେ ସେ କିଛି ବି କରିପାରେନି । ବଡ ଅଜବ ହୃଦୟଟିଏ ତା'ର । ସମୟ ସବୁ ଯେମିତି ସତ୍ୟ କରାଇନିଅନ୍ତି, ସେମିତି ଭାବେ ନରେନ୍ଦ୍ର । ଏକ ଦୁଇ କରି ଦିନ ଗଣୁଥିଲା ସେ । ଆଜି ରାତିରେ ହିଁ ସେ ଶ୍ରୀକୁ କହିଥାନ୍ତା ସେମାନଙ୍କ programme କଥା । କେତେଥର ପ୍ରେରଣା କଥା କହିଲାବେଳେ ଶ୍ରୀ ତାକୁ ଚିଡେଇଛି ତା'ର ବିହ୍ୱଳତା ଦେଖି । "ଆଉ କିଛି ଥିଲା କି ପ୍ରେରଣା ଅପା ସହ ' ! । ନରେନ୍ଦ୍ର ହସିଦିଏ । ଏବେ ଯେମିତି ପ୍ରତି କଥାରେ young mass ର ଭଲପାଇବାର ସଙ୍କେତ । ସେତେବେଳେ ସେମିତି ନଥିଲା । ଆଉ କାହାକଥା ଛାଡ, ନରେନ୍ଦ୍ର କେତେଥର ନିରୋଳାରେ ନିଜକୁ ବୁଝିବାକୁ ଚେଷ୍ଟା କରିଛି । ଶ୍ରୀକୁ ପାଇ ସେ ସୁଖୀ ହୋଇଛି । ମନ ତା'ର ଊର୍ଦ୍ଧ୍ୱମୁଖୀ ହୋଇଛି ଏଇ ଶ୍ରୀକୁ ପାଇ ।

ରାସ୍ତାଟା ସରୁନି ଯେମିତି । ଦୂରରୁ ଗେଟ୍ ପାଖରେ ଶ୍ରୀକୁ ଦେଖିନେଲା ନରେନ୍ଦ୍ର । ରାତ୍ରୀ ଆସି ୧୧ଟା ହେବାକୁ ଯାଉଛି । ଶ୍ରୀ କଣ୍ଠର ବ୍ୟାକୁଳତା, ତାକୁ ଦେଖି କ୍ରୋଧର ରୂପ ନେଉନେଉ ଥମ୍ କରି ରହିଗଲା, ନରେନ୍ଦ୍ରର ମୁହଁ ଦେଖି । ଏଇ ମାଘ ମାସର ଶୀତରେ ବି ବର୍ଷା ଭିଜା ନରେନ୍ଦ୍ରର ମୁହଁଟି ବଡ ଦୟନୀୟ ଦିଶୁଥିଲା । ଏଇ ଯେମିତି ପ୍ରଥମ କରି ଦେଖୁଛି

 Magazine Downloaded from www.aahwaan.com

ଶ୍ରୀ । ନରେନ୍ଦ୍ର ଦେଇ ଝଡ ଟିଏ ବହିଯାଇଥିବାର ଅନୁମାନ କରି ନିଜ ଘର ଭିତରକୁ ନରେନ୍ଦ୍ରକୁ ଅନୁସରଣ କଲା ଶ୍ରୀ । ଖାଇବାକୁ ମନାକରି ବିଛଣାକୁ ଉଠିଲା ବେଳେ ପରିବେଶକୁ ଟିକେ ହାଲୁକା କରିବାକୁ ଶ୍ରୀ କହିଲା 'କଣ ମନ ଭାଇଙ୍କ ସହ ୫୦ ବର୍ଷୀୟା କିଶୋରୀମାନଙ୍କ ସ୍ୱାଦରେ କିଛି ଅଧିକା ଖାଇଦେଲକି ? ତା କଥାରେ ଆଜି ମନଖୋଲି ହସିବାକୁ ବି ଶକ୍ତି ନଥିଲା ନରେନ୍ଦ୍ରର । ଖାଲି ଶୋଇବାକୁ ଯାଉ ଯାଉ କହିଲା ଆମେ ଭୋରରୁ ପ୍ରେରଣା ଘରକୁ ଯିବା । ନିଶ୍ଚୟ କିଛି ହୋଇଛି ଅନୁମାନ କରି ଶ୍ରୀ ଥରି ଉଠିଲା । ପଚାରିଲା ଧୀରେ 'କଣ ହେଲା କି' ?

ପ୍ରେରଣା ଅବେଳରେ ଚାଲିଗଲା କହିଲା ନରେନ୍ଦ୍ର ।

 Magazine Downloaded from www.aahwaan.com

# ଜାତିପ୍ରଥା

ସେଦିନ ମୁଁ ଆମ ଗାଁ ପାଖ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥାଏ ॥ ଦର୍ଶନ ସାରି ଫେରିଲା ବେଳକୁ ଗୋଟେ କଥା ମନେ ପଡିଗଲା ॥ ପୂଜାରୀ ନନାଙ୍କୁ ଯାଇ ପଚାରିଲି, ଆଚ୍ଛା କହିଲ ନନା ମୁଁ ଶୁଣିଛି ରାତି ହେଲେ ଏଇ ମନ୍ଦିର ପାଖରେ କିଛି ବିଚିତ୍ର ଘଟଣା ଘଟିଥାଏ ॥ ଯେମିତିକି ଦୁଇଟି ନାରୀ, ପୁରୁଷର ଛାୟା ଚିତ୍ର ଦେଖିବାକୁ ମିଳେ ଆଉ ବେଳେବେଳେ କ୍ରନ୍ଦନ ଶୁଭି ଥାଏ ॥ ଏହା କଣ ସତ କି ?? ମୋ କଥା ଶୁଣି ନନା କହିଲେ ତୁ ଠିକ୍ ଶୁଣିଛୁ ॥ ନନାଙ୍କ କଥା ଶୁଣି ବାସ୍ତବ ଘଟଣା ଜାଣିବା ପାଇଁ ମନରେ କୌତୁହଳ ସୃଷ୍ଟି ହେଲା ॥ ଏମିତି କଣ ଘଟିଥିଲା କି ନନା ଯାହା ଆଜି ବି ଦୁଇଟି ଅତୃପ୍ତ ଆତ୍ମା ବିଳାପ କରୁଛନ୍ତି ?? ସେ ବିଷୟରେ ଆପଣ କିଛି ଜାଣିଛନ୍ତି କି କହିବେ ?? ମୋ କଥା ଶୁଣି ନନା କହିଲେ ମୁଁ ଯେତିକି ଜାଣିଛି କହୁଛି ଶୁଣ....... ସେଦିନ ଥାଏ 12/09/2016 ସମୟ ଦିନ 3ଟା ॥ ଆକାଶ ନମ୍ବରକୁ ଗୋଟେ ଅଜଣା ନମ୍ବରରୁ call ଆସିଲା......



ଅନିଲ୍ ସାହୁ

( ଆକାଶ ଓ ସ୍ୱାତୀ ଚରିତ୍ର )....................

ଆକାଶ - hello.......

ସ୍ୱାତୀ - କେମିତି ଅଛ ଆକାଶ ??

ଆକାଶ - ଭଲରେ ଅଛି ବୋଲି ତ କହି ପାରିବିନି, ତୁମ ଅନୁପସ୍ଥିତି

 Magazine Downloaded from www.aahwaan.com

ହୃଦୟରେ ସୃଷ୍ଟି କରିଥିବା କ୍ଷତ ଆଜି ବହୁତ ଯନ୍ତ୍ରଣା ଦେଉଛି ।। ତୁମେ କେମିତି ଅଛ ସ୍ୱାତୀ ??

ସ୍ୱାତୀ - ମରି ମରି ବଞ୍ଚିବାର ଅଭିନୟ କରୁଛି ଆକାଶ ।। ତାହେଲେ ତୁମେ ମୋତେ ଚିହ୍ନି ପାରିଲ ।।

ଆକାଶ - ତୁମେ କଣ ଭାବୁଛ ଏଇ କିଛି ଦିନର ବ୍ୟବଧାନ ଭିତରେ ମୁଁ ତୁମକୁ ଚିହ୍ନି ପାରିବିନି ।। ତୁମ ସହିତ ଘଣ୍ଟା ଘଣ୍ଟା ଧରି କଥା ହେଲା ବେଳେ ମୁଁ ତୁମ କଥାରୁ ତୁମ ମନର ବ୍ୟଥା କହି ପାରୁଥିଲି ପୁଣି ଆଜି ତୁମକୁ ଭୁଲି ଯିବି ।। ନୂଆ ଘର, ଚାକିରିଆ ବର, ଧନ ସମ୍ପତି କୌଣସିଥିରେ ତୁମର ଅଭାବ ନାହିଁ ।। ତୁମ ଦିନ ବହୁତ ଖୁସିରେ କଟୁଥିବ ନା ??

ସ୍ୱାତୀ - ମୋ ପାଖରେ ଆଜି ସବୁ କିଛି ଅଛି ହେଲେ ସୁଖ ମୋ ପାଇଁ ସାତ ସପନ ।।

ଆକାଶ - ଏମିତି କାହିଁକି କହୁଛ କଣ ହୋଇଛି ତୁମର ??

ସ୍ୱାତୀ - ଯାହା ସତ ସେଇ କଥା କହୁଛି ।। ସବୁ ବାପା, ମା ପିଲାଙ୍କ ବାହାଘର ସାରି ଦେଇ ଭାବନ୍ତି ନିଜ ଦାୟିତ୍ୱରୁ ମୁକ୍ତ ହୋଇ ଗଲେ ।। ହେଲେ ଥରୁଟିଏ କେହି ମନ କଥା ପଚାରି ବୁଝନ୍ତିନି ।

ଆକାଶ - ତୁମେ କଣ ଏ ବାହାଘରରେ ଖୁସି ନୁହେଁ ??

ସ୍ୱାତୀ - ହୋମ ଅଗ୍ନିକୁ ସାକ୍ଷୀ ରଖି ହାତରେ ହାତ ଗଣ୍ଠି ପଡିଗଲେ ଏ ଦୁନିଆଁ ଏହାକୁ ବିବାହର ସ୍ୱୀକୃତି ଦେଇଥାଏ ସତ, କିନ୍ତୁ ମୁଁ ନୁହେଁ ।। ଯେଉଁଠି ମନ ସହିତ ମନ ମିଶୁନି, ହୃଦୟ ସହିତ ହୃଦୟର ମିଳନ ନାହିଁ ସେ ବିବାହର ମୂଲ୍ୟ କଣ ??

ଆକାଶ - ସେ ସବୁ କଥା ଭାବି ଏବେ ଲାଭ କଣ ?? ଯେତେବେଳେ ଏ ଦୁନିଆଁ ଜାତିପ୍ରଥାର ଦ୍ୱାହି ଦେଇ ତୁମ, ମୋ ଭିତରେ ଲକ୍ଷ୍ମଣଗାର ଟାଣି ଦେଲା ସେତେବେଳେ ତ ମୁଁ ତୁମକୁ

 Magazine Downloaded from www.aahwaan.com

କହିଥିଲି ଚାଲ ଘର ଛାଡି ପଳେଇବା ।। କିନ୍ତୁ ତୁମେ ମୋତେ ମନା କରିଥିଲ ଆଉ କହିଥିଲ ପ୍ରେମର ମାନେ ଶଙ୍ଖା ସିନ୍ଦୁର ନୁହେଁ ।। ଆଉ ଏ କଥା ବି କହିଥିଲ ଆମର କିଛି ପରିବାର ପ୍ରତି କର୍ତ୍ତବ୍ୟ ଅଛି ।। ନିଜ ପରିବାରକୁ ସମ୍ମାନ ଜଣାଇ ନିଜ ଇଚ୍ଛାରେ ବାହା ହେଲ ।। ଏବେ ଏ ସବୁ କଥା କାହିଁକି କହୁଛ ??

ସ୍ୱାତୀ - କହିବା ଓ କରିବା ଭିତରେ କେତେ ତଫାତ୍ ମୁଁ ଆଜି ନିଜେ ଜାଣୁଛି ।। ଗୋଟେ କଥା କହିବି ରଖିବ ଆକାଶ ??

ଆକାଶ - କଣ କୁହ ??

ସ୍ୱାତୀ - ତୁମେ ମୋତେ ଏଠୁ ନେଇ ଯାଅ ।।

ଆକାଶ - ତୁମ ମୁଣ୍ଡ ଠିକ୍ ଅଛି ତ କଣ କହୁଛ ନିଜେ ଜାଣି ପାରୁଛ ?? ତୁମେ ଜଣେ ବିବାହିତା ନାରୀ, ଆଉ କାହା ସ୍ତ୍ରୀ ।।

ସ୍ୱାତୀ - ତୁମେ ମୋତେ ଏଠୁ ନେବ ନା ମୁଁ ଆତ୍ମହତ୍ୟା କରିବି ।।

ଆକାଶ - ତୁମକୁ ବୁଝେଇଲା ପରେ ବି କାହିଁକି ନିଷ୍ଠୁର ସତ୍ୟକୁ ମାନିବାକୁ ରାଜି ନୁହେଁ ?? ତୁମେ ଏବେ ଆଉ କାହା ସ୍ତ୍ରୀ ??

ସ୍ୱାତୀ - କେହି ହାତରେ ଶଙ୍ଖା ମଥାରେ ସିନ୍ଦୁର ପିନ୍ଧି ଦେଲେ ଏ ସମାଜ ତାକୁ ସ୍ତ୍ରୀର ମାନ୍ୟତା ଦେଇ ଥାଏ ସତ ।। କିନ୍ତୁ ଆଜି ବି ତ ତୁମେ ମୋ ମନ ମନ୍ଦୀରେ ଦେବତା ରୂପରେ ପୂଜା ପାଉଛ ।।

ଆକାଶ - ତୁମେ କଣ ଭାବୁଛ ଆଉ ଥରେ ମୋ ପାଇଁ ହାତରେ ଶଙ୍ଖା, ମଥାରେ ସିନ୍ଦୁର ପିନ୍ଧି ମୋ ଘରକୁ ବୋହୂ ହୋଇ ଆସି ପାରିବ ??

ସ୍ୱାତୀ - ତୁମ ପାଇଁ ହାତରେ ଶଙ୍ଖା, ମଥାରେ ସିନ୍ଦୁର ପିନ୍ଧି ପାରିବି ।। ହୁଏତ ତୁମ ଘରକୁ ଯାଇ

 Magazine Downloaded from www.aahwaan.com

ନପାରେ ଆମେ ଅଲଗା କେଉଁଠି ରହିବା ॥

ଆକାଶ - ତାହେଲେ ମନେ ରଖ ସବୁ ଅପବାଦ କଳଙ୍କକୁ ମୁଣ୍ଡରେ ମୁଣ୍ଡାଇ ଜୀବନର ବାଟ ଚାଲିବାକୁ ହେବ ସେତେବେଳେ ଆମ ପାଖରେ ଆତ୍ମୀୟସ୍ୱଜନ କେହି ନଥିବେ କେବଳ ମୁଁ ଥିବି ॥

ସ୍ୱାତୀ - ଜାଣିଛି..... କେବଳ ତୁମେ ହିଁ ଦରକାର ଆକାଶ ଆଉ ମୁଁ କିଛି ଚାହେଁନା ॥

ଆକାଶ - ଯଦି ଜୀବନର ଚଲାବାଟ ଚାଲୁ ଚାଲୁ ମୋର କିଛି ହୋଇ ଯାଏ ତୁମେ କଣ କରିବ ସ୍ୱାତୀ ??

ସ୍ୱାତୀ - ତୁମକୁ ମୋ ରାଣ ସେମିତି କଥା ଆଉ କେବେ କହିବନି ॥ ତୁମେ କଣ ଭାବୁଛ ଅଧା ବାଟରେ ମୋତେ ଠକି ଦେଇ ଚାଲିଯିବ ॥ ମୁଁ ତୁମ ପାଖକୁ ଯାଇ ପାରିବିନି ?? ତୁମେ ଯେଉଁଠିକି ଯିବ ମୁଁ ତୁମ ସାଙ୍ଗରେ ଯିବି ॥

ଆକାଶ - ଏବେ ବି ମୋତେ ଏତେ ଭଲ ପାଅ ??

ସ୍ୱାତୀ - କଣ ବିଶ୍ୱାସ ହେଉନି, ପ୍ରମାଣ ଦେବାକୁ ପଡିବ ??

ଆକାଶ - ନା ଥାଉ, ପ୍ରମାଣର କିଛି ଆବଶ୍ୟକ ନାହିଁ ॥ ତୁମ ଉପରେ କାଲି ବିଶ୍ୱାସ ଥିଲା, ଆଜି ଅଛି ଆଉ ଆସନ୍ତା କାଲି ବି ଥିବ ॥ ତାହେଲେ ଠିକ୍ ଅଛି ତୁମେ ଯଦି ମୋ ପାଇଁ କଳଙ୍କର କାଳିମା ପିନ୍ଧିବାକୁ ରାଜି, ମୁଁ ବି କଥା ଦେଉଛି ତୁମ ପାଇଁ କଳଙ୍କର ଟୀକା ପିନ୍ଧିବାକୁ ପ୍ରସ୍ତୁତ ॥ କିନ୍ତୁ !!!!!!!!!!!

ସ୍ୱାତୀ - ପୁଣି କିନ୍ତୁ କଣ ଆକାଶ ??

ଆକାଶ - ଗୋଟିଏ ସର୍ତ୍ତରେ.....

ସ୍ୱାତୀ - ସର୍ତ୍ତ !!! ଭଗବାନଙ୍କ ରାଣ ନେଇ କହୁଛି ମୁଁ ତୁମର ସବୁ ସର୍ତ୍ତରେ ରାଜି ॥

 Magazine Downloaded from www.aahwaan.com

ଆକାଶ - ମୋ ସର୍ତ୍ତ ତ ଥରେ ଶୁଣ ॥

ସ୍ୱାତୀ - ଭଗବାନଙ୍କ ନାଁ ନେଇ ସାରିଛି ମାନେ ସର୍ତ୍ତ କଣ କୁହ ??

ଆକାଶ - ତାହେଲେ ଶୁଣ, ମୁଁ ତୁମକୁ ହାତରେ ଶଙ୍ଖା, ମଥାରେ ସିନ୍ଦୁର ଦେଇ ସାରିବା ପରେ ଏ ଦୁନିଆଁ ତୁମକୁ ଆଙ୍ଗୁଠି ଦେଖେଇ କଳଙ୍କିନୀ କହିବା ଆଗରୁ ଆମେ ସବୁ ଦିନ ପାଇଁ ବହୁଦୂରକୁ ଚାଲିଯିବା ॥ କଣ କହୁଛ ??

ସ୍ୱାତୀ - ମୁଁ ତୁମ ସର୍ତ୍ତରେ ରାଜି ॥

ଆକାଶ - ଆଚ୍ଛା କୁହ କେଉଁ ଦିନ ଯିବା ??

ଆଜି ଠିକ୍ ରାତି 10ଟା, ଆମ ଘର ପାଖ ସାମ୍ନା ମନ୍ଦିର ପଛ ପାଖରେ ଦେଖା ହେବ ॥

( ସମୟ ରାତି 10ଟା)................

ଆକାଶ - ଦେଖ ସ୍ୱାତୀ, ତୁମ ମୋ ବ୍ୟତୀତ ଏଠି କେହି ନାହାନ୍ତି ॥ ହଁ କେବଳ ଜଣେ ଅଛନ୍ତି ସେ ହେଉଛନ୍ତି ଭଗବାନ ॥

ହେ ସୃଷ୍ଟିର ସ୍ରଷ୍ଟାକର୍ତ୍ତା ମୁଁ ଏବେ ଯାହା କରିବାକୁ ଯାଉଛି ଏହା ପାପ କି ପୂଣ୍ୟ ମୁଁ ନିଜେ ଜାଣିନି ?? ଯଦି ତୁମ ବିଚାରରେ ପାପ ହୋଇଥାଏ ତୁମେ ଯାହା ଦଣ୍ଡ ଦେବ ମୁଁ ସ୍ୱୀକାର କରିବି ॥ କିନ୍ତୁ ତୁମକୁ ଅଜି ସାକ୍ଷୀ ରହିବାକୁ ପଡିବ ॥ ଏଠି ବ୍ରାହ୍ମଣ ନାହିଁ, ବେଦ ମନ୍ତ୍ରର ଧ୍ୱନି ଶୁଭୁନି କି ହୋମ ଅଗ୍ନି ଜଳୁନି କିନ୍ତୁ ତୁମକୁ ମୁଁ ସାକ୍ଷୀ ରଖି ସ୍ୱାତୀ ହାତରେ ଶଙ୍ଖା, ମଥାରେ ସିନ୍ଦୁର ଦେଉଛି ॥ ଆଜିଠୁ ସ୍ୱାତୀ ମୋର କେବଳ ମୋର ॥ ଦେଖ ସ୍ୱାତୀ ମୁଁ ମୋ କଥା ରଖିଛି ॥

ସ୍ୱାତୀ - ତୁମେ କଣ ଭାବୁଛ ଆକାଶ, ମୁଁ ମୋ ସର୍ତ୍ତ ଭୂଲି ଯିବି ଯମା ନୁହେଁ...... .............

( ପୁଣି ଥରେ କାହାଣୀର ପୂର୍ବ କଥପୋକଥନରୁ )

 Magazine Downloaded from www.aahwaan.com

ଏତିକି କହି ବିଚାରୀ ସ୍ୱାତୀ ସାଙ୍ଗରେ ଆଣିଥିବା ବିଷ ପିଇ ଦେଲା, ବିଚରା ଆକାଶ ପାଖରେ ଆଉ କିଛି ଉପାୟ ନଥିଲା ॥ ସେ ବି ବିଷ ପିଇ ଟଳି ପଡିଲା ॥ ଯନ୍ତ୍ରଣା ସହ୍ୟ କରି ନପାରି ଦୁହେଁ ଚିତ୍କାର କରିବାକୁ ଲାଗିଲେ ॥ ହଠାତ୍ ମୋ ନିଦ ଭାଙ୍ଗିଗଲା ମୁଁ ଆସି ଦେଖିଲା ବେଳକୁ ଦୁହେଁ ସବୁ ଦିନ ପାଇଁ ଆଖି ବୁଜି ଦେଇଛନ୍ତି ॥ ସେହି ଦିନଠାରୁ ବେଳେବେଳେ ଏମିତି ଦେଖିବାକୁ ମିଳେ ॥

ଆଚ୍ଛା କହିଲ ନନା, ଏ ଦୁନିଆଁ ଜାତିପ୍ରଥାର ଦ୍ୱାହି ଦେଇ ଏମିତି ଆଉ କେତେ ଦିନ ପ୍ରେମୀ ଯୁଗଳଙ୍କୁ ଅଲଗା କରିବ ॥ କେତେ ଯେ ଆଉ ନିରୀହ ଜୀବନ ଏମିତି ବଳି ପଡିବେ ॥ ଏହାର କଣ କିଛି ସମାଧାନ ନାହିଁ ??

କିଏ ଜାଣେ ପୁଅ ଏହାର ଉତ୍ତର କାହା ପାଖରେ ଥାଇ ପାରେ ??

ଇଶ୍ୱରାପାଳ - ରାସୋଳ - ଢେଙ୍କାନାଳ

ଭ୍ରାମ୍ୟଭାଷ : ୯୮୫୩୨୨୦୧୪୩

Magazine Downloaded from www.aahwaan.com

# ଘୁଙ୍ଗୁଡ଼ି

ସତରେ, ଭୁବନେଶ୍ୱର ଭଳି ସହରରେ ଆଉ ଘର ଭଡା ନେଇ ରହିହେବନି ! ହାତ ପାଉନି ସେ ଘରଭଡା ଦରକୁ ... ! ତଥାପି ନ ନେଲେ ନଚଳେ । ଦୁଇ ବନ୍ଧୁଙ୍କ ମିଳିତ ଉଦ୍ୟମରେ ଘରଟିଏ ଠିକ କଲୁ । ଘର ଭଡା ବାବଦକୁ ଅଧା ଅଧା ଭାଗ ପଡିଲା । ଏମିତି କିଛି ଦିନ ଅତିକ୍ରାନ୍ତ ହୁଅନ୍ତେ ଜଣେକ ବନ୍ଧୁ ସଚିବାଳୟ ଏଠାରୁ ଅନେକ ଦୂର ହେଉଛି କହି କାର୍ଯ୍ୟାଳୟ ପାଖା ପାଖି ଦେଖି ଘରଭଡା ନେବବୋଲି କହିଲା ।

ଅନ୍ୟ ବନ୍ଧୁ ମାନେ ମତେ ପୁଛା କଲେ ତମେ ଦିଜଣ ତ ଖୁବ ଘନିଷ୍ଠ ବନ୍ଧୁ ସେ ଅଲଗା ହୋଇ ରହିବାର ହେତୁ ..?? ହେତୁଟା ଏହି ପରି ଯଦିଓ ତିନି ସେଣା ଦେଇ ମୋ ଆଗରେ ଉଭା ହେଲା ..



ଅଶୋକ କୁମାର ସେଠୀ

"ମୁଁ କୋଉଦିନ ରାତିରେ ଭଲ ନିଦଟେ ଶୋଇପାରନ୍ତି ଭଲା ? ସେ ନିତି ରାତିରେ ଖୁବ ଜୋରରେ ଘୁଙ୍ଗୁଡ଼ି ମାରେ ପାଖରେ ଅଜଣା ଲୋକ ଯଦି କିଏ ଶୋଇବ ନିଶ୍ଚିତ ଛାନିଆ ହୋଇଯିବ ।" ସେ କଥା ଛଳରେ ଏମିତି ଏକ ସ୍ମୃତିକୁ ଉଖୁରେଇ ଦେଲା ସତେ ଅବା ଶୁଖି ଯାଇଥିବା ଘା' ପୁଣି କ୍ଷତାକ୍ତ ହୋଇ କଞ୍ଚା କିଛି ଅଭୁଲାସ୍ମୃତି ... ଏମିତି ଏକ ନିଛକ ଅଙ୍ଗେନିଭା କଥା ସେତେବେଳେ ..

 Magazine Downloaded from www.aahwaan.com

ଜୀବନର ଶେଷ ପାହାଚରେ ବୃଦ୍ଧ ବାପା ମା । ଥର ଥର ତାଙ୍କ ଶୀର୍ଣ୍ଣ ଶରୀର । ବେଳ ଗଡ଼ି ବଳ ଭାଙ୍ଗିଯାଇଥାଏ । ଅତି ସରାଗରେ ଲଗେଇଥିବା ଚାରାଟି ଆଜି ମହାଦ୍ରୁମରେ ହରାଭରା ହେଲେ ଛାଇଟିକେ ଦେବାକୁ ଅସମର୍ଥ । ଚାରିଚାରିଟା ପୁଅକୁ ନେଇ ଆଣ୍ଟ କରୁଥିବା ଆଶାର ଆଜି ଅଣ୍ଟା ଭାଙ୍ଗି ଯାଇଛି । ଯେତେବେଳେ ଏ ଅଶୀତିପର ବୟସରେ ପିଲାମାନେ ବାପା ମା'କୁ ମୁଠେ ଦେବାକୁ କୁଣ୍ଠା ବୋଧ କରୁଛନ୍ତି ସେ ବା ଆଉ କଣ କରିପାରିଥାନ୍ତେ .. !

ଅଶୀତିପର ବୟସରେ ବୁଢା ବୁଢ଼ୀ ଦି ଜଣ ଅଲଗା ରୋଷେଇ କରି ଖାଆନ୍ତି । ଚାରି ଚାରିଟା ପୁଅ ସଭିଏଁ ସ୍ୱଚ୍ଛଳ । ସମସ୍ତଙ୍କର ଚାରି ଚାରି ବଖରାରୁ ଅଧିକ ଘର । ବୃଦ୍ଧ ବାପାମାଆଙ୍କୁ କଣ ଠେସା କରି ରଖନ୍ତି ବାଡ଼ି ପଟ ନୁଆଁଣିଆ ଯେଉଁ ଘରଟି । କିଛି ଦିନ ଅନ୍ତେ ବୁଢା ବାପଟି ଇହଧାମ ତ୍ୟାଗ କଲା ପରେ ସେ ଘରଟି ମଧ୍ୟ ଭାଗ ବଣ୍ଟାବଣ୍ଟିରେ ଚାଲିଗଲା । ବୁଢ଼ୀ ମାଆଟି ଏକା ହୋଇଯାଏ । ପାଳି କରି ଖାଇବାକୁ ଦେବେ ବୋଲି ଚାରିପୁଅ ଯୋଜନା କଲେ । କିନ୍ତୁ ରାତିରେ କିଏ ପାଖରେ ରଖିବାକୁ ଇଚ୍ଛୁକ ନଥାନ୍ତି । ତେଣୁ ବୁଢ଼ୀ ମା' ମୋ ରୁମରେ ଶୁଏ ।

ମୋ ରୁମରେ ଆମେ ନାନୀ ମୁଁ ଆଉ ବୁଢ଼ୀ ମାଆ ଶୋଉ । ବୁଢ଼ୀ ମାଆ କିନ୍ତୁ ଖୁବ ଜୋରରେ ଘୁଙ୍ଗୁଡ଼ି ମାରେ । ସେଥିପାଇଁ ମୋର ନିଦ ଭାଙ୍ଗିଯାଏ । ସବୁଦିନ ଅଧ ରାତିରେ ଘୁଙ୍ଗୁଡ଼ି ଯୋଗୁଁ ମୋ ନିଦ ଭାଙ୍ଗିଯାଏ ଆଉ ଭଲରେ ନିଦ ହୁଏନି । ଏଣେ ମତେ ପାହାନ୍ତାରୁ ଦୌଡ଼ିବାକୁ ହୁଏ । ଭାରି ବିରକ୍ତିକର ଲାଗୁଥାଏ । ଏମିତି ଦିନକର ଘଟଣା ସେଦିନ ସେ ଜୋର ଜୋରରେ ଘୁଙ୍ଗୁଡ଼ି ଶବ୍ଦରେ ମୁଁ ଆଉ ଶୋଇ ପାରିଲିନି । ନାନୀ.. !, ବୁଢ଼ୀ ମାଆକୁ ଆଉ କୋଉଠି ଶୋଇବାକୁ କହିବୁ, ମୁଁ ଶୋଇ ପାରୁନି ତା ଘୁଙ୍ଗୁଡ଼ିରେ .. ! ! ଧୀରେ କହ ବୁଢ଼ୀ

 Magazine Downloaded from www.aahwaan.com

ମାଆ ଶୁଣିଲେ କଣ ଭାବିବ... ? ଶୁଣିଲେ ଶୁଣୁ ମୁଁ ନହେଲେ କାଲି ଠୁ ଏଇଠି ଶୋଇବିନି.. ! ବୁଢ଼ୀ ମାଆ ଆମ କଥା ଶୁଣି ତା ଘୁଙ୍ଗୁଡ଼ି ବନ୍ଦ ହେଇ ଯାଇଛି କିଛି ସମୟ ନିରବ ରହିଲା ପରେ, କାନ୍ଦ କାନ୍ଦ ହୋଇ କୋହ ଭରା ହୋଇ କହିଲା, "ହଇରେ ପବି.. ! ଶେଷରେ ତୁ ଏମିତି କହିଲୁ ..?? ଓହୋ..! ସେ କଥା ମନେ ପଡିଗଲେ ଏବେ ବି ମତେ ଦଂଶନ କରୁଛି..! ହଠାତ କେମିତ ପଥରଟେ ବରଫ ଭଳି ତରଳି ଗଲା । ମତେ ରାତି ସାରା ଆଉ ନିଦ ନାହିଁ ସେ କଥା ଖାଲି ଭଳି ହେଉଥାଏ, କାହିଁକି ମୁଁ ଏମିତି କହୁଥିଲି ..!! ମନେ ପଡ଼ିଯାଏ ବୁଢ଼ୀ ମାଆର ଆଦର, ମୋ ମୁହଁକୁ ଆଉଁସି ତା କାନିରେ ପୋଛିଦେଇ କହେ, "ପିଲାଟା ଗଡ଼ (ନୟାଗଡ଼)କୁ ଦୌଡ଼ି ଦୌଡ଼ି କାଇଲା ପଡ଼ିଗଲାଣି" କଲେଜକୁ ବାହାରିଲା ବେଳେ ମୋ ହାତରେ ୧୦ ଟଙ୍କାଟେ ଗୁଞ୍ଜିଦିଏ, ପିଲାବେଳେ ମତେ କାଖେଇ ଦାଣ୍ଡ ଓଷାରେ ଦାଣ୍ଡ ପହଁରେ, ମୋ ପାଇଁ କାନିରେ କିଛି ପୁଡିଆ ଲୁଚେଇ ରଖିଥାଏ, ମୁଁ ରାତିରେ ଶୋଇଲା ବେଳେ ମୋ ଗୋଡ଼ରେ ତେଲ ଘଷିଦିଏ କହେ, ତୁ ନିତି କାହିଁକି ଏତେ ଧାଁ ଧପଡ଼ କରୁଛୁ କହିଲୁ ? ଏମିତ କେତେ କଥା ସବୁ ମୋ ଆଖି ଆଗେ ନାଚି ଯାଉଥାଏ । ବୁଢ଼ୀ ମାଆର ସେ ରାତିରେ ଘୁଙ୍ଗୁଡ଼ି ଶୁଭିନି (ସେ ମଧ୍ୟ ରାତି ସାରା ଶୋଇନି) । ଏ କଥା ବାପାଙ୍କ କାନରେ ପଡିଲା । ବାପା କହିଲେ ଏମିତି କଣ କହନ୍ତି ? କହିଲେ ତାଙ୍କ ମନ କଷ୍ଟ ହେବନି..!! ତା' ପର ଦିନଠୁ ଘୁଙ୍ଗୁଡ଼ି ଶୁଭୁଥିଲେ ସୁଦ୍ଧା ମୋ ଶୋଇବାରେ କିଛି ଅଡୁଆ ହେଇନି ।

ବୁଢ଼ୀ ମାଆର ଚାରି ଚାରିଟା ବୋହୁ । ପ୍ରାୟ କିଏ ହେଲେ ସେମିତି ବୁଢ଼ୀ ମାଆ ପ୍ରତି ନିଘା ଦିଅନ୍ତି ନାହିଁ କହିଲେ ଚଳେ । ସେଥିରୁ ଜଣେ ବୋହୂ ଖୁବ ଧୁର୍ତ୍ତ ଓ ଖଳ ପ୍ରକୃତିର । ବୁଢ଼ୀ ମାଆ ଆମ ଘରେ ପ୍ରାୟେ ସମୟ ରହେ ଏମିତି ଦିନେ ସେ ବୋହୂର ପାଳିଥାଏ ସେଦିନ ସେ କାହିଁକି ଆଜି ମୋ ଘରକୁ ଆସିନାହିଁ କହି ତାକୁ ଖାଇବାକୁ ଦେଲାନି ଏବଂ ସିଧା ସିଧା

 Magazine Downloaded from www.aahwaan.com

କହିଦେଲା ମୋ ପାଳି ଯୋ ଦିନ ଥିବା ମୋ ଦୁଆରେ ବସିଥିବୁ ଯଦି ଖାଇବାକୁ ଦେବି, ନହେଲେ ସେମିତି ଖାଡା ଉପାସ ରହିବୁ । ଯଦିଓ ସେ ଭଲ ମନ୍ଦ କରି ଖାଏ ବୁଢ଼ୀ ମାଆ ପାଇଁ କେବଳ ଭାତରେ ଆଳୁ ଶିଝେଇ ରଖିଥାଏ । ତା' ପାଳି ଦିନକୁ ଜାଣିକରି ସବୁ ବସି ପାଇଟି ରଖିଥାଏ ଯେମିତି ଖଇ ଛଡ଼େଇବା, ଚାଉଳ ବାଛିବା, ଜାଇ ରଗଡିବା ଏମିତି କେତେ କଣ । ଯଦିଓ ତାକୁ ଏ କଥାରେ ଆକଟ କରାଗଲା ସେ କାମିକା ଲୋକ ଖାଲି ବସିବାକୁ ତାଙ୍କୁ ଭଲ ଲାଗୁନି ବୋଲି ସେ କୁହନ୍ତି । ଏମିତ କୋଉ ହିଡ଼ ହାଣିବା କାମଟେ ଦେଇ ଦେଲି ଯେ ବୁଢ଼ୀ ମାଙ୍କଡ଼ୀ ଯାଇ ସଭିଙ୍କ ଆଗେ ଫବେଇ ହଉଛି .. !

ମୁଁ ସେଦିନ ଦାଣ୍ଡ ପିଣ୍ଡାରେ ଉପରବେଳା ପାକଲା ଗାମୁଛାରେ ଅଣ୍ଟି କରି ମୁଢି ବାରମଜା ଖାଉଥାଏ । ଘରେ କାହାର କାନ୍ଦିବାର ଗୁରାଳି ଶୁଣି ଘରକୁ ଆସି ଦେଖେ ନାଣ୍ଡି ଅପା (ପିଉସୀ) ଆସିଛି । ସେ ଗଲା ଆଇଲା ବେଳେ ଏମିତି ବୁହାଟେ ସମୟ ବାହୁନି କାନ୍ଦେ । ଚାରି ବୋହୁ ଯାକ ତୁନି ହେଇ ଯା ବୋଲି କହୁଥାନ୍ତି ସେ କିନ୍ତୁ ଆପେ ତୁନି ହୋଇଯାଏ ଯେବେ ସେ ତା ବାହୁନିବା ଭିତରେ ସବୁ କଥା କହିସାରେ । ନାଣ୍ଡି ଅପା ଯେତେବେଳେ ଆସେ ଗୋଟେ ବସ୍ତା ଭର୍ତ୍ତି ନେଇକି ଆସେ । କେନ୍ଦୁ, ଆମ୍ବୁଲ, ମହୁଲ, ଟୋଲ, ଟଭା ଏମିତି କେତେ କଣ ଆଣିବାକୁ ଭୁଲି ନଥାଏ । ଆଉ ସାଙ୍ଗରେ ଦୁଇଟି ପୁଡିଆ । ସବୁ ଚାରି ଭାଗ ହୁଏ ଉଣା ଅଧିକାରେ ସଭିଙ୍କର ଆଖି । ସେଦିନ ଅପା ମୋ ରୁମରେ ଶୁଏ । ବୁଢ଼ୀ ମା'ର ଗୋଡ ହାତ ଟିକେ ମୋଡ଼ିଦିଏ । ସେଦିନ ବୁଢ଼ୀ ମା' ମନ ତଳ ନିବୁଜ କୋଠରୀରେ ଜମାଟ ବାନ୍ଧି ରହିଥିବା ସବୁ କ୍ଷୋଭ ଅପା ଆଗେ ଖୋଲେ । ବୁଢ଼ୀ ମା'କୁ ଏତେ ସରି କରନ୍ତି ଶୁଣି ମତେ ବହୁତ ଦୁଃଖ ଲାଗିଲା । କିନ୍ତୁ ଏତେ ସବୁ କଥା ସେ କେମିତି ଯେ ନିଦା ପଥର ଭଳି ସାହିଯାଏ; ତା' ପୁଅ ମାନଙ୍କୁ କହିଲେ ହୁଏତ ଏ ଯାତନା ଠୁ ସେ ଗଞ୍ଜଣା ବଳିଯିବ

 Magazine Downloaded from www.aahwaan.com

ସେଥିପାଇଁ ଚୁପ ଚାପ ସବୁ ସହିଯାଏ । ପୁଣି ସକାଳ ପାଇଲେ ଚିରାଚରିତକୁ ସମ୍ମୁଖୀନ ହେବାକୁ ପଡିବ । ଅପା ଗଲାବେଳେ ବୁଢ଼ୀ ମା ହାତରେ ଶହେ ଦୁଇ ଶହ ଗୁଞ୍ଜି ଦିଏ । ମୁଁ ଏବେ ଜାଣିପାରେ ବୁଢ଼ୀ ମା ମତେ ପଇସା କୋଉଠୁଁ ଆଣିଦିଏ । ଆମେ ଭାଇ ଭଉଣୀ ପଞ୍ଚାଏ ତଥାପି ସେ ସମସ୍ତଙ୍କ ହାତରେ ପାଞ୍ଚ ଦଶ ଦିଏ । କିନ୍ତୁ ସବୁ ବୋହୁମାନେ ହାତଖର୍ଚ୍ଚ ତ ଦୂର୍ କଥା ମୁଗ ଚଣା ଅଡେ କି ବୋଡେ କାଢିଲା ବେଳକୁ କୁହାନ୍ତି । ଧୀରେ ପର୍ବ ପର୍ବାଣିରେ ବେଭାର ବଣିଜ ବି ବନ୍ଦ ହେଇଗଲା । ନାଣ୍ଡି ଅପା କଦବା କେବେ ଆସିଲେ ଆଉ ବାହୁନି କାନ୍ଦୁନି କି ରାତିରେ ବି ରୁହେନି ।

ସେଦିନ ପାହାନ୍ତା ସମୟ ଜାଙ୍ଗୁଲ ଜାଙ୍ଗୁଲ ଅନ୍ଧାର । ଅଲେଖ ଡାକିବା କ୍ଷଣି ମୁଁ ଉଠି ଦୌଡିବାକୁ ପଳାଇଥାଏ । ମୁଁ ଫେରିଲା ବେଳକୁ କେହି ଜଣେ କହିଲେ ଆରେ ତୁ ଏଠି ଦୌଡୁଛୁ କଣ ? ତମ ଘରେ କାନ୍ଦ ବୋବାଳି ପଡିଛି ତୋ ବୁଢ଼ୀ ମା' ଚାଲିଗଲେ ବୋଲି । ମୁଁ ଏକ ନିଶ୍ୱାସେ ଆସି ଘରେ ପହଞ୍ଚିଲି । ମୁଁ ଲଥ କରି ପାହାଚ ଉପରେ ବସି ପଡିଲି କଣ ହେଇଛି ମୁଁ ସଠିକ ଭାବେ ବୁଝି ପାରୁନଥାଏ । ମୋ ଆଖିରୁ ଟୋପେ ବି ଲୁହ ବାହାରୁନଥାଏ ସତେ ଯେମିତି ସବୁ ଲୁହ ଶୁଖି ଯାଇଛି ।

ହଠାତ କରି ମନେ ପଡିଗଲା, କାଇଁ କାଲି ରାତିରେ ତ ବୁଢ଼ୀ ମା ଘୁଙ୍ଗୁଡ଼ି ମାରିବା ବାରି ପାରିନି... !

ମୁଁ ଜାଣିବାରେ ବୁଢ଼ୀ ମା ଦୁଇ ଦିନ କେବଳ ଘୁଙ୍ଗୁଡ଼ି ମାରିନି ଗତ କାଲି ଆଉ ସେ ଦିନ...

ମୁଁ ଆଜି ବୁଝି ପାରୁଛି ସତରେ ବୁଢ଼ୀ ମା'କୁ କେତେ ଆଘାତ ଲାଗିନଥିବ...

କଲ୍ୟାଣପୁର, ନୟାଗଡ଼

 Magazine Downloaded from www.aahwaan.com

# କଳ୍ପନାର ବାପାଙ୍କୁ ଚିଠି

[ ଭଦ୍ରକ ନିକଟସ୍ଥ ରାହାଞ୍ଜି ଗ୍ରାମର କୁନକୁନି ପିଲାମାନେ ସ୍କୁଲ ଛୁଟି ପରେ ୧୬ ନଂ ଜାତୀୟ ରାଜପଥ କଡରେ ଘରକୁ ଫେରୁଥିଲେ । ଟ୍ରକ ଚାପାରେ ୧୦ ଜଣ ଛାତ୍ର ଛାତ୍ରୀଂକୁ ଟ୍ରକ ଚାପି ଦେଲା ୫ ମଲେ । ସେ ସ୍ମୃତିରେ ଗପଟିଏ... ]

ବାପା ମୁଁ ତମ କଳ୍ପନା କହୁଛି,

ମୋ ଉପରେ ତମେ ନିଶ୍ଚୟ ରାଗିଥିବ ନା, ମୁଁ ଝିଅ ପିଲାଟେ ହୋଇ ତମକୁ ନ ପଚାରି କେଉଁ ଆଡେ ଚାଲି ଯାଇଛି ବୋଲି ? ମନେ ଅଛି ନା ତମର, ମୋ ଜନ୍ମ ଆଗରୁ ତମେ କେତେ ଦିଅଁ ପୁଜିଥିଲ, ପୁଅଟିଏ ପାଇଁ, ମାଆ କେତେ ଉଷାବ୍ରତ କରିଥିଲା ତାର କାହ୍ନାପରି ପୁଅଟିଏ ଜନ୍ମ ହେବ ବୋଲି । ମାତ୍ର ତମ ମାନଙ୍କ ସବୁ ସ୍ୱପ୍ନ, ଆଶା, ଆକାଂକ୍ଷାକୁ ଧୁଳିସାତ କରି ମୁଁ ତମ କୋଳ ମଣ୍ଡନ କରିଥିଲି ନା ବାପା । ମୋ ଜନ୍ମ ପରେ ସାହି ପଡିଶା ମାନଙ୍କ ଠାରୁ ତମକୁ କେତେ ଟାହି ଟାପରା ଶୁଣିବାକୁ ନପଡିଛି କହିଲ, ବାପା ?



ଗଦାଧର ବଳ

କିଏ କହିଲା ପୋଡା ମୁହଁଟେ ଜନ୍ମ କରିଛୁ, ତ କିଏ କହିଲା ଝିଅ ଜନମ ପର ଘରକୁ, ଆଉ କେହି ବି କହିଲେ ବଡ ହେଲେ ବାପର ନାଁ ପକାଇ କେଉଁ ଅଜାତିଆ ଟୋକା ସାଙ୍ଗରେ ତମର ମାନ ସମ୍ମାନକୁ ତଳେ ପକାଇ ପଳାଇ ଯିବି ବୋଲି । ମାତ୍ର ତମର ସେ ସବୁକୁ ତିଳେମାତ୍ର ଖାତିର ନଥିଲା । ସବୁ ବାଦ ପ୍ରତିବାଦକୁ ତମେ ତୁଚ୍ଛ କରି ମୋତେ ତମର

 Magazine Downloaded from www.aahwaan.com

ଛାତିରେ ଜାବୁଡି ଧରିଥିଲ ନା ବାପା ? କହି ବୁଲିଲ ମୋ ଘରକୁ ମା ଲକ୍ଷ୍ମୀ ଆସିଛନ୍ତି.ଧନ ସଂପତ୍ତିରେ ତମ ଘର ପୁରି ଉଠିବ, ଝିଅ ତମର ବହୁତ ପାଠ ପଢି କଳ୍ପନା ଚାୱାଲା ପରି ଦେଶ ବିଦେଶର ନାଁ ରଖିବ.ତମେ ବି ଲୋକମାନଂକୁ ଚ୍ୟାଲେଞ୍ଜ କରିଥିଲ ନା, ମୋର ଝିଅ ବଡ ହେବା ପର୍ଯ୍ୟନ୍ତ ଅପେକ୍ଷା କର ଦେଖିବ ।

ଯେବେ ହସି ଶିଖିଲି ତମେ କେତେ ମିଛେ ମିଛେ ନ ହସିଛ କହିଲ, ବାପା ? କୁନି କୁନି ପାଦ ମୋର ତମରି ହାତର ସ୍ପର୍ଶରେ ଧରଣୀ ଛୁଇଁଛି । ମୋ ହସରେ କଣ ଏପରି ଥାଏ କାମରୁ ଫେରି ଧୁଆ ଧୁଇ ନ କରି, ଖାଇବା ପିଇବା ଛାଡି ମୋ ସାଥିରେ ଲାଗିଯାଅ ନା ତମେ । ସବୁ ବେଳେ ମୁଁ ତମ ଝିଅ ହେଲେ ବି ମା ମା ଡାକି ପାଣି ବି ପିଅନି । ଯେତେ ଦୁଷ୍ଟ ହେଲେ ବି ଆକଟ କଲନି ମୋତେ । ବରଂ ସାହି ପଡିଶା, ପରିବାର ଲୋକ ଏ ପରିକି  ମାଆ ସହ ମଧ୍ୟ ମୋ ପାଇଁ ଝଗଡା କଲ । କୁନି କୁନି ପାଦରେ ଦୁଆର ବନ୍ଧ ଡେଇଁବାକୁ ଚେଷ୍ଟା କଲାବେଳେ ପଡି ଯାଉଥିଲି ତ ମୋତେ କଷ୍ଟ ହେଉ ନ ହେଉ ତମକୁ କେତେ ଯନ୍ତ୍ରଣା ହୁଏ କହିଲ, ବାପା ?

ମୋ ସ୍କୁଲ ଯିବା ସମୟ ଆସିବାରୁ ଟଙ୍କା ଅଭାବରୁ ସିନା ସହରର ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମୋତେ ପଢାଇ ପାରିଲ ନାହିଁ, ମାତ୍ର ଗାଁ ଅଙ୍ଗନବାଡି ଦିଦିକୁ ମୋ ଭଲ ପଠ ପଢା ପାଇଁ କେତେ ବିରକ୍ତି ନ ହୁଅ କହିଲ ବାପା ?

ମୁଁ ଜାଣିଛି ବାପା, ଦାରିଦ୍ର୍ୟତା, ଗରିବି ତମକୁ ବହୁତ କଷ୍ଟ ଦେଉଥିଲା ସାଧାରଣ ଜୀବନଯାପନରେ । ମାତ୍ର କୁମାର ପୂର୍ଣ୍ଣମୀ, ରଜ, ପ୍ରଥମାଷ୍ଟମୀରେ ମାଆର ତାଗିଦ ନ ମାନି ତମ ପରି ପାଇଁ ଦାମୀ ପୋଷାକ ନେଇ ଆସ, ଆଉ ମାଆକୁ କମ୍ ଦାମର ଡ୍ରେସ ଆଣିଛ କହି ମିଛ କୁହ ନା, ବାପା ?

ବାପା, ତମେ ସତରେ ଜଣେ ବଡ ମିଛୁଆ ନା ?

ତମେ ତ ମୋତେ ଛୋଟ ବେଳେ ନିଜେ ନେଇ ସ୍କୁଲରେ ଛାଡି ଦେଇ ଆସୁଥିଲ, ପୁଣି

 Magazine Downloaded from www.aahwaan.com

ଛୁଟି ହେଲେ ନେଇ ଆସୁଥିଲ । ମୁଁ ବଡ ହେଇ ଗଲିଣି ଏକୁଟିଆ ସ୍କୁଲ ଯାଇ ପାରିବି କହିଲି ତ ତମେ ମୋ କଥାକୁ ଏଡେଇ ଦେଲନି, ତମେ ବି ହଁ କରିଦେଲ । ତମେ କଣ ଭୁଲି ଯାଇଛ ଯେ, ଆମ ସ୍କୁଲକୁ ଯିବାକୁ ହେଲେ ରାଜପଥ ଡେଇଁ ଯିବାକୁ ପଡେ ? ତମେ ଭାବିଲ ମୁଁ ନିଜେ ଯିବା ଆସିବା କରି ସାହସ ବଢିଲେ ଉଚ୍ଚ ଶିକ୍ଷା ବେଳକୁ ବଡ ସହରରେ ଏକା ଏକ ରହି ପାଠ ପଢି ପାରିବି, ତମର ଚିନ୍ତା ଯିବ, ଏଇଆ ନା ବାପା ? ତମେ ଅନ୍ୟର ମୁଲ ଲାଗିବାକୁ ଯିବାକୁ ଚାଲି ଚାଲି ଯିବ, ମାତ୍ର ମୋ ପାଠ ପଢା ପାଇଁ ଭଲରେ ଯିବା ଆସିବା କରିବି ବୋଲି ସାଇକେଲ କିଣି ଦେଲ । ମୁଁ ତ ମାଆକୁ କହି ଆସିଥିଲି ପ୍ରତିଦିନ ପରି ଆଜି ବି ଠିକ୍ ସମୟରେ ଘରେ ପହଁଞ୍ଚି ଗରମ ଭାତ ଖାଇବି, ଖାଇସାରି ଟ୍ୟୁସନ ଯିବି ଆହୁରି କେତେ କଣ । ମାତ୍ର ମୋର ଦୋଷ କଣ ବାପା ? ମୁଁ ତ ମୋ ସାଙ୍ଗ ମାନଙ୍କ ସହିତ ରାସ୍ତାରେ ପୁରା ବାମପଟ ତଳେ ହିଁ ଆସୁଥିଲି, ମୁଁ କଣ ଜାଣିଥିଲି ସେ ମଦୁଆ ଜହ୍ଲାଦଟା ଲୌହ ଦାନବଟାକୁ ବେପରୁଆ ଭାବେ ଚଲାଇ ଆଣି ଆମ ଉପରେ ଚଢେଇ ଦେବ ବୋଲି ?

ମୋର ଦୋଷ କଣ ବାପା ? ମୋ ଉପରେ ଅଭିମାନ କରିବ ନି ବାପା । ମାଆକୁ ବୁଝେଇ ଦେବ ଝିଅ ଜନମ ତ ପର ଘରକୁ । ଯେବେ ହେଲେ ବି ମୋତେ ତମେ ବିଦା କରିଥାନ୍ତ ନା ନାହିଁ ? ତମେ ଠିକ୍ ସମୟରେ କାମରୁ ଫେରି ଦେହର ଯତ୍ନ ନେବ ବାପା । ମୋ ମଲା ପରେ ସରକାରୀ ସହାୟତା ଟଂକାରେ ତମେ ଗୋଟେ ଭଲ ଘର ଟିଏ କରିବ, ମୋର କଥା ରଖିବ ନା ବାପା ?

ଇତି

ତମର କଳ୍ପନା......

ଆଇନଜୀବି ଭଦ୍ରକ, ଓଡିଶା, ୯୪୩୭୨୧୨୮୪୧

 Magazine Downloaded from www.aahwaan.com

# ଆନ୍ଧ୍ରଯାତ୍ରାର ସ୍ମୃତି



କ୍ଷମାନିଧି ସାହୁ

ସେଦିନ ଥିଲା ବିଇଡି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ସମୟ । ଖୁବ୍ ପ୍ରଫୁଲ୍ଲ ମନରେ ଘରୁ ବାହାରି ପଡିଥିଲି କିନ୍ତୁ ଦୁଃଖ ଥିଲା ମୋ ସହିତ ମୋର ଗାଁ'ର ଜଣେ ବଡଭାଇ ତଥା ସହପାଠୀ ମଧ୍ୟ ଯିବାର ଥିଲା । ମୋର କିଛି ସମୟ ପରେ ସେ ବାହାରିଥିଲା କାରଣ ସେ ଜଣେ ଦାୟିତ୍ୱବୋହି ସମୟାନୁବର୍ତ୍ତି ପୋଷ୍ଟମ୍ୟାନ । ଟ୍ରେନର ସମୟ ଥାଏ ରାତି ଠିକ୍ ୧୦.୪୫ରେ । ପ୍ରାୟ ରାତି ୮ଟା ବେଳକୁ ଆମ ସମସ୍ତ ବିଇଡି ସଦସ୍ୟ ପହଞ୍ଚି ଯାଇଥାନ୍ତି ରେଳଷ୍ଟେସନରେ ଏବଂ ଦୀର୍ଘ ୬ ମାସର ଅବଧି ପରେ ସମସ୍ତଙ୍କ ସାକ୍ଷାତ ବେଶ୍ ଆନନ୍ଦ ଦେଉଥାଏ ।

ପ୍ରାୟ ଗୋଟିଏ ଦିନର ରେଳ ଯାତ୍ରା ଭିତରେ ଅନେକ ଗୁଡିଏ ସ୍ମୃତି ଉଙ୍କିମାରେ ଯେପରି ପର୍ବତ ଶିଖରରେ ଘର କରିବା, ଧାଡିଧାଡି ନଡିଆ ଗଛର ଅପୂର୍ବ ଦୃଶ୍ୟ ସହିତ ଗୋଦାବରୀ ଏବଂ କ୍ରୀଷ୍ଣା ନଦୀର ମନୋରମ ଚିତ୍ର ଖୁବ୍ ରୋମାଞ୍ଚକର । ଠିକ୍ ପରଦିନ ପହଞ୍ଚିଗଲୁ ଆନ୍ଧ୍ର ପ୍ରଦେଶର ପ୍ରକାଶମ୍ ଜିଲ୍ଲାରେ । ଯାହାର ସଦର ମହକୁମା ହେଉଛି ଓଙ୍ଗୋଲ ସହର । ସହରଠୁ ଆମ ସ୍ଥାନ ୩୪କିମି ଦୂରରେ ଯାହାର ନାମ 'ଅଗୁରୁ' ଆଉ ସେଇଠି ଆମର ରହିବା ସ୍ଥାନ ହେଉଛି 'ଆଜାଦ୍ କଲେଜ୍' । ଆମ ରହିବା ସ୍ଥାନରୁ ପରୀକ୍ଷା ସେଣ୍ଟର ୬କିମି ଯାହାର ନାମ 'ପ୍ରତିଭା ଡିଗ୍ରୀ

 Magazine Downloaded from www.aahwaan.com

କଲେଜ୍, କାଣ୍ଡୁକୁର୍' । ସେଠାକାର ଭାଷା ତେଲଗୁ ହେଇଥିବାରୁ ଭାଷାର ଅନ୍ତରରେ ମଧ୍ୟ ବସ୍ ଯାତ୍ରା ଖୁବ୍ ମଜାଲାଗେ ।

ଆମ ଗ୍ରୁପରେ ମିଶିକରି ଥିଲୁ ୨୦ଜଣ ସଦସ୍ୟ । ସଭିଏଁ ଅନ୍ୟ ଗାଁର ହୋଇଥିଲେ ସୁଦ୍ଧା ଲାଗେ ଗୋଟିଏ ପରିବାର ଭଳି । ସମସ୍ତଙ୍କର ଥାଏ ଏକ ଭିନ୍ନ ପ୍ରକାରର ପ୍ରତିଭା । କିଏ କବିତା ଲେଖନିରେ ନିପୁଣ ତ ଆଉ କିଏ କୌତୂହଳପୂର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରୀ । ସଦସ୍ୟଙ୍କ ମଧ୍ୟରେ ଗୋବିନ୍ଦ ଗୁରୁଜୀ, ସୁରେନ୍ଦ୍ର ଗୁରୁଜୀ, ରାଧାକାନ୍ତ ଭାଇ, ସୋମନାଥ ଭାଇ, କମଳ ଭାଇ ଓ ଭଉଣୀ, ଦିଦିମାନଙ୍କ ଉପସ୍ଥିତି ବେଶ୍ ଆନନ୍ଦ ଦାୟକ । ସଭିଙ୍କ ମଧ୍ୟରୁ ତିନି ଜଣଙ୍କ ଉପସ୍ଥିତି ଟିକେ ନିଆରା ସେମାନେ ହେଲେ ହେମନ୍ତ ଆଜ୍ଞା ଯିଏକି ସମସ୍ତଙ୍କଠୁ ବୟସ୍କ ମାତ୍ର ବ୍ୟଙ୍ଗାତ୍ମକ ବ୍ୟକ୍ତି, ରାଜେଶ ଭାଇ ଯାହାଙ୍କ ଉପସ୍ଥିତିରେ ଆମର ଖାଦ୍ୟପୋଷକ ସହିତ ଅନେକ ଦୁଃଖସୁଖର କାର୍ଯ୍ୟ ସମ୍ପାଦିତ ହୁଏ ଏବଂ ଶେଷରେ ରହିଲେ ଅନନ୍ୟ ବ୍ୟଙ୍ଗ ଓ କୌତୂହଳ ପ୍ରତିଭାର ଅଧିକାରୀ ଯାହାଙ୍କ ପ୍ରତିଟି କଥାରେ ଭାସିଉଠେ ହସର ଲହରୀ ସେ ଆମ ସଭିଙ୍କ ପ୍ରିୟ ରବିନ୍ଦ୍ର ଭାଇନା ।

ନାମକୁ ପରୀକ୍ଷା ମାତ୍ର; ପ୍ରାୟ ସବୁ ଦିନଟି କଟୁଥାଏ ମଜା ମଜଲିସରେ । ସବୁଠୁ ଅଲଗା ଥିଲା ଆନ୍ଧ୍ରର ଖାଦ୍ୟପାନୀୟ ମଧ୍ୟରେ ସାମ୍ବର, ତଡକା, ଲଙ୍କାଦିଆ ପୋଦିନାପତ୍ର ଚଟଣୀ, ଦହି ସାଙ୍ଗକୁ ଚପାତିର ସ୍ୱାଦ ଅବର୍ଣ୍ଣନୀୟ ।

ଚାରିଟି ପରୀକ୍ଷା ବିଷୟ ମଧ୍ୟରେ ଥାଏ ପାଞ୍ଚ ଦିନର ସମୟ ତା ଭିତରେ ଦିନେ ଛୁଟି ଯାହା ରବିବାର । ସେଦିନ ଗୋଟେ ଅଟୋ ଧରି ବାହାରିଲୁ ପାଖରେ ଥିବା ବଙ୍ଗୋପସାଗର ପାକାଲା ସମୁଦ୍ରଖଣିରେ । ବୁଝି ନ ପାରିଲେ କଣ ହେଲା ଅଟୋ ଚାଳକ ଭାଇ ଯେଉଁ ଗୀତ ବଜାଉଥିଲେ ବହୁତ ଭଲ ଲାଗୁଥିଲା । ସମୁଦ୍ରକୁ ପହଞ୍ଚିବା କ୍ଷଣି ପ୍ରଥମଥର ପାଇଁ ସେହି

 Magazine Downloaded from www.aahwaan.com

ଅଶାନ୍ତ ଢେଉକୁ ଦେଖି ବହୁତ ଖୁସି ଲାଗୁଥିଲା । ଦୀର୍ଘ ଦେଢଘଣ୍ଟା ଧରି ଚାଲିଲା ଆମର ଗାଧୋଇବା ଏବଂ ଢେଉ ଭାଙ୍ଗିବା ।

ଏମିତି ବିତିଗଲା ଦିନ କିଛି ଜଣା ପଡିଲାନି । ଶେଷ ଦିନରେ ବାହାରିଲୁ ଜଣାଶୁଣା ସ୍ଥାନ ଚିରାଲା ସମୁଦ୍ରଖଣି । ସେଠାକାର ଅଶାନ୍ତ ବାତାବରଣରେ ବୋଇତ ଦ୍ୱାରା ମାଛଧରା ଅତି ସୌନ୍ଦର୍ଯ୍ୟମୟ । ଅତି ଦୁଃଖର ବିଷୟ ଏହା ଯେ ଆଉ କିଛିଦିନ ଛୁଟି ମିଳିଥାନ୍ତା କି ? ସେଠାରେ ଥିବା ଅନ୍ୟ ଦେବାଦେବୀଙ୍କ ଦର୍ଶନରୁ ବଞ୍ଚିତ ହୋଇନଥାନ୍ତେ । ହୁଏତ ଭାଷାର ପ୍ରତିବନ୍ଧକ ହୋଇପାରେ କିନ୍ତୁ ବାସ୍ତବରେ ଆନ୍ଧ୍ର ପ୍ରଦେଶ ବାସିନ୍ଦାଙ୍କ ସମ୍ମାନ ମଧ୍ୟ ପ୍ରେରଣାଦାୟକ ।

ଜାମପାଲି, ମେଲଛାମୁଣ୍ଡା, ବରଗଡ଼

Magazine Downloaded from www.aahwaan.com

# ପ୍ରଥମ ବର୍ଷା



ଅଶୋକ ଦିଗାଳ

ଆକାଶ ମଳିକ ଫୁଲମାଳ ଜିଲ୍ଲାର ସବ୍ ଡିଭିଜନ ବାଲିଗୁଡ଼ା ସହରର ଅନତି ଦୂର ନିପଟ ମଫସଲ ଗାଁରେ ଜନମ । ପିଲାଟି ବେଳରୁ ବାପା ନାହାଁନ୍ତି । ସେ ଯେବେ ମାତୃ ଗର୍ଭରେ ଥିଲା । ସେତେବେଳରୁ ହିଁ ବାପାଙ୍କ ବିୟୋଗ ହୋଇସାରିଛି । ପିତୃହୀନ ଆକାଶ ବାପା ଶବ୍ଦଟି ଶୁଣୁଛି ହେଲେ ଧରିବାର କେବେ ସୁଯୋଗ ପାଇନି । ହେଲେ ଅନେକ ଥର ବାପାଙ୍କ ନାମ ଗବେଡ଼ା ମଳିକ କାଗଜରେ ଲେଖିଛି । ସେହି ଚିର ଅଭୁଲା ନାମ ଜାରଜ ସୁତ ଠାରୁ ମୁକ୍ତି ଦେଇଛି । ତେଣୁ ସେ ବାପାଙ୍କୁ ଧନ୍ୟବାଦ ସାଙ୍ଗେ ଇଶପାଶେ ପ୍ରାର୍ଥନା କରୁଛି । ଆଉ ମାଁ ମ୍ଡିଆଲୀ ମଳିକ କେବେ ଆକାଶର ଯତ୍ନ ପ୍ରେମ ଓ କର୍ତ୍ତବ୍ୟରେ ଅବହେଳା କରନି । ଗାଁ ପିଲାମାନେ କୋଉ ସ୍କୁଲରେ ପଢନ୍ତି ସେହି ସ୍କୁଲରେ ମାଁ ଭର୍ତ୍ତି କରିଛି । ସେମାନଙ୍କ ପରି ଭଳିକି ଭଳି ରଙ୍ଗ ବେରଙ୍ଗର ପୋଷାକ ଯୋଗାଡ଼ିଛି । ଏମିତି ଅନେକ ଦୁଃଖ ସୁଖ ଉତ୍ଥାନ ପତନରେ ବିତିଯାଇଛି ଷୋହଳ ବରଷ । ଆକାଶର ମଧ୍ୟ ସେହି ବର୍ଷ ୧୦ମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଛି । ପ୍ରଥମରୁ ଦଶମ ଘର ଛାଡ଼ି ଦୂର ଆଶ୍ରମରେ ରହିଛି । ଦୀର୍ଘ ଦଶ ବର୍ଷ କାଳ ମାଁ ମ୍ଡିଆଲୀ ଡିବି ଆଲୁଅ ଓ ମିଞ୍ଜି ମିଞ୍ଜି ନିଆଁ ଖୁଣ୍ଟର ଅନ୍ଧାର ଘରେ ଏକଲାରେ କଟିଛି ।

 Magazine Downloaded from www.aahwaan.com

ସେକାଳ ଠୁ ଏକାଳରେ ଅନେକ ପ୍ରଗତି ଘଟିଛି ଗାଁ ସାରା ପକ୍କାଘର, ବିଜୁଳି ଓ ପିଚୁ ସଡ଼କ । ପ୍ରତି ଗାଁରେ ଦୁଇ ତିନୋଟି ଅଟୋ । ତେଣୁ ଗମନାଗମନକୁ ଅସୁବିଧା ନାହିଁ ।

(ତେଣୁ ଆକାଶକୁ ମାଁ ମ୍ଡିଆଲୀ କୁହେ)

-ବାବୁ ଇନୁ ଇନୁ ଇଦେଏ ଇଜ ରାହିଆଜାନା ପଡ଼ି ଆମୁ

(ପୁଅରେ ତୁ ଏବେ ଘରେ ରହି ପାଠ ପଢ଼)

-ମୁଁ ଏକେଲା ହୋଇଯାଉଛିରେ । ତୁ ତ ଏବେ ବଡ଼ ହେଇଗଲୁଣି । ମୁଁ ବି ଏବେ କାମଧାମ ଏତେ ପାରୁନି । ତେଣୁ ତୁ ଟିକେ କାମରେ ସାହାଯ୍ୟ କରି କଲେଜ ଯିବୁ ।

ସେହି ବୈଶାଖ ଶେଷରେ ପ୍ରଥମ ବର୍ଷା ଆସିଲା, ଧରଣୀ ରାଣୀ ଓଦା ହେଲା । ଶୀତେ ଶିହଁରୀ ସାରା ପୃଥିବୀକୁ ସବୁଜ କରିଦେଲା । ଫଟା ଜମିକୁ ଗାଁ ଲୋକେ ଚଷିବାକୁ ଆରମ୍ଭ କଲେ ।

(ଏହା ଦେଖି ଆକାଶ ମାଁ କୁ କହିଲା ।)

-ମାଁ ମୁଁ ବି ଚାଷ କରିଯିବି । କୋଉଠି ଆମ ଜମି ଅଛି ଦେଖେଇ ଆ ? !

-ନାହିଁ ପୁଅ ଆମ ଜମି ତୋ ବାପା ଶୁଦ୍ଧିରେ ରୋଗନାରରେ ଓ ତୋ ପାଠପଢ଼ା ଆଦିରେ ସବୁ ତକ ବନ୍ଧା ରଖି ଦେଇଛି ।

ଆକାଶ ମାମୁଁ - ଆକାଶ ତୁ ତ ବଡ଼ ହେଲୁଣି । ତୋ ଠୁ ସାନ ବାହା ହେଲେଣି, ସେମିତି ତୁ ବି ତୋ ସ୍ତ୍ରୀ ସାଙ୍ଗରେ କାମଧନ୍ଦା କରି ଜମି ମୁକୁଳାଇ ଆରାମରେ ଘରେ ରହ । ଏଣିକି ତୋ ମାଁ ବି କାମ କରିବାକୁ ଅସମର୍ଥ ।

-ନାହିଁ ମାମୁଁ ଏତେ ଅର୍ଥ କଣ ଗାଁରେ ଖଟି ମିଳିବ ? !ବହୁ ସମୟ ଲାଗିବ । ଆମ ଋଣକୁ ପର ଝିଅ କଣ ପାଇଁ ଗଧପରି ଖଟି ସୁଝିବ । ଆମ ଅଭାବ ଆମେ ପରିଶୋଧ କରିବା । ଏଣେ

 Magazine Downloaded from www.aahwaan.com

ମୋର ବି ବାହା ବୟସ ହୋଇନି ।

-ମାଁ ଦଶବର୍ଷ କାଳ ତ ମତେ ଛାଡ଼ି ରହି ପାରିଲୁ ଏଣିକି ଆଉ ଏକ ବର୍ଷ ରହିଯା, ମୁଁ କେରଳ ଯାଇ ଜମି ମୁକୁଳାଇ ଘର କାମକରି ପାଠ ପଢିବି ନିଜ ଜମି ଥାଇ ପର ଜମିରେ ମୂଲ ଲାଗିପାରିବିନି ମାଁ ! ।

-ବର୍ଷେ କେରଳ ରହିଲା ପରେ-

ଆକାଶ ଗାଁକୁ ଆସି ନିଜ ଜମିରେ କାମକରି +୨ ବର୍ଷ ସାରିଦେଲା ।

ଖରା ଛୁଟିର ବେଳ ସାଙ୍ଗସାଥି ସହ ଆକାଶ ଅନେକ ମସ୍ତି କରେ । ଅନେକ ଯାନିଯାତରା ସାଙ୍ଗ ସାଥିରେ ଦେଖିଯାଏ । ଥରକର ଘଟଣା ଦଣ୍ଡ ଯାତରା ସମୟ ଚାଲିଥାଏ, ଆକାଶ ସାଥିସହ ଦଣ୍ଡ ନାଚ ଦେଖି ଯାଇଥାଏ । ବାଘନାଚ ଚାଲିଥାଏ । ବାଘ ଦେଖି ଡରରେ ଗୋଟେ ଝିଅ ଆକାଶ ଛାତିରେ ଧକ୍କା ଦିଏ । ଆକାଶ ଝିଅଟିକୁ ଦେଖେ ଝିଅଟି ମଧ୍ୟ ଆକାଶକୁ ନିରିଖି ଦେଖୁଥାଏ । ସୁନ୍ଦରୀ ତରୁଣୀଟେ ଗୋଲଗାଲ ଚେହେରା ଆକାଶ ଛାତିରେ ଧକ୍କା ନୁହେଁ, ଶକ୍ତ ଗୁଳିଟେ ମାରିଦେଲା । ଆକାଶର ସାଥିମାନେ ହସିଦେଲେ ଓ ଚିଡ଼ା ଚିଡ଼ି ଆରମ୍ଭ କରିଦେଲେ । ଝିଅର ସାଙ୍ଗମାନେ ମଧ୍ୟ ସେ ଝିଅକୁ ତଦୃପ କଲେ । ଆକାଶର ସାଥି ଓ ଝିଅର ସାଥିମାନେ ସଙ୍ଗେ ସଙ୍ଗେ ପରିଚୟ ହୋଇଗଲେ । ଏମିତି ଦୁଇ ତିନି ଦିନ ମେରୁ ପର୍ଯ୍ୟନ୍ତ ସମସ୍ତେ ନାଚ ମିଳିମିଶି ଦେଖିବା ଭିତରେ ନିଜ ନିଜକୁ ସଭିଏଁ ପୂର୍ଣ୍ଣ ରୂପେ ଚିହ୍ନି ଗଲେ । ଦିନେ ସମସ୍ତେ ଧାର୍ଯ୍ୟ କଲେ ଯେ ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡି ବୁଲିଯିବା । ତାରିଖ ଧାର୍ଯ୍ୟ ହେଲା । ଧାର୍ଯ୍ୟ ଦିନଟି ଆସିଗଲା । ବାଲିଗୁଡ଼ା ବସଷ୍ଟାଣ୍ଡରେ ସମସ୍ତେ ଜମା ହୋଇଥାନ୍ତି, ହେଲେ ଆକାଶର ତରୁଣୀ ବର୍ଷା ଡେରିରେ ଥାଏ । ତେଣୁ ଆକାଶ ସମସ୍ତ ସାଥିଙ୍କୁ କହିଲା କି, ତମେ ଯାଉଥାଅ ମୁଁ ଆଉ ବର୍ଷା ମିଶିକି ଆସିବୁ । ବର୍ଷା ଆଉ ଆକାଶ

 Magazine Downloaded from www.aahwaan.com

ଦ୍ୱିତୀୟ ଗାଡ଼ିରେ ଚଢ଼ି ଦେଢ଼ ଘଣ୍ଟାର ଯାତ୍ରାପରେ ଦାରିଙ୍ଗବାଡି ପହଞ୍ଚିଗଲେ । ସାଙ୍ଗମାନଙ୍କୁ ଖୋଜିଲେ କେହି ମିଳିଲେନି, ଫୋନ କରି ପଚାରି ବୁଝିଲେ ଯେ ସେମାନେ ରାଇକିଆ ଯାଇଛନ୍ତି ନୂଆ ସିନେମା 'ତୁ ମୋ ଲଭ ଷ୍ଟୋରୀ' ଦେଖିବାକୁ । ଧାର୍ଯ୍ୟ ଥିଲା ଦାରିଙ୍ଗବାଡି ରହିବାକୁ ହେଲେ ତାଙ୍କ ସମ୍ପର୍କୀୟ ଆସିନ ନ ଥିବାରୁ ହଟେଲରେ ରହିବାକୁ କାହିଁକି ନା ଘରକୁ ଗଲେବି ରାତିହବ ଯାଇହବନି । ପାହାଡ଼ ଦୃଶ୍ୟର ସୁନ୍ଦରତା ଦେଖୁ ଦେଖୁ ରହିବା ଯିବା କଥା ଭୁଲିଗଲେ । ଗୋଟିଏ ପାଣି କୁଣ୍ଡରେ ଦୁଇଟି ବଣି ପକ୍ଷୀ ଗାଧୋଉଥାନ୍ତି ସେମାନଙ୍କ ସ୍ନେହର ପରଶ ଦେଖି ଆକାଶ ମଧ୍ୟ ବର୍ଷା ସଙ୍ଗେ ଭିଜିଲେ ଭଲ ହୁଅନ୍ତା ମନେ ମନେ ଭାବୁଥାଏ । ସେମାନେ ବୁଲୁଥିବା ସମୟରେ ଧିରେ ଧିରେ ଘଟିଗଲା କଳା କଳା ବାଦଲ ହଠାତ ଭୟଙ୍କର ପବନ ସଙ୍ଗେ ବର୍ଷା ଓ ପ୍ରଚଣ୍ଡ ଘଡ଼ଘଡ଼ି । ଚମକିଗଲା ବର୍ଷା ହଠାତ ନଜାଣି ନଶୁଣି ଜାବୁଡ଼ି ଧରିଲା ଆକାଶକୁ, ଏଣେ କେବେ କୌଣସି ଝିଅର ପରଶ ପାଇନଥିବା ଆକାଶ ଦେହରେ ଯେବେ ବର୍ଷାର ତୁଳାପରି ଦେହ ଲାଗିଛି । ଆକାଶ ଦେହରେ ଛାଇ ଯାଇଛି ଶୀତ କଣ୍ଟା ଆଉ ଦେହସାରା ପ୍ରବାହିତ ହୋଇଯାଇଛି ବିଦ୍ୟୁତ । ହାତରେ ନଥାଏ ଛତା, ଦୁହେଁ ଭିଜିଗଲେ ବୈଶାଖର ସେହି ପ୍ରଥମ ବର୍ଷାରେ । ସେହି ପ୍ରଥମ ବର୍ଷା ମିଶାଇ ସାରିଛି ଦୁଇ ପ୍ରେମୀଙ୍କ କୋମଳ ଦେହ । ଦୁଇ ଦେହର ଗରମରେ ଶୁଖିଗଲା ଭିଜିଲା ପୋଷାକ । ସଂଜ ନଇଁଗଲା ବର୍ଷା ଆକାଶ ଚାଲିଗଲେ ହଟେଲକୁ । ଦୁହେଁ ଫୋନରେ ସାଥିମାନଙ୍କ ଠାରୁ ସିନେମା 'ତୁ ମୋ ଲଭ ଷ୍ଟୋରି'ର ଲଭ ଷ୍ଟୋରି ଶୁଣି ପାଗଳ ହୁଅନ୍ତି ! । ପୁଣି ୟୁଟୁବରୁ ଦେଖନ୍ତି ସେଥିର ଲଭ ଲଭ ଗୀତ ! ଏଣେ ତାଙ୍କର ପ୍ରେମ ବଢ଼ିବଢ଼ି ଢେଉ ମାରୁଥାଏ ! । ପୁଣି ଥରେ ବାହାରେ ପବନ ଆସିଲା କରେଣ୍ଟ ଚାଲିଗଲା, ବର୍ଷା ସାଙ୍ଗେ ଆସିଗଲା ଅଶାନ୍ତ ବିଜୁଳି । ଭୟଙ୍କର ଚିତ୍କାର ! କରି ବର୍ଷା ତା ଖଟରୁ ଚାଲି ଆସିଛି ଆକାଶ

 Magazine Downloaded from www.aahwaan.com

ଖଟକୁ, ଜାବୁଡ଼ି ଧରିଛି ଆକାଶକୁ ! ଏତିକିରେ ବର୍ଷାର ମଧୁର ସ୍ପର୍ଶରେ ଆକାଶର ଟରବାଇନ୍ ଘୁରି ମାଡ଼ି ଯାଇଛି ୪୪୦ ଭୋଲ୍ ଟ୍ ! ସେହି କରେଣ୍ଟରେ ଆକାଶ ଜାଳି ଦେଇଛି ବର୍ଷାର ସମଗ୍ର ଦେହକୁ ! ଦୁହେଁ ସର୍ବ ସୀମା ପାର କରିଦେଇଛନ୍ତି । ରାତିସାରା ପ୍ରେମ ପୀରତି ଜଳରେ ବୁଡ଼ି ରହିଛନ୍ତି ! ଏଣେ ଦୁଇ ଦେହ ମିଶି ନଖ ମାଂସ ହେଲାପରେ ! ଆକାଶ ଆଉ ଛାଡ଼ି ପାରିନି ବର୍ଷାକୁ ନେଇ ଆସିଛି ଅର୍ଦ୍ଧାଙ୍ଗିନି ସଜାଇ ନିଜ ଗାଁ କୁ । ଖବର ପାଇ ବର୍ଷାର ବାପାମାଁ ଓ ଗାଁ ଲୋକେ *ଡ୍ରିପାଙ୍ଗ୍ ପାଜିଙ୍ଗା ନେବାକୁ ଆସି ଚିରଦିନ ଲାଗି ବର୍ଷାର ହାତ ଆକାଶ ହାତରେ ଧରାଇ ଦେଇ ଚାଲିଯାଆନ୍ତି ।

ଏଇ ପ୍ରଥମ ବର୍ଷାଟି ଯେବେବି ଆସେ, ସେବେ ଆକାଶ ତାହାର ଦୁଇଟି ସ୍ମୃତିଟି ମନେ ପକାଏ । ୧ - ଜନ୍ମ ଦିନ, ୨ - ବାହାଘର ।

*ଡ୍ରିପାଙ୍ଗ୍ ପାଜିଙ୍ଗା-କନ୍ଧମାଳ କୁଇ ସଂସ୍କୃତି ପ୍ରେମବିବାହ ନିୟମର ପାଉଣା । ଯେଉଥିରେ ବର ଛେଳି, ଚାଉଳ, ମାଠିଆ ଓ ଖଲି ଦନା ଆଦି ଭୋଜି କରିବା ସାମଗ୍ରୀ କନ୍ୟା ପକ୍ଷକୁ ଦେଇଥାଏ ।

*ଫୁଲମାଳ-ଫୁଲବାଣୀ(କନ୍ଧମାଳ ଜିଲ୍ଲା) ।

ବାଲିଗୁଡ଼ା,

୭୯୭୮୨୩୧୪୬୩

 Magazine Downloaded from www.aahwaan.com

# କବିତା ବିଭାଗ

 Magazine Downloaded from www.aahwaan.com

# ମାଁ ସୁରେଶ୍ୱରୀ ଚଉିଶା

"କିରୀଟାଧଃ ଶ୍ଲିଷ୍ଟ ସ୍ଫଟିକ ବିଳସ ଭାଳନିକଟା
ନଟସ୍ତ୍ୱପାଟୋ ପୋଉଟ ପଟୁ ଜଟାଦୁଟା ବିକଟା ।
ଅଭିଢେୟ କାରାସ୍ଥିରଚର ଜଗଜ୍ଜଳାନିଳୟା
ସୁରେଶାୟଂ ଭୂୟାନ୍ନ୍ୟ ପରମ କାରୁଣ୍ୟହୃଦୟା ।"

ସୋନପୁର ଅଧିଶ୍ୱରୀ,
ହାତଯୋଡ଼ି ପାଦେ କରେ ଗୁହାରୀ, ମାଁ ସୁରେଶ୍ୱରୀ
କର ସଙ୍କଟ ସାଗରୁ ପାରି, ସୁରେଶ୍ୱରୀ । [୧]



ଧୂପ ଚନ୍ଦନକୁ ଧରି,
ଅଷ୍ଟଯୋଗିନୀ ପାଖରେ ତୋହରି, ମାଁ ସୁରେଶ୍ୱରୀ
ମିନତୀ ମୋ ଆଉ ନେବୁ ହରି, ସୁରେଶ୍ୱରୀ ।[୨]



ତୃପ୍ତି ତପସ୍ୱିନୀ ଖୁର୍ଦ୍ଦିଆ
ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ରୁଦ୍ରପ୍ରିୟା ବାଗିଶ୍ୱରୀ,
ରାଜଜେମା ତୋର ନାମ ବାଉରୀ, ମାଁ ସୁରେଶ୍ୱରୀ
ଭକ୍ତଗାଏ ତୋ ଗୁଣ ସୁମରି, ସୁରେଶ୍ୱରୀ ।[୩]

 Magazine Downloaded from www.aahwaan.com

ଆଳତି, ଘଣ୍ଟ ମହୁରୀ
ଶଙ୍ଖନାଦେ ଦିଗ ଯାଉଛି ପୁରି, ମାଁ ସୁରେଶ୍ୱରୀ
ବିପଦରେ ତୁ ସାହା ସବୁରି, ସୁରେଶ୍ୱରୀ ।[୪]

ଉମା, ଶିବା, ଶାକମ୍ଭରୀ
ବ୍ରାହ୍ମଣ, ଚଣ୍ଡାଳ ତୋ ପାଦଧରି, ମାଁ ସୁରେଶ୍ୱରୀ
ପୂଜାକଲେ ନେଇ ତତେ ବରି, ସୁରେଶ୍ୱରୀ ।[୫]

ଖଣ୍ଡା ଖର୍ପରକୁ ଧରି,
ବସନେ ଚମକେ ମୁଖ ତୋହରି, ମାଁ ସୁରେଶ୍ୱରୀ
ଦୁଃଖ ସମୁଦ୍ରକୁ କରପାରି, ସୁରେଶ୍ୱରୀ ।[୬]

ଫିଟାଇ ମାୟାର ଡୋରି,
କନ୍ୟାପ୍ରାୟେ ଥିବ ପାଶେ ମୋହରି, ମାଁ ସୁରେଶ୍ୱରୀ
ଆଶୀର୍ବାଦ, କର ରାଜେଶ୍ୱରୀ, ସୁରେଶ୍ୱରୀ ।[୭]

ଜନନୀ ଅଟୁ ସବୁରୀ,
ଦୁନିଆରେ କେହି ନାହିଁ ମୋହରି, ମାଁ ସୁରେଶ୍ୱରୀ
ଜୀବ ମୋ ଯାଉ ତୋ ନାମକୁ ଧରି, ସୁରେଶ୍ୱରୀ ।[୮]

 Magazine Downloaded from www.aahwaan.com

ରାଶେଶ୍ୱରୀ, ଖମ୍ବେଶ୍ୱରୀ
ମନ୍ଦାରମାଳିନୀ ରୂପକୁ ଧରି, ମାଁ ସୁରେଶ୍ୱରୀ
ନତ୍ୟ କରିବି ସେବା ତୋହରି, ସୁରେଶ୍ୱରୀ ।[୯]

ମାହେଶ୍ୱରୀ, ଲଙ୍କେଶ୍ୱରୀ
ନାହିଁ ବିଦ୍ୟାବୁଦ୍ଧି ସଂପଦଶୀରି, ମାଁ ସୁରେଶ୍ୱରୀ
ପାପ ଜଗତରୁ କରପାରି, ସୁରେଶ୍ୱରୀ ।[୧୦]

ଠାବ ଖୋଜି ଖୋଜି କରି
ଠିକଣା ନିଜର ଦେଲି ପାଶୋରୀ, ମାଁ ସୁରେଶ୍ୱରୀ
ଚାହିଁଦେଲେ ଦୁଃଖ ଯିବସରି, ସୁରେଶ୍ୱରୀ ।[୧୧]

ନାମକୁ ତୋହର ଧରି,
ନାଚନ୍ତି, ଡାକିନୀ ତୋ ପାଶେ ଘେରି, ମାଁ ସୁରେଶ୍ୱରୀ
ଢାଳିଦେଇ କରୁଣାର ବାରି, ସୁରେଶ୍ୱରୀ ।[୧୨]

ଢୋଲ, ତାଳ, ଭେରୀ, ତୁରୀ
ହୁଳୁହୁଳି ନାଦେ କରନ୍ତି ହୁରି, ମାଁ ସୁରେଶ୍ୱରୀ
ଦୁଃଖି ଡାକଶୁଣୁ କାନଡେରି, ସୁରେଶ୍ୱରୀ ।[୧୩]

 Magazine Downloaded from www.aahwaan.com

ପବିତ୍ର ମନ ଯାହାରି

ସବୁବେଳେ ତାକୁ ସୁଦୟା କରି, ମାଁ ସୁରେଶ୍ୱରୀ

ନେଉ ବିପଦ, ବିଷାଦ ହରି, ସୁରେଶ୍ୱରୀ ।[୧୪]

ନଦୀନାଳ, ଜଳଘେରି

ତା ମଧ୍ୟେ ବିସ୍ତୃତ ରାଜନଗରୀ, ମାଁ ସୁରେଶ୍ୱରୀ

ତୁ ଅଟୁ ତାର ଅଧିକାରୀ, ସୁରେଶ୍ୱରୀ ।[୧୫]

ଧରଣୀ ରୂପକୁ ଧରି

ଧାରଣ କରିଛୁ ଚଉଦ ପୁରି, ମାଁ ସୁରେଶ୍ୱରୀ

ଧରାଧାମେ କେ ଅଛି ତୋ ପରି, ସୁରେଶ୍ୱରୀ ।[୧୬]

ରାତ୍ର ଅର୍ଦ୍ଧରେ ବାହାରି

ଦାଣ୍ଡେ ବୁଲୁ ଥାଉ ନୃତ୍ୟ ଆଦରି, ମାଁ ସୁରେଶ୍ୱରୀ

ଧଳା ଘୋଡ଼ାରେ ହୋଇ ସବାରୀ, ସୁରେଶ୍ୱରୀ ।[୧୭]

ପାପ, କାର୍ଯ୍ୟେ ବୁଡ଼ିକରି

ସବୁ ସୁକର୍ମକୁ ଦେଲି ପାଶୋରି, ମାଁ ସୁରେଶ୍ୱରୀ

ଦୟାକର ମା ପର୍ବତକୁମାରୀ, ସୁରେଶ୍ୱରୀ ।[୧୮]

 Magazine Downloaded from www.aahwaan.com

ଫୁଲ ବେଲପତ୍ର ଧରି
କରୁଥିବି ସଦା ତତେ ଗୁହାରୀ, ମାଁ ସୁରେଶ୍ୱରୀ
ଦୁଃଖ ହର ତ୍ରୀପୁର ସୁନ୍ଦରୀ, ସୁରେଶ୍ୱରୀ ।[୧୯]

ମହିଷାସୁରକୁ ମାରି
ମହାସଙ୍କଟରୁ ଥିଲୁ ଉଦ୍ଧାରି, ମାଁ ସୁରେଶ୍ୱରୀ
ବିନ୍ଧ୍ୟବାସିନୀ ମାତ ଗଉରୀ, ସୁରେଶ୍ୱରୀ ।[୨୦]

ମହାଦେବ ମନୋହରୀ
କପାଳେ ନାଲି ସିନ୍ଦୁର ତୋହରି, ମାଁ ସୁରେଶ୍ୱରୀ
ପଙ୍ଗୁ ଲଙ୍ଘେ ତୋ ନାମ ସୁମରି, ସୁରେଶ୍ୱରୀ ।[୨୧]

ସର୍ବସଂହା ସର୍ବେଶ୍ୱରୀ
ସଂସାରେ ଆଉ କେ ଅଛି ତୋ ସରି, ମାଁ ସୁରେଶ୍ୱରୀ
ଭବାନୀ, ମୃଡ଼ାନୀ, ଶିବା, ଶଙ୍କରୀ, ସୁରେଶ୍ୱରୀ ।[୨୨]

ସୋନପୁର ସୁରେଶ୍ୱରୀ
ଚରଣରେ ବନ୍ଦୁଅଛି ତୋହରି, ମାଁ ସୁରେଶ୍ୱରୀ
କଷଣ ହରିବୁ ମାତ ସବୁରି, ସୁରେଶ୍ୱରୀ ।[୨୩]

 Magazine Downloaded from www.aahwaan.com

କ୍ଷମାମୟୀ, କ୍ଷମାକରି

ସୁଜନକୁ ସଦା ସହାୟକରି, ମାଁ ସୁରେଶ୍ୱରୀ

ଏଥକୁ ତୋ ମହିମା ଦେଲି ସାରି, ସୁରେଶ୍ୱରୀ ।[୨୪]

ଜୟ ମାଁ ସୁରେଶ୍ୱରୀ ଦେବୀ

ଯୁଗ୍ମ ରଚନା

ତୃପ୍ତି ତପସ୍ୱିନୀ ଖୁର୍ଦ୍ଦିଆ

ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ବଙ୍କିଆ, ବୀରମହାରାଜପୁର

ସୋନପୁର, ୭୬୭୦୧୮

 Magazine Downloaded from www.aahwaan.com

# ଏଇମୋର ଦେଶ ଭାରତ

ଏଇ ମୋର ଦେଶ ଭାରତ !

ଜନ ଗଣ ମନ

ଗାଆନ୍ତି ସଭିଏଁ

ଯେଉଁଠି ଜାତୀୟ ସଙ୍ଗୀତ ।

ଏଇମୋର ଦେଶ ଭାରତ ........

ବଙ୍ଗୋପ ସାଗର

ପାଦ ଧୁଏ ଯା'ର

ନିଇତି ହୋଇଲେ ପ୍ରଭାତ ।

ଏଇ ମୋର ଦେଶ ଭାରତ.........

ତଟିନୀ ଗଭାରେ

କାଶତଣ୍ଡି ହସେ

ଶରତ ଛୁଇଁଲେ ମରତ ।

ଏଇ ମୋର ଦେଶ ଭାରତ.........



ତପନ କୁମାର ସ୍ୱାଇଁ

Magazine Downloaded from www.aahwaan.com

ଯେଉଁ ଦେଶେ ଜନ୍ମ
ନେତାଜୀ, ବାପୁଜୀ
ମଧୁ, ଗୋପବନ୍ଧୁ, ଭଗତ ।
ଏଇ ମୋର ଦେଶ ଭାରତ.........

ପୁରାଣ, ଦର୍ଶନ
ସାହିତ୍ୟ, ବିଜ୍ଞାନ
ସବୁ ଥିରେ ବିଶ୍ୱେ ବିଖ୍ୟାତ ।
ଏଇ ମୋର ଦେଶ ଭାରତ.........

ଆସ ମିଳିମିଶି
ସବୁ ଭାଷା-ଭାଷୀ
ରଖିବା ତାହାର ମହତ ।
ଏଇ ମୋର ଦେଶ ଭାରତ.........

ଜଳ ଯୋଗାଣ ଶାଖା,
ରାଣୀହାଟ,କଟକ
ମୋ-୯୦୪୦୦୩୩୩୯୦

Magazine Downloaded from www.aahwaan.com

# ସ୍ୱାଧୀନତା

ପରାଧୀନ ରଜନୀରୁ ଆଲୋକିତ ସ୍ୱାଧୀନତା,
ଦେଲେ ଯେଉଁ ବୀରଗଣ ଧନ୍ୟ ତାଙ୍କ ମହାନତା ।
ଏ ମାଟି ଭୁଲିନି କେବେ ତାଙ୍କ ବଳିଦାନ ଗାଥା,
ବଞ୍ଚିବା ଶିଖେଇ ଗଲେ ସମ୍ମାନେ ଉଠାଇ ମଥା । । [୧]
ଥିଲା ତାଙ୍କ କେଉଁ ସ୍ୱାର୍ଥ ଭାବିଛ କି ସେଇ କଥା,
ଜୀବନ ବାଜି ଲଗାଇ କାହିଁ ଦେଲେ ସ୍ୱାଧୀନତା ?
ସହି ପାରିଲେନି ଦେଖି ମାଟି ମାଆର କଷଣ,
ଆଜି ସେ ମାଟିରେ କାହିଁ ଦେଖୁଛ ନାରୀ ଧର୍ଷଣ । । [୨]
ହେ ବୀର ସନ୍ତାନ ତୁମେ ରଚ ପୁଣି ଇତିହାସ,
ଦୂର କରିଦିଅ ଏହି ଭାରତ ମାଆର କ୍ଲେଶ ।
ନାରୀ ଅସମ୍ମାନ ହେଲେ ଏ ମାଟିକୁ ଉପହାସ,
କେମିତି ସନ୍ତାନ ଆମେ ମାଆ ଯଦି ଲଭେ ଦୋଷ । । [୩]
ଭାରତ ଆମରି ମାଆ ଜୟ ଗାନ ଯଦି କରୁ,
ନାରୀର ସମ୍ମାନେ କାହିଁ ଆମେ ବୋଲାଇବେ ଭୀରୁ ?
ନାରୀ ଅସମ୍ମାନ ହେଲେ ଆମ ସ୍ୱାଧୀନତା ବ୍ୟର୍ଥ,
ସଭିଙ୍କୁ ସମ୍ମାନ ଦେବା ଏହା ସ୍ୱାଧୀନତା ଅର୍ଥ । । [୪]

ସ୍ୱାଧୀନତା ଦିବସ ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ତୁଷାରକାନ୍ତ ପ୍ରସାଦ

ବରୀ, ଯାଜପୁର
ମୋ- ୯୮୫୩୦୯୨୬୩୦

Magazine Downloaded from www.aahwaan.com

# ଆସ ଦେଶବାସୀ

ଆସ ଦେଶବାସୀ ରହିବାରେ ହସି
ଏହି ତିରଙ୍ଗାର ତଳେ
ଆମେ ଏକ ଜାତି ଗଣତନ୍ତ୍ର ନୀତି
ସର୍ବଶ୍ରେଷ୍ଠ ମହୀତଳେ ।
ବିଜ୍ଞାନ ବଳରେ ଶୂନ୍ୟପଥ ପରେ
କରି ଆମେ ଅଗ୍ରଗତି
ଚନ୍ଦ୍ରପୃଷ୍ଠ ପରେ ମଙ୍ଗଳ ଗ୍ରହରେ
ପଠାଇଛୁ ଯନ୍ତ୍ରପାତି
ପାତାଳ ପୃଷ୍ଠରୁ ଅନ୍ତରୀକ୍ଷ ଯାଏ
ବିଜୟ ଆମରି ଗଳେ ।
ବିଶ୍ୱ ଆଜି ଖୋଜେ ଶାନ୍ତିର ବାରତା
ହିଂସା କରେ ନାରଖାର
ଜୀବନ ଜୀବିକା ଦୁର୍ବିସହ ପରା
କିଏ କରିବ ଉଦ୍ଧାର
ଆମରି ଦେଶର ଅହିଂସା ମନ୍ତ୍ରର
ପ୍ରସାରିତ ଧରାତଳେ ।



ଅନାମ ଚରଣ ସାହୁ

 Magazine Downloaded from www.aahwaan.com

ଆସ ସର୍ବେ ମିଳି ଶପଥ କରିବା

ଏକ ସୂତ୍ରେ ଗୁନ୍ଥା ହୋଇ

ସାରା ବସୁନ୍ଧରା କୁଟୁମ୍ବ ସମାନ

ଅଲଗା ନୁହଇଁ କେହି

ସତ୍ୟ ଅହିଂସାର ବାଣୀ ହେଉ ସାର

ଜୟ ହେଉ କାଳେ କାଳେ ।

ବିଭୂତିପୁର, କାକଟପୁର, ପୁରୀ

ଭ୍ରାମ୍ୟଭାଷ : ୯୯୩୭୭୨୧୦୨୬୦

 Magazine Downloaded from www.aahwaan.com

# ବନ୍ଦୀ

ସାହେବ୍ ଯିବାର ତୁମର ବିତିଲା
ପରାଧୀନୁ ହେଲେ ମୁକ୍ତ ।
ଈଶ୍ୱର କୃପାରୁ ଜୀବନ ବଞ୍ଚିଲା
ଆଭିଜାତ୍ୟ ହେଲା ଯୁକ୍ତ ।
ମହାତ୍ମା ସୁଭାଷ ଭଗତ, ଲକ୍ଷ୍ମଣ
ଗୋପବନ୍ଧୁ ବିଲେ ସଙ୍ଗେ,
ଫାଶୀ ଦଣ୍ଡାଦେଶ ପୁଣି କାରାବାସ
ରଙ୍ଗିଲେ ରକତ ରଙ୍ଗେ ।
ଦେଇଗଲେ ଛାଡ଼ି ସ୍ୱାଧୀନ ସ୍ୱଦେଶ
ଜୀଇଁବାକୁ ମଥା ଟେକି,
ହେଲେ ବିକିଭାଙ୍ଗି ଖାଇଗଲେ ଏଠି
ବିବେକ ବଜାରେ ବିକି ।
ଉତ୍କୋଚ ଦୁର୍ନୀତି ଲୁଣ୍ଠନ ସଂପତ୍ତି
ପ୍ରଗତି ଜାଲରେ ଛନ୍ଦି,
ମମତାର ଡୋର ଛିଣ୍ଡାଇ ମାନବ
ସଭ୍ୟତାରେ ଆଜି ବନ୍ଦୀ ।



ସୌମ୍ୟରଞ୍ଜନ ପାଲ

 Magazine Downloaded from www.aahwaan.com

# ଅଗଷ୍ଟ ପନ୍ଦର

ଦିନଥିଲା ଅତି ଆତୁରତାର ସହ
ଅପେକ୍ଷା କରୁଥିଲୁ
ଛୋଟ ଛୋଟ ଚିରକୁଟ୍‌ରେ
ତ୍ରିରଙ୍ଗାର ରବର ଷ୍ଟାମ୍ପ୍ ମାରି
ପ୍ୟାଣ୍ଟ ପକେଟରେ ଭରି
ଅପେକ୍ଷା କରୁଥିଲୁ ସକାଳ ସୂର୍ଯ୍ୟକୁ
"ବନ୍ଦେ ମାତରମ୍"
"ଭାରତ ମାତା କି ଜୟ"
ସ୍ଲୋଗାନରେ ମୁଖରିତ ହେଉଥିଲା ସ୍କୁଲ
କିଛି ଚକୋଲେଟ୍ ପାଇଁ ଖରାରେ ଛିଡ଼ା ହୋଇ
ଶୁଣୁଥିଲୁ ନେତାଙ୍କ ଭାଷଣ
ଭାରି ଭଲ ବି ଲାଗୁଥିଲା...
କାରଣ ସେତେବେଳେ ଆମେ
ଜାଣିନଥିଲୁ ସ୍ୱାଧୀନତାର ଅର୍ଥ
ଯଦି ଓ ଆଜି ଜାଣିଛୁ ତା'ର ଆକ୍ଷରିକ ଅର୍ଥ
କିନ୍ତୁ ବୁଝିପାରିନୁ ତା'ର ମହତ୍ୱ...
ସେମାନେ କହୁଥିଲେ
ଆମେ କାଲିର ଭବିଷ୍ୟତ...



କାର୍ତ୍ତିକ ପାଣିଗ୍ରାହୀ

 Magazine Downloaded from www.aahwaan.com

କିନ୍ତୁ ଆଜି ଆଧୁନିକତାର
ଚଉହଦୀ ଉପରେ ଛିଡ଼ା ଆମେ ଜଣେ ଜଣେ
କ୍ଲୀବ ମାନବଜାତୀୟ ଜୀବ...
ଆଜି ବି ସେହି ଖଦଡ଼ପିନ୍ଧା ଜୀବ ଅଛନ୍ତି
କିନ୍ତୁ ବଦଳି ଯାଇଛି ସେମାନଙ୍କ ସଂସ୍କରଣ
କାଲି ଲୋକଙ୍କ ପାଇଁ ସେମାନେ ଥିଲେ,
ଆଜି ସେମାନଙ୍କ ପାଇଁ ଲୋକ ଅଛନ୍ତି;
କାଲିର ସ୍ୱାଧୀନତା ଥିଲା ଦେଶ ସର୍ବସ୍ୱ
ଆଜିର ସ୍ୱାଧୀନତା ଦଳ ସର୍ବସ୍ୱ...
କାଲି କହୁଥିଲେ ମାଡ଼ି ଚାଲ...
କିନ୍ତୁ ଏଥି ପାଇଁ କିଏ ଦାୟୀ ?
ଆମର 'ହେଉଛି ତ ହେଉ'ର ପରିସ୍ଥିତି
ନା 'ଆପେ ବଞ୍ଚିଲେ ବୋପାର ନାଁ'ର
ଦୁର୍ବଳ ମନୋବୃତ୍ତି... ? ?
ଏକବିଂଶ ଶତାବ୍ଦୀର ଆଢୁଆଳରେ
ଏକ ଉନ୍ନତ ଜୀବର ପରିକଳ୍ପନାରେ
ଆମେ ଉନ୍ନତ ଶବରେ
ପରିଣତ ହେଉନାହାନ୍ତି ତ ? ? ?
ସମୀକ୍ଷାର ବେଳ ଉପଗତ
କିନ୍ତୁ ଆମେ...
ପରୀକ୍ଷା ପାଇଁ ପ୍ରସ୍ତୁତ ତ ?

ବ୍ରହ୍ମପୁର, ଓଡ଼ିଶା

 Magazine Downloaded from www.aahwaan.com

# ସ୍ୱାଧୀନତାର ମୂଲ୍ୟ

ସ୍ୱାଧୀନତାର ମୂଲ୍ୟ ଏ ଦେଶର ଚାଷୀ ବୁଝିଛି
ଝାଳ ରକ୍ତଦେଇ ଅନ୍ନଦାତା ସାଜି ଆମ ଜୀବନ ବଞ୍ଚାଇଛି ।
ସ୍ୱାଧୀନତାର ମୂଲ୍ୟ ଏ ଜାତିର ଶିକ୍ଷକ ବୁଝିଛି
ଭୋକ ଉପାସରେ ଶ୍ରେଣୀ ଗୃହରେ ଦେଶର ଭାଗ୍ୟକୁ ଗଢ଼ିଛି
ସ୍ୱାଧୀନତାର ମୂଲ୍ୟ ଏ ମାଟିର ସୈନିକ ବୁଝିଛି
ନିଜ ଜୀବନ ଦେଇ ମାଟି ମା'ର ଇଜ୍ଜତ ରଖିଛି
ସ୍ୱାଧୀନତାର ମୂଲ୍ୟ ଏ ବିଜ୍ଞାନୀ ଜାତି ବି ବୁଝିଛି
ନିଜସ୍ୱ ଜ୍ଞାନଗରିମାରେ ଦିନରାତି ଏକ କହି ଦେଶର ନାଁ ରଖିଛି
ସ୍ୱାଧୀନତାର ମୂଲ୍ୟ ଏ ଶ୍ରମିକ ଭାଇବି ବୁଝିଛି
ସକାଳୁ ସଞ୍ଜ ଶ୍ରମଦାନ କରି କ୍ଷୀଣ ଶରୀର ଧରିଛି
କେତେଦିନ ଆଉ ଭୋଗ କରୁଥିବା ବଞ୍ଚିବା ଅନ୍ୟର ଦୟାରେ
ଆସ, ଦେଶ ଜାତିର ସେବାରେ ଏ ଜୀବନ ସମର୍ପି ଦେବାରେ
ହାତ ସହ ହାତ ମିଳାଇ ସାରା ବିଶ୍ୱକୁ ବିକାଶ କାରତା ଦେବା
ସମୃଦ୍ଧ ଶ୍ରେଷ୍ଠ ସ୍ୱଚ୍ଛ ଭାରତ ଆସ, ଆସ ଆମେ ଗଢ଼ିବା ।



ହିମାଂଶୁ ଭୂଷଣ ଜେନା

ସହକାରୀ ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ନିଆଳି, ଯାଜପୁର, ଓଡ଼ିଶା ଭ୍ରାମ୍ୟଭାଷ : ୯୭୭୭୨୯୩୩୮୦

Magazine Downloaded from www.aahwaan.com

# ସ୍ୱାଧୀନତାର ସ୍ୱପ୍ନ

ଏବେ ଆଉ ବିକୃତ ହୁଏନି ମୁଁ
ସୀତା, ସାବିତ୍ରୀ, ଶାସ୍ତ୍ର, ସଂସ୍କୃତି
ଅବା ସମାଜର ଚାପରେ
କଳିଟିଏ ହୋଇ କଅଁଳିଲା ପରେ ପରେ ।

ତନ୍ନତନ୍ନ ଦେଖନ୍ତିନି କେହି
ମୋ ଜୀବନର ପ୍ରତିଟି ଅଧ୍ୟାୟ
ଆଦୃତ କେଉଁ ଇତିହାସ ସହ
ମେଳ ଖାଉଛି କି ନାହିଁ ।



ଅନୁସୂୟା ମିଶ୍ର

ନିଜକୁ ମୁଁ ଗଢିତୋଳେ
ନିଜସ୍ୱ ଆଗ୍ରହରେ ।
ଭୁଲ କରେ,
ପୁଣି ନିଜକୁ ସଜାଡ଼ିନିଏ
ନିଜ ପରେ ବିଶ୍ୱାସର ଆଧାରରେ ।
ତଥାକଥିତ କେଉଁ ମୂଲ୍ୟବୋଧ

 Magazine Downloaded from www.aahwaan.com

ଏବେ ଆଉ ରୋକେନି ମୋ ପଥ ।

ବିଚ ରାସ୍ତାରେ ଆଉ
ମାଗେନି ମୁଁ ଜୀବନର ଭିକ,
ଛଡ଼ାଇ ନିଅନ୍ତିନି କେହି
ମୋ ଭାଗର ସୁଖତକ ।
ମୋ ଅସ୍ତିତ୍ୱର ପରିଭାଷା ଏବେ
ମୁଁ ହିଁ ଲେଖେ
ନିଜତ୍ୱର ପରିସୀମାଟିକୁ ବି
ନିଜେ ନିଜେ ମାପି ରଖେ ।

ମୁକ୍ତ ଆକାଶର ବିହଙ୍ଗଟିଏ
ମୁଁ ଶାଳୀନତାର ମୂଲ୍ୟ ବୁଝେ
ସମ୍ପର୍କର ଋଣ ସୁଝେ,
ଉଡ଼ିବୁଲେ
ଚାରିକାନ୍ଥର ଚଉହଦିରୁ ଊର୍ଦ୍ଧ୍ୱେ
ନିଜମତେ
ଅନନ୍ତ ବିସ୍ତୃତିର ଏକ ପଥେ ।

 Magazine Downloaded from www.aahwaan.com

କିନ୍ତୁ,

ଅଚାନକ ଅଣଚାଷର ଆଘାତରେ

ଆଖି ମୋର ଖୋଲିଗଲା ପରେ

ଦେଖେ

ଶୋଇଛି ମୁଁ

ସ୍ୱାଧୀନତାର ସ୍ୱପ୍ନରେ ବିଭୋର

ତ୍ରିରଙ୍ଗାର ଶୀତଳ ଛାଇରେ ।

 Magazine Downloaded from www.aahwaan.com

# ପୁଣ୍ୟପୀଠ ମୋ ଉତ୍କଳ

ଶସ୍ୟଶ୍ୟାମଳା ଏ ଭାରତ ବର୍ଷରେ
ଓଡ଼ିଶା ଗୋଟିଏ ରାଜ୍ୟ
ସେ ରାଜ୍ୟ ମଧ୍ୟରେ କେତେ ନରନାରୀ
କେତେ ଓଷା କେତେ ପର୍ବ । [୧]

ଏଠି ଓଡ଼ିଆଣୀ ବୋହୁ କରେ ନାନା ବ୍ରତ
କରେ ପୁଣି ଉପବାସ
ମଙ୍ଗଳ ମନାସୀ ପରିବାର ପାଇଁ
ସହିଯାଏ ସବୁ କଷ୍ଟ । [୨]

ପୁରୀଠାରେ ଅଛି ଜଗନ୍ନାଥ ଧାମ
ସେତ ଓଡ଼ିଆ ମଉଡ଼ମଣି
ତାଙ୍କରି ଅବଢ଼ା ଟଙ୍କ ତୋରାଣି
ମନ ନେଉଥାଏ ଟାଣି । [୩]


ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ

କେତେ ରୂପେ କେତେ ନାମେ ଏଠି
ପୂଜା ପାଉଥାଏ ମାଆ
ଆଜି ଭକ୍ତିରେ ଉତ୍କଳ ଖୋଜେ
ସେ ମାଆର ସାହା । [୪]

ଯାଜପୁରେ ପୂଜା ପାଏ ବିରଜା ନାମରେ

 Magazine Downloaded from www.aahwaan.com

ବାଙ୍କିରେ ସେ ଥାଏ ଚର୍ଚ୍ଚିକା

ସମଲାଇ ପୁଣି ମାଆ ଗୋ ସମ୍ବଲପୁରରେ

ବିମଳା ନାମରେ ସେତ ପୁରୁଷୋତ୍ତମରେ । [୫]

ଝଙ୍କଡେ ରହିଲେ ସେତ

ନାମ ସାରଳା ବୋଲାଇ

କାକଟପୁରେ ରହିଲେ

ମଙ୍ଗଳ ନାମ ବହି । [୬]

ଧନ୍ୟ ଉତ୍କଳ ମା ଲୋ

ଧନ୍ୟ ତୋର ପୀଠ ସ୍ଥାନ

ବାହାରନ୍ତି ବୀର ପୁଣି ଏଠୁ

କେତେ କେତେ ଅବଧାନ ।[୭]

ସୁଜଳା, ସୁଫଳା ଏହି ଉତ୍କଳ

ଆମ ମାଆ,

ତାର ସୌନ୍ଦର୍ଯ୍ୟର ମୁଁ ଯେ

ଦେବି କି ଉପମା । [୮]

ଆମେରେ ମହାନ ଏ ଜାତି ସନ୍ତାନ

ଏହି ଆମ ପରିଚୟ

ଆମେ ତ ଓଡ଼ିଆ ମନ ଆମ ଭାରି ବଢ଼ିଆ

ଆମେରେ ଉତ୍କଳୀୟ, ଆମେରେ ଉତ୍କଳୀୟ ।

Magazine Downloaded from www.aahwaan.com

# ଜୟ ଜବାନ

ଝର ଝର ତୁମେ ବୁହାଉଛ କେତେ
ରକ୍ତ ବିନ୍ଦୁର ଧାର
ମାଆର ମମତା ରକ୍ଷା ପାଇଁ
ନିଘା ନାହିଁ ବର୍ଷା ଶୀତ ଅବା ଖରା ।
କାଶ୍ମୀର ତୁମ ମା'ର ଓଢ଼ଣା
ଓଢ଼ଣା ଦବା ପାଇଁ
ତୁମେ ମାତି ଅଛ
କଣ୍ଟାକୁ ଖାତିର ନାହିଁ ।
ବକ୍ଷଚିରି ଯାଏ ଯଦି ଗଳି
ବନ୍ଧୁକର ଶକ୍ତ ଗୁଳି
ତଥାପି ତୁମକୁ ମରଣ ଛୁଏଁନା
ଶହୀଦ ରୁହ ଅମର ହୋଇ ।



ବୀରେନ୍ଦ୍ର କୁମାର ପ୍ରଧାନ

କଦମପାଳ, ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୮୫୩୫୮୮୦୦୪
ଇମେଲ୍ : biren910@gmail.com

 Magazine Downloaded from www.aahwaan.com

# ଆମେ ସ୍ୱାଧୀନ

ଯେଉଁଠି ଋଣ କରି ଚାଷୀ ହାରେ ଜୀବନ
ନାରୀକୁ ମିଳେନାହିଁ ତା'ର ସମ୍ମାନ
ସେଠି ଆମେ କହୁ ଆମେ ସ୍ୱାଧୀନ !
ଯେଉଁଠି ଚାଲେ ନେତାଙ୍କର ସୁଶାସନ
କିନ୍ତୁ ହୁଏ ଗରୀବର ପ୍ରାପ୍ୟ ଲୁଣ୍ଠନ
ସେଠି ଆମେ କହୁ ଆମେ ସ୍ୱାଧୀନ ।
ଯେଉଁଠି ରୋଗୀ ବୁହାହୁଏ ସାଇକେଲରେ ଶ୍ମଶାନ
ଲୋକଙ୍କ ମନରେ ଭରି ରହିଛି ଜାତିଆଣ
ସେଠି ଆମେ କହୁ ଆମେ ସ୍ୱାଧୀନ ।
ଯେଉଁଠି ଶିଶୁଶ୍ରମିକ ଭାବେ କଟେ ଶିଶୁର ଜୀବନ
ଡାକ୍ତର କରେ ରୋଗୀକୁ ଶୋଷଣ
ସେଠି ଆମେ କହୁ ଆମେ ସ୍ୱାଧୀନ ।
ଯେଉଁଠି ଚାଲେ ଖାଲି ନେତାଙ୍କ ଭାଷଣ
ହୁଏନାହିଁ କେବେ ଦୂର୍ନୀତିର ପତନ
ସେଠି ଆମେ କହୁ ଆମେ ସ୍ୱାଧୀନ ।
ଯେଉଁଠି ଶିଶୁମରେ ନ ପାଇ ମୁଠାଏ ଅନ୍ନ
ଅପପୁଷ୍ଟି କବଳରେ ଶିଶୁ ହୁଏ ଜୀର୍ଣ୍ଣଶୀର୍ଣ୍ଣ
ସେଠି ଆମେ କହୁ ଆମେ ସ୍ୱାଧୀନ ।



ସରୋଜିନୀ ସାହୁ
ଗୋପିନାଥପୁର, କଟକ

 Magazine Downloaded from www.aahwaan.com

# ଜୀଅନ୍ତା ଠାକୁର

ପିତାମାତା ମୋର ଜୀବନ୍ତ ଠାକୁର
ହୃଦ ତାଙ୍କ ପ୍ରେମମୟ
ଥିଲେ ତାଙ୍କ ପାଶେ କଦାପି ନ ଆସେ
ଟିକି ମନେ ମୋର ଭୟ ।

ସରଗ ସମାନ ମନ ବୃନ୍ଦାବନ
ପାଇବନି କାହିଁ ଖୋଜି
ମମତା ସାଗର ସେ ସ୍ନେହ ଆଦର
ସଦା ସର୍ବଦା ବିରାଜି ।

ଆସୁଚି ଯେତେ ଆସିବାର ଅଛି
ଦୁଃଖ କଷ୍ଟ ଜୀବନରେ
ସହିଯିବି ସବୁ ମଥା ପୋତିଦେଇ
ଆଶିଷ ଥାଉ ମୋ ପାଶରେ ।

ଫୁଲ କଢ଼ିଟିଏ ହୋଇ ମୁଁ ଫୁଟୁଛି
ମହକେଇ ଦେବି ବାସ
ଭଲ ମଣିଷଟେ ହୋଇ ମୁଁ ଜୀବନେ
ଭରି ଦେବି ମୁଖେ ହସ ।



କାହ୍ନୁଚରଣ ସାହୁ

 Magazine Downloaded from www.aahwaan.com

ତୁମେ ମୋ ସାହା        ତୁମେ ମୋ ଭରସା
ଦେଇ ଅଛ ଜନ୍ମ ମୋତେ
ଧନ୍ୟ ମୋ ଜୀବନ        ଧନ୍ୟ ହେଲି ମୁହିଁ
ପାଇ ଅଛି ସୁଖ ଯେତେ ।
ଦେଇଚ ଶିଖେଇ        ବଞ୍ଚିବାର କଳା
ହବାକୁ ପାରି ଦୁନିଆରେ ।
ଭୁଲିକି ପାରିବି        ପ୍ରାଣଥିଲା ଯାଏଁ
ଥିବ ତୁମେ ହୃଦୟରେ ।

ମ.ରାମପୁର, କଳାହାଣ୍ଡି, ଓଡ଼ିଶା
ଭ୍ରାମ୍ୟଭାଷ : ୯୫୫୬୮୨୨୪୪୭

Magazine Downloaded from www.aahwaan.com

# ତୁମରି ଆଶିଷ

ଶିଖାଇ ଦିଅ ହେ ଗୁରୁଦେବ ମତେ
ଜାଣିନାହିଁ ଭଲମନ୍ଦ
ଅଜ୍ଞାନ ବାଳକ ବୁଝିପାରେ ନାହିଁ
ଜାଣେନି ମାୟା ଛନ୍ଦ ।
ତୁମରି ହାତରେ ମୋ ଜୀବନବନ୍ଧା
ତୁମେ ତ ଆଦର୍ଶ ମୋର
ତୁମ ପାଦପଦ୍ମେ ଶରଣ ମୋହର
ତୁମ ଆଶିଷ ମୋ ବର ।
ତୁମେ ଦେଖେଇଛ ଅନ୍ଧାରୁ ଆଲୋକ
ତୁମେ ସାକ୍ଷାତ ଈଶ୍ୱର,
ତୁମେ ବତାଇଛ ବଞ୍ଚିବା କୌଶଳ
ତୁମେ ଚଳନ୍ତି ଠାକୁର ।
ଅଜ୍ଞାନ ରୂପକ ଅନ୍ଧାରରୁ ମୋତେ
ତୁମେ ଦେଖେଇଲ ବାଟ
ହେ ପରମପୂଜ୍ୟ ତୁମରି ପାଇଁ ମୁଁ
ନିଜକୁ ବୋଲାଏ ଚାଟ
ତୁମରି ଚରଣେ ନତ ଏ ମସ୍ତକ
ପାଦଧୂଳି ମୁଣ୍ଡେ ମାରି
ତୁମରି ଆଶିଷ ରହୁ ଏ ମସ୍ତକେ
ଏତିକି ମୋର ଗୁହାରୀ ।



ପ୍ରକାଶ ଚନ୍ଦ୍ର ପଣ୍ଡା

Magazine Downloaded from www.aahwaan.com

# ଜୀବନଟା ଏମିତିକା

ଜୀବନରେ କେବେ ଝଡ ଆସେ ପୁଣି,
ସୁନାମୀ ଆସଇ ମାଡି ।
ସୁନାମୀ ସ୍ରୋତରେ କେତେକେତେ ଆଶା,
ପଡନ୍ତି ଯେ ମୁହଁ ମୋଡି ।।
ଭଲ ମଣିଷର ଫଟା କପାଳରେ,
ଲାଗେ କଳଙ୍କର ଟୀକା ।
ଦୋଷ ନଥାଇ ବି ଦୋଷୀ ହେଉ ଆମେ,
ଏତ ସମୟର ଶିକ୍ଷା ।।
ଏମିତି ଘଟଣା ଆଉ ଦୁର୍ଘଟଣା,
ଜୀବନରେ ଯାଏ ଘଟି ।
ପ୍ରଶଂସା ସ୍ଥାନରେ ନିନ୍ଦା ଶୁଣିଶୁଣି,
ଏ ହୃଦୟ ଯାଏ ଫାଟି ।।
କେହି ନ ବୁଝନ୍ତି ଗୂଢ ରହସ୍ୟକୁ,
ସଭିଏଁ ଦିଅନ୍ତି ଦୋଷ ।
ପ୍ରକୃତ ଘଟଣା ଜାଣିବା ବେଳକୁ,
ସବୁ ହୋଇଥିବ ଶେଷ ।।



ବୀରେନ୍ କୁମାର ବେହେରା

Magazine Downloaded from www.aahwaan.com

ବିରୋଧୀ କେବଳ ନିନ୍ଦା ଗାଉଥାନ୍ତି,

ପ୍ରଶଂସା କରନ୍ତି ନାହିଁ ।

ତେଣୁ ତାଙ୍କ କଥା ନକରି ବିଶ୍ୱାସ,

ନିଜେ ପରଖିବା ଯାଇ ।।

ଅନ୍ୟ ଇସାରାରେ ଭୁଲ୍ ନିଷ୍ପତ୍ତିରେ,

ଜୀବନେ ଖାଇବ ଧୋକା ।

ନିରୀହ ବି ଏଠି ଦୋଷକୁ ମୁଣ୍ଡାଏ,

ଜୀବନଟା ଏମିତିକା ।।

ପୋଷାଇ, ମହାକାଳପଡା, କେନ୍ଦ୍ରାପଡା

ପିନ୍ - ୭୫୪୨୨୪

ଇମେଲ୍: beherabirenkumar65@gmail.com

ଭ୍ରାମ୍ୟଭାଷ : ୭୩୮୧୧୯୯୨୦୬

Magazine Downloaded from www.aahwaan.com

# ଆତ୍ମାର ଗଣିତ

ଆତ୍ମାର ଆତ୍ମୀୟତା ବୁଝୁ ବୁଝୁ
କେତେ ଯେ ମୁହୂର୍ତ୍ତ ବିତିଯାଏ
ତଥାପି ମିଶାଣ, ଫେଡ଼ାଣ, ହରଣ, ଗୁଣନ
ବୁଝିବାକୁ ବାକି ରହିଯାଏ ।
ଆତ୍ମାର ଭୋକ ବୁଝୁ ବୁଝୁ
ବୟସ ସରିଯାଏ...
ମନର ଭୋକ ସେ ତ
ମନରେ ରହିଯାଏ ।
ଜୀବନରେ ହରଣରେ
ଭାଗ ନେଇ ବି
ଛିଡ଼େନି ଭାଗଫଳ ।
ଗୁଣନରେ ଗୁଣି ଗୁଣି
ହେଇଯାଏ ଜୀବନର ସମୟ ।
ମିଶାଣ ତ କହେ ମିଶେଇ ଦେ
ତୋ ସୁଖ ଦୁଃଖ ସବୁ...
ଫେଡ଼ାଣ କହେ ଫେଡ଼ି ଦେ
ତୋ ଜୀବନକାଳ ସବୁ ।
ନାସ୍ତିକ ଯେ ଦୁଃଖରେ ଫେଡ଼ି ହେଇ ହେଇ



ସ୍ମିତା ତ୍ରିପାଠୀ

 Magazine Downloaded from www.aahwaan.com

ସାରିଦିଏ ସବୁ ସୁଖ
ଜୀବନର ଶେଷ ମୁହୂର୍ତ୍ତକୁ
ଆତ୍ମାସହ ଗୁଣି ଗୁଣି ହେଇଯାଏ ଆସ୍ତିକ ।
ଆତ୍ମାର ବିଳାପ ବୁଝିବାକୁ
ନଥାଏ ମୁହୂର୍ତ୍ତଟିଏ...
ଉପରେ ଥାଇ ଜଗା କଷୁଥାଏ
ହରଣ କି ଗୁଣନର ଅଙ୍କଟିଏ ।
ଆତ୍ମାର ଚିତ୍କାର ନ ଶୁଭେ କାହାକୁ
ନିଜ ବ୍ୟତୀତ କିଏ ନ ଶୁଣିପାରେ
କି ସାଙ୍ଗସାଥି ରଖିଛୁ ତୁହି
ହେଇଯିବୁ ତୁ ଭାଗଶେଷ ଜୀବନର ହରଣରେ ।
ଶେଷ ହେଇଯିବ ତୋ ଗୁଣନ
ମଶାଣି ଭୂଇଁରେ...
କି ଦେଖେଇ ହଉ ନିଜ ସମ୍ପତ୍ତି
ମିଶିଯିବ ତୋ ଦେହ ପାଉଁଶରେ ।
ଆଜି ଠୁ ରଖ ତୋ ହରଣଗୁଣନ
ମିଶାଣ ଫେଡ଼ାଣ...
କର ତୋ ଜୀବନର
ପ୍ରତି ମୁହୂର୍ତ୍ତ ସମାଜ ସେବାରେ ଦାନ ।

ଖଲରୀ, ହୁଲୁରିଶିଂଘା, ଅନୁଗୁଳ ୭୫୯୧୨୨, ଓଡ଼ିଶା

 Magazine Downloaded from www.aahwaan.com

# ସମୟ ଓ ଜୀବନ

ଜୀବନ ନୁହଁଇ ଭଗ୍ନ କଳସ
ଯା'କୁ ଭେଦିବ ସମୟ ବତାସ
ସମୟ ଲୋଡ଼େ ଜୀବନ ଅସୀମ
ଖାଲି ପାଇବାରୁ ମୁକ୍ତି 'ସମୀମ'
ଶହ ଶେଷ ମନେ ଅଟଇ ତା'କୁ
କେବଳ ମୁଁ ଦୀର୍ଘ ଦର୍ଶାଇବାକୁ
ପ୍ରାନ୍ତ ଅଟେ ତା'ର ମହମ ଜଳ
ଅପେକ୍ଷା କରେ ସେ କେବଳତଳ
ସମୟ ଧାରେ ନ ମରେ ଜୀବନ
ଯଦି ଅରଜ ଉଚିତ କରମ
ମହାତ୍ମା ଆତ୍ମା ଅଛି ତ ଜୀବିତ
କାହିଁ ଯିବାକୁ ହେଲାଣି ବରଷ ।



ରୁଖସାର୍ ବେଗମ୍

Magazine Downloaded from www.aahwaan.com

# ଗୁରୁପ୍ରିୟା ପ୍ରତି

ବିଜୟ ଦିବସେ ବିଜୟର ପଥ,

ଉଦ୍ଘାଟିତ ହେଲା ଯେଣୁ,

ପୂରୁବ ଆକାଶେ ନବୀନ ସୂର୍ଯ୍ୟ,

ବୁଣିଲା କିରଣ ରେଣୁ ।

ଅମା ଅନ୍ଧକାର ଅପସରି ଯିବ,

ଆସିବ ଆଲୋକ ବେଳ ।

ଜାଗ୍ରତ ହୁଅ, ପଛୁଆ ବର୍ଗ

ହାତରେ ଧରି ମଶାଲ ।

ଚିକିତ୍ସା ଅଭାବେ ମରିବେନି କେହି ,

କେହି ନୁହେଁ ଅସହାୟ ।



ଅମା ଅନ୍ଧକାର ଅପସରି ଯିବ,

ଗୁରୁପ୍ରିୟା ଯେ ସହାୟ ।

ବିଚ୍ଛିନ୍ନାଞ୍ଚଳର କଳଙ୍କ ବୋଝରୁ,

ମାଲକାନଗିରି ମୁକ୍ତ ।

ରୀତାସାମନ୍ତରାୟ ମଲ୍ଲିକ

ଶିକ୍ଷା ସ୍ୱାସ୍ଥ୍ୟ ଆଉ ଜୀବିକା ମିଳିବ,

କୋଟି କୋଟି ଜନମତ ।

 Magazine Downloaded from www.aahwaan.com

ଗୁରୁପ୍ରିୟା ଯେ, ସହାୟ
ଅନାହାରେ କେହି ରହିବେ ନାହିଁ ତ,
ନାହିଁ ଅଶିକ୍ଷିତ କେହି ।
ପାହାଡ ହସୁଛି ଝରଣା ହସୁଛି,
ହସେ ଆଜି ବନ ଭୂଇଁ ।
ମାଲକାନଗିରିର ଦୁଃଖ ଘୁଞ୍ଚିଯିବ,
ଆସିବ ଆନନ୍ଦ ବେଳା,
ଉନ୍ନତିର ପଥ ପରିଷ୍କାର ହେବ,
ନ ହେବ ଏଥର ହେଳା ।
ନବୀନର ଆଶା ନବୀନ ଭରସା
ଆନନ୍ଦ ଅଶ୍ରୁରେ ଧୋଇ,
ପାଶୋରାଇ ଦିଅ ସକଳ ଯାତନା,
ସେତୁପରେ ପାଦ ଥୋଇ
ଗୁରୁପ୍ରିୟା 'ସେତୁ, ନୁହଁଇ ତ ବଂଧୁ
ଏତ ମୁକ୍ତିର ପଥ ।
ହସ୍ତ ପ୍ରସାରି ଆଲିଙ୍ଗନ କରେ,
ଶୃଙ୍ଖଳ ଖୋଲି ଦେଇ ।
ଉଠ କଙ୍କାଳ ଜାଗ ଦୁର୍ବଳ
ମିଳାଅ ପାଦରେ ପାଦ ,

 Magazine Downloaded from www.aahwaan.com

କେହି ରହିବେନି ନିଷ୍ପେସିତ ପୁଣି ,

ଦଳିତ ଅବହେଳିତ ।

ଦେଶ ଦୁନିଆଁରେ ନିଜର ଅସ୍ତିତ୍ୱ

ବଜାୟ ରଖିବା ପାଇଁ ।

ହାତରେ ହାତ, ଅଣ୍ଟାରେ ଅଣ୍ଟା

ମିଶାଇ ଦିଅରେ ଭାଇ ।

ନିଜ ପରିଚୟ ନିଜେ ସୃଷ୍ଟି କର

ବାଧାବିଘ୍ନ ଦୂରେ ଥୋଇ ।

ଆମେ ସବୁ ସାଥୀ ରହିଛୁ ପଛରେ

ଲଢିବୁ ତୁମରି ପାଇଁ ।

Magazine Downloaded from www.aahwaan.com

# ତୁମେ

ତୁମେ କେବଳ ତୁମେ ନୁହଁ
ତୁମ ଭିତରେ ଦେଖେ ମୁଁ ନିଜକୁ
ତୁମ ଆଖିର ଗଭୀରତାରେ ବୁଡି
ହଜିବାକୁ ଚେଷ୍ଟା କରେ
ଅନ୍ୟ ଏକ  ଇଲାକାରେ...

ଭ୍ରାମିତ ଭ୍ରମର ପରି ଉଡିବୁଲେ
ତୁମ ଅଙ୍ଗ ଚାରିପାଖେ
ପ୍ରେମ ମଧୁ ପାନ ର ଇଚ୍ଛା ରଖି
ମତୁଆଲା ହେବା ପାଇଁ
ତୁମ ଓଠ ର ମଧୂପକୁ ପିଇ .....



ସାଗର ପ୍ରଧାନ

ପ୍ରସାରିତ କରେ ମୋର ବାହୁ ଦ୍ୱୟ
କେବଳ ତୁମ  ଆଲିଙ୍ଗନ  ପାଇଁ
ଲାଗି କରି ରହିବାକୁ ଚେଷ୍ଟା କରେ
ତୁମ ଦେହେ ରଙ୍ଗ ହୋଇ

 Magazine Downloaded from www.aahwaan.com

ଶିଳା ରେ ଶିଉଳି ପରି .....

ବୁକୁରେ ଭରା ଦେଇ ପଡ଼ିବାକୁ ଚାହେଁ
ତୁମ ହୃଦୟ ର ଭାଷା
ଅବୁଝା ହୋଇ ବୁଝିବାକୁ ଚାହେଁ
ତୁମ ହୃଦୟରେ ଥିବା
ମୋ ପ୍ରତି ତୁମ ପ୍ରେମ ପରିଭାଷା....

ଜୀବନର ଅଙ୍କାବଙ୍କା ରାସ୍ତା ଯେତେ
ଚାଲିବାକୁ ଚେଷ୍ଟା କରେ
ତୁମ ପଦଚିହ୍ନ ରେ ପାଦ ଦେଇ
ମୋ ଜୀବନର ପଥ ସବୁ
ଶେଷ ନିଃଶ୍ୱାସ ଯାଏ ....

*ସାଗର ପ୍ରଧାନ ,ଗଂଜାମ*
ଭ୍ରାମ୍ୟଭାଷ : ୯୧୨୪୭୭୬୨୮୭

Magazine Downloaded from www.aahwaan.com

# ମକଦ୍ଦମା

କୋଟ କଚେରୀ ସବୁ,
ଅଭିମନ୍ୟୁ ଫସିଥିବା ଚକ୍ରବ୍ୟୁହ ପରି;
ଅବସର ପରର ସୁଖ କୁ ଗାମୁଛା ରେ ଝାଡ଼ି ଦେଇ
ପୁତ୍ରପ୍ରେମୀ ବାପା ଏବେ ମକଦ୍ଦମା ରେ..
ଯୌତୁକ ଜନିତ ବଧୂ ହତ୍ୟା ର ପ୍ରୟାସ !
ମିଛ ମକଦ୍ଦମା... [୧]
ଛକରେ, ଗାଁ ରେ, ସାହି ପଡିଶା ରେ ଛି ଛାକର;
ବାପାଙ୍କ ଆଦର୍ଶ ର ସିନ୍ଦୁକ ମହାନଦୀ ରେ ଭସେଇ,
ନିଜେ ମହାବାତ୍ୟା ରେ ଭାଙ୍ଗିଯାଇଥିବା ସ୍କୁଲ ଘର..
ଯେଉଁଠି ରାତି ହେଲେ ଛକ ଟୋକାଙ୍କ ଗୁଲି ଖଟି
ଜୁଆ ଖେଳକୁ ମାଲ ମାଡ଼..[୨]
ଏତେ ପ୍ରେମ,ଏତେ ପ୍ରତିଶୃତି,
ସମାଜ ପରିବାର କୁ ପଛରେ ଛାଡି ବି,
ରାତି ସହ ଚାରି ପ୍ୟାକେଟ ଗୋଲଡି flake ଆଉ ଦୁଇ ବୋତଲ ହ୍ୱିସ୍କି..
ମନି ପର୍ସ ରେ ଦୁଇ ଗୋଟି ଫୋଟୋ
ଗୋଟିଏ ତମର ଆଉ ଗୋଟେ ବାପାଙ୍କର ।। [୩]



ତୃପ୍ତି ରଞ୍ଜନ ଦାସ

ବରିଷ୍ଠ ଗବେଷକ,
ଆଇଆଇଟି (ଆଇଏସ୍ଏମ୍), ଧାନବାଦ, ଝାରଖଣ୍ଡ
ଭ୍ରାମ୍ୟଭାଷ:୮୨୪୯୩୫୭୭୭୨,
ଇମେଲ୍ : tdas1000.ismphysics@gmail.com

Magazine Downloaded from www.aahwaan.com

# ବିଶ୍ୱାସ

(୧)

ଯେତେବେଳ ଯାଏ

ବିଶ୍ୱାସ ବଞ୍ଚିରହେ

ସବୁ ଠିକ୍ ଥାଏ

ନଚେତ୍ ଜମା ବଡ଼ କଥା ନୁହେଁ

ଆଞ୍ଜୁଳାଏ ବିଷାକ୍ତ ପବନରେ

ନିମିଷେକେ ହିମାଳୟ ଭାଙ୍ଗିବାକୁ

ଖଣ୍ଡ ବିଖଣ୍ଡିତ ହୋଇ ।

(୨)

ମୁଁ ଶୂନ୍ୟ ଶୂନ୍ୟ

ମହା ଶୂନ୍ୟ

ମୋର ବୋଲି ନାହିଁ କିଛି

ଆଉ ମୋ ପାଖରେ

ଯାହାକୁ ମୋର ବୋଲି

ସବୁଆଡ଼େ ଗର୍ବ କରୁଥିଲି

ସେ ଉଡ଼ିଲା ଫୁର୍ କରି



ରାଜେଶ ପୂଜାରୀ

 Magazine Downloaded from www.aahwaan.com

ଦୋଛକିରେ ଛାଡ଼ି ମତେ

ବିଶ୍ୱାସ ମୋ ମହୁମୁହାଣ

ହେଲା ଲହୁ ଲୁହାଣ

ନା'କହି ହୁଏ ନା'ସହି ହୁଏ

ବ୍ୟଥା ଯାହାକୁ ଯେତେ ।

(୩)

ବିଶ୍ୱାସ ପ୍ରୀତିର ଅନ୍ୟ ଏକ ନାମ

ଭାବୁଥିଲି ବାଲ୍ୟକାଳରୁ,

ଅବିଶ୍ୱାସେ ଶୀଳା ବିଶ୍ୱାସେ ଇଶ୍ୱର

ଶୁଣିଛି ଅନେକ ଠାରୁ ।

ହେଲେ ତା'ସାଥିରେ

ସ୍ୱାର୍ଥାନ୍ଧତାର ଗଳିରେ

ମୁହାଁମୁହିଁ ହେଲି ଯେବେ

ବିଶ୍ୱାସ ପାଖରୁ

ବିଶ୍ୱାସ ଉଠିଗଲା ତେବେ ।

କୁଶମେଲ , ଝାରସୁଗୁଡ଼ା

Magazine Downloaded from www.aahwaan.com

# ତୁ ଆଉ ମୁଁ

(ଦୁଇ ଶରୀରସିନା ଗୋଟେ ହୃଦୟ)
ବାସ ନଥିବା ମୁଁ ପଳାଶ ଫୁଲଟେ
ତୁ ଚୁଲବୁଲି ପ୍ରଜାପତି,
ମୁଁ ଗ୍ରୀଷ୍ମ ଋତୁର ଝାଞ୍ଜି ପବନଟେ
ତୁ ପ୍ରୀତିଭିଜା ଜହ୍ନରାତି ।
ତୋ ସ୍ପର୍ଶ ପାଇ ମହକି ଉଠିଛି
ମୋ ଅଗଣା ମୋ ଘର
ତୋ ପ୍ରେମ ଆଲୋକ ଦୂର କରିଦେଲା
ମୋ ଜୀବନରୁ ଅନ୍ଧକାର ।
ଖିଆଲି ମନରେ ତୋ ପ୍ରେମର ନିଶା
ଆଖିରେ ଭରିଛି ସ୍ୱପ୍ନ ଅସୁମାରି
ଆଗରୁ ଜୀବନ ଥିଲା ମୋ ବେରଙ୍ଗ
ତୁ ଦେଲୁ ଜୀବନରେ ସାତରଙ୍ଗ ଭରି ।
ହୃଦୟ କାନନେ ଏବେ ଗାଉଛି କୋଇଲି
ପ୍ରୀତିର ସଙ୍ଗୀତ ତା'ର କୁହୁତାନେ
ତୋ ସାଥେ ଫେରିଛି ମୋର ସବୁ ଖୁସି
ଚଇତି ପବନ ଧୀରେ କହିଯାଏ କାନେ ।
ଥିଲି ପ୍ରତୀକ୍ଷାରେ ସତେ କେଉଁ ଜନମରୁ
ତୋ ପ୍ରେମ ବରଷାରେ ମନ ନାଚେ ମୟୁର ସାଜି
ମେଣ୍ଟିଛି ଯେମିତି ଆଜି ଜନ୍ମ ଜନ୍ମାନ୍ତର ଶୋଷ
ଭିନ୍ନ ଏକ ଦୁନିଆରେ ଲାଗେ ଯାଇଛି ମୁଁ ହଜି... ।



ସୌମ୍ୟରଞ୍ଜନ ସ୍ୱାଇଁ

 Magazine Downloaded from www.aahwaan.com

# ପ୍ରେମର ପରିଭାଷା

ତମକୁ ଅନେକ କିଛି କହି ବି

ବହୁତ କିଛି ବାକି ରହିଯାଉଥିବା କଥା ହିଁ ପ୍ରେମ । [୧]

ଏଇ ଯେମିତି

ତମେ ଭଲ ଲାଗ

ତମ ଆକଟ କରିବା

କଥା ହେଲେ

କଳ କଳ ହୋଇ ନଈପରି ବହିଯିବା

ମୁହଁ ଫୁଲେଇ ଅଭିମାନ କରିବା

ଅବଶ୍ୟ ବେଳେ ବେଳେ ଅବୁଝା ରହିଯାଏ

ତମେ ଅନଲାଇନ୍ ଥାଇ କି ଦୁଇରାତି ଉତ୍ତର ନ ଦେଲାପରେ ମୋତେ ବୁଝାପଡ଼େ



ସଚ୍ଚିଦାନନ୍ଦ ବାରିକ

ତମକୁ ନେଇ ଖାଲି ଖାଲିରେ ହଜି ହେଉଥିବା ଭାବନା ହିଁ ପ୍ରେମ

ତମକୁ ସବୁକଥା କହିନ ପାରିଲେ ଯେ

ମୁଁ ପ୍ରେମ କରେନି ତା ନୁହେଁ

ବେଳେ ବେଳେ ଚୁପ୍ ରହି ତମକୁ ଦେଖିବା ବି ତ ଗୋଟିଏ ପ୍ରେମ [୨]

ତମେ ଦୂରେ ଥାଇ ବି

 Magazine Downloaded from www.aahwaan.com

ପାଖରେ ପାଇ ହେଉଥିବା ଅନୁଭବ ହିଁ ପ୍ରେମ...

ଏଇ ଯେମିତି ମୋର ମନେ ପଡ଼ିବା

ଆଉ ତମର ମେସେଜ୍ ଆସିବା

ଆଉ ଯୋଜନ ଯୋଜନ ଦୂରରେ ଥାଇ

ଏକା କଥା ମନକୁ ଆସିବା

ହେଇପାରେ ଦୁନିଆ ଆଖିରେ କୋ ଇନ୍‌ସିଡ଼େନ୍‌ସ

ହେଲେ ମୋ ପାଇଁ ତ ପ୍ରେମ ।[୩]

ତମକୁ ଘଡ଼ିଏ ଅନଲାଇନ୍ ନ ଦେଖି

ଦଶବାର ଲାଇନ୍ ଆଉ ପ୍ରାୟ ୨୫ଟା ମିସକଲ୍ ବି ତ ପ୍ରେମ... [୪]

ହଁ ମୁଁ ଜାଣେ ତମେ ଠିକ୍ ଥିବ

ତଥାପି ଲୋଡ଼ିବା ବି ତ ପ୍ରେମ [୫]

ଆହୁରି ଅନେକ କିଛି ବି ପ୍ରେମ

ଯାହା କେବଳ ଆଖି ବୁଝେ

ମନ ବୁଝେ

ଭାଷା ଦେଇ ଲେଖି ହୁଏନା

ବେଳେ ବେଳେ ସବୁ ଜାଣି ଅଜଣା ରହିବା ବି ତ ପ୍ରେମ

ଏଇ ଯେଇତି ପାହାଡ଼ ଝରକା ଆଉ ନଈ ସବୁ

ଆଗରୁ ନିଷ୍ପ୍ରାଣ ଲାଗୁଥିବା ବେଳେ

ତମେ ଜୀବନ ହୋଇ ଆସିଲା ପରେ

 Magazine Downloaded from www.aahwaan.com

ରଙ୍ଗୀନ ଦିଶିବା

କୋଇଲିର କୁହୁତାନ

ପକ୍ଷୀମାନଙ୍କର କଳରବ

ଆଗରୁ ବେକାର ଲାଗୁଥିବା ବେଳେ

ସଙ୍ଗୀତର ମୂର୍ଚ୍ଛନା ଲାଗିବା ବି ତ ପ୍ରେମ । [୬]

ଚାଲୁ ଚାଲୁ ବାଟ ଅଚାନକ ସରିଯିବା

ହାତରେ ଲିଷ୍ଟ ଥାଇ ବି ଅନେକ କିଛି ଭୁଲିବା

ଭିଡ଼ ଭିତରେ ଚାଲୁ ଚାଲୁ

ତମେ ପଛରୁ ଆସି ଡାକିବାର ଭ୍ରମ ବି ତ ପ୍ରେମ ।

ଫୁଲବାଲାର ଟୋକେଇରେ

ଲାଲ ଗୋଲାପ ଦେଖି

ମନ ପ୍ରେମାଚ୍ଛନ୍ନ ହେବା ଆଉ ଆଖି ବୁଜିଲେ

ତମେ ହିଁ ଦିଶିବା

ସବୁ ପ୍ରେମ ପ୍ରେମ ଆଉ ପ୍ରେମ...

ମୁଁ ତ ଅନାୟାସରେ ଦୁନିଆକୁ କହିପାରେ

ତମେ ହିଁ ପ୍ରେମ

ତମେ ହିଁ ଜୀବନ

କିନ୍ତୁ

ଡରଲାଗେ

 Magazine Downloaded from www.aahwaan.com

ସମ୍ପର୍କରେ ଆଖିଲାଗିବାକୁ ସମୟ ଲାଗେନି
ଦୁନିଆ ଆଖିରେ ଅନେକ କିଛି ଯାଏନି
ସେଥିପାଇଁ କହିନି [୭]

କହିନି ବୋଲି ଯେ ପ୍ରେମ ନାଇଁ
ସେମିତି କିଛି ମାନେ ନାହିଁ
କିଛି କଥା ନ କହି ଦୁନିଆ କହିବା
ଭାବି ନଥିବା କଥା ଆଉ
ଅକଳିଆ ପରିସ୍ଥିତିରେ ବି
ଅନେକ କଥା ପରିବାର ଆଉ ସମାଜ କହିବା
ତଥାପି ସବୁ କଥାକୁ
ଫୁ କରି ଉଡ଼େଇ ଦେଇ
ତମ ପାଇଁ ସବୁକିଛି ସହିବା
ସେଇଟା ବି ତ ପ୍ରେମ... [୮]

ଗ୍ରାମ/ପୋଷ୍ଟ : ଝୁମ୍ପୁରା, ଜିଲ୍ଲା : କେନ୍ଦୁଝର, ୭୫୮୦୩୧, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୩୫୦୫୮୦

Magazine Downloaded from www.aahwaan.com

# ଝିପିଝିପି ବରଷା

ଝିପିଝିପି ବରଷା ମିଠାମିଠା ରାତି
ତୁମେ ନାହଁ ପାଶେ ବୋଲି
ନା' ଭିଜି ହେଉଛି
ନା' ହଜି ହେଉଛି
ଆଗୋ ମୋର ସ୍ୱପ୍ନର ମଧୁମାଳତୀ ।

କିଟିକିଟି ଅନ୍ଧାର ଟିକି ଟିକି ଆଶା
ତୁମ ବିନା ଏଇ ରାତି
ନା' ସହି ହେଉଛି
ନା' ରହି ହେଉଛି
ତୁମେ ମୋର ହୃଦୟ ପହିଲି ନିଶା ।



ରାହାସ କୁମାର ବେହେରା

ଚିକିମିକି ବିଜୁଳି ସୁଲୁ ସୁଲୁ ବାଆ
କଳା ବାଦଲେ ଜହ୍ନଟା
ନା' ସୁଖ ଦେଖୁଛି
ନା' ଦୁଃଖ ଦେଖୁଛି

 Magazine Downloaded from www.aahwaan.com

ପ୍ରିୟା ବିନା ବଞ୍ଚିବା କଷ୍ଟ ପାଉନି ରାହା ।

ହୁହୁ ହୁହୁ ଅନଳ ହୁତୁ ହୁତୁ ମନ
ଦହନେ କେତେ କଷଣ
ନା' ସହି ହେଉଛି
ନା' କହି ହେଉଛି
ଓଦା ଦେହେ ଜଳୁଛି ହେଲେ ମୁଁ ଯେ ମଉନ ।

ଭିଜା ଭିଜା ଓଢଣୀ ଦୁଷ୍ଟ ଦୁଷ୍ଟ ଆଖି
ମନେପଡେ ନିରୋଳାରେ
ହଁ ତୁମେ କେଉଁଠି
ହଁ ମୁଁ ଯେ କେଉଁଠି
ଆମ ମିଳନ ଯାହା ସତେ ରହିଛି ବାକି ।

ବାଲ୍ୟିମ୍ବା, ଢେଙ୍କାନାଳ - ୭୫୯୦୧୫
ଭ୍ରାମ୍ୟଭାଷ : ୮୨୮୦୩୩୭୦୮୮

 Magazine Downloaded from www.aahwaan.com

# ପ୍ରିୟାବର୍ଷା କଲା - ପ୍ରେମଜ୍ୱର

ଆଉ ଭିଜାନାଲୋ ପ୍ରିୟା ବର୍ଷା !

ତୋହରି ପ୍ରେମର ଛିଟାରେ

ଭିଜି ମୁଁ ଆଜି  ହୋଇଲି ଭୀଷଣ ଜ୍ୱରଯେ

ତାହାକୁ ଲୋକେ କହିଲେ ମୋତେ

ହୋଇଛି ପ୍ରେମ ଜ୍ୱରରେ !  ।

ଆଉ ଦେଖିବୁନି ମୋତେ ଶୋଉଛି ଯାଇ ଘରେ  ।

ଦୁଃଖ କରେନା ପ୍ରିୟା !

ଏମିତି ଆସୁଥା ଟିକେ ହାଉଲେ  ।

ଅନୁଭବ କରୁଛି ତୋରି ପରଶକୁ,

ତୋରି ଆଗମନକୁ  ।

ଜୀବ ଜଗତକୁ କଲ୍ୟାଣ କରେ

ଆଣେନା ବନ୍ୟା ବାତ୍ୟାକୁ  ! ।



ଅଶୋକ ଦିଗାଳ

 Magazine Downloaded from www.aahwaan.com

# ମୋ ସହରକୁ ବର୍ଷା ଆସିଛି

ମୋ ସହରକୁ ବର୍ଷା ଆସିଛି
ରଜନୀଗଂଧାର ମହମହ ବାସ୍ନାରେ
କଦମ୍ବ ପତ୍ରର ଢଳଢଳ ବିନ୍ଦୁରେ
କୃଷ୍ଣଚୂଡାର ରଂଗ ନେସି
କଳାମେଘୀ ପାଟ
ମଖମଲି ଓଢଣୀରେ ।
ଶ୍ୟାମ ରଂଗେ ଉଦ୍ଭାସିତ
ମୋ ସହରର ବର୍ଷାଭିଜା ବୁକୁ ,
ଓଦା ଲୁଗାରେ ସେ ସଜାଇଛି ତନୁ
ଠିକ୍ ନୂଆ କୁଳବଧୂ ଭଳି ।
ସବୁଜ ବନାନୀ ର ସବୁଜିମା
ଶୋଭୁଛି ତା' ଘନକୃଷ୍ଣ କବରୀରେ ।
ତିଳତର୍ପଣ କରୁଛି
ଟିପି ଟିପି ବର୍ଷା ର ଧାରା
ତା ହାତ ଆଂଜୁଳି ରେ ।



ଶରତ କୁମାର ଦାସ

 Magazine Downloaded from www.aahwaan.com

ଧସେଇ ପଶୁଛି ଖଣ୍ଡ ଖଣ୍ଡ କଳାମେଘ
ବର୍ଷିଯାଉଛି ଅଶରା ଅଶରା
ମୂର୍ଚ୍ଛନା ତୋଳୁଛି
ମଧୁମୟ ଶାଶ୍ୱତ ସଂଗୀତ
କେତେ କୋଳାହଳ କେତେ ଚଳଚଂଚଳ
ମୋ ସହରର ଧୂମାକ୍ତ ବୁକୁରେ ।
ଲନ୍ ର ମୁଲାୟମ ସବୁଜ ଘାସଗଛ
ଝାଉଁଳି ପଡିଥିବା ଦେବଦାରୁ
ଧାଡି ଧାଡି ସୁସଜ୍ଜିତ ଫୁଲକୁଣ୍ଡ
ଖୁସି ରେ ଆତ୍ମହରା,
ବଂଚିଯିବେ ଆଉ କେତେଦିନ
ପହିଲି ଅଷାଢର ପହିଲି ସ୍ପର୍ଶରେ ।

ଚା' ଦୋକାନରେ ଭିଡଜମିଛି
ଅଧାପୋଡା ସିଗାରେଟ୍ ର
ପରସ୍ତ ପରସ୍ତ ଧୂଆଁଳିଆ ଆସ୍ତରଣ ରେ
ନଇଁ ନଇଁ ଆସୁଛି ଅଳସୀ ସଂଧ୍ୟା ।
ଷ୍ଟ୍ରିଟ୍ ଲାଇଟ୍ ର ନିଅନ ଆଲୁଅରେ
ଲୁଚକାଳି ଖେଳୁଛି ଅମାନିଆ ବର୍ଷା

 Magazine Downloaded from www.aahwaan.com

ଲହଡି ଭାଙ୍ଗୁଛି ରାସ୍ତାଘାଟ, ନଈ, ନାଳ,

ପାର୍କ, କଲଭର୍ଟ, ବସ୍ ଷ୍ଟାଣ୍ଡ,

ସିନେମା ହଲ୍ ର ଚତୁଃପାର୍ଶ୍ୱ ।

ଦୂର ଶାଳବଣ ଝଂକାଳିଆ ପତ୍ର ଗହଳରେ

ଥପ୍ ଥପ୍ ବର୍ଷାର ମଧୁର ତାନରେ

ମୁରୁକି ହସୁଛି ଲାଜେଇ ଜହ୍ନ ,

ବଢିଚାଲିଛି ରାତ୍ରିର ବୟସ

ସ୍ୱାଗତ କରୁଛି ଝିଙ୍କାରୀର ଝଙ୍କାର

ବର୍ଷାକୁ ଓ ତାର ମଧୁର ସ୍ୱରକୁ,

ଶାନ୍ତିରେ ନିଶ୍ୱାସ ମାରୁଛି ମୋ ସହର

ଆଉ ଭିଜୁଛି ବର୍ଷାରେ ମନଭରି

ଅତନ୍ଦ୍ର ନୟନରେ ।।

ଅଧ୍ୟାପକ ଶରତ କୁମାର ଦାସ

ବଡବିଲ ମହାବିଦ୍ୟାଳୟ,ବଡବିଲ,କେନ୍ଦୁଝର

ଦୁରଭାଷ - ୯୪୩୮୨୪୩୧୪୯

Magazine Downloaded from www.aahwaan.com

# ବର୍ଷା ନା ବର୍ଷା ପରି

ବୁଝିଥିଲେ ବର୍ଷା

ମହାଦାନୀ ପଣରେ

ଅଜାଡ଼ି ଦିଏ ଏତେ ସବୁ

ସ୍ନେହ ଶ୍ରଦ୍ଧା ଯେ

ଅବିଶ୍ୱାସ୍ୟ ଅସମ୍ଭାଳ

ପୁଣି କେବେ ଉଦଣ୍ଡୀ ସାଜି

କରେ କଳବଳ

ତା'ର ବି ଠିକ୍ ସେମିତି

କେବେ ପ୍ରେମର ନିର୍ଝର

କେବେ ଧୋକାର ଜହର । [୧]



ରାଜେଶ ପୂଜାରୀ

କେବେ ପୋଷଣ କରିହୁଏ

ନୂତନ ଅଭିରୁଚି

ଆଉ କେବେ ବର୍ଷା ଦ୍ୱାରା ସୃଷ୍ଟି ହେଲା

ଅକଳିତ ଅନ୍ତରାୟ ମାନେ

ସବୁଥିରେ ଧୂଳି ଦିଅନ୍ତି ବିଛି

ସିଏ ବି ସେପରି

 Magazine Downloaded from www.aahwaan.com

କେବେ ମିଳନ ମାଧୁରୀ

କେବେ ବିରହର ତୁରୀ । [୨]

ତଥାପି ବର୍ଷା

ବଞ୍ଚିବା ଭରଷା

କେତେ ବଡ଼ ଦିଗ ନଦେଖାଏ

ଦୁଃଖ ପରେ ସୁଖ ଲାଗିଥାଏ

ଯିଏ ଦିଏ

ନେଇପାରେ ସିଏ

ହେବି ବୋଧେ ସେମିତି କରୁଥାଏ ! [୩]

କିନ୍ତୁ କେମିତି କେଜାଣି

ମତେ ଜମା ଭୁରେନି

ସେ ବି ସେମିତି କରୁ ମୋ ସାଙ୍ଗରେ

ଯାହା ଯାହା ବର୍ଷା କରେ ।[୪]

ସେଇଥିପାଇଁ ତ

ଅସହ୍ୟ ହେଲେ ବି

ମୋ ଛାତିରେ ଲଦି ଛେଳିଆ ପାହାଡ଼ କୁ

ସୁଯୋଗ ଦିଏ ତାକୁ

ଲାଜର କାଞ୍ଚୁଲି ଖସେଇ

ଯାଯାବର ମେଘ ମାନଙ୍କ ସହିତ

 Magazine Downloaded from www.aahwaan.com

କିଛି ସମୟ ମନଭରି

ବୁଲି ଗୀତ ଗାଇ

ଲଟର ପଟର ହେବାକୁ । [୫]

କିନ୍ତୁ ମୁଁ ଯାହା ଚାହେଁ ସେ ଓଲଟା କରେ

ଆଶା ସମୁଦ୍ର ପାଲଟେ

ନିରାଶାର ମରୁଭୂମି

ମୁଁ ନିଜେ ହିଁ ବର୍ଷା ବୋଲି

ପ୍ରମାଣ ଦିଏ ଯେମିତି ! [୬]

ଆଉ ମୁଁ ଖୁବ୍ ଚିଡ଼ିଯାଏ

ଅତର୍କିତ ଚିନ୍ତା ନଗରେ ଘୁରି ଘୁରି

ଅହରହ ବୃଥା ତର୍ଜମା କରି

ସେ ସତରେ ବର୍ଷା

ନା'ବର୍ଷା ପରି... ! [୭]

କୁଶମେଲ, ଝାରସୁଗୁଡ଼ା

 Magazine Downloaded from www.aahwaan.com

# ଆହେ ଠାକୁର

ଚାଲୁଥିବି ବାଟ ତୁମରି ଆଶ୍ରାରେ
ଚିନ୍ତା ନାହିଁ ଆହେ ଠାକୁର...
ତବ ଆଶିଷର ପୀୟୁଷ ପରଶେ
ଜାଗା ଉଠୁ ଜୀବ ମୋହର
ମୋ ଜୀବନ ବହି ପ୍ରତି ଅଧ୍ୟାୟରେ
ତବ କଲପନା ମହକ
ସକଳ ସୃଷ୍ଟିର ରେଣୁରେ ରେଣୁରେ
ତବ ସର୍ଜନାର କୁହୁକ
ବାନ୍ଧି ହୋଇଯିବି ତବ ବନ୍ଧନରେ
ଲୋଡ଼ାନାହିଁ ସୁଖ ମୋହର... ।
ଅଧମ ଶିଶୁ ମୁଁ ମା ତୁମେ ମୋର
ସୀମାହୀନ ତବ କରୁଣା
ପାଦେ ପାଦେ କିବା, ତବ ଆଶ୍ୱାସନା
ବତେଇ ଦିଏ ମୋ ଠିକଣା
ଦିବ୍ୟ ଚେତନାର ଅମୃତ ବିଭବେ
ଭରିଯାଉ ମନ ମୋହର... ।



ବନ୍ଦିତା କର

ଶିକ୍ଷୟିତ୍ରୀ, ନୂଆବନ୍ଧ ସାହି
ନବରଙ୍ଗପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୪୭୨୦୪୧

Magazine Downloaded from www.aahwaan.com

# ସ୍ମୃତିର ଅନ୍ୱେଷଣରେ

ସ୍ମୃତି ସବୁ ଗୁମୁରି ଗୁମୁରି କାନ୍ଦି

ଲୁହ ଗଡ଼ାଇଲେଣି

ପାଉଁଶ ହେବା ଆଶଙ୍କାରେ

ତୁମ ପରିବର୍ତ୍ତିତ ସ୍ୱଭାବରେ

ନିଷ୍ଠୁର ... କର୍କଶ ଆଘାତରେ ... ।

ସେମାନେ କେବେ ବି

ଦାବି କରିନଥିଲେ ତୁମଠାରେ

ଲିପିବଦ୍ଧ ହେବାକୁ

ଅରଣ୍ୟରାଜିର ବକ୍ଷରେ

ଐତିହ୍ୟ କିର୍ତ୍ତୀରାଜିର



ଭଗ୍ନପ୍ରସ୍ତର ଶିଳାରେ

ଅତୀତର ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟରେ

କିମ୍ବା କେଉଁ

ଗଳ୍ପ, ଉପନ୍ୟାସର ଚରିତ୍ରରେ

ଅରୁଣ କୁମାର ପାତ୍ର

ବା ଚିତ୍ରିତ ହେବାକୁ

କେଉଁ ଚିତ୍ରଶିଳ୍ପୀର ରଙ୍ଗୀନ୍ କାନ୍‌ଭାସ୍ରେ ।

 Magazine Downloaded from www.aahwaan.com

କେବଳ ସ୍ୱପ୍ନଥିଲା ଏତିକି

ରହିବାକୁ ... ତୁମ ହୃଦୟର ଅର୍ନ୍ତନିହିତ କୋଣରେ

ତୁମ ନିର୍ଜନତାର ବିଭୋର ବେଳାରେ ।

ତୁମ ଭାବନାର ଶୀତଳ ସ୍ପର୍ଶରେ

ତୁମ ମନର ନୀଳ ଆକାଶରେ ପୂର୍ଣ୍ଣିମାର ଚାନ୍ଦ ହୋଇ

ରାତ୍ରୀର ଅନ୍ଧକାରରେ ଉଇଁବାକୁ

ଦିନର ଆଲୋକରେ ଫୁଟିବାକୁ

ଅଦୃଶ୍ୟ ତାରାଟିଏ ହୋଇ ... ।

ଶିକ୍ଷକ, କେନ୍ଦ୍ରପଦର, ଫୁଲବାଣୀ – ୭୬୨୦୦୧

ଭ୍ରାମ୍ୟଭାଷ – ୯୪୩୭୭୬୫୨୭୫, କନ୍ଧମାଳ ଜିଲ୍ଲା (ଓଡ଼ିଶା)

ଇମେଲ୍ – arunpatra21171@gmail.com

 Magazine Downloaded from www.aahwaan.com

# ବଧୂ ନା ବାନ୍ଧବୀ

ବଧୂବେଶେ ଥରେ ସଜେଇ ହୁଅଗୋ
ଜିଇଁ ଥାଉ ଥାଉ ଦେଖିବି
ଏ ଜନମେ ତୁମେ ବଧୂ ହେଲ ନାହିଁ
ବାନ୍ଧବୀ କରି ରଖିବି,
ନାଲି ପାଟଶାଢୀ ହାତେ ଶଙ୍ଖା ଚୁଡ଼ି
ମଥାରେ ସିନ୍ଦୁର ଟିପା
ପାଦରେ ଅଳତା କାନରେ ଝୁମୁକା
ଗଭାରେ ରଜନୀ ଗନ୍ଧା,
ଓଢ଼ଣୀ ଫାଙ୍କକୁ ଚାହିଁ ରହିଥିବି
ଦେଖିବାକୁ ବଧୂବେଶ
ଏ ଜନମରେ ଦେଖା ମିଳିବନି ଆଉ
ରହିଯିବ ଅବଶୋଷ,
ସାଧବ ବୋହୁ ତୁ ନାଲି ଗୁଲୁଗୁଲୁ
ପରହସ୍ତା ତୁ ସମ୍ପ୍ରତି
ତଥାପି ମନ ମୋ ଜମାରୁ ମାନୁନି
ବନ୍ଧୁପଣେ ହୁଏ ଦୋଷୀ,



ନିରଞ୍ଜନ ପଣ୍ଡା

 Magazine Downloaded from www.aahwaan.com

କବଳିତ କରି ରଖିଛି ତମସା

ସବୁ ଶୂନ୍ୟ ଶୁନ୍ୟ ଲାଗେ

ସେହି ମହାଶୂନ୍ୟ ତୁମ ଗୌରୀମୁଖ

କରାଳ କଳାକୁ ଭାଙ୍ଗେ,

କାନଭାସରେ ମୁଁ ଆଙ୍କଇ ଛବି

ସ୍ୱପ୍ନ ରାଇଜରେ ହଜି

ତୁମ ଛବି ଦେଖି ବିତାଇବି ମୁହିଁ

ବାକି ସମୟକୁ ଆଜି ।।

ପୁରଣ ପଧାନ, ଶିଶିଲୋ ବାଲକାଟି ଖୋର୍ଦ୍ଧା

ଭ୍ରାମ୍ୟଭାଷ : ୮୦୯୩୮୯୮୯୮୪

 Magazine Downloaded from www.aahwaan.com

# ବିଜ୍ଞାନର ଦାନ

ରଖେ ଦେଶର ମାନ, ବଢୁଛି ଯାହା ପାଇଁ ଜ୍ଞାନ ,
କେହିନୁହେଁ ଆଉ ସିଏ, ଅଟେ ଆମ ପ୍ରିୟ ବିଜ୍ଞାନ ।।
କରେ ସହଜ କାମ, କରି ନୂଆ ନୂଆ ଉଦ୍ଭାବନ,
ଶିକ୍ଷା-ସ୍ୱାସ୍ଥ୍ୟ-ଯୋଗାଯୋଗ ଆଉ ଗମନାଗମନ ।।
ମଣିଷ ଠାରୁ ଜୀବଜନ୍ତୁ, ସଭିଙ୍କ ଶରୀର ଜ୍ଞାନ ,
ଭିତର ବାହାର ବିଭିନ୍ନ ଅଙ୍ଗ, ଜଣାଏ ଏଇ ବିଜ୍ଞାନ ।।
ଖାଦ୍ୟ ଗ୍ରହଣ କରେ ଉଦ୍ଭିଦ କରେ ପୁଣି ଶ୍ୱସନ ,
ଚଳନ ନଥାଇ କରୁଥାଏ ସେ ଜନନ ରେଚନ ।।
ବଣରେ ବୁଲି ଆଦିମ ମାନବ, ଦେଖୁଥିଲା କେତେ ସପନ,
ଇଛା କରୁଛି ଯାହା ଆଜି ଜାଣିବାକୁ, ତାହା ହେଉଛି ପୁରଣ ।।
ମାଟି ଠାରୁ ମହାକାଶ ମଣିଷ ସଭିଙ୍କ ରଖୁଛି ଧ୍ୟାନ,
ଥାଏ ଯେବେ ଯେଉଁଠି, ସେଇଠି କରେ ମନୋରଞ୍ଜନ ।।
କେଉଁଠି ହେବ ଭୂମିକମ୍ପ, କେଉଁଠି ହେବ ବାତ୍ୟା ବନ୍ୟା ।
ବିଜ୍ଞାନ ବଳେ ସତର୍କ ହେବାକୁ ଆଗୁଆ ମିଳେ ସୂଚନା ।।
ପାରୁଛି ଖଞ୍ଜି ସାଟେଲାଇଟ, ଗଢି ମହାକାଶ ଯାନ ,
ପରମାଣୁ ବୋମା ପାରିଛି କରି, ବିଜ୍ଞାନର ଏ ଦାନ ।।



ଶୈଳବାଳା ମଲ୍ଲିକ

ଶିକ୍ଷୟିତ୍ରୀ
ଖମିଗାଁ ( ଯାଜପୁର )

Magazine Downloaded from www.aahwaan.com

# ଉଠିବ କି ଚକ୍ରଧର

ତୁ ସତେ ଆଉ କ'ଣ ହବୁ, ଚକ୍ରଧର
ତୋ ବାପ, ଗୋସିବାପ ଅଜାପରି
ଚକ୍ ଚକ୍ ଖଣ୍ଡାଧାର କି
ରୋକ୍‌ଠୋକ୍ ଖଡ଼ିଗାର !
ଏବେ...
ତୁ ତ ସହଜ ବାଟରେ ଭାଗ୍ୟ ଖୋଜୁଥିବା
ଅନ୍ଧ ଦୌଡ଼ରେ ପ୍ରତିଯୋଗୀ
ହାତ, ଅଣ୍ଟିପାତିଥିବା ପ୍ରତ୍ୟାଶୀ
ଟଙ୍କାକ ଚାଉଳ, ପାଞ୍ଚଟଙ୍କିଆ ଭାତ
ପୋକରା ଡାଲିରେ ପୁରି ଉଠୁଚି ତୋ' ଥାଳ ।
ଧାରହୀନ ତୋ ଲୁହାର ଲଙ୍ଗଳ ।
ଆଉ କେତେ ଦିନ ଦେଇ
ଚିତା ଚଇତନ କରତାଳି
ଝଡ଼ି ଝଡ଼େଇ ଦେଇଥିବା ମାଟିରେ
ଅଣ୍ଡାଳି ହେଉଥିବୁ ବଙ୍ଗାଳି ଆଳୁ
ଆନ୍ଧରା ମାଛ ଅଣ୍ଡା ଖୋଳ



ପ୍ରଭାତ କୁମାର ଆଚାର୍ଯ୍ୟ

 Magazine Downloaded from www.aahwaan.com

ବାରମାସି ଚଢ଼େଇପରି ଖୁଣ୍ଟି ଖାଉଥିବୁ
ଈଶ୍ୱରପରି ଦିଶୁଥିବା ନିଷାଦର କୌବଲ୍ୟ ।

କୁଆ କା' କରିବାଠୁ କୋଇଲି
ବସାକୁ ଫେରିବା ଯାଏ, ଛାଣୁଥିବୁ
ଗଜାଧାନ, ପଚା ନଡ଼ାର କଂକାଳ
ଝିଅବୋହୁ ଚିରାଲୁଗା ଇଜ୍ଜତ ଅବଶେଷ
ପଢ଼ା ପୁଅର ମୁଣାରୁ ବୋତଲ !
ପଛକରି ଖରା ବର୍ଷା ଶୀତ ମାଘୁଆ କାକର
ବିଷ ପିଉଥିବୁ ବାରମ୍ବାର ।
ଆଉକେତେ ଭାଗ୍ୟ ସିନ୍ଦୁରକୁ
ଶିଉଳୀ କରିବୁ, ତୁଚ୍ଛା ଭାଷର
ବଢ଼ି ସୁଅରେ,
ରୋପି ରୋପି ମଲା ସ୍ୱପ୍ନ
ଝଡ଼ି ମରୁଡ଼ିରେ ଫସଲ ବଦଳରେ
ଝରି ପଡ଼ିବାକୁ ଗରଳ
ଖାଲି ଗରଳ ! !
କେବେ ପୁଣି ସୂର୍ଯ୍ୟ ହସିବ
ପେଟ ପୂରିବ, ତୋ ସକାଳ ଉଇଁବ,

 Magazine Downloaded from www.aahwaan.com

ଉଠ ଚକ୍ରଧର, ଉଠ

ଜୁଇରେ ଦିହ ଜଳାଇବା ବଦଳରେ

ମଶାଲ ଧଅ,

ପୋଡ଼ିଦେ, ସାହୁକାରର ଶସ୍ତା କମ୍ବଳ

ଦେଢ଼ି ମହାଜନୀ କଷ

ଦି ଟଂକିଆ ପୋଚ, ନାଲିନେଳି ଲୋକ

କରତାଳି, ଭିକଥାଳ

ମାଗିଖିଆର ପରିଚୟ ପତ୍ର

ଯେଉଁଠି ନାଇ ତୋ ହାତ ଅକ୍ଷର ।

ଉଠ। ଶାବଳ, ପଜା ଲଙ୍ଗଳ ଧାର

ଶାଣ ଦେ' ଦାଆରେ

ନିପାତ କରିବାକୁ ନିଷାଦର ମାୟାଜାଲ

ଦେଖିବୁ, ତା ପରଦିନ ଉଇଁ ଆସିବ

ତୋ ଇପ୍‌ସିତ୍ ସକାଳ ।

ଦ୍

 Magazine Downloaded from www.aahwaan.com

# ମୁଁ କଣ କେବଳ ଶରୀର

(୧)

ସ୍ୱପ୍ନ ଦେଖୁଥିଲି

ଗର୍ଭରୁ ବାହାରି

ଦେଖନ୍ତି ଦୁନିଆ।

ଖେଳନ୍ତି ତା କୋଳେ

ହଠାତ୍ ଅଧା ସ୍ୱପ୍ନେ

ଧାରୁଆ ଅସ୍ତ୍ର ଘେନି

ଗର୍ଭେ ନାଶିଲେ ପ୍ରାଣ

ଅନ୍ତରେ କଲି ଚିତ୍କାର

ମୁଁ କଣ କେବଳ ଶରୀର ?



ଅନିରୁଦ୍ଧ ସାମନ୍ତରା

(୨)

ଇଚ୍ଛା କରିଥିଲି

ପାଠ ମୁଁ ପଢ଼ିବି

ଶିକ୍ଷିତା ହୋଇବି

ଗଢ଼ିବି ମୋ ଦେଶ,

 Magazine Downloaded from www.aahwaan.com

ଝିଅଟିଏ ବୋଲି
ପାଠୁ କଲ ଦୂର
ବୁଝିଲନି କେହି, କଣ
ନାହିଁ ମୋ ଶିକ୍ଷାଧିକାର ?
ମୁଁ କଣ କେବଳ ଶରୀର ?

(୩)
ବନ୍ଧୁଟିଏ ଭାବି
ବାନ୍ଧବୀ ସାଜିଲି
ରଖିଲି ତୁମେ ବିଶ୍ୱାସ
ନ ବୁଝି ମୋ ମୂଲ
ଦେଲ ପ୍ରତାରଣା
ବିଶ୍ୱାସେ ଢାଳିଲ ବିଷ
ଖେଳଣା ଭାବେ ଖେଳି
ନ ବୁଝିଲ ମନ ମୋର
ମୁଁ କଣ କେବଳ ଶରୀର ?

(୪)
ଆଣିଲ ଜଗତେ

Magazine Downloaded from www.aahwaan.com

ପାଳି-ପୋଷି କଲ ଯୋଗ୍ୟା

ସ୍ୱପ୍ନ ଦେଖିବା ପୂର୍ବରୁ

ନିଦ ମୋ ଭାଙ୍ଗିଲ

ହେଲି ସତେ କି ମୁଁ ଭାର

ପରଘରେ ବାହାଦେଲ

ତୁମେ ବି ବୁଝିଲନି ବାପା

ବେଦନା ଏ ମନର

ମୁଁ କଣ କେବଳ ଶରୀର ?

(୫)

ତୁମକୁ ଭାବି ନିଜର

ଅତୀତ ମୋ କଲି ପର

ଢାଳିଲି ତୁମେ ବିଶ୍ୱାସ

ହେଲେ ଯଉତୁକ ପାଇଁ

କିରୋସିନି ଢାଳି

ଜାଳିଲ ଏ ଦିହକୁ ମୋର

ମୁଁ କଣ କେବଳ ଶରୀର ?

 Magazine Downloaded from www.aahwaan.com

(୬)

ବକ୍ଷଛେଦି ଜୀବନ ଦେଲି
ପାଳି-ପୋଷି କଲ ବଡ
ସମୟ ସ୍ରୋତେ ବଦଳିଲା
ଚିତ୍ର ମୋ ସଂସାରର
ସ୍ୱାମୀ କଲେ ସାତପର
ପୁଅ-ଝିଅ ନିଜ ବାଟ ଧରିଲେ
ବୃଦ୍ଧାକାଳେ ହେଲି ଭାର
ବୃଦ୍ଧାଶ୍ରମ ଠିକଣା ହେଲା ମୋର
ମୁଁ କଣ କେବଳ ଶରୀର ?

(୭)

ଅସ୍ତିତ୍ୱ ନ ବୁଝି ମନର
ବିନା ଦୋଷେ ମୋର
ନାମେ ବୋଳିଲ କଳଙ୍କ
ନ ଚିହ୍ନିଲ ଛଳଟିକୁ
ହେଲି ପୁରୁଷ କାମନା ଶିକାର
ଆତ୍ମା ପବିତ୍ରତା ସତ୍ତ୍ୱେ
ଶରୀରକୁ ମାପକାଠି କରି

 Magazine Downloaded from www.aahwaan.com

ଅହଲ୍ୟାକୁ କଲ ପଥର !

ମୁଁ କଣ କେବଳ ଶରୀର ?

(୮)

ଜନକ ନନ୍ଦିନୀ

ଅତି ସୁକୁମାରୀ

କି ଦୋଷେ ମୋ ଦେହେ

ବୋଳିଲ ଲୋକନିନ୍ଦା

ସନ୍ଦେହ ବାଣୀକୁ ସ୍ୱୀକୃତି କରାଇ

ରାଜପଣିଆ ଦେଖାଇଲ ନାଥେ

ଅନ୍ତସ୍ୱତ୍ତା ସତ୍ୱେ ଦୂରେଇଲ !

ଅନଳେ ଜଳାଇ

ପରୀକ୍ଷିଲ ମୋ ସତୀତ୍ୱର !

ମୁଁ କଣ କେବଳ ଶରୀର ?

(୯)

କୁରୁସଭା ମଧ୍ୟେ

ସଭିଙ୍କ ସମ୍ମୁଖେ

ପାଞ୍ଚାଳିର କଲ ଅପମାନ,

Magazine Downloaded from www.aahwaan.com

ଅବଳାର କଲ ବସ୍ତ୍ରହରଣ

ଦୁଃଶାସନର ଦୁଃସାହସିକତାକୁ

କେହି ନ ରୋକିଲ ପଞ୍ଚପତି,

ପିତାମହ,ମହାମନ୍ତ୍ରୀ ବିଦୁର

ନ ଶୁଣିଲ ଆର୍ତ୍ତନାଦ ମୋର

ମୁଁ କଣ କେବଳ ଶରୀର ?

(୧୦)

ଆଜି ବି ବଦଳିନି ଏ ସମାଜ

ନ ଚିହ୍ନଇ ସଂପର୍କ କି ବୟସ

ଆଠ ରୁ ଅଶୀ

କୁନ୍ଦୁଲି ରୁ ଦିଲ୍ଲୀ

ପିପିଲି ଠୁ ଅଞ୍ଜଳୀ

ସର୍ବେ ଆଜି ଶିକାର

ଅସହାୟ ହୋଇ ନ୍ୟାୟ ମାଗନ୍ତି

ରକ୍ଷାକର ମୋତେ ରକ୍ଷାକର...

ମୁଁ କଣ କେବଳ ଶରୀର ?


କଲ୍ୟାଣ ସିଂହପୁର,ରାୟଗଡ ।

 Magazine Downloaded from www.aahwaan.com

# ତଥାପି

ଏକ ବିରାଟ ଭୂକମ୍ପର ଅତିକ୍ରାନ୍ତ ପରେ,
ଅବା ଏକ ବନ୍ୟା ବିଭୀଷିକା ର ବ୍ୟୁତିପ୍ରାତ ପରେ ,
ପୁଣି କେବେ ଏକ ଘୁର୍ଣ୍ଣି ଝଡର ତାଣ୍ଡବତା ପରେ
କେଜାଣି କେଉଁ ଏକ ଅଗଭୀର ଗର୍ଭ ତଳେ
କିମ୍ବା କେଉଁ ଏକ ସୌଧର ଭଗ୍ନାବଶେଷ ତଳେ,
ପୁଣି ନୂତନତା ଓ ଅଗ୍ରସରତାର ବାର୍ତ୍ତା ନେଇ
ତୁମେ  ବାହାରି ଆସ ଏକ ନୂତନ ଭବିଷ୍ୟତ ପାଇଁ ।
ତଥାପି ...ତଥାପି ...ତଥାପି ...

ତୁମେ କେବେ ନିଃସ୍ୱ ସର୍ବସ୍ୱାନ୍ତ ପାଇଁ ସଂଜୀବନୀ
ପୁଣି କେବେ ସର୍ବସ୍ୱ ସର୍ବ ପ୍ରାପ୍ତି ପରେ ଚେତାବନୀ
ତୁମେ ପୁଣି ଥୁଣ୍ଟା ବରଗଛର ସଦ୍ୟ ଅଙ୍କୁରିତ
ଅବା କେବେ ବସନ୍ତର ପ୍ରଥମ ଝାଡ଼ପତ୍ର ,
ସବୁବେଳେ ସୃଷ୍ଟିର ଆରମ୍ଭରେ ତୁମେ ଉପନୀତ
ପୁଣି ସୃଷ୍ଟିର ଶେଷରେ ହୁଅ ପରା ବିସର୍ଜିତ
ସବୁଠି ସବୁବେଳେ  ତୁମେ କିନ୍ତୁ ଉପସ୍ଥିତ



ନିବେଦିତା ମିଶ୍ର

 Magazine Downloaded from www.aahwaan.com

ତଥାପି ... ତଥାପି ..ତଥାପି ..

ଅନ୍ତଡ଼ିଶାଳାର ପ୍ରଥମ ଆତ୍ମାର ନିଶ୍ୱାସ ପରେ
ପୁଣି ବାକି ଥାଅ ଶ୍ମଶାନର ଶେଷ ଅନାସ୍ଥା ଶୋଷରେ
କେବେ ଓଢଣା ତଳର କଇଁ କଇଁ କାନ୍ଦରେ
ଅବା ଝୁଲୁଥାଅ ବାଇ ଛଡେଇ ର ବସାରେ
ସଦ୍ୟ ପ୍ରସ୍ଫୁଟିତ ବଣମଲ୍ଲି ର ପ୍ରଥମ ମହକ ସାଥେ
ଅବା ରୌଦ୍ର ତାପରେ ବିଗଳିତ ହିମାଳୟ ବେଦନା ପଥେ
ଏଇଠି ଅଛି, ଏଇଠି ନାହିଁ, ସବୁଠି ଅଛ ପୁଣି କୋଉଠି ନାହିଁ
ତଥାପି ... ତଥାପି ..ତଥାପି...

C/o- ଅନୁପ କୁମାର ମିଶ୍ର
ବଙ୍ଗାଳି ପଦା ,ଝାରସୁଗୁଡା

Magazine Downloaded from www.aahwaan.com

# ମଡ଼ର୍ନ ଯୁଗର ଝିଅ ପୁଅ

ରସିକ ନାଗର ପ୍ରେମ କୁମାର
ଭାବିଚିନ୍ତି ଟିକେ ବିଚାର କର ।।
ମଡ଼ର୍ନ ଯୁଗର ଷଡ଼ର୍ନ ଟୋକା
ପଣ୍ଡିତକୁ କରି ପାରନ୍ତି ବୋକା ।।
ଖଟି ଖଟି ବାପ ମୁଣ୍ଡ ଝାଳ ତୁଣ୍ଡରେ ମାରେ
ଷ୍ଟାଇଲ ମାରି ପୁଅ ବିଅର ପିଏ ।।
ଘରେ ନଥାଉ ଟି ଭଙ୍ଗା ଆଇନା
ଭଲେଣ୍ଟଡାଇନ ଡେ ରେ ପୁଅ ଦିଏ ବଇନା ।।
ପାଠ ସାଠ ସବୁ ଚୁଲିକି ଗଲା
ଫିଲ୍ମ ହଲରେ ଦିନ କାଟିଲା ।।
ଚୁଲି ଧୂଆଁରେ ମାଆ ଆଖି ଫୁଟିଲା
ଚିରା ଡ୍ରେସ ପିନ୍ଧୀ ଝିଅ କ୍ଲବ ଗଲା ।।
କେଶରେ ତ ମାରୁ ନାହାନ୍ତି ତେଲ
ସ୍ନୋ ପାଉଡର ସେଣ୍ଟ ବୋଳ ।।
ବାହାଘର ପାଇଁ ବାପ ଯାହା ସଞ୍ଚିଲା
Net card ପକେଇ ଝିଅ ସବୁ ସାରିଲା ।।
ନିଆଁ ଖୁଣ୍ଟା କଥା ଜମା ନ ଧର
ଭାବିଚିନ୍ତି ଥରେ ବିଚାର କର ।।



କେଶରୀ ପ୍ରସାଦ ମହାନ୍ତି

ପରମାନନ୍ଦପୁର ,ଭଦ୍ରକ

 Magazine Downloaded from www.aahwaan.com

# ମା

ଆକାଶ ଛାତିରୁ ତାରା ନ ଲିଭୁଣୁ,
କାଉ,କୋଇଲିର ରାବ କୁକୁଡ଼ା କି କୁକୁରର
ସ୍ୱର ଶବ୍ଦ ନ ଶୁଭୁଣୁ,
ମା' ମୋର ଉଠିଯାଉଥିଲା ...ଉଠିଯାଉଥିଲା
ଚେଇଁଥିବା ସ୍ୱପ୍ନସବୁ ସାଥିରେ ନେଇ,
ଶଙ୍ଖା ,ସିନ୍ଦୁରକୁ ମଥାରେ ଛୁଏଁଇ ।
ଆମେ ମଦମସ୍ତ ଖେଳୁଥିଲୁ,
ବେଧଡକ ଶୋଉଥିଲୁ,
ଆମେ କି ବୁଝିଥିଲୁ... ?
ଜୀବନର ଚଲାପଥ.. କେତେ ବନ୍ଧୁର,
କେତେ ଦୁର୍ଗମ ବୋଲି ,
ଡାକ ଦେଉ ଥିଲା ସେ,ପାଣି ଛିଞ୍ଚି
ଉଠେଇ ଦେଇ କହୁଥିଲା ...
ଭୋର ସମୟ ଠାକୁରଙ୍କ ସମୟ,
ଠାକୁର ଆତଯାତ ହୁଅନ୍ତି...
ଭଲ ପିଲାଙ୍କୁ ଆଶୀଷ ଦିଅନ୍ତି,



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

 Magazine Downloaded from www.aahwaan.com

ଶୋଇବା ପିଲାର ଭାଗ ନାହିଁ ପିଲେ

ଉଠ,ଉଠ...ଜାଗ..ଜଗାଅ...

ଯେ ପଢିବ ,ସେ ଗଢ଼ିବ,ଗଢ଼ି ପାରିବ

ନିଜକୁ,ଦେଶକୁ ।

ବାସ ନିଦ୍ରିତ ଆତ୍ମାକୁ ଜଗାଅ

ଅପୂର୍ବ ଶକ୍ତିକୁ ଜଗାଅ ।

ତୋ କଥାରେ କି ଶକ୍ତି,କି ଯାଦୁ ଥିଲା ମାଆ,

ଠାକୁର ସତରେ ଆତଯାତ ହୁଅନ୍ତି କି ନା ? ଜାଣିନି

କିନ୍ତୁ ତୁ କହିଥିଲୁ ନା..

ଉଠିଥିଲି ସେଇ ବଡି ଭୋରରୁ ଯେ..

ଏଯାଏଁ ...ସୁରୁଜ ଉଇଁଲା ଯାଏଁ

ଆଉ ଶୋଇନି ,

ଏବେ ଭାବୁଛି ,କି ଦେଇ..

ତୋତେ ଗଢ଼ିଥିଲେ ଦିଅଁ

ରକ୍ତ ମାଂସର ଆବରଣ ତଳେ

ଯନ୍ତ୍ରଟିଏ କି ଦେଇଥିଲେ ଘୋଡେଇ, ?

ଦେଉଥିଲୁ ସବୁ..ସବୁରି ହାତ ପା'ନ୍ତାରେ ଯୋଗେଇ,

ଜେଜେମାଙ୍କ ଠାରୁ ବାପାଙ୍କ ଯାଏଁ,

ଦାନ୍ତ ଘୋଷା ପାଣିଠୁ..ପାନ ,ବିଡ଼ି,ଗୁଡାଖୁ..

 Magazine Downloaded from www.aahwaan.com

ଦିଅଁଙ୍କ ପୂଜା ଥାଳି ଠାରୁ..ଭାତ ଥାଳି ଯାଏଁ

ହାତକୁ ହାତ.. ଦେଉ ଥାଉ ଯୋଗେଇ ।

ସକାଳୁ ,ସଞ୍ଜ...ସଞ୍ଜ ଯାଇ ରାତି,

ସଭିଙ୍କ ଇଚ୍ଛା,ଅଭିଳାଷ

ପୂରଣ କରି କରି..ଜାଣି କି ପାରୁଥିଲୁ

ଭୋକରେ କି ଶୋଷରେ

ପୋଡିଯାଉଥିବ ତୋ ଛାତି ।

ଶୁଣିଥିଲି ଜନମ ବେଳକୁ ମୋର,

ଜ୍ଞାନ ନ ଥିଲା ବାପାଙ୍କର,

ପଡ଼ିଥିଲେ ଘୋର ବେମାର ।

ମାସ ମାସ ଧରି ଶଯ୍ୟା ଧରିଲେ,

ବିଛଣାରୁ ଉଠି ଯେ ନ ପାରିଲେ ,

ଦେଖି ଏପରି ସ୍ଥିତି ,ଜ୍ଞାତି ପରିଜନ

ପ୍ରମାଦ ଗଣିଲେ ।

ମା ତୁ ହିଁ ଥିଲୁ ...

ଯିଏ ,ନିଜକୁ ଭୁଲି ବାପାଙ୍କୁ ଜଗିଲୁ,

ବାର ଓଷା, ବାର ବ୍ରତ ପାଳିଲୁ,

ସର୍ବାହରା ହୋଇ ବି ସାହାସ ବାନ୍ଧିଥିଲୁ ।

କେତେ ସେବା,କେତେ ଯତ୍ନ,କେତେ ଆନ୍ତରିକତା

Magazine Downloaded from www.aahwaan.com

କେତେ ତତ୍ପର ଥିଲୁ ।

ମା ତୁ ନ ହେଇପାରୁ ସୀତା କି ସାବିତ୍ରୀ ..

କିନ୍ତୁ ତାଙ୍କଠୁ ତ ନୁହଁ କମ ।

କାୟା,ମନ ,ବାକ୍ୟରେ..

ନିଷ୍ଠାରେ,ପତିପ୍ରାଣା,ପତିବ୍ରତାର, ପରିଚୟ

ଦେଇ,କଠୋର ପରୀକ୍ଷାରୁ ଉତ୍ତୀର୍ଣ୍ଣ

ହେଇ,ଦେଇଥିଲୁ ବାପାଙ୍କୁ ପୁନର୍ଜନ୍ମ ।

ମୁଁ କହୁନି,

ତୋ ଜୀବନର କାନଭାସରେ କେବଳ ଯେ,

ସଙ୍ଘର୍ଷର ଚିତ୍ର..

ହଁ ..ଆସିଥିବ ଜୀବନେ,ଯୌବନେ

ଅନେକ ଫଗୁଣ ।

ଦେହରେ ବଳି ହେଇଥିବ

ପ୍ରୀତିର ଅବିର ।

ତୋତେ ବି ଛୁଇଁ ଛୁଇଁ ..ଯାଇଥିବ

ଚିକମିକ ଶ୍ରାବଣ ।

ଭିଜିଥିବୁ,ହଜିଥିବୁ

ଦେଖି ଇନ୍ଦ୍ରଧନୁର ତରଣ ।

ତେବେ ଜାଣିଛି, ଦେଖିଛି

 Magazine Downloaded from www.aahwaan.com

ସ୍ୱାମୀ ,ଶାଶୁ ତଳର ବୋହୂ ତୁ..

ବୁଝା,ଅବୁଝାର ଘନଚକ୍ରରେ

କେତେ ଦଣ୍ଡ ନ ପାଇଛୁ

ଦିନେ...ପ୍ରତିବାଦ ନା ପ୍ରତ୍ୟୁତ୍ତର କରିଛୁ ?

ଏରୁଣ୍ଡି ଭିତରେ ...ଲୁହ ସବୁ ପୋଛିଛୁ ।

ସଂସାର କଷଟିରେ

ନିଜକୁ ପରଖି ଖାଣ୍ଟି ଉତୁରିଛୁ ,

କେତେ ନିନ୍ଦା, ଅପବାଦ,

କେତେ କଟାକ୍ଷ, କେତେ କଟୁକ୍ତି

ସବୁକୁ ଝେଲି,ଝେଲି...ଜୀଇଁବାର ଅପୂର୍ବ କଳାକୁ,

କଜ୍ୱଳ କରି ଆଖିରେ ମାଖି,

ଆମ ପାଇଁ କଳା ଟୀକା

ସାଜିଛୁ ।

ସେଥିପାଇଁ ତୁ ଯେବେ

ଦୀପ ଜାଳୁ,ଦିଅଁଙ୍କ ପାଖେ ..ପ୍ରଣତି ଘେନି

ଆଶୀଷ ମାଗୁ,

ଲାଗେ ,ତୁ ନିଜେ ଇ ଠାକୁରଙ୍କ ଆଶୀଷ

ତୁ ନିଜେ ଇ ସେଇ ଦୀପ

ତିଳ ତିଳ ଜଳି

 Magazine Downloaded from www.aahwaan.com

ଆମକୁ ଆଲୋକ ଦେଇଛୁ ।

ଆଭୂଷଣ ଯାହା ତୁ ପିନ୍ଧିଥିଲୁ,

ଯାହା ଦିଶୁଥିଲା,

ଲାଲ ଟହ ଟହ ସିନ୍ଦୁର ଟୋପା,

ଚୁଡି ମୁଠା ମୁଠା, ଖଣ୍ଡିଏ କଳା ମାଳି

ସେତକ ଦେଖିଥିଲେ ସବୁ..

ଆଉ ଯେଉଁ ଆଭୂଷଣ.. ପିନ୍ଧିଥିଲୁ

ଦୟା, କ୍ଷମା, ଉଦାରତା, ସହିଷ୍ଣୁତା, ପବିତ୍ରତା,

ଶାଳୀନତା ସେତକ ଦେଖି ପାରି ଥିଲେ କି କେହି ?

ସବୁକୁ କ୍ଷମା କରି ପାରିଥିବା ସାଗରରେ

ବୁଡି, ବୁଡି ମୋକ୍ଷ ପାଇ ଯାଇଥିଲୁ ।

ତୋ ଢଳ ଢଳ, ଉଜ୍ଜ୍ୱଳ ଆଖି ଦି'ଟି

ନିସ୍ତେଜ ହେଲାଯାଏଁ,

ହୃଦୟର ସ୍ପନ୍ଦନ, ନିଥର ନୀରବ ହେଲା ଯାଏଁ

ସେଇ ସରଳ ବେଶ ମୁଁ ଦେଖିଛି ..

ମାଆ,

ତୁ ଖୁବ ସତ୍ୟ,ସୁନ୍ଦର,ଶିବ ଲାଗୁଥିଲୁ ।

ଶିକ୍ଷୟତ୍ରୀ, ଡାବୁଗାଁ ବ୍ଲକ, ଜିଲ୍ଲା-ନବରଙ୍ଗପୁର ,

ଓଡିଶା

 Magazine Downloaded from www.aahwaan.com

# ଅନୁରାଗ

ଗୁରୁଜନମନ ତୋଷିବି ମୁଁ ତାଙ୍କୁ ଭକତି କରି,
ଲଘୁଜନମନ କିଣି ନେଇଯିବି ସ୍ନେହ, ପ୍ରେମ ଆଉ ଆଦର ଭରି ।

ଭଲ ପାଇବାର ଭଲ ଗୁଣଟିକୁ ରଖିବି ହୃଦୟେ ଯୋଡି,
ହିଂସା, କପଟତା ପାଖକୁ ମୋହର ନ ଆସିବ କେବେ ଡରି ।

ପୋଷା ମାନି ମୋର ପାଖକୁ ଆସିବେ ପଶୁପକ୍ଷୀ ନାନା ଜାତି,
ଯେତେ ହିଂସ୍ର ହେଉ ଝୁରି ହେବେ ମୋର ଭଲ ପାଇବାକୁ ନିତି ।

ଭଲପାଇ ବି ମୁଁ ବୃକ୍ଷଲତା ତରୁ ଲଗାଇବି ହସିହସି,
ତାହାରି ଛାୟାରେ ବାଟୋଇ ହସିବ ଅଧରେ ଛୁଟାଇ ଖୁସି ।



ରୋଜା ପଣ୍ଡା

ଦୁଃଖୀ ରଙ୍କୀଙ୍କୁ ବି ଭଲ ମୁଁ ପାଇବି ଶକ୍ତି ମୁତାବକ ସାହାଯ୍ୟ କରି,
କିଞ୍ଚିତ ସାହାଯ୍ୟ ପାଇ ମୋ ଫୁଟିବ ତାଙ୍କରି ଅଧରେ ହସ ଲହରୀ ।

କୃଷକ ଭାଇଙ୍କୁ ଭଲ ମୁଁ ପାଇବି ଫସଲକୁ ତାର ସମ୍ମାନ କରି,

 Magazine Downloaded from www.aahwaan.com

ଖାଦ୍ୟ ଯୋଗାଇ ଯେ ହସୁଥାଏ ନିତି ଆମରି ଭୋକିଲା ପେଟକୁ ଭରି ।

ଶିକ୍ଷକ ମାନଙ୍କୁ ଭଲ ପାଇବି ମୁଁ ଯେ ଆମ ଅନ୍ଧାର କରନ୍ତି ଦୂର,
ଜ୍ଞାନ ଆଲୋକକୁ ପ୍ରସ୍ଫୁଟିତ କରି ଆମକୁ ଦେଖାନ୍ତି ଶିଖର ସ୍ତର ।

ଭଲପାଇବି ମୁଁ ସେଇ ଡାକ୍ତରଙ୍କୁ ରୋଗୀଙ୍କୁ ଯେ ନୂଆ ଜୀବନ ଦିଏ
ଦ୍ୱିତୀୟ ଈଶ୍ୱର ଭାବରେ ମନରେ ତାଙ୍କ ପ୍ରତି ମୋର ସମ୍ମାନ ଥାଏ ।

ସେଇ ସୈନିକଙ୍କୁ ଭଲ ମୁଁ ପାଇ ବିଦେଶ ପାଇଁ ଯିଏ ଜୀବନ ଦିଏ,
ପ୍ରଣିପାତ ତାଙ୍କ ଚରଣେ କରେ ମୁଁ, ରହିଥାନ୍ତ ସଦା ଅମର ସିଏ ।

ଭଲପାଇ ବି ମୋ ଜନମମାଟିକୁ, ତା ପାଇଁ ଜୀବନ ଦେବି,
ତ୍ରିରଙ୍ଗା ଧ୍ୱଜାକୁ ଆତ୍ମାରେ ବସାଇ ତା ସଂଗୀତ ଗାଉଥିବି ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର
ମଧୁପାଟଣା, କଟକ - ୭୫୩୦୧୦
ଇମେଲ୍ : roja.saumya@gmail.com

 Magazine Downloaded from www.aahwaan.com

# ସମୟ ସେତିକି

ସମୟ ଚାଲୁଛି ଏବେ
ଓଲଟ ପାଦରେ,
ଗନ୍ତବ୍ୟ ତା ଅଳ୍ପଦୂର
ବେଗ କିନ୍ତୁ କ୍ଷୀପ୍ରତର
ଅସଫଳ ହେବ ସତେ
ଶେଷ ଗାଡ଼ି ଧରିବାରେ ।

ପଛକୁ ଚାହୁଁନି ଫେରି
ଚାଲିଯିବ କିଏ ଅବା
ତାକୁ ପାର କରି ।
ସହିକି ପାରିବ ସିଏ
ପଛଲୋକ ତା' ଆଗରୁ
ଯଦି ଚାଲିଯାଏ ?



ସୁସ୍ମିତା ମହାପାତ୍ର

ସବୁଥିରୁ ଆଜି ସିଏ
ହରାଇଛି ସ୍ପୃହା

 Magazine Downloaded from www.aahwaan.com

ତ୍ୟାଗକରି ଜୀବନରେ

ଜିଣିଥିଲା ଯାହା ।

ମୋର ମୋର ବୋଲି କିଛି

ନାହିଁ ଏ ଜଗତେ

ସବୁ ଯେ ତାଙ୍କରି ମାୟା

ହେଜିଲା ସେ ପଥ ଅନ୍ତେ ।

ଭେଦିଲା ବେଳକୁ

ମହାକାଳ ଛୁମନ୍ତର ଖେଳ,

ବାହୁଫିଙ୍ଗି, ବାଟଭାଙ୍ଗି

ଅଚାନକ ଫେରିଲା ସମୟ

ପୂରିଗଲା ଆୟୁଷ୍କାଳ । ।

ରାଉରକେଲା, ଓଡ଼ିଶା

 Magazine Downloaded from www.aahwaan.com

# ବଜାର

ଜାଗାଟା ଝାପ୍‌ସା ଅନ୍ଧାର

ବାରି ହେଉଥିଲା

ନରୀମାନଙ୍କର ଅଙ୍ଗଭଙ୍ଗୀ

ଦୃଷ୍ଟି ଆକର୍ଷଣ କରିବାର ମନୋଭାବ ।

ଫୁସଫାସ୍ କଥାର ଗହଳ

ରସିକ ଓ ବେରସିକମାନଙ୍କର ।

ଚାଲିଥିଲା ସେଠି -

ଜୀବନ ଯୌବନର ମୂଲଚାଲ ।

ସେଇଟା ଗୋଟେ ସହର !

ଆଉ ତା'ର ଦୃଶ୍ୟପଟ -

ସଞ୍ଜ - ଶଙ୍ଖ ବାଜିଲେ

ଖୋଲା ବଜାର ଲାଗେ

ନାରୀ ଯୌବନର ।

ନିଜକୁ ପରସିବା ପାଇଁ

କେତେ ସଜବାଜ -

ଆଖିରେ କଜ୍ଜ୍ୱଳ



ସୁଧାଂଶୁ ଶେଖର ଦ୍ୱିବେଦୀ

 Magazine Downloaded from www.aahwaan.com

ମୁହଁରେ ପାଉଡ଼ର୍

ଓଠରେ ଲିପ୍‌ଷ୍ଟିକ୍

ଦେହରେ ପରଫ୍ୟୁମ୍

ଅନାବୃତ ବସ୍ତ୍ରର ଆଭରଣ ।

ଖଜୁରାଓର

ନଗ୍ନପ୍ରତୀମା ସଦୃଶ

ରୋମାଞ୍ଚିତ ମନର ତନ୍ତ୍ରୀ ।

ସେଇ ବଜାରରେ

ସବୁପ୍ରକାର ଦେହ ମିଳେ ।

କେବେ କେବେ ପୋଲିସ ବି ରାଉଣ୍ଡ ମାରେ

ହାଲ୍ଲା ଗାଡ଼ି ଆସେ

ପାଉଣା ପକେଟକୁ ଯାଏ ।

ସତରେ ସେଇଠି

କିଏ ଦେହ ପାଇଁ ଭୋକିଲା ତ

କିଏ ଅନ୍ନ ପାଇଁ ଭୋକିଲା

ଅଜବ - ଗଜବ ସେ ବଜାର !

ଯୋଗ ଫର୍ ଲାଇଫ୍,

ବିସି-୭୪, ସେକ୍ଟର - ୧, ସଲ୍‌ଟଲେକ୍, କୋଲକାତା - ୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

 Magazine Downloaded from www.aahwaan.com

# କାନ୍ଦୁଥିଲା ପରୀ କାନ୍ଦୁଛି ବି ପରୀ

କାନ୍ଦୁଥିଲା ପରୀ    କାନ୍ଦୁଚି ବି ପରୀ
ଲୋତକ ପଡ଼ୁଛି ଝରି ,
ସର୍କାର କହିଲେ    ଫାଶି ଦେଇଦେବେ
ଆଇନି ଗୋଟାଏ କରି  ।
ସେ ଫାଶି ମିଳିବ    ମାତ୍ର ଦି ମାସ ରେ
କୋର୍ଟ ରେ ବିଚାର କରି ,
ଦୁଷ୍କର୍ମୀ ଦୁଷ୍କର୍ମ    ଅଧିକ କରୁଛି
ଏଇ କଥା ଶୁଣି ସାରି  ।
ନା ମିଳୁଚି ଫାଶି    ନା ଦଣ୍ଡ ବିଧାନ
ଦୋଷୀ ବୁଲେ ଘିରି ଘିରି ,
କାନ୍ଦୁଥିଲା ପରୀ    କାନ୍ଦୁଚି ବି ପରୀ
ଲୋତକ ପଡୁଚି ଝରି  ।
ସର୍କାର କହିଲେ    ଝିଅ ବଞ୍ଚା ପଢ଼ା
ଭବିଷ୍ୟତ ଚିନ୍ତା କରି ,
ସର୍କାର କାନ୍ଦନ୍ତି    କୁମ୍ଭୀର କାନ୍ଦଣା
ସବୁ ଲାଗେ ଫାର୍ସ ପରି  ।



ରାଜେନ୍ଦ୍ର ନାରାୟଣ ସେନାପତି

 Magazine Downloaded from www.aahwaan.com

ଆଜିବି ଝିଅଟେ ଚାଲି ପାରୁନାହିଁ
ମଥା ଟି'କେ ଉଚ୍ଚା କରି ,
ଘରୁ ବାହାରକୁ ପାଦ କାଢିଦେଲେ
ଭୟରେ ହଉଚି ଘାରି ।
କାନ୍ଦୁଥିଲା ପରୀ କାନ୍ଦୁଚି ବି ପରୀ
ଲୋତକ ପଡୁଚି ଝରି ।
ଲୋକ ଲଜିୟାକୁ ଡରି,
କେତେ କେତେ ପରୀ ସହି ନ ପାରିକି
ଜୀବନ ଦେଲେଣି ହାରୀ ।

ପାଇକତିଗିରିଆ
ଖୋର୍ଦ୍ଧା
ଦୂରାଭାଷ - ୮୭୧୭୪୪୫୮୯୫

Magazine Downloaded from www.aahwaan.com

# ଅପେକ୍ଷାରେ

ଅପେକ୍ଷାରେ ....

ତୁମ ପ୍ରତୀକ୍ଷାରେ ....

ଶୂନ୍ୟ ଏ ଗଭୀର ସମୁଦ୍ରରେ ...

ଆଜି ଜନଶୂନ୍ୟ,

ନାବିକ ନାବର ଅପେକ୍ଷାରେ ...

ମତୁଆଲା ମନ ସଦା ଚାହୁଁଥାଏ ,

ରହିବାକୁ ରାଜ ସ୍ୱର୍ଗରେ ..

ବିହ୍ୱଳିତ ଅଭିଳାଷେ ମର୍ତ୍ତ୍ୟପୁରେ,

ଥାଏ ସଦା ମୋ ପାଖରେ......

ଶରୀର ଏ ମରୁଦ୍ୟାନରେ,

ଏ ଜୀବନର କଣ୍ଟକିତ କାକ୍ଟସ ଫୁଲରେ ....



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଇ-ମେଲ ଠିକଣା : sambitsm1987@gmail.com

ଗୁଡିଆନାଳୀ, ଢେଙ୍କାନାଳ, ଓଡ଼ିଶା, ୭୫୯୦୦୧

 Magazine Downloaded from www.aahwaan.com

# ସ୍ୱପ୍ନ

ଅଧାପନ୍ତରିଆ ପ୍ରେମିକା ମୋର
ଜପିବାକୁ ପଡ଼େ ନିତି ପ୍ରେମମନ୍ତର,
ସକାଳରୁ ସଞ୍ଜ ପ୍ରୀତି ତୁଳୀରେ
ଆଙ୍କୁଥାଏ ରୂପ ହୃଦମନ୍ଦିରେ ।
ଜୋଛନା ରୂପସୀ ଜହ୍ନର ପରି
ସୁଖ ସାଗରର ଚକା ଭଉଁରୀ
ମୁରୁକି ହସରେ ଝରେ ମୁକୁତା
ଗୋଲାପି ଓଠରେ ପୀରତି କଥା ।
ଶୂନପରି ମୁହଁ ନିନ୍ଦୁଛି ଶଶୀ
ଅଳସୀ ପ୍ରତିମା ଲାଜରେ ବେଶୀ
ଲାଜୁଆ ଚାହାଣୀ ସରମୀ ପ୍ରିୟା
ଛୁଇଁଦେଲେ ଟିକେ ହୁଏ ଛାନିଆଁ ।
ତା ଚୂର୍ଣ୍ଣକୁନ୍ତଳ ନଈ ତରଙ୍ଗ
ଋଷିଗଲେ ଛାଡ଼ି ଦିଅଇ ମଙ୍ଗ
ଆକାଶର ଜହ୍ନ ଆଣିବି ବୋଲି
ପ୍ରତିଶୃତି ଦିଏ ହସିବ ବୋଲି ।
ଆସିଲା ଦିନେ ସେ ସ୍ୱପ୍ନ ଦୋଳିରେ
ଅଙ୍ଗଦ୍ରବ୍ୟ ସାଜି ପ୍ରେମ ରସରେ
ଭାଙ୍ଗିଗଲା ନିଦ ଖୋଜିଲି ପ୍ରିୟା
ସପନ ସରିଲା ହୋଇଲା ମାୟା ।



ରମେଶ ଚନ୍ଦ୍ର ସାହୁ

ରାଜାତୋଟା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ
ଓଡ଼ିଶା : ୭୬୧୧୦୨

 Magazine Downloaded from www.aahwaan.com

# କଳାଚାନ୍ଦ

କଳାବାଦଲରେ ହସେ ରୂପା ଚାନ୍ଦ
କୋଟି ତାରାଫୁଲ ରୂପକୁ ଜିଣି,
ହସୁଛି ମୋ କଳାଚାନ୍ଦ ବଡ଼ଦାଣ୍ଡେ
କୋଟି ଭକତଙ୍କ ମନକୁ କିଣି । [୧]
ରୂପେଲି ଚାନ୍ଦରେ କାଳିମା ଲାଗିଚି
କାଳିଆଟି ମୋର ତ୍ରିପଣ୍ଡ କଳା,
ସବୁରଙ୍ଗ ବୋଳି ମୁହଁରେ କାଳିଆ
ଆଖି ଦୁଇକଳା ଚାନ୍ଦ ଭଳିଆ । [୨]
ପୂର୍ଣ୍ଣଚାନ୍ଦ ନିତି କ୍ଷୟ ହୋଇ ଆସେ
ଅମାବାସ୍ୟାଟିରେ ଯାଏ ସେ ଲୁଚି,
କାଳିଆ ଚାନ୍ଦ ମୋ ନିଇତି ହସୁଚି
କୋଟି ଚାନ୍ଦ ଶୋଭା ରୂପେ ବିରାଜି । [୩]
କୋଟି କନ୍ଦର୍ପର ଶୋଭା ଜିଣି ହସେ
କାଳିଆ ଚାନ୍ଦ ମୋ ନିଳାଚଳରେ,
ବଳିଆ ଭାଇ ତା ଦକ୍ଷିଣ ପାର୍ଶ୍ୱରେ
ଚାନ୍ଦ ମୁହିଁ ହସେ ଭାଇ ସଙ୍ଗରେ । [୪]
କେଡ଼େ ଭାଗ୍ୟ ଆଜି ଦେଖେ କଳାଚାନ୍ଦ
ସରଧା ବାଲିର ରଥ ଉପରେ,
ଧନ୍ୟ ମୋ ଜନମ ତୁମରି କୃପାରୁ
କାଳିଆ ଚାନ୍ଦକୁ ଦର୍ଶନ କରେ । [୫]



ମନୋରଞ୍ଜନ ମୁଦୁଲି

 Magazine Downloaded from www.aahwaan.com

# ଶୂନ୍ୟତା

ନିଷ୍ଠୁର ହୁଏନି କେବେ ବି ଆକାଶ,
କିଏ ଯଦି ଚାହେ କଟାଇବାକୁ ଖୋଲା ଆକାଶ ତଳେ,
ଶାନ୍ତିରେ ନିଜର ସାରା ଜୀବନ ।
ଆକାଶର ସେହି ଶୂନ୍ୟତା, କେବେ ବି ଦେଖେନି
କେହି ଯଦି ଉଡ଼ିଯାଏ ତା'ରି ଶୂନ୍ୟତାରେ ।
କୀଟପତଙ୍ଗ ଅବା ପକ୍ଷୀ
ପୁଣି ଉଡ଼ାଜାହାଜରେ ମଣିଷ ।

ସଜୀବ ନିର୍ଜୀବ ଆଦିକୁ ଧରି ରଖିବାରେ
ଯାହାର ସବୁଠୁ କ୍ଷମତା,
ସେ ଅଟେ ଧରିତ୍ରୀ ।
ଆଉ ବାସ କରିବାକୁ ମନା କରେନାହିଁ ନିଜ କୋଳେ ।
ପୁଣି କାହା ଉପରେ କେବେ କରେନି
ତା କ୍ଷମତାର ଜାହିର ।



ଭାଗିରଥୀ ଯାନୀ

ଯିଏ ସମସ୍ତ ଶକ୍ତିର ଆଧାର,
ଜଳେ ସ୍ଥଳେ ଅବା ଅନଳେ

 Magazine Downloaded from www.aahwaan.com

ତା'ର ରଶ୍ମି ଢାଳିବାକୁ କେବେ କୁଣ୍ଠିତ ହୁଏନି
ସେ ସୂର୍ଯ୍ୟଦେବ ।

ସୁଗନ୍ଧ ହେଉ କି ଦୁର୍ଗନ୍ଧକୁ ବାରଣ କରେନି
କେବେ ଚତୁର୍ଦିଗେ ପ୍ରବାହିତ କରିବାକୁ ପବନ ।

ବିଶାଳ ବୃକ୍ଷଟିଏ ହୋଇ ଦାନ କରିବାକୁ
ପତ୍ର, ଫୁଲ, ଫଳ ଓ ଛାଇ,
କ୍ଷୁଦ୍ର ମଞ୍ଜିଟିଏ ଅଙ୍କୁରୋଦଗମ ହୋଇ ଜନ୍ମ ନେବାପାଇଁ
ଖୋଜେ ନାହିଁ କେବେ ଅତି ସୁନ୍ଦର ସ୍ଥାନ ।

କଣ ପାଇଁ ଖୋଜି ବୁଲିବି ???
ସବୁ ଭଲ ଭଲ ଜିନିଷ ।
ମୁଁ ଛାର ମଣିଷଟିଏ ହୋଇ !!
ମୋହମାୟାରେ ଛନ୍ଦିହୋଇ !!
ଆଖି ଥାଉ ଥାଉ.....
ଅନ୍ଧ ହୋଇ ସ୍ୱାର୍ଥପର ଦୁନିଆରେ !!
ଏସବୁ ଶୂନ୍ୟତା ମୁଁ ମଲାପରେ !!

କନ୍ଧମାଳ, ଖଜୁରୀପଡା, ଦଳପଡା,
ଭ୍ରାମ୍ୟଭାଷ:୯୪୩୮୦୨୬୮୪

 Magazine Downloaded from www.aahwaan.com

# ପ୍ରକୃତି... ବିସ୍ମୟ

ପ୍ରକୃତିର ଏ ବିସ୍ମୟକୁ
ଦେଖି ମୁଁ ହୁଏ ଚକିତ
କେମିତି କିପରି କିଏ ସେ ଖଞ୍ଜିଛି
ଆଶ୍ଚର୍ଯ୍ୟ ଏଇ ଜଗତ ... [୧]

ଦିନପରେ ରାତି, ରାତିପରେ ଦିନ
ଋତୁ ପରେ ଋତୁ ଆସେ
ବ୍ୟତିକ୍ରମ କିଛି ହୁଏନାହିଁ ଏଠି
ଜୀବନ କଟେ ହରଷେ... [୨]



ପ୍ରମୋଦ କୁମାର ପ୍ରଧାନ

ଆକାଶରୁ ସୂର୍ଯ୍ୟ ବୁଣିଦିଏ ତେଜ
ଜାଗ୍ରତ ସାରା ଜଗତ
ଚନ୍ଦ୍ରର କିରଣ ଲାଗଇ ଶୀତଳ
ନଥାଏ ତାହାର ତେଜ ... [୩]

ବାୟୁ ସଙ୍ଗେ ଜଳ, କେତେ ଫଳମୂଳ

 Magazine Downloaded from www.aahwaan.com

ଆହାରେ ନାହିଁ ଅଭାବ
ଅମୂଲ୍ୟ ସମ୍ପଦ ମୃତ୍ତିକା ପାଇଁ କି
ବଞ୍ଚି ରହିଅଛି ଜୀବ... [୪]

ଜଳଚକ୍ର ସଙ୍ଗେ ଅଙ୍ଗାରକ ଚକ୍ର
ଯବକ୍ଷାରଜାନ ଚକ୍ର
ଗୋଟିଏ କୁ ଛାଡ଼ି ରହିହେବନାହିଁ
ଧନ୍ୟ ଏକ୍ ସୃଷ୍ଟିର ଚିତ୍ର... [୫]

ତିନି ଭାଗ ଜଳ, ଏକ ଭାଗ ସ୍ଥଳ
ସବୁଠି ଜୀବଜଗତ
ବିଶ୍ୱବିୟନ୍ତାଙ୍କ ଅପୂର୍ବ ସଂଯୋଗ
ସବୁ ତ ତାଙ୍କଠୁ ଜାତ... [୬]

ବଇଣ୍ଡା, ଅନୁଗୋଳ, ଓଡ଼ିଶା

 Magazine Downloaded from www.aahwaan.com

# କୃଷକ ରକ୍ତରେ

ଧରିଛି ଲଙ୍ଗଳ ହାତରେ ପାଞ୍ଚଣ
ଦେହେ ମାଟି ଗୋଟାସାରା
ଖାଦ୍ୟ ତା ପଖାଳ ଅମୃତ ସକାଳ
ସାକ୍ଷୀ ଅଛି ଏଇ ଧରା । [୧]

ରକତ ନିଗାଡ଼ି ଜମିକୁ ସଜାଡ଼ି
ଦେଇଥାଏ ଶସ୍ୟ ବିଞ୍ଛି
ଶସ୍ୟ ଶ୍ୟାମଳା ପ୍ରକୃତି ମେଖଳା
ମାଟି ସଙ୍ଗେ ସ୍ୱପ୍ନ ସଞ୍ଚି । [୨]

ହସେ ଏ ଧରିତ୍ରୀ ଆଖି ଚହଟାଇ
ଦେଖା ତା ସବୁଜ କ୍ଷେତ
ଯେବେ ଚାଷୀଭାଇ ଯାଉଥାଏ ଗାଇ
ଏଥର ମିଳିବ ଭାତ । [୩]



ଶୈବାଳିନୀ ସାହୁ

ପାଇନାହିଁ କେବେ ପିଠା କି ପଲଉ
କ୍ଷୀରି ଆରିଶାର ସ୍ୱାଦ
ଧନୀକ ମୁହଁରେ ଦେଇଛି ଅଜାଡ଼ି
କରିନାହିଁ ପ୍ରତିବାଦ । [୪]

 Magazine Downloaded from www.aahwaan.com

ଶ୍ରମିକର ଘର ନୁହେଁ ସ୍ୱର୍ଗପୁରୀ
ଦୁଃଖରେ ତା' ରାତିପାହେ
ମୁଠାଏ ଅନ୍ନରେ ମନକୁ ବୁଝାଇ
ସବୁ କଷଣ ସେ ସହେ ।[୫]

ଗରିବ ଶୋଷଣ ନୀତି ଚାଲିଥିବ
ତା' କପାଳେ କେବେ ସୁଖ !
ବଡ଼ବଡ଼ିଆଙ୍କୁ ଦାନା ଦେଉଥିବ
କେବେ ସରିବ ତା ଦୁଃଖ ? [୬]

ଆଇନ କାନୁନ କେତେ ଲେଖାହୁଏ
ହୁଅଇ ଶପଥ ପାଠ
କୁମ୍ଭୀରକାନ୍ଦଣା କେତେ ଯେ କାନ୍ଦନ୍ତି
କେତେ ଯେ ଚାଲଇ ନାଟ । [୭]

ଜଉମୁଦି ରଖେ ଲଫାଫା ଭିତରେ
ମିଛ ହୁଏ ପ୍ରତିଶୃତି
ତଥାପି କୃଷକ ଫସଲ ଫଳାଏ
ପଥର କରି ତା ଛାତି । [୮]

ମେଟ୍ରୋପଲିଟାନ୍ କୋଅପରେଟିଭ୍ ହାଉସିଂ ସୋସାଇଟି
ସି-ଏ, ପ୍ଲଟ୍ ନଂ - ୯୪
କୋଲକାତା, ପଶ୍ଚିମବଙ୍ଗ ୭୦୦୧୦୫

Magazine Downloaded from www.aahwaan.com

# ଆହେ ଜଗନ୍ନାଥ

ନାଥ ହେ ନାଥ
ଆହେ ଜଗନ୍ନାଥ
ମୁହିଁ ଯେ ଅନାଥ
ତୁମେ ମୋର ନାଥ । ୧

ଅଗତିର ଗତି
ଆହେ ଲକ୍ଷ୍ମୀପତି
ପଡ଼ିଛି ଦୁର୍ଗତି
ଦିଅ ସଦ୍‌ଗତି । ୨

ଦୁଃଖରେ ମୁଁ ଦେଖି
ଅଟେ ବଡ଼ ଦୁଃଖି
ଦୁହ ମୋର ଶୁଣ
ଥରୁଟିଏ ଦେଖି । ୩



କବି ଶ୍ରୀ ବୁଲୁ ବେହେରା

ପୂର୍ବ ଜନମର
ପୂର୍ବ ତପସ୍ୟାର
ପୂର୍ବ କର୍ମଫଳ
ଭୋଗୁଛି ପୂର୍ବର । ୪

 Magazine Downloaded from www.aahwaan.com

ମୁକ୍ତିଦିଅ ମୋତେ

ଆହେ ମୁକ୍ତିଦାତା

ମୁକ୍ତକର ଆଗେ

ଦୁଃଖରୁ ବିଧାତା । ୫

ଶେଷ ମିନତି ମୋ'

ଶୁଣ ଶେଷଥର

ଶେଷ କରୁଅଛି

ଘେନ ମୋ ଜୁହାର । ୬

ଗ୍ରାମ : କର୍ପୂର ନୂଆଗାଁ, ପୋଷ୍ଟ : ଦେବଭୂମି

ଭାୟା : ଗୁଣ୍ଡପଡ଼ା - ୭୬୧୧୧୫, ଗଞ୍ଜାମ, ଓଡ଼ିଶା

Magazine Downloaded from www.aahwaan.com

# ଏଇ ତ ଜୀବନ

ଜୀବନ ଏମିତି ଏକ ମାୟାଜାଲ
କେବେ ଏଠି ସାଥି ସାଜେ ଫୁଲହାଟ,
କେବେ କଣ୍ଟା ଶିଖାଏ ପ୍ରେମର ମୂଲ
କେବେ ନିଃସଂଗ ଲାଗେ ଜୀବନ ବାଟ । [୧]
ଜୀବନ ବୁଢିଆଣୀ ସୂତାର ଫାଶ
କେବେ ସେ ଦେଖାଏ ସୁନେଲୀ ସପନ,
କେବେ ଭରିଦିଏ ହୃଦୟେ କଳୁଷ
କେବେ ତୁଟାଇ ଦିଏ ସବୁ ବନ୍ଧନ । [୨]
ଏ ଜୀବନ ଅପେକ୍ଷାର ଗନ୍ତାଘର
କେବେ ସରିଯାଏ ଆଶାର ଆୟୁଷ,
କେବେ ଦୂରାଏ ନିରାଶାର ଅନ୍ଧାର
କେବେ ହୋଇଯାଏ ଦୁଃଖର ବିନାଶ । [୩]
ଏ ଜୀବନ ଏମିତି ମିଛ ନାଟକ
ନିଜେ ଜାଣେ ନାହିଁ ନିଜ ଅଭିନୟ,
କେବେ ଖୋଲିଯାଏ ସତ୍ୟର ଫାଟକ
ଆରମ୍ଭ ଆଗରୁ ବି ସରେ ବିଷୟ । [୪]
ବୁଝି ହୁଏ ନାହିଁ ଏଇ ତ ଜୀବନ
କେବେ ଖୁସିରେ ଝରିଯାଏ ଲୁହ,
କେବେ ଦୁଃଖ ସାଜେ ଛାତିର ସ୍ପନ୍ଦନ
କେବେ ତୁଟିଯାଏ ସମ୍ପର୍କର ମୋହ । [୫]



ପ୍ରିୟଙ୍କା ସାହୁ

ସାହାନିୟାଜପୁର, କଟକ
ଓଡ଼ିଶା

 Magazine Downloaded from www.aahwaan.com

# ନୂତନ ଜୀବନ

ଦେଖ ତୁମେ, ମୁକ୍ତ ଭାବରେ ଦେଖ ଜୀବନକୁ
ଜୀବନ ଦେଉଛି କ'ଣ ହତାସ, ଯନ୍ତ୍ରଣା, ଦୁଃଖ ଓ ଲହୁର ସଂଘର୍ଷ !
ଜୀବନ ନୁହେଁ ତୁମ, ମାନସ ଛବିର ସିଦ୍ଧାନ୍ତ
ଜୀବନକୁ ଦେଖୁଥାଅ ସବୁବେଳେ ଉନ୍ମୁକ୍ତ ଚିନ୍ତନର ଉର୍ଦ୍ଧ୍ୱରେ
ଜୀବନ ନୁହେଁ ବି ତୁମ,
ବିଗତ ଜ୍ଞାନ, ପରମ୍ପରା ଓ ସକଳ ମାନବ ଅନୁଭୂତିର ସରଳ ବା ଜଟିଳ ଦର୍ଶନ ।
ତୁମେ, ଦେଖିଛ ଜୀବନକୁ ଭଲକରି
ମୁଁ/ଦ୍ରଷ୍ଟା, ଆସିବା ଆଗରୁ
ତୁମରି ଜୀବନର ରୋମାଞ୍ଚ ଅତୀତ ଆଗରୁ
କେବଳ ତୁମେ ହିଁ ଜୀବନକୁ ଖୋଜି ବାହାର କରିପାରିବ
ଦ୍ରଷ୍ଟାଠାରୁ ଦୂରେଇ ରହି ଅତୀତ-ବର୍ତ୍ତମାନ-ଭବିଷ୍ୟତରୁ ।
ଆସ ଜୀବନକୁ ଦେଖିବା, ଚିହ୍ନିବା
ନୂତନତାକୁ ଦେଇ ପ୍ରଶ୍ରୟ,
ଜୀବନର ସୁଦୀର୍ଘ ଚଲାପଥରେ !!!



ସୌମ୍ୟରଞ୍ଜନ ଲେଙ୍କା

ପାଳଧୁଆପଲ୍ଲୀ, ବାଣପୁର, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୯୪୩୭୨୮୬୬୬୭

Magazine Downloaded from www.aahwaan.com

# ତମ ଅପେକ୍ଷାରେ

କିଏ ଜାଣେ କେବେ ହେବ ଆଗମନ

ଧୁ ଧୁ ଗ୍ରୀଷ୍ମର ଝାଞ୍ଜିରେ

ଶୀତଳତାର ମଧୁର ପରସ ନେଇ...

ଅବା ଶୀତର କାକର ଭିଜା ରାତିରେ

ପାଉଁଶ ତଳର ଉଷୁମ ଚାଦର ନେଇ...

ହୋଇପାରେ ଦିବାଲୋକରେ ସର୍ବ ସମ୍ମୁଖରେ

ନଚେତ୍ ଘମା ଅନ୍ଧାରରେ

ତାରା ଆଉ ଚନ୍ଦ୍ରମାର ଅପୂର୍ବ ଶୋଭାରେ...

କେବେ ଲାଗେ ସାଗରର ନୀଳ ନୀଳ

ଭଉଁରି ଖେଳା ଶରୀରରେ

ତ କେବେଲାଗେ ବାଲୁକା ରାଶିରେ

କାକ୍‌ଟସର କଣ୍ଟକିତ ଗାଲିଚାରେ...

ଆସିପାର ତୁମେ...

ଖୋଲା ଆଖିରେ ତମ ସ୍ୱପ୍ନରେ ବିଭୋର ସମୟରେ

ଅବା ମୁଦ୍ରିତ ନୟନରେ ତମ ସ୍ମୃତି ଚାରଣରେ...

ଆଜି ଆନନ୍ଦିତ, ଉଲ୍ଲସିତ ଏକ ମାତ୍ର ସ୍ୱପ୍ନରେ...



ପ୍ରିୟଙ୍କା ପ୍ରିୟଦର୍ଶିନୀ

 Magazine Downloaded from www.aahwaan.com

ଦୁଇ ନୟନବାରି, ତମ ପଦ ପ୍ରଖ୍ୟାଳନ ପାଇଁ ଆତୁର

ମନରେ ଆଜି ନାନା ଜାତିର ସୁରଭି ପୁଷ୍ପ

ତମ ଗନ୍ଧ ପାଇଁ ମୁକୁଳିତ

ହୃଦ ମନ୍ଦିରେ ଆଜି

ଅପୂର୍ବ ବିଜୟର ଧ୍ୱନି

ତମ ଆଲିଙ୍ଗନର ବ୍ରହ୍ମ ମୁହୂର୍ତ୍ତର ସ୍ୱାଗତରେ

ଆଜି ମୁଁ ଆକୁଳ

ଏତିକି ବିନତି ତମ ପାଶେ

କର ତୃପ୍ତ ଏ ତନୁମନ...

 Magazine Downloaded from www.aahwaan.com

# ଚରଣେ ଶରଣ ମିଳୁ

ଆସ ଆସ ମହାପ୍ରଭୁ ମନ ମନ୍ଦିରେ ମୋହର
ଦୟାକର, ଦୀନବନ୍ଧୁ ଆହେ କୃପା ପାରାବାର ।
ଘଣ୍ଟଘଣ୍ଟା ଭେରି ତୁରୀ ଧବଦ ଆବୋରି
ପବିତ୍ର କରିଛି ମୋ ମନ ଓଁକାର ଉଚାରି ।

ଅଶ୍ରୁଜଳେ ଧୋଇଦେବି ଚରଣ ତୁମ୍ଭର
ହୃଦ ସିଂହାସନେ ପ୍ରଭୁ ଆସନ ତୁମର
ମନ୍ତ୍ରତନ୍ତ୍ର ଜଣାନାହିଁ ମୁଁ ଚାର ପାମର
କି କରିବି ଉପଚାର ସବୁ ସୃଷ୍ଟି ତ ତୁମର ।



ଦେବଦତ୍ତ କର

ଜୟ ଜୟ ଜଗବନ୍ଧୁ ଭକତ ବାନ୍ଧବ
ତୁମ୍ଭ ଆଗମନେ ମୋର ହୃଦ ରୋମାଞ୍ଚିତ ।
ଦେହ ନନ୍ଦିଘୋଷେ ତୁମ୍ଭେ ହୋଇ ବିରାଜିତ
ସାରଥି ସାଜିବି ତୁମ୍ଭେ ମୋ ଜୀବନ ପଥ ।

ସୁଖ ସଂପଦ ମୁଁ ମାଗୁନାହିଁ ପ୍ରଭୁ

 Magazine Downloaded from www.aahwaan.com

ମାଗିବିନି ସ୍ୱଚ୍ଛଳତା
ଦୁଃଖେ ସିନା ଥିଲେ ଖୋଜୁଥିବି ନିତ୍ୟେ
ତବ ସାନିଧ୍ୟେ ହେ ସଖା ।

ଭୁଞ୍ଜିବାକୁ ଅନ୍ନ ନଥିଲେ ନଥାଉ
ଶୁଣୁଥିବି ତୁମ କଥା
ତୁମ ନାମ ଗାଇ ତୁମ୍ଭକୁ ମୁଁ ଧ୍ୟାୟୀ
ଗଡ଼ିଯାଉ ମୋର ମଥା ।

ପାଟପତନି ମୋ ଲୋଡ଼ାନାହିଁ ପ୍ରଭୁ
କସା ଲଗା ଖଣ୍ଡେ ଥାଉ
ଆଖି ଲୁହ ପୋଛି ଚକାଡ଼ୋଳା ଦେଖି
ହାତ ମୋର ଉଠିଯାଉ ।

ପିତାମାତା ବନ୍ଧୁ ତୁମେ ମୋର ପ୍ରଭୁ
ତୁମେ ଅଟ ମୋର ଗୁରୁ
ଆତ୍ମ ପ୍ରଦୀପ ମୋ ଶରୀର ଛାଡ଼ିଲେ
ତୁମ୍ଭ ଚରଣେ ଶରଣ ମିଳୁ ।

 Magazine Downloaded from www.aahwaan.com

# ସାଥୀ

ଭାଗ୍ୟର କି ବିଡ଼ମ୍ବନା ଦେଖ...
ସମୟ ତୁମକୁ
ମୋ ଠାରୁ ଅଲଗା କରି
ସଜେଇ ଦେଲା
ଆଉ କାହା ପାଟରାଣୀ
ଭାବିଥିଲି କରିବ ସୁଖର ସଂସାର
ମଧୁମୟ ହେବ ତୁମ ଦାମ୍ପତ୍ୟ ଜୀବନ
ହେଲେ ଭାଗ୍ୟକୁ ଦୋଷ ଦେଇ କହୁଛ
ସୁଖ ମୋ ପାଇଁ ସାତ ସପନ ।

ଆଉ ଆଜି ମୋତେ ଦେଖ...
ତୁମକୁ ନ ପାଇବାର ଗ୍ଲାନି
ହଜେଇ ଦେଇଥିବାର ଦୁଃଖ
ତୁମ ଅନୁପସ୍ଥିତି ହିଁ ସୃଷ୍ଟି କରିଛି
ହୃଦୟରେ କ୍ଷତ,
ଆଜି ବି ପ୍ରତିଟି କ୍ଷଣ
ପ୍ରତିଟି ମୁହୂର୍ତ୍ତ
ତୁମପାଇଁ ନୟନୁ ଝରୁଛି
ଅଜସ୍ର ଲୋତକ ।



ଅନିଲ୍ ସାହୁ

 Magazine Downloaded from www.aahwaan.com

# କବିତାରେ ତତେ ଲେଖୁଛି

ସ୍ୱପ୍ନରେ ତତେ ଦେଖୁଛି ଦେଖୁଛି
ଜହ୍ନର ଜ୍ୟୋସ୍ନାରେ ଖୋଜୁଛି,
ବନ୍ଧୁ କି ବାନ୍ଧବୀ ଜାଣେନା ମୁଁ
କବିତାରେ ତତେ ଲେଖୁଛି ।
ସବୁବେଳେ ତତେ ବନ୍ଧୁ ମୁଁ ଭାବିଛି
ଛାଡ଼ି ପ୍ରେମର କହର
କାହିଁକି କେଜାଣି ସବୁବେଳେ ତୁ
ଲାଗୁଛୁ ଅତି ଆପଣାର ।
ଜାଣିପାରୁନାହିଁ କାହିଁକି ଏମିତି
ହୃଦୟେ କରିଛୁ ଘର,
ବୁଝିପାରୁନାହିଁ କିଛି ଆଉ ମୁଁ
ରହୁଛୁ ଏଠି ତୁ ସଞ୍ଜସକାଳ ।
କାହିଁକି କେଜାଣି ତୋ କଥା ଭାବିଲେ
କଥାରେ ମୁଁ ହଜିଯାଉଛି
ସେଥିପାଇଁ ବୋଧେ ଭୋକ, ଶୋଷ, ନିଦ
ପରଦେଶେ ଘର କରିଛି ।



ରାମ କଲତା

 Magazine Downloaded from www.aahwaan.com

ଜହ୍ନର ଜ୍ୟୋତ୍ସ୍ନାପରି ଟାଣୁଛୁ ତୁ

ମୋ ପାଖୁ ଆଖିମୋର

ଚନ୍ଦନର ମହକ ପରି ଟାଣି ନେଉଛୁ

ପବିତ୍ର ହୃଦୟକୁ ମୋର ।

କାହିଁକି କେଜାଣି ଜାଣେନା ମୁଁ

ତୋ ପ୍ରତି ଅଲଗା ଲାଗୁଛି

ଏ ବନ୍ଧୁତ୍ୱ କି ପ୍ରେମ ଜାଣେନା ମୁଁ

ସବୁବେଳେ ତତେ ଭାବୁଛି ।

ନୀରବତାରେ ଏକାକି ମୁଁ

ନାଆଁକୁ ତୋର ଡାକୁଛି

ବନ୍ଧୁ କି ବାନ୍ଧବୀ ଜାଣେନା ମୁଁ

କବିତାରେ ତତେ ଲେଖୁଛି ।

ପୂର୍ବତନ ଛାତ୍ରସଂସଦ ସଭାପତି

ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ

ବଲାଙ୍ଗିର, ଓଡ଼ିଶା

ଭ୍ରାମ୍ୟଭାଷ : ୭୭୫୨୦୮୯୧୬୫

 Magazine Downloaded from www.aahwaan.com

# ମୁକପକ୍ଷୀ

ମାଗିନଥିଲି ତତେ

ବୁନ୍ଦାଏ ଜଳ କି ଦି ମୁଠା ଖାଦ୍ୟ

ଅସହ୍ୟ ଜାଡ଼ରେ ଖଣ୍ଡେ କନା

ବୁଜି ଯାଇଥିବା ଆଖିପାଇଁ

ଖଣ୍ଡେ ଟର୍ଚ୍ଚ ।

ମାଗିଥିଲି ଥରୁଟିଏ

ମଧୁଭରା ମାଆ ଡାକ

ପଛକୁ ଅନାଇ

ମିଛରେ ପଛେ କହି ଦେଇଥାନ୍ତୁ

ଏ ମାଆ

ଭଙ୍ଗା ପିଣ୍ଡରେ ପୁଣିଥରେ ଦଉଡ଼ିଥାନ୍ତା ରକ୍ତ



ଅଶୋକ କୁମାର ପଧାନ

ପୁଣିଥରେ,

ପଣତରେ ପୋଛି ଦେଇଥାନ୍ତି ତୋ ପାଦର ପଙ୍କ

ଘସି ଦେଇଥାନ୍ତି ତୋ

ଥକି ଯାଇଥିବା ଗୋଡ଼, ଦି ହାତ

ହେଲେ

ମୋର ସେ ବେଳ କାଇଁ

 Magazine Downloaded from www.aahwaan.com

ମୁଁ ତ ନାରୀ

ଅବଳା ମୂର୍ଖ କାମକରା ଯନ୍ତ୍ର

ଠିକ୍ ଟ୍ରାକ୍ଟରଟିଏ ପରେ

ଦି ଢୋକ ତେଲ ମୋ ଭାଗ୍ୟ ।

ମୋତେ କେ କାଇଁ କହିବ

ମାଆ ବୋଲି ଥରେ

ମୁଁ କଣ ତାଙ୍କଭଳି ପାଠୁଆ

କାଳେ କେ ତାକୁ କହିଦେବ

"ଏଇ ତୋ ମାଆ !"

ସାହେବ ମାନଙ୍କ ପାଖରେ କ'ଣ ଇଜ୍ଜତ ରହିବ

କ'ଣ ମୁଣ୍ଡଟେକି ପାରିବ ?

ସେ ଠିକ୍ କରିଛି

ମୁଁ ତ ମାଆ ଗର୍ଭରୁ ତା ଲାତ ସହିଛି

ଏବେ କାଇଁ କହୁଛି

ମୁଁ ପରା ସର୍ବସଂହା ବସୁଧା

ଯିଏ ନିଜ ସ୍ୱାର୍ଥକୁ ଦମନକରି

ନିଜ ପିଲାକୁ ଟେକି ଧରିଛି ।

ଗିଧମାଲ, ସୁବର୍ଣ୍ଣପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୧୭୮୪୦୬୮୨

 Magazine Downloaded from www.aahwaan.com

# ବନ୍ଧୁତ୍ୱ

ବନ୍ଧୁତ୍ୱ
ଲାଗେ ଯେପରି ଦୁଇଟି ଅକ୍ଷର
ବୁଝିବାକୁ ଲୋଡ଼ା ସେହିପରି
ଦୁଇଟି ନିବିଡ଼ ହୃଦୟ । [୧]
ବନ୍ଧୁତ୍ୱ
କାହାପାଇଁ କେବେ ଝରାଏ ଲୁହ
କିପରି ବନ୍ଧନ ଏହା
ସୃଷ୍ଟିର ଅତୁଟ ବିସ୍ମୟ । [୨]
ବନ୍ଧୁତ୍ୱ
ଅଟେ ଇଶ୍ୱରଙ୍କ କେଉଁ ବିଡ଼ମ୍ବନା
ଯାହାପାଇଁ ସମୟର ଆବେଗ
ମୁହୂର୍ତ୍ତକ ବଞ୍ଚିବାକୁ କରେ ଆନମନା ।[୩]
ବନ୍ଧୁତ୍ୱ
ନୁହେଁ କେଉଁ ଭୁଲ ବୁଝାମଣା
ଯାହାପାଇଁ ଆମେ ହେଉ ଶତ୍ରୁ
ନ ବୁଝି କରି ଚାଲୁ ଘୃଣା । [୪]
ବନ୍ଧୁତ୍ୱ
କେବେ ଖୋଜିଲେବି ମିଳିନପାରେ
ହଜିବାକୁ ଦେବନି କେବେ
ଯିଏ ତୁମକୁ ଜିତାଇବାକୁ ନିଜେ ହାରେ ।[୫]



ଜୟନ୍ତ କୁମାର ସାହୁ

Magazine Downloaded from www.aahwaan.com

# ଅଭିମାନୀ

ଆଜିକା ଘରଣୀ ଭାରି ଅଭିମାନୀ
ଭୁଲ୍ ମାଗନ୍ତିନି ଜମା,
ଫେସନ ଉପରେ ବହୁତ ଉଛରେ
ନାହିଁ ଫୁଲଷ୍ଟପ୍ କମା ।
ମଡ଼ର୍ଣ୍ଣ ଝିଅ ସେ ବଢ଼ିଛି ସରସେ
ଶିଷ୍ଟାଚାର ଜଣାନାହିଁ,
ଗୋସାଇଁ ନାମକୁ ପରମେଶ୍ୱରକୁ
ଅସଙ୍କୋଚେ ଦିଏ କହି ।
ବିନ୍ଧିଲେ ମୁଣ୍ଡଟା ଖାଲି ଶୋଇବାଟା
ରଗଡ଼ି ଦିଅନ୍ତି ପତି
ବିଚରା ଗୋସେଇଁ କହି ନ ପାରଇ
ହୃଦୟେ ଫୁଟଇ ତାତି ।
ସରମର ତତ୍ତ୍ୱ ନିଜ ପୁରୁଷତ୍ୱ
ବଳିଦିଏ ପତ୍ନୀ ପାଇଁ,
ମରମ ବେଦନା ଶାନ୍ତିର କାମନା
ଭାର୍ଯ୍ୟା କେବେ ବୁଝେନାହିଁ ।



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

 Magazine Downloaded from www.aahwaan.com

ଆଜିକା ହେ ନାରୀ          ଗରବକୁ ଧରି

କିମ୍ବା ଯାଉଅଛ ଭୁଲି,

ପରିବାର ହସେ          ତୁମରି ପରଶେ

ତୁମବିନା ଯାଏ ଜଳି ।

ଗଢ଼ିଛି ନିୟତି          ଦେଇଛି ପୀରତି

ପୂର୍ଣ୍ଣ କରି ସମ୍ଭାବନା,

କେବେ ତ ସାବିତ୍ରୀ          କେବେ ତ ଗାୟତ୍ରୀ

ରୂପେ ତୁମ୍ଭେ ସଦା ଗଣା ।

ବଙ୍କିଆ, ବୀରମହାରାଜପୁର, ସୁବର୍ଣ୍ଣପୁର

୭୬୨୦୧୮, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

ଇମେଲ୍ : akhurdia999@gmail.com

 Magazine Downloaded from www.aahwaan.com

# ଏମିତି ଭାବନା ମୋର

ଏମିତି ଭାବନା ମୋର

ପ୍ରୀତିର ଭଙ୍ଗା କୁଟୀର

ତୁମେ ଗଲାପରେ ଫଗୁଣ ଆସିନି

ଆଖିରେ ଶ୍ରାବଣ ଧାର ।

କେମିତି ହୃଦୟ ତୁମର

ବୁଝି ପାରିଲନି

ମୋ ମନର କଥା

କରିଦେଲ ମୋତେ ପର ।



ଅବୁଝା ମନ ମୋହର

ଦେଖେ ନିତିଦିନ

ଅନେକ ସପନ

ଆବିଳତା ହୃଦୟର ।

ସୁଶାନ୍ତ କୁମାର ଧଳ

କିଏ ସେ ରାଜକୁମାର

 Magazine Downloaded from www.aahwaan.com

ନେଲା ଯେ ଛଡ଼ାଇ
ତୁମକୁ ମୋ ଠାରୁ
ଅଧିକାର ନାହିଁ ମୋର ।

ହୃଦୟ ମନ୍ଦିରେ ତୁମର
ଆଉ କେ ଦେବତା
ସାଜିଛି ଯେ ସେଠି
ଗଢ଼ିଛି ପ୍ରୀତି ପ୍ରାଚୀର ।

ଦରଜ ଏ ହୃଦୟର
ଦେଖି ପାରିଲନି
ତହିଁର ବେଦନା
ଭାଙ୍ଗିଦେଲ ବାଲିଘର ।

ଭାଙ୍ଗିଦେଇ ବାଲିଘର
ଚାଲିଯାଅ ତୁମେ
ଆଉ କେଉଁଠାକୁ
ଛାଡ଼ିଦେଇ ହାତ ମୋର ।

 Magazine Downloaded from www.aahwaan.com

ପ୍ରୀତି ପ୍ରଣୟୀଗୋ ମୋର

କି ଭୁଲ ଥିଲା

କହିଦିଅ ଥରେ

ଏତେ ବଡ଼ ଶାସ୍ତି ଯା'ର ।

ମାନସୀ ମୋ ମନର

ସମୟ ତ ଚାଲିଯିବ

ପ୍ରେମ ମୋର ରହିଥିବ

ଚିରନ୍ତନ ହୃଦୟର ।

ଜୟନ୍ତରା, ଦଶରଥପୁର, ଯାଜପୁର, ୭୫୫୦୦୭

 Magazine Downloaded from www.aahwaan.com

# ଦୋଷଯୁକ୍ତା ଜହ୍ନ

ବାପଘର ନା ଶାଶୁଘର
ମଝିଦୁଆରେ ଅଧାଫାଶୀ କନ୍ୟା...
ଯେଉଁ ହାତଗଣ୍ଠିରେ ଦୁଇମନ ବନ୍ଧା
କିଏ ଜାଣେ ! ସେ ଦଉଡ଼ି
ସମାଜ ଅଗଣାରେ ଗୋଡ଼ ବାନ୍ଧିଦେବ ।
ଦୋଷ କାହାର ? କର୍ମର ନା ଭାଗ୍ୟର
ପୂର୍ଣ୍ଣିମାର ଦୋଷଯୁକ୍ତ ଜହ୍ନପରି
ଶୁଭ୍ରବସ୍ତ୍ର ତଳେ ଅବଳା କନ୍ୟା
ଶତ ତାରା ଗଣେ ଖୋଜେ ପ୍ରଶସ୍ତ ଆଶ୍ରୟ
ଫଗୁଣକୁ ଅନେକ ବସିଛି
ଫେରି ଆସିବ କି ଆଉ
ହଳଦି ରଙ୍ଗର ଫଗୁ ଦେହେ ବୋଳି ହୋଇ
ଅନନ୍ତ ପ୍ରଶ୍ନବାଚୀ
ଭାଗ୍ୟକୁ ନିନ୍ଦିବ ନା କର୍ମକୁ ଆଦରିବ
ଖାଲି ନିଜକୁ କହେ ନିଜ ଆତ୍ମକଥା
ସାନ୍ତ୍ୱନା ଦିଏ ଏକା ଏକା ।
ସେ ବିଧବା ନବ ବିବାହିତା ।



ମିହିର ପଣ୍ଡା

ଜୟପୁର, ଓଡ଼ିଶା

 Magazine Downloaded from www.aahwaan.com

# ନିୟମ

ନିୟମକୁ ଗଢ଼ି କେଡ଼େ ବୁଦ୍ଧି ବିବେକରେ
ପୂର୍ବପୁରୁଷ ଆମ କରିଥିଲେ ବୁଦ୍ଧିମନ୍ତ;
ସମସ୍ତେ ସମାନ ନିୟମ ଆଗରେ
ନୁହେଁ କେହି ସାମନ୍ତ କେହି ବଳବନ୍ତ ।

ନିୟମକୁ କିଏ ମାନୁଛି; କିଏ ଭାଙ୍ଗୁଛି
ଯାହା ଆଗରୁ ସୁପ୍ତରେ ଅନେକ ଅଛି
ତଥାପି ସଂଶୋଧନ ତାଳରେ
ନିୟମ ଆରେ ଏକ ଆରେ ଏକ ହେଉଛି ।



ପ୍ରଶାନ୍ତ କୁମାର ନାଥ

ବେଳେ ବେଳେ ପୁଣି ସବୁ ଜାଣିଶୁଣି
ପୁରୁଣା ନିୟମକୁ ଗଢ଼ା ହେଉଛି ନୂଆ ନାଁରେ,
ଗୋଟିଏ ନିୟମକୁ ଦୁଇ ଖଣ୍ଡରେ
କେତେବେଳେ ଦୁଇଟିକୁ ପୁଣି ଏକକରେ ।

ବାମପାର୍ଶ୍ୱେ ଚାଲିବା ଯେ ନିୟମ ରହିଛି

 Magazine Downloaded from www.aahwaan.com

ତଥାପି ତାହାଣେ ସବୁ ମାଡ଼ି ଚାଲନ୍ତି
ନିୟମ ତଳକୁ ପୁଣି ପରିବର୍ତ୍ତନୀୟ
ବ୍ରାକଟେ ଯେ ଲେଖା ଅଛି ବୋଲି କହନ୍ତି ।

ଏ ତ ଆଧୁନିକ ଯୁଗ ଗଣତନ୍ତ୍ରର ରାଷ୍ଟ୍ର
ଖାତା ଖତିଆନ ନିୟମେ  ସଭିଏଁ ବନ୍ଧା;
ଯେତେ ଠକ ଠକି ଦୁହେଁ ଏଠି ପଥଭ୍ରଷ୍ଟ
ତଥାପି ଜନତା ପିଠିରେ ନିୟମ ଚାଲିଛି ଖୁନ୍ଦା ।

ରାତି ପାହିଲାରୁ ଡାଇନାମିକ୍ ଫୁଏଲ୍ ପ୍ରାଇସିଂ ନିୟମେ
ହେଉଛି ପେଟ୍ରୋଲ୍ ଡିଜେଲ୍ ଦର ଅଧିକା
ପୁଣି ଅଚଳ ସବୁ ଯେ ପୁରୁଣା ଟଙ୍କା;
ସର୍ଭିସ୍ ଚାର୍ଜ ନିୟମ କହି ବ୍ୟାଙ୍କ କାଟୁଛି
ଚାଷୀ ଗରିବର ଜନଧନ ଖାତାରୁ କେତେ ଟଙ୍କା ।

ପଥରୋଧ କରି କାରଣ ପଚାରେ ଜନତା
ପାର୍ଲ୍ୟାମେଣ୍ଟରେ ପୁଣି ବିରୋଧୀ ନେତା;
ଅଳ୍ପଦିନେ ସୁଧୁରିବ ଫେରିବ ପୂର୍ବ ଅବସ୍ଥା
ପୁଣି ସବୁ ଶୁଣି ସରକାର କହନ୍ତି ନିୟମର କଥା ।

Magazine Downloaded from www.aahwaan.com

ନିୟମ ବୋଝ ଯେ କେବଳ ଜନତା ବୋହୁଛି

ବୁଝି ନ ପାରିଲେ ବି କୋଉଠି ପଡୁଛି ଝୁଣ୍ଟୁଛି;

ତଥାପି ଅନୁଶାସିତ ମୁଁ ନିୟମ ଫାନ୍ଦରେ

ଛାତିକୁ ପିଟି ବୀର ଦର୍ପରେ କହୁଛି ।

ଗଢ଼ିଲାବାଲା ଯେ ଗଢ଼ି ଚାଲିଛି

ନିୟମ ଅନିୟମେ ପେଟ ଫୁଲୁଛି

କଷ୍ଟେମଷ୍ଟେ ଜନତା ବୋହୁଛି;

ପିଠି କଷ୍ଟ ଯେ ଅଣ୍ଟାକୁ ଗ୍ରାସୁଛି

କେତେବେଳେ ଯେ ଫାଟିବ ଅନିଶ୍ଚିତରେ ସେ ବଞ୍ଚିଛି ।

ଗୋବିନ୍ଦପୁର, ଟାଙ୍ଗୀ, କଟକ - ୭୫୪୦୨୩

ଭ୍ରାମ୍ୟଭାଷ : ୮୭୭୭୫୭୮୫୧୧

ଇମେଲ୍ : prsntanath@gmail.com

 Magazine Downloaded from www.aahwaan.com

# ଜୀବନ ଯବନିକା ପୂର୍ବରୁ

ଆଜି ଅଛି ଆମ ପାଖେ ବଡ଼ ବଡ଼ ଘର
ଲୋକ ନାହାନ୍ତି ବେଶୀ ପରିବାର ଛୋଟ
ଆମ ପାଖେ ଅଛି ଅନେକ ସୁବିଧା
ତାକୁ କିନ୍ତୁ ଭୋଗ କରିବାକୁ
ଆମ ପାଖେ ନାହିଁ ଆଉ ବେଳ ।

ଆଜି ଅଛି ଆମ ପାଖେ ବିଶ୍ୱବିଦ୍ୟାଳୟର
ମାଳ ମାଳ ଡିଗ୍ରୀ ପ୍ରାପ୍ତିର ପ୍ରମାଣ ମାନ
କିନ୍ତୁ ଅଭାବ ବହୁତ ସାଧାରଣ ଜ୍ଞାନ
ଆମର ଅଛି ବହୁତ ସୁଜ୍ଞାନ
କିନ୍ତୁ ବିଚାର ଶକ୍ତିରେ ଆମେ ଅଜ୍ଞାନ ।


ଶ୍ରୀ ରମା କାନ୍ତ ମିଶ୍ର

ଆଜି ଅଛନ୍ତି  ଆମ ପାଖେ
ଅତି ପ୍ରବୀଣ ବିଜ୍ଞ ବ୍ୟକ୍ତିଙ୍କ ସମାହାର
କିନ୍ତୁ ବଢ଼ି ବଢ଼ି ଚାଲିଛି
ଦୈନନ୍ଦିନ ଅସମାହିତ ସମସ୍ୟାମାନ

 Magazine Downloaded from www.aahwaan.com

ଅଛି ଆମ ପାଖେ ଔଷଧ ଉନ୍ନତମାନର
କିନ୍ତୁ କମି କମି ଚାଲିଛି ଆରୋଗ୍ୟର ମାନ

ଆଜି ଅଛି ଅର୍ଥର ପ୍ରାଚୁର୍ଯ୍ୟ
ହାତ ଖୋଲି ଖର୍ଚ୍ଚ କରି ପାରୁଛୁ ଆମେ
କିନ୍ତୁ ମନ ଖୋଲି ହସି ପାରୁନାହୁଁ ଆମେ
ଖର୍ଚ୍ଚ କରୁ ଅଧିକ କିନ୍ତୁ ଅଭାବ ସବୁବେଳେ
ଆମେ କିଣି ଥାଉ ଅଧିକ କିନ୍ତୁ ନିରାନନ୍ଦରେ
ଗାଡ଼ି ଚଳାଉ ଆମେ ଅତି କ୍ଷୀପ୍ର ଗତିରେ
ଅତିଶୀଘ୍ର ବଶୀଭୂତ ହେଉ କ୍ରୋଧରେ
ଶୋଇଥାଉ ଆମେ ଅତି ବିଳମ୍ବ ରାତିରେ
ଉଠିଥାଉ ଆମେ ଅତ୍ୟନ୍ତ ଅଳସ ଭାବରେ
ପଢ଼ିବାକୁ ବେଳନାହିଁ
ସମୟ ସବୁ ଚାଲିଯାଏ ଟି.ଭି ଦେଖିବାରେ
ଆବଶ୍ୟକତା ପଡ଼ି ନଥାଏ କେବେ ପ୍ରାର୍ଥନାରେ ।

ଆଜି ଆମେ ନିଜ ସମ୍ପତ୍ତିକୁ କରିଛୁ ବହୁ ଗୁଣିତ
କିନ୍ତୁ କମି ଯାଇଛି ଆମ ମୂଳ ଭୁତ ମାନବିକତାର ମୂଲ୍ୟ
ଆଜି ଆମେ ଅଯଥା କଥା କହୁ ବହୁ ଅଧିକ

 Magazine Downloaded from www.aahwaan.com

ନାହିଁ ତିଳେ ସତ୍ୟତା ମିଥ୍ୟା ବଡ଼ିମା ଅଧିକ ।

ଆଜି ଆମେ ଉପାର୍ଜନର ପନ୍ଥା ଶିଖି ଯାଇଛୁ
କିନ୍ତୁ ଶିଖି ପାରିଲୁ ନାହିଁ ଜୀବନକୁ ବଂଚିବାର
ବହୁବର୍ଷ ବଂଚିବାକୁ କଲୁ ଆମେ ବାଟ ବାହାର
କିନ୍ତୁ ବିକଶିତ ହେଲା ନାହିଁ ଜୀବନ ଆଭାର ।

ଆଜି ଅଛି ଆମ ପାଖେ ସୁଉଚ୍ଚ ପ୍ରାସାଦ
କିନ୍ତୁ ମାନସିକତା ଅତି ନିମ୍ନ ମାନର
ଅଛି ପ୍ରାସାଦ ସମ୍ମୁଖରେ ସୁପ୍ରସସ୍ଥ ମାର୍ଗ
ଅତି ସଂକୀର୍ଣ୍ଣ କିନ୍ତୁ ବିଚାରଧାରା ଆମର ।

ଆମେ ଗ୍ରହ ଗ୍ରହାନ୍ତରକୁ ଯାଇ ବସତି ବାଂଧିଲୁଣି
କିନ୍ତୁ ଘର ପାଖ ରାସ୍ତା ପାରି ପଡୋଶୀ ଅଜଣା
ଆମେ ବାହ୍ୟ ଜଗତକୁ ବିଜୟ ପ୍ରାପ୍ତି କରିପାରିଛୁ
କିନ୍ତୁ ଅନ୍ତରମନର ବିଜେତା ହୋଇନାହୁଁ ଏ ଯାଏ
ଆମେ ଅଣୁକୁ ବିଘଟନ କରି ପରମାଣୁ ସୃଷ୍ଟି କରିଛୁ
କିନ୍ତୁ ଅନ୍ତରମନର ଘୃଣା ଓ ବିଦ୍ୱେଷକୁ ବାନ୍ଧି ରଖିଛୁ
ଆମେ ଲେଖୁ ଅଧିକ ପଢ଼ିଥାଉ କମ,

 Magazine Downloaded from www.aahwaan.com

ଯୋଜନା ଅଧିକ ପୂର୍ଣ୍ଣତା କିନ୍ତୁ କମ

ଆମେ କେବଳ ପଳାଇ ଯିବାକୁ ହେଉ ଅସ୍ଥିର

କିନ୍ତୁ ଶକ୍ତି ଆମର ନାହିଁ ହୋଇ ଯିବାକୁ ସ୍ଥିର ।

ଆଜି ଆମେ ସୃଷ୍ଟି କରିଛୁ କମ୍ପୁଟର ଆଉ ମୋବାଇଲର

ଧରି ରଖିବାକୁ ଅଧିକରୁ ଅଧିକ ବିବରଣୀ ମାନଙ୍କର

କିନ୍ତୁ ଅତି କମ ଆମର ଭାବନାର ଆଦାନ ପ୍ରଦାନ

ଆମେ କାର୍ଯ୍ୟ କରୁ ଅଧିକ କିନ୍ତୁ ଗୁଣବତ୍ତା ଅତି କମ

ଆଜି ଆମେ ଖାଉ ସହଳ ଖାଦ୍ୟ ଆଉ ପାନୀୟ

କିନ୍ତୁ ଶେଷ ଜୀବନରେ କ୍ୟାନ୍‌ସର ଅତି ଦୟନୀୟ

ଲମ୍ବା ଲମ୍ବା ଲୋକ ସବୁ ବ୍ୟକ୍ତି ଚରିତ୍ର କ୍ଷୁଦ୍ର

ଲାଭ ଛୁଏଁ ଶିଖରକୁ ପରସ୍ପର ସମ୍ପର୍କ କିନ୍ତୁ ରସାତଳ

ଅଧିକରୁ ଅଧିକ ଆରାମ କିନ୍ତୁ ସୁଖ କମ

ଅଧିକ ଖାଦ୍ୟ କିନ୍ତୁ ଖାଦ୍ୟସାର କମ

ଦୁଇ ପ୍ରାଣୀ ଆୟ କିନ୍ତୁ ଅଧିକ ବିବାହ ବିଚ୍ଛେଦ

ଅତି ସୁନ୍ଦର ଘର ସବୁ କିନ୍ତୁ ଗୋଟେ ଗୋଟେ ନଷ୍ଟ ନୀଡ଼ ।

ତେଣୁ ହେ ବନ୍ଧୁ !

ଆଉ କିଛି ରଖ ନାହିଁ କରିବାକୁ କୌଣସି ନିର୍ଦ୍ଦିଷ୍ଟ ଦିନର

 Magazine Downloaded from www.aahwaan.com

କାରଣ ଏବେ ବଂଚୁ ଥିବା ପ୍ରତିଦିନ ଏକ ଏକ ନିର୍ଦ୍ଦିଷ୍ଟ ଦିନ
ଆହରଣ କର ଜ୍ଞାନ, ବେଶୀ ପଢ଼ିବାରେ ଦିଅ ଧ୍ୟାନ
ଘର ଅଗଣାରେ ବସି ଦୃଶ୍ୟ ସବୁକୁ ହୃଦୟଙ୍ଗମ କର
କିଛି ସମୟ ପାଇଁ ଅନ୍ତରମନର ଆକାଂକ୍ଷା ଗୁଡ଼ିକୁ ଅଶୁଣା କର
ନିଜ ପରିବାର ସହିତ, ନିଜ ବନ୍ଧୁଙ୍କ ସହିତ
ଅଧିକରୁ ଅଧିକ ସମୟ ଅତିବାହିତ କର
ନିଜ ପସନ୍ଦର ଆହାର ସବୁକୁ କର ଭକ୍ଷଣ
ଭଲ ପାଉ ଥିବା ସ୍ଥାନ ମାନଙ୍କୁ କର ଭ୍ରମଣ ।

ଜୀବନ ପ୍ରତି କ୍ଷଣର ସମାହାର
ଜୀବନ ନୁହେଁ ଖାଲି ବଂଚିବାର ଆଧାର
ଜୀବନ ଅଟେ ଆନନ୍ଦର ଗନ୍ତାଘର
ଯାହା ଅଛି ନିଜ ପାଖେ ବ୍ୟବହାର କର
ନିଜର ସ୍ନେହକୁ ବିତରଣ କର ନିରନ୍ତର
ମୂଲ୍ୟ ଅଛି ଜୀବନରେ ପ୍ରତି ମୁହୂର୍ତ୍ତର
ଜଣା ନାହିଁ କେଉଁ ମୁହୂର୍ତ୍ତ କରିବ ଅନ୍ତର
ପଡ଼ିଯିବ ଯବନିକା ଜୀବନର !

ଭି.ଆଇ.ଏମ - .୨୬୮, ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧ ମୋବାଇଲ -୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ଖରାବେଳ

ମାଡ଼ି ଆସିଲାଣି 'ଖରାବେଳ'
ନୁହେଁ ଦିବସ କିମ୍ବା ଛାଇ ଆଲୁଅର ଖେଳ
ଏ ଖରାବେଳ ନିଛକ
ଆଉ ଜୀବନର ମଧ୍ୟାହ୍ନ ସମୟ ।[୧]
ଚାରିଆଡୁ ଚାପ ବଢ଼ିଚାଲିଛି
ମୁଣ୍ଡ ଉପରେ ସୂର୍ଯ୍ୟଙ୍କର ମାତଣ୍ଡଭଳି
ପରିବାରର ବୋଝ, ପୁଣି ତା' ଉପରେ
ଭବିଷ୍ୟତ ଭଳି ବିରାଟ ଅପରାହ୍ନ ।[୨]
ସବୁ ଏଠି ବଡ଼ ବିପଦ ଭଳି
ଦଣ୍ଡାୟମାନ ପ୍ରତିମୁହୂର୍ତ୍ତରେ
କେଉଁଆଡ଼େ ପଳାୟନ କରିବାକୁ ହେବ
କି ଠିଆ ଠିଆ ସ୍ଥାଣୁ ପାଲଟିବାକୁ ପଡ଼ିବ
ସେ ଏକ ଅମୀମାଂସିତ ପ୍ରଶ୍ନଭଳି
ମନ ତଳେ ଉଙ୍କିମାରେ ଅହରହ ।[୩]



ପବିତ୍ର ଦାସ

ଗବେଷକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

 Magazine Downloaded from www.aahwaan.com

# ନାରୀ ସୁରକ୍ଷା

ନାରୀମାଂସ ପାଇଁ    ଜାଳୁଅଛ ଜୁଇ
ନିର୍ଲଜ କର ସମାଜ
ନିଜେ ବି ଜଳିବ    କଳୁଷିତ ହୋଇ
ଜୁଇ ଗର୍ତ୍ତ କରି ସଜ ।
କାମନା ଭୂତରେ    ଅନ୍ଧ ହୋଇ ତୁମେ
ଜାଣି ପାରୁନାହଁ ବୟସ
ଚାରିବର୍ଷ ଶିଶୁ    ସ୍ତନପାନ ଯୋଗ୍ୟା
କି ହୀନ ତୁମ ପ୍ରୟାସ ।
ଘରେ ଥିଲେ ତୁମ    ମାଆ ଆଉ ଭଗ୍ନୀ
ଦୁଷ୍କର୍ମ କରନ୍ତ ନାହିଁ,
ପୁରୁଷ ରୂପରେ    କାପୁରୁଷ ଭୀରୁ
ନୀଚ ହୀନକର୍ମ କାହିଁ ?
ବଦଳି ଯାଅରେ    ହୀନକର୍ମ ମୂଢ଼
ଅଧର୍ମକୁ ଟିକେ ଡର
ରୋଗ ଶୋକ ଯେବେ    ଆସିବ ତୁମକୁ
ଭାଗ୍ୟଦୋଷ ବୋଲାକର ।



ମହେଶ୍ୱର ସାହୁ

 Magazine Downloaded from www.aahwaan.com

ସମ୍ବିଧାନେ ଯଦି ଦୁଷ୍କର୍ମର ଦଣ୍ଡ
ହୋଇଥାନ୍ତା ମୃତ୍ୟୁଦଣ୍ଡ
ତେବେ ସିନା କେହି ଦୁଷ୍କର୍ମ ପୂର୍ବରୁ
ହେଜିଥାନ୍ତା ନିଜ ମୁଣ୍ଡ
ଆମ ଭାରତର ସମ୍ବିଧାନେ ଆଜି
ନାରୀର ସୁରକ୍ଷା ନାହିଁ
ସୂର୍ଯ୍ୟାସ୍ତ ହୋଇଲେ ଯାଇ ପାରିବନି
ନାରୀ ଗୃହଛାଡ଼ି କାହିଁ ।
ସ୍ୱାଧୀନ ଭାରତ ଇଏ କି ସ୍ୱାଧୀନ
ଭାବିଲେ ଆସୁଛି ଲୁହ
ଶାସନ ଚାଲିଛି ନାରୀର ଧର୍ଷଣେ
ବାପା ମାଆ ଭାଇ କୋହ ।
ଚିନ୍ତାରେ ସର୍ବଦା ପିତାମାତା ଭାଇ
ବନ୍ଧୁ ସାହି ସହୋଦର
ଅଭିଆଡ଼ି ଝିଅ ନଜରରେ କେହୁ
ନ ଆସୁ ଯେ ଅତ୍ୟାଚାର ।
ବିବାହ ବୟସ ଆସିଗଲେ କେହୁ
ପସନ୍ଦେ ବିବାହ କର
ଖେଳନା ନ ଭାବି ଝିଅ ଅବା ପୁଅ

Magazine Downloaded from www.aahwaan.com

ହୀନ କର୍ମେ ରଖ ଡର ।

ଯୁବକ ଯୁବତୀ ହୁଅ ଉଚ୍ଚମତି

କରନା ସମାଜ କଳୁଷ

ଆମେ ଭାରତର ଦିବ୍ୟାନ ସନ୍ତାନ

ରଖିବା ମାଟିର ଯଶ ।

ଯୁବକ ଯୁବତୀ ସଜାଗ ହୋଇଲେ

କାମାନ୍ଧ ରହିବ କିଏ

ଶାସକର ଦୋଷ ଦେଇ ହୁଏନାହିଁ

ଜଗେନି ସଭିଙ୍କୁ ସିଏ ।

Magazine Downloaded from www.aahwaan.com

# ତୋ ଚରଣେ ସମର୍ପିତ

ଜୀବନ ଝରରୁ ଝରୁଅଛି ମାଆ
ତୋ ଶୋଣିତ ଝର ଝର,
ସେ ଶୋଣିତ ମୋର ଅଙ୍ଗେ ବହୁଅଛି
ସନ୍ତାନ ମୁଁ ମୋ ମାଆର [କ]
ଯାଉ ପଛେ ଗଲେ ଏ ଜୀବନ ମୋର
ମୋ ମାଆର ସେବାପାଇଁ
ଏ ଶରୀରେ ମାଆ ତୋ ନାଁ ଲେଖା
ମୋ ଜୀବ ସତେ ତୋ ପାଇଁ [ଖ]
ତୋ ସ୍ନେହ ଶରଧା ଥାଉ ମୋ ଉପରେ
ମୋ ଭଲ ପାଇବା ଥାଉ
ଜୀବନ ଧାରାରେ ପ୍ରତିମୁହୂର୍ତ୍ତରେ
ସୁଖର ସମ୍ପର୍କ ଥାଉ [ଗ]
ମୋହରି ଜୀବନ ମୋହରି ଶରୀର
ତୋ ଚରଣେ ସମର୍ପିତ
ମାଆଲୋ !
କରିବୁନି କେବେ ପର ମତେ ତୁହି
ଏ ଜୀବନେ ମୋ ସୀମିତ [ଘ]



ପୂର୍ଣ୍ଣଚନ୍ଦ୍ର ରଣା

 Magazine Downloaded from www.aahwaan.com

# ସ୍ମୃତିଭିଜା ଅତୀତ

ସ୍ମୃତିଭିଜା ଅତୀତ... ହେ ଅତୀତ ତୁମେ

ମନେପଡ଼େ ଆଜି ଅତୀତର ସେହି କଳାଧଳା ଦିନ ଗୁଡ଼ିକ

ଆଜିର ରଙ୍ଗୀନ ଦୁନିଆ ଭିତରେ, ହଜି ଯାଇଥିବା ସେହି ପୁରୁଣା ସ୍ମୃତିଗୁଡ଼ିକ

ଭାରି ଇଚ୍ଛା ହୁଏ, ଖୋଲି ଦିଅନ୍ତି କି, ସେ ଚିରାମଇଳା ବହିଟିକୁ...

ଯେଉଁ ବହିର ପ୍ରତିଟି ପୃଷ୍ଠା ଭିତରେ, ସାଇତା ହୋଇଛି ସେ, ସ୍ୱର୍ଗୀୟ ସମୟ ଗୁଡ଼ାକ

ଫର୍ଦ୍ଦପରେ ଫର୍ଦ୍ଦ ଓଲଟାଇ ଚାଲିଛି ମୁଁ ପୃଷ୍ଠାଗୁଡ଼ାକ...

ହେଲେ କାହିଁକି କେଜାଣି ଯେତେ ଲେଉଟାଇଲେ ବି...

ସରୁନାହିଁ ପୃଷ୍ଠାଗୁଡ଼ାକ ! ! !

ନିଜକୁ ମୁଁ ଖୋଜୁଛି, ଆଜି ନିଜ ପାଖରେ

ହଜାଇ ଦେଲି କି ଆଜି...

ଅଭାବି ମନକୁ ମୋର ଭାବନା ରାଇଜର ସ୍ମୃତି ଆକାଶରେ

ହେ ଅତୀତ ତୁମେ, ଆଉଥରେ ଆସନ୍ତ କି...

କୋଳାଇ ନିଅନ୍ତି ତୁମକୁ, ଅତି ଆପଣାର ପରି..

ଛାଡ଼ନ୍ତିନି... ନା ଆଉ ଛାଡ଼ିବିନି...



ଚନ୍ଦ୍ରକାନ୍ତ ଜେନା

 Magazine Downloaded from www.aahwaan.com

ଚୋରାଇ ନେଇଛ ତୁମେ, ବୟସର କୃଷ୍ଣଚୁଡ଼ାକୁ...

ହଜାଇ ଦେଇଛ, ତୁମେ ଜୀବନର ଚାବି ପେନ୍ଥାକୁ

ଭୁଲାଇ ଦେଇଛ ତୁମେ, ସ୍ମରଣୀୟ ସମୟ ଗୁଡ଼ାକୁ...

ଦୁରେଇ ଦେଇଛ ତୁମେ... ମୋତେ ମୋ... ସ୍ୱପ୍ନର ଦୁନିଆଠାରୁ...

ଯେଉଁଠି ଥିଲା ମୋ, ମମତାମୟୀ ମା

କାଳର କବଳରେ ନିଷ୍ପେସିତ, ହୃଦୟର ମାନସପଟରେ ଅଙ୍କିତ

ହୋଇଯାଇଥିଲା ଯାହାର ଛବି...

ସେ ମୋ ଗାଁ... ହାଁ.... ମୋ ଗାଁ...

ଯାହା ମାଟିର ବାସ୍ନା... ଆଜି ଅଥୟ କରୁଛି ମୋତେ...

ଯାହାର ପାଣି ପବନ... ଆଜି ବ୍ୟଥିତ କରୁଛି ମୋତେ...

ଯାହାର ନଦୀପଠା... ଆଜି ହାତଠାରି ଡାକୁଛି ମୋତେ...

ଆଉ କହୁଛି... ଭୁଲିଗଲକି ସେ କାଗଜଗୁଡ଼ିକୁ...

ସେ ମାଛଧରା ଦିନଗୁଡ଼ିକୁ...

ସେହି ଖରାବେଳ ଆମ୍ବତୋଳାକୁ...

ତ... ପାରୁନି ମୁଁ ଆଉ... !!!

ହେ ଅତୀତ ତୁମେ... ଫେରାଇ ଦିଅ ମୋତେ...

ମୋ କଳାଧଳା ଦିନ ଗୁଡ଼ାକୁ...

ଚାହେଁନା ମୁଁ... ରଙ୍ଗୀନ ଦିନ ସବୁକୁ...

ଦେଇଦିଅ ମୋତେ ମୋ ଅତୀତକୁ

 Magazine Downloaded from www.aahwaan.com

ମନ ଆକାଶରେ ମୋର... ସେ କାଗଜଗୁଡ଼ିକ...

ପୁଣି ଉଡ଼ାଇ ଦିଅନ୍ତି...

ପୁଣି ହଜିଯାଆନ୍ତି ମୋ.. ମାଆର ଭଲପାଇବାର

ଛୋଟିଆ କୁଡ଼ିଆ ଭିତରେ

ପୁଣି ଡେଇଁ ପଡ଼ନ୍ତି... ମୋ ଗାଁର ବୁକୁକୁ ।

ଫେରେଇ ଦିଅ ମୋତେ...

ହେ ଅତୀତ ତୁମେ

ଫେରେଇ ଦିଅ...

ମୋ ସ୍ମୃତିଭିଜା ପୁରୁଣା ଦିନ ସବୁକୁ ।

ପୁରୁଷୋତ୍ତମପୁର, ପୋ: ଗୋବବସ୍ତା

ଫୁଲନଖରା, ଜିଲ୍ଲା: କଟକ, ୭୫୪୦୦୧

 Magazine Downloaded from www.aahwaan.com

# ନିଷ୍ଠୁର ନିୟତି

ହସ ବାରିଧାରା ବର୍ଷିବା ପାଇଁକି
ଶ୍ରାବଣରେ ପରା ତବ ଜନ୍ମ
ତୋ ଜନ୍ମ ଦିବସ ପାଳିବା ପାଇଁକି
ଯାଇଥିଲେ ପରା ପଞ୍ଚପ୍ରାଣ । (୧)

କେଉଁ ଦୋଷେ ଅବା କାହିଁକି ଏମିତି
·ରୋଟି କୋକେଇ ସଜେଇଲୁ
ପତ୍ନୀ ଠାରୁ ପତି ମା'ଠାରୁ ପୁଅ
କେମିତି ଏମିତି ଛଡେଇଲୁ ? (୨)

କେତେ ନିଷ୍ଠୁର ନିୟତିର ରୀତି
କୋଳେଇଲା ତାଙ୍କୁ ରାତାରାତି
ମୃତ୍ୟୁର ଶେଯରେ ଶୁଆଇ ଦେଲାରେ
·ରୋଟି ଶରୀର ପାଖାପାଖି । (୩)



ଗଙ୍ଗା ସୁନନ୍ଦିନୀ ରୂପମା ଗୁରୁ

ତବ ନାମ ଧ୍ୟାନ ଥିଲା ଯା'ର ପ୍ରାଣ
ଇଷ୍ଟପ୍ରତିଷ୍ଠା ଯାହାଙ୍କ ନିଶା
ଅକାଳ ବିୟୋଗ କରିଲ ଯେ ଯୋଗ
ଦେଲ ତାଙ୍କୁ କାଇଁ ଏଇ ଦଶା । (୪)

 Magazine Downloaded from www.aahwaan.com

ଚତୁର୍ଦ୍ଧା ମୁରତି ରହିଛ ଏମିତି
ସମାଜର ସୁଖଦୁଃଖ ପାଇଁ
ସେଥିାଇଁ କ'ଣ ଏମିତି ରଚିଲ
ଏଇ ଚତୁର୍ଦ୍ଧାଙ୍କୁ ସାଙ୍ଗେ ନେଇ ।(୫)
ଆଉ କେଇ ଘଣ୍ଟା ହୋଇଥିଲେ ଗତ
ବିତିଯାଇଥାନ୍ତା କାଳ ରାତି
ସତୀ ଅନସୂୟା ପତିପ୍ରାଣ ପାଇଁ
ଗୋଟେ ରାତି କଲେ ସାତରାତି ।(୬)
କରେନା, ପାରେନା, ଜାଣେନା ପରା ମା
ଜାତକରେ ତୁମ କେବେ ନାହିଁ
ଚାହିଁଥିଲେ କ'ଣ ଚାରି ଇଷ୍ଟପ୍ରାଣ
ପାରିନଥାନ୍ତ ତୁ ରଖିଦେଇ ।(୭)
ଲୀଳା ସଙ୍ଗିନୀ ଜଗତ ଜନନୀ
ଠାକୁରଙ୍କ ପରା ନାରୀରୂପ
କେଉଁ ବା ମହତ୍ତ୍ୱ ଉଦ୍ଦେଶ୍ୟରେ ତାଙ୍କୁ
ମୃତ୍ୟୁ ସାଙ୍ଗେ ତାଙ୍କ କଲ ଭେଟ ।(୮)
"ରାଧାସ୍ୱାମୀ" ନାମେ ବିପଦ ଟଳଇ
ତାଳ ହୁଏ ପରା ତିଳ ପରି
ଏଇ ଉପହାର ଥିଲା କି ମା' ତୋର

 Magazine Downloaded from www.aahwaan.com

ମୃତ୍ୟୁ ଦେହ ତାଙ୍କ ନେଲୁ ତୋଳି । (୯)

ତୁ ସିନା ତାଙ୍କୁ ପାରିଲୁନି ରଖି

ବଞ୍ଚିବାକୁ ଏଇ ଜୀବନରେ

ଅମର ରହିବେ ପ୍ରତିଟି ପ୍ରାଣରେ

ଝୁରୁଥିବେ ତାଙ୍କୁ ସସ୍ନେହରେ । (୧୦)

ବର୍ତ୍ତମାନ ଆଜି ଘୁମରି କାନ୍ଦୁଛି

ହଜିଯିବ କାଳେ କେଉଁ କାଳେ

ଇତିହାସ କିନ୍ତୁ କଥା ତ ଦେଇଛି

ରଖିବାକୁ ତାଙ୍କୁ ଛାତିତଳେ....... । (୧୧)

ବାଲିସୁଆଁ, ୟୁ.ଜି.ୟୁ.ପି. ସ୍କୁଲ୍

ମହାକାଳପଡ଼ା, କେନ୍ଦ୍ରାପଡ଼ା, ଓଡ଼ିଶା

Magazine Downloaded from www.aahwaan.com

# ତୁମ ହସ ଓ ରାଗ

ତୁମେ ହସୁଥିଲେ ଶୁଖିଲା ଗେଣ୍ଡୁ ବି
ମଲ୍ଲିଫୁଲ ପରି ବାସେ ।
ତୁମେ ରାଗିଗଲେ ସଫା ଆକାଶଟା
ମେଘୁଆ ମେଘୁଆ ଦିଶେ ।
ତୁମେ ହସୁଥିଲେ ନିଦାଘ ଖରାରେ
ବହେ ମଳୟ ପବନ ।
ତୁମେ ରାଗିଗଲେ କାଳବୈଶାଖିଟା
ଶିହରାଇ ଦିଏ ମନ ।
ତୁମେ ହସୁଥିଲେ ପାହାଡ଼ି ଝରଣା
କୁଳୁକୁଳୁ ହୋଇ ବହେ
ତୁମେ ରାଗିଗଲେ ଫୁଲେଇ ନଈଟା
ବନ୍ଧବାଡ଼ ଭାଙ୍ଗିଦିଏ ।



ଜୀବନେନ୍ଦୁ ଜେନା

 Magazine Downloaded from www.aahwaan.com

# ନୀଳକଣ୍ଠ

ଦୁର୍ବାସା ମହର୍ଷି ଋଷି ମଧ୍ୟେ ଶ୍ରେଷ୍ଠ
ଅଂଶ ଅବତାର ଅଟନ୍ତି ଶ୍ରୀକଣ୍ଠ
ମହାନ ପ୍ରତାପୀ ମୁନି ମହାକୋପୀ
ପ୍ରଣମନ୍ତି ପଦେ ସର୍ବ ଦେବା ଦେବୀ ।।
ତ୍ରିଦିବ ନିବାସେ ହେଲେ ଉପଗତ
ହସ୍ତେ ଦିବ୍ୟମାଳା ଚାରୁ ସୁଶୋଭିତ
ଶିରି ଶୌର୍ଯ୍ୟ ସଉଭାଗ୍ୟ ପ୍ରଦାୟିନୀ
ତପ ବଳେ ପ୍ରାପ୍ତ ହୋଇଥିଲେ ମୁନି ।।
ଆସିଥିଲେ ମୁଦେ ଦେବେ ଉପାୟନ
ଉଲ୍ଲସିତ ହେବେ ସହସ୍ର ନୟନ
ଉନ୍ମତ୍ତ ବାସବ କଲା ଅପମାନ
କରି ମାଳା କରୀ ପଦରେ ଦଳନ ।।
ଋଷୀଙ୍କ କୋପନ ହେଲା ପ୍ରଜ୍ୱଳନ
ସ୍ତବ୍ଧ ଦେବଗଣ ଦ୍ୟୁଲୋକ କମ୍ପନ
ଦେଲେ ଅଭିଶାପ ତପସ୍ୱୀ ଦୁର୍ବାସା
ହେଲେ ତେଜହୀନ ଦେବେନ୍ଦ୍ର ସହସା ।।



ହିମାଂଶୁ ଶେଖର ବାରିକ୍

 Magazine Downloaded from www.aahwaan.com

ନାରାୟଣ ପାଶେ କରିଲେ ଗୁହାରି

ଉପାୟ ବତାଅ କୃପା କରି ହରି

ଦେଲେ ଉପଦେଶ ଗୋଲକ ବିହାରୀ

କରିବାକୁ ସନ୍ଧି ଦେବତା ଦେବାରି ।।

ସମ୍ମିଳିତେ କର ସମୁଦ୍ର ସନ୍ଥନ

ପ୍ରାପତ ହୋଇବ ଅମୃତ ସନ୍ଧାନ

ହୋଇବ ଅମର କରି ସୁଧା ପାନ

ଦୁଃଖ ଯିବ ସରି ହେବ ତେଜିୟାନ ।।

ମିଳି ଦେବାସୁର ମନ୍ଥିଲେ ସାଗର

ହଳାହଳ ବିଷ ହୋଇଲା ବାହାର

ଆତଙ୍କିତ ସର୍ବେ ଜୀବନ ବିକଳ

ସ୍ମରିଲେ ଭବେଶ ହୋଇଣ ଆକୁଳ ।।

ସହସ୍ରାକ୍ଷ ଦୁଃଖ ଦେଖି ବିରୁପାକ୍ଷ

ସଦୟେ ବିରାଜ ହୋଇଲେ ସମ୍ମୁଖ

ପାନ କଲେ ତହୁଁ ବିଷ କାଳକୂଟ

ନୀଳ ବର୍ଣ୍ଣ ହେଲା ସଦାଶିବ କଣ୍ଠ ।।

ନୀଳକଣ୍ଠ ନାମ ବହିଲେ ଶଙ୍କର

ଜୟ ଜୟକାର କଲେ ଦେବାସୁର

 Magazine Downloaded from www.aahwaan.com

ବିଷର ପ୍ରଭାବ ପ୍ରଚଣ୍ଡ ଅତ୍ୟନ୍ତ
ଦୁଃସହ ପୀଡନ ପ୍ରାପ୍ତ ଶିତିକଣ୍ଠ ॥
ଆଣି ଗଙ୍ଗା ଜଳ କରିଲେ ସିଞ୍ଚନ
ଆଶ୍ୱସ୍ତ ହୋଇଲେ ବୃଷଭ ବାହନ
କାଳ ଯୋଗେ ତାହା ଥିଲା ଶିରାବଣ
ଭକତ କରନ୍ତି ତାହାକୁ ସ୍ମରଣ ॥
କାଉଡ଼ିଆ ହୋଇ କରନ୍ତି ଗମନ
ଶ୍ରାବଣ ମାସରେ ଶିବ ସନ୍ନିଧାନ
ପାପ ନାଶି ହୁଏ ପୁଣ୍ୟ ଅରଜନ
ମନସ୍କାମ ସର୍ବ ହୁଅଇ ପୂରଣ ॥

ବରିଷ୍ଠ ଅଡ଼ିଟ୍ ଅଧିକାରୀ
କ୍ୱାର୍ଟର୍ ନଂ - ଟାଇପ୍ ୩, ୨୦୧
ନୁଆ ଏଜି କଲୋନୀ
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଭ୍ରାମ୍ୟଭାଷ : ୯୯୩୭୧୨୫୮୨୪
ଇମେଲ୍ : hsbarick1970@gmail.com

Magazine Downloaded from www.aahwaan.com

# ଦେବିନି ଅଗ୍ନିପରୀକ୍ଷା

ପାରିବିନି ଡେଇଁ ସାତ ଦରିଆକୁ
ତୁ ଯଦି କହିବୁ ମୋତେ
ପ୍ରମାଣ ଦେବାକୁ ଚାହୁଁନି ଜମାଲୋ
ଭଲ ମୁଁ ପାଉଛି କେତେ ।
ତୋ ପାଇଁ ନିଆଁରେ ଲମ୍ଫ ଦେବିନାହିଁ
ତୋତେ ପାଇବାକୁ ଯାଇ
କାହିଁକି ହାରିବି ଜୀବନ କହଲୋ
ତୋତେ ପ୍ରିୟା ଭଲ ପାଇ ।
ପ୍ରେମଟା ନୁହଁଇ ଖେଳଘର ପରି
କାହିଁକି ଖେଳିବି କହ
ପ୍ରେମ ଖେଳ ଖେଳି ଢାଳିବିନି କେବେ
ଆଖିରୁ ମୋହର ଲୁହ ।
ବିଶ୍ୱାସରେ ତୋତେ ଭଲ ମୁଁ ପାଉଛି
ପ୍ରେମରେ ଜିଣିଛି ମନ
ହେଲେ ହାରିବିନି ଜୀବନ ମୋହର
ଅଟେ ତାହା ମୂଲ୍ୟବାନ ।
କାହିଁ ଦେବି କହ ଅଗ୍ନିପରୀକ୍ଷା ମୁଁ
ତୋତେ ପାଇବାକୁ ଯାଇ
ପ୍ରେମ କରିବାକୁ ଇଚ୍ଛା କରି କେବେ
ଜୀବନ ହାରିବି ନାହିଁ ।



ପ୍ରଶାନ୍ତ କୁମାର ନାଥ

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର ।
ମୋ - ୦୮୮୯୨୩୦୧୧୪୩

 Magazine Downloaded from www.aahwaan.com

# ମଶାଣୀରେ ଜଳୁଛୁ ଆମେ ଏକାଠି

ଆଜି ଏ ଓଡ଼ିଶା ମର୍ମାହତ

ଭଦ୍ରକ ଦୁଃଖିତ

ଚାଲିଗଲୁ ଅଚାନକ

ଗାଁଦାଣ୍ଡ ଛକରୁ

ସକାଳର ଗଙ୍ଗଶିଉଳି

ଝଡ଼ିଯିବା ପରି

ଟିକିପିଲାର

ଆଞ୍ଜୁଳି ଫାଙ୍କରୁ ଦାଣ୍ଡ ଧୂଳି

ଖସିଯିବା ପରି,

ଆମକୁ ପର କରି,

ବୋଉ ବାପା ଏକା କରି

ସବୁଦିନ ପାଇଁ ।

ଶୁଭୁନାହିଁ ଆଉ ଘର ଅଗଣାରେ,

ଦାଣ୍ଡ ଦୁଆରରେ, ବାଡ଼ିପଟ

ଆଉ ଶୁଭୁନି

ବସା ଘରଟାରେ ବୋଉ, . . . ବାପା ଡାକ !



ସାଗର ନାୟକ

 Magazine Downloaded from www.aahwaan.com

ତୋ ବିନୁ ଭରା ନଈରେ
ବୋଝେଇ ଡଙ୍ଗାଟା ବୁଡ଼ିଗଲା ପରି
ବୁଡିଗଲା, ଆମ ସୁଖଦୁଃଖର ସଂସାର
ଶୁଖିଗଲା ସ୍ନେହ, ମମତା ଆଉ
ଆଶା, ଭରସାର ମହା ପାରବାର  !

ଭାଙ୍ଗିଗଲା ଦମ୍ଭ, ଧୈର୍ଯ୍ୟ, ସାହସ
ତୋ ବିନୁ ଏ ସ୍ୱାର୍ଥପର ଦୁନିଆଁରେ
ସବୁଖାଲି ପର ଆଉ ସାତପର
ଜଣେନାହିଁ କେହି ତୋ ପରି
ଏକାନ୍ତ ନିଜର  !  !


ଝୁରୁଛି ଭଦ୍ରକ  ! ! ! ! !
ଝୁରୁଛି ଭଦ୍ରକ  ! ! ! ! !
ଝୁରୁଛି ଭଦ୍ରକ  ! ! ! ! !

 Magazine Downloaded from www.aahwaan.com

# ଅନ୍ତଃସ୍ୱର

ଆଜି ବଞ୍ଚିବାକୁ ଇଚ୍ଛା ମୋର ଥରେ
ନିଜ ଇଚ୍ଛାରେ,
ଯଦିବା ଚାଳିଶି ଛୁଇଁଲାଣି
ହେଲେ ମନେନାହିଁ ମୋର
କେବେ ବଞ୍ଚିଥିଲି ଦିନଟିଏ
ସ୍ୱଇଚ୍ଛାରେ ।

ଜନ୍ମ ଉତ୍ତାରେ ଯେବେ ଜାଣିଲି
ନିଜକୁ, ଥିଲି ବାପାଭାଇଙ୍କ ଆୟତ୍ତରେ
ସେମାନେ ପରା ଥିଲେ ମୋର
ସୁରକ୍ଷା ଦାୟିତ୍ୱରେ ।



ପୁଷ୍ପାରାଣୀ ପଟେଲ

କଅଁଳ ମନର ଇଚ୍ଛାସବୁ
ମାରି ମାରି ଜୀଇଁ ଚାଲିଲି
କାଳେ କିଏ କହିଦେବ,
"ଝିଅ ପରା ତୁମ ଉଦଣ୍ଡୀ"

 Magazine Downloaded from www.aahwaan.com

ଏଣୁ ରଖାହେଲି ରୁଦ୍ଧଦ୍ୱାର ଆଢୁଆଳେ ।

ଭଲ ଝିଅର ମାନପତ୍ର ନେଇ
ଚାଲିଲି ଏବେ ଭଲ ବୋହୁର ଅଭିନୟରେ ।
ଏବେ ତ ପ୍ରତି ମୁହୂର୍ତ୍ତରେ ଇଚ୍ଛାଙ୍କର
ମୃତ୍ୟୁଦଣ୍ଡ ହୁଏ, ନ ହେଲେ
ହେବି ମୁଁ କେମିତି
ଦୁହିତା, ଦୁଇ କୂଳକୁ ହିତା ।

ସ୍ୱାମୀ, ଶଶୁରଙ୍କ ସେବା
ତାଙ୍କ ଆଭିଜାତ୍ୟର
ସୁରକ୍ଷା ଦାୟିତ୍ୱରେ ମୁଁ
ଏଣୁ ମୋର ପ୍ରତ୍ୟେକ ଇଚ୍ଛାକୁ ବଳିଦେଇ
ମୁଁ କରିଚାଲେ ଅଭିନୟ ପ୍ରତି ମୁହୂର୍ତ୍ତରେ ।

ସହକାରୀ ଶିକ୍ଷୟିତ୍ରୀ,
ଏନ୍‌ଏସି ହାଇସ୍କୁଲ୍, ସେକ୍ଟର-୧୮
ରାଉରକେଲା, ଓଡ଼ିଶା

Magazine Downloaded from www.aahwaan.com

# କିଛି ଗାର... ମନେ ପଡ଼େ

ଶୂନ୍ୟତାରୁ ମହାଶୂନ୍ୟ ଯାଏ
ସର୍ବ ଦିଗେ ବ୍ୟାପେ କୋଳାହଳ ।
ପ୍ରଭାତରେ ଉଦିତ ତପନ
ଭ୍ରମେ ଯେବେ ସଅଳ ସଅଳ । [୧]
କେହି ହସି  ହସାନ୍ତି ଏଇଠି
କେହି କାନ୍ଦି କନ୍ଦାନ୍ତି ଏଇଠି ।
କେହି ହସି କନ୍ଦାଇ ଦିଅନ୍ତି
ପୁଣି କାନ୍ଦି ହସାଇ ଦିଅନ୍ତି । [୨]
କିଏ ବୁଡ଼େ ଭାବନା ରାଇଜେ
କିଏ ଭାଷେ ଭାବନା ସବୁକୁ ।
ଆଉକେହି ରଚନା କରଇ
କିଏ ଗାଏ ଭାବନା ଗୀତକୁ । ୩]
ସମୟର ଦାସ କେହି ହୋଇ
ବୋଲକରା ହୁଏ ନିର୍ଦ୍ୱନ୍ଦରେ ।
ଆଉ କେହି ଦୁଃସାଧ୍ୟ ମାର୍ଗକୁ
ଆପଣାଏ ସ୍ୱାର୍ଥ ପୁରଣରେ । [୪]
କିଏ ହାତ ପାତେ କ୍ଷୁଧା ପାଇଁ



ଚିତ୍ତରଞ୍ଜନ ସାହୁ

 Magazine Downloaded from www.aahwaan.com

କିଏ ଖାଇ ଖାଇ ଅନ୍ନ ଫିଙ୍ଗେ ।

କିଏ ଲୋଟି ପଡେ କ୍ଷୁଧା ବଳେ

କିଏ ଲୋଟେ ଅଜୀର୍ଣ୍ଣର ବଳେ । [୫]

କିଏ ଘଟ ଛାଡେ ଅସମୟେ

କିଏ ସମୟର ଆହ୍ୱାନରେ ।

କିଏ ଚାହେଁ ସବୁଦିନ ପାଇଁ

ଚରିବାକୁ ଆନନ୍ଦ କାନନେ । [୬]

ପୂରାଣର ପରିଭାଷା ଏଠି

କାହାପାଇଁ ଅମୂଲ୍ୟ ସମାନ ।

କାହା ପାଇଁ ଏଇଟି ବିଷାକ୍ତ

ଭାଷେ ତାକୁ କାଳ୍ପନିକ ଜ୍ଞାନ । [୭]

କିଏ ଦେଖେ ମାଧବକୁ ଏଠି

ଅତି ସୂକ୍ଷ୍ମ ଧୂଳି କଣିକାରେ ।

କିଏ ଖୋଜେ ନିଜକୁ ଏଇଠି

ଭ୍ରମି ଭ୍ରମେ ସାରା ସଂସାରରେ । [୮]

କିଏ ଦେଖେ ପ୍ରତ୍ୟେକ ବସ୍ତୁରେ

ପରମାତ୍ମା ସତ୍ତା ବିରାଜିତ ।

କିଏ ନିଜ ହୃଦୟରେ ଦେଖେ

ଆତ୍ମା ରୂପେ ହରି ବିରାଜିତ । [୯]

କିଏ କର୍ମ କରେ ଫଳ ପାଇଁ

 Magazine Downloaded from www.aahwaan.com

କିଏ କରେ ଧର୍ମ ଉପାର୍ଜ୍ଜନେ ।
ଯିଏ କରେ ଅନାଶକ୍ତ ହୋଇ
ସିଏ ଯୋଗ୍ୟ ମୋକ୍ଷ ପ୍ରାପ୍ତି ପାଇଁ । [୧୦]
କିଏ ଯାଏ ମନ୍ଦିର ଦୈନିକ
କିଏ କର୍ମେ ଦେଖେ ଶ୍ରୀହରୀଙ୍କୁ ।
କେହି କେହି ମିଥ୍ୟା ସୃଷ୍ଟି ଭାବି
ନାସ୍ତିକ ଯେ ବୋଲାଏ ନିଜକୁ । [୧୧]
କିଏ ଲଭେ ପରହିତେ ଖୁସି
କା'ର ପରସ୍ୱ ହରଣେ ତୃପ୍ତି ।
କିଏ ସବୁ ତୁଚ୍ଛ ମନେ କରେ
ସ୍ୱାର୍ଥ ପୂର୍ତ୍ତି କାହାର ନିୟତି । [୧୨]
କିଛି କାଳି ସୃଷ୍ଟି କରେ ପଦ୍ୟ
କିଛି ବୋଳିହୁଏ ଚରିତ୍ରରେ ।
ଆଉ କିଛି କାଳି ଅଯଥାରେ
ଲେଖକର କର କଳା କରେ । [୧୩]
କିଛି ନୀର ତୃଷ୍ଣା ଦୂର କରେ
କିଛି ରଚେ ବିନାଶ ତାଣ୍ଡବ ।
କିଛି ବାୟୁ ଜୀବନର ସ୍ରୋତ
କିଛି ଜୀବନର ବିପରୀତ । [୧୪]
କିଛି ଗାର ବାକ୍ୟ ଶେଷକରେ

 Magazine Downloaded from www.aahwaan.com

କିଛି ହୃଦୟରେ ରହିଯାଏ ।
କିଛି ଗାର ଲଘିଂବା ପୂର୍ବରୁ
ରାମାୟଣ ମନେ ପଡିଯାଏ । [୧୫]
କିଛି ଶବ୍ଦ ଶ୍ରବଣ ମଧୁର
କର୍ଣ୍ଣ କିଛି କରେ ଆଲିଙ୍ଗନ ।
କିଛି କର୍ଣ୍ଣେ କରେ ଆଲୋଡନ
କିଛି କର୍ଣ୍ଣ କରେ ବିସର୍ଜନ । [୧୬]
କିଛି ଦୃଶ୍ୟ ମନ ମୁଗ୍ଧ କରେ
କିଛି ଦୃଶ୍ୟ ବିବେକ ହରଇ ।
ଯେଉଁ ଦୃଶ୍ୟ ବିବେକ ହରଇ
ମହାପାପ ତହିଁରୁ ମିଳଇ । [୧୭]
କିଛି ଭଲ କିଛି ମନ୍ଦ ଏଠି
ନିୟତି କରିଛି ନିର୍ଦ୍ଧାରଣ ।
ନିୟତିକୁ ଯେ କରେ ସମ୍ମାନ
ତା'ର ସଦା ହୁଏ ଗୁଣ ଗାନ । [୧୮]

ସିଙ୍ଗିରି, ଆଳି, କେନ୍ଦ୍ରାପଡା
ଭ୍ରାମ୍ୟଭାଷ : ୭୩୭୭୭୭୮୭୩୮
ଇମେଲ୍ : schittaranjan93@gmail.com

Magazine Downloaded from www.aahwaan.com

# ବର୍ଷା ଏକ ଅଝଟ ଝିଅର ନାଁ

ବର୍ଷା.....

ବର୍ଷା ଏକ ଅଝଟ ଝିଅର ନାଁ

କିଏ ତା ନିଜର ସେ ନିଜେ ବି ଜାଣେନା ।

ବର୍ଷା.....ରୂପ ନିଏ ଆକସ୍ମିକ ପ୍ରେମର.....

ଛମ୍ ଛମ୍ ବର୍ଷିଯାଏ, ଗାଆଁ ଦାଣ୍ଡ ବିଲ

ଆଉ ମୋ ଘର ଅଗଣା ।

ବର୍ଷା ଏକ ଅଝଟ ଝିଅର ନାଁ ....

ବର୍ଷା .... କେବେ ସେ ଅଶାଳୀନ,

ଉଚ୍ଛୁଳ, ପ୍ରବଳ...

କେବେ ପୁଣି ଖୁବ୍ ଧିର

ଖୁବ୍ ମିଠା ଆଉ ଖୁବ୍ ଶୀଳ ।

ମୁଁ ଦେଖେ ତାକୁ ମୋ ଝରକାର

ଆଢୁଆଳୁ

କାନପାତି ଶୁଣେ ତାର ପ୍ରତିଟି ପ୍ରଶ୍ୱାସ...

ମହକ ତା ବିଂଛୁଥାଏ ଭରିଯାଏ

ଏ ଦେହରେ ନବପ୍ରାଣଛ୍ୱସ ।।



ମାମା ବିନୋଦିନୀ ସାହୁ

 Magazine Downloaded from www.aahwaan.com

ବର୍ଷା....କେବେ ଗୁମ୍ ମାରି ବସିଥାଏ....

ଫୁଲ ବିନା ନା ପ୍ରେମ ବିନା ???

କେତେ ବର୍ଷିଲା କେତେ ଭିଜେଇଲା,

କିଛି ର ସେ ହିସାବ ରଖେନା ।

ବର୍ଷା ଏକ ଅଝଟ ଝିଅର ନାଁ...

ବାଣୀବିହାର, ଭୁବନେଶ୍ୱର

Magazine Downloaded from www.aahwaan.com

# ରଥଯାତ୍ରା

କାଉତ କଳା କୋଇଲି କଳା
କଳା କଜଳ ପାତି
ରଥ କୁ ଦେଖ ଝୁଲି ଆସୁଛି
କଳା ବାମନ ହାତୀ ।

ବଗ ତ ଧଳା ହଂସ ତ ଧଳା
ଧଳା  ଗୋଠ ର ଗାଈ
ସାଥିରେ ଦେଖ ଡାକି ନଉଛି
ସାଥେ ବଳିଆ ଭାଇ ।

ସୁନା ହଳଦୀ ଆମ୍ବ ହଳଦୀ
ସୁଭଦ୍ରା ହଳଦୀ ମୁଖି
ଦୁଇ ଭାଇଙ୍କ ସହ ଯାଉଛି
ମାଉସୀ ଘର ଦେଖି ।


ସାଗର ପ୍ରଧାନ

ମନ୍ଦାର ନାଲି ସିନ୍ଦୂର ନାଲି
ରାଗେ ଶ୍ରୀ  ମୁଖ ନାଲି
ଭାଇ ଭଉଣୀ ରଥରେ ଗଲେ
ସାଥେ ନେଲେନି ବୋଲି ।

*ସାଗର ପ୍ରଧାନ ,ଗଂଜାମ*

Magazine Downloaded from www.aahwaan.com

# ମୌସୁମୀର ଛିଟା

ମୌସୁମୀର ଛିଟା ପ୍ରେମର ଗଭୀରତା

ମୌସୁମୀ ତୁମେ ଆଗୁଆପଣରେ
ଚାଲିଆସିଲ କ୍ଲାନ୍ତ ବାଦଲର ଆଢୁଆଳରେ
ଠକି ଦେଲ କି ତୁମେ ପ୍ରେମରେ
ନ ବରଷି ଶୁଖିଲା ଭୂମି ରଖିବାରେ
ରୋଷଣୀ ବାଜା ବାର୍ତ୍ତାରେ ଭରା ବରଯାତ୍ରୀର
ଆକାଶରେ କଳାମେଘର ସବାରୀରେ ବସିଛି ବର
ସହରରେ ହୁରି ପଡିଛି ତୁମ ଖବର
ତୁମେ ପୁଣି ଅପସନ୍ଦ ଏ ଧରଣୀ କନ୍ୟାର
ଜାତକଟା ତ ରାଜଯୋଟକ ତୁମର ଥିଲା
ଯୌତୁକରେ କିଛି ଘଡଘଡି ଓ ବିଜୁଳିର ପାଲା
ଭଲପାଏ ବୋଲି ଛାତି ଚିରି ଦେଖାଏ ବାରମ୍ବାର
ପ୍ରୀତିର ଅମୃତରେ ମତୁଆଲା ଭରମି ଯାଏ ହୃଦୟର
ଶୁଖିଲା ପାଗର ଲୁଚକାଳି ଖରା ସହ ବେଳାବେଳି
କେବେ ଦୁଇଧାର ନୟନ ଭରା କୋହର ସଂଖାଂଳି
ଭିଜାଇ ଦିଅ ଅଶ୍ରୁ ଧାରରେ ପଲ୍ଲବୀତ କର ପୃଥିବୀକୁ
ଏ ଦେହଛୁଆଁ ବାକି ଥାଏ କିଛି ପୁଣି ତୁମର ଆରବରଷକୁ
ଯୌବନର ପ୍ରେମ ପୁଣି ଥରେ କୁହୁଡିଆ ଭରି ଚାହେଁ ବାଟରେ
ଅଝଟିଆ ଏ ବ୍ୟସ୍ତତାର ସୁଯୋଗରେ କି ଫେରି ରହି ପାରେ



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

 Magazine Downloaded from www.aahwaan.com

କିଛି ଛିଟା ମନକୁ ଭିଜାଏ ସମୟରେ ଥରେ ଥରେ
ଥରକରେ କେବେ ଭିଜେନା ବିକ୍ଷୋଭ ବିକ୍ଷିପ୍ତ ମନରେ
ଲାଜକୁଳୀର ପ୍ରେମ ଅଥୟର ଧାରାରେ
କେବେ ଆବେଗରେ ତ କେବେ ଚଞ୍ଚଳ ମନରେ
ଧୋକା ଦେଲ କି ପାଇଲ ଭଲପାଇବାରେ
ଅତୀତ ହଜିଗଲା ଧାରା ଶ୍ରାବଣର ମଖମଲି ଅପରାହ୍ନରେ
ଅଚାନକ ଆସି ହଠାତ୍ ପହଞ୍ଚି ଆଳୟରେ ବେଦନାରେ
ଶବ୍ଦ ସବୁ ବଦଳି ଗଲା ଧୀରେ ଧୀରେ ଚାଲ୍ ବାଜି ପଶାଖେଳରେ
ଅନୁରକ୍ତିର ଅନୁରୋଧ ଆସକ୍ତିରୁ ଅଣାୟତ୍ତ
ଏ ଯେଉଁ ଗଭୀରତା ଅତ୍ୟଧିକ ମଦ୍ୟାଶକ୍ତ
ଝରିଲେ ବରଷା ଦିନରେ ଓଦା ହୋଇ
ଗେଟ୍ ସାମ୍ନାରେ ପୁରୁଣା ଥାକ ଥାକ ବହି
ପରିଣତ ବୟସରେ ବ୍ୟସ୍ତତାର ପୃଷ୍ଠାରେ
ଏ ଅଧା ରହିଲା ପ୍ରେମ ମନରେ ଓ ଦେହରେ
ତୁମ ଛୁଆଁ ରେ ଜୀବନରେ କିଛିଟା ଖୁସି ମିଳିଥାନ୍ତା
ରହିଗଲ ଅଧା ରାସ୍ତାରେ କି ଅସୁବିଧା ହେଲା
ତୁମେ ସମସ୍ତ ଋଣ ଏଥରକ କଣ ଶୁଝାଇ ପାରିବ
ତଥାପି ଆସିବ ବୋଲି ଖବର କାହିଁକି ପଠାଇବ

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା
ବ୍ରହ୍ମପୁର, ଓଡ଼ିଶା

Magazine Downloaded from www.aahwaan.com

# ଭିଜା ଶ୍ରାବଣ

ଏମିତି ଥରେ ଭିଜା ଶ୍ରାବଣରେ
ତମ ପାଦ ପଡ଼ିଥିଲା ଆମ ଅଗଣାରେ
ଶ୍ରାବଣର ବର୍ଷା ପରି ପଡୁଥିଲା ଝରି
ତମ ଅମାନିଆ ଓଠର ସେ ହସ
ନାଲି ସାଧବ ବୋହୁପରି ତମର ସେ ବେଶ
ବରଷାର ସାଥୀ ପବନ ବିଜୁଳି ପରି
ତମ ସାଥେ ଥିଲେ ତମ ସହଚରୀ
ମନରେ ସାଇତା କଥା ନା ତୁମେ ପାରିଥିଲ କହି
ଓଠ କଥା କହିବାକୁ ଆଖି ତମ ଉଠୁଥିଲା ଡେଇଁ
ଲାଜର ଭସା ବାଦଲ ଢାଙ୍କିଥିଲା ସହଚରୀପାଇଁ
ଅକୁହା ସେ କଥା ଅକୁହା ସେ ଭାଷା
ଯେମିତି ଶ୍ରାବଣ ଆକାଶରେ ଭରା ବାଦଲରେ
ଲୁଚିଥିଲା ଅନ୍ତରର ଆଶା
କେବେ ଏକା ଆକଶଟା ହେବ ଫାଙ୍କା
ଏମିତି କହିବ ଖୋଲି ନା ଥିବ ମନରେ ଦକା... !



ଅଭିମନ୍ୟୁ ବେହେରା

 Magazine Downloaded from www.aahwaan.com

# ମାନମୟୀ ମୌସୁମୀ

ମାନମୟୀ ମୌସୁମୀ ଗୋ,

ସତେ ତୁମେ କେତେ ଯେ ମନୋଇ,

ସମୟ ପୂର୍ବରୁ ପହଞ୍ଚିଲ ଯେବେ

କେହି କ'ଣ ପଦେଅଧେ କହିଦେଲେ ବୋଲି,

ମନ ମାରି ମଉନେ ରହିଲ...

ଆଦ୍ୟ ଆଷାଢ଼ ରେ ବିଞ୍ଚିଦେଲ

ଡହ ଡହ ଗ୍ରୀଷ୍ମ ଜ୍ୱାଳା ।

ତ୍ରାହି ତ୍ରାହି ଡାକି ଯିବାରୁ ଶରଣ

ଛାଡି ତୁମେ ଅଭିମାନ, ଫେରିଲ ଧରାକୁ...

ସେଇଦିନୁ ବର୍ଷୁଛ ଯେ ବର୍ଷୁଛ...



ପ୍ରତିଭା ପ୍ରିୟଦର୍ଶିନୀ

ତୁମ ଆସିବାରେ,

ଅନେକ ଦିନୁ ଧୂଳି ଜମି

ପାଣ୍ଡୁର ଦିଶୁଥିବା ଏ ସହରଟା ଗାଧୋଇଲା ।

ଧୂସର ଗଛ ସବୁ ପୁଣି ସବୁଜ ଦିଶିଲେ ।

ରାସ୍ତା ମଝି ଡିଭାଇଡର ରେ

 Magazine Downloaded from www.aahwaan.com

ଭରିଗଲା ଛନ୍ ଛନ୍ ଘାସ,

ଅଚିହ୍ନା ବୁଦୁବୁଦିଆ ତୃଣ କେତେ ରକମର ।

ରିଂ ରୋଡ଼ ରୁ ବେଲ୍ ଭିୟୁ ଦେଇ

ଲମ୍ବିଥିବା ସେ ପ୍ରଶସ୍ତ ସିକତା

କାଠଯୋଡ଼ି ର ଭ୍ରମ ସୃଷ୍ଟିକରେ...

ଜଳ ବଳେ ପୂର୍ଣ୍ଣଗର୍ଭା ହୋଇଯିବା ପରେ ।

ଅବଶ୍ୟ ଗୋଳିଆ ପାଣିରୁ

ମୁଣ୍ଡ ଟେକିଥିବା କାଶତାଣ୍ଡି ବୁଦା ସବୁ

ସେ ମିଥ୍ୟା ନଦୀର ସତ ଗଭୀରତା ।

ତଥାପି ତୁମ ଆଗମନ...

ଭାରି ଭଲଲାଗେ ଗୋ ମୌସୁମୀ !!!

କହିବି ଯଦି...

ତୁମ ଅବିଶ୍ରାନ୍ତ ଧାରାରେ ଭିଜି

ସ୍କୁଲ ଯାଉଥିବା ଛୁଆ ମାନଙ୍କ

ନାକରୁ ବୋହିଲଣି ବୋଲି,

ଅବା କୁଢ଼ କୁଢ଼ ଆବର୍ଜନା କୁ

ଭିଜେଇ, ପଚେଇ, ଦୁର୍ଗନ୍ଧ ରେ

 Magazine Downloaded from www.aahwaan.com

ଭରିଦେଲଣି ସାରା ସହରର ଶ୍ୱାସ,

ନର୍ଦ୍ଦମା ପାଣିକୁ ଭର୍ତ୍ତି କରିଛ

କାହା ଦିଅଁ ଅବା ପାକ ଘରେ,

ତୁମେ ପୁଣି ରୁଷିଯିବ....

ରୁଷିଯାଇ ଯଦି ତୁମେ ଅଧିକ ବର୍ଷିବ,

ଆଖି ତରାଟୀ ଠିଆ ହେବ ବନ୍ୟା !!

ଆଉ ଯଦି ମୁହଁମୋଡି ଫେରିଯିବ ତୁମେ...

ଖିଁ ଖିଁ ହସି ମାଡି ଆସିବ ଦୁର୍ଭିକ୍ଷ !!

ମାନମୟୀ ଗୋ...

ଏ ସହରଟାକୁ ଶୀତଳେଇ

ଭାସିଗଲେ ହୁଅନ୍ତାନି,

ଚାଷୀର ବିଲକୁ, ଫଟା ଭୂଇଁ କିମ୍ବା

ଜଳତ୍ରାସ ସହୁଥିବା ସେହି

ବନ୍ଧୁର ଉପତ୍ୟକା କୁ...

ଖାଲି ଥିବା ଜଳଭଣ୍ଡାରକୁ,

ଶୁଷ୍କନଦୀ କୁ ଭରିଦିଅନ୍ତ ଯଦି,

ସୁଖି ହୁଅନ୍ତା ଜୀବନ...

ବଢ଼ନ୍ତା ତୁମର ସମ୍ମାନ !!!

Magazine Downloaded from www.aahwaan.com

# ମହାକବି ହେବି ଭାରିଜା ମାଡ଼ରେ

ଭାରିଜା ମୋହର ଛାଞ୍ଚୁଣୀ ଧରିକି
ପଛରୁ ଦେଲା ଦି' ପାହାର
ଚମକି ପଡ଼ିକି କହିଲି , ହଇହେ
ଦୋଷ ମୁଁ କଲିକି କାହାର ?
ନିରୋଳାରେ ବସି କବିତା ଲେଖୁଛି
ଧରିକି କାଗଜ କଲମ
କମର ପିଠି ମୋ ଦରଜ ଜାଣିକି
ଘଷି ଦେଲକି ଏ ମଲମ ?
ପ୍ରାଣପ୍ରିୟା ତଳେ ଛାଞ୍ଚୁଣୀ ଥୋଇକି
ହସିହସି ଧୀରେ ବୋଇଲେ
ଘରଣୀ ମାଡ଼ରେ ମୂର୍ଖ କାଳିଦାସ
ମହାକବି ପରା ହୋଇଲେ !
କବିବୋଲି ତୁମ ନାଆଁ ତ ଫିଟିନି
ମହାକବି ହେବ କେମିତି
କାଳିଦାସ ଙ୍କର କାହାଣୀ ପଢ଼ିକି
ପିଟିଲି ତୁମକୁ ଏମିତି ।



ଶିଶିର କୁମାର ପଣ୍ଡା

 Magazine Downloaded from www.aahwaan.com

କାଲିଠୁ ଦେଖିବ ମାଆ ସରସ୍ୱତୀ

କରୁଣା କଳସ ଅଜାଡ଼ି

ବଙ୍କା ଥିବା ତୁମ କବି କପାଳକୁ

ଏକାଥରେ ଦେବେ ସଜାଡ଼ି ।

ଘରଟା ଭିତରେ ବସିକି ,

କାହାକୁ କହିବି ଲାଜରେ ଏକଥା

ପିଠି ଆଉଁସିଲି ବସିକି ।

-------------------------------

କୁଆଁସ , ମେରଦା କାଟିଆ , ଯାଜପୁର

ଆଳାପ- ୮୯୮୧୭୩୭୨୨୮

 Magazine Downloaded from www.aahwaan.com

# ପଲକ,ଭାବ ଓ ବିଶ୍ୱାସ

ପଲକ...

ତୋ ପଡ଼ିବା ଆଗରୁ

ବାଟ ଓଗାଳୁଥାନ୍ତି ସ୍ୱପ୍ନିଳ ଜଳରାଶି

ଦେଖିବାର ର ତୃଷ୍ଣା ଧାରରେ ।

ମନଲାଖି ମୁହଁ ନେଇ

ତୋ ଅନ୍ତରଙ୍ଗ ରେ

କିଏ ଯେ ଧସେଇ ପଶେ

ଅଜସ୍ର ସ୍ୱପ୍ନ ର ଆଢୁଆଳ ରେ ।

ଅସତ୍ୟ ର ମଳିନ ସଂଧ୍ୟା ରେ ଖୋଜେ

ସତ୍ୟ ର ପୁଣ୍ୟ ଅନୁଭୁତି,

ଭାବ ଓ ବିଶ୍ୱାସ ଲେଖିଯାଏ

ଫେରିବା ବାଟ ରେ

ଅଜଣା ରାଇଜ ର

ଲୁହ ଜକ ଜକ ଅଶ୍ରୁଳ ଗୀତି ।

ତୋ ଉଠିବା ପରେ

ଅଭିମାନ କରେ ଏକଲାପଣ,



କ୍ଷୀରସିନ୍ଧୁ ବାଘ

 Magazine Downloaded from www.aahwaan.com

ଗଢ଼ି ଦିଏ ଫଟା ହୃଦୟ ର

ଅଧ୍ୟୁଷିତ ଆକାର ।

ପିପାସିତ ପଳକ ଚାହେଁ

ଅପାସୋରା ସହର ରେ

ଲୁହ ସବୁ ଶୁଖି ଯିବାର ।

ଗ୍ରା/ପୋ-ବାଙ୍କିଘିର୍ଡ଼ି

ଭାୟା- ଏସ୍. ରାମପୁର

ଜିଲ୍ଲା- ସୋନପୁର

ପିନ୍-୭୬୭୦୪୫

 Magazine Downloaded from www.aahwaan.com

# ହେ କାଳିଆ

ନାହିଁ ଗୋଡ ନାହିଁ ହାତ,

ତଥାପି ତୋହର ଆଗରେ ପଛରେ

ଶହ ଶହ ସେବାୟତ ।

କଳା ମୁଁହ କଳା ବଦନ,

ସେ କଳା ମୁଖକୁ ଦେଖିବା ପାଇଁକି

ମଣିଷ ଦେଖେ ସପନ ।

ଦାଣ୍ଡ ତୋର ବଡ, ବଡ ତୋ ଦେଉଳ,

ତୋତେ ପରା ଟିକେ ଦେଖିବା ପାଇଁକି

ସେ ଦଣ୍ଡେ ଭକତ ଉହଳ ବିକଳ ।

କଥାରେ ତ ଅଛି ମନ ଯଦି ଗଙ୍ଗା



ଗାଡ଼ିଆ ତୋହର ଗଙ୍ଗାଜଳ,

ତଥାପି ତୋ ଦ୍ୱାରେ

ଭକତ ଭିଡରେ

ଶୁଭୁଥାଏ କିଆଁ କୋଳାହଳ ।

ସସ୍ମିତା ସାହୁ

କି ମାୟା ରଚୁଛୁ, ମୋହ ଲଗାଉଛୁ,

ସଭିଙ୍କୁ କରୁଛୁ ବାଇଆ,

 Magazine Downloaded from www.aahwaan.com

ଗୃହ ପରିତ୍ୟାଗି

ପ୍ରକୃତିକୁ ଭେଦି

ଭେଟନ୍ତି ତୋତେରେ କାଳିଆ ।

ଯାଦୁ କି ରଖିଛୁ ତୋର ନୟନରେ

ଖିଲି ଖିଲି ନାଲି ହସରେ,

ବିମୋହିତ ହୋନ୍ତି କିବା ନର ନାରୀ

ସର୍ବେ ଭୁଲନ୍ତି ନିଜ ମତିରେ ।

ବଡ ଠାକୁର ତୁ ସର୍ବବ୍ୟାପୀ ସ୍ୱାମୀ

ଅପାର ତୋହର ମହିମା,

ତୋର କରୁଣା ରେ

ଲୋକଙ୍କ ମନରୁ

ଅପସରୁ ସବୁ ବେଦନା ।

ଖଣ୍ଡିଆ ହାତରେ

ବୁଲାଇ ଦେ ରେ

ଖଡ଼ଗକୁ ଚଉଦିଗ,

ଭେଦ କରିଯାଉ

ସର୍ବ ପାପ ସୀମା

ଉଦ୍ଧରି ଯାଉ ଏ ଜୀବ ।

_ବ୍ୟାସନଗର,,ଯାଜପୁର

 Magazine Downloaded from www.aahwaan.com

# କାଳିଆ ଠାକୁର

ଭକ୍ତି ଭାବରେ ମୁଁ ଲେଖୁଛି କବିତା
କାଳିଆ ଠାକୁର କଥା
ଆଜି ପରା ଘୋଷଯାତ୍ରା କାଳିଆର
ମନେ ମୋ ହେଉଛି ବ୍ୟଥା !!
ଯାଇକି ପାରିବି ରଥଯାତକୁ
ଟାଣିବି ରଥର ଦଉଡ଼ି
ପାରିବୁ ଯଦି ତୁ ନେଇଯା ମୋତେରେ
ପକାଇ ଖଇ କଉଡ଼ି !!
ଚକା ଆଖି ତୋର ବୁଜି କି ଦେଇଛୁ
ଭକତ ଭାବରେ ମଜି
ଏହି ସମାଜରେ ପୁରୁଷ କାହିଁକି
ନାରୀକୁ ଲଗାଏ ବାଜି !!
ଦୁଃଖ ଯନ୍ତ୍ରଣା ଏ ଜୀବନ ମୋହର
ସହି ପାରୁନାହିଁ ଆଉ
ସୁଖର ଦରଜା ଖୋଲି ଦେଲେ ଟିକେ
ତୁ ତାଲା କାହି ପକାଉ !!



ସୁଦର୍ଶନ ସାହୁ

 Magazine Downloaded from www.aahwaan.com

କି ଲାଭ ପାଉଛି ରହି ତୋ ସଂସାରେ

ଭାଗ୍ୟ ମୋ ସାଜିଲା ଦାଉ

ଆଜି ମୁଁ ଯାଉଛି ଛାଡି ତୋ ସଂସାର

ଡାକିବୁନି ପଛେ ଆଉ !!

ଓଡ଼ିଆ ବିଭାଗ ଛାତ୍ର

ଏନ ସି ସ୍ୱୟଂଶାସିତ ମହାବିଦ୍ୟାଳୟ

ଯାଜପୁର

 Magazine Downloaded from www.aahwaan.com

# ସୁକର୍ମେ ଲଭିବୁ ସୁଖ

ଦେହ ଥିଲେ ପୀଡା  ଆସିବରେ ବାବୁ
ସହଜେ ସାଆନ୍ତେ ଦୁଃଖି
ସୁଖ ଆଉ ଦୁଃଖ   ସବୁ କର୍ମଫଳ
ସୁ'କର୍ମେ ଲଭିବୁ ସୁଖି..... [୧]
ଜୀବନ ପଥରେ ବିଘ୍ନ ଆସିଥାରେ
ରଖିଥା ଭକତି ବ୍ୟଞ୍ଜନ
ସୁସ୍ଥ ହେଇ ଏବେ ସାଆନ୍ତେ ଆସିବେ
ମାଗିନେବୁ ମନସ୍କାମ....[୨]
ହଟିଆ ଠାକୁର ହଟ ଭିଆଇବ
ସାବଧାନ ଟିକେ ଥିବୁ
ସୁ'ମନେ ସୁମନ  କରି ଅରପଣ
ପୟରେ ଶରଣ ନେବୁ[୩]
ବିଶ୍ୱାସକୁ ମୂଳ ଶ୍ରଦ୍ଧାକୁ ସମ୍ବଳ
କରି ନିବେଦନ ହବୁ
ଘେନିଲେ ବିନତୀ ସେ ଜଗତ ପତି
ଭବନର୍କୁ ତରିଯିବୁ [୪]
ସୁଖ ନିତି ଭୁଞ୍ଜୁଥିବୁ ....



ସନ୍ତୋଷ ପଟ୍ଟନାୟକ

Magazine Downloaded from www.aahwaan.com

# ସୁନ୍ଦର ଦିଶେ

ଆକାଶେ ସୁନ୍ଦର ରବି ଚାନ୍ଦ ତାରା
ସୁପୁତ୍ର ଯେପରି କୁଳକୁ ,
ନାତି ନାତୁଣୀତ ଦିଶନ୍ତି ସୁନ୍ଦର
ଅଜା ଆଇଙ୍କର କୋଳକୁ ।
ମୁଣ୍ଡରେ ଓଢ଼ଣୀ ସିନ୍ଦୁରର ବିନ୍ଦୁ
ସୁନ୍ଦର କୁଳର ବଧୂକୁ ,
ପରକୁ ଆପଣା କରି ଯେ ବାଣ୍ଟଇ
ସଦା ମମତାର ମଧୁକୁ ।
ମଧୂପ ଗୁଞ୍ଜନ ଫୁଲକୁ ସୁନ୍ଦର
ଯେମିତି ସାଧନା ଚାଟର ,
ଗଭାକୁ ସୁନ୍ଦର ରଜନୀ ଗନ୍ଧାଲୋ
ପାଉଞ୍ଜି ଯେ ଶୋଭା ପାଦର ।
ବ୍ରାହ୍ମଣକୁ ଶୋଭା ଚିତା ଓ ପଇତା
ବ୍ରହ୍ମକୁ ଚିହ୍ନଇ ଯେବେ ,
ନେତାଙ୍କ ଭାଷଣ ଲାଗଇ ସୁନ୍ଦର
ଜନ ସେବା କଲେ ତେବେ ।



ହରେରାମ ପଣ୍ଡା

 Magazine Downloaded from www.aahwaan.com

ମୁଢ଼ିକୁ ନଡ଼ିଆ ଲାଗଇ ବଢ଼ିଆ

ପଖାଳକୁ ଶାଗ ଭଜା ,

ବୁଢ଼ା ପାଶେ ବୁଢ଼ୀ ଦିଶଇ ସୁନ୍ଦର

ଦେଖିବାକୁ ଲାଗେ ମଜା ।

-----------------------------------

କୁଆଁସ , ମେର୍ଦ୍ଧାକାଟିଆ ଛକ ,

ଯାଜପୁର । ଦୂରଭାଷ୯୪୩୮୦୬୫୧୯୫

 Magazine Downloaded from www.aahwaan.com

# ହୃଦୟ ଗହ୍ୱର ଶୂନ୍ୟତା

ହୃଦୟ ଗହ୍ୱର ଶୂନ୍ୟତା ସୃଜିଣ ଚାଲିଗଲୁ କେଉଁ ଆଡେ
ପ୍ରତି ମୁହୂର୍ତ୍ତରେ ଭାସେ ତୋ ଶ୍ରୀମୁଖ ତୋହ କଥା ମନେପଡେ ।।
ପୂର୍ଣ୍ଣ କୁଟୀରରେ ବସିଅଛି ମୁହିଁ ଶୂନ୍ୟ ଲାଗେ ମୋତେ କାହିଁ
ତୋହ ଉପସ୍ଥିତି ଖୋଜିଲେ ବା କାହୁଁ ଆସିକି ପାରିବୁ ତୁହି ।।
ଅର୍ଥ ଅହମିକା ପୂର୍ଣ୍ଣ କରି ମୁହିଁ ଗଢ଼ିଛି ଦେଉଳ ସିନା
ଦିଅଁ ହୀନ ସେହି ସଂସାର ଦେଉଳ ଫାଙ୍କା ଫାଙ୍କା ତୋହ ବିନା ।।
ଧନ ଅଭିଜାତ୍ୟ ଗର୍ବକୁ ସାଉଁଟି ଭାବୁଥିଲି ସବୁ ମୋର
ମୁହିଁ ଅକିଞ୍ଚନ ଆଜିକୁ ବୁଝୁଛି ତୋ ବିନା ସବୁ ଅସାର ।।
ତୋର ସେ ଆକଟ ତୋ କାନି ପଣତ ଆଶ୍ରା ବି ମିଳଇ କାହିଁ
ଆଜି ବସି ସତେ ଭାବେ ମୁଁ ଏ ସବୁ ବେସାହାରାଟିଏ ହୋଇ ।।
ସେନେହ ଶରଧା କେତେ ପାଉଥିଲି ଲାଗଇ ସବୁ ସପନ
ରାଗ ରୁଷ ବୋଳା ସେ ସେନେହ ବିନା ତୁଚ୍ଛ ଲାଗେ ଏ ଜୀବନ ।।
ଜଗତଠାକୁର ଆହେ ଚକ୍ରଧର ଏତିକି ମିନତୀ ମୋର
ସେହି ପୁଣ୍ୟ ଆତ୍ମା ତୋହ ପରଶରେ ଲଭୁ ସମ୍ପୂର୍ଣ୍ଣ ନିସ୍ତାର ।।



ଦେବବ୍ରତ ଜେନା

ସହକାରୀ ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ
କମରଦା, ଭୋଗରାଇ, ବାଲେଶ୍ୱର
ଦୂରଭାଷ :9583138533

Magazine Downloaded from www.aahwaan.com

# ଦୁଇଟି ଝଲକ

(1)

।।ନୀରବତା ର ଶବ୍ଦ ।।

ତୁମ ନୀରବତାରେ
ଅନେକ ଭାବନା ର ନଈ
କଳକଳ ନାଦରେ
ଶବ୍ଦରେ ବଦଳିଯାଏ ।।
ହୃଦୟର କୋଣଅନୁକୋଣ
ଆନ୍ଦୋଳିତ କରୁଥାଏ
ମନକୁ କରିଦେଉଥାଏ ଉଚ୍ଚାଟ ରୁ
ଆହୁରି ଉଚ୍ଚାଟ ।।

(2)

।।ତୁମେ ଆଉ ମୁଁ ।।

ତୁମ ଚପଳ ଆଖିରେ
ମୁଁ ଖୋଜେ ମୋର ଠିକଣା
ତୁମ ହୃଦୟ ସ୍ପନ୍ଦନ ବୀଣାରେ
ମୁଁ ସତେ କି ହୁଏ ପଥ ବଣା ।।
ତୁମେ ଛାଇ ହେଲେ,ଶରୀର ମୋର
ତୁମେ ଗୀତର ସୁର,ଶବ୍ଦ ଝଂକାର ମୋର
ସ୍ୱପ୍ନରେ ତୁମେ ନାଚ,ତାନ ମୋର
ପ୍ରେମିକା ହୋଇ ଠିଆ ହୁଅ,ପ୍ରେମ ମୋର ।।



ଆଶୁତୋଷ ମେହେର

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# ବନ୍ଦେ... ବୁଦ୍ଧିଦେ... ରେ

ସ୍ୱାଧୀନ ଦିବସେ

ସାଧାରଣତନ୍ତ୍ର ଦିବସ

ପାଳନ କରନ୍ତି

କେହି ଆସୁଥିବା

ପି.ଏଚ୍.ଡ଼ି.ଟିକୁ

ସ୍ଲୋଗାନ୍ ଜିନ୍ଦାବାଦ

ଶୁଣି ଆସୁଥିବା

ଅ ଅକ୍ଷର ବିବର୍ଜିତ

ପିତା-ମାତା

ସମ୍ମାନ ଦିଅନ୍ତି



ତ୍ରିରଙ୍ଗା - ପତାକା

ସଂବିଧାନ ଦେଖିବା ଦୂର

ନାଁ ଶୁଣିନଥିବା ଅଜ୍ଞଲୋକ

ଅନାହାରେ ଝିଣ୍ଟୁ ପରିବାର

ଏମ୍. ବିଜୟ କୁମାର

ପୋକ-ମାଛି ମରି ଥୁଆଁମାଳ

ଭତ୍ତା ଅପେକ୍ଷାରେ ଅଶୀବର୍ଷର

 Magazine Downloaded from www.aahwaan.com

ଲୁରୁଥୁରୁ ବୁଧୁନୀ

ଗୁନି-ମାନି-ଧନି-ଗିଆନି

ନିଜର କେହି ନଥିବା

ଉକିଆଁ ଝୁରିମ୍ବରେ

ଇନ୍ଦିରାବାସ

ସବୁ ଯୋଜନା ଏଠି

କରେ ଉପହାସ

ଫୁଟପାଥରେ ସଢୁଥିବା

ବିସ୍ଥାପିତ ଜନତା

ବିକାଶ ପାଇଁ ବଳି

ବାର ଆଦିବାସୀ ଗଣହତ୍ୟା

ଦିଲ୍ଲୀରୁ ପଲ୍ଲି ପର୍ଯ୍ୟନ୍ତ

ଝିଅ ହୋଇଲା ବଳାତ୍କାର

ପୁଷ୍ଟିହୀନ ମଣିଷର

ଶୁଭେ ହା ଅନ୍ନ ଚିତ୍କାର

ଶିକ୍ଷା-ସାମାଜିକ

ଅର୍ଥନୈତିକ ପଛୁଆ

ସବା ତଳର ମଣିଷ

ଚାଷୀ ମୂଲିଆ

 Magazine Downloaded from www.aahwaan.com

ସର୍ବେ କହି ଆସୁଥିଲେ

ଅଗଷ୍ଟ ପନ୍ଦର, ଜାନୁଆରୀ ଛବିଶି

ସ୍ୱାଧୀନର ଅର୍ଥ

ସାଧାରଣତନ୍ତ୍ର ମାନେ

ଆଇଟି ଛାତ୍ର ବୁଝି

ପାରିଲା ନାହିଁ

ମାଟି ଆକାଶ ଚାହିଁ

ଭାରତ ମାନଚିତ୍ର

କାନଭାସ ଦେଖି ଚରିତ୍ର

ବନ୍ଦେ ବୁନ୍ଦିଦେ ... ରେ

ସରିଯାଏ ଗଣତନ୍ତ୍ର ପାଳନ

ଚକୋଲେଟ୍ ବିସ୍କୁଟରେ

ହୁଏ ଭାରତ ସ୍ୱାଧୀନ

ଦୂର୍ନୀତି ଜିନ୍ଦାବାଦର ଆସ୍ଫାଳନପୂର୍ଣ୍ଣ

ସ୍ୱାଧୀନ ଦିବାସ୍ୱପ୍ନ

ଗଣହତ୍ୟାତନ୍ତ୍ର

ତଥାପି କହେ ଜୟ-ଜନ-ଗଣ...

ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା

 Magazine Downloaded from www.aahwaan.com

# ବର୍ଷା

ଦେଇ ଯାଇଥିଲ ପ୍ରତିଶୃତି ତୁମେ
ଶୀଘ୍ର ଆସିବି ବୋଲି,
ଦିନ ସରି ସରି ବରଷ ସରିଲା
କଥା ବୋଧେ ଗଲ ଭୁଲି ।
ଚାତକ ସମ ଚାହିଁ ରହିଅଛି
ଆସିବାର ତୁମ ପଥକୁ,
ତୁମ ବିଶ୍ୱାସରେ ପଡ଼ି ରହିଅଛି
ଭୁଲି ପାରୁନାହିଁ ତୁମକୁ ।
ଭରି ରହିଛି ଛାତିରେ ମୋହର
ବିରହର କେତେ କୋହ,
ବିରହ ନିଆଁରେ ଛଟପଟ ହୋଇ
ଢାଳୁଅଛି ସଦା ଲୁହ ।
ଆସିଲେ ତୁମର କୋମଳ ସ୍ପର୍ଶରେ
ଭିଜିଯିବ ତନୁ ମନ ।
ବିରହର ବହ୍ନି ଲିଭିଯାଇ ପୁଣି
ସଞ୍ଚରିବ ନବ ପ୍ରାଣ ।



ଶ୍ରୀ ଡମ୍ବରୁଧର ବାଗ

 Magazine Downloaded from www.aahwaan.com

ପଲ୍ଲବିତ ହେବ ନବ ପଲ୍ଲବରେ

ଏ ମନ ଧରଣୀ ରାଣୀ ।

ମନ ଉଲ୍ଲାସରେ ରାଜ ଉଆସରେ

ରଚିବ ନୂଆ କାହାଣୀ ।

ପୁଲକିତ ହୋଇ ହର୍ଷ ଉଲ୍ଲାସରେ

ଥେଇ ଥେଇ ନାଚୁଥିବି ।

ଆସ ତୁମେ ଆସ ବିଳମ୍ବ ନ କରି

ତୁମକୁ କୋଳେଇ ନେବି ।

 Magazine Downloaded from www.aahwaan.com

# ନୂଆଖାଇ ଆଏଲା

ବଛରେ ପୁରଲା, ସମିଆ କେନ୍ତା ବତରେ ଗଲା,

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୧]

ବିଦେଶେ ରହେଲେ ନ ଯାଇ ପୋ, ଝି,

ମାଁ, ବୁଆକେ ଦେଖ, ଗାଁ ନ ଯେ ରହେଲେ ଏକଲା,

ନୂଆଖାଇ କେ ଛୁଆ ଆଏଲେ ବଲି,

ଉସତ୍ ହେଇକରି ଦିନ୍ ଗନି ଗନି ଗଲା ।

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୨]

ଇଟା କରତି କାଏଁ, ସେଟା କରତି,

ଭାବି ଭାବି ଦେଖ୍ ତ ରାଏତ୍ ପାହେଲା,

ଘର୍ କେ ଅଏନ୍ କରି ଲିପି, ପୁଛି

ଛୁଏ ଆଏବେ ବଲି ବାଟ୍ ଦେଖି ଦେଖି ଗଲା !

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୩]

କେତେ ଯତନେ ମାଁ ଛୁଆଙ୍କର ଲାଗି

ପହ ପହନୁ ଚାଉଲ୍ କୁଟିକରି ଆନଲା

ଅରସା ପିଠା ସଁଗେ, ପୁରୀ, ଖିରୀ

କେଢ଼େ ସଉକେ ମାଁ ବନେଇ କରି ରଖଲା ।



କଲ୍ୟାଣୀ ନନ୍ଦ

Magazine Downloaded from www.aahwaan.com

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୪]

ଆମ୍ବିଲ୍ ତୁନ୍ ନ କରଡ଼ି ପକେଇ

ଭିନ୍ ଭିନ୍ ତୁନ୍ ଆର୍ କେତେ କାଣା ରାନ୍ଧଲା;

ଲଗନ ବେଲାକେ ଦେଖି ଦେଖି କରି

ନୂଆଁ ଚାଉଲ୍ ମାହାପୁରୁ ନ ଭୋଗ୍ ଲଗାଲା ।

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୫]

ଛୁଆଙ୍କର ଆଏବାର କେ ଟାକି ଟାକି

ମାଁ, ବୁଆଙ୍କର ମନ୍ ଛନକି ଛନକି ଗଲା,

ସଂଜ ହେଲା, ହେଲେ ନାଇଁ ଆଏଲେ କେହି

ମାଁ, ବୁଆଙ୍କର ଆଖି ନୁ ଲୁହୁ ଧାରେ ବୁହିଗଲା ।

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା । [୬]

ପୋ, ଝି ତ ଚାକିରୀ କଲେ ବିଦେଶେ ଯାଏ,

ହେଲେ ମାଁ, ବୁଆର ମନର୍ କଥା କିଏ ବୁଝଲା ?

ଆକାଶେ ଉଡ଼ଲେ ଡେନା ଝାଡ଼ିକରି

ପଖି ବାଗିର୍ ତାର୍ ବାଟେ ସେ ତ ଉଡ଼ିଗଲା !

ଦେଖ୍‌ରେ ପୁତା, ନୂଆଖାଇ ଫେର୍ ଘାଏ ଆଏଲା ।

ନୂଆଖାଇ ଫେର୍ ଘାଏ ଆଏଲା ! ! [୭]

ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା

Magazine Downloaded from www.aahwaan.com

# ମନର୍ ମଏଲା

ମୁଡା ମୁଡା ସାବୁନ ମାଖଲେ ଦିହେଁ
ନାଇ ହେଇ ପାରେ ସଫା
ମନ ଭିତରେ ଅଛେ ଖରସି ଚୁତେ
ନାଇ ଫିଙ୍କି ପାରେ ରଫା ।

ହିଁସା ଅହଁକାର ଲଟର ପଟର
ପର୍ହର ଚୁପୁରା କୁଟା
ଉପରେ ଉପରେ ଚିକନ ଚାକନ
ଭିତରେ ତ ମନ ଫଟା ।



ରମଣୀରଞ୍ଜନ ବିଶ୍ୱାଲ

ମନର ମଏଲା ଛଡାବାର ଲାଗି
ନିଲାଗେ ସାବୁନ ତେଲ
ପାରବୁ ବଏଲେ ସଫା କରିପକା
ଇହାଛିନି ଅଛେ ବେଲ ।

ସତ କଥା କହି ଟୁଁଣ ସଫା କର

 Magazine Downloaded from www.aahwaan.com

ଛାଡିଦେ ଗୁଡାଖୁ ପାନ
ଆଁଖି ନାଇ ଦେଖ ତୁଇ ମାର ପିଟ
ଗାଲି ନାଇ ଶୁନୁ କାନ ।

ହାତର ଲାଗି କର ଦାନ ପୁଇନ
ଗଛ ଜଗା ଦୁଇ ଧାଡି
ଏତକି କରଲେ ମନର ମଏଲା
ପଲାବା ତୁଲିଆ ଚିରି ।

ଉପର ବାହାଲ,ବଲାଙ୍ଗିର
ମୋ:୭୭୪୯୦୦୦୧୯୦

Magazine Downloaded from www.aahwaan.com

# ଜୀତିହାଁ ଲାଶ୍

ଶୁନତ

ଜନମ୍ ଦେବାର୍ ଆଘୋନୁ

ମାରି ଦେଉଛ ପେଟେ

ଜନମ୍ ହେଇ ଗଲେ

ଫିକି ଯାଉଛ ବାଟେ ଘାଟେ

କହତ କରିଛେଁ କାଏଁ ଦୋଷ୍ ।

ଯଦି ଗରଭ୍ ଠାନୁ ବଁଚିଗନି

ଆରୁ ଆଶ୍ରା ରଚେକ୍ ପାଇଗନି

ଅସମିହାଥିଁ କରୁଛ ଫେନ୍ ହାନି

ହେତେ ହତାଦର୍ କାଏଁଯେ

କରୁଛ କେଁକରି ଏତେ ରୋଷ୍ ।

ମୋର୍ ଭିଲ ଇଛା ଅଛେ

ଯେନ୍ତା ଫୁଲ୍ ଗୁଟେ ଫୁଟିସି

ଆର୍ ତାର୍ ମହକ୍ ଛାଡି ଯାଏସି

ମୁଇଁ ଭିଲ ହେ ଫୁଲ୍ ଲେଖେଁ ହେତିଁ

ହେଲେ ମୋର୍ ଗାଗର୍ ପରେ



କବି ପ୍ରସାଦ

 Magazine Downloaded from www.aahwaan.com

ମେଟାସି ତୁମର୍ ବାସନାର୍ ଶୋଷ୍ ।

ବାସ୍ତବ୍ ରେ କାଣା ମୁଇଁ ବସ୍ତୁ

ବଁଚିବାର୍ ଅଧିକାର୍ କାଣା ନାଇଁନ

ମୁନୁଷପନିଆ ଚଷମା ପିନ୍ଧି

ଘାଏତ ଦେଖ ମୋର୍ ଦରଦ୍

କେଭୁନୁ ହଜିଗଲାନ ଚଏଣ୍ ଠାନୁ ହସି ।

ହଁ ମୁଇଁ ଝି ଆଏଁ ତୁମର୍

ଆଏଜ୍ ବଁଚିବାର୍ କାଯେ ଜୁଝୁଛେଁ

କେନ୍ ଦୁଖୀଆରି ମାଆର୍ ଗର୍ଭେ

କେନ୍ ବାଟେ ଘାଟେ ଝାର୍ ଗଦାଥିଁ

ହୁରୁଦ୍ କାନ୍ଦୁଛେ ମୁହୁଁକେ ଢାପି

ଡାକ୍ତରଖାନାର୍ କେନ୍ କୁନାଥିଁ

ହେଇ କରି ଗୁଟେ ଜିହିଁତା ଲାଶ୍ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗିର, ଓଡିଶା

ପିନ୍- ୭୬୭୦୨୬

ମୋବାଇଲ୍- ୭୬୦୬୦୫୧୩୯୫

Magazine Downloaded from www.aahwaan.com

# ଆଗର ଲେଖେ ପ୍ୟାର୍ ନାଇଁ ହେବାର୍

ଇ ଥର ମୋର ସବୁ ଫୋଟୋ ଥି

ତମର love ❤react ନାଇଁ ହେବାର

ମୋର ସବୁ romantic status

ଲୁକାଚୁରା ତମକେ tag ନାଇଁ ହେବାର

ଦୁହେ ତ ନିଜର ବାଟେ busy

ସତକେ ସତ ,ଆଜି କାଲି ଆରୁ

ଆଗର ଲେଖେ #ପ୍ୟାର୍ ନାଇଁ ହେବାର ।

#firoj

ତମର ମୋର ଆଖି ମିଶାମିଶି ବାଲା

ସେ ପହେଲା ଦେଖା

ତମର ଲାଗି ଭାବେ ମହମହ

ମୋର କବିତା ଲେଖା

ଘଣ୍ଟା ଘଣ୍ଟା video call ରେ

ତମର ବାନ୍ଦ୍ରୀ reaction ର୍

Screen short ଆର ନିଆ ନାଇଁ ହେବାର

ରାତି ରାତି ସାର ଝୁମରି ଝୁମରି



ଫିରୋଜ କୁମାର ପଟେଲ

 Magazine Downloaded from www.aahwaan.com

କେବେ ନିକହେଲା ମନର ଅକୁହା କଥା

ଆଉ କାହାକେ କୁହା ନାଇଁ ହେବାର

ସତକେ ସତ ,ଆଜି କାଲି ଆରୁ

ଆଗର ଲେଖେ #ପ୍ୟାର୍ ନାଇଁ ହେବାର ।

ଦେଖୁନ ଦେଖୁନ ଆମର

ନାତା ବଦଳି ଗଲା

'ଗୋ' ନୁ 'ହୋ', ଆରୁ

'ଆମର' ନୁ 'ତମର' ହଇଗଲା

ସତର୍ ଦୁନିଆଁ ନେ ତ

ପ୍ରେମ ବଡା ମହଙ୍ଗା ହେଲାନ

Social media ନ ବି

Online setting dating ପରେ

Breakup ବନେ common ହେଲାନ

ମନ ଟେ ନେଇ ମନ ଖୁଜଲେ

ସବୁ ଦିନ ଲାଗି ମନ ଟେ ମିଲବା ବଲି

ଆଉ ବିଶ୍ୱାସ ନାଇଁ ହେବାର

ସତକେ ସତ ,ଆଜି କାଲି ଆରୁ

ଆଗର ଲେଖେ #ପ୍ୟାର୍ ନାଇଁ ହେବାର ।

#ଫିରୋଜ୍

 Magazine Downloaded from www.aahwaan.com

ଏଖେଇ ଘଡ଼େକେ ପଲଟିଗଲା ବେଲ

ଗ୍ରହ ନକ୍ଷତ୍ର କଲେ ରୋସ୍

ବେସକ୍ ଆମେ ପାଖେ ଅଛୁଁ

ଫିରବି ଦୁରିଆ କୋସ୍ କୋସ୍

ଘଡ଼େ ଲାଗି ଖୁଜଲେ ତ

ବାଟେ ଘାଟେ ମିଲବେ ସାଥୀ

ସପନେ ସଜେଇ ହେଲା ଲେଖେ

କିହେ #ପ୍ୟାର ନାଇଁ ହେବାର

ସତକେ ସତ, ଆଜି କାଲି ଆରୁ

ଆଗର ଲେଖେ # ପ୍ୟାର୍ ନାଇଁ ହେବାର ।

ଅବନକେଲା, ସୁନ୍ଦରଗଡ-୧୯

ଭ୍ରାମ୍ୟଭାଷ : ୯୭୭୭୬୩୨୩୩୦

 Magazine Downloaded from www.aahwaan.com

# ବର୍ଷା ତମେ ଆସ

ମୂଳ ଲେଖା : ସୁଧାଂଶୁ ଶେଖର ପାତ୍ର

ଅନୁବାଦ : ଜ୍ୟୋତିରାଦିତ୍ୟ ପୁଝାରୀ

ବର୍ଷା ତମେ ଆସ

ଫୁଟ୍‌ପାଥ୍‌ରେ ଚହଲୁଥିବା

ପନ୍ଦର କି ଷୋହଲ୍ ବଛର୍

ଜୁଆନ୍ ପାଖ୍‌କେ

ଗୁନ୍‌ଚି ମୂଷାର ସେତୁବନ୍ଧ୍ ଶୋଷ୍ ଆନି

ଜୀବନକେ ମହାପୁରୁ ଶ୍ରୀରାମ୍ ଭାବି

ତା'ର୍ ସେବାଥି ନିଜ୍‌କେ

ଶେଷ କରିଦେମି ବଲି

ଟୁଣ୍ ମେଲା କରିଛେ

ଜୀବନର୍ ଅସରା ଭୋକ୍

ପାଏନ୍ ଥିପେକ୍ ନେ

ମେଟାବା କାଜେ । [୧]



ଜ୍ୟୋତିରାଦିତ୍ୟ ପୁଝାରୀ

ବର୍ଷା ତମେ ଆସ

 Magazine Downloaded from www.aahwaan.com

ଆକାଶର ଛେନ୍ ଉପରୁ ଗଡ଼ି ଗଡ଼ି
ଖୁଟା ଗାଡ଼ି ଚାଲ୍‌କା ଘରେ ରହୁଥିବା
ଗରିବର୍ କପଟା ତଲ୍‌କେ
ଭୁଆସେନ୍ ଯାହାକେ ପର୍ଘେଇ
ରକତର୍ ଫୁଲଫୁଟା ଚୁଇଲ୍‌ମୁଡ଼ି କେ
ଗୁଟେ ପରଦେଶୀ କୁନୁଆଁ ଭାବି ।

ବର୍ଷା ତମେ ଆସ
ଚାଷୀ ଧରିଥିବା ଛାତୁରର୍
ଶିଆଲ୍ ପତ୍ରେ ଜମ
ଦୁଃଖର୍ ଧୁନ୍ ସିର୍‌ଜିନା ହେସି
ତଥାପି ଚାଷୀ ନେଇ କାନ୍ଦେ - ହସେ
ତଥାପି ସଭେ ନୀରବ ରହେସନ୍ । [୨]
ବର୍ଷା ତମେ ଆସ
ଜଗୁଆଲୀର୍ ଶୁଖ୍‌ଲା ଠେଙ୍ଗା ଭିତର୍‌ଦେଇ
ହେଲେ ଆସିନେଇପାରେ ଘର ଘର ବଲି
ଧୂରୁ ଡାକ୍ ପକେଇ ଚାଲିଯାଏସି
କିଏ ରେ ଚୋର୍ ? କିଏ ରେ ଚୋର୍ ?
ଲୁଟି ନେଇଛ ମାଛ କି କେଁ ଟା

Magazine Downloaded from www.aahwaan.com

ମହାଜନର୍ ଗଡ଼ିଆଁ ବନ୍ଧୁଁ । [୩]

ବର୍ଷା ତମେ ଆସ

ବାଘର ହେଁଟାଲ୍ ଶୁନି

ପରାନ୍ ବିକଲେ ଧଉଁଥିବା

ହରିଣୀ ଆଖି ଉପରକେ

କେତେ ଧୂର୍‌କେ ଯିବାରେ ?

କାଲର୍ ଉଧେ ପଡ଼ି

ଦେଖୁ ଦେଖୁ ଅଟକି ଗଲେ ଭି

ତମେ ନେଇ ପଲାଅ । [୪]

ବର୍ଷା ତମେ ଆସ

ଏନ୍ତା ମୋର ଜୀବନର ବିରାଟ ବାଟେ

ମୁଇଁ ଆରୁ ସେନ୍ତା ଯାତ୍‌ନା

ନେଇ ଭୋଗେଁ

ମନ୍‌କେ ବୁଝେଇ ବୁଝେଇ ଚାଲିଥିମି । [୫]

କୁଲିଗାଁ, ବଡ଼ମହେଶ୍ୱର, ଖଡ଼ିଆଳ

ନୂଆପଡ଼ା ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

Magazine Downloaded from www.aahwaan.com

# ମାଟି

ତମେ ଚିହ୍ନିଛକି ମାଟିକୁ

ଶୁଙ୍ଘିଛ କି ତା' ବାସ୍ନାକୁ

ଚାହିଛ କି ତା' ସ୍ୱାଦକୁ

ବୁଝିବାକୁ ଚେଷ୍ଟା କରିଛ କି

ତା' ସୁଖ, ଦୁଃଖ ଓ ମନ କଥାକୁ ?

କହିପାର - ହଃ...

ମାଟିର ପୁଣି ଦୁଃଖ, ସୁଖ କଣ ଯେ !

ମାଟି ତ ମାଟି !

ସତରେ ମାଟିର କ'ଣ ଅଛି ଯେ !

ଜୀବନ ନା ଯନ୍ତ୍ରଣା, କିଛି ନାହିଁ

ତାକୁ ଖୋଳିଲେ, ହାଣିଲେ, ତାଡ଼ିଲେ କେବେ

ଆଃ କରେନି ସେ କି ଝରାଏନି ଲୁହ ।

ବୋଧହୁଏ ସେଥିପାଇଁ କେହି ବୁଝିବାକୁ

ଚେଷ୍ଟା କରନ୍ତିନି ତା ମନ କଥା ।

ମାଟିକୁ ବୁଝିବାକୁ ହେଲେ...

ମାଟି ସହ ମିଶିବାକୁ ହେବ



ସତ୍ୟବ୍ରତ ସାହୁ

 Magazine Downloaded from www.aahwaan.com

ମାଟି ସହ ମାଟି ହେବାକୁ ହେବ

ତେବେ ଯାଇ କହିହେବ ମାଟିର ବାସ୍ନା, ସ୍ୱାଦ

ନ ହେଲେ ଯିଏ ନାହିଁ ସିଏ କହିବ

ମାଟିର ରୂପ ମାଟିଆ

ମାଟିର ସ୍ୱାଦ ବି ମାଟିଆ ।

ତମେ ମାଟିକୁ ଚିହ୍ନ ବା ନ ଚିହ୍ନ

ଅଯାଚିତ ଭାବରେ ସେ ଆପଣେଇ ନେଇଛି ତମକୁ

ତମ ପାଇଁ ଖଞ୍ଜିଦେଇଛି ଜୀବନ

ଖାଦ୍ୟ, ବସ୍ତ୍ର, ପାନୀୟ, ବାସଗୃହ ସବୁକିଛି

ତମ କୁନି ପାଦର ସ୍ପର୍ଶଠୁ ତମ ଲୌହ

ଯନ୍ତ୍ରର ଖନନ ସବୁ ହସି ହସି ସହି ନେଇଛି

ମୁଣ୍ଡେଇ ଧରିଛି ତମ ନଭଶ୍ଚୁମ୍ବୀ ଅଟ୍ଟାଳିକା ସବୁ ।

ମଞ୍ଜିଟେ ଆଶ୍ରା ମାଗିଲେ ସେ ଦେଇ ଦେଉଛି ଜୀବନ

ପାଳିପୋଷି ଠିଆ କରାଇ ଦେଉଛି ତା ବକ୍ଷରେ ।

ଏତେ ପରେ ବି ମାଟି ନିର୍ଜୀବ ! !

ପଲ୍ଲୀସାହି, କମାଳପୁର,

ଅହିୟାସ, ଯାଜପୁର, ୭୫୫୦୩୬

ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

 Magazine Downloaded from www.aahwaan.com

# ଦୁଇ ଚିତ୍ରପଟ

ସ୍ୱନେତ୍ରେ ଦେଖ ହେ ସ୍ୱର୍ଗର ଦେବତା
କଳିକାଳ ଯୁଗ ମର୍ତ୍ତ୍ୟର ବାରତା ।
ଅହେତୁକ ବିତ୍ତ ପାଇଁ କେ ରାଜନ
କରୁଛି ତୁମ୍ଭର ସୃଷ୍ଟିର ଶାସନ ।
ଉଚ୍ଚ ଅଟ୍ଟାଳିକା, ସୁବର୍ଣ୍ଣ ଆସନ
ଭୁଞ୍ଜେ ନିତ୍ୟଦିନେ ନାନାଦି ବ୍ୟଞ୍ଜନ ।
ଦିବାନିଶି କଟେ ଭୋଗ ବିଳାସରେ
ପାଦତାର କେବେ ନଲାଗେ ମାଟିରେ ।
ତୁମେ ତ ଈଶ୍ୱର, ସୃଷ୍ଟିର କରତା
ନ ପାଏ ଗରିବ ଗୁଞ୍ଜିବାକୁ ମଥା ।
ଦେଖିଥିବ ନିଶ୍ଚେ ଏହି ଚିତ୍ରପଟ
ଭୋକିଲା ଥାଳିର ରୁଟି ଦୁଇପଟ ।
କେମନ୍ତେ ତାହାର, ବାସଖଗ ତଳେ
ବସ୍ତ୍ରାଭାବ ପୁଣି, ଲଜ୍ଜା ନିବାରଣେ ।
ବୋଲେ ଜଗାଦାସ ନ ହୋଇ ଉଦାସ
ଜପ ନିରନ୍ତର, ହୋଇଣ ଉଲ୍ଲାସ ।
ନିଶ୍ଚେ ଏକ ଦିନେ ସାଇଁ କୃପାବଳେ
ଲଭିବ ସ୍ୱର୍ଗୀୟ ଶାନ୍ତି ପ୍ରତିକ୍ଷଣେ ।
ଦୁଃଖ ଚିନ୍ତାକୁହେ କରନ୍ତୁ ପ୍ରହାର
ସେହି ପଦ୍ମପାଦେ, ନିଶ୍ଚିନ୍ତ ବିହର ।



ଜଗଜୀବନ ସେଠୀ

Magazine Downloaded from www.aahwaan.com

# ପ୍ରଣୟ ବୀଣା

ପଦ୍ମାସନେ ଆରମ୍ଭ କରିଲ ନିଜ ମୃଦୁ ହସ୍ତରେ ବୀଣାବାଦନ,
ଅଲୌକିକ ନାଦ ଶୁଣିହେଲା ହୃଦୟ ତାରରେ ସ୍ପନ୍ଦନ । [୧]
ସଂସ୍ପର୍ଶ କରିଲା ବୀଣା ତାରକୁ ତୁମ ମୃଦୁଳ ଅଙ୍ଗୁଷ୍ଠି,
ଉତ୍ତେଜିତ ସପ୍ତସ୍ୱରର ଶୃଙ୍ଖଳିତ ଗତି କରିଲ ସୃଷ୍ଟି । [୨]
ଅବିରାମ ନିର୍ମଳ ଝରସମ ଅଗ୍ରସର ହେଲା ସୁମଧୁର ସମ୍ମୋହନ ରାଗ,
ଆକୃଷ୍ଟ ହୋଇ ଉପକ୍ରମ ହେଲା ତୁମପାଇଁ ମୋ ଅନୁରାଗ ।[୩]
ପ୍ରଣୟ ବୀଣାରୁ ଶ୍ରାବ୍ୟ ହେଲାଣି ସୁରମ୍ୟ ସଂଗୀତ,
ହର୍ଷିତ କରିଛ ଦେଇ ସ୍ୱରସଙ୍ଗମ ପାରିଜାତ । [୪]
ବୀଣା ପ୍ରୟୋଗରେ ସର୍ବଦା ତୁମେ ଜୟଶ୍ରୀ,
ଏହି ସଂଯୋଗରେ ସାହାଯ୍ୟ କରୁଛନ୍ତି ବାଣୀଶ୍ରୀ । [୫]
ନିଜ ବୀଣାରୁ ସୃଷ୍ଟି କରିଲ ମଧୁର ପରିମଳ ଗୀତ,
ତୁମ ଲୟବଦ୍ଧ ସୁଗମ ସଂଗୀତ ଦ୍ୱାରା ମୁଁ ହେଲି ବଶୀଭୂତ । ୬]
ସାହିପାରୁନି ତୁମ ମୌନ,
କେବେ ଶ୍ରାବ୍ୟ ହେବ ତୁମର ପ୍ରେମଗାନ । [୭]
ନେତ୍ର ଦେଖୁଛି ତୁମର ଅଭିନବ ସମଳଙ୍କୃତ ରୂପ,
ତୁମ ସୌନ୍ଦର୍ଯ୍ୟ ଅପାର ଅପରୂପ । [୮]



ଶ୍ରୀରାଜଶେଖର ସି 'ଚିମା'

 Magazine Downloaded from www.aahwaan.com

ମନର ପ୍ରେମକଥା କହିବାକୁ ତତ୍ପର ଯେ ଅଧର,

ତୁମ ପ୍ରତି ପ୍ରୀତି ଯାହାର ଆଧାର । [୯]

କେମିତି କରିବି ଜୀବନରେ ସମ୍ବୋଧନ,

ଚକାଡ଼ୋଳାଙ୍କ ଆଶୀଷରୁ ସୁନିଶ୍ଚିତ ହେଉ ଆମ ପବିତ୍ରବନ୍ଧନ । [୧୦]

ମୋହନ ବୀଣା ତରଙ୍ଗସମ ତୁମ ମଧୁରବାଣୀ,

ତୁମକୁ ଆଶୀର୍ବାଦ ଦେଇଛନ୍ତି ଶ୍ରୀବାଣୀ । [୧୧]

ସ୍ୱୀକାର କରିଲ ହେବାକୁ ମୋ ଜୀବନ ସଙ୍ଗିନୀ,

ନୂତନ ଦିଶା ମିଳିଲା ହେଲ ଯେବେ ମୋ ଅର୍ଦ୍ଧାଙ୍ଗିନୀ ।[୧୨]

ସର୍ବଦା ଶୁଣିବାକୁ ମିଳିଲା ତୁମ ମାନସ ବୀଣାର ଦିବ୍ୟବାଣୀ,

ଯାହାର ତନ୍ମୟ ତରଙ୍ଗ ମୋ ପାଇଁ ସଦା ଆକାଶବାଣୀର ଅମୃତବାଣୀ । [୧୩]

ପ୍ରଣୟବୀଣାରୁ ହେଲ ମୋର ମଲ୍ଲିକା,

ଆମ ଉଭୟଙ୍କ ଜୀବନରେ ଭରିଯାଉ ମଧୁମୟ ମଧୁଲିକା ।

Magazine Downloaded from www.aahwaan.com

# ଧର୍ଷିତା ଝିଅକୁ ଜବାବ ଦିଅ

ସମବେଦନାରେ କୋଟିଏ ତୁଣ୍ଡରୁ
ଆହା ପଦ ଆସେ ଛୁଟି
ହେ ପୁରୁଷ ତୁମ ଭିତରୁ କେହି ମୋ
ଇଜ୍ଜତକୁ ନେଲା ଲୁଟି
ଝୁଣି ଝୁଣି ସିଏ ମାଂସକୁ ଖାଇଲା
ନିଜକୁ ସଜେଇ ବାଘ
ଜହ୍ନ ନହୋଇ ବି ଯୁଗ ଯୁଗ ପାଇଁ
ମୋ ଦେହେ ଲାଗିଲା ଦାଗ
ପଶୁପଣେ ତୁମେ କାମନା ନିଆଁରେ
ଖାଅନି କାହାକୁ ଜାଳି
ନହଲେ ଏ ନାରୀ ବାଧ୍ୟହେବ ପୁଣି
ସାଜିବାକୁ ଚଣ୍ଡୀ କାଳୀ
ସ୍ଥାଣୁ ଚଉଷଠି ଯୋଗିନୀ ମାନେ ବି
ଭୁଲିଯିବେ ଦୟା ମାୟା
କେଉଁ ପୁରୁଷକୁ ମିଳିବେନି ଆଉ
ଜନନୀ ଭଗିନୀ ଜାୟା ।



ସୀମାରେଖା

 Magazine Downloaded from www.aahwaan.com

# ବିଶ୍ୱାସ

ବିଶ୍ୱାସରେ ହାତ ଧରି ନେବି ଯଦି, ବିଶ୍ୱାସ ଭାଙ୍ଗିବୁ ନାହିଁ,
ବିଶ୍ୱାସ ଭାଙ୍ଗିଲେ କାନ୍ଦି ଉଠେ ଛାତି, ଦିନ ରାତି କାହିଁ ପାଇଁ ।।
ବିଶ୍ୱାସକୁ ଥରେ ମନରେ ଭରିଲେ, ଠକିଦିଏ କେବେ କେହି,
ବିଶ୍ୱାସ ବିନା ଆଗକୁ ବଢ଼ିଲେ, ଲକ୍ଷ୍ୟ ପାଇବୁନି ତୁହି ।।
ବିଶ୍ୱାସ ରଖିଲେ ମନରେ ବସେ, ଆଲୋକିତ ସବୁ ଦିନ,
ବିଶ୍ୱାସ ରହିଲେ ମନ ବି ହସେ, ପୁଲକିତ ହୁଏ ମନ ।।
ବିଶ୍ୱାସରେ ଈଶ୍ୱର ବିରାଜନ୍ତି ଯେବେ, ପାଖେ ଉତ୍ସାହିତ ଜନ,
ବିଶ୍ୱାସରେ ଯଦି ବିଷ ମିଶେ କେବେ, ସବୁ ହେଇଯାଏ ଶୂନ ।।

ପଛିକୋଟ ( ଯାଜପୁର ), ଓଡ଼ିଶା



ଶୁଭମ କୁମାର ଧଳ

 Magazine Downloaded from www.aahwaan.com

# ପରିଚୟ

ଆଶାରେ କଟୁଥିବ ରାତି

ଆଶଙ୍କାରେ ବିତୁଥିବ ଦିନ

ରାହା ଧରିଲେ ବିପଦ

ମା'କୁ ବିକଳରେ ଚାହିଁଲେ ବାପ

ଗୁଞ୍ଜି ଦେଉଥିବ ମା'

ଛୁଆ ମୁହେଁ ସ୍ତନ ।

ମୁଦିଦେଇ ପଲକକୁ

ସଂଘର୍ଷ କରୁଥିବ ଛୁଆ

ଶୁଖିଲା ଥନରୁ ଟାଣିବାକୁ କ୍ଷୀର

ସେ କାହୁଁ ବୁଝିବ

ବଡ଼ ମଣିଷଙ୍କ ସଂଘର୍ଷ

ମୁଠେ ମାଟିପାଇଁ

ମଥା ପରେ ଥିଲେ ପଛେ ଅନନ୍ତ ଆକାଶ

ତଳେ ମୁକ୍ତ ପାରାବାର ।

ବଡ଼ ମଣିଷଙ୍କର

ଏଇ ବଡ଼ ପଣିଆର ଲଢ଼େଇ



ଡା ସୌମ୍ୟରଞ୍ଜନ ମିଶ୍ର

 Magazine Downloaded from www.aahwaan.com

କାଳେ କାଳେ ଉଜାଡ଼ିଛି କୋମଳ ଶୈଶବ

ନିଷ୍ପାପ ଆଖିରୁ ନିଦ ଛଡ଼ାଇଛି

ସ୍ୱପ୍ନ ବୁଡ଼ାଇଛି

ମା' କୋଳରେ ଥାଇ ବି ଛୁଆ

ସଂଘର୍ଷ କରିଛି

ନିଜ ପରିଚୟ ଖୋଜିଛି ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବଜୀଉ

କେନ୍ଦ୍ରାପଡ଼ା, ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

ଇମେଲ୍ : dr.srmishra@gmail.com

 Magazine Downloaded from www.aahwaan.com

# ତ୍ରିନୟନ

ମୂଳ ବଙ୍ଗଳା ରଚନା : ତୀର୍ଥଙ୍କର ଦାଶ ପୁରକାୟସ୍ଥ
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଭଲପାଇବା ତୃତୀୟ ଚକ୍ଷୁଭଳି ଜାଗି ଅଛି
ତା' ଚକ୍ଷୁରେ ନିଦ ନାଇଁ, ମୃଣ୍ମୟଶିଳ୍ପୀର ଅବ୍ୟର୍ଥ ତୁଳୀରେ
କପାଳର ଟିକିଏ ଉପରେ ଆଙ୍କିଛନ୍ତି, ଭ୍ରୂ-ସନ୍ଧିରେ ନୁହେଁ,
ତେଣୁ ଦୁଇ ଆଖି ଯାହା ଦେଖେ,
ଚାରିଦିଗେ ଯାହା ଯାହା ଦୁଇ ଆଖିରେ ପଡ଼େ
ସେ ସବୁ କିଛି ନୁହଁ
ତା'ର କିଛି ଉର୍ଦ୍ଧ୍ୱରେ ଶୂନ୍ୟକୁ ଚାହିଁ ରହିଛି ତ୍ରିନୟନ ।
ସେ ଭାବେ ସାରାରାତି ଶଯ୍ୟାପାଶେ ଜଗିବସେ ଭଲପାଇବା
ଦେହ ଆଉ ମନ ସେତେକ୍ଷଣ ନିଶ୍ଚିନ୍ତେ ଶୁଅନ୍ତି,
ପାଶେ ଫେରେ, ସହଯାତ୍ରୀ, ଦୁର୍ଜନ ଦୁଇଦିଗେ ।
ଭଲ ପାଇବା ଦୁହିଁଙ୍କ ପାଶେ ନାହିଁ
କିଛି ଟା ଉପରେ
ବିନିଦ୍ର ଚକ୍ଷୁଭଳି ଜଗିଥାଏ ସାରାରାତି
ତୃତୀୟ ନୟନ ।



ସନାତନ ମହାକୁଡ଼

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨
ଜିଲ୍ଲା:ନୟାଗଡ଼, ଓଡ଼ିଶା, ଭ୍ରାମ୍ୟଭାଷ : ୦୯୩୩୯୭୧୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

Magazine Downloaded from www.aahwaan.com

# କେଇପଦ ଶେଷକଥା

ଆଉ ପଚାରନା ମୋତେ
ପୂର୍ବଜଙ୍କ ଶାସନ ବ୍ୟବସ୍ଥା
ପ୍ରଲଂବିତ ଶୈଶବ ଓ
ଯୌବନ ର କଥା...
ପଥର ଛାତିରେ ତୋଳିଥିବା
ଅଧା ଭଂଗା ଘର  ପରି
ଦୁନିଆର ବଡ଼ଦାଣ୍ଡେ
ମୁଁ ଏବେ ବି ହିନସ୍ତା  ।

ସନ୍ତାନ ଜନ୍ମର ସୁଖଦ କଳ୍ପନା
ଅପୂର୍ବ ଶିହରଣ
ଗୋପନ ମମତା..
ଖୋଜିବା ବେଳକୁ ନିର୍ଭୟ ଆଶ୍ରୟ
ମୋ ଛାତିକୁ ଖୁବ୍ ହାଣେ
ସ୍କୁଲ ଫେରନ୍ତା ଝିଅର
କିଛି ନିରବତା  ।



କ୍ଷୀରୋଦିନୀ ବେହେରା (ସ୍ୱପ୍ନା)

 Magazine Downloaded from www.aahwaan.com

ଅପ୍ରାପ୍ତିର ଅଙ୍ଗାର ଭିତରେ ଜଳି

ଆଜି ଯାହାକିଛି ଲେଖିବାର ଥିଲା

ନିଃସଙ୍ଗତାର କଠୋର ପରଶ

ଭାଙ୍ଗିଦେଲା ମନ...

ବିଶ୍ୱାସ ରେ ଭସ୍ମୀଭୂତ

ଅନ୍ତିମ ସପନ ..

ସତରେ କେତେ ଅସ୍ପଷ୍ଟ ଆଜି

ପଡିଥିବା ନିଜ ପାଦ ଚିହ୍ନ ।

ବାରଣର ତିନି ଗାର

ଆଉ ଜମା ପକାନା ଲକ୍ଷ୍ମଣ...

ମୁଁ ପରା ଯୁଗେ ଯୁଗେ ମଣିଷର

ଆଦିମ ବାସନା ..

ପୃଥିବୀ ଆରମ୍ଭରୁ ତ ନିଜ ସହ

କରିନେଇଛି ଚୁକ୍ତି

ଏଇ ମୋର ଅବୁଝା ଜୀବନ

ମୋ ଅସହାୟତାର ପ୍ରତୀକ୍ଷିତ ସାକ୍ଷୀ

"କ୍ଲାନ୍ତ ଅପରାହ୍ନ "

ଭୁବନେଶ୍ୱର

Magazine Downloaded from www.aahwaan.com

# ପତ୍ନୀପାଇଁ ଦୁଇଟି ଅନୁଦିତ କବିତା

(୧)

ମୂଳ ହିନ୍ଦୀ-କୁମାର କର୍ଣ୍ଣ

ମୋ ଅପେକ୍ଷା
ବେଶ୍ ଭଲରେ ଜାଣେ
ରୁଟି କରୁଥିବା ମୋ  ସ୍ତ୍ରୀ
କ୍ଷୁଧାର ବ୍ୟାକରଣ
ତୃଷ୍ଣାର ବର୍ଣ୍ଣମାଳା ।

ହାଟ ଯିବାବେଳେ
ଯେବେ ସଜାଏ ତାର ଆଂଗୁଳି
ତର୍ଜମା କରେ  ଲୁହା ଓ ନିଆଁର
ସଂପର୍କକୁ ।


ଶିରିଶ କୁମାର

ଛୁଆଏ ଘରକୁ ଫେରିଲେ
ବହୁତ ଖୁସି ହୁଏ

 Magazine Downloaded from www.aahwaan.com

ସେମାନେ ନ ଦିଅନ୍ତୁ ପ୍ରାଧାନ୍ୟ ପଛେ

ଲାଗି ପଡ଼େ ତାଙ୍କ ଚର୍ଚ୍ଚାରେ ।

ରୋଷେଇ ଘରେ ଯେବେ

ବାସନ କୁଶନ ମାନେ ଭଜନ କୀର୍ତ୍ତନ କରନ୍ତି

ସେ ଏକଦମ୍ ଧାଏଁ

ତାଙ୍କୁ ବୁଝେଇବାକୁ ଚୁପ୍ ରହିବାକୁ ।

ଫୁଲ ବଗିଚାରେ ପାଣିଦେଲା ବେଳେ

ସେ ମାଗେ ଟିକିଏ ସବୁଜିମା

ପ୍ରସାରିବାକୁ ପାଦ

ଫୁଟେଇବାକୁ ଭାବର ଫୁଲ

ରୋପିବାକୁ ସଂପର୍କର ତୁଳସୀ ଗଛଟେ ।

(୨)

ମୂଳ ହିନ୍ଦୀ-ବିମଲେଶ ତ୍ରିପାଠୀ

ସେ ବାସନ ଏମିତି ମାଜେ

ଯେମିତି ମାଜୁଛି  ଅତୀତରୁ

ବର୍ତ୍ତମାନ ପର୍ଯ୍ୟନ୍ତ

 Magazine Downloaded from www.aahwaan.com

ପୋଛି ଦେଉଛି

ପରସ୍ତ ପରସ୍ତ ଅଳନ୍ଧୁ ।

ଚାଲେ ଯେମିତି

ପବନ ବହେ

ଜଳେ ଯେମିତି ନିଆଁ

ଅପେକ୍ଷାରେ ଥାଏ ତା'ଭାଗର

ଆକାଶର

ଯେମିତି ବର୍ଷାକୁ ବାଟ ଜଗେ

ନିଦାଘେ ପୀଡ଼ିତ

ବିରହିତ କ୍ଷେତ ।

ହସେ ଏମିତି

ଜଣେ ମାଡ଼ ଖାଇ ହସୁଛି

କାନ୍ଦେ ଯେମିତି ଅଦିନ ବର୍ଷା

ବେଳେ ବେଳେ ମନେ  ପକାଏ

ତାର ପିଲାଲିଆ ସ୍ୱପ୍ନ,ବାଟ ବଣା ଭବିଷ୍ୟତ

ପୁଣି କିଳିଦିଏ ସ୍ମୃତି କବାଟ ।

 Magazine Downloaded from www.aahwaan.com

ସକାଳୁ,ସଞ୍ଜର  ଥକ୍କାପଣରେ

ନିଝୁମ ରାତିର ସହରେ

ଏକା ଏକା ଗପେ

ନିଜ ସହ ।

ଛୁଇଁ ଯାଉଥିବା ସମୟର ଏକାକୀ ପରଦା

ପ୍ରଥମ ପ୍ରେମପତ୍ରର ପବିତ୍ର ଶବ୍ଦାବଳୀ

ଯେବେ ମନେ ପଡ଼େ

ରାତି ପାହାଡ଼ ଦିନ ମରୁଭୂମି ପରି ମନେ ହୁଏ

କିନ୍ତୁ ସେ ସହିଯାଏ ସବୁ ପୃଥିବୀ ପରି ।

କୁଶମେଲ, ଝାରସୁଗୁଡ଼ା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Magazine Downloaded from www.aahwaan.com

# ଅନଧିକୃତ ଅନୁପ୍ରବେଶ ଓ ଭାରତ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିଗତ ଦିନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସାମ ରାଜ୍ୟରେ ହୋଇଥିବା ଏନ୍ଆର୍ସି କାର୍ଯ୍ୟକ୍ରମରେ ଅନ୍ୟୁନ ଚାଳିଶି ଲକ୍ଷ ବାସିନ୍ଦା ଅନଧିକୃତ ଭାବରେ ଆସାମରେ ରହି ଆସୁଥିବା କଥା ଜଣାପଡ଼ିବାପରେ ଏହାକୁ ନେଇ ରାଜନୀତି ତୀବ୍ର ହୋଇଛି । ପ୍ରଥମତଃ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦର୍ଶାଇ କହିଛନ୍ତି ଯେ ଯଦି ସେହି ଚାଳିଶି ଲକ୍ଷ ଲୋକଙ୍କୁ ବିତାଡ଼ିତ କରାଯାଏ ତେବେ ଦେଶରେ ଗୃହଯୁଦ୍ଧର ଆଶଂକା ରହିଛି । ଏହା କୌଣସି ଛୋଟ କଥା ନୁହେଁ । ଚାଳିଶି ଲକ୍ଷ ଅନୁପ୍ରବେଶକାରୀ ଏକ ଛୋଟ ସଂଖ୍ୟା ବି ନୁହେଁ । ଚିନ୍ତା କରି ଦେଖନ୍ତୁ ସେହି ଚାଳିଶି ଲକ୍ଷ ଲୋକ ଭାରତରେ ଅନଧିକୃତ ଭାବରେ ପ୍ରବେଶ କରିବା ସହ ଆମ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ଅନାୟାସରେ ବ୍ୟବହାର କରି ଆସୁଛନ୍ତି ଏବଂ ସେମାନେ ସେଠାକାର ନାଗରିକ ମାନଙ୍କ ମଧ୍ୟରେ ଏମିତି ଭାବରେ ମିଶି ଯାଇଛନ୍ତି ଯେ ସେମାନଙ୍କୁ ଠାବ କରିବା ଏକ କଷ୍ଟକର ବ୍ୟାପାର ଥିଲା । ହେଲେ ଏ ସମସ୍ୟା ଆଜିର ନୁହେଁ । ବିଂଶ ଶତାବ୍ଦୀର ଶେଷାର୍ଦ୍ଧରୁ ହିଁ ଭାରତ ସଂଲଗ୍ନ ବଙ୍ଗଳାଦେଶରୁ ସେଠାକାର ବାସିନ୍ଦାମାନେ ଅଧିକ ସୁବିଧା ସୁଯୋଗର ଆଶାନେଇ ସୀମାରେ ଅନୁପ୍ରବେଶ କରି

 Magazine Downloaded from www.aahwaan.com

ଆସୁଛନ୍ତି । ଆସାମ ସମେତ ପ୍ରାୟ ସମସ୍ତ ଉତ୍ତରପୂର୍ବ ରାଜ୍ୟରେ ସେମାନଙ୍କ ସଂଖ୍ୟା ଆଶାତୀତ ଭାବରେ ଦିନକୁ ଦିନ ବୃଦ୍ଧି ପାଉଛି । ଦୁର୍ଭାଗ୍ୟର କଥା ଏହି ବିଷୟ ଆମ ସରକାରମାନେ ବିଗତ ସତୁରୀ ଦଶକରୁ ଜାଣିବା ସତ୍ତ୍ୱେ କୌଣସି ସରକାର ସେମାନଙ୍କୁ ଦେଶରୁ ବାହାର କରିବା ଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନେଇ ନାହାନ୍ତି । ଏପରି କାହିଁକି ହୋଇଛି ତାହା ବୁଝିବା ଅସମ୍ଭବ ବି ନୁହେଁ ।

ପ୍ରଥମତଃ ଅନୁପ୍ରବେଶକାରୀମାନେ ଅଧିକାଂଶ ମୁସଲମାନ ଧର୍ମାବଲମ୍ବୀ ଏବଂ ଆମ ଦେଶର ପ୍ରତିଷ୍ଠାପର ଠାରୁ ସଂଖ୍ୟାଲଘୁ ତୁଷ୍ଟୀକରଣ ରାଜନୀତି ହେତୁ କେହି ବି ସେମାନଙ୍କୁ ଛୁଇଁ ନାହାନ୍ତି । କାରଣ ମୁସଲମାନ୍ ମାନଙ୍କୁ ଆଜିପର୍ଯ୍ୟନ୍ତ ସମସ୍ତ ରାଜନୈତିକ ଦଳ ନିଜର ଭୋଟ୍ ବ୍ୟାଙ୍କ ଭାବରେ ବ୍ୟବହାର କରି ଆସିଛନ୍ତି । ଧାର୍ମିକ ସ୍ୱାବଲମ୍ବନଶୀଳ ଏବଂ ସ୍ୱାଧୀନତା ନାଁରେ ସେମାନଙ୍କ ସମସ୍ତ ବିଶ୍ୱାସ ଓ ଅନ୍ଧବିଶ୍ୱାସକୁ କେହି ବଦଳାଇବାକୁ ଚେଷ୍ଟା କରିନଥିଲେ । ତିନି ତଲାଖ, ହଲାଲା ଆଦି ପ୍ରଥା ଅନାଦି କାଳରୁ ଚାଲି ଆସୁଥିଲେ ସୁଦ୍ଧା କେହି ତାହା ବନ୍ଦ କରିବା ଭଳି ସାହାସ ଦେଖାଇନଥିଲେ । ମୁସଲମାନ ମହିଳାମାନେ ଏଥିପାଇଁ ଅକଥନୀୟ ଅତ୍ୟାଚାରର ଶୀକାର ହେଉଥିବା ପରିପ୍ରେକ୍ଷୀରେ ସାଂପ୍ରତିକ କେନ୍ଦ୍ର ସରକାର ଦୃଢ଼ ଭାବରେ ଏହି ସବୁ ପ୍ରଥାକୁ ବିରୋଧ କରି ସୁପ୍ରିମ କୋର୍ଟ୍ ପର୍ଯ୍ୟନ୍ତ ଯିବା ଅନେକଙ୍କୁ ଦୁଃଖିତ କରିଥିଲା ଏବଂ ଏହାକୁ ସେମାନେ କେନ୍ଦ୍ର ସରକାରଙ୍କ ମୁସଲମାନ ବିଦ୍ୱେଷ ନୀତି ବୋଲି ଜଣାଇବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ, କିନ୍ତୁ ଆଜିର ଯୁଗରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ହେତୁ ସମସ୍ତେ ଏହି ସବୁ ବିଷୟରେ ଜାଣିବାକୁ ପାଇଲେ ।

ବର୍ତ୍ତମାନ ଆସିବା ଅନଧିକୃତ ଅନୁପ୍ରବେଶକାରୀ ସମସ୍ୟା ଉପରେ ।

 Magazine Downloaded from www.aahwaan.com

ଅନୁପ୍ରବେଶକାରୀମାନେ ସ୍ଥାନୀୟ ଅଧିବାସୀଙ୍କ ପାଇଁ ପ୍ରଜୁଜ୍ୟ ସମସ୍ତ ସୁବିଧା ସୁଯୋଗରେ ଭାଗିଦାର ହେବା ଦ୍ୱାରା ଦେଶର ସମ୍ବଳ ପର୍ଯ୍ୟାପ୍ତ ହେବନାହିଁ । ଏହା ବାସ୍ତବିକ ଚିନ୍ତାର ବିଷୟ । ଚାଳିଶି ଲକ୍ଷ କେବଳ ଆସାମରେ ଅଛନ୍ତି । ମନେ କରନ୍ତୁ ପ୍ରତ୍ୟେକ ବ୍ୟକ୍ତିର ଦୈନିକ ଜୀବିକାଖର୍ଚ୍ଚ ଅନ୍ୟୁନ ପଚାଶଟଙ୍କା ହେଲେ ଏହି ସବୁ ଲୋକଙ୍କ ପାଇଁ ଦୈନିକ ଦୁଇକୋଟି ଓ ମାସକୁ ଷାଠିଏ କୋଟି ଟଙ୍କା ଖର୍ଚ୍ଚ ହେଉଛି । ବର୍ଷକୁ ସାତଶହ କୋଟି ଟଙ୍କାର ସମ୍ବଳ ସେମାନେ ବ୍ୟବହାର କରୁଛନ୍ତି । ସତୁରି ଦଶକରୁ ସେମାନେ ଏଠାରେ ଅଛନ୍ତି, ଏହାର ଅର୍ଥ ବିଗତ ଚାଳିଶି ବର୍ଷରେ ସେମାନେ ଅନ୍ୟୁନ ତିନିହଜାର କୋଟିରୁ ଅଧିକ ସମ୍ବଳ ବ୍ୟବହାର କରିଛନ୍ତି । ଏହା ଏକ ସାମାନ୍ୟ ଆକଳନ ମାତ୍ର, ପ୍ରକୃତ ଖର୍ଚ୍ଚ ଏହାଠାରୁ ଢେର୍ ଅଧିକ ହୋଇଥିବ ଏଥିରେ ଦ୍ୱିମତ ନାହିଁ । ଏହି ସମସ୍ତ ଅର୍ଥ ଆମ ଦେଶର ଜନତାଙ୍କ ପାଇଁ ଖର୍ଚ୍ଚ ହୋଇ ପାରିଥାନ୍ତା ।

ଦ୍ୱିତୀୟତଃ ଅନେକ ମତ ଦିଅନ୍ତି ଯେ ଦେଶ ଭିତରେ ବି ତ ଭିନ୍ନ ରାଜ୍ୟରୁ ଲୋକମାନେ ଅନ୍ୟ ରାଜ୍ୟକୁ ଯାଉଛନ୍ତି ଏବଂ ସେଠାକାର ଲୋକଙ୍କ ଜୀବିକା ଛଡ଼ାଇ ନେଉଛନ୍ତି । ଆମ ଦେଶର ଲୋକମାନେ ବିଦେଶ ବି ଯାଉଛନ୍ତି । ସେମାନଙ୍କୁ ତ କେହି ବାହାରି ଯିବାକୁ ବାଧ୍ୟ କରୁନାହିଁ । ଏହି କ୍ଷେତ୍ରରେ ଆମେ କେବଳ ବୁଝିବାକୁ ହେବ ଯେ ବିଦେଶ ଯାଉଥିବା ବ୍ୟକ୍ତିମାନେ ସେହି ସବୁ ଦେଶର ଆବଶ୍ୟକତାକୁ ଆଖି ଆଗରେ ରଖି ବିଭିନ୍ନ ସଂସ୍ଥାଦ୍ୱାରା କୁଶଳୀ ମାନବସଂସାଧନ ଭାବରେ ରପ୍ତାନୀ ହୋଇଥାନ୍ତି । ସେମାନେ ସେହି ଦେଶକୁ ଯାଇ ସେହି ଦେଶର ଉନ୍ନତି ସାଧନରେ ସହାୟକ ହୋଇଥାନ୍ତି । କିନ୍ତୁ ଭାରତ ଭିତରକୁ ପ୍ରବେଶ କରିଥିବା ଏହି ସବୁ ଅନୁପ୍ରବେଶକାରୀ କେବଳ ଆମ ସଂସାଧନକୁ ନଷ୍ଟ କରିବା ସହିତ ସାମାଜିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବାକୁ ଲାଗିଛନ୍ତି । ବିଗତ ଅନେକ ଦଶନ୍ଧୀ ଧରି ଆସାମ

 Magazine Downloaded from www.aahwaan.com

ଏବଂ ଉଣାଅଧିକ ଅଧିକାଂଶ ଉତ୍ତରପୂର୍ବ ରାଜ୍ୟରେ ହେଇଥିବା ଅସ୍ଥିରତା ପାଇଁ ଏହି ଅନୁପ୍ରବେଶକାରୀଙ୍କୁ ଦୋଷୀ ଭାବରେ ଦର୍ଶାଯାଇଛି । ଯେଉଁଥି ପାଇଁ ରୋହିଙ୍ଗ୍ୟା ମୁସଲମାନ ମାନଙ୍କୁ ବ୍ରହ୍ମଦେଶ ଛାଡ଼ିବା ପାଇଁ ବାଧ୍ୟ କରାଯାଇଥିଲା ଏବଂ ବଙ୍ଗଳାଦେଶ ମଧ୍ୟ ସେମାନଙ୍କୁ ଶରଣ ଦେବାକୁ ମନା କରିଦେଇଥିଲା ତାହା ସମସ୍ତେ ଜାଣିଛନ୍ତି । ଦୁର୍ଭାଗ୍ୟର ବିଷୟ ଆମର ଦେଶର କିଛି ରାଜନୈତିକ ବ୍ୟକ୍ତିତ୍ୱ ସେହିଭଳି ନୃଶଂସ ସମ୍ପ୍ରଦାୟର ହିତୈଷୀ ବୋଲାଇ ସେମାନଙ୍କୁ ଦେଶରେ ସ୍ଥାୟୀତ୍ୱ ଦେବା ସପକ୍ଷରେ ମନ୍ତବ୍ୟ ଦେଉଛନ୍ତି । ଏହା ସେମାନେ କେବଳ ମୁସଲମାନ ମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟ ନେଇ କରୁଛନ୍ତି ବୋଲି କୁହାଯାଉଛି ।

ତୃତୀୟତଃ, ଦୁର୍ଭାଗ୍ୟର ବିଷୟ ଏହା ଯେ ବିଗତ ଶତାବ୍ଦୀରେ ଯେତେବେଳେ କାଶ୍ମୀର ଉପତ୍ୟାକାରେ ଉଗ୍ରବାଦୀ କାର୍ଯ୍ୟକଳାପର ଆରମ୍ଭ ହୋଇଥିଲା ଏବଂ ପାଞ୍ଚଲକ୍ଷ କାଶ୍ମୀର ପଣ୍ଡିତଙ୍କ ପରିବାର ଅସହାୟ ଭାବରେ ନିଜ ଘରଦ୍ୱାର ଛାଡ଼ିବାକୁ ବାଧ୍ୟ ହୋଇଥିଲେ, ସେମାନଙ୍କ ଦୁଃଖ ଓ ଦୁର୍ଦ୍ଦଶା କାହାକୁ ଦେଖା ଦେଇନଥିଲା, ଏବେ ଅନଧିକୃତ ଅନୁପ୍ରବେଶକାରୀଙ୍କୁ ସ୍ୱାଗତ କରିବାପାଇଁ ଯେଉଁମାନେ ଆଗକୁ ଆସୁଛନ୍ତି ସେମାନେ ସେତେବେଳେ କାହିଁକି ନିଷ୍କ୍ରିୟ ହୋଇଯାଇଥିଲେ ତାହା ସନ୍ଦେହ ସୃଷ୍ଟି କରୁଛି ।

ଚତୁର୍ଥତଃ, ଉଣେଇଶ ପଞ୍ଚାଅଶୀ ମସିହାରେ ସ୍ୱର୍ଗତ ରାଜୀବ ଗାନ୍ଧୀ ଅନୁପ୍ରବେଶକୁ ଏକ ସମସ୍ୟ ବୋଲି ଘୋଷଣା କରି ସେମାନଙ୍କୁ ଚିହ୍ନଟ କରି ବିଦାୟ କରାଯିବ ବୋଲି କହିଥିଲେ । ଏହା ପୂର୍ବରୁ ଇନ୍ଦିରା ଗାନ୍ଧୀ ମଧ୍ୟ ଏକ ସାକ୍ଷାତକାରରେ ରୋକଠୋକ୍ କହିଥିଲେ ଯେ ଭାରତର୍ ସମ୍ବଳ ଉପରେ କେବଳ ଭାରତୀୟଙ୍କ ଅଧିକାର ଅଛି । ଅନୁପ୍ରବେଶକାରୀଙ୍କୁ ଯିବାକୁ ପଡ଼ିବ । ଉଣେଇଶ ପଞ୍ଚାନବେ ମସିହାରେ ତତ୍କାଳୀନ ସାଂସଦ

 Magazine Downloaded from www.aahwaan.com

ସୁଶ୍ରୀ ମମତା ବାନାର୍ଜୀ ଅନୁପ୍ରବେଶକାରୀଙ୍କୁ ଦେଶରୁ କାହିଁକି ବିତାଡ଼ିତ କରାଯିବ ନାହିଁ, ବୋଲି କହି ଉପବାଚସ୍ପତିଙ୍କ ଉପରେ ଚିଠା ଫୋପାଡ଼ି ଦେଇଥିଲେ ଏବଂ ଏହା ସେହି ସମୟରେ ଏକ ଉଲ୍ଲେଖନୀୟ ଘଟଣା ଥିଲା । ବିଗତ ଶତାବ୍ଦୀରେ ଅନେକ ସରକାର ଏହି ସମସ୍ୟା ବିଷୟରେ ଚିନ୍ତା ବ୍ୟକ୍ତ କରିଥିଲେ ସୁଦ୍ଧା କେହି ସଠିକ ପଦକ୍ଷେପ ନେଇନଥିଲେ ତେଣୁ ଦିନକୁ ଦିନ ସମସ୍ୟା ବଢ଼ି ଚାଲିଥିଲା ।

ପଞ୍ଚମତଃ, କୁହାଯାଉଛି ଆସାମରେ ଦେଖାଯାଇଥିବା ଚାଳିଶି ଲକ୍ଷ ସଂଖ୍ୟା ମାତ୍ର ଏକ ଉଦାହରଣ, ପଶ୍ଚିମ ବଙ୍ଗରେ ପାଖାପାଖି ଦୁଇକୋଟି ଅନୁପ୍ରବେଶକାରୀ ଅଛନ୍ତି, ଓଡ଼ିଶା ସମେତ ପୂର୍ବୋତ୍ତର ରାଜ୍ୟମାନଙ୍କରେ ମଧ୍ୟ ସେମାନଙ୍କ ସଂଖ୍ୟା ଅଧିକ ବୋଲି ଜଣାଯାଇଛି । ସେମାନେ ଆମ ଦେଶ ଭିତରେ ଏମିତି ପ୍ରବେଶ କରି ସାରିଛନ୍ତି ଯେ ସେମାନଙ୍କୁ ବାଛି ବାହାର କରିବା ଅସମ୍ଭବ ହୋଇଗଲାଣି । ଅନେକ ବ୍ୟକ୍ତି ନିଜ ପାଇଁ ରାସନ କାର୍ଡ଼, ପାନ୍ କାର୍ଡ୍ ଓ ଆଧାର କାର୍ଡ଼ କରିବା ସହ ଘରଦ୍ୱାର କରି ରହିଲେଣି ।

ଷଷ୍ଠତଃ, ଉପରୋକ୍ତ ସମସ୍ତ ରାଜ୍ୟରେ ସଂଗଠିତ ଅଧିକାଂଶ ଅପରାଧରେ ଏହି ସବୁ ଅନୁପ୍ରବେଶକାରୀଙ୍କ ନାମ ଉଣାଅଧିକ ସବୁଠି ଆସୁଛି । ହତ୍ୟା, ଧର୍ଷଣ, ରାହାଜାନୀ ଇତ୍ୟାଦି ଅନେକ ମାମଲାରେ ବଙ୍ଗଳାଦେଶୀଙ୍କ ସଂପୃକ୍ତି ଚିନ୍ତାର ବିଷୟ ହୋଇଛି । ସେଇଥି ପାଇଁ ସେମାନଙ୍କୁ ଦେଶରୁ ବାହାର କରିବାକୁ କେନ୍ଦ୍ରସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଆମେ ମନେକରୁ ।

ଯେଉଁ ସବୁ ରାଜନୈତିକ ଦଳ ଏହି ମାମଲାରେ ହସ୍ତକ୍ଷେପ କରୁଛନ୍ତି ବା ନିଜର ପ୍ରତିକ୍ରିୟା ଦେଖାଉଛନ୍ତି ସେମାନେ କେବଳ ରାଜନୈତିକ ଲାଭ ପାଇଁ ଏହି ଅନଧିକୃତ ଜନସଂଖ୍ୟାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି । ବର୍ତ୍ତମାନ ପଶ୍ଚିମବଙ୍ଗରେ ଜାତିଆଣ ଓ

 Magazine Downloaded from www.aahwaan.com

ଧାର୍ମିକ ଦଙ୍ଗା ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇଛି ଏବଂ ଗଣମାଧ୍ୟମର ନିଷ୍କ୍ରିୟତା ସତ୍ତ୍ୱେ ସାମାଜିକ ଗଣମାଧ୍ୟମ ଦ୍ୱାରା ଏହାର ବ୍ୟାପକ ପ୍ରଚାର ହୋଇଛି । ବିଗତଦିନରେ ଅନେକ ହତ୍ୟାକାଣ୍ଡରେ ଧର୍ମକୁ ନେଇ ଗଣ୍ଡଗୋଳରୁ ହୋଇଛି । ପଶ୍ଚିମବଙ୍ଗ ସରକାରଙ୍କ ମୁସଲମାନ ତୁଷ୍ଟିକରଣ ନୀତିଯୋଗୁଁ ଅନେକ ହିନ୍ଦୁ ପର୍ବପର୍ବାଣୀ ଉପରେ ପ୍ରତିବନ୍ଧ ଲାଗିଥିବା ସମସ୍ତେ ଜାଣନ୍ତି । ଏହି ପରି ପରିସ୍ଥିତିରେ ଯଦି ପଶ୍ଚିମବଙ୍ଗରେ ଏନଆରସି ହୁଏ ତେବେ ଶାସକ ତୃଣମୂଳ କଂଗ୍ରେସର ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାକୁ ଆସିଯାଇପାରେ । ଏହା ଅତ୍ୟନ୍ତ ଚିନ୍ତାର ବିଷୟ । ଦେଖୁ ଦେଖୁ ଦୁଇହଜାର ଉଣେଇଶି ପାଖେଇ ଆସିଲାଣି । ଏବଂ ସମସ୍ତେ ଜାଣିଛନ୍ତି ଯେ ଭାରତର ପ୍ରଧାନମନ୍ତ୍ରୀ ଆସନ ପାଇଁ ମମତା ବାନାର୍ଜୀ ମଧ୍ୟ ଇଚ୍ଛା ପ୍ରକଟ କରିସାରିଛନ୍ତି । ତେଣୁ ସେ ଏହି ସମୟରେ ନିଜ ରାଜ୍ୟରେ ଏନଆରସି କରାଇ ଦେବେନାହିଁ । ଯଦି ହୁଏ ତେବେ ଗୃହଯୁଦ୍ଧ ହେବ ବୋଲି ଜଣାଇ ସେ ସ୍ୱତଃ ନିଜ ଗରିମା ଦର୍ଶାଇ ସାରିଲେଣି । ଦେଖାଯାଉ ଆଗକୁ କଣ ହେଉଛି ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ଯେଉଁ ଚାଳିଶି ଲକ୍ଷ ଲୋକଙ୍କୁ ଚିହ୍ନଟ କରାଯାଇଛି ସେମାନେ କରିବେ କଣ ? ସେମାନଙ୍କୁ ଭାରତରୁ ବିଦାୟ କରିଦେଲେ ବଙ୍ଗଳାଦେଶ ସେମାନଙ୍କୁ ସ୍ୱୀକାର କରିବ କି ? ଯେଉଁମାନେ ଦୁଇ ବା ତିନିଦଶନ୍ଧି ତଳେ ଦେଶ ଛାଡ଼ି ଆସିଥିଲେ ସେମାନେ ଏବେ ସେଠାରେ ରହିବେ କେମିତି ? ସେମାନଙ୍କ ଚିନ୍ତା କରିବା ନା ନିଜ ଘରେ ଯେଉଁ ନିଆଁ କୁହୁଳୁଛି ତା କଥା ଚିନ୍ତା କରିବା ? ଆଗକୁ ଏହି ସଂଖ୍ୟା ନିଶ୍ଚୟ ଭାବରେ ବୃଦ୍ଧି ପାଇବ । ସେମିତିରେ ବି ଏହି ଦେଶରେ ଗରିବ ଓ ଗରିବୀ ଚିରସହଚର । ସେହିପରି ଅବସ୍ଥାରେ ଆମ ଦେଶର ଜନତାକୁ ସଂସାଧନର ଅଭାବ ହେଉଥିବା ବେଳେ ଅନୁପ୍ରବେଶକାରୀଙ୍କୁ ରଖି ସେମାନଙ୍କୁ ସମ୍ବଳ ଓ ସାଧନ ଯୋଗାଇବା ବୁଦ୍ଧିମାନର କାର୍ଯ୍ୟ

 Magazine Downloaded from www.aahwaan.com

ନାହିଁ । ଯଦି ରୋହିଙ୍ଗ୍ୟା ଓ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ରହିବାର ଅଧିକାର କଥା ଉଠେ ତା ହେଲେ କାଶ୍ମୀର ଉପତ୍ୟାକାରେ ପଣ୍ଡିତ ମାନଙ୍କୁ ପୁନଃବସତି ସ୍ଥାପନ କରି ସେମାନଙ୍କୁ ସମ୍ମାନର ସହ ରଖାଇବା ଦାୟିତ୍ୱ ମଧ୍ୟ ସରକାର ନେବା ଉଚିତ । ଏଥିରେ ସମସ୍ତ ରାଜନୈତିକ ଦଳ ସହାୟତା କରିବାକୁ ହେବ । କେବଳ ଯେ ରୋହିଙ୍ଗ୍ୟା ଓ ମୁସଲମାନ ମାନଙ୍କ ପାଇଁ ହିଁ ଲଢ଼େଇ କରିବାକୁ ଆଗେଇ ଆସୁଥିବା ବ୍ୟକ୍ତିମାନେ ଦେଶର କି ଉନ୍ନତି କରିବେ ତାହା ସାଧାରଣ ଜନତା ଭଲରେ ଜାଣି ସାରିଲେଣି । ତେଣୁ ଅନୁପ୍ରବେଶକାରୀଙ୍କ ସମର୍ଥନ କରିବା ବନ୍ଦ କରି ସେମାନଙ୍କୁ ଯଥାଶୀଘ୍ର ଦେଶ ଛାଡ଼ି ଯିବାପାଇଁ କୁହାଯାଉ ।

ବୀମା ନଗର, ବ୍ରହ୍ମପୁର

୭୬୦୦୧୦, ଓଡ଼ିଶା

 Magazine Downloaded from www.aahwaan.com

# ଭଗବାନ ଦତ୍ତାତ୍ରେୟଙ୍କ ୨୪ ଗୁରୁ

ଭଗବାନ ଦତ୍ତାତ୍ରେୟ ୨୪ ଜଣଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ । ସେ ବତାଇଛନ୍ତି ଯେ, ଯାହାଠାରୁ ମଧ୍ୟ ଆମକୁ କିଛି ଶିଖିବାକୁ ମିଳେ, ତାହା ଶିକ୍ଷା କରିବା ପାଇଁ ଯତ୍ନବାନ ହେବା ଉଚିତ । ସେ ଗୁରୁ ବୋଲି ମାନି ଜୀବନର ବହୁମୂଲ୍ୟ ତତ୍ତ୍ୱ ଶିଖିଥିବା ୨୪ଗୁରୁଙ୍କ ମଧ୍ୟରେ ମାନବ, ପଶୁ, ପକ୍ଷୀ, କୀଟ ପତଙ୍ଗ ଏବଂ ଭୌତିକ ବସ୍ତୁମାନ ସାମିଲ ଅଛନ୍ତି । ଏଠାରେ ସେହି ୨୪ ଗୁରୁ ଏବଂ ତାଙ୍କଠାରୁ ମିଳିଥିବା ଶିକ୍ଷା ସମ୍ବନ୍ଧରେ ସଂକ୍ଷିପ୍ତରେ ଆଲୋଚନା କରିବା । ଏହି ସମସ୍ତ ବିଷୟ ଶ୍ରୀମଦ ଭାଗବତ ମହାପୁରାଣର ଏକାଦଶ ସ୍କନ୍ଦରେ ବର୍ଣ୍ଣିତ ଅଛି । ଦତ୍ତାତ୍ରେୟଙ୍କୁ ସେଠାରେ 'ଅବଧୁତ' ବୋଲି କୁହାଯାଇଛି ।

(୧) - ସୂର୍ଯ୍ୟ

ଭଗବାନ ଦତ୍ତାତ୍ରେୟ ସୂର୍ଯ୍ୟଙ୍କଠାରୁ ଶିଖିଥିଲେ ଯେ, ଯେଭଳି ସୂର୍ଯ୍ୟ ଏକ ହୋଇଥିଲେ ମଧ୍ୟ ଭିନ୍ନ ଭିନ୍ନ ମାଧ୍ୟମରେ ଅଲଗା ଅଲଗା ଦେଖାଯାଆନ୍ତି । ଠିକ୍ ସେମିତି ଆତ୍ମା ମଧ୍ୟ ଏକ, ଯାହା ଆମକୁ ଭିନ୍ନ ଭିନ୍ନ ରୂପରେ ଦେଖାଯାଏ ।



ପ୍ରତିଭା ପ୍ରିୟଦର୍ଶିନୀ

(୨) - ଚନ୍ଦ୍ରମା

ଆମର ଆତ୍ମା ଲାଭ-କ୍ଷତି ଠାରୁ ଉର୍ଦ୍ଧ୍ୱରେ । ଠିକ୍ ଯେମିତି ଚନ୍ଦ୍ରମାର କ୍ଷୟ-ବୃଦ୍ଧି ଅନୁସାରେ ତା ଜ୍ୟୋତ୍ସ୍ନାର ଔଜ୍ଜ୍ୱଲ୍ୟ ଓ ଶୀତଳତା ବିଶେଷ

 Magazine Downloaded from www.aahwaan.com

ପ୍ରଭାବିତ ହୁଏନାହିଁ, ବରଂ ସର୍ବଥା ଏକପ୍ରକାର ରହେ । ସେହିଭଳି ଆତ୍ମା ମଧ୍ୟ କୌଣସି ଲାଭ-କ୍ଷତି ଦେଖି ପରିବର୍ତ୍ତିତ ହୁଏନାହିଁ ।

(୩) - ପୃଥିବୀ

ପୃଥିବୀ ମାତାଠାରୁ ଆମେ ସହନଶୀଳତା ଓ ପରୋପକାରର ଭାବନା ଶିକ୍ଷା କରିପାରିବା । ମନୁଷ୍ୟ ପୃଥିବୀ ଉପରେ ଅନେକ ଆଘାତ କରେ । ଉତ୍ପାତ କରେ । ଖନନ କାର୍ଯ୍ୟ କରେ । କିନ୍ତୁ ଧରିତ୍ରୀ ମାତା ସମସ୍ତ ଆଘାତ ସହନ କରନ୍ତି ଓ ପରୋପକାର ଭାବନା ରଖି ଖାଦ୍ୟାନ୍ନ ଉପୁଯାଇ ଜୀବନ ପ୍ରତିପାଳନ କରନ୍ତି ।

(୪) - ଆକାଶ

ଆକାଶ ଭଳି ସମସ୍ତ ଦେଶ (ସ୍ଥାନ), ପରିସ୍ଥିତି ଓ କାଳ (ସମୟ)ରେ ମୋହ (attachment) ଠାରୁ ଦୂରେଇ ରହିବା ଉଚିତ ।

(୫) - ବାୟୁ

ଭଗବାନ ଦତ୍ତାତ୍ରେୟଙ୍କ ଅନୁସାରେ, ଯେପରି ଭଲ ବା ଖରାପ ସ୍ଥାନରେ ପ୍ରବାହିତ ହେଉଥିଲେ ମଧ୍ୟ ବାୟୁର ମୂଳ ସ୍ୱରୂପ ସ୍ୱଚ୍ଛ ରହିଥାଏ । ସେହିପରି, ଆମେ ମାନେ ସଜ୍ଜନ ବା ଦୁର୍ଜନଙ୍କ ସଙ୍ଗେ ରହିଲେ ମଧ୍ୟ ନିଜସ୍ୱ ସୁଗୁଣ ପରିତ୍ୟାଗ କରିବା ଅନୁଚିତ ।

(୬) - ଅଗ୍ନି

ଜୀବନରେ ଯେଭଳି ପରିସ୍ଥିତି ଆସିବ, ତଦନୁସାରେ ନିଜକୁ ଖାପ ଖୁଆଇନେବା ଗୁଣ ଅଗ୍ନିଠାରୁ ଶିଖିଥିଲେ ଦତ୍ତା ଭଗବାନ ।

(୭) - ଜଳ

ଭଗବାନ ଦତ୍ତାତ୍ରେୟ ଜଳଠାରୁ ସଦା ପବିତ୍ର ରହିବା ଶିଖିଥିଲେ ।

(୮) - ସମୁଦ୍ର

 Magazine Downloaded from www.aahwaan.com

ଯେପରି ସମୁଦ୍ର ଢେଉ ଜୁଆର ଭଟ୍ଟା ସତ୍ତ୍ୱେ ସର୍ବଦା ଗତିଶୀଳ ରହିଥାଏ, ସେମିତି ଜୀବନରେ ଉଚ୍ଚ-ନୀଚ ସମୟ ଆସୁଥିଲେ ସୁଦ୍ଧା ଆମେ ନିରନ୍ତର ଖୁସି ଏବଂ କର୍ମ ଚଞ୍ଚଳ ରହିବା ଉଚିତ ।

(୯) - ଶିଶୁ

ଶିଶୁମାନେ ଯେମିତି ସର୍ବଦା ଚିନ୍ତାମୁକ୍ତ ଓ ପ୍ରସନ୍ନଚିତ୍ତ ରୁହନ୍ତି, ସେହିଭଳି ଆମେମାନେ ମଧ୍ୟ ସଦା ପ୍ରସନ୍ନ ରହିବାକୁ ଚେଷ୍ଟା କରିବା ଉଚିତ ।

(୧୦) - କୁମାରୀ କନ୍ୟା

ଦତ୍ତା ଭଗବାନ ଥରେ ଧାନ କୁଟୁଥିବା କୁମାରୀ କନ୍ୟାଟିଏ ଦେଖିଲେ । ଧାନ କୁଟିବା ସମୟରେ ତା' ହାତର ଚୁଡି ଖୁବ୍ ଶବ୍ଦ କରୁଥାଏ । ବାହାରେ ବସିଥିବା ଅତିଥିମାନଙ୍କୁ ଏହି ଶବ୍ଦ ବିରକ୍ତ କରୁଥିଲା । ଶବ୍ଦକୁ କମ୍ କରିବା ପାଇଁ କନ୍ୟାଟି ପ୍ରଥମେ କିଛି ଚୁଡି କାଢିଦେଲା, ତଥାପି ଶବ୍ଦ ନ କମିବାରୁ ମାତ୍ର ପଟିଏ ଲେଖାଏଁ ଚୁଡି ରଖି ବାକିତକ ବାହାର କରିଦେଲା ଓ ବିନା ଶବ୍ଦରେ ଧାନ କୁଟିବାକୁ ଲାଗିଲା । ଆମେ ମାନେ ମଧ୍ୟ ଗୋଟିଏ ଲେଖାଏଁ ଚୁଡି ଭଳି ଏକାନ୍ତରେ ନିରବ ରହି ଆଗକୁ ବଢିବା ପାଇଁ ପ୍ରୟାସ କରିବା ଉଚିତ ।

(୧୧) - ଶର ତିଆରି କରୁଥିବା ବ୍ୟକ୍ତି

ଦତ୍ତାତ୍ରେୟ ଏପରି ଜଣେ ଶର ତିଆରି କରୁଥିବା ବ୍ୟକ୍ତିକୁ ଦେଖିଲେ, ଯିଏ ତୀର ତିଆରି କାର୍ଯ୍ୟରେ ଏତେ ମଗ୍ନ ରହିଥିଲା ଯେ, ତା ପାଖଦେଇ ରାଜାଙ୍କ ପଟୁଆର ଯିବା ମଧ୍ୟ ତାକୁ ଜଣାପଡିଲା ନାହିଁ କିମ୍ବା ତା'ର ଧ୍ୟାନଭଙ୍ଗ ହେଲାନାହିଁ । ତେଣୁ ଆମକୁ ମଧ୍ୟ ଅଭ୍ୟାସ ଓ ବୈରାଗ୍ୟ ବଳରେ ମନକୁ କାବୁ କରିବାକୁ ହେବ ।

(୧୨) - ପିଙ୍ଗଳା ବେଶ୍ୟା

ପିଙ୍ଗଳା ନାମ୍ନୀ ବେଶ୍ୟା ଧନୀକ ଗ୍ରାହକ ଅପେକ୍ଷାରେ ଅନ୍ୟ ଗ୍ରାହକଙ୍କୁ ଫେରାଇ ସାରା

 Magazine Downloaded from www.aahwaan.com

ରାତି ଅନିଦ୍ରାରେ ବିତାଇଲା । ସେହି ବିନିଦ୍ର ନିଶି ତା ମନରେ ବୈରାଗ୍ୟର ଭାବ ଉଦ୍ରେକ କରାଇଲା ଏବଂ ସେ ବୁଝିପାରିଲା, ପ୍ରକୃତ ସୁଖ ଅର୍ଥପ୍ରାପ୍ତିରେ ନାହିଁ । ବରଂ ପରମାତ୍ମାଙ୍କ ଧ୍ୟାନରେ ମିଳେ । ଏହି ସତ୍ୟ ହୃଦୟଙ୍ଗମ କରିବା ପରେ ସେ ପ୍ରତିରାତ୍ରି ସୁଖନିଦ୍ରା ଗଲା । ଅତଏବ ପିଙ୍ଗଳା ଠାରୁ ଦତ୍ତାତ୍ରେୟ ଶିଖିଥିଲେ ଯେ ଆମେ କେବଳ ଅର୍ଥ ସର୍ବସ୍ୱ ଧେୟ ନେଇ ବଞ୍ଚିବା ଉଚିତ ନୁହେଁ ।

(୧୩) - ହାତୀ

ହାତୀଟିଏ ହସ୍ତିନୀ ସମ୍ପର୍କରେ ଆସିବା ମାତ୍ରେ ତା ପ୍ରତି ଆସକ୍ତ ହୋଇ ମତ୍ତ ହୁଏ । ତେଣୁ ହାତୀଠାରୁ ଶିଖିବାକୁ ହେବ ଯେ, ତପସ୍ୱୀ ପୁରୁଷ ଓ ସନ୍ୟାସୀମାନେ ନାରୀଠାରୁ ଦୂରେଇ ରହିବା ଉଚିତ ।

(୧୪) - ସାପ

ଭଗବାନ ଦତ୍ତାତ୍ରେୟ ସାପଠାରୁ ଶିକ୍ଷା କରିଥିଲେ ଯେ, ଜଣେ ସନ୍ୟାସୀ ଏକାକୀ ଜୀବନ ବ୍ୟତିତ କରିବା ଉଚିତ । ଗୋଟିଏ ସ୍ଥାନରେ ସ୍ଥାଣୁ ନରହି ଭିନ୍ନ ଭିନ୍ନ ସ୍ଥାନକୁ ପ୍ରବାସରେ ଯାଇ ନିଜେ ଆହରଣ କରିଥିବା ଜ୍ଞାନ ବାଣ୍ଟିବା ଉଚିତ ।

(୧୫) - ମୃଗ

ମୃଗଟିଏ ନିଜ ଡିଆଁକୁଦା ଓ ମଉଜମସ୍ତିରେ ଏତେ ବେଶୀ ହଜିଯାଏ, ଯାହା ଫଳରେ ତାକୁ ନିଜ ଚାରିପାଖରେ ଥିବା ହିଂସ୍ରଜନ୍ତୁଙ୍କ ଉପସ୍ଥିତିର ଆଭାସ ସହଜେ ହୁଏନାହିଁ ଏବଂ ସେ ସେମାନଙ୍କ ଶିକାର ହୋଇ ପ୍ରାଣହରାଏ । ଏଥିରୁ ଜୀବନରେ ଏହି ଶିକ୍ଷା ନିଆଯାଇପାରେ, ସୁଖ ସମ୍ଭୋଗରେ ମଜ୍ଜି ଆମେ ମାନେ ଦାୟିତ୍ୱହୀନ ଏବଂ ଅମନଶୀଳ ହେବାନାହିଁ ।

(୧୬) - ଅଜଗର

 Magazine Downloaded from www.aahwaan.com

ଯାହାବି ମିଳିବ ଖୁସି ଖୁସି ତାକୁ ସ୍ୱୀକାର କରିବା ଆମର ଧର୍ମ ହବା ଉଚିତ ତଥା ଆମେ ଜୀବନରେ ପରମ ସନ୍ତୋଷୀ ହେବା ଉଚିତ ବୋଲି ଦତ୍ତା ଭଗବାନ ଅଜଗର ଠାରୁ ଶିଖିଥିଲେ ।

(୧୭) - କପୋତ

କପୋତ ଦମ୍ପତ୍ତି ପାରସ୍ପରିକ ପ୍ରେମରେ ବୁଡି ସଂସାର ମୋହରେ ଆବିଷ୍ଟ ଥିଲେ । ତେଣୁ ନିଜ ସନ୍ତାନ ମାନଙ୍କୁ ବ୍ୟାଧ ଜାଲରେ ପଡିଥିବା ଦେଖି ମୋହପାଶ ଯୋଗୁଁ ନିଜେ ସ୍ୱେଛାରେ ଯାଇ ଜାଲରେ ପଡିଲେ । ଏହି ଘଟଣା ଦେଖି ଦତ୍ତାତ୍ରେୟ କପୋତ ଜୀବନରୁ ଶିକ୍ଷାକଲେ ଯେ, କାହାରି ପ୍ରତି ଅତ୍ୟଧିକ ସ୍ନେହ ଓ ଅନୁରାଗ ଦୁଃଖର କାରଣ ହୋଇଥାଏ ।

(୧୮) - କୁରର ପକ୍ଷୀ

ଏହି ପକ୍ଷୀଟି ନିଜେ ସଂଗ୍ରହ କରିଥିବା ମାଂସ ଟୁକୁଡାକୁ ଥଣ୍ଟରେ ଚାପି ଧରିଥାଏ । ଅନ୍ୟ ବଳବାନ ପକ୍ଷୀ ମାନେ ତା ଠାରୁ ସେହି ମାଂସ ଖଣ୍ଡକ ଛଡାଇନେବା ପାଇଁ ପ୍ରୟାସ କରି ତାକୁ ବ୍ୟତିବ୍ୟସ୍ତ କରିପକାନ୍ତି । ଥଣ୍ଟରୁ ମାଂସ ଖଣ୍ଡକ ଛାଡିଦେବା ପରେହିଁ କୁରର ପକ୍ଷୀକୁ ଶାନ୍ତି ମିଳେ । ଏହି ପକ୍ଷୀଠାରୁ ଆମେ ଶିଖିବା ଉଚିତ ଯେ, ବସ୍ତୁକୁ ପାଖରେ ଜାବୁଡି ରଖିବାର ମାନସିକତା ପରିହାର କରିବା ଶ୍ରେୟସ୍କର ।

(୧୯) - ମାଛ

ଯେଭଳି ମାଛଟିଏ ବନିଶୀକଣ୍ଟା ଅଗରେ ଲାଗିଥିବା ସାମାନ୍ୟ ଖାଦ୍ୟ ଲୋଭରେ ଯାଇ ଆପଣା ପ୍ରାଣ ହରାଏ, ସେହିଭଳି ଆମେ ମାନେ ମଧ୍ୟ ରସନା ଲାଳସାକୁ ଅଧିକ ମହତ୍ତ୍ୱ ଦେବା ଅନୁଚିତ । ଆମେ ଏପରି ଭୋଜନ ଗ୍ରହଣ କରିବା ଉଚିତ ଯାହା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ।

(୨୦) - ବୁଢିଆଣୀ

 Magazine Downloaded from www.aahwaan.com

ସେ ବୁଢିଆଣୀ ଠାରୁ ଶିଖିଥିଲେ ଯେ, ଭଗବାନ ମାୟାଜାଲ ସୃଷ୍ଟି କରନ୍ତି ଆଉ ସମୟ ଆସିଲେ ତାକୁ ନିଜେ ହିଁ ନଷ୍ଟ କରିଦିଅନ୍ତି, ଯେମିତି ବୁଢିଆଣୀ ଟିଏ ନିଜେ ଜାଲବୁଣେ, ତହିଁରେ ବିଚରଣ କରେ ଓ ଶେଷରେ ନିଜେ ଜାଲଟିକୁ ଗିଳିଦିଏ । ଭଗବାନ ମଧ୍ୟ ସେହିଭଳି ମାୟାରୁ ସଂସାର ରଚନା କରନ୍ତି ଓ ଶେଷରେ ନିଜେହିଁ କାଳ ଗର୍ଭରେ ତାକୁ ନଷ୍ଟ କରିଦିଅନ୍ତି ।

(୨୧) - ଭଅଁର

ଭଅଁର ଯେପରି ଅଲଗା ଅଲଗା ଫୁଲରୁ ପରାଗ ଗ୍ରହଣ କରିଥାଏ, ଠିକ୍ ସେମିତି, ଆମେ ମଧ୍ୟ ଯେଉଁଠି ଜ୍ଞାନାମୃତ ପାଇବା, ତାକୁ ସଂଗ୍ରହ କରିନେବା ଉଚିତ ।

(୨୨) - ଭୃଙ୍ଗୀ କୀଟ

ଏହି କୀଟ ଠାରୁ ସେ ଶିଖିଥିଲେ, ଭଲ ହେଉ ବା ମନ୍ଦ, ଆମେ ଯେପରି ଚିନ୍ତନରେ ମନୋନିବେଶ କରିବା, ଆମ ମନ ସେହିପରି ହୋଇଯିବ ।

(୨୩) - ମହୁମାଛି

ମହୁମାଛିମାନେ ତାଙ୍କ ଫେଣାରେ ମହୁ ଠୁଳ କରି ରଖନ୍ତି, ଯାହାକୁ ପରବର୍ତ୍ତି ସମୟରେ ମଣିଷ କାଢିନିଏ । ଏଥିରୁ ଆମେ ଶିକ୍ଷା କରିବା ଉଚିତ ଯେ ଆବଶ୍ୟକତା ଠାରୁ ଅଧିକ ସମ୍ପଦ ଠୁଳ କରିବା ଅନାବଶ୍ୟକ । ଲୋଭ ପରିତ୍ୟାଗ କରିବା ।

(୨୪) - ପତଙ୍ଗ

ପତଙ୍ଗଟିଏ ଅଗ୍ନିଶିଖା ପ୍ରତି ଆକର୍ଷିତ ହୋଇ ମୃତ୍ୟୁବରଣ କରେ । ତା ଠାରୁ ଶିଖିବା ଉଚିତ ଯେ, ରଙ୍ଗ-ରୂପର ଆକର୍ଷଣ ଏବଂ ମିଥ୍ୟା ମୋହଜାଲରେ ଘାଣ୍ଟିହେବା ଠିକ୍ ନୁହେଁ ।

ପ୍ଲଟ ନଂ - ୫, ଶକ୍ତି ନଗର

ଲିଙ୍କରୋଡ଼ , କଟକ - ୧୨

 Magazine Downloaded from www.aahwaan.com

# ସକାରାତ୍ମକ ଚିନ୍ତାଧାରା

ବିଭିନ୍ନ ପରିସ୍ଥିତିରେ, ସୁଖରେ, ଦୁଃଖରେ ନିଜର ଦୃଷ୍ଟିଭଙ୍ଗୀ କୁ ଠିକ ରଖି ପାରିଲେ ମାନବ ଜୀବନ ଉନ୍ନତ ହୁଏ । ବିଭିନ୍ନ ପ୍ରକାର ଆପଦ ବିପଦରେ ନିଜକୁ ସ୍ଥିର ରଖିବା କଷ୍ଟ କର ହୁଏ । ସେଥିପାଇଁ ସାଧନା କରିବାକୁ ହୁଏ । ମହାତ୍ମାମାନେ ବତାଇଥିବା ମାର୍ଗକୁ ଅନୁସରଣ କରିବାକୁ ହୁଏ । ମହାତ୍ମାମାନଙ୍କ ମାର୍ଗ ଅନୁସରଣ କଲେ ସେଥିରୁ ଅନେକ ମୂଲ୍ୟବାନ ସୂତ୍ର ସବୁର ପ୍ରାପ୍ତିହୁଏ । ସେହି ସୂତ୍ର ସବୁର ପାଳନ କଲେ ମନୁଷ୍ୟ ଦୁଃଖ, ଦୁର୍ଯୋଗ, ସଙ୍କଟ ଏବଂ ଅଶାନ୍ତିରୁ ସ୍ଥିର ଚିତ୍ତରେ ଉନ୍ମୁକ୍ତ ହୋଇ ପାରେ । ସବୁ ପ୍ରକାର ଶାନ୍ତିର ଆଧାର ହେଲା ସକାରାତ୍ମକ ଚିନ୍ତାଧାରା । ସକାରାତ୍ମକ ଚିନ୍ତାଧାରାର ବିକାଶ ନିମନ୍ତେ ଆମକୁ ବିଭିନ୍ନ ମହାପୁରୁଷ ମାନଙ୍କ କାର୍ଯ୍ୟକଳାପରୁ ଶିକ୍ଷା ଆହରଣ କରିବାକୁ ହୋଇଥାଏ ।



ଶ୍ରୀ ରମା କାନ୍ତ ମିଶ୍ର

ଆମେ ଦୁଇଟି ଉଦାହରଣରୁ ସକାରାତ୍ମକ ଚିନ୍ତାଧାରା ସମ୍ବନ୍ଧରେ ଆଲୋଚନା କରିବା :-

ପ୍ରଥମ ଉଦାହରଣ : ଥରେ ଜଣେ ବୃଦ୍ଧ ଲୋକ ଅପର ଜଣଙ୍କୁ ସାହାଯ୍ୟ କରିବା ବେଳେ ତାଙ୍କର ଗୋଡ଼ ଭାଙ୍ଗିଗଲା । ବୃଦ୍ଧ ଜଣଙ୍କ ଥିଲେ ବଦରାଗି ପ୍ରକୃତିର ତେଣୁ  ସେ କଷ୍ଟ ସମୟରେ ନିଜକୁ ବିଭିନ୍ନ ପ୍ରକାର

Magazine Downloaded from www.aahwaan.com

ନକରାତ୍ମକ ଚିନ୍ତାଧାରାରେ ଆହୁରି କଷ୍ଟ ପହଞ୍ଚାଇବାକୁ ଚେଷ୍ଟା କଲେ । ଯେପରି ସେ ଦୁଃଖ ପ୍ରକାଶ କରି କହିଲେ - "ମୋର ଭାଗ୍ୟ ଖରାପ, ମୁଁ କାହିଁକି ପରର ଉପକାର କରିବାକୁ ଯାଉଥିଲି ? ତା'ଫଳରେ ଆଜି ଏ କଷ୍ଟ ଭୋଗ କଲି । ଭଗବାନ ଏପରି ନିର୍ଦ୍ଦୟୀ ଯେ ମୋ ଭଳି ପରୋପକାରୀ ଲୋକର ଗୋଡ଼ ଭାଙ୍ଗିଦେଲେ । କଳି ଯୁଗରେ ଅଧର୍ମର ବିଜୟ ହୁଏ ଆଉ ଧର୍ମର ଏ ପ୍ରକାର ଦୁଃଖ ହୁଏ । ଯିଏ ପରର ମଙ୍ଗଳ କଲା ଭଗବାନ ତାକୁ ହିଁ ଶାସ୍ତି ଦେଉଛନ୍ତି । ଭଗବାନଙ୍କର ବି ବିଚାର ନାହିଁ ଆଉ ମଣିଷ କଥା କଣ କହିବା ?" ବୃଦ୍ଧବ୍ୟକ୍ତି ଏହି ଯେଉଁ କଥାଗୁଡ଼ିକ କହିଲେ ତାହା ତାଙ୍କର ମନର ଭାବାବେଗ ଗୁଡ଼ିକର ପରିପ୍ରକାଶ । କିନ୍ତୁ ଏହି କଥାଟିକୁ ଟିକିଏ ବଦଳାଇ କହିଥିଲେ ଏପରି ଶୁଣା ଯାଇଥାନ୍ତା - "ପରମେଶ୍ୱରଙ୍କ ଅସୀମ ଦୟା, ମୁଁ ପରୋପକାର କରିବାକୁ ଯାଇଥିଲି ବୋଲି ଠାକୁରେ ମତେ ଅଳ୍ପକେ ରକ୍ଷା କରିଦେଲେ; କେବଳ ମାତ୍ର ମୋ ଗୋଡ଼ଟି ଭାଙ୍ଗିଗଲା ନ ହେଲେ ଆହୁରି କିଛି ଭୟଙ୍କର ହୋଇଥାନ୍ତା । କିଛି ବଡ଼ ବିପର୍ଯ୍ୟୟ ହୋଇଥାନ୍ତା । ପରମେଶ୍ୱରଙ୍କ ସତ୍ କାର୍ଯ୍ୟ କରିଥିବା ହେତୁ ସେ ମତେ କେତେ ବଡ଼ ବିପଦରୁ ରକ୍ଷା କଲେ ।"

ଉପରୋକ୍ତ ଗୋଟିଏ ଘଟଣାରେ ଦୁଇ ପ୍ରକାର ଭାବନା ଦିଆ ଯାଇଅଛି । ପ୍ରଥମଟି ହେଲା ନକାରାତ୍ମକ ଯାହା ଫଳରେ କଷ୍ଟ ବେଶୀ ହୁଏ ଆଉ ଦ୍ୱିତୀୟଟି ହେଲା ସକାରାତ୍ମକ ଯାହାଦ୍ୱାରା କଷ୍ଟ ସମୟରେ ମଧ୍ୟ ଆନନ୍ଦ ମିଳେ, ସକାରାତ୍ମକ ଚିନ୍ତାଧାରା ସବୁବେଳେ ଜୀବନକୁ ସୁଖ ଆଉ ଶାନ୍ତିରେ ଚଳାଇବାକୁ ସକ୍ଷମ ହୁଏ । ଦୃଷ୍ଟିକୋଣ ବଦଳି ଗଲେ ଜୀବନ ଉନ୍ନତ ଦିଗକୁ ଗତି କରେ । ନିମ୍ନରେ ସକାରାତ୍ମକ ଚିନ୍ତାଧାରା ଉପରେ ଆଉ ଗୋଟିଏ ଉଦାହରଣ ଦେବା :-

କୌଣସି ଏକ ଗ୍ରାମରେ ଜଣେ ପହିଲମ୍ୟାନ ଆଉ ଜଣେ ଇଟାଭାଟିର ଶ୍ରମିକ ରହୁ ଥିଲେ ।

 Magazine Downloaded from www.aahwaan.com

ପହିଲମାନ ଦିନଯାକ ପରିଶ୍ରମ କରି ନିଜର ଅଙ୍ଗ ସୌଷ୍ଠବ ବଜାୟ ରଖିବା ପାଇଁ ଚେଷ୍ଟା କରୁଥିଲେ ଆଉ ସେଥିରେ ସଫଳ ମଧ୍ୟ ହେଉଥିଲେ । ସେ ସଦା ସର୍ବଦା ପ୍ରଫୁଲ୍ଲ ରହୁଥିଲେ । ଲୋକମାନେ ତାଙ୍କ ସାଙ୍ଗ ସୁଖ ପାଇବାପାଇଁ ଲାଳାୟିତ ରହୁଥିଲେ । ଆର ଜଣକ ଇଟାଭାଟିର ଶ୍ରମିକ ନିଜକୁ ଅତ୍ୟନ୍ତ ଦୀନ ହୀନ ଆଉ ନଗଣ୍ୟ ମନେ କରୁଥିଲେ । ସେ ସବୁବେଳେ ସବୁ କଥାରେ ନକାରାତ୍ମକ ଚିନ୍ତା କରୁଥିଲେ । ଫଳରେ ତାଙ୍କର ପ୍ରତି କଥାରେ ଅସନ୍ତୋଷର ଅଗ୍ନି ମାଡ଼ି ଆସୁଥିଲା । ତେଣୁ ପାଖ ପଡ଼ୋଶୀ କେହି ତାଙ୍କ ପାଖ ମାଡୁ ନଥିଲେ । ତାଙ୍କ ସହିତ କଥାବାର୍ତ୍ତା କରି କେହିବି ଆନନ୍ଦିତ ହେଉ ନଥିଲେ କାରଣ ସେ ନିଜେ ବି କେବେ ସୁଖ ଶାନ୍ତିରେ ରହୁ ନଥିଲେ । ଥରେ ଗାଁକୁ ଜଣେ ମହାତ୍ମା ଆସିଲେ । ସେ ଗାଁର ସବୁ ଲୋକଙ୍କ ସହିତ ମିଶିଲେ । ତା'ପରେ ସେ ନିଷ୍ଚିତ କଲେ ଗ୍ରାମର ସବୁଠାରୁ ସୁଖୀ ଲୋକ ସେହି ପହିଲମାନ ସହିତ କଥାବାର୍ତ୍ତା କରିବା ପାଇଁ ଆଉ ସେହି ଗ୍ରାମର ସବୁଠାରୁ ଦୁଃଖୀ ଲୋକ ସେହି ଇଟାଭାଟିର ଶ୍ରମିକ ସହିତ ମଧ୍ୟ କଥାବାର୍ତ୍ତା କରିବା ପାଇଁ ସ୍ଥିର କଲେ । ସେ ଜାଣିବାକୁ ଚାହିଁଲେ ଏକା ମାଟି, ପାଣି, ପବନ ଆଉ ଭୋଜନ ଗ୍ରହଣ କରୁଥିଲେ ମଧ୍ୟ ଦୁଇ ଲୋକ ଦୁଇ ପ୍ରକାରର କାହିଁକି ହୋଇ ଯାଉଛନ୍ତି ?

ସେ ଆଗ ପହିଲମାନକୁ ତାଙ୍କ ପାଖକୁ ଡାକିଲେ, ପାଖରେ ବସାଇଲେ ଓ ପଚାରିଲେ ତୁମେ କଣ ଖାଇ ଏତେ ସୁନ୍ଦର ଶରୀର ଗଠନ କରିଛ ଏବଂ କେମିତି ଏତେ ପ୍ରଫୁଲ୍ଲ ରହି ପାରୁଛ ? ପହିଲମାନ ତାଙ୍କୁ କହିଲେ - "ଆଜ୍ଞା ମୁଁ ପ୍ରତିଦିନ ଚଣାକୁ ମୋର ମୁଖ୍ୟ ଖାଦ୍ୟ ରୂପରେ ଗ୍ରହଣ କରେ; କାରଣ ଚଣା ଏକ ପୁଷ୍ଟିକର ଖାଦ୍ୟ । ଏହି ଚଣାକୁ ଖାଇ ଘୋଡ଼ା ଅଶ୍ୱ ଶକ୍ତି ବହନ କରୁଛି ଏବଂ ଅନ୍ୟାନ୍ୟ ଭାରବାହୀ ଜୀବଙ୍କ ଠାରୁ ଉନ୍ନତତର କାର୍ଯ୍ୟ କରିବା ପାଇଁ ସକ୍ଷମ ହେଉଛି । ସେହି ଚଣାକୁ ଖାଇ ପ୍ରତିଦିନ ମୁଁ ବ୍ୟାୟାମ କରି ଏ ପ୍ରକାର ସୁନ୍ଦର ଶରୀର ଗଠନ

 Magazine Downloaded from www.aahwaan.com

କରିଛି । ମୋ ଶରୀର ସୁସ୍ଥ ଥିବାରୁ ମୋ ମନ ମଧ୍ୟ ସୁସ୍ଥ ଅଛି ଏବଂ ମୁଁ ପ୍ରତିଦିନ ଆହୁରି ବେଶୀ ବ୍ୟାୟାମ  କରିବା ପାଇଁ ଚେଷ୍ଟା କରୁଛି ।"

ତା ପରେ ମହାତ୍ମା ଜଣଙ୍କ ସେହି ଇଟାଭାଟିର ଶ୍ରମିକଙ୍କୁ ନିଜ ପାଖରେ ଡାକି କରି ବସାଇଲେ । ଶ୍ରମିକ ଜଣଙ୍କ ସବୁବେଳେ ଚିନ୍ତାଗ୍ରସ୍ଥ ଏବଂ ଦୁଃଖିତ ରହୁଥିଲେ । ତାଙ୍କର ଶରୀର ମଧ୍ୟ ଅତ୍ୟନ୍ତ କ୍ଷୀଣ ଥିଲା । ତାଙ୍କୁ ମହାତ୍ମା ସେହି ପ୍ରଶ୍ନ ପଚାରିଲେ ଯେ ତୁମେ କଣ ଖାଉଛ ଏବଂ କାହିଁକି ସବୁବେଳେ ଦୁଃଖ କଷ୍ଟରେ ରହୁଛ ? ଶ୍ରମିକ ଜଣଙ୍କ ଅତି କାକୁତି ମିନତୀ ହୋଇ କହିଲା - "ଆଜ୍ଞା ମୁଁ ବହୁତ କମ ରୋଜଗାର କରେ ଫଳରେ କୌଣସି ଭଲ ଜିନିଷ ଖାଇ ନପାରି ସବୁଠାରୁ ଶସ୍ତା ଜିନିଷ ଚଣା ଖାଏ । ଖାଲି ଚଣା ଖାଇବା ଫଳରେ ମୁଁ ବିଶେଷ କାମ କରି ପାରେନାହିଁ । ମୁଁ ଧିରେ ଧିରେ ଦୂର୍ବଳ ହୋଇ ଯାଉଛି । ପ୍ରତିଦିନ ଇଟା ତିଆରି ସଂଖ୍ୟା କମିଯିବା ଫଳରେ ମୋର ରୋଜଗାର ମଧ୍ୟ କମି ଯାଉଛି ଯାହା ଫଳରେ ମତେ ପରିବାର ପ୍ରତିପୋଷଣରେ କଷ୍ଟ ହେଉଛି, ଯାହା ପରବର୍ତ୍ତୀ କାଳରେ ମୋ ଚିନ୍ତାକୁ ଆହୁରି ବଢ଼ାଇ ଦେଉଛି । ଚିନ୍ତା ଫଳରେ ମୋର ଶରୀର ଆହୁରି ଦୁର୍ବଳ ହୋଇଯାଉଛି । ଚିନ୍ତା ଯୋଗୁଁ ମୋର କେବେବି ମାନସିକ ଶାନ୍ତି ରହି ପାରୁନାହିଁ ।"

ପହିଲମାନ ଆଉ ଶ୍ରମିକର କଥା ଶୁଣି ସାରିବା ପରେ ମହାତ୍ମା ଜଣଙ୍କ ସବୁ ଗ୍ରାମବାସୀଙ୍କୁ ଏକ ସାଙ୍ଗରେ ଡକାଇଲେ ଆଉ ଗ୍ରାମରେ ଗୋଟିଏ ସଭା କଲେ । ସେ ସବୁ ଲୋକ ମାନଙ୍କୁ କହିଲେ , ଭାଇମାନେ ଆଜି ମୁଁ ଆପଣ ମାନଙ୍କୁ ଗୋଟିଏ ମଜା କଥା କହିବି । ଏ ଗ୍ରାମର ସବୁଠାରୁ ସୁଖୀ ଲୋକ ପହିଲମାନ ଆଉ ସବୁଠାରୁ ଦୁଖୀ ଲୋକ ଇଟାଭାଟିର ଶ୍ରମିକ ଦିହେଁ ଚଣାକୁ ହିଁ ସେମାନଙ୍କର ଖାଦ୍ୟ ଭାବରେ ଗ୍ରହଣ କରନ୍ତି । କିନ୍ତୁ ଜଣେ ଚଣା ଖାଇ ପ୍ରସନ୍ନ ହେଲା ବେଳକୁ ଆଉ ଜଣେ ଚଣା ଖାଇ ଅତ୍ୟନ୍ତ ଦୁଃଖିତ ହେଉଛି । ପହିଲମାନ ଜଣଙ୍କ

 Magazine Downloaded from www.aahwaan.com

ଚଣାକୁ ଅଶ୍ୱ ଶକ୍ତି ଭାବରେ ଖାଇ ହଜମ କରି ପ୍ରତିଦିନ ବେଶୀ ଭାର ଉତ୍ତୋଳନ କରିବାକୁ ପ୍ରୟାସ କରୁଅଛି । କିନ୍ତୁ ଶ୍ରମିକ ଜଣଙ୍କ ସେହି ଚଣାକୁ ସବୁଠାରୁ ନିକୃଷ୍ଟ ଏବଂ କମ ଦାମର ଜିନିଷ ଭାବରେ ଗ୍ରହଣ କରୁ ଅଛି ଫଳରେ ସେ ଚଣାକୁ ଠିକ ଭାବରେ ହଜମ କରି ପାରୁନାହିଁ ଆଉ ଦିନ ପରେ ଦିନ ତାର ଶରୀର କ୍ଷୀଣ ହୋଇ ଯାଉଅଛି । ଏହା ଦ୍ୱାରା ତା'ର କାମ କରିବାର କ୍ଷମତା ଦିନକୁ ଦିନ କମିଯାଉଛି ।

ତା'ପରେ ମହାତ୍ମା ଜଣଙ୍କ ସବୁ ଗ୍ରାମବାସୀମାନଙ୍କୁ କହିଲେ, ଦେଖନ୍ତୁ ଦିହେଁ ସେହି ଏକା ଖାଦ୍ୟ ଚଣାକୁ ଖାଉଛନ୍ତି । ଜଣେ ଅର୍ଥାତ ପହିଲମାନ ସକାରାତ୍ମକ ଚିନ୍ତା କରି ଚଣାକୁ ଖାଉ ଥିବାରୁ ତାଙ୍କର ଶରୀର ଏବଂ ମନ ଉଭୟ ଭଲ ରହୁଛି । ଅଥଚ ଆଉ ଜଣେ ଅର୍ଥାତ ଶ୍ରମିକ ଜଣକ ସେହି ଖାଦ୍ୟ ମାନେ ଚଣାକୁ ଖାଉଛି ନକାରାତ୍ମକ ଭାବରେ । ସେ ଭାବୁଛି ଯେହେତୁ ତା ପାଖରେ ଅର୍ଥ ନ ଥିବାରୁ ବାଧ୍ୟ ହୋଇ ସେ ସବୁଠାରୁ ଶସ୍ତା ଜିନିଷ ଖାଉଛି, ତେଣୁ ତା'ର ମାନସିକ ବିକାର; ଶାରୀରିକ ବିକାରର ମଧ୍ୟ କାରଣ ହେଉଛି ।

ଏହାହିଁ ହେଉଛି ସାକାରାତ୍ମକ ଆଉ ନକାରାତ୍ମକ ଚିନ୍ତା ମଧ୍ୟରେ ପ୍ରଭେଦ । ସାକାରାତ୍ମକ ଚିନ୍ତା ଫଳରେ ଆମର ଦୃଷ୍ଟିଭଙ୍ଗି ବଦଳିଯାଏ । ଭାବନା ବଦଳି ଯାଏ । ଆମର ଆଚରଣ ବଦଳିଯାଏ । ଆମେ ନିଜ ମନରେ ଆନନ୍ଦ ଅନୁଭବ କରୁ, ଫଳରେ ଶରୀର ମଧ୍ୟ ଭଲ ରହେ । ତେଣୁ କରି ସଦା ସର୍ବଦା ସକାରାତ୍ମକ ଚିନ୍ତାଧାରାରେ ବୃଦ୍ଧି କରିବାକୁ ହେବ ।

ସକାରାତ୍ମକ ଦୃଷ୍ଟିଭଙ୍ଗୀ ଦ୍ୱାରା ମଣିଷର ନିଜସ୍ୱ ଆନନ୍ଦ ବଢ଼ିବା ସହିତ ତା'ର ବ୍ୟକ୍ତିତ୍ୱରେ ମଧ୍ୟ ଯଥେଷ୍ଟ ଉନ୍ନତି ହୋଇଥାଏ । ଏହି ପରିପ୍ରେକ୍ଷୀରେ ନିମ୍ନରେ ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଆଲୋଚନା କରିବା :-

ସ୍ୱାମୀ ବିବେକାନନ୍ଦ ଆମେରିକାରେ ବିଶ୍ୱ ଧର୍ମସଭାରେ ଅଦ୍ୱୈତବାଦ ସମ୍ପର୍କରେ ବ୍ୟାଖ୍ୟା

 Magazine Downloaded from www.aahwaan.com

କରି ସମଗ୍ର ଉପସ୍ଥିତ ଜନତାଙ୍କୁ ମୁଗ୍ଧ କରି ଦେଇଥିଲେ । ଆମେରିକାର ଭାଇଭଉଣୀମାନେ ତାଙ୍କର ସାରଗର୍ଭକ ଭାଷଣରେ ଅତ୍ୟନ୍ତ ଚମତ୍କୃତ ହୋଇଥିଲେ । ସୌମ୍ୟ ଦର୍ଶନ ଗୈରିକ ବସନ ବିବେକାନନ୍ଦଙ୍କର ଶାରୀରିକ ଶୋଭା ଏବଂ ମାନସିକ ଗଭୀରତାକୁ ଅନୁଭବ କରି ତାଙ୍କର ଅସଂଖ୍ୟ ଭକ୍ତ ସୃଷ୍ଟି ହୋଇଥିଲେ । ସ୍ୱାମିଜୀଙ୍କର ସୁଖ୍ୟାତି ଚତୁର୍ଦିଗରେ ବ୍ୟାପୀ ଯାଇଥିଲା । ସ୍ୱାମିଜୀଙ୍କର ଗୁରୁତ୍ୱ ଏପରି ଅପରିସୀମ ଭାବରେ ବଢ଼ିବାର ଦେଖି ସେଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଧର୍ମଗୁରୁମାନେ ବିଚଳିତ ହେଲେ ଏବଂ ଏହାକୁ ପ୍ରତିହତ କରିବା ପାଇଁ ଚିନ୍ତାକଲେ । ସ୍ୱାମୀଜୀ ଅଦ୍ୱୈତବାଦ ସମ୍ବନ୍ଧରେ ଜ୍ଞାନ ବିତରଣ କରୁଥିଲେ । ଅନ୍ୟାନ୍ୟ ଧର୍ମଗୁରୁମାନେ ଚିନ୍ତା କଲେ ଅଦ୍ୱୈତବାଦୀ ମାନେ କ୍ରୋଧ କରନ୍ତି ନାହିଁ, ଆମେ ଏପରି ପରିସ୍ଥିତି ସୃଷ୍ଟି କରିବା ଯେପରି ଏହି ଭାରତୀୟ ସ୍ୱାମୀ ଅପମାନିତ ବୋଧ କରି କ୍ରୋଧାନ୍ୱିତ ହେବେ ଏବଂ ଯାହାଦ୍ୱାରା ସେ ଅର୍ଜିଥିବା ଯଶ କମିଯିବ । ସେମାନେ ସ୍ୱାମିଜୀଙ୍କୁ ଗୋଟିଏ ସୁନ୍ଦର ପାଠାଗାର ପରିଦର୍ଶନ କରିବାକୁ ନେଇଗଲେ । ସେମାନେ ଜାଣି ଶୁଣି ଭାରତୀୟ ଧର୍ମ ଗ୍ରନ୍ଥ ବେଦାନ୍ତକୁ ସଂସାରର ସମସ୍ତ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ତଳେ ରଖି ଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ସ୍ୱାମୀ ବିବେକାନନ୍ଦ ଭାରତୀୟ ଧର୍ମଗ୍ରନ୍ଥକୁ ସବୁଠାରୁ ତଳେ ସ୍ଥାନିତ କରିଥିବା ହେତୁ କ୍ରୋଧ ପ୍ରକାଶ କରିବେ । ପାଶ୍ଚାତ୍ୟ ଧର୍ମଗୁରୁମାନେ ଅପେକ୍ଷା କରିଥାନ୍ତି ଯେ ସ୍ୱାମୀଜୀ ଗ୍ରନ୍ଥାଗାର ଦେଖି ସାରିବା ପରେ କି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିବେ ବୋଲି । କିନ୍ତୁ ସମସ୍ତଙ୍କୁ ଚକିତ କରି ମଧୁର, ବିମଳ ହାସ୍ୟରେଖା ସ୍ୱାମୀଜୀଙ୍କ ମୁଖ ମଣ୍ଡଳକୁ ଆହୁରି ତେଜୋଦୀପ୍ତ କଲା । ପର ମୁହୂର୍ତ୍ତରେ ସ୍ୱାମୀ ବିବେକାନନ୍ଦ ସମସ୍ତଙ୍କୁ ସଚକିତ କରି ପ୍ରାଣଖୋଲା ହସ ହସିଲେ ଏବଂ କହିଲେ - "ଆପଣ ମାନେ ବହୁତ ଭଲ କାମ କରିଛନ୍ତି । ଭାରତର ଧର୍ମ ଗ୍ରନ୍ଥକୁ ସବା ତଳେ ରଖି ଭିତ୍ତିଭୂମିକୁ ସୁଦୃଢ଼ କରିଛନ୍ତି । ଭାରତର ଆଧ୍ୟାତ୍ମିକ

 Magazine Downloaded from www.aahwaan.com

ଦର୍ଶନର ମୂଳଦୁଆ ଉପରେ ଯେତେ ବଡ଼ ପ୍ରାସାଦ ନିର୍ମାଣ କଲେ ମଧ୍ୟ ତାହା ଦୃଢ଼ ହୋଇରହିବ, କାରଣ ଭିତ୍ତିଭୂମି ଖୁବ ମଜଭୁତ ।" ଏହାହିଁ ହେଲା ସକାରାତ୍ମକ ଦୃଷ୍ଟିଭଙ୍ଗୀର ଏକ ଅନନ୍ୟ ଉଦାହରଣ ।

ତେଣୁ ସର୍ବଦା ସକାରାତ୍ମକ ଚିନ୍ତାଧାରାର ବିକାଶ କରିବା ପ୍ରତ୍ୟେକଙ୍କର ଧ୍ୟେୟ ହେବ ଉଚିତ । ଏ ଦିଗରେ ନିରନ୍ତର ପ୍ରୟାସ କଲେ ସମସ୍ତଙ୍କର ଜୀବନରେ ଉନ୍ନତି ହେବ । ସୁଖ ଶାନ୍ତି ବଢ଼ିବ ଏବଂ ବ୍ୟକ୍ତିତ୍ୱରେ ବିକାଶ ହେବ ।

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧

ମୋବାଇଲ -୯୯୩୭୨୬୮୦୧୨

 Magazine Downloaded from www.aahwaan.com

# କାଲିର ଚିନ୍ତା : କଳ୍ପନା ଓ ଛଳନା

ଆଜିର ବ୍ୟସ୍ତ ଜୀବନରେ ସମସ୍ତେ ଚଳଚଞ୍ଚଳ ଓ ବ୍ୟତିବ୍ୟସ୍ତ । ଜୀବନ ଏକ ଦଉଡ଼ ଭଳି । ପ୍ରତ୍ୟକ୍ଷ ଭାବେ ଅବା ପରୋକ୍ଷ ଭାବେ ଆମେ ଆସନ୍ତା ନବପୀଢ଼ିକୁ ଏହା ଶିକ୍ଷା ଦେଉଛେ । ଆଜି ଏହି ସମଗ୍ର ମାନବଜାତିକୁ ଯଦ୍ୟପି ପଚରାଯାଏ, "ଏତେ ବ୍ୟସ୍ତ, ଏତେ ଦୌଡ଼ କ'ଣ ପାଇଁ ?" ତେବେ ପ୍ରତିଲୋଭରେ ସେମାନେ କହିବେ ଯେ, ଆସନ୍ତା କାଲିର ଉଜ୍ଜ୍ୱଳତା ଓ ପରପୀଢ଼ିର ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ ହିଁ ଆଜି ଆମେ ଚଳଚଞ୍ଚଳ । ପ୍ରତ୍ୟେକ ନାଗରିକ ଆଜି ଏହର ପ୍ରସାଦ ଓ ଅଭାବ ପାଇଁ ନିଜକୁ ନିୟୋଜିତ କରିଦେଇଛି । ଖୁବ୍ କମ ଚିନ୍ତାଶୀଳ ବ୍ୟକ୍ତି ଏହାକୁ ଚିନ୍ତାକରି ଆଶ୍ଚର୍ଯ୍ୟବୋଧ କରନ୍ତି ।

ކ

କଥାରେ ଅଛି, "ଆଜିର ସ୍ୱଚ୍ଛଳତା ଉପରେ ଭବିଷ୍ୟ ନିର୍ଭର ।" ଆଜିର ଦିନରେ ମଣିଷ ମାନଙ୍କର ଗୋଟିଏ ଦୋଷତ୍ରୁଟି ହେଉଛି, କୌଣସି ଏକ ଉତ୍ତମ ବାର୍ତ୍ତାକୁ ବୁଝିବା ଶୁଣିବା, କିନ୍ତୁ ତାକୁ ଦୈନନ୍ଦିନ ଜୀବନରେ ସାମିଲ୍ କରିବାରେ ପଛଘୁଞ୍ଚା ଦେବା । ସମସ୍ତ ମୁଖପତ୍ରରେ "ଭବିଷ୍ୟତର ଚିନ୍ତା ଓ ଚର୍ଚ୍ଚା ।" ପରନ୍ତୁ ଏହାର ଅନ୍ତରର ଗଭୀରତାକୁ ମାପିଲେ ଜାଣିପାରିବା ଯେ ଯେଉଁ ଭବିଷ୍ୟ ଆଜିର ମାନଦଣ୍ଡ ଉପରେ ପରିକଳ୍ପିତ ତାହା ଏକ ବ୍ୟର୍ଥ 'କଳ୍ପନା' ଓ 'ଛଳନା' । ପ୍ରତିଦିନର ସମ୍ବାଦପତ୍ର, ଟିଭିରେ ଆମେ ଦେଖୁ ଏହି ଦେଶର ବହୁ ରାଜନେତା, ଅଭିନେତା ବହୁ ନାମୀଦାମୀ ବ୍ୟକ୍ତିମାନେ ଅଗଣିତ ନିରୀହ ଜନସାଧାରଣଙ୍କୁ ବଳି ଦେଇ



କୃଷ୍ଣ କୁମାର ଦାସ

 Magazine Downloaded from www.aahwaan.com

କୋଟି କୋଟି ଲୁଣ୍ଠିତ ଟଙ୍କା ବିଦେଶରେ ସଞ୍ଚୟ କରିଛନ୍ତି, କେବଳ ନିଜ ପରପୀଢ଼ିର ସ୍ୱାର୍ଥପାଇଁ । ଏକ ସାଧାରଣ ନାଗରିକ ହେଉ ଅବା ପ୍ରତିଷ୍ଠିତ ବ୍ୟକ୍ତି ସଦାସର୍ବଦା ନିଜ ଆଗାମୀ ପୀଢ଼ିକୁ ସୁଖର ସମୁଦ୍ରରେ ବୁଡ଼େଇ ଦେବା ପାଇଁ ପ୍ରଚେଷ୍ଟା କରିଚାଲିଛନ୍ତି । ସେଥିପାଇଁ ସେମାନେ ଅନେକ ଅତ୍ୟାଚାର, ଅନ୍ୟାୟ, ଏପରିକି ନିରୀହକୁ ଲୁଣ୍ଠନ କରି ନିଜ ଦେଶରେ କଳାକନା ବୁଲାଇ ବିଦେଶରେ କଳାଧନ ସଞ୍ଚୟ କରିବାରେ ବ୍ୟସ୍ତ । ଅନେକ ଦୃଷ୍ଟିରୁ ଖରାପ ହେଲେ ମଧ୍ୟ ନିଜ ସ୍ୱାର୍ଥପାଇଁ ଏହା ଠିକ୍ ! ସଂସାରରେ ଏହି କାରଣରୁ ବିଷର କଳାଛାୟା ସମାଜକୁ ଆବୃତ୍ତ କରି ସାରିଲାଣି । ଏ ସବୁର କାରଣ ପ୍ରଥମତଃ ଉଚ୍ଚସ୍ତରରେ ଦେଶସେବୀ ସାଜିଥିବା ନେତା, ଅଫିସର, ନାମିଦାମୀ ବ୍ୟକ୍ତିଗଣ କି ପ୍ରକାର କ୍ରୀଡ଼ା ରଚନା କରନ୍ତି । ତାହା ସାଧାରଣ ଜନତାଙ୍କ ପକ୍ଷେ ଅସମ୍ଭବ । ଦ୍ୱିତୀୟତଃ ସର୍ବସାଧାରଣ ନିଜର ହିତ ଓ ସ୍ୱାର୍ଥପାଇଁ ନିଜ ନିଜ କର୍ମରେ ଲିପ୍ତ । ଦ୍ୱିତୀୟତଃ ଦୁନିଆରେ ବହୁ ଜ୍ଞାନୀ, ଗୁଣି, ବ୍ୟକ୍ତି ସବୁ ଜାଣିପାରନ୍ତି, ତଥ୍ୟର ଗୁଢ଼ ରହସ୍ୟକୁ ମାପି ପାରନ୍ତି, କିନ୍ତୁ କୌଣସି ରଣରେ ଅବା ଭୟରେ ଲୋକଲୋଚନକୁ ଆସିବା ପାଇଁ ଅସମର୍ଥ । ସ୍ୱଷ୍ଟରୂପେ ଏହି କାରଣରୁ ଅନ୍ୟାୟ, ଅତ୍ୟାଚାରର ରହସ୍ୟ ସମାଜରେ ପ୍ରକାଶିତ ହେବାପାଇଁ ଦୀର୍ଘ ସମୟ ବିତିଯାଏ । ପୁନଃ ଅନ୍ୟାୟର ବିଷ କମିବା ପରିବର୍ତ୍ତେ ବଢ଼ିଚାଲେ । ଏହି ବିଷ ସେ ପର୍ଯ୍ୟନ୍ତ ବଢ଼ି ଚାଲିବ, ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାର୍ଥ ଦୃଷ୍ଟିକୁ ପରିତ୍ୟାଗ କରି ଏକ ସମସାମୁହିକ ଦୃଷ୍ଟିରେ ସଂସାରକୁ ଦେଖିଛି । ଟୋପାଏ ବିଷରେ ଅମୃତ ପଡ଼ିଲେ, ଅବା ଅମୃତରେ ବିଷଟିଏ ପଡ଼ିଲେ, ତାହା ବିଷର ରୂପ ନିଏ ।

ବର୍ତ୍ତମାନ ଚିନ୍ତା କରିବାର ସମୟ ଯେ, ଆଜିର ବିଷଭରା ସଂସାରରେ ଆଗାମୀ ପୀଢ଼ିପାଇଁ ଅମୃତର ଧାରାଟିଏ, କିପରି ଉନ୍ମୋଚନ କରିପାରିବ ? ଏଥିରୁ ସ୍ୱଷ୍ଟ ଯେ ଭବିଷ୍ୟତର ଚିନ୍ତା ଏକ ଅବାସ୍ତବିକ କଳ୍ପନା ।

ମୋ ଧର୍ମରେ ଉଲ୍ଲେଖ ଅଛି, 'ବସୁଧୈବ କୁଟୁମ୍ବକଂ' ଅର୍ଥାତ ସାରାଜଗତ ଭାଇଚାରାର

 Magazine Downloaded from www.aahwaan.com

ପଥରେ ପରିଚାଳିତ ହେବା ଉଚିତ; ତେବେ ଏକ ସୁନ୍ଦର ଭବିଷ୍ୟଭରା ପୃଥିବୀଟିଏ ଗଢ଼ି ଉଠିବ । କିନ୍ତୁ ଏହା ସମସାମୁହିକ ଚେତନା ବିନା ଅସମ୍ଭବ । 'ବସୁଧୈବ କୁଟୁମ୍ବକଂ'ର ଅର୍ଥ କେବଳ ଭାଇଚାରାରେ ସିମୀତ ନୁହେଁ । ବାସ୍ତବିକ ଅର୍ଥରେ ପରିବାରର କୌଣସି ବ୍ୟକ୍ତି ଯଦି ଖରାପ କର୍ମରେ ଲିପ୍ତ ରୁହେ ତା'ର କୁପ୍ରଭାବ ସମସ୍ତ ସଦସ୍ୟଙ୍କୁ ଭୋଗିବାକୁ ପଡ଼େ । ଉନ୍ନତିର ସୋପାନରେ ଚଢ଼ିବାପାଇଁ ବିକଶିତ ଚୀନ ଆମେରିକା ନିଜର ସ୍ୱାର୍ଥସାଧନ ପାଇଁ ପରିବେଶକୁ ନଷ୍ଟ କରୁଛନ୍ତି, ତେବେ ଗ୍ଲୋବାଲ୍ ୱାର୍ମିଂର ପ୍ରଭାବ ପ୍ରତିଟି ମଣିଷ ଭୋଗକରେ ବାକି ରହିଲା ଭାଇଚାରାର ଶାନ୍ତିବାର୍ତ୍ତା,ଆଜି ଗୁଡ଼ାଏ ସଂଗଠନରେ ଆମେରିକା, ଚୀନ, ପାକିସ୍ତାନ, ରୁଷ୍, ଆଦି ରାଷ୍ଟ୍ରଶାନ୍ତିର ମାର୍ଗରେ ଅଗ୍ରସର ହେବାପାଇଁ ଶପଥ ନିଅନ୍ତି ଓ ଶାନ୍ତିର ବାର୍ତ୍ତା ମଧ୍ୟ ଦିଅନ୍ତି । କିନ୍ତୁ କିଛିକ୍ଷଣ ପାଇଁ ଚିନ୍ତା କରାଯାଉ, ଯେ ଯେଉଁ ଶକ୍ତିଶାଳୀ ରାଷ୍ଟ୍ରମାନେ ପରମାଣୁ ବୋମା, ହାଇଡ୍ରୋଜେନ୍ ବୋମା ଭଳି ବିନାଶକାରୀ, ଧ୍ୱଂସକାରୀ ଅସ୍ତ୍ର ତିଆରି କରନ୍ତି, ସେମାନଙ୍କଠାରୁ ଶାନ୍ତିର ଭାବାର୍ଥ କିପରି ଆଶା କରାଯାଇ ପାରିବ । "ଶାନ୍ତିର ପରିବେଶରେ ପ୍ରତିଦ୍ୱନ୍ଦିତାର ବିନାଶକାରୀ ଅସ୍ତ୍ର କାହିଁକି ଓ କିପରି ଆବଶ୍ୟକ ?" ଶାନ୍ତିର ବାର୍ତ୍ତା କେବଳ ଛଳନା ।

ଆଜିର ସଂସାରରେ ବାହ୍ୟିକ ଓ ଆନ୍ତରିକ ପରିବେଶ କଲୁଷିତ । ଏବେ ପ୍ରତ୍ୟହ ସବୁଠାରେ ଦେଖିବାକୁ ମିଳେ, 'ସେଭ୍ ଲାଇଫ୍, ସେଭ୍ ଏନର୍ଜି, ସେଭ୍ ଫରେଷ୍ଟ, ସେଭ୍ ୱାଟର୍, ସେଭ୍ ଆର୍ଥ୍, ସେଭ୍ ଆନିମାଲ୍, ସେଭ୍ ଅଏଲ୍... ଇତ୍ୟାଦି । ଯଦି ସଂସାରର ସମସ୍ତ ବୃହତ୍ତର ଉପାଦାନ ଆଜି ସେଭ୍ ପାଇଁ ଚିତ୍କାର କରନ୍ତି, ତେବେ ଭବିଷ୍ୟତର ଚିନ୍ତା କିପରି ବାସ୍ତବ ? ଏହା କଳ୍ପନା ନା ଛଳନା ! ! !

ଇଟାମାଟି, ନୟାଗଡ଼, ଓଡ଼ିଶା

ଇମେଲ୍ : krushnadas000@gmail.com

 Magazine Downloaded from www.aahwaan.com

# ସମଲପୁରର୍ ଶୀତଲ ଷଷ୍ଠୀ

**ଉପକ୍ରମ** : ମୁନୁଷ୍ ଗୋଟେ ସାମାଜିକ ପ୍ରାଣୀ ଆଏ । ଇ ଜଗତ୍ ନେ ବସା ହେଇକରି ଅଛେ । କାହିଁ କେତେ ଯୁଗୁନ୍ ପରକୃତିର୍ ରାନୀ କେ ଭଲ୍ ପାଇ ଆସିଛେ । ତା'ର୍ ସଙ୍ଗେ ସଙ୍ଗେ ଇ ଜଗତ୍ ନେ ଦେବା ଦେବୀ ମାନେ ଅଛନ୍, ସେମାନ୍ କୁ ଆନନ୍ଦ୍ ଦେବାର୍ କାଯେ, ଖୁସି କରବାର୍ କାଯେ, ଲୋକ୍ ମାନକର୍ ମନ୍ ଭିତରେ ଆଧ୍ୟାତ୍ମିକ୍ ଭାବନା ଭରବାର୍ କାଯେ ଆମର ମହାନ୍ ସଂସ୍କୃତିକେ ଉଦ୍ଧାର କରବା କାଯେ ଆମର ସମାଜ ଥି ଭିନ୍ ଭିନ୍ ସମିଆ ନେ ଭିନ୍ ଭିନ୍ ଦେବା ଦେବୀକେ ପୂଜା ପାଠ୍ କରିଥିସନ୍ । ଆର୍ ଇ ପୂଜା ପାଠକେ ଜାକ ଜମକ୍ ନେ ପାଲନ୍ କଲେ ଇତାକେ ଯାନିଯାତରା କହେସନ । ମହାନ୍ ଲୋକ୍ ସଂସ୍କୃତି ଲୋକ୍ ଉଚ୍ଛବ୍ ତଥା ଆମର୍ ରାଏଜର୍ ପରମ୍ପରା ତଥା ଜଗନ୍ନାଥ ସଂସ୍କୃତିର ଇ ଗୋଟେ ପ୍ରତୀକ୍ ଭାବେ ଦୁନିଆର୍ ସଭେ ଲୋକ୍ ନେଇ ଜାନି ବଲି କଥା ନେଇ ।



ଶ୍ରୀ ଡ଼ମ୍ବରୁଧର ବାଗ

## ଶୀତଲଷଷ୍ଠୀର୍ ପୌରାଣିକ ଭିତ୍ତିଭୂମି :

ଆଗ୍ କାଲ୍‌ର ଋଷି ମହାଋଷି ମାନେ କେତେ କେବେ ପୁରାନ୍ ଲେଖି ଯାଇଛନ୍ । ଆର୍ ସେ ପୁରାନ୍ ଶାସ୍ତ୍ର ଅନ୍‌ସାରେ ଶୀତଲଷଷ୍ଠୀ ଯାତରା କେ ବଡ଼ା ଦିନୁନ୍ ପାଳନ କରାଯାଉଛେ । ମହାଯୋଗୀ ଶିବ ମାପୁରୁ ଆର୍ ଶକ୍ତି

 Magazine Downloaded from www.aahwaan.com

ସ୍ୱରୂପିଣୀ ଆରାଧ୍ୟା ଦେବୀ ମାଆ ପାର୍ବତୀଙ୍କର୍ ବିହା ବନ୍ଦନା ଉଚ୍ଛବ୍ ଆକାରେ ପାଳନ୍ କରାଯାଏସି । ତାହାକେ କହେସଁନ ଶୀତଳଷଷ୍ଠୀ ଯାତରା ।

ଜଗତ୍ ନେ ଯେତେବେଳେ ପାପର୍ ସୀମା ବଢ଼ିଯାଏସି, ହେତ୍ କି ବେଲେ ମାପୁରୁ ଭିନ୍ ଭିନ୍ ସମିଆ ଥି ଭିନ୍ ଭିନ୍ ରୂପ୍ ଥି ଅବତାର୍ ହେସନ୍ । ମାପୁରୁ ଅବତାର ଧାରଣ କରସନ୍ । ଆର୍ ବି କଥା ଅଛେ ଯେ ପୁରାନ୍ ଥି ଯେ ମହାନ୍ ପ୍ରତାପି ତାରକା ଅସୁର୍ ଦେବତା ମାନକର୍ ଉପରେ ଅତ୍ୟାଚାର କରୁଥିସି । ତାହାକେ ହତ୍ୟା କରିବା ଲାଗି ଶିବ୍ ମାପୁରୁ ସାଙ୍ଗେ ପାର୍ବତୀ ଦେବୀର୍ ବିହା ହେବାର ଜରୂରୀ ଥିଲା । ସେମାନଙ୍କର୍ ଜନ୍ମିତ୍ ସନ୍ତାନ୍ କାର୍ତ୍ତିକେୟ୍ ଯିଏ କି ତାରକା ଅସୁରକେ ମାରି କରି ଦେବତା ମାନଙ୍କର ଉଦ୍ଧାର କରବେ । ଆର୍ ବି କିମ୍ବଦନ୍ତୀ ମାନ ଅଛେ ଯେ ଦକ୍ଷ କନ୍ୟା ସତୀକେ ହରାଇବାକୁ ଶିବ ମାପୁରୁ ଉଗ୍ର ରୂପ ଧାରଣ କରିଥିଲେ । ମାପୁରୁ ଶିବ ଭଗବାନ ଉଗ୍ର ରୂପ ଲାଗି ସାରା ଜଗତ ଲାଲ ଗରଗର ହେଇ ଜଳୁଥିବା ଜୁଏର୍ ବଲ୍ ଲେଖେଁ ନ ଦିଶୁଥିଲା । ସେ ରୂପ କେ ଶାନ୍ତ କରବାକେ ଆର୍ ଚାରିଦିଗ୍ କେ ଶୀତଳ କରବା ଲାଗି ଶିବ ମାପୁରୁ ସନେ ହିମାଳୟ ନନ୍ଦିନୀ ଦେବୀ ପାର୍ବତୀ ସନେ ବିହା କରାହେଲା । ଆଉ ସେ ସକାଶେ ଜେଠ୍ ମାସର୍ ଶୁକ୍ଳ ଷଷ୍ଠୀ ତିଥି ନେ ଦୁଇ ଝନର୍ ବିହାବନ୍ଦନା ଉଚ୍ଛବ୍ ଆକାରେ ପାଳନ ହେଲା ।

## ଶୀତଳଷଷ୍ଠୀର ପରମ୍ପରା ଓ ଐତିହ୍ୟ :

ଦୀର୍ଘ ଚତୁର୍ଥ ଶତାବ୍ଦୀଠାନୁ ଶୀତଳଷଷ୍ଠୀ ଯାତ୍ରା କେ ଆମର୍ ପୂର୍ବପୁରୁଷା ପାଳନ କରି ଆସୁଛନ୍ । ବିଶେଷ କରି ଆମର୍ ପଶ୍ଚିମ୍ ଓଡ଼ିଶା ନେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର ଅଞ୍ଚଳ ନେ ଇ ଯାତରା କେ ବଡ଼ା ଜମକ୍ ନେ ପାଳନ୍ କରାଯାଏସି ।

## ଉତ୍ସବ ପାଳନର ବିଧି :

 Magazine Downloaded from www.aahwaan.com

କାଏଁ ଧନୀ କାଏଁ ଗରୀବ, କାଏଁ ପିଲା କାଏଁ ବୁଢ଼ା । ସଭେ ଲୋକ୍ ଗୋଟେ ମା'ର ଛୁଆ ହେନ୍ତା ସବ୍‌କର ମନ୍ କେ ମିଶେ କରି ଇ ଯାତରା କେ ସମଲପୁର ସହର୍‌ନେ ବଡ଼ା ଧୁମ୍‌ଧାମ୍ ନେ ପାଳନ୍ କରସନ୍ । ଜେଠ୍ ମାସର୍ ଦୁତିଆ ନୁ ଅଷ୍ଟମୀ ତିଥି ତକ୍ ଉଛବ୍ ଚାଲ୍ ସି । ଉଛବ ମାନବାକେ ଯେତିକି ବ୍ୟବସ୍ଥା କରବାକେ ପଡ଼ସି ତାହା କମିଟି ନିର୍ଦ୍ଧାରିତ କରସି । ଦେବତ୍ୱ ନେ ମାନବତ୍ୱ ଭାବନା ରଖି ରୀତି ନୀତି ଅନୁଯାୟୀ ଶିବ ଆଉ ପାର୍ବତୀଙ୍କର୍ ବିହା କରାଯାଏସି । ଉଛବ୍ କେ ପାଳନ୍ କରାହେସି । ବର୍ ଘର୍ କନିଆ ଟୁକେଲ୍ ଘର୍ ବି ଚୟନ କରାହେସି । ଆଉ ବୈଦିକ ରୀତିରେ ବିବାହ କରାଯାଏସି । ଇତାକେ ପୁରୋହିତମାନେ ପରିଚାଲନା କରସନ୍ । ବଜାଗଜା କରିକରି କନିଆ ଟୁକେଲ୍ ଘର କେ ବାରାତି ଯାଏସନ୍ ଶୋଭାଯାତ୍ରା କରି ଗାଁ ପରିକ୍ରମା କରସନ । ବାଟ ବରଣ, ପ୍ରଥମ ବରଣ, ପିତାର୍ଘ୍ୟ, ହସ୍ତଗଣ୍ଠି, ପଞ୍ଚଗ୍ରାହୀ ବନ୍ଦାପନା ଭଳି ଭିନ୍ ଭିନ୍ କାମ କାଜ୍ କରାଯାଏସି । ବର୍ କନ୍ୟା ଟୁକେଲ୍ ଧରି ଫେରସନ । କନ୍ୟା ଟୁକେଲ୍ ଘର ନିଜର ଶକ୍ତି ଅନୁଯାୟୀ ଯାନି ଯୌତୁକ ବି ଦେସନ୍ । ଇ ପରକାର୍ ନେ ଶୀତଳଷଷ୍ଠୀ ଯାତରା କେ ଧୁମ୍ ଧାମ୍ ରେ ପାଳନ କରାଯାଏସି । ଇ ଉଛବ୍ କେ ଦେଖଲେ ଯେନ୍ତା ଲାଗସି ଯେ ସତେ କି ସରଗ୍ ପୁରୁନ୍ ମହାପୁରୁ ମରତ୍ ପୁରେ ଉତରି ଆଇଛନ୍ । ଆଉ ପାର୍ବତୀ ମାତା ସନେ ତାଙ୍କର ବିହା ବର୍ଣ୍ଣନ କରା ହଉଛେ ।

## ପଶ୍ଚିମ ଓଡ଼ିଶାରେ ଶୀତଳଷଷ୍ଠୀ :

ଆମେ ସାଧାରଣ ଲୋକ୍ ଯେନ୍ତା ବିହା ବନ୍ଦନା କେ ସମାଜର୍ ଚାଲି ଚଲନୀ ହିସାବ ନେ କରସନ୍ । ଠିକ୍ ହେନ୍ତା ମାପୁରୁ ବିହା ବି ହେନ୍ତା ବୈଦିକ ରୀତିରେ ଅନୁଷ୍ଠିତ ହେସି । ପଶ୍ଚିମ ଓଡ଼ିଶାର୍ ସମଲପୁର୍ ନେ ଗୋଟେ ଅଲଗା କିସମ୍ ନେ ଇ ଉଛବ୍ କେ ସଭେ ଲୋକ୍ ମିଳିକୁଲି କରି ନାନା ଢଙ୍ଗେ ପାଳନ୍ କରସନ୍ । ଇ ଉଛବ୍ କେ ପାଳନ୍ କରବା ଗୋଟେ ମାସ

 Magazine Downloaded from www.aahwaan.com

ଅଗରୁ ତାର ସବୁ ବ୍ୟବସ୍ଥା କମିଟି ସାହାଜା ନେ ପ୍ରସ୍ତୁତ କରସନ୍ । ସମଲପୁର ସହର୍ ର ମୁଦିପଡ଼ାର ବାବା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ଦେବ୍, ନନ୍ଦପଡ଼ାର୍ ଶ୍ରୀ ଶ୍ରୀ ବାଲୁକେଶ୍ୱର ମହାଦେବ୍ ବାବାଙ୍କର୍ ବିବାହ ଉଚ୍ଛବ୍ କରାଯାଏସି । ଜେଠ୍ ମାସର୍ ଦୁତିଆନୁ ଅଷ୍ଟମୀ ତିଥି ତକ୍ ଉଚ୍ଛବ୍ ଚାଲ୍ ସି ।

ଅକ୍ଷୟ ତୃତୀୟା ଦିନ ନେ ଥାଳୀ ଉଠା ବିଧିର କାର୍ଯ୍ୟକ୍ରମ କରାଯାଏସି । କନ୍ୟା ଟୁକେଲ୍ ଘର ବି ଚୟନ କରାହେସି । କନ୍ୟା ଟୁକେଲ୍ ଘର ନିଜର ଶକ୍ତି ଅନୁଯାୟୀ ଯାନି ଯୌତୁକ ବି ଦେସନ୍ । ପଁଚମୀ ତିଥିରେ ଶିବ୍ ମାପ୍ରୁକେ ଜଳ ଅଭିଷେକ କରାଯାଏସି । ମାପ୍ରୁକେ ଗୋରସ୍ ନେ ଗୁଧାସନ୍ । ଷଷ୍ଠୀ ତିଥି ନେ ମାପୁରୁ ଜେ ସଜାଗଜା କରି ଢୋଲ୍ କୀର୍ତ୍ତନ୍, ବଜାଗଜା, ଘଁଟ୍ ଶଂଖ୍ ଫୁକି କରି ସହର୍ ପରିକ୍ରମା କରସନ୍ । ସଭେ ଲୋକ୍ ନାଚି ଡୁଗି କରି ବରାତି ଯାଏସନ୍, କନ୍ୟା ଟୁକେଲ୍ ଘର କେ । ଲୋକ୍ ମାନକର୍ ମନରଂଜନ୍ କାଯେ ଠାନ୍ ଠାନ୍ ନେ ଭିନ୍ ଭିନ୍ ନାଚ୍ ଗାନା ବଜାଗଜା, ଘୁମୁରା ନାଚ୍, ବାଇ ନାଚ୍, ବାଘ୍ ନାଚ୍, ଘୋଡ଼ା ନାଚ୍, ଅର୍କେଷ୍ଟ୍ରା ଭଳିଆ ଭିନ୍ ଭିନ୍ କିସମର୍ କାର୍ଯ୍ୟକ୍ରମମାନ କରାଯାଏସି । ଲୋକମାନେ ହଜାର୍ ହଜାର୍ ସଂଖ୍ୟା ନେ ଠୁଲ୍ ହୋଇକରି ଇ ଯାତରା କେ ହାଏ ସୁକୁମ୍ ଉପଭୋଗ୍ କରୁଥିସନ୍ । ଏତକି ଲୋକ୍ କେ ସମ୍ଭାଲ୍ ବାର୍ ଲାଗି ପ୍ରଶାସନ ବଡା ଡୋଡ଼େ ଧିଆନ୍ ଲଗେଇଥିସି । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଚାରି ଦିଗ୍ କେ ପୁଲିସ୍ ଛାଇ ହେଉଥିସି । ଢୋଲ୍ କୀର୍ତ୍ତନ୍ ନେ ସହର୍ ଦୁଲକି ଯାଉଥିସି । ସମଲପୁରକେ ସଭେ ଘରକେ କୁନିଆ ଆଇଥିସନ୍ । କାଘର୍ ବି କୁନିଆର୍ ଶୁଇନ୍ ନାଇଁ । ଲୋକ୍ ସଂସ୍କୃତି କେ ବଜାୟ ରଖିବା ଲାଗି, ମହାନ ପରମ୍ପରା କେ ବରକସ୍ କରବା ଲାଗି ସାରା ସହର ଭିଡ଼ି ହେଇଥିସି । ଲୋକଙ୍କର ମନରେ ଟିକେ ବି ଦୁଃଖ୍ ନାଇ ଥାଏ । ତାଙ୍କର୍ ମନ୍ ଏତେ ଉସତ୍ ଯେ କଥା କହେଲେ ନେଇ ସରେ ।

Magazine Downloaded from www.aahwaan.com

**ଉତ୍ସବର ଉପାଦେୟତା :**

ଯେତେ ବି ତିଆର୍ ବାର୍ ଆମର ମୁନୁଷ୍ ସମାଜ୍ ନେ ପାଳନ ହେଇ ତା'ର ପଛେ ଗୋଟେ ବଡ଼ ଭାରୀ ଉପାଦେୟ କଥା ଲୁକି କରି ରହିଥିସି । ହେନ୍ତି ଶୀତଳଷଷ୍ଠୀ ଯାତ୍ରାର୍ ବି ଅନେକ ଉପାଦେୟ କଥା ରହିଛେ । ଯୁଗ୍ ଯୁଗ୍ ଧରି କରି ଚାଲି ଆସୁଥିବା ଇ ମହାନ୍ ପରମ୍ପରା କେ ବଜାୟ ରଖବାଟା ଆର୍ ପୀଢ଼ି ପରେ ପୀଢ଼ି କେ ଇ ପରମ୍ପରା ସଂସ୍କୃତି କେ ଧରି କରି ଚାଲବା ଟା ଶିଖଉଛେ । ଆତ୍ମୀୟ ସ୍ୱଜନ ମାନକର୍ ଅପୂର୍ବ ମିଳନ୍ ହେଉଥିସି । ଲୋକ୍ ମାନେ ସବୁ କର୍ମ ଜଁଜାଳ ନେ ବୁଡ଼ିକରି ବଛର୍ କେ ଥରେ ସବୁ ଦୁଃଖ୍ କେ ପାଶରି କରି ଇ ଉଛବ୍ ନେ ମାତି ଯାଏସନ୍ । ମାପୁରୁକେ ପୂଜାପାଠ କରି କରି ନିଜର ମଙ୍ଗଲ୍ କାଯେ ଗୁହାରୀ କରସନ୍ । ଇନ୍ତ କରି କରି ଦିନ୍ ବିତି ଯାଏସି ଜାଣି ନି ହୁଏ । ଆର୍ ସମଲପୁରର୍ ଶୀତଳ ଷଷ୍ଠୀ ସରି ଯାଏସି ।

ଗ୍ରା : ଚପ୍ରିଆ, ବ୍ଲକ୍ : ଗୋଲାମୁଣ୍ଡା, ଜିଲ୍ଲା : କଳାହାଣ୍ଡି

ଭ୍ରାମ୍ୟଭାଷ : ୯୧୭୮୨୨୫୭୬୪

ଇମେଲ୍ : dambarudhar11@gmail.com

 Magazine Downloaded from www.aahwaan.com

# କବିଟିଏ ଭାବଦିଏ

କୁସୁମର ବାସ୍ନା, ବଣର ନିର୍ଝରିଣୀ ସ୍ରୋତର କୁଳୁକୁଳୁ ନାଦ ସହିତ ପଶୁପକ୍ଷୀଙ୍କର ସମାଗମ ମଧ୍ୟରେ କୋଇଲିର ସୁମଧୁର ସ୍ୱର ସତେ ଯେପରି ପ୍ରକୃତିର ବଶବର୍ତ୍ତୀ ହୁଏ । ଜୀବନର ପ୍ରତିଟି ମୁହୂର୍ତ୍ତରେ ଆସେ ଭାବନାଟିଏ । ସେହି ଭାବନା ମଧ୍ୟରେ ମଣିଷ ଖୋଜିବୁଲେ ଦି'ପଦ କବିତାର ଧାଡି । ସେ କବିତାଟି ଉଦ୍ଧୃତ ହେବା ମାତ୍ରେ କବି ଅତି ପ୍ରଫୁଲ୍ଲତା ମନରେ ପଦ୍ୟଟିରେ ମଜ୍ଜି ଯାଇଥାଏ ଏବଂ କବିଙ୍କୁ ବେଶ୍ ଆନନ୍ଦ ମିଳେ । ପରବର୍ତ୍ତୀ ସମୟରେ ସେହି କବିତାଶ୍ରୀ ଅଧ୍ୟୟନ କରିବା କ୍ଷଣି ଅନେକ ଲୋକଙ୍କ ମନରେ ପ୍ରଶ୍ନ, ଦିଗଦର୍ଶନ ଓ ଉତ୍ସାହ ଜାଗରଣ ହୁଏ । ମାତ୍ର କବିତାର ପ୍ରତିଟି ଅଂଶ କବିଙ୍କ ମନରେ ଭାବ ଦ୍ୱାରା ଆଦୃତ ହୋଇଥାଏ ।



କ୍ଷମାନିଧି ସାହୁ

ପ୍ରଥମେ ଭାବ, ପରେ କିଛି କବିତାଂଶ ଏବଂ ଶେଷରେ ରୂପନିଏ କବିତା । କବିତାକୁ ସରସ, ସୁନ୍ଦର ଓ ଋଦ୍ଧିମନ୍ତ କରିବା ପାଇଁ କବି ଯୋଡିଦିଏ ଅଳଙ୍କାର । ନିଜର କବିତ୍ୱ ବଳରେ ସମାଜକୁ ଦିଏ ଅନେକ ତଥ୍ୟ, ଆଶା ଓ ଆକାଂକ୍ଷା । ଶେଷରେ ନିଜର କୃତିତ୍ୱ ଜଗତକୁ ଉତ୍ସର୍ଗ କରିଦେଇ ପରମାତ୍ମାଙ୍କ ଚରଣ ଯୁଗଳରେ ସମର୍ପିତ ହୋଇ ଜୀବନର ସାଫଲ୍ୟ ପାଇଥାଏ ।


 Magazine Downloaded from www.aahwaan.com

ସେହିପରି ଆମେ ମଧ୍ୟ ଚାହିଁଲେ ଜୀବନରେ ଅନେକ ସ୍ମୃତି ଦେଇପାରିବା ଆମର ଆଗାମୀ ଦୁନିଆକୁ;ଯାହା ଫଳରେ ଆମର ମଧ୍ୟ ଚରିତ୍ର ଏକ ସୁନ୍ଦର କାହାଣୀର ରୂପ ନେଇପାରିବ ।ଯେପରି ନାଟକରେ ଜଣେ ଅଭିନେତା ବା ଅଭିନେତ୍ରୀ ସୁନ୍ଦର ଚରିତ୍ର ନେଇ ଦର୍ଶକମାନଙ୍କ ମନ କିଣିଥାନ୍ତି,ଠିକ୍ ସେହିପରି ଭାବେ ଆମେ ମଧ୍ୟ ଚାହିଁଲେ ଆମ କୃତିତ୍ୱ ବଳରେ ନିଶ୍ଚିତତାର ସହିତ କିଛି ଦିଗଦର୍ଶନ ଦେଇପାରିବା ଏଥିରେ କିଛି ସନ୍ଦେହ ନାହିଁ ।

ଜାମପାଲି, ସାଲେପାଲି, ମେଲଛାମୁଣ୍ଡା, ବରଗଡ଼

 Magazine Downloaded from www.aahwaan.com

# ବେଦାନ୍ତର ବାଣୀ




ଇଣ୍ଟରନ୍ୟାସନାଲ୍ ବେଦାନ୍ତ ସୋସାଇଟି ଏକ ଆନ୍ତର୍ଜାତୀୟ ସ୍ତରର ଆଧ୍ୟାତ୍ମିକ ସଂଗଠନ । ଯାହା ଭାରତର କଲିକତା, ଗୌହାଟୀ, ମଥୁରା ବୃନ୍ଦାବନ, ଶ୍ରୀକ୍ଷେତ୍ରଧାମ ପୁରୀ ସହିତ ପୃଥିବୀର ନାନା ଦେଶରେ ଆଧ୍ୟାତ୍ମିକତାର ବାର୍ତ୍ତା ବେଦ, ଉପନିଷଦ, ଭଜନ, ସତସଙ୍ଗ ଓ ଧ୍ୟାନ ଦ୍ୱାରା ପ୍ରସାର କରିବାକୁ ଲାଗିଛି । ଏହାର ପ୍ରାଣ ପ୍ରତିଷ୍ଠାତା ଶ୍ରୀଭଗବାନ୍'ଙ୍କ ବାଣୀ ସବୁ ବଙ୍ଗଳା, ଅସମୀୟା, ହିନ୍ଦୀ, ଇଂରାଜୀ ଏବଂ ଅନେକ ବିଦେଶୀ ଭାଷାରେ ପ୍ରକାଶିତ ହୋଇଛି । ଓଡ଼ିଆ ଭାଷାଭାଷୀ ଭକ୍ତମାନଙ୍କ ପାଇଁ 'ବେଦାନ୍ତର ବାଣୀ' ଏକ ଉତ୍ତମ ଏବଂ ଅନନ୍ୟ ପ୍ରୟାସ । ବିଭିନ୍ନ ସତ୍‌ସଙ୍ଗରେ ପ୍ରଦତ୍ତ ଶ୍ରୀଭଗବାନଙ୍କ ମୂଲ୍ୟବାନ ବାଣୀ, ନୈତିକ ବାର୍ତ୍ତା ତଥା ଉପଦେଶ ସବୁ ଅତି ସରଳ ଓ ସାବଲୀଳ ଭାଷାରେ ପ୍ରଦତ୍ତ ହୋଇଛି । ଯାହା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ନିଶ୍ଚୟ ଛୁଇଁବ । ଏହି ପୁସ୍ତିକାଟି ଆକାରରେ ଛୋଟ ହୋଇଥିଲେ ହେଁ ନୈତିକତା ଏବଂ ଆଧ୍ୟାତ୍ମିକତା ଦୃଷ୍ଟିରୁ ଖୁବ୍ ଉଚ୍ଚ କୋଟୀର ବାର୍ତ୍ତା ବହନ କରେ । ପୁସ୍ତିକାଟିର ଅନୁବାଦ କାର୍ଯ୍ୟ ସନାତନ ମହାକୁଡ଼ ସମ୍ପାଦନ କରିଥିବା ବେଳେ ପୁରୀ ନୀଳମାଧବଠାରେ ଇଣ୍ଟର୍‌ନ୍ୟାସନାଲ୍ ବେଦାନ୍ତ ସୋସାଇଟିର ଶାଖା ଉଦଘାଟନ ଅବସରରେ ଏହା ଉନ୍ମୋଚିତ ହୋଇଛି ।

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : September 2018

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।


ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Magazine Downloaded from www.aahwaan.com




ଯେଉଁ ବନ୍ଧୁମାନଙ୍କର ଲେଖା ଚଳିତ ସଂସ୍କରଣରେ ସ୍ଥାନ ପାଇପାରିନାହିଁ, ସେମାନେ ହତୋତ୍ସାହିତ ହୁଅନ୍ତୁ ନାହିଁ । ପୁଣିଥରେ ନିଜ ଲେଖାକୁ ଇମେଲ୍ ଦ୍ୱାରା ଆମ ନିକଟକୁ ପଠାନ୍ତୁ । ଆହ୍ୱାନ ପ୍ରତିମାସରେ ପ୍ରକାଶିତ ହୁଏ । ଯଦି ଆପଣଙ୍କ ଲେଖାକୁ ବିନା ଅପେକ୍ଷାରେ ପ୍ରକାଶିତ କରିବାକୁ ଚାହୁଁଛନ୍ତି ତେବେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ‘Odia Sahitya’ ଆପ୍ ଡାଉନଲୋଡ୍ କରି ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ ଏବଂ ଯେ କୌଣସି ସମୟରେ ଲେଖା ପ୍ରକାଶିତ କରନ୍ତୁ ।

